ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା।

ଆହ୍ୱାନ

ଅକ୍ଟୋବର ୨୦୨୬ ସଂସ୍କରଣ



ଡା. ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାର୍ବଜନୀନ ସ୍ୱୀକୃତି

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।



ପବିତ୍ର ଦଶହରା ପର୍ବ ଉପଲକ୍ଷେ

ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ

ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...

Listen to Odia Podcast Original at https://youtube.com/@drjyotiprasad

ସୂଚୀପତ୍ର

ସମ୍ପାଦକୀୟ	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୧୦
XIM ଭୁବନେଶ୍ୱରରେ ଆଥଲୋସ୍ ୨୦୨୬ର ଆୟୋଜନ		୫୩
ଗଳ୍প ବିଭାଗ		**୫୬**
ଅନେକ କଳାଛାଇ - ୪୪	ଅଶୋକ ବିଶ୍ୱାଳ	୫୭
ଆମେରିକା ଭ୍ରମଣ କାହାଣୀ-୨	ଶିବନାରାୟଣ ଦାସ	୭୧
ଅବଢ଼ା	ଅନିଲ କୁମାର ବୋଇତି	୮୬
ପୁନର୍ଜନ୍ମ	ପୁଷ୍ପିତା ଜେନା	୯୨
ତୁ ମୋ ଲାଲ୍ ଟୁକ୍ ଟୁକ୍	ଦେବାଶିଷ ମାଇତି	୯୯
ବିରହିଣୀ କାଶତଣ୍ଡୀ	ଅନନ୍ତ କୁମାର	୧୦୪
ବନ୍ଦୀର ପ୍ରତିଶୋଧ	ପ୍ରବୀଣ କୁମାର ସାହୁ	୧୦୬
ଅଧା ରହିଯାଇଥିବା ସ୍ୱପ୍ନ	ଆୟୁଷା ଜେନା	୧୧୦
ସାଙ୍ଗ ହେବ ତ ଏମିତି	ଜସ୍ମିନ୍ ସାହୁ	୧୧୭
ସତ୍ୟର ସାକ୍ଷୀ ଈଶ୍ୱର	ଅର୍ଜୁନୀ ଚରଣ ବେହେରା	୧୨୦
ସବୁଠୁ ବଡ଼	ସୁକାନ୍ତ ଖଣ୍ଡା	୧୨୫
ଭୋକିଲା ଛାଇ	ଅଶୋକ କୁମାର ପାତ୍ର	୧୨୮
ପ୍ରେମ ଖୋଜା	ଆଶୁତୋଷ ମେହେର	୧୩୫

Listen to Odia Podcast Original at https://youtube.com/@drjyotiprasad

କଳାପାଣିର ନାୟିକା, ନୀରା ଆର୍ଯ୍ୟ ସୁଧାଂଶୁ ଶେଖର ଦ୍ୱିବେଦୀ ୧୩୮

ଶେଷ ଦେଖା କୃଷ୍ଣା କାବେରୀ ଖଣ୍ଡାଇ ୧୪୨

କବିତା ବିଭାଗ ୧୪୬

ଫେରିଆସ ଗାନ୍ଧୀ ଡଃ ନାରାୟଣ ଚନ୍ଦ୍ର ସେନାପତି ୧୪୭

ଟିକେ ଭାବିକି କୁହ ଗୌତମ ମଲ୍ଲିକ ୧୫୦

ଜନନୀ ବିଶ୍ୱରୂପା ଡଃ ବେଣୁଧର ସୂତାର ୧୫୨

ତେଜ ଇଚ୍ଛା ଅଭିଳାଷ ଅଲେଖ ମେହେର ୧୫୪

କି ସୁନ୍ଦର ଦିଶେ ଧରଣୀ ସୁଭାଗିନୀ ସିଂହ ୧୫୬

କହିବ କି ମୁହଁ ଖୋଲି ନିରଞ୍ଜନ ସାହୁ ୧୫୮

ସଂଘର୍ଷପୂର୍ଣ୍ଣ ଚାକିରୀ ଜୀବନ ଲିପସା ପତି ୧୬୦

ସ୍ମୃତି ଚତୁର୍ଭୂଜ ସାହୁ ୧୬୧

ଚିହ୍ନାପଣ ବନ୍ଧୁ ବୋଲି ତାରା ପ୍ରସାଦ ଜେନା ୧୬୩

ପ୍ରଣିପାତ ମାତା ପୁଷ୍ପାଞ୍ଜଳି ପଣ୍ଡା ୧୬୪

ସତୀ ଅନୂସୟା ସୁନିତା ଦାଶ ୧୬୬

କୁହୁଡ଼ି ଆଦ୍ୟାଶା ଚୌଧୁରୀ ୧୬୭

ହରିନାମ ଧରିଥା... ରାମ ପ୍ରସାଦ ସିଂହ ୧୬୯

ଭରସା ଡଃ ମନ୍ଦାକିନୀ ପାଢ଼ୀ ୧୭୦

ଅପୂର୍ବ ବିନ୍ଧାଣୀ ସତ୍ୟନାରାୟଣ ପ୍ରଧାନ ୧୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରବ୍ ପାଇଁ ଗୀତଟିଏ	ନୀଳମଣି ଚାନ୍ଦ	୧୭୫
ଜଣେ ବେଶ୍ୟା	ନନ୍ଦିତା ବଢ଼ାଇ	୧୭୬
କୋକୁଆ ଛାୟା	ସୂର୍ଯ୍ୟକାନ୍ତ ସେଠୀ	୧୭୭
କଳାକହ୍ନେଇ ମୋ କଳା କହ୍ନେଇ	ନଳିନୀ ଦାଶ	୧୭୯
ଯଦି ଦେଖାହେବ ସଜ୍ଜ ନଇଁଲେ	ସନ୍ଧ୍ୟାରାଣୀ ବେହେରା	୧୮୦
ବାପୁ ତୁମେ ଫେରିଆସ	ଡଃ ସ୍ୱର୍ଣ୍ଣ ଲତା ଲେଙ୍କା	୧୮୧
କୋଟି ଓଡ଼ିଆଙ୍କ ମଉଡ଼ମଣି	ଶୁଭଶ୍ରୀ ଖୁଣ୍ଟିଆ	୧୮୩
	ଲକ୍ଷ୍ମୀ ବିଶ୍ୱାଳ	୧୮୪
	ଦେବେନ୍ଦ୍ର ନାୟକ	୧୮୬
	ଡଃ ମାହେଶ୍ୱରୀ ଦାଶ	୧୮୭
	ସଚିକାନ୍ତ ରଥ	୧୮୮
	ସୁଭଦ୍ରା ମହାପାତ୍ର	୧୯୦
	ହେମନ୍ତ କୁମାର ସାହୁ	୧୯୧
	ଭାସ୍କର ରାଉତ	୧୯୨
	ବୀଣା ସାହୁ	୧୯୪
	ଏଲିଜା ଜେନା	୧୯୫
	ଅନ୍ନପୂର୍ଣ୍ଣା ପାଲ	୧୯୬
	ଅନିତା ମିଶ୍ର	୧୯୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

	ରୀତାରାଣୀ ଦାଶ	୧୯୯
	ନିବେଦିତା ପଣ୍ଡା	୨୦୦
	ନରେନ୍ଦ୍ର କୁମାର ଦାସ	୨୦୨
	ସୁଶାନ୍ତ କୁମାର ସାହୁ	୨୦୪
	ସୁପ୍ରିୟା ଦାସ	୨୦୫
	ସନ୍ତୋଷିନୀ ଦାଶ	୨୦୭
	ନୂତନ କୁମାର ବେହେରା	୨୦୮
	ରଞ୍ଜିତା ତ୍ରିପାଠୀ	୨୧୧
ସକାଳ ଧୂପରେ ତୁମେ	ଡଃ ଜ୍ୟୋସ୍ନାମୟୀ ସାହୁ	୨୧୨
ହୃଦୟ ବୋଲି ତୁ !	ସୁଜିତ କୁମାର ମିଶ୍ର	୨୧୪
ସଂଗ୍ରାମ	ଅବିନାଶ ରଥ	୨୧୫
ଗୁରୁ କଣ ସାକ୍ଷାତ ଈଶ୍ୱର	ସୌଦାମିନୀ ତ୍ରିପାଠୀ	୨୧୭
କହି ଜାଣିଥିଲେ କଥା ସୁନ୍ଦର	ଡଃ ତାନଶ୍ରୀ ପାଣିଗ୍ରାହୀ	୨୧୯
ଆସ ହେ କିଣିବା ସୁଖ	ବିନତା ଜେନା	୨୨୦
ସ୍ମୃତି ତୁମେ ଯେବେ ଆସ ଆଖି ଆଗେ	ଦଶରଥ ବିଶ୍ୱାଳ	୨୨୧
ପ୍ରେମିକକୁ କରି ବର	ପଲ୍ଲବୀ ନାୟକ	୨୨୩
ବାର୍ଦ୍ଧକ୍ୟ ମଧୁର ସୁଷମା ସମ୍ଭାର	ଅନୀତା ମିଶ୍ର	୨୨୫
ମିତ୍ର	ଗଗନ ବିହାରୀ ଷଡ଼ଙ୍ଗୀ	୨୨୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରି ଆସ ଗାନ୍ଧୀ	ଡଃ ସଂଯୁକ୍ତା ପରିଡ଼ା	୨୨୮
ଛତା	ସ୍ୱର୍ଣ୍ଣ ରଥ ମହାପାତ୍ର	୨୩୦
ସତ୍ୟର ପଥେ ଚାଲୁଥା ସାଥି	ନୀତେଶ କୁମାର ସେଠୀ	୨୩୨
ମୁକ୍ତ ଆକାଶର ଡାକ	ଚିନ୍ମୟୀ ମହାନ୍ତି	୨୩୫
ବାଇମୁଣ୍ଡି	ଆକୁଳାନନ୍ଦ ପୃଷ୍ଟି	୨୩୮
କାଶତଣ୍ଡୀ	ଅଭୟ କୁଣ୍ଡ	୨୪୦
ଆମେ ଅଟୁ ଦେବଶିଶୁ	ସନ୍ଧ୍ୟାରାଣୀ ମେଣ୍ଡୀଲି	୨୪୧
ଅଶି ଦଶକର ଲୋକପ୍ରିୟ ରୀତି	ଅମୃତନାରାୟଣ ଶତପଥୀ	୨୪୩
ଆସିଲା ଶରତର ସୁନ୍ଦର ମେଳା	କିରନ୍ ସ୍ୱାଇଁ	୨୪୪
ମହାସତୀ ଉର୍ମିଳା	ଦିଲ୍ଲୀପ କୁମାର ପ୍ରଧାନ	୨୪୫
ଫରାସୀ ହୁଲା	ସୁନୀଲ କୁମାର ଅଗସ୍ତି	୨୪୭
ପ୍ରବନ୍ଧ ବିଭାଗ		**୨୪୯**
ଭାରତ : ରାଷ୍ଟ୍ର ନା ରାଷ୍ଟ୍ରପୁରୁଷ	ରତି ରଞ୍ଜନ ମହାପାତ୍ର	୨୫୦
ଭାଗବତ ବାଣୀ ଓ ଜୀବନ ଦର୍ଶନ	ଡଃ ହେମନ୍ତ କୁମାର ଗନ୍ତାୟତ	୨୫୬
ଶିକ୍ଷା, ମହିଳା ସଶକ୍ତିକରଣ ଓ ଆରକ୍ଷଣ	ପଙ୍କଜ କୁମାର ପାଣିଗ୍ରାହୀ	୨୬୦
ଷୋଳସୁଆଙ୍ଗ ଦଣ୍ଡ ନାଟରେ ଦିଅର ଭାଉଜ ସମ୍ପର୍କ	ଜିତେନ୍ଦ୍ର ପର୍ଡିଆ	୨୭୦
ଗାନ୍ଧିଜୀଙ୍କ ଜୀବନରୁ ଶିକ୍ଷା	ଆଶୁତୋଷ ନାୟକ	୨୭୯
ବିପ୍ଳବୀ ଭଗତ୍ ସିଂ	ଅକ୍ଷୟ କୁମାର ରାଉତ	୨୮୬

Listen to Odia Podcast Original at https://youtube.com/@drjyotiprasad

ସନାତନ ସଂସ୍କୃତି ଆଉ ସ୍ୱଚ୍ଛତା	ସିଦ୍ଧେଶ୍ୱର ତ୍ରିପାଠୀ	୨୯୧
ସତ୍ୟ ଓ ସେବାର ଦୁଇ ଆଲୋକ ସ୍ତମ୍ଭ	ଡଃ ନିହାର ରଞ୍ଜନ ସାବତ	୨୯୪
ଶାନ୍ତିର ଅବତାର ଲାଲ ବାହାଦୁର ଶାସ୍ତ୍ରୀ	ବାବାଜୀ ଚରଣ ଦାସ	୨୯୯
ମାନବ ଜୀବନର ଲକ୍ଷ୍ୟ	ନିବେଦିତା ପଣ୍ଡା	୩୦୫
ସିଜେପି ଆନ୍ଦୋଳନ	ଅଶୋକ କୁମାର ପାତ୍ର	୩୦୭
ଘର ଶିକ୍ଷାର ମନ୍ଦିର	ଝୁମୁରୀ ସାହୁ	୩୧୪
ଶତ୍ରୁକୁ ଦୁର୍ବଳ ଭାବିବା ଉଚିତ କି ?	ଜୟନ୍ତୀ ବେହେରା	୩୧୬
ଆଜି ବି କଣ ଆମେ ଅନ୍ଧବିଶ୍ୱାସର ଦାସ	ଟି ରତ୍ନମାଳା ସୁବୁଦ୍ଧି	୩୨୦
ମହାଭାରତ କ'ଣ ନୀତିଶିକ୍ଷାର ଭଣ୍ଡାର	ଡଃ ସଂଯୁକ୍ତା ପରିଡ଼ା	୩୨୨
ଜେପିଙ୍କ ମନ୍ତ୍ର : ଆଜିର ଆବଶ୍ୟକତା	ସଞ୍ଜୀବ କୁମାର ଦାସ	୩୨୬
କାହାକୁ କହିବା ଭଲ	ପ୍ରେମଲତା ଦେବୀ	୩୩୧
ଗୁରୁ କଣ ସାକ୍ଷାତ ଈଶ୍ୱର	ସନ୍ତୋଷ କୁମାର ସାହୁ	୩୩୨
	ପୁଷ୍ପଲତା ମିଶ୍ର	୩୩୪
ଗୁରୁ କଣ ସାକ୍ଷାତ ଈଶ୍ୱର	ମନ୍ଦାକିନୀ ପାଢ଼ୀ	୩୩୬
ବିଶେଷ ସୂଚନା		୩୩୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୨୬ର ପାର୍ବଣ ସଂସ୍କରଣ ସହ ମୁଁ ଆପଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ବର୍ଷର ସବୁଠାରୁ ସୁଖଦ, ଆନନ୍ଦମୟ ଦିନ ଗୁଡ଼ିକ ଏବେ ଉପନୀତ । ମା ଦଶଭୂଜା ଦୁର୍ଗାଙ୍କ ଅବତରଣ ସମୟ । ଚତୁର୍ଦିଗ କାଶତଣ୍ଡୀର ସମ୍ଭାର । ଆକାଶ ନୀଳ ଓ ନିର୍ମଳ । ମନୋସ୍ଥିତି ଶାନ୍ତ ଓ ପରିବେଶ ସୁଖମୟ । ଏହି ସମୟରେ ଆହ୍ୱାନ ଇ-ପତ୍ରିକାର ଏହି ବିଶେଷ ସଂସ୍କରଣକୁ ଆପଣମାନଙ୍କୁ ସ୍ୱାଗତ ଜଣାଉଛି ।

ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି । ଇତିମଧ୍ୟରେ ଥାଇଲାଣ୍ଡ ଉପସାଗର ଓ ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ସମୁଦ୍ର ପଷ୍ଠନଠାରୁ ୭.୬ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି ।

ଘୂର୍ଣ୍ଣିବଳୟଟି ୧୧ ତାରିଖ ବେଳକୁ ଆଣ୍ଡାମାନ ସାଗର ମଧ୍ୟକୁ ପ୍ରବେଶ କରିବ । ଏହା ପ୍ରଭାବରେ ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନ କରିଛି । ଏପଟେ ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଜାରି ରହିଛି । ଫଳରେ ରାଜ୍ୟରେ ବର୍ଷା ଆରମ୍ଭ ହୋଇଥିବାରୁ ତାତି ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି । ଶୁକ୍ରବାର ସନ୍ଧ୍ୟାରୁ ବିଭିନ୍ନ ଜିଲାରେ ଝଡ଼ବର୍ଷା ହୋଇଥିବା ସୂଚନା ମିଳିଛି ।

ଶନିବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର,

Listen to Odia Podcast Original at https://youtube.com/@drjyotiprasad

କଟକ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାକୁ ଝଡ଼ବର୍ଷା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି । ସେହିପରି ଅନ୍ୟାନ୍ୟ ଜିଲାଗୁଡିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ସୂଚନା ଦିଆଯାଇଛି ।

ଅନ୍ୟପକ୍ଷରେ ଶୁକ୍ରବାର ଦିନସାରା ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଥିଲା । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୧୫ଟି ସହରର ତାପମାତ୍ରା ୩୪ ଡିଗ୍ରୀ ଉପରକୁ ରହିଥିଲା । ପାରଳାଖେମୁଣ୍ଡିରେ ସର୍ବାଧିକ ୩୬.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ତାଳଚେର ଓ ଝାରସୁଗୁଡା ୩୫.୪, ଛତ୍ରପୁର ଓ ଢେଙ୍କାନାଳ ୩୫, ମାଲକାନଗିରି ୩୪.୮, ଭୁବନେଶ୍ୱର ୩୪.୬, ଗୋପାଳପୁର, ଚିଟିଲାଗଡ଼ ଓ ସୋନପୁର ୩୪.୫, ପୁରୀ ୩୪.୩, ବଲାଙ୍ଗୀର ୩୪.୨ ଓ ଅନୁଗୋଳରେ ୩୪.୧ ଡିଗ୍ରୀ ତାପମାତ୍ରା ରହିଥିଲା ।

ସାରା ରାଜ୍ୟରେ ୧୦ମ ଯୁକ୍ତ ୨ ଶିକ୍ଷା ପଦ୍ଧତି ଭୂ-୧୯୮୩ରେ ପ୍ରଚଳନ କରାଯାଇଥିଲା । ସେହିଦିନଠାରୁ ଅଦ୍ୟାବଧି ଏହି ବ୍ୟବସ୍ଥା ଅନୁଯାୟୀ ମାଟ୍ରିକ ପରୀକ୍ଷା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳନା କରି ଆସୁଛନ୍ତି । ଏଥିରେ କୌଣସି ଦ୍ୱିଧା ନାହିଁ । ମାତ୍ର କଟକ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କ ଲିଖିତ ବୟାନ ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି । ୧୯୭୩ରେ ଏହି ଶିକ୍ଷା ବ୍ୟବସ୍ଥା କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ହଂସନାଥ ଉଚ୍ଚ ବିଦ୍ୟାଳୟରେ ପ୍ରଚଳିତ ଥିଲା । ଏହି ଶିକ୍ଷା ପଦ୍ଧତିରେ ରାଜ୍ୟରେ ଜଣେ ମାତ୍ର ପିଲା ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ୧୯୭୩ରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ୧୯୭୬ରେ ମାଟ୍ରିକ ପରୀକ୍ଷା ଦେଇ ଫେଲ ହୋଇଥିଲେ । ୧୯୭୮ରେ ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟରୁ ଏହା ଜଣାପଡ଼ିଛି ।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଦାସ ରେକର୍ଡ ଯାଞ୍ଚ ପରେ ଏହା ସତ୍ୟ ବୋଲି ମାଧ୍ୟମିକ ଶିକ୍ଷା ପରିଷଦକୁ ପତ୍ର ସଂଖ୍ୟା ୪୪/୫।୮।୨୦୨୫ ରେ ଜଣାଇ

Listen to Odia Podcast Original at https://youtube.com/@drjyotiprasad

ସାରିଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟ କୌଣସି ଯାଞ୍ଚ ନ କରି ଏହାକୁ ପତ୍ର ସଂଖ୍ୟା ୨୪୮୮/୨୪।୯।୨୦୨୫ ରେ ଗ୍ରହଣ କରିନେବା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଏହି ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟ କ୍ରମିକ ନଂ ୧୦୭/୩୦।୯।୧୯୭୮କୁ ଜିଲ୍ଲା ଶିକ୍ଷାଧିକାରୀ ବାରିକ ଗ୍ରହଣ କରି କ୍ଲିନ ଚିଟ୍ ଦେଇ ସାରିଛନ୍ତି । ଏପରିକି କଟକ ଜିଲ୍ଲାପାଳଙ୍କୁ ମଧ୍ୟ ପତ୍ରସଂଖ୍ୟା ୧୪୪୭୮/୪।୧୦।୨୦୨୫ ରେ ଅବଗତ କରି ସାରିଛନ୍ତି । ଜଣେ ପିଲା ପାଇଁ ୧୦ ବର୍ଷ ପୂର୍ବରୁ ପରୀକ୍ଷା ମୂଳକ ଭାବେ ୧୦ ଯୁକ୍ତ ୨ ଶିକ୍ଷାପଦ୍ଧତି ପ୍ରଚଳନ ସତରେ କ'ଣ ହୋଇଥିଲା,ଏହାର ଅନୁସନ୍ଧାନ କରାଯିବାର ଆବଶ୍ୟକତା ରହିଛି ।

ଛାତ୍ର ସଂସଦ ନିର୍ବାଚନ ନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବଡ଼ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ପରେ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୭ ତାରିଖରେ ଆସିବ ଅଫିସିଆଲ ନୋଟିଫିକେସନ୍ ଏହାପରେ ୯ ତାରିଖରେ ନାମାଙ୍କନ ଦାଖଲ ହେବ । ୧୦ ଅପରାହ୍ନ ୧ଟା ଭିତରେ ନାମାଙ୍କନ ପ୍ରତ୍ୟାହାର ସହ ୩ଟାରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ୧୪ ତାରିଖରେ ଅନୁଷ୍ଠିତ ହେବ 'ହ୍ୱାଏ ଆଇ ଷ୍ଟାଣ୍ଡ ଫର୍' ମିଟିଂ । ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଶିକ୍ଷାମନ୍ତ୍ରୀ ସୂଚନା ଦେଇଛନ୍ତି । ଅନ୍ୟପଟେ ୧୬ ତାରିଖରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ।

ଓଡ଼ିଶାରେ ଗତ ୮ ବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ । ଭାଜପା ରାଜ୍ୟରେ ସରକାରକୁ ଆସିବା ପୂର୍ବରୁ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହେଉ ବୋଲି ଦାବି କରିଆସୁଥିଲା । ତେବେ ଚଳିତ ବର୍ଷ ଦଶହରା ଛୁଟି ପୂର୍ବରୁ ନିର୍ବାଚନ ହେବ । ଏସବୁ ଭିତରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ଛାତ୍ର ବିଜେଡି ଏବଂ ଛାତ୍ର କଂଗ୍ରେସ ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ୩ ଦଳର ଛାମୁଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଙ୍ଗଠନ ବର୍ତ୍ତମାନ ସେମାନଙ୍କର ସାଙ୍ଗଠନିକ ସ୍ଥିତି ଏବଂ ଭିତିରି କନ୍ଦଳ ତୁଟାଇବା ପାଇଁ ସବୁ ବଳ ଲଗାଇ ଦେଇଛନ୍ତି ।

ଛାତ୍ର ସଂସଦ ନିର୍ବାଚନ ନେଇ ରାଜ୍ୟର ବିଭିନ୍ନ କଲେଜରେ ନୋମିନେଶନ ଜାରି ରହିଛି । ଶୁକ୍ରବାର ସକାଳ ୧୦ଟାରୁ ଦିନ ଗୋଟାଏ ଭିତରେ ପ୍ରାର୍ଥୀମାନେ ସେମାନଙ୍କର ନୋମିନେଶନ ଭରିବେ । ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ । ସନ୍ଧ୍ୟା ୫ଟା ସୁଦ୍ଧା ନାମାଙ୍କନ ତାଲିକା ବୈଧ କରାଯିବ । କାଲି ସକାଳ ୧୦ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ନୋମିନେଶନ ପ୍ରତ୍ୟାହାର କରାଯିବ । ଶନିବାର ଅପରାହ୍ନ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

ଦୀର୍ଘଦିନ ଧରି ସରକାରଙ୍କୁ ଭତ୍ତା ଗଣ୍ଠିଏ ପାଇବା ପାଇଁ ଚାହିଁ ରହିଥିବା ବୃଦ୍ଧା/ବୃଦ୍ଧ ଓ ଅନ୍ୟାନ୍ୟ ବର୍ଗଙ୍କ ଅପେକ୍ଷାର ଅନ୍ତ ଘଟିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଭାଜପା ସରକାରଙ୍କ ୨ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି । ବିଳମ୍ବରେ ହେଲେ ମଧ୍ୟ ୫ଲକ୍ଷ ୧୨ହଜାରରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସଂକ୍ରାନ୍ତୀୟ ଫାଇଲକୁ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି । ଖୁବ୍‌ଶୀଘ୍ର ଏନେଇ ଏକ ପୋର୍ଟାଲ କାର୍ଯ୍ୟକ୍ଷମ ହେବ । ଏହାପରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯିବ ବୋଲି ମନ୍ତ୍ରିମଣ୍ଡଳର ଜଣେ କ୍ୟାବିନେଟ୍ ମନ୍ତ୍ରୀ ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ଡାଟାବେସ୍ ଏବଂ ପୋର୍ଟାଲ ପ୍ରସ୍ତୁତ ପ୍ରକ୍ରିୟା ଜୋରଦାର ହୋଇଛି । ଏତେ ସଂଖ୍ୟକ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିବା ପାଇଁ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଦିନ ଧାର୍ଯ୍ୟ କରାଯିବ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିବେ । ଉଲ୍ଲେଖଯୋଗ୍ୟ, ମୌସୁମୀ ବିଧାନସଭା କାଳରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଧାୟକ ମାନସ କୁମାର ଦତ୍ତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାଜ୍ୟରେ ଏବେ ସୁଦ୍ଧା କେତେ ସଂଖ୍ୟକ ଆଶାୟୀ ଭତ୍ତା ପାଇବାପାଇଁ ଆବେଦନ କରିଛନ୍ତି । କେବେ ସୁଦ୍ଧା ଅନୁମୋଦନ ହେବ ଏବଂ ମିଳିବ ବୋଲି ପ୍ରଶ୍ନ କରିଥିଲେ । ଉତ୍ତରରେ ମନ୍ତ୍ରୀ ଗଣ୍ଡ କହିଥିଲେ, ରାଜ୍ୟରେ ଅଦ୍ୟାବଧି ୫ଲକ୍ଷ ୧୪ହଜାର ୨୬୭ଜଣ ଆଶାୟୀ ଭତ୍ତା ପାଇଁ ଅନ୍‌ଲାଇନରେ ଆବେଦନ କରିଛନ୍ତି । ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ, ଅକ୍ଟୋବରରୁ ପେନ୍‌ସନ ଦେବାକୁ ଯୋଜନା ରହିଛି । ଜିଲାରୁ ପ୍ରାପ୍ତ ତଥ୍ୟକୁ ନେଇ ଯାଞ୍ଚ କରାଯାଇ ଭତ୍ତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ତେବେ ଯାଞ୍ଚ ପରେ ପ୍ରାୟ ୨ହଜାର ହିତାଧିକାରୀ ବାଦ୍ ପଡ଼ିବାକୁ ଯାଉଥିବା ଜଣାଯାଇଛି । ତେବେ ଏ ବାବଦକୁ ସରକାର ପ୍ରାୟ ୭୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଭାର ବୋହିବାକୁ ପଡ଼ିବ । ଚଳିତମାସ ୧୫ ତାରିଖ ସୁଦ୍ଧା ଭତ୍ତା ବଣ୍ଟନ କରାଯିବ ବୋଲି ସମ୍ପୃକ୍ତ କ୍ୟାବିନେଟ୍ ମନ୍ତ୍ରୀ ସୂଚନା ଦେଇଛନ୍ତି ।

ଭୁବନେଶ୍ୱରରେ 'ଜୀବନ ଜିନ୍ଦାବାଦ-୨.୦'ର ଶୁଭାରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟରୁ ନିଶା ମୂଳପୋଛ ପାଇଁ ମୁଖ୍ୟମନ୍ତ୍ରୀ ବଡ଼ ଘୋଷଣା କରିଛନ୍ତି । ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଖୋଲାଯିବନି କୌଣସି ନୂଆ ମଦ ଦୋକାନ ।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଏହା ନିଶା ବିରୋଧରେ ରାଜ୍ୟ ସରକାରଙ୍କ 'ଜିରୋ ଟଲେରାନ୍‌ସ' ନୀତି । ୨୦୨୯ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ପାଇଁ ଓଡ଼ିଶା ପ୍ରତିବଦ୍ଧ । ନିଶାକୁ ନାଁ, ଜୀବନକୁ ହଁ, ଜୀବନ ଜିଇଁବାର ପ୍ରକୃତ ଶିକ୍ଷା ନିଅନ୍ତୁ ବୋଲି କହିଛନ୍ତି । ସେହିପରି ମହିଳା ହିଂସା ପଛରେ ନିଶା ମୁଖ୍ୟ କାରଣ । ଏଭଳି କହି ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ । କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ ଓ କୋକେନ ବିରୋଧରେ କଠୋର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ରାପଡ଼ା ଜିଲାର ଭିତରକନିକା ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଭିନ୍ନ ବିରଳ ପ୍ରଜାତିର ସାମୁଦ୍ରିକ ଜୀବଜନ୍ତୁ ଦେଖିବାକୁ ମିଳନ୍ତି । ବିଶେଷ କରି ମହାନଦୀ ତ୍ରିକୋଣ ଭୂମି ଅବବାହିକା ହୁକିଟୋଲା, ଲଞ୍ଜିଘୋଲା, ଷୋଳମୁହାଣ, ମାଦଳୀ, ବାବୁବାଲୀ, ଏକକୁଳାନାସି ଓ ସାତଭାୟା ଆଦି ତଟ କୂଳରେ ବଉଳା କୁମ୍ଭୀର, ଡଲଫିନ, ଲାଲ କଙ୍କଡା, ନୀଳରକ୍ତ କଙ୍କଡା, ଜେଲଫିସ୍, ସବୁଜ ଶାମୁକା, ସାର୍କ, ସାଙ୍କୁଚ ଓ ମଗର ଆଦି ଦେଖିବାକୁ ମିଳିଥାଏ । ବିରଳ ପ୍ରଜାତିର ନୀଳ ରକ୍ତ କଙ୍କଡା ଗୋଲାକାର ଓ ଲମ୍ବା ମୁନିଆ କଣ୍ଟା ଘୋଡା ଖୁରାକୃତ ।

ବିଶେଷ କରି ପ୍ରଶାନ୍ତ ମହାସାଗର, ଭାରତ ମହାସାଗର ଓ ବଙ୍ଗୋପସାଗର କୂଳରେ ଯୋଡ଼ା ଯୋଡ଼ା ଦେଖିବାକୁ ମିଳେ । ଏହାକୁ ଲିଭିଂ ଫିସ୍ ଶ୍ରେଣୀ ୪ରେ ଅନ୍ତର୍ଭୁକ୍ତ କରାଯାଇଛି । ଗଭୀର ସମୁଦ୍ରରୁ ଆସି କୂଳରେ ମୌସୁମୀ ବର୍ଷା ପରବର୍ତ୍ତୀ ଅକ୍ଟୋବରରୁ ଜାନୁଆରୀ ପର୍ଯ୍ୟନ୍ତ ପୂର୍ଣ୍ଣିମା ଓ ଅମାବାସ୍ୟାର ଉଚ୍ଚ ଜୁଆରରେ ଏମାନଙ୍କ ମିଳନ ଘଟିଥାଏ । ହେଲେ ଏମାନଙ୍କ ବଂଶ ଏବେ ଧୀରେ ଧୀରେ ବିଲୁପ୍ତ ହେଲାଣି । ସାମୁଦ୍ରିକ ଜୈବ ବିବିଧତାରେ ଅସନ୍ତୁଳନ, ଗଭୀର ସମୁଦ୍ରରେ ବଡ଼ ଜାହାଜ ଚଳାଚଳ ସହିତ ଟ୍ରଲର, ବୋଟ ଓ ଗାଞ୍ଜି ଜାଲରେ ଛନ୍ଦିହୋଇ ସେମାନଙ୍କ ଜୀବନ ଯାଉଛି । ସମୁଦ୍ର ତଟରେ ସେମାନଙ୍କୁ ମୃତ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳୁଛି ବୋଲି ପରିବେଶପ୍ରେମୀ ସମରେନ୍ଦ୍ର ମାହାଲି କହିଛନ୍ତି । ଏମାନଙ୍କ ରକ୍ତରେ ଲୌହ ବଦଳରେ ତମ୍ବା ଓ ହେମାସିଆନିନ୍ ନାମକ ରାସାୟନିକ ପଦାର୍ଥ ମିଶ୍ରିତ ଥିବାରୁ ରକ୍ତ ନୀଳବର୍ଣ୍ଣ ଦେଖାଯାଏ । ମାନବ ଶରୀର ପାଇଁ ଏହି କଙ୍କଡା ରକ୍ତରୁ ବିଭିନ୍ନ ଦୂରାରୋଗ୍ୟ ଔଷଧ ପ୍ରସ୍ତୁତି ହୋଇଥାଏ । କିଛି ବର୍ଷ ପୂର୍ବରୁ ଏହି ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରୁ ନୀଳରକ୍ତ କଙ୍କଡା ଚାଲାଣ ଉପରେ ବନ ବିଭାଗ ବାରଣ କରିଥିଲା, ପରବର୍ତ୍ତୀ ସମୟରେ ଏହାର ଚାଲାଣ ବନ୍ଦ ରହିଛି । ଅପରପକ୍ଷରେ ୨ ବର୍ଷ ପୂର୍ବରୁ ବନ ବିଭାଗ ପକ୍ଷରୁ ବାଲେଶ୍ୱରରେ ୬୦ ନୀଳ ରକ୍ତ କଙ୍କଡାକୁ ସଂଗ୍ରହ କରାଯାଇ ଜିଓ ଟ୍ୟାଗ୍ କରାଯାଇଛି ବୋଲି ବନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଭାଗ ପକ୍ଷରୁ ସେ ସମୟରେ ସୂଚନା ମିଳିଥିଲା । ଗହୀରମଥା ଓ ଭିତରକନିକା ଅଞ୍ଚଳରେ ଏହି ଜୀବର ଜିଓ ଟ୍ୟାଗ୍ କରାଗଲେ ଏହି ଜୀବ ବଂଶର ମୂଳ ଉତ୍ସ ସମ୍ପର୍କରେ ଗବେଷଣା କରାଯାଇ ବହୁ ଲୁକ୍କାୟିତ ତଥ୍ୟ ମିଳିପାରିବ ବୋଲି ପରିବେଶପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି । ଏ ସସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଓଁଙ୍କରଙ୍କୁ ପଚାରିବାରେ ଦିଲ୍ଲୀସ୍ଥିତ ଜୁଲୋଜିକାଲ ସର୍ବେକ୍ଷଣ ସଂସ୍ଥା(ଜେଡ୍ଏସ୍ଆଇ) ସର୍ଭେ କାର୍ଯ୍ୟ ଚଳାଇଛି । ରାଜନଗର ଓ ଭଦ୍ରକ ଦୁଇଟି ଡିଭିଜନର ସର୍ଭେ ଚାଲିଛି । ଅଦ୍ୟାବଧି ସର୍ଭେ ରିପୋର୍ଟ ମିଳିନି ବୋଲି ସେ କହିଛନ୍ତି ।

ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୂଜା କମିଟିଗୁଡ଼ିକ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ (BMC) ଅଞ୍ଚଳରେ ପୂଜା ମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦେବାକୁ ପଡୁଥିବା ଗ୍ରାଉଣ୍ଡ ରେଣ୍ଟ (ପଡ଼ିଆ ଭଡ଼ା)କୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି ।

ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ରାଜଧାନୀରେ ଆୟୋଜିତ ହେବାକୁ ଥିବା ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଏବଂ କାଳୀପୂଜା ପାଇଁ ପୂଜା କମିଟିଗୁଡ଼ିକୁ ଆଉ ଗ୍ରାଉଣ୍ଡ ରେଣ୍ଟ ଦେବାକୁ ପଡ଼ିବ ନାହିଁ । ଏହି ଗ୍ରାଉଣ୍ଡ ରେଣ୍ଟ ଛାଡ଼ ଅବଧି ଆସନ୍ତା ଅକ୍ଟୋବର ୧୭ ତାରିଖରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ପାର୍ବଣ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୂଜା ପାଳନକୁ ଅଧିକ ଧୂମ୍ଧାମ୍ରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ପ୍ରଶଂସନୀୟ ପଦକ୍ଷେପକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଧୁବାଦ ଜଣାଯାଇଛି ।

ଗୁରୁବାର ସକାଳୁ ସକାଳୁ ସାରା ଓଡ଼ିଶାରେ 'ଓଡ଼ିଶା ବନ୍ଦ' ଡାକରାର ପ୍ରଭାବ ଦେଖିବାକୁ ମିଳିଛି । ୪ଦଫା ଦାବିରେ କଂଗ୍ରେସ ସହ ୯ଟି ବିରୋଧି ଦଳ ଏହି ଡାକରାରେ ସାମିଲ ହୋଇଛନ୍ତି । ଫଳରେ ବସ, ଅଟୋ ଓ ଟ୍ରେନ ସେବା ପ୍ରଭାବିତ ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜପଥ ଉପରେ ଶହ ଶହ ଗାଡ଼ି ଅଟକି ରହିଥିବା ବେଳେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମାଷ୍ଟର କ୍ୟାଣ୍ଟିନ ଛକରେ କଂଗ୍ରେସ ପକ୍ଷରୁ ପିକେଟିଂ କରାଯାଇଛି । ଏହି ବନ୍ଦ ଡାକରା ଯୋଗୁ ଘରୋଇ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରହିଛି । ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି । MMDR ବିଲ୍ ପ୍ରତ୍ୟାହାର, CECଙ୍କ ଇସ୍ତଫା ଦାବି , ପାଠ୍ୟ ପୁସ୍ତକରେ ତ୍ରୁଟି ଆଦି ବିଭିନ୍ନ ଦାବି ନେଇ 'ଇଣ୍ଡି' ମେଣ୍ଟ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି ।

ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ଆନନ୍ଦପୁରରେ ଦେଖିବାକୁ ମିଳିଛି । ବନ୍ଦକୁ ସମର୍ଥନ ଜଣାଇ କଂଗ୍ରେସ, ସିପିଆଇ ସମେତ ବାମପନ୍ଥୀ ଦଳର କର୍ମୀମାନେ ଆନନ୍ଦପୁର ସହରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ହାଟିବନ୍ଧୁ ଖୁଣ୍ଟିଆ ନଗର କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ବିକ୍ଷୋଭକାରୀମାନେ ବ୍ରିଜ ଛକ ନିକଟରେ ୫୩ ନଂ ରାଜ୍ୟ ରାଜପଥ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା । ବନ୍ଦ ଯୋଗୁ ସହରର ବିଭିନ୍ନ ଦୋକାନବଜାର ମଧ୍ୟ ବନ୍ଦ ରହିଥିଲା ।

ବିକ୍ଷୋଭକାରୀମାନେ 'ଭୋଟ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' ଭଳି ସ୍ଲୋଗାନ ଦେଇଥିଲେ । ଏଥିସହ ଏମଏମ୍‌ଡିଆର୍ ସଂଶୋଧିତ ଅଧିନିୟମ ବନ୍ଦ କରିବା, ସିଇସି ଜ୍ଞାନେଶ କୁମାରଙ୍କ ବହିଷ୍କାର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ଏସଆଇଆର୍ ପ୍ରତ୍ୟାହାର ଭଳି ବିଭିନ୍ନ ଦାବି ଉଠାଯାଇଥିଲା । ଏହାସହ ବନ୍ୟା ଯୋଗୁ ପ୍ରଭାବିତ ଚାଷୀ ଓ ସାଧାରଣ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା । କ୍ଷତିଗ୍ରସ୍ତ ଚାଷୀ ଓ ବନ୍ୟା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାନଗଲେ ଆଗାମୀ ଦିନରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ନେତାମାନେ କହିଥିଲେ ।

Listen to Odia Podcast Original at https://youtube.com/@drjyotiprasad

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବିଭିନ୍ନ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ(ପଞ୍ଚାୟତ ଓ ପୌରାଞ୍ଚଳ) ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ(ଏସ୍ଇବିସି)ର ଲୋକଙ୍କ ସଂଖ୍ୟା, ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହିସବୁ ସଂସ୍ଥାରେ ସେମାନେ ରାଜନୈତିକ ଭାବେ କେତେ ପଛୁଆ ସେ ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଶନ ଗଠନ କରାଯାଇଛି । ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ପ୍ରମଥ ପଟ୍ଟନାୟକ ଏହି କମିଶନର ଅଧ୍ୟକ୍ଷ ଅଛନ୍ତି । ଏହାସହ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ବିଜୟ କୁମାର ପୃଷ୍ଟି ଏହି କମିଶନର ସଦସ୍ୟ ଭାବେ କାର୍ଯ୍ୟ କରିବେ । ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମିଶ୍ର କମିଶନର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ ।

ଏହି କମିଶନ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସେ ଅଞ୍ଚଳର ସମୁଦାୟ ଲୋକସଂଖ୍ୟା ତୁଳନାରେ ଏସ୍ଇବିସିମାନଙ୍କ ସଂଖ୍ୟାର ଅନୁପାତ ସମ୍ପର୍କରେ ଅନୁଧ୍ୟାନ କରିବ । ଏହାସହ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ତୁଳନାରେ ସେମାନେ ରାଜନୈତିକ ଦୃଷ୍ଟିକୋଣରୁ କେତେ ପଛୁଆ ଅଛନ୍ତି ତା'ର ସ୍ୱରୂପ ଓ ତାହାର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରାଯିବ । ଏହାଦ୍ୱାରା ରାଜ୍ୟରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଜନସାଧାରଣଙ୍କ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ ଉପଯୁକ୍ତ ପ୍ରତିନିଧିତ୍ୱ ଓ ସେମାନଙ୍କ ଅଧିକାର ସମ୍ପର୍କରେ ଉପଯୁକ୍ତ ବ୍ୟବସ୍ଥା କରାଯିବ । ସୂଚନାଯୋଗ୍ୟ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ବର୍ଗର ଛାତ୍ରୀଛାତ୍ରମାନଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ଇଞ୍ଜିନିୟରିଂ ଓ ମେଡିକାଲ ପରି ବୃତ୍ତିଗତ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ୧୧.୨୫ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଛନ୍ତି ।

କନ୍ଧମାଳ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଦାରିଙ୍ଗବାଡ଼ି ଅଞ୍ଚଳରେ ଧୀରେ ଧୀରେ ଶୀତର ଆଗମନ ଅନୁଭୂତ ହେବାରେ ଲାଗିଛି । ଗତ କିଛି ଦିନ ହେଲା ଅଞ୍ଚଳରେ ହାଲୁକା ଥଣ୍ଡା ଅନୁଭୂତ ହେଉଥିବା ବେଳେ ଗୁରୁବାର ସନ୍ଧ୍ୟାଠାରୁ ଶୀତର ପ୍ରକୋପ ଧୀରେ ଧୀରେ ବଢୁଥିବା ଜଣାପଡ଼ିଛି । ଅନ୍ୟପଟେ ଘନ କୁହୁଡ଼ି ଯୋଗୁ ଗାଡ଼ି ଚଳାଚଳରେ ମଧ୍ୟ ସମସ୍ୟା ଦେଖା ଦେଉଛି ।

ଦାରିଙ୍ଗବାଡ଼ି ଅଞ୍ଚଳରେ ଦିନବେଳେ ପ୍ରଚଣ୍ଡ ଖରା ସହ ଶୁଖିଲା ପାଗ ରହୁଛି । ତେବେ ସନ୍ଧ୍ୟା ନଇଁବା ପରେ ପାଗରେ ପରିବର୍ତ୍ତନ ଅନୁଭୂତ ହେଉଛି । ଧୀରେ ଧୀରେ ଥଣ୍ଡା ବଢୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଶୀତ ଋତୁର ଆଗମନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଅଞ୍ଚଳରେ କୁହୁଡ଼ିର ପ୍ରଭାବ ମଧ୍ୟ ଧୀରେ ଧୀରେ ବଢୁଥିବା ଦେଖାଯାଉଛି । ଘନ କୁହୁଡ଼ି ଯୋଗୁ ରାସ୍ତାରେ ଦୃଶ୍ୟମାନତା ହ୍ରାସ ପାଉଥିବାରୁ ଗାଡ଼ି ଚାଳକମାନଙ୍କୁ ଯାତାୟାତ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ପରିସ୍ଥିତିରେ ଗାଡ଼ି ଚାଳକମାନେ ସତର୍କତାର ସହ ଯାତାୟାତ କରିବା ଆବଶ୍ୟକ ।

ସ୍ଥାନୀୟ ଲୋକଙ୍କ ମତରେ, ପ୍ରତିବର୍ଷ ସେପ୍ଟେମ୍ବର ମାସରୁ ଦାରିଙ୍ଗବାଡ଼ିରେ ହାଲୁକା ଶୀତ ଅନୁଭୂତ ହେବା ଆରମ୍ଭ ହୋଇଥାଏ । କିନ୍ତୁ ଚଳିତ ବର୍ଷ ଲଘୁଚାପଜନିତ ବର୍ଷା ଯୋଗୁ ଶୀତର ପ୍ରଭାବ ବିଳମ୍ବରେ ଅନୁଭୂତ ହେଉଥିବା ନେଇ ଅଞ୍ଚଳରେ ଆଲୋଚନା ହେଉଛି ।

ଏବେ ପାର୍ବଣ ଋତୁ ଚାଲିଥିବାରୁ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କ ଆଗମନ ଧୀରେ ଧୀରେ ବଢୁଛି । ଶୀତର ଆଗମନ ସହ ଏଠାକାର ପ୍ରାକୃତିକ ପରିବେଶ ଓ କୁହୁଡ଼ିଭରା ସକାଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି । ଆଗାମୀ ଦିନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥଣ୍ଡାର ପ୍ରକୋପ ବଢ଼ିଲେ ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ଭିଡ଼ ଆହୁରି ବଢ଼ିବାର ସମ୍ଭାବନା ରହିଛି ।

ରାଜ୍ୟର ବିଭିନ୍ନ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ କର୍ମଜୀବୀଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ଗୁରୁବାର ମହଙ୍ଗାଭତ୍ତା ବୃଦ୍ଧି କରିଛନ୍ତି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଦର୍ଶାଇଛନ୍ତି, ସର୍ବନିମ୍ନ ମଜୁରି ଉପରେ ପ୍ରତ୍ୟେକ ଏପ୍ରିଲ ଓ ଅକ୍ଟୋବରରେ ମହଙ୍ଗା ଭତ୍ତାରେ ସଂଶୋଧନ କରାଯାଉଛି । ଚଳିତ ଅକ୍ଟୋବରରୁ ମହଙ୍ଗା ଭତ୍ତାରେ ଅତିରିକ୍ତ ଭାବେ ଦୈନିକ ୬ ଟଙ୍କା ବୃଦ୍ଧି କରାଯାଇଛି । ଅକ୍ଟୋବର ପହିଲାରୁ ମହଙ୍ଗା ଭତ୍ତା ସହିତ ଦୈନିକ ସର୍ବନିମ୍ନ ମଜୁରି ଅଣକୁଶଳୀ ଶ୍ରମିକ ତଥା କର୍ମଚାରୀଙ୍କ ପାଇଁ ୪୭୨ ଟଙ୍କା ପରିବର୍ତ୍ତେ ୪୭୮ ଟଙ୍କା ଧାର୍ଯ୍ୟ କରାଯାଇଛି । ଅର୍ଦ୍ଧକୁଶଳୀ ଶ୍ରମିକ ତଥା କର୍ମଚାରୀଙ୍କ ପାଇଁ ୫୨୨ ଟଙ୍କାରୁ ୫୨୮ ଟଙ୍କା, କୁଶଳୀ ଶ୍ରମିକଙ୍କ ପାଇଁ ୫୭୨ ଟଙ୍କାରୁ ୫୭୮ ଟଙ୍କା ଓ ଉଚ୍ଚକୁଶଳୀ ଶ୍ରମିକଙ୍କ ପାଇଁ ୬୨୨ ଟଙ୍କାରୁ ୬୨୮ ଟଙ୍କାକୁ ବୃଦ୍ଧି କରାଯାଇଛି ।

SIR ଏବଂ ମୁଖ୍ୟ ନିର୍ବାଚନ କମିଶନର (CEC) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି ଦିଲ୍ଲୀର ଜନ୍ତରମନ୍ତରଠାରେ କକରୋଚ ଜନତା ପାର୍ଟି (CJP) ପକ୍ଷରୁ ପ୍ରତିବାଦ କରାଯିବାକୁ ଘୋଷଣା ହୋଇଛି । ଏହି ପ୍ରତିବାଦରେ ଯୋଗଦେବାକୁ ଥିବା ପ୍ରସିଦ୍ଧ ୟୁଟ୍ୟୁବର୍ ଧ୍ରୁବ ରାଠୀଙ୍କୁ ଗୁରୁଗ୍ରାମର ସେକ୍ଟର-୫୬ସ୍ଥିତ ତାଙ୍କ ଘରୁ ସକାଳ ପ୍ରାୟ ୮ଟାରେ ଦିଲ୍ଲୀ ପୁଲିସ ଅଟକ ରଖିଛି । ଧ୍ରୁବ ରାଠୀ ପୂର୍ବରୁ CJPର ପ୍ରତିବାଦକୁ ସମର୍ଥନ କରୁଛନ୍ତି । ଏହାସହ ସିଜେପିର ପ୍ରାୟ ୫୦୦ରୁ ଅଧିକ ପ୍ରଦର୍ଶନକାରୀଙ୍କୁ ପୋଲିସ ଅଟକ ରଖିଛି । ତେବେ ଏହି ପ୍ରତିବାଦ ପାଇଁ ଦିଲ୍ଲୀ ପୋଲିସ ଅନୁମତି ଦେଇ ନ ଥିବା ସତ୍ତ୍ୱେ ଦଳର ନେତାମାନେ ପ୍ରଦର୍ଶନ କରିବାକୁ ଘୋଷଣା କରିଥିବାରୁ ରାଜଧାନୀରେ ସୁରକ୍ଷା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

ପ୍ରତିବାଦକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀର ୨୬ ହଜାରରୁ ଅଧିକ ଯବାନ ମୁତୟନ ହୋଇଥିବା ଦାବି କରାଯାଇଛି । ନୂଆଦିଲ୍ଲୀରେ ୩୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପୋଲିସ କର୍ମଚାରୀମାନେ ବଡି କ୍ୟାମେରା ସହ ମୁତୟନ ହୋଇଛନ୍ତି ।

ଜନ୍ତରମନ୍ତରର ଚାରି କିଲୋମିଟର ପରିଧିରେ ଇଣ୍ଟରନେଟ ସେବା ବନ୍ଦ କରାଯାଇଥିବା ଏବଂ ୪୫ଟି ମେଟ୍ରୋ ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ସୁବିଧା ବନ୍ଦ ରହିଥିବା ମଧ୍ୟ ଖବରରେ ଉଲ୍ଲେଖ ରହିଛି । ଦିଲ୍ଲୀକୁ ଆସୁଥିବା ବିଭିନ୍ନ ରାସ୍ତାରେ ଯାଞ୍ଚ କଡ଼ାକଡ଼ି କରାଯାଇଥିବା କୁହାଯାଇଛି । ଏକାଠି ନହେବା, ନାରାବାଜି ନକରିବା ଏବଂ ସରକାରୀ ସମ୍ପତ୍ତିର କ୍ଷତି ନ ଘଟାଇବାକୁ ଲୋକଙ୍କୁ ଅନୁରୋଧ କରାଯାଉଛି ।

ମୁଖ୍ୟ ନିର୍ବାଚନ କମିଶନର (CEC) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ଏହି କ୍ରମରେ 'ଇଣ୍ଡିଆ' (INDIA) ମେଣ୍ଟର ଏମ୍‌ପିମାନେ ସଂସଦ ଭବନର ସେଣ୍ଟ୍ରାଲ ହଲରୁ ବିଜୟ ଚୌକ ପର୍ଯ୍ୟନ୍ତ ଏକ ପଦଯାତ୍ରା କରିଥିଲେ । ଏହାପରେ ବିରୋଧୀ ଦଳଗୁଡ଼ିକର ଏକ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଏହି ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଦାବିପତ୍ର ଦେଇଛନ୍ତି ।

ରାଷ୍ଟ୍ରପତିଙ୍କୁ ଭେଟିବା ପରେ ରାହୁଲ ଗାନ୍ଧୀ କହିଛନ୍ତି ଯେ, "ରାଷ୍ଟ୍ରପତିଙ୍କ ସହ ଆମର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଯେତେବେଳେ ଆମେ ରାଷ୍ଟ୍ରପତିଙ୍କୁ 'ଭୋଟ

Listen to Odia Podcast Original at https://youtube.com/@drjyotiprasad

ଚୋରି' ବିଷୟରେ ଜଣାଇଲୁ, ସେ ଏହାକୁ ମନା କରି ନ ଥିଲେ । ବରଂ ସେ ଆମକୁ ଏହାର ପ୍ରମାଣ ଉପସ୍ଥାପନ କରିବାକୁ କହିଛନ୍ତି ।" ଏହାସହ ସେ ରାଷ୍ଟ୍ରପତିଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବସ୍ଥା ଲାଗୁ କରିବାକୁ ଦାବି କରାଯାଇଛି ଏବଂ ରାଷ୍ଟ୍ରପତି ମାଗିଥିବା ସମସ୍ତ ପ୍ରମାଣ ଖୁବଶୀଘ୍ର ହସ୍ତାନ୍ତର କରାଯିବ । ତୃଣମୂଳ କଂଗ୍ରେସ ପ୍ରମୁଖ ମମତା ବାନାର୍ଜୀ କହିଛନ୍ତି ଯେ ବିରୋଧୀ ମେଣ୍ଟ ସମ୍ପୂର୍ଣ୍ଣ ଏକଜୁଟ ଏବଂ ଶକ୍ତିଶାଳୀ ଅଛି, ଯିଏ ଦେଶର ୬୦ ପ୍ରତିଶତରୁ ଅଧିକ ଜନସାଧାରଣଙ୍କ ପ୍ରତିନିଧିତ୍ୱ କରୁଛି ।

ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ମମତା ବାନାର୍ଜୀ, ଅଭିଷେକ ବାନାର୍ଜୀ ଏବଂ ଡି.କେ. ଶିବକୁମାରଙ୍କ ସମେତ ଅନେକ ବିରୋଧୀ ସାଂସଦ ବିଜୟ ଚୌକରେ ଧାରଣାରେ ବସି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ନାରାବାଜି କରିଥିଲେ । ଏହାପୂର୍ବରୁ ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ବିରୋଧୀ ନେତାମାନେ ଏକାଠି ହୋଇ 'ଭୋଟ ଚୋରି' ବିରୋଧରେ ଆନ୍ଦୋଳନକୁ ଆଗକୁ ନେବା ଏବଂ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ ।

ସେଣ୍ଟ୍ରାଲ ହଲରେ ଏମ୍‌ପିମାନଙ୍କୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଥିଲେ ଯେ ଦେଶର ନାଗରିକଙ୍କ ଅଧିକାର ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଗୁଜରାଟ, ହରିୟାଣା ଏବଂ ମହାରାଷ୍ଟ୍ର ନିର୍ବାଚନ ଫଳାଫଳକୁ ନେଇ ପ୍ରଶ୍ନ ଉଠାଇବା ସହ ସେ କହିଥିଲେ ଯେ ଏହା କେବଳ ଜ୍ଞାନେଶ କୁମାରଙ୍କ କଥା ନୁହେଁ, ବରଂ ବର୍ତ୍ତମାନ ସରକାରଙ୍କୁ ବରଖାସ୍ତ କରିବାକୁ ପଡ଼ିବ ।

ଏହି ବୈଠକରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ, ଏନସିପି ନେତ୍ରୀ ସୁପ୍ରିୟା ସୁଲେ, ସିପିଆଇ(ଏମ୍) ନେତା ଏମ୍.ଏ. ବେବି, ସିପିଆଇ ନେତା ଡି.

Listen to Odia Podcast Original at https://youtube.com/@drjyotiprasad

ରାଜା, ସମାଜବାଦୀ ପାର୍ଟି ଏମ୍‌ପି ରାଜୀବ ରାୟ, ସ୍ୱାଧୀନ ଏମ୍‌ପି କପିଲ ସିବଲଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଉତ୍ତରପ୍ରଦେଶର ନୋଏଡାସ୍ଥିତ ଜେଭର ଏୟାରପୋର୍ଟର ନାମ ପରିବର୍ତ୍ତନ କରାଯିବ । ଏହାର ନାମ 'ନରେନ୍ଦ୍ର ମୋଦି ଇଣ୍ଟରନ୍ୟାସନାଲ ଏୟାରପୋର୍ଟ' ରଖିବାକୁ ଉତ୍ତରପ୍ରଦେଶ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କ୍ୟାବିନେଟ୍ ବୈଠକ ପରେ ଏହି ଘୋଷଣା କରିଛନ୍ତି । ଏହି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଥିବା ସେ କହିଛନ୍ତି । ଏହା ସହିତ ଜନସେବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷ ପୂରଣ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଉତ୍ତରପ୍ରଦେଶ କ୍ୟାବିନେଟ୍‌ରେ ଆଉ ଏକ ପ୍ରସ୍ତାବ ପାରିତ ହୋଇଛି ।

କ୍ୟାବିନେଟ୍ ବୈଠକ ପରେ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଅକ୍ଟୋବର ୭ ତାରିଖ ଦେଶର ଇତିହାସରେ ଏକ ସ୍ମରଣୀୟ ଦିନ । ଜନସେବା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସମର୍ପିତ ଯାତ୍ରା ପାଇଁ ଉତ୍ତରପ୍ରଦେଶ କ୍ୟାବିନେଟ୍ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଉତ୍ତରପ୍ରଦେଶର ସମ୍ପର୍କ ସ୍ୱତନ୍ତ୍ର । କାଶୀର ଏମପି ଭାବେ ମୋଦିଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଆଗକୁ ବଢୁଛି । ରାଜ୍ୟରେ ଏକ୍ସପ୍ରେସ୍‌ୱେ ନେଟୱର୍କର ସମ୍ପ୍ରସାରଣ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ ଓ ଉଜ୍ଜ୍ୱଳା ଯୋଜନା ଭଳି କେନ୍ଦ୍ରୀୟ ଯୋଜନାର ଲାଭ ଲୋକଙ୍କ ପାଖରେ ପହଞ୍ଚୁଛି ବୋଲି ସେ ଦାବି କରିଛନ୍ତି ।

ଯୋଗୀ ଆଦିତ୍ୟନାଥ କହିଛନ୍ତି, ଗତ ୯ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶର ଅର୍ଥନୀତିରେ ବଡ଼ ପରିବର୍ତ୍ତନ ଆସିଛି । ପିଏମ୍ କିଷାନ ଯୋଜନା ଅଧୀନରେ ଚାଷୀଙ୍କ ଖାତାକୁ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ପଠାଯାଇଛି । ଏହା ସହ ଚାଷୀଙ୍କ ଋଣ ଛାଡ଼, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଆଖୁ ଚାଷୀଙ୍କୁ ୧୪ ଦିନ ମଧ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟଙ୍କା ପ୍ରଦାନ ଭଳି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି । ନୋଏଡା ଇଣ୍ଟରନ୍ୟାସନାଲ ଏୟାରପୋର୍ଟର ପ୍ରଥମ ପର୍ଯ୍ୟାୟ ଓ କାର୍ଗୋ ଟର୍ମିନାଲ୍‌କୁ ୨୦୨୬ ମାର୍ଚ୍ଚ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ଘାଟନ କରିଥିଲେ । ପରେ ଜୁନ୍ ୧୫ରୁ ଏଠାରେ ଯାତ୍ରୀବାହୀ ବିମାନ ଚଳାଚଳ ଆରମ୍ଭ ହୋଇଥିଲା । ଇଣ୍ଡିଗୋ ଓ ଆକାସା ଏୟାର ଏଠାରୁ ବିମାନ ସେବା ଆରମ୍ଭ କରିଥିବା କୁହାଯାଇଛି ।

ପ୍ରଥମ ପର୍ଯ୍ୟାୟ ନିର୍ମାଣରେ ପ୍ରାୟ ୧୧,୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏୟାରପୋର୍ଟର ସମସ୍ତ ଚାରିଟି ପର୍ଯ୍ୟାୟର କାମ ଶେଷ ହେଲେ ଏହା ଏସିଆର ତୃତୀୟ ବୃହତ୍ତମ ବିମାନବନ୍ଦର ହେବ ବୋଲି ଆକଳନ କରାଯାଇଛି । ସମ୍ପୂର୍ଣ୍ଣ ପ୍ରକଳ୍ପରେ ପ୍ରାୟ ୨୯,୫୬୦ କୋଟି ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଛି । ଜେଭର ଏୟାରପୋର୍ଟରେ ୩,୯୦୦ ମିଟର ଲମ୍ବର ରନ୍‌ୱେ ନିର୍ମାଣ କରାଯାଇଛି । ଏହା ବଡ଼ ଆକାରର ଯାତ୍ରୀବାହୀ ବିମାନ ଚଳାଚଳ ପାଇଁ ଉପଯୋଗୀ ହେବା ଭଳି ଡିଜାଇନ୍ କରାଯାଇଛି ।

ଆମେରିକାରେ କାମ କରୁଥିବା ଭାରତୀୟ IT କର୍ମଚାରୀଙ୍କ ପାଇଁ ଚିନ୍ତା ବଢ଼ିଛି । ଆମେରିକା ସରକାର ଇନ୍‌ଫୋସିସ୍, ଟାଟା କନ୍‌ସଲ୍‌ଟାନ୍‌ସି ସର୍ଭିସେସ୍ (TCS), ୱିପ୍ରୋ, HCLTech, କଗ୍ନିଜାଣ୍ଟ, କ୍ୟାପ୍‌ଜେମିନି, ମାଇକ୍ରୋସଫ୍ଟ ଏବଂ ଆଡୋବ୍ ସମେତ ୮ଟି କମ୍ପାନୀକୁ ଗ୍ରୀନ୍ କାର୍ଡ ସହ ଜଡ଼ିତ PERM ଲେବର ସାର୍ଟିଫିକେସନ୍ ପ୍ରକ୍ରିୟାରୁ ସ୍ଥଗିତ ରଖିଛି । ଆମେରିକୀୟ କର୍ମଚାରୀଙ୍କ ଚାକିରି ଓ ଦରମା ଉପରେ ପ୍ରଭାବ ପକାଇ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାରେ ନିୟମର ଦୁରୁପଯୋଗ ହୋଇଥିବା ଅଭିଯୋଗରେ ଏହି ପଦକ୍ଷେପ ନିଆଯାଇଛି । ଏହାଦ୍ୱାରା ସମ୍ପୃକ୍ତ କମ୍ପାନୀଗୁଡ଼ିକରେ କାମ କରୁଥିବା ଅନେକ ବିଦେଶୀ କର୍ମଚାରୀଙ୍କ ସ୍ଥାୟୀ ବାସିନ୍ଦା ହେବାର ଯୋଜନା ପ୍ରଭାବିତ ହୋଇପାରେ ।

PERMର ହେଉଛି Program Electronic Review Management।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକାରେ ଚାକିରି ଆଧାରରେ ଗ୍ରୀନ୍ କାର୍ଡ ପାଇବା ପ୍ରକ୍ରିୟାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ପଦକ୍ଷେପ।ଏହି ପ୍ରକ୍ରିୟାରେ କମ୍ପାନୀକୁ ଆମେରିକାର ଶ୍ରମ ବିଭାଗ ସମ୍ମୁଖରେ ପ୍ରମାଣ କରିବାକୁ ପଡ଼େ ଯେ, ନିର୍ଦ୍ଦିଷ୍ଟ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଥିବା ଆମେରିକୀୟ କର୍ମଚାରୀ ଉପଲବ୍ଧ ନାହାନ୍ତି ଏବଂ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଲେ ଆମେରିକୀୟ କର୍ମଚାରୀଙ୍କ ଦରମା କିମ୍ବା କାର୍ଯ୍ୟ ପରିସ୍ଥିତି ଉପରେ ଖରାପ ପ୍ରଭାବ ପଡ଼ିବ ନାହିଁ । PERM ଅନୁମୋଦନ ପରେ ନିଯୁକ୍ତିଦାତା ସାଧାରଣତଃ ଗ୍ରୀନ୍ କାର୍ଡ ପାଇଁ ପରବର୍ତ୍ତୀ ପଦକ୍ଷେପ ନେଇପାରନ୍ତି । ତେଣୁ ଏହି ପ୍ରକ୍ରିୟା ସ୍ଥଗିତ ହେବା ଫଳରେ ସମ୍ପୃକ୍ତ କମ୍ପାନୀର କର୍ମଚାରୀଙ୍କ ଗ୍ରୀନ୍ କାର୍ଡ ଆବେଦନ ଆଗକୁ ବଢ଼ିବାରେ ବାଧା ସୃଷ୍ଟି ହୋଇପାରେ ।

ଆମେରିକୀୟ ପ୍ରଶାସନର ଅଭିଯୋଗ ହେଉଛି, କିଛି କମ୍ପାନୀ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଭିସା ଏବଂ ଶ୍ରମ ସମ୍ବନ୍ଧୀୟ ନିୟମର ଦୁରୁପଯୋଗ କରିଛନ୍ତି । ଏହାଦ୍ୱାରା ଆମେରିକୀୟ କର୍ମଚାରୀଙ୍କ ଚାକିରି ସୁଯୋଗ ଓ ଦରମା ପ୍ରଭାବିତ ହୋଇଥିବା ଦାବି କରାଯାଇଛି । ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ବିଶେଷ କରି ମାଇକ୍ରୋସଫ୍ଟକୁ ଟାର୍ଗେଟ୍ କରି ଭିସା ବ୍ୟବସ୍ଥାର ଦୁରୁପଯୋଗ ହୋଇଥିବା ଅଭିଯୋଗ ଆଣିଛନ୍ତି । ତାଙ୍କ ଦାବି ଅନୁସାରେ, ମାଇକ୍ରୋସଫ୍ଟ ୨୦୨୫ରେ ପ୍ରାୟ ୬,୦୦୦ ଆମେରିକୀୟ କର୍ମଚାରୀଙ୍କୁ ଛଟେଇ କରିଥିଲା । ଅନ୍ୟପଟେ, କମ୍ପାନୀକୁ ୬,୦୦୦ରୁ ଅଧିକ H-1B ଭିସା ମିଳିଥିବା ଏବଂ ଛଟେଇ ହୋଇଥିବା କିଛି ପଦବୀ ସହ ସମାନ କାମ ପାଇଁ PERM ଆବେଦନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି ।

ଏହି ଅଭିଯୋଗଗୁଡ଼ିକ ନେଇ ମାଇକ୍ରୋସଫ୍ଟର ପ୍ରତିକ୍ରିୟା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ରିପୋର୍ଟ ଅନୁସାରେ, କମ୍ପାନୀ କହିଛି ଯେ ଅଧିକାଂଶ ଆବେଦନ ନୂଆ ନିଯୁକ୍ତି ପାଇଁ ନୁହେଁ, ବରଂ ପୂର୍ବରୁ କାମ କରୁଥିବା କର୍ମଚାରୀଙ୍କ ସହ ଜଡ଼ିତ ଥିଲା । ତେଣୁ ସରକାରଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିଯୋଗ ଓ କମ୍ପାନୀର ପକ୍ଷ ଉଭୟକୁ ଧ୍ୟାନରେ ରଖିବା ଆବଶ୍ୟକ । ଗ୍ରୀନ୍ କାର୍ଡ ପ୍ରକ୍ରିୟାରେ ବିଳମ୍ବ ହେଲେ କର୍ମଚାରୀଙ୍କ କ୍ୟାରିୟର ଯୋଜନା, ଚାକିରି ପରିବର୍ତ୍ତନ, ପରିବାର ସହ ସ୍ଥାୟୀ ଭାବେ ରହିବା ଏବଂ ପିଲାଙ୍କ ଶିକ୍ଷା ସମ୍ବନ୍ଧୀୟ ନିଷ୍ପତ୍ତି ଉପରେ ପ୍ରଭାବ ପଡ଼ିପାରେ ।

H-1B ଭିସାଧାରୀଙ୍କୁ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ 'ଇଣ୍ଡେଞ୍ଚର୍ଡ ଲେବର' ଅର୍ଥାତ୍ 'ଚୁକ୍ତିବଦ୍ଧ ଶ୍ରମିକ' ବୋଲି କହିବାକୁ ନେଇ ଭାରତ କଡ଼ା ଆପତ୍ତି ପ୍ରକାଶ କରିଛି । ଏହି ଶବ୍ଦ ପ୍ରୟୋଗକୁ ଭାରତର ବୈଦେଶିକ ମନ୍ତ୍ରଣାଳୟ 'ଅତ୍ୟନ୍ତ ଅପମାନଜନକ' ଏବଂ 'ଅନୁଚିତ' ବୋଲି କହିଛି । ଏଭଳି ମନ୍ତବ୍ୟ ଆମେରିକାରେ ଭାରତୀୟ ପେସାଦାରଙ୍କ ଅବଦାନକୁ ଅଣଦେଖା କରୁଥିବା ସହ ଔପନିବେଶିକ ଯୁଗର ଯନ୍ତ୍ରଣାଦାୟକ ସ୍ମୃତିକୁ ମନେ ପକାଉଛି ବୋଲି ମନ୍ତ୍ରଣାଳୟ କହିଛି ।

୯ ଅକ୍ଟୋବର ୨୦୨୬ରେ ଜାରି ବିବୃତିରେ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଆମେରିକାରେ କାର୍ଯ୍ୟରତ ଭାରତୀୟ ପେସାଦାରମାନେ ଉଚ୍ଚଶିକ୍ଷିତ ଏବଂ ଦକ୍ଷ । ଆମେରିକାର ଅର୍ଥନୀତି ଓ ନବସୃଜନ କ୍ଷେତ୍ରର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଆମେରିକାର ଇତିହାସ ମଧ୍ୟ ବିଭିନ୍ନ ପିଢ଼ିର ପ୍ରବାସୀଙ୍କ ଶ୍ରମ, ଉଦ୍ୟୋଗ ଓ ନବସୃଜନ ଦ୍ୱାରା ଗଢ଼ିଉଠିଛି । ତେଣୁ ଔପନିବେଶିକ ଇତିହାସ ସହ ଜଡ଼ିତ ଏବଂ ଯନ୍ତ୍ରଣାଦାୟକ ଅର୍ଥ ବହନ କରୁଥିବା ଶବ୍ଦର ବ୍ୟବହାର ଅତ୍ୟନ୍ତ ଅପମାନଜନକ ।

ଆମେରିକାର ଶ୍ରମ ବିଭାଗ ପକ୍ଷରୁ ଅନେକ କମ୍ପାନୀକୁ PERM କାର୍ଯ୍ୟକ୍ରମରୁ ନିଲମ୍ବନ କରାଯିବା ପରେ ଏହି ବିବାଦ ତୀବ୍ର ହୋଇଛି । ନିଲମ୍ବିତ କମ୍ପାନୀଗୁଡ଼ିକ ମଧ୍ୟରେ ଇନ୍‌ଫୋସିସ୍, TCS, ୱିପ୍ରୋ ଓ HCL ଭଳି ଭାରତୀୟ IT କମ୍ପାନୀ ସହ ମାଇକ୍ରୋସଫ୍ଟ ଓ ଆଡୋବ୍ ଭଳି ଆମେରିକୀୟ କମ୍ପାନୀ ମଧ୍ୟ ରହିଥିବା ରିପୋର୍ଟରେ ଦାବି କରାଯାଇଛି । PERM ବା Permanent Labor Certification ଆମେରିକାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଯୁକ୍ତିଦାତାଙ୍କ ଦ୍ୱାରା ବିଦେଶୀ କର୍ମଚାରୀଙ୍କ ପାଇଁ ଗ୍ରୀନ୍ କାର୍ଡ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏହି ନିଷ୍ପତ୍ତିକୁ ସମର୍ଥନ କରି ଜେଡି ଭାନ୍ସ ଅଭିଯୋଗ କରିଥିଲେ ଯେ, କମ୍ପାନୀଗୁଡ଼ିକ ଆମେରିକୀୟ କର୍ମଚାରୀଙ୍କୁ ଛଟେଇ କରି ବିଦେଶୀ କର୍ମଚାରୀଙ୍କୁ କମ୍ ଦରମାରେ ନିଯୁକ୍ତି ଦେଇପାରିବେ ନାହିଁ । ଏହି ପ୍ରସଙ୍ଗରେ ସେ ମାଇକ୍ରୋସଫ୍ଟର ଉଦାହରଣ ମଧ୍ୟ ଦେଇଥିଲେ ।

PERM କାର୍ଯ୍ୟକ୍ରମରୁ କମ୍ପାନୀଗୁଡ଼ିକୁ ନିଲମ୍ବନ କରାଯିବା ନେଇ ମଧ୍ୟ ଭାରତ ନିଜର ଚିନ୍ତା ପ୍ରକାଶ କରିଛି । ଏହି ପଦକ୍ଷେପ ଭାରତ ଓ ଆମେରିକାର ମିଳିତ ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସହାୟକ ହେବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି । ଏହି ସମସ୍ୟାର ସମାଧାନ ପାଇଁ ଭାରତ ଆମେରିକୀୟ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛି । ଏଥିରେ ଭାରତୀୟ ପେସାଦାରଙ୍କ ଯାତାୟାତ ଓ ଭାରତୀୟ IT କମ୍ପାନୀଗୁଡ଼ିକର କାର୍ଯ୍ୟ ପରିଚାଳନା ସମ୍ପର୍କିତ ଚିନ୍ତାକୁ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । H-1B ଭିସା ଜରିଆରେ ବହୁ ସଂଖ୍ୟକ ଭାରତୀୟ IT ପେସାଦାର ଆମେରିକାରେ କାମ କରୁଛନ୍ତି । ସେମାନେ ଆମେରିକୀୟ କମ୍ପାନୀଗୁଡ଼ିକର ଉତ୍ପାଦକତା ବଢ଼ାଇବା ସହ ଗବେଷଣା, ବୈଷୟିକ ଜ୍ଞାନ ଓ ନବସୃଜନ କ୍ଷେତ୍ରରେ ମଧ୍ୟ ଯୋଗଦାନ କରୁଛନ୍ତି ।

ଭାରତର ମତରେ, ଦକ୍ଷ ମାନବ ସମ୍ବଳର ଆନ୍ତର୍ଜାତୀୟ ଯାତାୟାତ ଉଭୟ ଦେଶର ଅର୍ଥନୀତି ପାଇଁ ଲାଭଦାୟକ । ତେଣୁ ଭାରତୀୟ ପେସାଦାରଙ୍କ ଅବଦାନକୁ ଉପଯୁକ୍ତ ସମ୍ମାନ ଦେବା ସହ ଗ୍ରୀନ୍ କାର୍ଡ ପ୍ରକ୍ରିୟା ଓ ନିଯୁକ୍ତି ସମ୍ପର୍କିତ ଚିନ୍ତାର ସମାଧାନ କରିବା ଦୁଇ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ବିବାଦ ଭାରତ-ଆମେରିକା ସମ୍ପର୍କରେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଭାବେ ଉଭା ହୋଇଛି ।

ଆମେରିକା ସରକାରଙ୍କ ଦ୍ୱାରା କେତେକ ପ୍ରମୁଖ ଟେକ୍ କମ୍ପାନୀକୁ ନିଯୁକ୍ତି-ଭିତ୍ତିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗ୍ରୀନ୍ କାର୍ଡ କାର୍ଯ୍ୟକ୍ରମରୁ ନିଲମ୍ବିତ କରାଯିବା ନିଷ୍ପତ୍ତି ଉପରେ ଭାରତର ବୈଦେଶିକ ମନ୍ତ୍ରାଳୟ (MEA) ଶୁକ୍ରବାର ସ୍ପଷ୍ଟୀକରଣ ଦେଇଛି । ମନ୍ତ୍ରାଳୟ କହିଛି ଯେ ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନର H-1B ଭିସା କିମ୍ବା ଭିସାଧାରୀ ଏବଂ ସେମାନଙ୍କ ପରିବାର (ଆଶ୍ରିତ)ଙ୍କ ସ୍ଥିତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ତେବେ 'ପରମାନେଣ୍ଟ ଲେବର ସର୍ଟିଫିକେସନ୍' (PERM) କାର୍ଯ୍ୟକ୍ରମ ଅଧୀନରେ ଆବେଦନ ନିଲମ୍ବିତ ହେବା ଯୋଗୁଁ ସମ୍ପୃକ୍ତ କମ୍ପାନୀଗୁଡ଼ିକର ଯୋଗ୍ୟ କର୍ମଚାରୀଙ୍କ ସ୍ଥାୟୀ ନିବାସ ଅର୍ଥାତ୍ ଗ୍ରୀନ୍ କାର୍ଡ ପ୍ରକ୍ରିୟା ପ୍ରଭାବିତ ହୋଇପାରେ ।

ଭାରତ ଓ ଆମେରିକା ମଧ୍ୟରେ ଦକ୍ଷ ପ୍ରତିଭାଙ୍କ ଯାତାୟାତ ଦ୍ୱାରା ଉଭୟ ଦେଶକୁ ମିଳୁଥିବା ଆର୍ଥିକ ଲାଭ ବାବଦରେ ମନ୍ତ୍ରାଳୟ ଆଲୋକପାତ କରିଛି । ବୈଦେଶିକ ମନ୍ତ୍ରାଳୟ ଦର୍ଶାଇଛି ଯେ ପ୍ରତିଭାଙ୍କ ଯାତାୟାତ ଉଭୟ ଦେଶର ଅର୍ଥବ୍ୟବସ୍ଥା ପାଇଁ ଅତ୍ୟନ୍ତ ମୂଲ୍ୟବାନ୍ । ଏହା ଦ୍ୱାରା ଭାରତୀୟଙ୍କ ପାଇଁ ସୁଯୋଗ ସୃଷ୍ଟି ହେବା ସହ ଆମେରିକୀୟ କମ୍ପାନୀଗୁଡ଼ିକୁ ଆଧୁନିକ ପ୍ରତିଭା, ଇନୋଭେସନ, ଗବେଷଣା, ଉତ୍ପାଦନ କ୍ଷମତା ଏବଂ ନୂତନ ରୋଜଗାର ସୃଷ୍ଟିରେ ସହାୟତା ମିଳିଥାଏ ।

ଆମେରିକା ଶ୍ରମ ବିଭାଗ ମାଇକ୍ରୋସଫ୍ଟ, ଆଡୋବ୍, କୋଗ୍ନିଜାଣ୍ଟ, ଇନଫୋସିସ୍, ଟାଟା କନସଲଟେନ୍ସି ସର୍ଭିସେସ୍ (TCS), ୱିପ୍ରୋ, HCL ଟେକ୍ନୋଲୋଜିସ୍ ଏବଂ କ୍ୟାପଜେମିନି ଭଳି ବଡ଼ ଆଇଟି କମ୍ପାନୀଗୁଡ଼ିକୁ PERM କାର୍ଯ୍ୟକ୍ରମରୁ ନିଲମ୍ବିତ କରିଛି । ଏହି କମ୍ପାନୀଗୁଡ଼ିକରୁ ନୂତନ ଆବେଦନ ଗ୍ରହଣ କରାଯିବ ନାହିଁ କିମ୍ବା ସେମାନଙ୍କର ବିଚାରାଧୀନ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

ଆମେରିକା ଶ୍ରମ ସଚିବ କୀଥ୍ ସୋଣ୍ଡରଲିଙ୍ଗ କହିଛନ୍ତି ଯେ ୨୦୦୯ ମସିହାରୁ କେବଳ ଏହି କମ୍ପାନୀଗୁଡ଼ିକ ପ୍ରାୟ ୩୦ ଲକ୍ଷ ବିଦେଶୀ କର୍ମଚାରୀଙ୍କ ଦାବି କରିଥିଲେ, ଯାହା ମଧ୍ୟରୁ ୨,୩୦,୦୦୦ ରୁ ଅଧିକ H-1B ଭିସା ମଞ୍ଜୁରୀ ଏବଂ ୧,୦୦,୦୦୦ ରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ସ୍ଥାୟୀ ଶ୍ରମ ପ୍ରମାଣପତ୍ର ହାସଲ କରିଥିଲେ । ଏହି କମ୍ପାନୀଗୁଡ଼ିକ ନିଯୁକ୍ତି-ଭିତ୍ତିକ ଇମିଗ୍ରେସନ କାର୍ଯ୍ୟକ୍ରମର ଅପବ୍ୟବହାର କରି ଆମେରିକୀୟ ଶ୍ରମିକଙ୍କ ସ୍ଥାନରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ନେଇ ଆମେରିକା ପ୍ରଶାସନ ଅଭିଯୋଗ ଆଣିଛି ।

PERM ହେଉଛି ଏକ ଶ୍ରମ ପ୍ରମାଣୀକରଣ ପ୍ରକ୍ରିୟା (Labor Certification Process), ଯାହା ଏକ ଯୋଗ୍ୟ ଆମେରିକୀୟ ନିଯୁକ୍ତାଙ୍କୁ ଜଣେ ବିଦେଶୀ କର୍ମଚାରୀଙ୍କୁ ଗ୍ରୀନ୍ କାର୍ଡ (ସ୍ଥାୟୀ ନିବାସ) ପାଇଁ ପ୍ରାୟୋଜିତ (Sponsor) କରିବାକୁ ଅନୁମତି ଦେଇଥାଏ । ଏହି ଆବେଦନକୁ ପ୍ରମାଣିତ କରିବା ପୂର୍ବରୁ ଆମେରିକା ଶ୍ରମ ବିଭାଗ ନିଶ୍ଚିତ କରେ ଯେ ସମ୍ପୃକ୍ତ ପଦବୀ ପାଇଁ ଆବଶ୍ୟକୀୟ ଯୋଗ୍ୟ ଆମେରିକୀୟ କର୍ମଚାରୀ ଉପଲବ୍ଧ ନାହାନ୍ତି ଏବଂ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଦ୍ୱାରା ଆମେରିକୀୟ କର୍ମଚାରୀଙ୍କ ଦରମା କିମ୍ବା କାର୍ଯ୍ୟ ପରିବେଶ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡୁନାହିଁ ।

ବିଶ୍ୱବ୍ୟାପୀ ପାଣିପାଗ ବିଶେଷଜ୍ଞମାନେ ଏଲ୍ ନିନୋର ପ୍ରଭାବ ବୃଦ୍ଧିକୁ ନେଇ ଚେତାବନୀ ଦେଇଛନ୍ତି । ଅକ୍ଟୋବରରୁ ଡିସେମ୍ବର ଯାଏଁ ଏଲ୍-ନିନୋ କାରଣରୁ ତାପମାତ୍ରା ପ୍ରାୟ ୩.୭ ଡିଗ୍ରୀ ସେଲସିୟସ ଅଧିକ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ଏଲ୍ ନିନୋ କେନ୍ଦ୍ରବିନ୍ଦୁ ଥିବା ମଧ୍ୟ ଏବଂ ପୂର୍ବ କ୍ରାନ୍ତୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସ୍ୱାଭାବିକଠାରୁ ରେକର୍ଡ ୩.୭ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ପାଣିପାଗ ବିଶେଷଜ୍ଞ ଲିଅନ ସିମନ୍ସ ଏହି ପାଣିପାଗ ପରିବର୍ତ୍ତନକୁ ଏକ 'ସୁପର-ଡୁପର ଏଲ୍ ନିନୋ' ବୋଲି କହିଛନ୍ତି । ଚଳିତ ବର୍ଷର ଏହି ପାଣିପାଗ ପରିବର୍ତ୍ତନ ୧୯୫୦ ମସିହା ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରେ ବୋଲି ଜାତିସଂଘ କହିଛି । ଜାତିସଂଘର ପାଣିପାଗ ଏବଂ ଜଳବାୟୁ ସଂସ୍ଥା ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍ଓ) କହିଛି, ଏଲ୍-ନିନୋ ମାନବ ସୃଷ୍ଟ ଜଳବାୟୁ ପରିବର୍ତ୍ତନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଭାବକୁ ଆହୁରି ବଢ଼ାଇଦେବ । ପ୍ରଶାନ୍ତ ମହାସାଗରରୁ ବିପୁଳ ପରିମାଣରେ ଉତ୍ତାପ ବାହାରିବା କାରଣରୁ ପୃଥିବୀର ଏକ ବୃହତ ଅଂଶରେ ଅସ୍ୱାଭାବିକ ଗରମ ଅନୁଭୂତ ହେବ । ଆମେରିକାକୁ ବାଦ୍ ଦେଇ ସବୁଠି ତାପମାତ୍ରା ବୃଦ୍ଧି ପାଇବା ସହିତ ଏଲ୍-ନିନୋ ଶୀତଦିନେ ମଧ୍ୟ ଏହାର 'ସର୍ବୋଚ୍ଚ ଶକ୍ତି' ବଜାୟ ରଖିବ । ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଏଲ୍-ନିନୋ ଜାରି ରହିବ ବୋଲି ଡବ୍ଲ୍ୟୁଏମ୍ଓର ଆକଳନ କରିଛି । ଜଳବାୟୁ ବିଜ୍ଞାନୀ ଜେକ୍ ହାଉସଫାଦର୍ କହିଛନ୍ତି, ଚଳିତ ବର୍ଷର ଏଲ୍ ନିନୋ ଏକ ଅଜଣା ପରିସ୍ଥିତି ଆଡ଼କୁ ମାଡ଼ିଚାଲିଛି । ୨୦୨୬ ଶେଷ ମାସଗୁଡ଼ିକରେ ବିଶ୍ୱର ବୃହତ୍ ଅଂଶରେ ସମୁଦ୍ର ପୃଷ୍ଠର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ହେବାର ସମ୍ଭାବନା ଅଛି । ଚିକାଗୋ ବିଶ୍ୱବିଦ୍ୟାଳୟର କ୍ଲାଇମେଟ ଇମ୍ପାକ୍ଟ ଲାବୋରଟୋରୀର ଗବେଷକମାନେ ଗତ ମାସରେ ପୂର୍ବାନୁମାନ କରିଥିଲେ ଯେ, ଚଳିତ ବର୍ଷର ଏହି 'ସୁପର-ଏଲ ନିନୋ' କାରଣରୁ ଜୁନରୁ ଫେବୃଆରୀ ୨୦୨୬ ମଧ୍ୟରେ ବିଶ୍ୱବ୍ୟାପୀ ପ୍ରାୟ ୪,୫୧,୦୦୦ ଅତିରିକ୍ତ ମୃତ୍ୟୁ ଘଟିପାରେ ।

ଦେଶର ବିଭିନ୍ନ ସ୍ଥାନରେ ୫ଟି ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନରେ ଉପନିର୍ବାଚନ ହୋଇଥିଲା । ଆଜି ଭୋଟ ଗଣତି ଚାଲିଥିବା ବେଳେ, ଟ୍ରେଣ୍ଡ ସ୍ପଷ୍ଟ ହୋଇସାରିଛି । ତାପୂର୍ବରୁ ପଶ୍ଚିମବଙ୍ଗର ଦୁଇଟି ଆସନ ନନ୍ଦୀଗ୍ରାମ ଏବଂ ରେଜିନଗରରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡ଼ିଛି । ସେହିଭଳି ଆସାମର ଗୋଟିଏ ଲୋକସଭା ଆସନରେ ମଧ୍ୟ ଉପନିର୍ବାଚନ ହୋଇଥିଲା । ତାମିଲନାଡୁରେ ଦୁଇଟି ଆସନରେ ସିଏମ ଜୋସେଫଙ୍କ ଦଳ ଟିଭିକେ ଆଗୁଆ ରହିଛି ।

ପଶ୍ଚିମବଙ୍ଗର ୨ଟି, ତାମିଲନାଡୁର ୨, ପୁଡୁଚେରୀର ଗୋଟିଏ ବିଧାନସଭା ଆସନ ଏବଂ ଆସାମର ଗୋଟିଏ ଲୋକ ସଭା ଆସନ ସମେତ ୬ଟି ଆସନରେ ଉପନିର୍ବାଚନ ହୋଇଥିଲା । ଅକ୍ଟୋବର ୯, ଆଜି ଭୋଟ ଗଣତି ହୋଇଛି । ଭାଜପା ପଶ୍ଚିମବଙ୍ଗର ଉଭୟ ଆସନରେ ବିଜୟୀ ହୋଇଛି । ଏହା ସହିତ ଆସମାର ନଗାଓଁ ଆସନରେ ଭାଜପା

Listen to Odia Podcast Original at https://youtube.com/@drjyotiprasad

ପ୍ରାର୍ଥୀ ଆଗୁଆ ରହିଛନ୍ତି । ସେପଟେ ତାମିଲନାଡୁର ୨ଟି ବିଧାନସଭା ଆସନରେ ଟିଭିକେ ପ୍ରାର୍ଥୀ ବିଜୟୀ ହୋଇପାରନ୍ତି । ପୁଡୁଚେରୀର ଥାଟ୍ଟନଚାଭଡ଼ି ଆସନରେ ଶାସକ ଅଲଇଣ୍ଡିଆ ଏନଆର କଂଗ୍ରେସ (AINRC) ପ୍ରାର୍ଥୀ ଅଶୋକ ଆନନ୍ଦ ୮,୪୮୨ ଖଣ୍ଡ ଭୋଟରେ ବିଜୟ ହାସଲ କରିଛନ୍ତି । ସେହିଭଳି କଂଗ୍ରେସ ଏବଂ ଡିଏମକେ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛି ।

ଅକ୍ଟୋବର ୬ରେ ଏହି ୬ଟି ଆସନରେ ଭୋଟିଂ ହୋଇଥିଲା । ଏସଆଇଆରକୁ ନେଇ ଚାଲିଥିବା ପ୍ରତିବାଦ ମଧ୍ୟରେ ଏହି ନିର୍ବାଚନୀ ଫଳାଫଳ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଏବଂ ରେଜିନଗର, ତାମିଲନାଡୁର ମଦୁରାନ୍ତକମ ଏବଂ ଧାରାପୁରମ, ପୁଡୁଚେରୀର ଥାଟ୍ଟନଚାଭଡ଼ି ବିଧାନସଭା ଆସନ ଏବଂ ଆସାମର ନଗାଓଁ ଲୋକସଭା ଆସନରେ ମତଦାନ ହୋଇଥିଲା । ନେତାମାନେ ଗୋଟିଏ ଆସନ ରଖି ଅନ୍ୟଟି ଛାଡ଼ିବାରୁ ଏହି ସବୁ ଆସନ ଖାଲି ପଡ଼ିଥିଲା । ୬ ଆସନରୁ ୩ଟିରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୨ଟିରେ ଟିଭିକେ ଆଗୁଆ ରହିଛି ଗୋଟିଏରେ AINRC ପ୍ରାର୍ଥୀ ବିଜୟ ହାସଲ କରିଛନ୍ତି ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକର ଆନ୍ଦୋଳନ ଥମିବାର ନାଁ ନେଉନାହିଁ । ମଙ୍ଗଳବାର ଦିନତମାମ ଧାରଣା ପରେ ଆଜି 'ଇଣ୍ଡିଆ' ମେଣ୍ଟର ଏମପିମାନେ ଦିଲ୍ଲୀରେ ଏକାଠି ହୋଇଥିଲେ । ମଲ୍ଲିକାର୍ଜୁନ ଖାର୍ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ବିଭିନ୍ନ ଦଳର ଏମପି ଦିଲ୍ଲୀର ସାଗର ରତ୍ନା ରେଷ୍ଟୁରାଣ୍ଟରେ ଲଞ୍ଚ କରିଥିଲେ ।

ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ମାଧ୍ୟମରେ ମିଳିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବେ ଗଣତନ୍ତ୍ରକୁ ଧ୍ୱଂସ କରୁଛନ୍ତି ଏବଂ ଦେଶଦ୍ରୋହ ଭଳି ଅପରାଧ କରୁଛନ୍ତି । କୁମାର ଇସ୍ତଫା ଦେଇ ରାଜସାକ୍ଷୀ ହେବାକୁ ରାହୁଲ ଆହ୍ୱାନ ଦେଇଛନ୍ତି ।

ଲଞ୍ଚ ପରେ ରାହୁଲ ଗାନ୍ଧୀ ଜନ୍ତର-ମନ୍ତରରେ ଧାରଣା ଦେବାକୁ ଘୋଷଣା କରିଥିଲେ । ଏହାପରେ ସମସ୍ତ ବିରୋଧୀ ଏମପି ବସ୍‌ରେ ଜନ୍ତର-ମନ୍ତର ଅଭିମୁଖେ ବାହାରିଥିଲେ । ତେବେ ପୋଲିସ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ଏମପିମାନଙ୍କୁ ଜନ୍ତର-ମନ୍ତର ଯିବାକୁ ଅନୁମତି ଦେଇନଥିଲା । ରାସ୍ତା ବ୍ଲକ୍ କରାଯିବାରୁ ବିରୋଧୀ ନେତାମାନେ ରାସ୍ତା ଉପରେ ହିଁ ଧାରଣାରେ ବସିଥିଲେ । ଏହି ସମୟରେ ପ୍ରିୟଙ୍କା ଗାନ୍ଧୀ ରାସ୍ତା ଉପରେ ଶୋଇପଡ଼ି କହିଥିଲେ ଯେ, ସେ ଏଠାରୁ ହଟିବେ ନାହିଁ । ପରେ ଦିଲ୍ଲୀ ପୋଲିସ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ହେପାଜତକୁ ନେଇଥିଲା । ରାହୁଲଙ୍କୁ ପୋଲିସ ଜୋରଜବରଦସ୍ତ ବସ୍‌ରେ ବସାଇଥିବା ଅଭିଯୋଗ ହୋଇଛି ।

ରାହୁଲ ଗାନ୍ଧୀ ପୁଣିଥରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଦୋହରାଇଥିଲେ । ସେ କହିଥିଲେ, ମଙ୍ଗଳବାର ସେମାନେ ନିର୍ବାଚନ କମିଶନଙ୍କ ସହ ଦେଖା କରିବାକୁ ଚାହୁଁଥିଲେ, କିନ୍ତୁ ସେମାନଙ୍କୁ ଭେଟିବାକୁ ଦିଆଯାଇନଥିଲା । ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକାଇଥିବା ରାହୁଲ କହିଥିଲେ । ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହା ଓ ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଥିଲେ । ଏଥିସହ ସେ କହିଥିଲେ ଯେ, ଜ୍ଞାନେଶ କୁମାରଙ୍କୁ ଇସ୍ତଫା ଦେବାକୁ ପଡ଼ିବ ।

କଂଗ୍ରେସ ପକ୍ଷରୁ ବୁଧବାର ବିକ୍ଷୋଭ ବେଳେ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ଓ ସରକାରୀ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନାମରେ ଦିଲ୍ଲୀ ପୋଲିସ ଏତଲା ଦାଏର କରିଛି ।

ବିକ୍ଷୋଭରେ ସାମିଲ ହୋଇଥିବା ଅନ୍ୟ କେତେଜଣ କଂଗ୍ରେସ ନେତା ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ମୀମାନଙ୍କ ବିରୋଧରେ ମଧ୍ୟ ଏତଲା ଦାଏର ହୋଇଛି । ପୋଲିସ ଅଭିଯୋଗର ଅନୁଧ୍ୟାନ କରିବା ସହ ସେଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଭୂମିକାକୁ ଯାଞ୍ଚ କରୁଥିବା ସୂତ୍ରରୁ କୁହାଯାଇଛି । ବୁଧବାର ବିକ୍ଷୋଭ ସମୟରେ ବିଭିନ୍ନ ଦଳର ୯୧ ଜଣ ଏମ୍‌ପି ଏବଂ ନେତାଙ୍କୁ ଅଟକ ରଖାଯାଇଥିଲା । ସେମାନେ ଯନ୍ତରମନ୍ତରରେ ଧାରଣା ଦେବାକୁ ଯାଉଥିବାବେଳେ ପୋଲିସ ଅଟକାଇବାରୁ ସେମାନେ ରାସ୍ତାରେ ବିକ୍ଷୋଭ କରିଥିଲେ । ରାହୁଲ ଏବଂ ପ୍ରିୟଙ୍କା ବିକ୍ଷୋଭର ନେତୃତ୍ୱ ନେଇଥିଲେ । ପୋଲିସ ସେମାନଙ୍କୁ ଉଠାଇନେଇ ଅଟକ ରଖିଥିଲା ।

କ୍ୟାନ୍‌ସର ଚିକିତ୍ସାରେ ଭାରି ଖର୍ଚ୍ଚକୁ ନେଇ ଚିନ୍ତିତ ରୋଗୀ ଓ ସେମାନଙ୍କ ପରିବାର ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ସମସ୍ତ ନନ୍-ସେଡ୍ୟୁଲ୍ ଆଣ୍ଟି-କ୍ୟାନସର ଔଷଧ ଉପରେ ଟ୍ରେଡ୍ ମାର୍ଜିନ୍‌କୁ ସର୍ବାଧିକ ୩୦ ପ୍ରତିଶତରେ ସୀମିତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ଫଳରେ କ୍ୟାନସର ଔଷଧର ଖୁଚୁରା ମୂଲ୍ୟ (MRP)ରେ ବଡ଼ ହ୍ରାସ ହେବା ଆଶା କରାଯାଉଛି ।

ସରକାରଙ୍କ ଏହି ନିଷ୍ପତ୍ତିର ମୁଖ୍ୟ ଉଦ୍ଦେଶ୍ୟ ଔଷଧ ଉପରେ ଅତ୍ୟଧିକ ଲାଭକୁ ରୋକିବା ସହ ଜୀବନରକ୍ଷକ କ୍ୟାନସର ଔଷଧକୁ ଅଧିକ ସୁଲଭ କରିବା । ଖବର ଅନୁସାରେ, ଟ୍ରେଡ୍ ମାର୍ଜିନ୍‌ରେ ୩୦ ପ୍ରତିଶତ ସୀମା ଲାଗୁ ହେବା ପରେ କ୍ୟାନସର ଔଷଧର MRPରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇପାରେ । ଏହା ଫଳରେ ରୋଗୀଙ୍କ ଚିକିତ୍ସା ଖର୍ଚ୍ଚରେ ବଡ଼ ହ୍ରାସ ଆସିବ । ଆକଳନ ଅନୁସାରେ, ସରକାରଙ୍କ ଏହି ପଦକ୍ଷେପ ଫଳରେ ରୋଗୀମାନେ ପ୍ରତିବର୍ଷ ପ୍ରାୟ ୨,୫୦୦ କୋଟି ଟଙ୍କା ସିଧାସଳଖ ସଞ୍ଚୟ କରିପାରିବେ ।

ସରକାରଙ୍କ ଏହି ନିଷ୍ପତ୍ତିର ପରିସରରେ ସମସ୍ତ ପ୍ରକାରର ନନ୍-ସେଡ୍ୟୁଲ୍ କ୍ୟାନସର ଔଷଧକୁ ସାମିଲ କରାଯାଇଛି । ବ୍ରାଣ୍ଡେଡ୍ ହେଉ କି ଜେନେରିକ୍, ଦେଶରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉତ୍ପାଦିତ ହେଉ କି ବିଦେଶରୁ ଆମଦାନୀ ହେଉ, ପେଟେଣ୍ଟେଡ୍ କିମ୍ବା ନନ୍-ପେଟେଣ୍ଟେଡ୍ ସମସ୍ତ ନନ୍-ସେଡ୍ୟୁଲ୍ ଆଣ୍ଟି-କ୍ୟାନସର ଔଷଧ ଉପରେ ଏହି ନିୟମ ସମାନ ଭାବେ ଲାଗୁ ହେବ । ଏହା ଦ୍ୱାରା ଔଷଧର ଦାମ କମିବା ସହ ଜୀବନରକ୍ଷକ ଔଷଧର ବଜାର ଯୋଗାଣ ଉପରେ ଯେପରି କୌଣସି ପ୍ରଭାବ ନପଡ଼େ, ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ।

ସରକାରଙ୍କ ଏହି ନୂଆ ପଦକ୍ଷେପକୁ ୨୦୧୯ରେ ନିଆଯାଇଥିବା ଏକ ନିଷ୍ପତ୍ତିର ପରବର୍ତ୍ତୀ ପଦକ୍ଷେପ ବୋଲି କୁହାଯାଉଛି । ସେତେବେଳେ ୫୨୬ଟି ବ୍ରାଣ୍ଡ ଉପରେ ଏହିପରି ବ୍ୟବସ୍ଥା ଲାଗୁ କରାଯାଇଥିଲା । ସେହି ପଦକ୍ଷେପ ଫଳରେ ରୋଗୀମାନେ ବାର୍ଷିକ ପ୍ରାୟ ୯୮୪ କୋଟି ଟଙ୍କା ସଞ୍ଚୟ କରିଥିବା ଆକଳନ କରାଯାଇଥିଲା । ଏବେ ନୂଆ ନିଷ୍ପତ୍ତି ମାଧ୍ୟମରେ କ୍ୟାନସର ଚିକିତ୍ସାକୁ ଅଧିକ ସୁଲଭ ଓ ରୋଗୀକେନ୍ଦ୍ରିକ କରିବା ଦିଗରେ ସରକାର ପଦକ୍ଷେପ ନେଇଛନ୍ତି ।

୮୩ ବର୍ଷୀୟା ଜଣେ ବୃଦ୍ଧା ମହିଳାଙ୍କୁ ନିଜ ସ୍ୱର୍ଗତ ପୁଅର ସ୍ତ୍ରୀ ଅର୍ଥାତ ନିଜ ବିଧବା ବୋହୂଠାରୁ ପେନସନର ଅଂଶ ମାଗିବା ମହଙ୍ଗା ପଡ଼ିଲା । ତାଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ରାୟ ଦେଇଛନ୍ତି ଯେ, ବୋହୂକୁ ମିଳୁଥିବା ଫ୍ୟାମିଲି ପେନସନରୁ ଶାଶୂ ନିଜର ଭାଗ ଦାବି କରିପାରିବେ ନାହିଁ ।

ଏହି ମାମଲାଟି କେରଳର ଅଟେ । ଏଠାରେ ରହୁଥିବା ୮୩ ବର୍ଷୀୟା ବୃଦ୍ଧା ମହିଳା ଏସ. ଥାଙ୍କାମ୍ମା ନିଜେ କେରଳ ସରକାରଙ୍କ ମତ୍ସ୍ୟ ବିଭାଗରୁ ଅବସରପ୍ରାପ୍ତ କର୍ମଚାରୀ । ତାଙ୍କୁ ପ୍ରତି ମାସରେ ପେନସନ ମଧ୍ୟ ମିଳୁଛି । ତାଙ୍କ ସ୍ୱାମୀ ମଧ୍ୟ ଏହି ବିଭାଗରେ ବରିଷ୍ଠ ଅଧିକାରୀ ରହିସାରିଛନ୍ତି ଏବଂ ତାଙ୍କୁ ବି ପେନସନ ମିଳୁଛି । ଥାଙ୍କାମ୍ମାଙ୍କ ପୁଅ ଟି. ରାଜ କୁମାର କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ (KSEB)ରେ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ପଦବୀରେ କାର୍ଯ୍ୟରତ ଥିଲେ । ତେବେ ଚାକିରି କାଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ପୁଅର ମୃତ୍ୟୁ ପରେ ତାଙ୍କ ବିଧବା ପତ୍ନୀଙ୍କୁ ଏବେ ଫ୍ୟାମିଲି ପେନସନ ମିଳୁଛି, ଯେଉଁଥିରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛି ଅଂଶ ଥାଙ୍କାମ୍ମା ମଧ୍ୟ ନିଜ ବୋହୂଠାରୁ ମାଗିବା ଆରମ୍ଭ କରିଥିଲେ ।

ଥାଙ୍କାମ୍ମା କେବଳ ନିଜ ବୋହୂ ନୁହନ୍ତି, ବରଂ କଲେଜରେ ପଢୁଥିବା ନିଜ ନାତୁଣୀଠାରୁ ମଧ୍ୟ ପ୍ରତି ମାସରେ ୧୫,୦୦୦ ଟଙ୍କା (ଭରଣପୋଷଣ ଖର୍ଚ୍ଚ) ଦାବି କରିଥିଲେ । ଟଙ୍କା ନ ମିଳିବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଏହି ଆଶାରେ ଯେ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇ ଫ୍ୟାମିଲି ପେନସନରେ ତାଙ୍କ ଅଂଶ ସ୍ଥିର କରିବେ । କିନ୍ତୁ ଏହାର ଓଲଟା ଫଳାଫଳ ମିଳିଥିଲା ।

କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ସିନିୟର ସିଟିଜେନ୍ସ ଆକ୍ଟ (Senior Citizens Act)ରେ ଏପରି କୌଣସି ଆଇନଗତ ବ୍ୟବସ୍ଥା ନାହିଁ, ଯାହା ଅଧୀନରେ ଶାଶୂ ନିଜ ପୁଅର ବିଧବା ପତ୍ନୀଙ୍କୁ ମିଳୁଥିବା ଫ୍ୟାମିଲି ପେନସନରୁ ଅଂଶ ପାଇପାରିବେ । କୋର୍ଟ ଏହା ମଧ୍ୟ ଜାଣିବାକୁ ପାଇଲେ ଯେ ତାଙ୍କ ନାତୁଣୀ କଲେଜ ପାଠପଢ଼ା ପାଇଁ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆରୁ ଏଜୁକେସନ ଲୋନ (ଶିକ୍ଷା ଋଣ) ନେଇଛନ୍ତି । ଏପରି ସ୍ଥିତିରେ ତାଙ୍କଠାରୁ ଭରଣପୋଷଣ ଖର୍ଚ୍ଚ ନେଇ ତାଙ୍କ ଉପରେ ଆର୍ଥିକ ବୋଝ ପକାଇବା ଉଚିତ୍ ନୁହେଁ ।

ଶୁଣାଣି ସମୟରେ କୋର୍ଟଙ୍କୁ ଏହା ମଧ୍ୟ ଜଣାପଡ଼ିଥିଲା ଯେ, ପୁଅର ମୃତ୍ୟୁ ପରେ ସର୍ଭିସ ବେନିଫିଟ୍ସ (ସେବା ସୁବିଧା ବାବଦ ଅର୍ଥ) ମଧ୍ୟରୁ ଥାଙ୍କାମ୍ମାଙ୍କୁ ୧୨.୨୮ ଲକ୍ଷ ଟଙ୍କା ପୂର୍ଣ୍ଣରୁ ହିଁ ମିଳିସାରିଛି ଏବଂ ଅବଶିଷ୍ଟ ଟଙ୍କା ତାଙ୍କ ପତ୍ନୀଙ୍କୁ ମିଳିଥିଲା । କୋର୍ଟ କହିଛନ୍ତି ଯେ କେବଳ ବୟସ ଅଧିକ ହୋଇଥିବା କାରଣରୁ ବୋହୂ କିମ୍ବା ନାତୁଣୀଠାରୁ ଟଙ୍କା ମାଗିବାର ଅଧିକାର ମିଳିଯାଏ ନାହିଁ । ଏଥିପାଇଁ ଦେଖିବାକୁ ପଡ଼େ ଯେ କାହାର ଆର୍ଥିକ ସ୍ଥିତି କିପରି ଅଛି ଏବଂ ଆଇନ କ'ଣ କହୁଛି ।

ମୁଖ୍ୟ ନିର୍ବାଚନ କମିଶନର (CEC) ଜ୍ଞାନେଶ କୁମାରଙ୍କ ବିରୋଧରେ 'ଆକ୍ରମକ କକରୋଚ ଜନତା ପାର୍ଟି' (CJP) ଆସନ୍ତା ଅକ୍ଟୋବର ୧୦ରେ ଜନ୍ତର ମନ୍ତର ଅଭିମୁଖେ ଶୋଭାଯାତ୍ରା କରିବ । ଏହା ପୂର୍ବରୁ, CJPର ପ୍ରତିଷ୍ଠାତା ଅଭିଜିତ ଦୀପକେ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଞ୍ଚଲ୍ୟକର ଦାବି କରିଛନ୍ତି ।

ସୋସିଆଲ ମିଡିଆ ପ୍ଲାଟଫର୍ମ 'X'ରେ ଲେଖି ସେ କହିଛନ୍ତି, 'ଏହି ବିକ୍ଷୋଭ ପୂର୍ବରୁ ବହୁ ସଂଖ୍ୟାରେ ଲୋକଙ୍କୁ ଅଟକ ରଖାଯାଉଛି । ମୋଦି ଭାବୁଛନ୍ତି ଯେ ଲୋକଙ୍କୁ ଜେଲରେ ପୁରାଇ ସେ ବିରୋଧୀ ସ୍ୱରକୁ ଦବାଇ ଦେଇପାରିବେ । ଆପଣ ଯେତେ ଅଧିକ ଲୋକଙ୍କୁ ଅଟକ ରଖିବେ, ସେତେ ଅଧିକ ଲୋକ ସାମ୍ନାକୁ ଆସିବେ !'

ଏହି ସମୟରେ, CJP 'X' ରେ ଲେଖିଛି, 'ସରକାର ପୁଣିଥରେ ନିମ୍ନସ୍ତରୀୟ କୌଶଳ ଆପଣାଉଛନ୍ତି ! ଅକ୍ଟୋବର ୧୦ରେ ବିକ୍ଷୋଭରେ ଅଂଶଗ୍ରହଣ କରିବାରୁ ରୋକିବା ପାଇଁ ସାରା ଦେଶରେ CJP ସ୍ୱେଚ୍ଛାସେବୀମାନଙ୍କୁ ଅଟକ ରଖାଯାଉଛି । ତଥାପି, ଏହା କେବଳ ଜନଅସନ୍ତୋଷକୁ ବଢ଼ାଇବ ଏବଂ ସମର୍ଥନରେ ଆହୁରି ଅଧିକ ଲୋକଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପ୍ରବର୍ତ୍ତାଇବ ।'

ମୁମ୍ବାଇରେ CEC (ମୁଖ୍ୟ ନିର୍ବାଚନ କମିଶନର)ଙ୍କ ବିରୋଧରେ ହୋଇଥିବା ବିକ୍ଷୋଭ ପରେ, CJP ୩ ଅକ୍ଟୋବରରେ ଘୋଷଣା କରିଥିଲା ଯେ ଯଦି CEC ଜ୍ଞାନେଶ କୁମାର ଇସ୍ତଫା ନ ଦିଅନ୍ତି, ତେବେ ସାରା ଭାରତରୁ 'ଅସରପା' (କକରୋଚ) ସଦୃଶ କର୍ମୀମାନେ ୧୦ ଅକ୍ଟୋବରରେ ଦିଲ୍ଲୀର ଜନ୍ତର ମନ୍ତର ଅଭିମୁଖେ ଶୋଭାଯାତ୍ରା କରିବେ । ସେମାନେ ଘୋଷଣା କରିଥିଲେ ଯେ ଯଦି ଦିଲ୍ଲୀ ପୋଲିସ ରାସ୍ତାରେ କୌଣସି ସ୍ଥାନରେ ସେମାନଙ୍କୁ ଅଟକାଏ, ତେବେ ସେହି ସ୍ଥାନ ହିଁ ସେମାନଙ୍କ ପାଇଁ 'ଜନ୍ତର ମନ୍ତର' ପାଲଟିଯିବ । ଗଣତନ୍ତ୍ର ଓ ନିରପେକ୍ଷ ନିର୍ବାଚନର ସୁରକ୍ଷା ପାଇଁ ଲଢ଼େଇରେ ସେମାନେ ମହାତ୍ମା ଗାନ୍ଧୀଙ୍କ ଦର୍ଶାଇଥିବା ପଥ ଅନୁସରଣ କରିବେ ।

ଏହା ପରେ, CJP ନେତା ସୌରଭ ଦାସ ୭ ଅକ୍ଟୋବରରେ ସଂସଦ ମାର୍ଗ ପୋଲିସ ଷ୍ଟେଶନ ଯାଇ ଜନ୍ତର ମନ୍ତରରେ ବିକ୍ଷୋଭ ପାଇଁ ଅନୁମତି ଲୋଡ଼ିଥିଲେ । ତେବେ ଦିଲ୍ଲୀ ପୋଲିସ ଏପର୍ଯ୍ୟନ୍ତ ଅନୁମତି ପ୍ରଦାନ କରିନାହିଁ; ପୋଲିସର କହିବା କଥା ଯେ ଜନ୍ତର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ତ୍ରରରେ ବିକ୍ଷୋଭ ପାଇଁ ଅନୁମତି ୧୦ ଦିନ ପୂର୍ବରୁ ନେବା ଆବଶ୍ୟକ ।

ଆଜି CJP ବେଙ୍ଗାଲୁରୁରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି । ଅପରାହ୍ନ ୪ଟା ସମୟରେ ଫ୍ରିଡମ ପାର୍କଠାରେ CEC ଜ୍ଞାନେଶ କୁମାରଙ୍କ ବିରୋଧରେ ଏହି ବିକ୍ଷୋଭ ଅନୁଷ୍ଠିତ ହେବ ।

UPI କାରବାର ପାଇଁ ନୂତନ 'ମର୍ଚାଣ୍ଟ ଡିସକାଉଣ୍ଟ ରେଟ' (MDR) ବ୍ୟବସ୍ଥା ଲାଗୁ ହେବାର ତାରିଖ ୨୦୨୬ ମସିହା ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବାର ସମ୍ଭାବନା ରହିଛି । ବିଶେଷକରି ପର୍ବପର୍ବାଣୀ ସମୟରେ ବ୍ୟବସାୟୀ ଏବଂ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇପାରେ ।

ନୂତନ ନିୟମ ଅନୁଯାୟୀ ମଧ୍ୟ, କ୍ଷୁଦ୍ର ବ୍ୟବସାୟୀ ଏବଂ ବ୍ୟକ୍ତି-ବିଶେଷଙ୍କ ମଧ୍ୟରେ ହେଉଥିବା କାରବାର (person-to-person transactions) ପାଇଁ 'ଶୂନ୍ୟ MDR' ବ୍ୟବସ୍ଥା ବଳବତ୍ତର ରହିବ । RBI ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏକ ନାମମାତ୍ର ଶୁଳ୍କ ଡିଜିଟାଲ କାରବାରର ପରିମାଣ ଉପରେ ବିଶେଷ ପ୍ରଭାବ ପକାଇବାର ସମ୍ଭାବନା ନାହିଁ ।

'ଫାଇନାନ୍ସିଆଲ ଏକ୍ସପ୍ରେସ' ବିଭିନ୍ନ ସୂତ୍ରରୁ ମିଳିଥିବା ଖବର ଆଧାରରେ ରିପୋର୍ଟ କରିଛି ଯେ, UPI କାରବାର ଉପରେ ଲାଗୁ ହେବାକୁ ଥିବା 'ମର୍ଚାଣ୍ଟ ଡିସକାଉଣ୍ଟ ରେଟ' (MDR) ପାଇଁ ଧାର୍ଯ୍ୟ ସମୟସୀମାକୁ ବୃଦ୍ଧି କରାଯାଇପାରେ, ଯାହାଦ୍ୱାରା ବ୍ୟବସାୟୀ ଏବଂ ପେମେଣ୍ଟ ସିଷ୍ଟମଗୁଡ଼ିକୁ ପ୍ରସ୍ତୁତି ପାଇଁ ଅଧିକ ସମୟ ମିଳିପାରିବ । ତଥାପି, ଏହି ବିଷୟରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ସୂତ୍ରରୁ ଜଣାପଡ଼ିଛି ଯେ, ପୂର୍ବରୁ ଘୋଷିତ ବ୍ୟବସ୍ଥା ବା ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯିବ ନାହିଁ । ବର୍ତ୍ତମାନର ସ୍ଥିତି ଅନୁଯାୟୀ, UPI MDR ବ୍ୟବସ୍ଥା ଲାଗୁ କରିବା ପାଇଁ ସରକାରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାରିଖ ହେଉଛି ୧୫ ଅକ୍ଟୋବର, ୨୦୨୬ ।

ଏହି ସୂଚନା ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ ସରକାର UPI ବ୍ୟବସ୍ଥାକୁ ନେଇ ଆଇନଗତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଗତ ସେପ୍ଟେମ୍ବର ୨୮ ରେ, ସୁପ୍ରିମକୋର୍ଟ ବ୍ୟକ୍ତି-ରୁ-ବ୍ୟବସାୟୀ (person-to-merchant) କାରବାର ଉପରେ MDR ଲାଗୁ କରିବା ସମ୍ପର୍କିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇବାକୁ ମନା କରିଦେଇଥିଲେ । ତଥାପି, କୋର୍ଟ ଅର୍ଥ ମନ୍ତ୍ରଣାଳୟ, RBI ଏବଂ NPCI କୁ ସେମାନଙ୍କର ଜବାବ ଦାଖଲ କରିବା ପାଇଁ ଚାରି ସପ୍ତାହର ସମୟ ପ୍ରଦାନ କରିଥିଲେ ।

ବାସ୍ତବରେ, ୨,୦୦୦ ଟଙ୍କାରୁ ଅଧିକ ମୂଲ୍ୟର UPI ପେମେଣ୍ଟ ପାଇଁ ୦.୪% MDR ପ୍ରସ୍ତାବ ଦିଆଯାଇଥିବାବେଳେ, ୭୫,୦୦୦ ଟଙ୍କା ବା ତା'ଠାରୁ ଅଧିକ ପରିମାଣର ପେମେଣ୍ଟ ପାଇଁ ୩୦୦ ଟଙ୍କାର ଏକ ନିର୍ଦ୍ଦିଷ୍ଟ (flat) MDR ଲାଗୁ ହେବ । ତଥାପି, ଛୋଟ ବ୍ୟବସାୟୀ ଏବଂ ବ୍ୟକ୍ତି-ବିଶେଷଙ୍କ ମଧ୍ୟରେ ହେଉଥିବା କାରବାର (person-to-person transactions) ପାଇଁ MDR ଶୂନ୍ୟ ରହିବ । ଏହି MDR ଘୋଷଣା ହେବା ଦିନଠାରୁ ବ୍ୟବସାୟୀମାନେ ଏହାର କ୍ରମାଗତ ଭାବେ ବିରୋଧ କରିଆସୁଛନ୍ତି; ବାସ୍ତବରେ, ଏହାର ପ୍ରତିବାଦରେ ଦେଶର ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ଅକ୍ଟୋବର ୨ରେ 'No UPI Day' (UPI ବ୍ୟବହାର ନ କରିବାର ଦିନ) ମଧ୍ୟ ପାଳନ କରିଥିଲେ ।

ଭାରତର ସବୁଠାରୁ ବଡ଼ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ୟୁଜି ବିଶ୍ୱର ସବୁଠାରୁ ବଡ଼ ପରୀକ୍ଷାଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି । ଏସବିଆଇ ରିସର୍ଚ୍ଚର ଏକ ରିପୋର୍ଟ ଅନୁଯାୟୀ ଏହି ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ପ୍ରାୟ ୨୫ ଲକ୍ଷ ପ୍ରାର୍ଥୀ ଆବେଦନ କରିଥାଆନ୍ତି, ଯାହାକି ଆବେଦନ ସଂଖ୍ୟା ଦୃଷ୍ଟିରୁ ଏହାକୁ ବିଶ୍ୱର ୫ମ ବୃହତ୍ତମ ପରୀକ୍ଷାରେ ପରିଣତ କରିଛି । ବିଶ୍ୱର ବିଭିନ୍ନ ଦେଶର ପ୍ରମୁଖ ପରୀକ୍ଷାଗୁଡ଼ିକୁ ଆବେଦନ ସଂଖ୍ୟା ଆଧାରରେ ତୁଳନା କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ବିଶ୍ୱ ସ୍ତରୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ତୁଳନାରେ ଏନ୍‌ଇଇଟି ୟୁଜି ହେଉଛି ସର୍ବୋଚ୍ଚ ସ୍ଥାନ ହାସଲ୍ କରିଥିବା ଭାରତୀୟ ପରୀକ୍ଷା ଯେତେବେଳେ କି ଚାଇନାର ଜାତୀୟ କଲେଜ ପ୍ରବେଶିକା ପରୀକ୍ଷା 'ଗାଓକାଓ' ପ୍ରାୟ ୧.୨୯ କୋଟି ପଞ୍ଜୀକରଣ ସହିତ ବିଶ୍ୱ ତାଲିକାର ଶୀର୍ଷରେ ରହିଛି ।

ସଂଖ୍ୟା ଦୃଷ୍ଟିରୁ ଚାଇନାର 'ଗାଓକାଓ' ପ୍ରଥମ ସ୍ଥାନରେ ଥିବାବେଳେ ବ୍ରାଜିଲର 'ଇଏନ୍‌ଇଏମ୍' ପ୍ରାୟ ୪୮ ଲକ୍ଷ ଆବେଦନ ସହ ୨ୟ, ଚାଇନାର କେନ୍ଦ୍ରୀୟ ସିଭିଲ-ସର୍ଭିସ ପରୀକ୍ଷା 'ଗୁଓକାଓ' ପ୍ରାୟ ୩୭ ଲକ୍ଷ ଆବେଦନ ସହ ୩ୟ ଏବଂ ଚାଇନାର ଜାତୀୟ ମାଷ୍ଟର୍ସ ପ୍ରବେଶିକା ପରୀକ୍ଷା ପ୍ରାୟ ୩୪ ଲକ୍ଷ ଆବେଦନ ସହ ଚତୁର୍ଥ ସ୍ଥାନରେ ରହିଛି । ଏହାପରେ ୫ମ ସ୍ଥାନରେ ଭାରତର 'ଏନ୍‌ଇଇଟି ୟୁଜ' ରହିଛି । ଏହା ବ୍ୟତୀତ ଭାରତର ଅନ୍ୟାନ୍ୟ ପ୍ରମୁଖ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ମଧ୍ୟ ଏହି ବିଶ୍ୱ ତାଲିକାରେ ସ୍ଥାନ ପାଇଛନ୍ତି । ରିପୋର୍ଟ ଅନୁଯାୟୀ, ୟୁପିଏସସି ସିଭିଲ ସର୍ଭିସେସ ପାଇଁ ପ୍ରାୟ ୧୨ ଲକ୍ଷ, ଜେଇଇ ମେନ ଇଞ୍ଜିନିୟରିଂ ପ୍ରବେଶିକା ପାଇଁ ପ୍ରାୟ ୧୦ ଲକ୍ଷ ଏବଂ ୟୁଜିସି ନେଟ୍ ପାଇଁ ପ୍ରାୟ ୮ ଲକ୍ଷ ପ୍ରାର୍ଥୀ ଆବେଦନ କରିଥାଆନ୍ତି ।

ବଡ଼ ମାତ୍ରାରେ ପ୍ରାର୍ଥୀମାନେ ଆବେଦନ କରୁଥିବାରୁ ପରୀକ୍ଷା ପରିଚାଳନା, ପ୍ରଶ୍ନପତ୍ର ସୁରକ୍ଷା, ପରୀକ୍ଷା କେନ୍ଦ୍ର ପରିଚାଳନା ଏବଂ ଖାତା ମୂଲ୍ୟାୟନ ଭଳି ପ୍ରକ୍ରିୟାଗୁଡ଼ିକ ଅତ୍ୟନ୍ତ ଜଟିଳ ଏବଂ ବ୍ୟାପକ ପ୍ରଶାସନିକ ବ୍ୟବସ୍ଥା ଦାବି କରିଥାଏ । କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏଥିସହ ଜଡ଼ିତ ଥିବାରୁ ଏଭଳି ବୃହତ୍ ପରୀକ୍ଷାଗୁଡ଼ିକରେ କୌଣସି ବି ଛୋଟ ଭୁଲ କିମ୍ବା ପ୍ରଶାସନିକ ବିଫଳତା ବଡ଼ଧରଣର ପ୍ରଭାବ ପକାଇପାରେ ବୋଲି ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି ।

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଯଦି ଇସ୍ତଫା ନ ଦିଅନ୍ତି, କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ଅକ୍ଟୋବର ୧୦ରେ ନୂଆଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବ । ମୁକ୍ତ ଓ ନ୍ୟାୟସଙ୍ଗତ ନିର୍ବାଚନ ଚାହୁଁଥିବା ପ୍ରତ୍ୟେକ ନାଗରିକ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆନ୍ଦୋଳନରେ ଭାଗନେବାକୁ ସିଜେପି ଆହ୍ୱାନ ଦେଇଛି ।

ନିର୍ବାଚନ ପ୍ରକ୍ରିୟା ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ଅନିୟମିତତା ଅଭିଯୋଗରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଶୁକ୍ରବାର ମୁମ୍ବାଇରେ ଜେଲଭରୋ ଆନ୍ଦୋଳନ କରିଥିବାବେଳେ ୧୦ରେ ଦିଲ୍ଲୀରେ ବିକ୍ଷୋଭ କରିବାକୁ ଯାଉଛି । ଯଦି ଜ୍ଞାନେଶ ଇସ୍ତଫା ନ ଦିଅନ୍ତି, ତେବେ ଦେଶର ପ୍ରତି କୋଣରୁ ନାଗରିକ ଓ ଆନ୍ଦୋଳନକାରୀମାନେ ନୂଆଦିଲ୍ଲୀରେ ଏକତ୍ର ହେବେ ଏବଂ ଯନ୍ତରମନ୍ତରରେ ବିଶାଳ ବିକ୍ଷୋଭ କରାଯିବ ବୋଲି ସିଜେପି ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ୍ ଦୀପ୍‌କେ ଶନିବାର କହିଛନ୍ତି । ଯଦି ଦିଲ୍ଲୀ ପୋଲିସ ଅଟକାଇବାକୁ ଉଦ୍ୟମ କରେ, ତେବେ ସେମାନେ ଯେଉଁଠି ଅଟକାଇବେ, ତାହା ଆମ ପାଇଁ ଯନ୍ତରମନ୍ତର ହେବ । ଆମେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବୁ ବୋଲି ଦୀପ୍‌କେ କହିଛନ୍ତି । ଯନ୍ତରମନ୍ତର ୨.୦ ପାଇଁ ଶୁକ୍ରବାର ଦୀପ୍‌କେ ଚେତାବନୀ ଦେଇଥିଲେ ।

ପରିସ୍ଥିତି ଯେତେ ପ୍ରତିକୂଳ ହେଉନା କାହିଁକି ମନରେ ଦୃଢ଼ ଇଚ୍ଛାଶକ୍ତି ଓ ସାହସ ଥିଲେ କୌଣସି ବି ବାଧାବିଘ୍ନ ଆପଣଙ୍କୁ ଲକ୍ଷ୍ୟରେ ପହଞ୍ଚିବାରୁ ଅଟକାଇ ପାରିବନାହିଁ । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଝାଡ଼ଖଣ୍ଡରେ । ଜଣେ ବିଧବା ମହିଳା ଅଭାବ ଅସୁବିଧାକୁ ପଛରେ ପକାଇ ଶାଢ଼ି ପିନ୍ଧି ଖାଲି ପାଦରେ ହୋମଗାର୍ଡ ଦୌଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ରାମଗଡ଼ରେ ହୋମ ଗାର୍ଡ ନିଯୁକ୍ତି ପାଇଁ ଚାଲିଥିବା ଶାରୀରିକ ଦକ୍ଷତା ପରୀକ୍ଷା ମଧ୍ୟରେ ରାମଗଡ଼ର ଦୁଲ୍‌ମି ବ୍ଲକ ଅନ୍ତର୍ଗତ ସୋସୋ ଗ୍ରାମର ଜଣେ ବିଧବା କବିତା କୁମାରୀ ତାଙ୍କର ନିଷ୍ଠା ଏବଂ ସାହସ ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ପ୍ରଚଣ୍ଡ ଖରାରେ ଶାଢ଼ି ପିନ୍ଧି ଖାଲି ପାଦରେ ୧,୬୦୦ ମିଟର ଟ୍ରାଏଲ ଦୌଡ଼ିବା ପରେ କବିତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ନିର୍ଦ୍ଧାରିତ ୧୦ ମିନିଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟସୀମା ବଦଳରେ ମାତ୍ର ୬ ମିନିଟ ମଧ୍ୟରେ ଦୌଡ଼ ଶେଷ କରିଥିଲେ । ତାଙ୍କ ଦୌଡ଼ର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହା ପରେ ଏକ ସ୍ଥାନୀୟ ଦୌଡ଼ ଦଳ ତାଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲା । ଏକାଡେମୀର ସଦସ୍ୟମାନେ ମଧ୍ୟ ତାଙ୍କ ଘରକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ରିପୋର୍ଟ ଅନୁଯାୟୀ କବିତା ଜଣେ ବିଧବା । ସେ ନିଜର ଦୁଇ ପିଲା ଏବଂ ବୃଦ୍ଧ ଶାଶୁଶ୍ୱଶୂରଙ୍କ ଦେଖାଶୁଣା କରନ୍ତି । ଦୌଡ଼ିବା ପାଇଁ ଜୋତା କିମ୍ବା ଟ୍ରାକ୍‌ସୁଟ କିଣିବାକୁ ସକ୍ଷମ ନ ଥିଲେ ମଧ୍ୟ ସେ ତାଙ୍କ ସମ୍ଭବ ଅନୁସାରେ ନିଯୁକ୍ତି ପରୀକ୍ଷା ପାଇଁ ପ୍ରସ୍ତୁତି କରି ଆସୁଥିଲେ । ସେ ପ୍ରତିଦିନ ସକାଳ ୪ଟାରେ ଉଠି ଶାଢ଼ିରେ ହିଁ ଦୌଡ଼ ଅଭ୍ୟାସ କରନ୍ତି । କବିତାଙ୍କ କହିବାନୁଯାୟୀ, ସେ ତାଙ୍କ ପିଲାମାନଙ୍କ ଏକ ଭଲ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ହୋମ୍‌ଗାର୍ଡରେ ଯୋଗଦେବାକୁ ଚାହାନ୍ତି । ରାମଗଡ଼ ଜିଲାରେ ୨୮୪ଟି ହୋମ ଗାର୍ଡ ପଦବୀ ପାଇଁ ଏହି ନିଯୁକ୍ତି ଅଭିଯାନ ଚାଲିଛି । ଯେଉଁଥିରେ ୫୦% ପଦବୀ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ବିଧବା ଏବଂ ଛାଡ଼ପତ୍ର ପାଇଥିବା ମହିଳାମାନଙ୍କ ପାଇଁ ଅତିରିକ୍ତ ୫% ସଂରକ୍ଷଣ ଯୋଗାଇ ଦିଆଯାଇଛି । କବିତାଙ୍କ କାହାଣୀ ଅନ୍ୟ ଆଶାୟୀମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି ।

ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟ ରସିକ ଦୁଲାରୀ ଶରଣ (ଯିଏ ଦୀପକ ଲୋଦି ନାମରେ ମଧ୍ୟ ଜଣାଶୁଣା)ଙ୍କ ମୃତ୍ୟୁ ପରେ 'କେଳିକୁଞ୍ଜ ଆଶ୍ରମ' କ୍ରମାଗତ ଭାବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ପରିପ୍ରେକ୍ଷୀରେ, 'ଶ୍ରୀକୃଷ୍ଣ ଜନ୍ମଭୂମି ସଂଘର୍ଷ ନ୍ୟାସ'ର ସଭାପତି ଫଳାହାରୀ ମହାରାଜ ଏହି ଆଶ୍ରମକୁ ନେଇ ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ପ୍ରସିଦ୍ଧ କ୍ରିକେଟର ବିରାଟ କୋହଲି ଏବଂ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମା ଯେଉଁମାନେ ଦୀର୍ଘ ଦିନ ଧରି ପ୍ରେମାନନ୍ଦ ମହାରାଜଙ୍କୁ ଭେଟି ଆସୁଛନ୍ତି, ସେମାନଙ୍କୁ ସେଠାକୁ ଯିବା ଏବଂ ଫଳସ୍ୱରୂପ ପ୍ରେମାନନ୍ଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାରାଜଙ୍କ ଲୋକପ୍ରିୟତା ବୃଦ୍ଧି କରିବା ପାଇଁ ପାଞ୍ଚ କୋଟି ଟଙ୍କା ଦିଆଯାଇଥିଲା । ବର୍ତ୍ତମାନ ବିରାଟ କୋହଲିଙ୍କ ଟିମ ଏହି ବିଷୟରେ ଏକ ଆନୁଷ୍ଠାନିକ ବିବୃତି ଜାରି କରିଛି ।

ବିରାଟ କୋହଲିଙ୍କ ମୁଖପାତ୍ର ସ୍ପଷ୍ଟ ଭାବେ କହିଛନ୍ତି, 'ଆମେ ସ୍ପଷ୍ଟ ଭାବେ କହିବାକୁ ଚାହୁଁଛୁ ଯେ ବିରାଟ କୋହଲିଙ୍କ ବିଷୟରେ ଫଳାହାରୀ ମହାରାଜ (ଦିନେଶ ଶର୍ମା) କରିଥିବା ଦାବି ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଏବଂ ତଥ୍ୟଗତ ଭାବେ ଭୁଲ ଅଟେ । ବିରାଟ କୋହଲି କେବଳ ନିଜର ଗଭୀର ବିଶ୍ୱାସ ଏବଂ ଶ୍ରଦ୍ଧା ଯୋଗୁ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଥାନ୍ତି । ଆମେ ଏହି ଦାବିଗୁଡ଼ିକୁ ଦୃଢ଼ ଭାବେ ଖଣ୍ଡନ କରୁଛୁ ଏବଂ ଗଣମାଧ୍ୟମକୁ ଅନୁରୋଧ କରୁଛୁ ଯେ ଏଭଳି ଖବର ପ୍ରକାଶ କିମ୍ବା ପ୍ରଚାର କରିବା ପୂର୍ବରୁ ସର୍ବାଧିକ ସତର୍କତା ଅବଲମ୍ବନ କରନ୍ତୁ, ତଥ୍ୟ ଯାଞ୍ଚ କରନ୍ତୁ ଏବଂ ଦାୟିତ୍ୱପୂର୍ଣ୍ଣ ଭାବେ ରିପୋର୍ଟ କରନ୍ତୁ ।'

ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ପରଲୋକ ଘଟିଛି । ଗୁରୁବାର ୭୫ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଗୋଆର ଡୋନା ପାଉଲା ସ୍ଥିତ ବାସଭବନରେ ନାନା ପାଟେକର ଅଚେତ ଅବସ୍ଥାରେ ମିଳିଥିଲେ । ତାଙ୍କୁ ଡାକ୍ତରଖାନା ନିଆଯିବା ପରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଅନୁଯାୟୀ, ତାଙ୍କୁ ଗୁରୁତର ହୃଦଘାତ (କାର୍ଡିଆକ ଆରେଷ୍ଟ) ହୋଇଥିଲା । ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତରମାନେ ପ୍ରାୟ ୪୫ ମିନିଟ ଧରି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ, ହେଲେ ଶେଷରେ ସବୁ ଚେଷ୍ଟା ବିଫଳ ହୋଇଥିଲା । ଏହି ଖବର ଆସିବା ପରେ ବଲିଉଡରେ ଶୋକର ଛାୟା ଖେଳିଯାଇଛି ।

ଉତ୍ତରପ୍ରଦେଶର ବାରାବଙ୍କିରୁ ସାମ୍ନାକୁ ଆସିଛି ଚକିତ କରିଦେବା ଭଳି ଭିଡିଓ । ଚଳନ୍ତା ଟ୍ରେନରୁ ଡେଇଁ ଯାତ୍ରୀମାନେ ଦୌଡ଼ି ପଳାଉଥିବାର ଦୃଶ୍ୟ ଏବେ ସୋସିଆଲ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଡିଆରେ ଭାଇରାଲ୍ ହେଉଛି । ରସୌଲୀ ରେଲୱେ ଷ୍ଟେଶନରେ ଅଯୋଧ୍ୟା-ଲକ୍ଷ୍ନୌ ଟ୍ରେନରେ ଚେକିଂ ସମୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି ।

ଟିଟିଇ, ଚେକିଂ ଅଧିକାରୀ ଓ ରେଲୱେ ପୋଲିସ ଫୋର୍ସକୁ ଦେଖିବା ମାତ୍ରେ ଅନେକ ବିନା ଟିକେଟ୍ ଯାତ୍ରୀ ଭୟରେ ଚଳନ୍ତା ଟ୍ରେନରୁ ଡେଇଁ ପଳାଇଥିବା ଅଭିଯୋଗ ହୋଇଛି । ଟ୍ରେନରେ ଥିବା ଅନ୍ୟ ଯାତ୍ରୀମାନେ ଏହି ଦୃଶ୍ୟକୁ ମୋବାଇଲ୍ କ୍ୟାମେରାରେ ରେକର୍ଡ କରିଥିଲେ । ଚେକିଂରୁ ବଞ୍ଚିବା ପାଇଁ କିଛି ଯାତ୍ରୀ ଟ୍ରେନର ଟଏଲେଟ୍ ଭିତରେ ଲୁଚିଥିବା ବେଳେ ଅନ୍ୟ କିଛି ଯାତ୍ରୀ ଜୀବନକୁ ବାଜି ଲଗାଇ ଚଳନ୍ତା ଟ୍ରେନରୁ ଡେଇଁଥିବା ଭିଡିଓରେ ଦେଖାଯାଉଛି । କେତେକ ଯାତ୍ରୀ ଡେଇଁବା ସମୟରେ ତଳେ ପଡ଼ିଯାଇଥିବା ମଧ୍ୟ ଦେଖାଯାଇଛି ।

ରସୌଲୀ ଷ୍ଟେଶନରେ ରେଲୱେ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଚେକିଂ ଅଭିଯାନରେ ମୋଟ ୩୭୧ ଜଣ ବିନା ଟିକେଟ୍ ଯାତ୍ରୀ ଧରାପଡ଼ିଥିବା ଜଣାପଡ଼ିଛି । ପରେ ସମସ୍ତଙ୍କୁ ଲକ୍ଷ୍ନୌ ନିଆଯାଇଥିଲା । ଟ୍ରେନରେ ହଠାତ୍ ଚେକିଂ ଆରମ୍ଭ ହେବା ପରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଓ ଦୌଡ଼ାଦୌଡ଼ି ଦେଖାଦେଇଥିଲା । ଭାଇରାଲ୍ ଭିଡିଓରେ କିଛି ଯାତ୍ରୀ ପ୍ଲାଟଫର୍ମ ଆଡ଼କୁ ଡେଇଁଥିବା ବେଳେ ଆଉ କିଛି ଯାତ୍ରୀ ରେଳ ଧାରଣା ଆଡ଼କୁ ଚଳନ୍ତା ଟ୍ରେନରୁ ଡେଇଁଥିବା ଦେଖାଯାଇଛି । ଏହି ଘଟଣା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି ।

ଏହା ପୂର୍ବରୁ ଉତ୍ତରପ୍ରଦେଶର ମଥୁରାରେ ଜଣେ GRP ହେଡ୍ କନଷ୍ଟେବଳ ଚଳନ୍ତା ଟ୍ରେନରୁ ଘୋଷଡ଼ି ହେଉଥିବା ଜଣେ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିଲେ । ଟ୍ରେନରେ ଚଢ଼ିବା ସମୟରେ ଯାତ୍ରୀଙ୍କ ଗୋଡ଼ ଖସିଯିବାରୁ ସେ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଘୋଷଡ଼ି ହୋଇଯାଇଥିଲେ । ଡ୍ୟୁଟିରେ ଥିବା GRP ହେଡ୍ କନଷ୍ଟେବଳ ତୁରନ୍ତ ଦୌଡ଼ି ଯାଇ ତାଙ୍କ ଜୀବନ ବଞ୍ଚାଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବର୍ତ୍ତମାନ ସମଗ୍ର ବିଶ୍ୱରେ ଫ୍ଲାଏଦୁବାଇ ବିମାନ ଅପହରଣ ଘଟଣାର ହିରୋ ସ୍ଟିଭ୍ ମଚ୍ଛାରଙ୍କୁ ତାଙ୍କ ଅପୂର୍ବ ସାହସିକତା ପାଇଁ ପ୍ରଶଂସା କରାଯାଉଛି । ତେବେ ଏହି ଘଟଣା, ୪ ଦଶନ୍ଧି ପୂର୍ବର ସେହି ଘଟଣା ବିଷୟରେ ମନେ ପକାଇ ଦେଉଛି ଯେଉଁଠାରେ ଅପହୃତ ହୋଇଯାଇଥିବା ଏକ ବିମାନରେ ଯାତ୍ରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ନିଜ ଜୀବନକୁ ବାଜିରେ ଲଗାଇଦେଇଥିଲେ ନୀରଜା । ୧୯୮୬ ସେପ୍ଟେମ୍ବର ୫ ତାରିଖରେ ମୁମ୍ବାଇରୁ ଫ୍ରାଙ୍କଫର୍ଟ ଦେଇ ନ୍ୟୁୟର୍କ ଯାଉଥିବା ପାନ ଆମ୍ ଫ୍ଲାଇଟ ୭୩ କରାଚୀରେ ଅବତରଣ କରିଥିଲା । ଆବୁ ନିଦାଲ ସଂଗଠନର ୪ଜଣ ସଶସ୍ତ୍ର ସଦସ୍ୟ ବିମାନ ମଧ୍ୟକୁ ପଶି ଏହାର ନିୟନ୍ତ୍ରଣ ନିଜ ହାତକୁ ନେଇଥିଲେ । ନୀରଜା ଘଟଣା ସମ୍ପର୍କରେ ଜାଣିପାରି କକ୍‌ପିଟ କର୍ମଚାରୀମାନଙ୍କୁ ସତର୍କ କରିଦେଇଥିଲେ, ଫଳରେ ପାଇଲଟ୍‌ମାନେ ପଳାଇବାରେ ସକ୍ଷମ ହୋଇଥିଲେ ଏବଂ ଆତଙ୍କବାଦୀମାନଙ୍କୁ ବିମାନଟିକୁ ଉଡ଼ାଇ ନେବାରୁ ରୋକିପାରିଥିଲେ । ଯେତେବେଳେ ଆତଙ୍କବାଦୀ କର୍ମଚାରୀଙ୍କୁ ଯାତ୍ରୀମାନଙ୍କର ପାସ୍‌ପୋର୍ଟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ସେତେବେଳେ ନୀରଜା ଏବଂ ଅନ୍ୟ କର୍ମଚାରୀମାନେ ଆମେରିକୀୟ ଯାତ୍ରୀମାନଙ୍କର ପାସ୍‌ପୋର୍ଟ ଗୁଡ଼ିକୁ ଲୁଚାଇ ଦେଇଥିଲେ । ଆତଙ୍କବାଦୀମାନେ ଯାତ୍ରୀଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ । ୧୭ ଘଣ୍ଟା ଧରି ଚାଲିଥିବା ଏହି ଅବରୋଧ ମଧ୍ୟରେ ନୀରଜା ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ଖୋଲି ଯାତ୍ରୀମାନଙ୍କୁ ଖସିଯିବାରେ ସାହାଯ୍ୟ କରିଥିଲେ । ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ମଧ୍ୟରେ ଶେଷରେ ଆତଙ୍କବାଦୀଙ୍କ ଗୁଳିରେ ସେ ପ୍ରାଣ ହରାଇଥିଲେ । ଏହି ଆକ୍ରମଣରେ ୩୫୦ରୁ ଅଧିକ ଯାତ୍ରୀ ବଞ୍ଚିଯାଇଥିବାବେଳେ ପ୍ରାୟ ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା ।

ଫ୍ଲାଏ-ଦୁବାଇ (Flydubai) ବିମାନ ଘଟଣା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ପାଇଲଟ କ୍ୟାପଟେନ ସ୍ଟିଭ୍ ମଚ୍ଛାରଙ୍କ ସହ ଫୋନରେ କଥା ହୋଇଥିଲେ । ଶୁକ୍ରବାର (ଅକ୍ଟୋବର ୨) ହୋଇଥିବା ଏହି ବାର୍ତ୍ତାଳାପ ସମୟରେ, ସେ ସ୍ଟିଭ୍‌ଙ୍କ ସାହସର

Listen to Odia Podcast Original at https://youtube.com/@drjyotiprasad

ପ୍ରଶଂସା କରିଥିଲେ ଏବଂ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଥିଲେ । କ୍ୟାପଟେନ ସ୍ମିତ୍ ନିଜର ଅନୁଭୂତି ବିଷୟରେ ବିସ୍ତୃତ ଭାବେ ଜଣାଇଥିଲେ ଏବଂ ସେହି ପରିସ୍ଥିତିର ମୁକାବିଲା କରିବା ପାଇଁ ତାଙ୍କୁ କେଉଁଥିରୁ ସାହସ ମିଳିଥିଲା, ସେ ବିଷୟରେ କହିଥିଲେ। ଏହି ବାର୍ତ୍ତାଳାପର ଏକ ସ୍ୱତନ୍ତ୍ର ଭିଡିଓ ସାମ୍ନାକୁ ଆସିଛି ।

ପ୍ରଧାନମନ୍ତ୍ରୀ ମୋଦି ସାହସୀ କ୍ୟାପଟେନ ସ୍ମିତ୍ ମଚ୍ଛାରଙ୍କ ସହ କଥା ହୋଇଥିଲେ । ସେ କହିଥିଲେ, 'ସମଗ୍ର ଦେଶ ଆପଣଙ୍କ ପାଇଁ ପ୍ରାର୍ଥନା କରୁଛି । ଆପଣଙ୍କ ସୁସ୍ଥତା ଓ ମଙ୍ଗଳ କାମନା ପାଇଁ 'ମହାମୃତ୍ୟୁଞ୍ଜୟ ମନ୍ତ୍ର' ଜପ କରାଯାଉଛି । ଆପଣଙ୍କ ସାହସ, ଉପସ୍ଥିତ ବୁଦ୍ଧି ଏବଂ ସ୍ଥିରତା ଅନେକ ଜୀବନ ବଞ୍ଚାଇ ପାରିଛି । ଦେଶ ଗର୍ବର ସହ କହିପାରିବ ଯେ ଆମ ଭାରତୀୟମାନେ ଜୀବନ ନେଉଥିବା ଲୋକ ନୁହଁନ୍ତି, ବରଂ ଜୀବନ ବଞ୍ଚାଉଥିବା ଲୋକ ଅଟୁ । ମୋ ହୃଦୟରେ ଅତ୍ୟନ୍ତ ଗର୍ବ ଅନୁଭବ ହେଉଛି ।'

ପାଇଲଟ ମଚ୍ଛାରଙ୍କ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦି କହିଲେ, 'ଆପଣଙ୍କ ତୁରନ୍ତ ନିଷ୍ପତ୍ତି ନେବାର କ୍ଷମତା ଅନେକ ଜୀବନ ବଞ୍ଚାଇ ପାରିଛି । ଆମେ ଭାରତୀୟମାନେ ସମଗ୍ର ବିଶ୍ୱକୁ ଗର୍ବର ସହ କହିପାରିବା ଯେ ଆମେ ଜୀବନ ନେଉନାହୁଁ, ବରଂ ଜୀବନ ବଞ୍ଚାଇଥାଉ । ଆପଣ ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଥିଲେ ମଧ୍ୟ ନିଜ ଜୀବନର ଖାତିର ନକରି ସମସ୍ତଙ୍କୁ ସୁରକ୍ଷିତ ରଖିଥିଲେ । ଆପଣ ୧୪୦ କୋଟି ଦେଶବାସୀଙ୍କ ପାଇଁ ଗୌରବ ଆଣିଛନ୍ତି ।'

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି । ମୋଦିଙ୍କୁ ବିଶ୍ୱର ସେହି ନେତାମାନଙ୍କ ମଧ୍ୟରେ ପୁଟିନ୍ ସାମିଲ କରିଛନ୍ତି, ଯାହାଙ୍କ ସହ ରୁଷିଆର ଭଲ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଏହାସହ ୟୁକ୍ରେନ୍ ସଂଘର୍ଷର ଶେଷ ପାଇଁ ମୋଦି ଲଗାତାର ପ୍ରଶ୍ନ ଉଠାଉଥିବା ପୁଟିନ୍ କହିଛନ୍ତି ।

ପୁଟିନ୍ କହିଛନ୍ତି ଯେ, ମୋଦିଙ୍କ ସହ ରୁଷିଆର ଭଲ ଓ ବ୍ୟକ୍ତିଗତ ବନ୍ଧୁତ୍ୱପୂର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କ ରହିଥିଲେ ମଧ୍ୟ ସେ ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷକୁ ଶେଷ କରିବା ପ୍ରସଙ୍ଗ ଲଗାତାର ଉଠାଇଥାନ୍ତି । ଉଭୟ ପକ୍ଷ ଗ୍ରହଣ କରିପାରିବା ଭଳି ସମାଧାନ ଖୋଜିବାରେ ମୋଦିଙ୍କ ଗଭୀର ଆଗ୍ରହ ରହିଛି ବୋଲି ପୁଟିନ୍ କହିଛନ୍ତି । ମୋଦି ଏହି ପ୍ରସଙ୍ଗରେ ଏକ ନିରପେକ୍ଷ ଆଭିମୁଖ୍ୟ ରଖୁଛନ୍ତି । ଏଥିସହ ଯୁଦ୍ଧର ଶେଷ ଚାହୁଁଛନ୍ତି । ଶାନ୍ତିପୂର୍ଣ୍ଣ ଉପାୟରେ ଏବଂ ଯଥାଶୀଘ୍ର ସଂଘର୍ଷ ଶେଷ କରିବା ପାଇଁ ମୋଦିଙ୍କ ଇଚ୍ଛାକୁ ରୁଷିଆ ସମ୍ମାନ କରୁଥିବା ପୁଟିନ୍ କହିଛନ୍ତି ।

ଏହି ଅବସରରେ ପୁଟିନ୍ ପୁଣିଥରେ କହିଛନ୍ତି ଯେ, ରୁଷିଆ ୟୁରୋପୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବାର ଯୋଜନା ରଖିନାହିଁ । ତେବେ ଯଦି ରୁଷିଆ ଉପରେ ସିଧାସଳଖ ଆକ୍ରମଣ ହୁଏ, ତେବେ ଏହାର ଜବାବ ଦେବା ପାଇଁ ରୁଷିଆ ପାଖରେ ଥିବା ସମସ୍ତ ଅସ୍ତ୍ର ବ୍ୟବହାର କରାଯାଇପାରେ ବୋଲି ସେ କହିଛନ୍ତି । ବିଶେଷକରି କାଲିନିନଗ୍ରାଡ୍ କିମ୍ବା ରୁଷିଆର ଅନ୍ୟ କୌଣସି ଅଞ୍ଚଳକୁ ଟାର୍ଗେଟ୍ କରି ସିଧାସଳଖ ଆକ୍ରମଣ କରାଗଲେ, ରୁଷିଆର ସମସ୍ତ ଅସ୍ତ୍ର ବ୍ୟବହାରର ପ୍ରଶ୍ନ ତୁରନ୍ତ ଏଜେଣ୍ଡାକୁ ଆସିବ ବୋଲି ପୁଟିନ୍ ସ୍ପଷ୍ଟ କରିଛନ୍ତି । ଏହା ଧମକ ନୁହେଁ, ବରଂ ରୁଷିଆକୁ ଧମକ ଦିଆଗଲେ ତାହାର ପ୍ରତିକ୍ରିୟା ବୋଲି ସେ କହିଛନ୍ତି ।

ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ହାଇଞ୍ଜେ ଓ ଏକ୍ସପ୍ରେସେଜ୍‌ରେ ଯାତ୍ରା କରୁଛନ୍ତି । ଏଥିପାଇଁ ସେମାନଙ୍କୁ ଟୋଲ ଦେବାକୁ ପଡ଼ିଥାଏ । ଟୋଲ ବ୍ୟବସ୍ଥାକୁ ନେଇ ସରକାର ସମୟ ସମୟରେ ବିଭିନ୍ନ ନିୟମରେ ପରିବର୍ତ୍ତନ କରୁଛନ୍ତି । ଏହି କ୍ରମରେ ଦିବ୍ୟାଙ୍ଗଜନଙ୍କ ପାଇଁ ଜାରି ହେଉଥିବା ଟୋଲ ଛାଡ଼ ଫାଷ୍ଟଟ୍ୟାଗ ନିୟମରେ ବଡ଼ ପରିବର୍ତ୍ତନ କରିଛି କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ । ନୂଆ ସଂଶୋଧିତ ନିୟମ ଆଜିଠାରୁ ଲାଗୁ ହୋଇଛି ।

ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଦିବ୍ୟାଙ୍ଗଜନଙ୍କ ପାଇଁ ଟୋଲ ପ୍ଲାଜା ଦେଇ ଯିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରକ୍ରିୟାକୁ ଅଧିକ ସହଜ ଓ ଝଞ୍ଜଟମୁକ୍ତ କରିବା । ପୂର୍ବରୁ ଦିବ୍ୟାଙ୍ଗଜନଙ୍କ ପାଇଁ ଜାରି ହେଉଥିବା ଟୋଲ ମୁକ୍ତ ଫାଷ୍ଟଟ୍ୟାଗ ପ୍ରତିବର୍ଷ ନବୀକରଣ କରିବାକୁ ପଡୁଥିଲା । ଏଣିକି ଏହି ପ୍ରକ୍ରିୟାରୁ ଲାଭାର୍ଥୀଙ୍କୁ ବାରମ୍ବାର ମୁକ୍ତି ମିଳିବ । ମନ୍ତ୍ରଣାଳୟର ନୂଆ ନିର୍ଦ୍ଦେଶାବଳୀ ଅନୁସାରେ, ଏଣିକି ଦିବ୍ୟାଙ୍ଗଜନଙ୍କ ଫାଷ୍ଟ୍ୟାଗ୍ର ବୈଧତା ଦିବ୍ୟାଙ୍ଗତାର ପ୍ରତିଶତ ଆଧାରରେ ନିର୍ଦ୍ଧାରିତ ହେବ ।

୭୦%ରୁ ୧୦୦% ଦିବ୍ୟାଙ୍ଗତା: ଏହି ବର୍ଗର ଯୋଗ୍ୟ ବ୍ୟକ୍ତିଙ୍କୁ ମିଳୁଥିବା ଛାଡ଼ ଫାଷ୍ଟଟ୍ୟାଗ ବୈଧତା ୫ ବର୍ଷ ରହିବ ।

୪୦%ରୁ ଅଧିକ କିନ୍ତୁ ୭୦%ରୁ କମ ଦିବ୍ୟାଙ୍ଗତା: ଏହି ବର୍ଗର ଯୋଗ୍ୟ ବ୍ୟକ୍ତିଙ୍କ ଫାଷ୍ଟଟ୍ୟାଗ ବୈଧତା ୩ ବର୍ଷ ରହିବ ।

ପୁରୁଣା ନିୟମ ଅନୁସାରେ ଦିବ୍ୟାଙ୍ଗଜନଙ୍କୁ ନିଜର ଛାଡ଼ ଫାଷ୍ଟଟ୍ୟାଗ ଜାରି ରଖିବା ପାଇଁ ପ୍ରତିବର୍ଷ ନୂଆ ଆବେଦନ କରିବାକୁ ପଡୁଥିଲା । ଏହା ଯୋଗୁ ଅନେକ କାଗଜପତ୍ର କାମ ସହ ସମୟ ମଧ୍ୟ ନଷ୍ଟ ହେଉଥିଲା ।

ନୂଆ ନିୟମ ଅନୁସାରେ ୩ କିମ୍ବା ୫ ବର୍ଷର ଦୀର୍ଘ ବୈଧତା ମିଳିବା ଫଳରେ ପ୍ରତିବର୍ଷ ନବୀକରଣ କରିବାର ଆବଶ୍ୟକତା ରହିବ ନାହିଁ । ବୈଧତା ସମୟ ସରିବା ପରେ ଆବଶ୍ୟକ ଦସ୍ତାବିଜ ସହ ଅନଲାଇନ କିମ୍ବା ଅଫଲାଇନରେ ନବୀକରଣ ପାଇଁ ଆବେଦନ କରିବାକୁ ପଡ଼ିବ ।

ସଡ଼କ ପରିବହନ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ଦିବ୍ୟାଙ୍ଗତା ପ୍ରମାଣପତ୍ର ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଏହି ଛାଡ଼ ଫାଷ୍ଟଟ୍ୟାଗ ମିଳିବ । ଏହା ସହିତ ଗାଡ଼ିଟି ଦିବ୍ୟାଙ୍ଗଜନଙ୍କ ନାମରେ ପଞ୍ଜୀକୃତ ହୋଇଥିବା କିମ୍ବା ତାଙ୍କ ବ୍ୟବହାର ପାଇଁ ସ୍ୱତନ୍ତ୍ର ଭାବେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ।

ଟୋଲ ଛାଡ଼ର ସୁବିଧା କେବଳ ସେହି ଗାଡ଼ିକୁ ମିଳିବ, ଯେଉଁଥିରେ ଏହି ସ୍ୱତନ୍ତ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫାଷ୍ଟଟ୍ୟାଗ ଲାଗିଥିବ । କୌଣସି ଅଯୋଗ୍ୟ ବ୍ୟକ୍ତି ଏହାର ଦୁରୁପଯୋଗ କରୁଥିବା ଧରାପଡ଼ିଲେ, ଫାଷ୍ଟଟ୍ୟାଗ ତୁରନ୍ତ ବ୍ଲାକ୍ଲିଷ୍ଟ କରାଯାଇପାରେ ।

ଗାଡ଼ି ଚଳାଉଛନ୍ତି କି ? ତେବେ ଆପଣଙ୍କ ପାଇଁ ଆସିଛି ଗୁରୁତ୍ୱପୂର୍ଣ୍ଣ ଖବର । ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଇ-ଚାଲାଣ କଟିବା ପରେ ଦୀର୍ଘଦିନ ଧରି ଜରିମାନା ନ ଭରିଲେ ଏହାକୁ ଆଦାୟ କରିବା ପାଇଁ କଠୋର ପଦକ୍ଷେପ ନେଇ ବିଚାର କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । କଣ ଜାଣନ୍ତୁ...

ବକେୟା ଟ୍ରାଫିକ୍ ଚାଲାଣ ଆଦାୟ ପାଇଁ ଏହାକୁ ବିଜୁଳି ବିଲ୍ ସହ ଯୋଡ଼ିବାର ସମ୍ଭାବନା ନେଇ କୋର୍ଟ ମତ ରଖିଛନ୍ତି । ଅର୍ଥାତ୍, ଜରିମାନା ନ ଦେଲେ ଅନ୍ୟ ସରକାରୀ ବକେୟା ସହ ଏହାକୁ ଯୋଡ଼ି ଆଦାୟ କରିବାର ଉପାୟ ଖୋଜିବାକୁ କୁହାଯାଇଛି । ଏହା ସହିତ ଦୀର୍ଘଦିନ ଧରି ଇ-ଚାଲାଣ ବକେୟା ରଖୁଥିବା ଗାଡ଼ି ମାଲିକଙ୍କ ଉପରେ ପରିବହନ ସମ୍ବନ୍ଧୀୟ ସେବାରେ କଟକଣା ଲଗାଇବା ନେଇ ମଧ୍ୟ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । ଆର୍‌ସି ନବୀକରଣ, ଡୁପ୍ଲିକେଟ୍ ଆର୍‌ସି ଏବଂ ମାଲିକାନା ପରିବର୍ତ୍ତନ ଭଳି କାର୍ଯ୍ୟକୁ ବକେୟା ଚାଲାଣ ପରିଶୋଧ ହେବା ପର୍ଯ୍ୟନ୍ତ ରୋକିବା ନେଇ ପ୍ରସ୍ତାବ ରହିଛି ।

ସେହିପରି ବକେୟା ଚାଲାଣ ଥିବା ଗାଡ଼ିକୁ ପରିବହନ ପୋର୍ଟାଲରେ ବ୍ଲାକଲିଷ୍ଟ କରିବା ଏବଂ ଗାଡ଼ିର ମାଲିକାନା ହସ୍ତାନ୍ତର ଉପରେ ରୋକ ଲଗାଇବା ନେଇ ମଧ୍ୟ ପରାମର୍ଶ ଦିଆଯାଇଛି । ଏହାଦ୍ୱାରା ଗାଡ଼ି ସମ୍ପର୍କିତ ବିଭିନ୍ନ ସେବା ନେବା ପୂର୍ବରୁ ବକେୟା ଜରିମାନା ପରିଶୋଧ କରିବାକୁ ପଡ଼ିପାରେ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମିଳୁଥିବା PUC ସାର୍ଟିଫିକେଟ୍‌କୁ ମଧ୍ୟ ବକେୟା ଚାଲାଣ ସହ ଯୋଡ଼ିବା ନେଇ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । ଅର୍ଥାତ୍, ଜରିମାନା ପରିଶୋଧ ନକରିଲେ ଗାଡ଼ି ସମ୍ପର୍କିତ ଅନ୍ୟାନ୍ୟ ସେବା ମିଳିବାରେ ସମସ୍ୟା ହୋଇପାରେ ବୋଲି ଏହି ପ୍ରସ୍ତାବରୁ ସଙ୍କେତ ମିଳୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେବେ ବିଜୁଳି କାଟିବା କିମ୍ବା ଗାଡ଼ି ଜବତ କରିବା ଭଳି ବ୍ୟବସ୍ଥାକୁ ସୁପ୍ରିମକୋର୍ଟଙ୍କ ଏକ ଚୂଡ଼ାନ୍ତ ନିୟମ ଭାବେ ବୁଝିବା ଉଚିତ୍ ନୁହେଁ । ଏଗୁଡ଼ିକ ବକେୟା ଟ୍ରାଫିକ୍ ଜରିମାନା ଆଦାୟ ପାଇଁ କୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ ଓ ବିଚାରଯୋଗ୍ୟ ପଦକ୍ଷେପ । ଆଗାମୀ ଦିନରେ ଏନେଇ ସରକାରୀ ନିଷ୍ପତ୍ତି କିମ୍ବା ନିର୍ଦ୍ଦିଷ୍ଟ ନିୟମ ଆସିଲେ ହିଁ ଏହାର ପ୍ରକୃତ ପ୍ରଭାବ ସ୍ପଷ୍ଟ ହେବ ।

ଜମ୍ମୁ-କଶ୍ମୀରର ବଡଗାମ ଜିଲାରେ ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି । ୟୁସମର୍ଗ ଅଞ୍ଚଳରେ ଚାଲିଥିବା ତଲାସୀ ଅଭିଯାନ ବେଳେ ପାକିସ୍ତାନ ଭିତ୍ତିକ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଏବା (LeT)ର ଆତଙ୍କୀ ମହମ୍ମଦ ଆସିଫ ଓରଫ ହାଶିମ ମୂସା ନିହତ ହୋଇଛି । ତଲାସୀ ବେଳେ ସୁରକ୍ଷାବାହିନୀ ତା'ର ମୃତଦେହ ସହ ଯୁଦ୍ଧ ସାମଗ୍ରୀ ଜବତ କରିଛି ।

ଶ୍ରୀନଗରସ୍ଥିତ ଚିନାର କର୍ପସ ପକ୍ଷରୁ ହାଶିମ ମୂସା ନିହତ ହୋଇଥିବା ନେଇ ସୂଚନା ଦିଆଯାଇଛି । ଚିନାର କର୍ପସ ଅନୁସାରେ, ବୁଧବାର ସକାଳେ ପାଲମେଦାନ ଅଞ୍ଚଳରେ ସୁରକ୍ଷାବାହିନୀ ପକ୍ଷରୁ ତଲାସୀ ଅଭିଯାନ ଚାଲିଥିଲା । ଏହି ସମୟରେ ହାଶିମ ମୂସାର ମୃତଦେହ ଯୁଦ୍ଧ ସାମଗ୍ରୀ ସହ ଉଦ୍ଧାର କରାଯାଇଥିଲା ।

ବିଶେଷ ଗୋଇନ୍ଦା ସୂଚନା ଆଧାରରେ ସେନା ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ୟୁସମର୍ଗ ଅଞ୍ଚଳରେ 'ଅପରେସନ କୋରାଗ' ଆରମ୍ଭ କରିଥିଲେ । ତଲାସୀ ବେଳେ ଯବାନମାନେ ଅଞ୍ଚଳରେ ସନ୍ଦେହଜନକ ଗତିବିଧି ଦେଖିଥିଲେ । ସୁରକ୍ଷାବାହିନୀ ସନ୍ଦିଗ୍ଧମାନଙ୍କୁ ଚ୍ୟାଲେଞ୍ଜ କରିବା ପରେ ଆତଙ୍କୀମାନେ ଗୁଳିଚାଳନା ଆରମ୍ଭ କରିଥିଲେ । ଏହାପରେ ସୁରକ୍ଷାବାହିନୀ ଓ ଆତଙ୍କୀଙ୍କ ମଧ୍ୟରେ ଭୀଷଣ ଗୁଳିବିନିମୟ ହୋଇଥିଲା । ଏନକାଉଣ୍ଟରରେ ଲସ୍କର ଆତଙ୍କୀ ହାଶିମ ମୂସା ନିହତ ହୋଇଥିଲା ।

ହାଶିମ ମୂସାକୁ ୨୦୨୫ରେ ହୋଇଥିବା ପହଲଗାମ ଆତଙ୍କୀ ଆକ୍ରମଣର ପ୍ରମୁଖ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ଦିଗ୍ଧଙ୍କ ମଧ୍ୟରେ ସାମିଲ କରାଯାଇଥିଲା । ପହଲଗାମରେ ହୋଇଥିବା ଏହି ଆତଙ୍କୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା ।

ସୁରକ୍ଷାବାହିନୀ ପକ୍ଷରୁ ଅଞ୍ଚଳରେ ତଲାସୀ ଅଭିଯାନ ଏବେ ମଧ୍ୟ ଜାରି ରହିଛି । ଆଖପାଖ ଅଞ୍ଚଳରେ ଅନ୍ୟ କୌଣସି ଆତଙ୍କୀ ଲୁଚି ରହିଛି କି ନାହିଁ, ସେନେଇ ଯାଞ୍ଚ କରାଯାଉଛି । ଏହା ସହିତ ଅଧିକ ଅସ୍ତ୍ରଶସ୍ତ୍ର କିମ୍ବା ଅନ୍ୟ ଯୁଦ୍ଧ ସାମଗ୍ରୀ ମିଳିବା ଆଶଙ୍କାରେ ମଧ୍ୟ ତଲାସୀ ଚାଲିଛି ।

ଉତ୍ତରପ୍ରଦେଶର ଗ୍ରେଟର ନୋଏଡାର ବିସରଖ ଥାନା ଅଞ୍ଚଳରେ ଜଣେ ୨୫ ବର୍ଷୀୟ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି । ମୃତକଙ୍କ ପରିଚୟ ଅଜୟ ସିଂ ବୋଲି ଜଣାପଡ଼ିଛି । ସେ ମୂଳତଃ କାନପୁର ଦେହାତ ଅଞ୍ଚଳର ବାସିନ୍ଦା ଥିବା ବେଳେ ଗ୍ରେଟର ନୋଏଡାରେ ଭଡ଼ାରେ ରହି ଅନଲାଇନ୍ ଡେଲିଭରି କାମ କରୁଥିଲେ ।

ଆତ୍ମହତ୍ୟା ପୂର୍ବରୁ ଅଜୟ ଏକ ଭିଡିଓ ରେକର୍ଡ କରିଥିବା ଜଣାପଡ଼ିଛି । ଭିଡିଓରେ ସେ ପତ୍ନୀଙ୍କ ବିରୋଧରେ ମାନସିକ ନିର୍ଯାତନା ଓ ବିବାଦ ସମ୍ପର୍କରେ ଅଭିଯୋଗ କରିଛନ୍ତି । ନିଜ ମୃତ୍ୟୁ ପାଇଁ ସେ ପତ୍ନୀଙ୍କୁ ଦାୟୀ କରିଥିବା ମଧ୍ୟ ଭିଡିଓରୁ ଜଣାପଡ଼ିଛି । ସୂଚନା ଅନୁସାରେ, ଅଜୟଙ୍କ ବିବାହ ପ୍ରାୟ ଏକ ବର୍ଷ ପୂର୍ବରୁ ହୋଇଥିଲା । ଉଭୟେ ପ୍ରେମ ବିବାହ କରିଥିବା କୁହାଯାଉଛି । ବିବାହ ପରେ ଦୁହେଁ ଗ୍ରେଟର ନୋଏଡାରେ ଭଡ଼ା ଘରେ ରହୁଥିଲେ ।

ପୋଲିସର ସୂଚନା ଅନୁସାରେ, ଘଟଣାର ପ୍ରାୟ ଏକ ସପ୍ତାହ ପୂର୍ବରୁ ଅଜୟଙ୍କ ପତ୍ନୀ ନିଜ ବାପଘର ଉନ୍ନାଓକୁ ଯାଇଥିଲେ । ଏହାପରେ ଅଜୟ ଘରେ ଏକୁଟିଆ ରହୁଥିଲେ । ଏହି ସମୟରେ ସେ ଚରମ ପଦକ୍ଷେପ ନେଇଥିଲେ । ଆତ୍ମହତ୍ୟା ପୂର୍ବରୁ ରେକର୍ଡ କରିଥିବା ଭିଡିଓରେ ଅଜୟ ପତ୍ନୀଙ୍କ ସହ ଚାଲିଥିବା ବିବାଦ ବିଷୟରେ କହିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ପତ୍ନୀ ଅନ୍ୟ ଯୁବକଙ୍କ ସହ ଫୋନ୍‌ରେ କଥା ହେଉଥିଲେ । କଲ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିଷ୍ଟ୍ରିରୁ ଏହା ଜାଣିବା ପରେ ସେ ପତ୍ନୀଙ୍କୁ ଅନ୍ୟ ଯୁବକଙ୍କ ସହ କଥା ନହେବାକୁ କହିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ବଢ଼ିଥିବା ସେ ଭିଡିଓରେ କହିଥିବା ଜଣାପଡ଼ିଛି । ପତ୍ନୀ ଗାଳିଗୁଲଜ କରିବା ସହ ତାଙ୍କୁ ମାନସିକ ଭାବେ ହଇରାଣ କରୁଥିବା ମଧ୍ୟ ଅଜୟ ଅଭିଯୋଗ କରିଛନ୍ତି । ଲଗାତାର ବିବାଦ ଓ ମାନସିକ ଚାପରେ ସେ ଅତିଷ୍ଠ ହୋଇପଡ଼ିଥିବା ଭିଡିଓରେ କହିଥିଲେ ।

ଘଟଣା ସମ୍ପର୍କରେ ସୂଚନା ପାଇ ବିସରଖ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ମୃତକଙ୍କ ପରିବାରକୁ ମଧ୍ୟ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି । ବିସରଖ ଥାନା ପ୍ରଭାରୀ ରଣଜିତ ସିଂଙ୍କ ଅନୁସାରେ, ଯୁବକ ଜଣକ ଫାଶୀ ଲଗାଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ଅଜୟ ରେକର୍ଡ କରିଥିବା ଭିଡିଓ ସମେତ ଘଟଣା ସହ ଜଡ଼ିତ ଅନ୍ୟାନ୍ୟ ତଥ୍ୟର ଯାଞ୍ଚ କରାଯାଉଛି । ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ।

ଗତ କାଲି ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ନିଜ ଟ୍ୱିଟର୍ ହେଣ୍ଡଲରେ ଏକ ବାର୍ତ୍ତା ଦେଇ ସମସ୍ତଙ୍କୁ ଚମକାଇ ଦେଇଥିଲେ । ସେ ଭାରତର ପ୍ରଧନମନ୍ତ୍ରୀ ବୋଲି ଅମ୍ବାନୀଙ୍କୁ ସମ୍ବୋଧନ କରି ଏକ ପତ୍ର ଲେଖିଥିଲେ ଏବଂ ଭାରତରେ ତାଙ୍କର ବ୍ୟବସାୟିକ ଉତ୍ପାଦ ଷ୍ଟାରଲିଙ୍କ୍ ପ୍ରଚଳନ ପାଇଁ ଅନୁମତି ମାଗିଥିଲେ ।

ଏହିଭଳି ବାର୍ତ୍ତା ଯେ କେତେ ଭୟଙ୍କର ତାହା ବୁଦ୍ଧିଜୀବି ମାନେ ତୁରନ୍ତ ବୁଝି ପାରିଥିଲେ । ବ୍ୟବସାୟର ଅଭିବୃଦ୍ଧିପାଇଁ ଭାରତ ଭଳି ଏକ ବିଶାଳ ଉପଭୋକ୍ତା ସମ୍ପନ୍ନ ଦେଶକୁ ନ ପାଇବାର ହତାଶାରେ ସେ ଏହିଭଳି କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ତଥାପି ସେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଅପମାନିତ କରିଥିବା କଥା ମଧ୍ୟ ବୁଝି ହେଉଛି । ଏହିଭଳି ସ୍ୱାର୍ଥପର ବ୍ୟକ୍ତିଙ୍କ ବ୍ୟବସାୟକୁ ଭାରତରେ ପ୍ରଚଳନ କରିବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁମତି ଦେବା ଦେଶପାଇଁ କ୍ଷତିକାରକ ହୋଇପାରେ ବୋଲି ଆମର ବ୍ୟକ୍ତିଗତ ମତ ।

ଏଠାରେ ଆମେ କହି ରଖୁ ଯେ ଏଲନ୍ ମସ୍କଙ୍କ ମନ୍ତବ୍ୟକୁ ଭାରତର ସଂସଦର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ପରୋକ୍ଷ ସମର୍ଥନ ମିଳିଥିବା କଥା ମଧ୍ୟ ଶୁଣିବାକୁ ମିଳିଛି । ଏମାନେ ସମସ୍ତେ ମିଳିମିଶି ଭାରତକୁ ହୀନ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି ବୋଲି ଯାହା କୁହାଯାଉଛି ତାହା କେତେ ସତ ବା ମିଛ ତାହା ପାଠକମାନେ ନିଜେ ନିର୍ଣ୍ଣୟ କରନ୍ତୁ ।

ଆଜି ଦଶ ଅକ୍ଟୋବର । ଭାରତର ରାଜଧାନୀ ଦିଲ୍ଲୀରେ ସମ୍ବିଧାନ ବଞ୍ଚାଅ ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବୀ ନେଇ ଆନ୍ଦୋଳନ ହେବ ବୋଲି ଘୋଷଣା ହେବା ପରେ ସମଗ୍ର ଦିଲ୍ଲୀ ସହରକୁ ସୁରକ୍ଷା ଛାଉଣୀରେ ପରିଣତ କରି ଦିଆଯାଇଛି । ସୂଚନା ଥାଉ ଯେ ଗତ କିଛି ଦିନତଳେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବୀକରି ଅନୁରୂପ ଆନ୍ଦୋଳନ ହୋଇଥିଲା ଏବଂ ସେତେବେଳେ ଏହା ହିଂସାକାଣ୍ଡରେ ପରିଣତ ହୋଇଥିଲା, ତେଣୁ କେନ୍ଦ୍ର ସରକାର ସତର୍କତା ମୂଳକ ପଦକ୍ଷେପ ନେଇ ସବୁ କାର୍ଯ୍ୟ କରୁଛନ୍ତି । କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଦେଶକୁ ଅସ୍ଥିର କରିବାପାଇଁ ସବୁ ପ୍ରକାର ମସୁଧା କରୁଛନ୍ତି । ଦେଖାଯାଉ କେନ୍ଦ୍ର ସରକାର ଏହି ଷଡ଼ଯନ୍ତ୍ରକୁ କିଭଳି ଭାବରେ ସମ୍ମୁଖୀନ ହେଉଛନ୍ତି ।

ଆଉ ଅଳ୍ପଦିନ ପରେ ରାଜ୍ୟରେ ପବିତ୍ର ଦଶହରା ପର୍ବ ମହା ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହେବ । ମା ଦଶଭୂଜା ଦୁର୍ଗା ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା- ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

XIM UNIVERSITY
XAVIER INSTITUTE OF MANAGEMENT, BHUBANESWAR
XIM - Old Campus Xavier Square,
Bhubaneswar - 751 013, Odisha Tel: 0674-3012345 Fax: 0674-2300995
E-mail: media-oc@xim.edu.in
Web: https://ximb.edu.in/

XIM ଭୁବନେଶ୍ୱରରେ ଆଥଲୋସ୍ ୨୦୨୬ର ଆୟୋଜନ

ଶିକ୍ଷାଗତ ଉତ୍କର୍ଷର ପରମ୍ପରା ଏବଂ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପାଇଁ ପରିଚିତ Xavier Institute of Management, Bhubaneswar ଆଥଲୋସ୍ ୨୦୨୬ ମାଧ୍ୟମରେ ପୁଣିଥରେ ନିଜର ଉତ୍ସାହପୂର୍ଣ୍ଣ କ୍ୟାମ୍ପସ୍ ପରିବେଶକୁ ଜୀବନ୍ତ କରିଥିଲା । Sports Committee ପକ୍ଷରୁ ଆୟୋଜିତ ଏହି ବାର୍ଷିକ ପ୍ରମୁଖ କ୍ରୀଡ଼ା ଉତ୍ସବ ଅକ୍ଟୋବର ୨ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ତିନି ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ପୂର୍ବ ଭାରତର ବିଭିନ୍ନ ପ୍ରମୁଖ B-schoolର ଅଂଶଗ୍ରହଣ ହୋଇଥିଲା, ଯାହା ତୀବ୍ର ପ୍ରତିଯୋଗିତା, କ୍ରୀଡ଼ା ଉତ୍କର୍ଷ ଏବଂ ସହଭାଗିତା ପାଇଁ ଏକ ମଞ୍ଚ ସୃଷ୍ଟି କରିଥିଲା ।

ଅଞ୍ଚଳର ଏକ ପ୍ରମୁଖ business school ଭାବେ ପରିଚିତ XIMB, XIM New

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

Campus, KSOM, IMI Kolkata, Birla Global University, Regional College of Management (RCM) ଏବଂ Siksha 'O' Anusandhan (SOA) ସମେତ ଅନେକ ପ୍ରତିଷ୍ଠିତ ଅନୁଷ୍ଠାନର ଦଳକୁ ସ୍ୱାଗତ କରିଥିଲା । ଆୟୋଜକ XIMB ସହ ପ୍ରତିଯୋଗିତା କରୁଥିବା ଏହି ଦଳଗୁଡ଼ିକ ଉତ୍ସବର ଉତ୍ସାହ ଏବଂ ପ୍ରତିଯୋଗିତାମୂଳକ ପରିବେଶକୁ ଆହୁରି ବଢ଼ାଇଥିଲେ । କ୍ରିକେଟ୍, ଫୁଟସାଲ୍ ଏବଂ ବାସ୍କେଟବଲ୍‌ର ରୋମାଞ୍ଚିକର ମ୍ୟାଚ୍‌ଗୁଡ଼ିକ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା, ଯାହା ତିନି ଦିନର ଉତ୍ସାହପୂର୍ଣ୍ଣ କ୍ରୀଡ଼ା କାର୍ଯ୍ୟକଳାପ ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲା ।



ତିନି ଦିନିଆ ଏହି କ୍ରୀଡ଼ା ଉତ୍ସବର ଅକ୍ଟୋବର ୪ରେ XIMB Auditoriumରେ ଅନୁଷ୍ଠିତ ସମାପନୀ ସମାରୋହ ସହ ଶେଷ ହୋଇଥିଲା । IFFCO, OPGC, Central Bank of India, Decathlon ଏବଂ Red Bull Event Sponsors ଭାବେ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ । Deputy Registrar Fr. V. Arokiyadass S.J.ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମାରୋହରେ Prof. Arijit Mitra, Associate Dean of Student Affairs, XIMB ଏବଂ Prof. Nirali Shah ଯୋଗ ଦେଇ ବିଭିନ୍ନ କ୍ରୀଡ଼ା ବର୍ଗର ବିଜେତା ଏବଂ ରନର୍ସ-ଅପ୍‌ମାନଙ୍କୁ ସମ୍ମାନିତ କରିଥିଲେ । ଏହି ସମାରୋହ ଆଥଲୋସ୍ ୨୦୨୬କୁ ଏକ ଉପଯୁକ୍ତ ସମାପନ ପ୍ରଦାନ କରିବା ସହ କେବଳ କ୍ରୀଡ଼ାକ୍ଷେତ୍ରର ସଫଳତା ନୁହେଁ, ବରଂ ତିନି ଦିନିଆ ଉତ୍ସବକୁ ପରିଭାଷିତ କରିଥିବା କ୍ରୀଡ଼ା ମନୋଭାବ ଏବଂ ସହଭାଗିତାକୁ ମଧ୍ୟ ପାଳନ କରିଥିଲା ।

ତିନି ଦିନ ଧରି ଆଥଲୋସ୍ ୨୦୨୬ରେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ମଧ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



କ୍ରୀଡ଼ା ମନୋଭାବ, ସୁସ୍ଥ ପ୍ରତିଯୋଗିତା ଏବଂ ସହଭାଗିତାର ଏକ ଦୃଢ଼ ପରିବେଶ ଦେଖିବାକୁ ମିଳିଥିଲା । XIMB ଉଲ୍ଲେଖନୀୟ ପ୍ରଦର୍ଶନ କରି Overall Champions ଭାବେ ଉଭା ହୋଇଥିବାବେଳେ XIM New Campus Overall Runner-up ସ୍ଥାନ ହାସଲ କରିଥିଲା । ଫଳାଫଳ ବ୍ୟତୀତ, ଏହି ଉତ୍ସବ କ୍ରୀଡ଼ା ପ୍ରତିଭା ଏବଂ କ୍ରୀଡ଼ାକ୍ଷେତ୍ର ଭିତରେ ଓ ବାହାରେ ଗଢ଼ିଉଠିଥିବା ବନ୍ଧୁତ୍ୱର ଏକ ଉତ୍ସବ ଥିଲା, ଯାହା ଆଥଲୋସ୍ ୨୦୨୬କୁ ଅଂଶଗ୍ରହଣକାରୀ ଏବଂ ସମର୍ଥକମାନଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତିରେ ପରିଣତ କରିଥିଲା ।



XIM UNIVERSITY

XAVIER INSTITUTE OF MANAGEMENT, BHUBANESWAR

XIM - Old Campus Xavier Square,

Bhubaneswar - 751 013, Odisha Tel: 0674-3012345 Fax: 0674-2300995

E-mail: media-oc@xim.edu.in

Web: https://ximb.edu.in/

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫ୍ଟୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ କଳାଛାଇ - ୪୪

ଅଶୋକ ବିଶ୍ୱାଳ



ବୁଶ ପୁଲିସର ପରିବର୍ତ୍ତନ-୨

କିଛି ସମୟ ନାଚି ସେ ଅବିନାଶକୁ ଅନାଇଲେ ଆଉ କହିଲେ -କିନ୍ତୁ ପ୍ରକୃତରେ ପଚାଶ ଦଶକ ବେଳକୁ ବହୁ ଅଂଚଳରୁ ଜଙ୍ଗଲ ସଫା କରିଦିଆଗଲା । ଜାରଙ୍ଗାମାନେ ଜଙ୍ଗଲ କାଟିବାକୁ ବିରୋଧ କରୁଥିଲେ । ଫଳରେ ବହୁ ସଂଘର୍ଷ ଘଟିଲା । ସେଥିରେ ବହୁ ଜାରଙ୍ଗା ଆଉ ଅଣ ଜାରଙ୍ଗା ମରିଗଲେ । ଦୁଃଖର କଥା । ଅନେକ ଘଟଣା ଏମିତି ଘଟିଯାଏ, ଅନେକ ପରିବର୍ତ୍ତନ ଏମିତି ହୋଇଯାଏ । ଆଉ ଏମିତଆ କିଛି ବଡ଼ ଘଟଣାମାନ ବହୁତ ବଡ଼ ପରିବର୍ତ୍ତନ ନେଇଆସେ ।

କଥା ସତ । ଏକ ବଡ଼ ଘଟଣା ପରେ ବିରାଟ ପରିବର୍ତ୍ତନ ଆସେ । ଦୁନିଆର ନିୟମ ।- ଅବିନାଶ କହିଲା ।

ସେତେବେଳେ ଥାଏ ଏକ ବଡ଼ ଆହ୍ୱାନ, ଡର ଆଉ ମନର ପରିବର୍ତ୍ତନ ପାଇଁ ପ୍ରଚେଷ୍ଟା । ଜୀବନ ବଦଳି ଯାଏ, ଜଣା ଅଜଣା ହୁଏ, ଅଜଣା ତ ଜଣାରେ ପରିବର୍ତ୍ତିତ ହୁଏ । ଏକ ଏକ ବିସ୍ମୟ, ଏକ ଅଜଣା ରାସ୍ତା ଆଉ ଅଜଣା ବିଜୟର ନୃତ୍ୟ । ସେଇଟା ଆଣ୍ଠାମାନ ଗ୍ରାଣ୍ଡ ଟ୍ରଙ୍କ ରୋଡ ତିଆରି ହେବା ସମୟ । କିଛି ସେଟଲର ଲୁଚି ବସିଥାନ୍ତି । ସେମାନଙ୍କ କଦଳୀକାନ୍ଦିମାନ କିଏ ବାଡିରୁ ରାତିରେ ଚୋରୀ କରିନେଉଛି । ତେଣୁ ଧରିବା ଦରକାର । ଲୋକମାନେ ଅଭିଯୋଗ କଲେ କି ଫରେଷ୍ଟ ଡିପାର୍ଟମେଣ୍ଟର ଲେବରମାନେ ଚୋରୀ କରୁଛନ୍ତି । ଏହି ସମୟରେ କଦମତାଲା ଅଂଚଳରୁ ଏକ ଚୋରୀ ଖବର ଆସିଲା । ଗାଁ ଲୋକମାନେ ନିଶ୍ଚିତ ଥିଲେ ଯେ ଫରେଷ୍ଟ ଡିପାର୍ଟମେଣ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକମାନେ ତାଙ୍କ ଗାଁରୁ ବାସନକୁସନ ଆଉ ଘରୋଇ ଉପକରଣ ଚୋରୀକରି ନେଇଯାଉଛନ୍ତି । ରାତିରେ ତିନିଟା ଜାରଜ୍ଞା ଟୋକା ପଶିଲେ ଆଉ ସେଟଲରମାନେ ସେମାନଙ୍କୁ ଧରି ପକାଇଲେ । ବେଶ ଉତ୍ତମ ମଧ୍ୟମ ମିଳିଲା ଆଉ କଦମତାଲା ପୁଲିସର ଜିମା ଦିଆଗଲା । ସେମାନଙ୍କୁ ବୁଶ ପୁଲିସମାନେ ଧରି ପୋର୍ଟବ୍ଲେଆର ନେଇଆସିଲେ । ସେମାନଙ୍କୁ ଏକମାସ ପାଇଁ ଭଲଭାବେ ପ୍ରଶାସନର ହେପାଜତରେ ରଖାଗଲା । ତା'ପରେ ସେମାନଙ୍କୁ ଯଥେଷ୍ଟ ନଡିଆ ଆଉ କଦଳୀର ଉପହାର ସହ ସେମାନଙ୍କ ବାସସ୍ଥାନକୁ ଫେରାଇଦିଆଗଲା । ତା'ପରେ ଆଗକୁ ସେମାନେ ରହୁଥିବା ଅଂଚଳରେ ଉପହାରମାନ ରଖି କଣ୍ଟାକ୍ଟ ପାର୍ଟିର ଲୋକେ ଫେରିଆସୁଥିଲେ । ସେ ଏକ ଲମ୍ବା ପାରାଗ୍ରାଫ କହିଲେ । ଅବିନାଶକୁ ଲାଗିଲା ଏକ ଝଲକାଏ ପବନ ଆସିଲା ଆଉ ଏକ ବଡ଼ ଢେଉ କୂଳରେ ଭାଙ୍ଗି ପଡିଲା ।

ସେହି ସମୟରେ ମୁଁ ଆଉ ମୋର ସାଥିମାନେ ଲକ୍ଷ୍ୟକଲୁ ଯେ ଜାରଜ୍ଞାମାନଙ୍କର ଲାଲ ରଙ୍ଗର କପଡା ପ୍ରତି ବହୁ ଆକର୍ଷଣ ଅଛି । – ବୁଢା ସ୍ଥିର ହୋଇ କହୁଥିଲେ ।

ଏକ ବିରାଟ ଆବିଷ୍କାର, ମନର ଆଉ ହୃଦୟର, ତା'ପରେ ଆଖିରେ ରଙ୍ଗ ତ ଆସେ । - ଅବିନାଶ କହିଲା ।

୧୯୬୮ ରୁ ୧୯୭୪ ମସିହା ପର୍ଯ୍ୟନ୍ତ ଜାରଜ୍ଞାମାନଙ୍କ ସହ ସଂମ୍ପର୍କ ଉଦ୍ୟମ ଜାରି ରହିଲା । କିନ୍ତୁ ଜାରଜ୍ଞାମାନେ ଠିକ ଭାବେ ଆମ ସଂସ୍ପର୍ଶରେ ଆସୁନଥିଲେ । ଟିକିଏ ଦୂରତା ବଜାୟ ରଖୁଥିଲେ । ସେପଟେ ଦକ୍ଷିଣ ଆଣ୍ଡାମାନରେ ଜାରଜ୍ଞାମାନେ କିନ୍ତୁ ସେମାନଙ୍କ ଆକ୍ରମଣ କମ କରୁନଥିଲେ । ରାସ୍ତା ତିଆରି କରୁଥିବା ଶ୍ରମିକ ବା କାଠ କାଟୁଥିବା ଲୋକମାନଙ୍କ ପ୍ରତି ସେମାନଙ୍କ ଆକ୍ରମଣ ଲାଗି ରହିଥିଲା । ୧୯୭୩ ମସିହାରେ ଏଟିଆର କାମ ଆରମ୍ଭ ହେଲା । କାମ ଆଗାଉ ନଥିବାରୁ ବର୍ଡର ରୋଡ ଅର୍ଗାନାଇଜେସନକୁ କାମ କରିବାପାଇଁ ଦିଆଗଲା । ଆଉ ସେମାନେ କ୍ୟାମ୍ପ

Listen to Odia Podcast Original at https://youtube.com/@drjyotiprasad

ଚାରିପାଖରେ ତାର ଲଗାଇ ସେଥିରେ ଇଲେକଟ୍ରିକ ଚାର୍ଜ୍ କରିଦେଉଥିଲେ । ଫଳରେ ଅନେକ ଜାରଜ୍ଞା ମୃତାହତ ହେଲେ ।

କି ନୃଶଂସ କଥା । ମଣିଷ ଆଉ ହାତୀକୁ ଏକ ଜାଗାରେ ରଖିଦିଆଯାଇଛି । ହାତୀକୁ ମଣିଷ ପାଖ ନପୁରାଇବା ପାଇଁ ଇଲେକଟ୍ରିକ ଫେନସିଙ୍ଗ ଲଗାଯାଏ । - ଅବିନାଶ କହିଲା । ତା'କୁ ଟିକେ ଭାରୀ ଲାଗିଲା ।

ସେ ବୁଢା ଲୋକ ଛାଇ ପରି ଠିଆ ହୋଇଥିଲେ । ଅବିନାଶକୁ ଲାଗୁଥିଲା ତାଙ୍କୁ ଭେଦକରି ଆଲୋକ ଆଗକୁ ଚାଲିଯାଉଛି । ସେ ସମୁଦ୍ରକୂଳରେ ଦୁଇଟା ମାନଗ୍ରୁଭ ଗଛ ଦେଖିବାକୁ ପାଇଲା । ସେ ଗଛ କେମିତି କଲୋନୀ ନକରି ପାଖାପାଖି ହୋଇ ଠିଆହୋଇଥିଲେ । ଦୁଇ ସାଙ୍ଗ, ହୋଇପାରେ ଦୁଇ ସ୍କାଉଟ । ପରେ ଆଉ ଗଛମାନେ ସାହାସ କରି ଏଠାକୁ ଆସିବେ । ମାନଗ୍ରୁଭ ଫରେଷ୍ଟରେ ଅସଂଖ୍ୟ ଚେର ଭୂମିରୁ ଉପରକୁ ମୁଣ୍ଡ ଟେକିଥିଲା । ଚେରର ଜାଲ ଭିତରେ ମନ୍ଦାଏ ମନ୍ଦାଏ ପାଣି ଜମିଥିଲା । ତା' ଭିତରେ ଛୋଟ ରବିନ ଚଢେଇଟିଏ ଖାଇବା ଖୋଜୁଥିଲା । ତା'ର ଥିଲା କଳା ଧଳା ଦେହ । ଏଠାକୁ ସେଠାକୁ ଡେଉଁଥିଲା ଆଉ ତା' ପୁଚ୍ଛଟି ଉପର ତଳ ହେଉଥିଲା । ବଡ଼ ଚଞ୍ଚଳ ପକ୍ଷୀଟିଏ । ସେ ପକ୍ଷୀର ଡିଆଁ ଆଉ ଖାଇବା ଖୋଜା ଦେଖି ତା'କୁ ଟିକିଏ ଭଲ ଲାଗିଲା ।

ସେ ସମୟରେ ଫରେଷ୍ଟ କ୍ୟାମ୍ପ ପୁଟାଟାଙ୍ଗ, ପୁନ୍ନାନାଲା, ମିଡିଲଷ୍ଟ୍ରେଟ, କୋଟାରା, ବାମ୍ବୁ ଟିକିରି, ଲାଲ ଟିକିରି ଆଦି ସ୍ଥାନରେ ବସାଗଲା । କ୍ୟାମ୍ପରେ କାଠଗର ଟଣା କାମ ପାଇଁ ହାତୀ ଅଣାଗଲା । ଆଉ ହାତୀମାନେ ଜଙ୍ଗଲରେ ଚରି ବୁଲିବାକୁ ଲାଗିଲେ । ଏ ଜନ୍ତୁ ଜାରଜ୍ଞାମାନଙ୍କପାଇଁ ସଂପୂର୍ଣ୍ଣ ଅଜଣା । ସେମାନେ ଏମିତି ଘଟଣାରେ ବିଚଳିତ ହୋଇଉଠିଲେ । ସେମାନେ ହାତୀକୁ ମଧ୍ୟ ଆକ୍ରମଣ କଲେ । ଆଉ ଆକ୍ରମଣ କୁକୁର, ଗାଈଗୋରୁ ପ୍ରତି ମଧ୍ୟ ଥିଲା । କ୍ୟାମ୍ପରେ ସେମାନେ ମେସିନଗୁଡିକ ଭାଙ୍ଗିରୁଜି ମଧ୍ୟ ଦେଉଥିଲେ ।– ବୁଢା ସର୍ଦ୍ଦାରଙ୍କ ଛାଇ କହୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିନାଶ ଭାବିଲା ଏକ ଶୁଖିଲା ଦିନରେ ଯଦି ଏକ ହାତୀକୁ ସେ ଭେଟେ ଆଉ ପଚାରେ- କେମିତି ଅଛ ତୁମେ ହାତୀ; ହାତୀ କି ଉତ୍ତର ଦେବ ? କହିବ ଖାଲି-ନାଚିବାକୁ ଚାହେଁ ମୁଁ ତୁମର ସାଥିରେ । ଜାରଙ୍ଗାମାନଙ୍କ ସାଥିରେ ହାତୀ ନାଚି ପାରିବନି ଆଉ ଜାରଙ୍ଗାମାନେ ଏମିତି ବିଶାଳ ଜନ୍ତୁକୁ ପ୍ରଥମଥର ପାଇଁ ଦେଖୁଛନ୍ତି ଯେମିତିକି ଆଲେକଜାଣ୍ଡାର ପ୍ରଥମଥର ପାଇଁ ହାତୀର ସୈନ୍ୟ ଦେଖିଲେ । ଏମିତି ଜନ୍ତୁକୁ ଦେଖି ସେ ସଂମ୍ପୂର୍ଣ ଅସହାୟ ମନେକଲେ । ତୃତୀୟ ଯୁଦ୍ଧରେ ଆଲେକଜାଣ୍ଡର ଆଉ ପୁରୁଙ୍କ ସୈନ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ । ଭାରତୀୟଙ୍କ ଘୋଡାସବାର ବାହିନୀ କଡରେ, ଆଗରେ ଯୁଦ୍ଧ ରଥସବୁ, ଆଉ ମଝିରେ ପଦାତିକ ବାହିନୀ, ରଣ ହସ୍ତୀ ଯୁଥ । ସେମାନେ ନିଜେ ଗୋଟିଏ ଗୋଟିଏ ଦୁର୍ଗ ଭଳି ଲାଗୁଥାନ୍ତି । ହାତୀର ପ୍ରହାରରେ ଘୋଡା ସବାର ବାହିନୀ ଛିନ୍ନବିଚ୍ଛିନ୍ନ ହୋଇଯାଉଥିଲେ । ମାସିଡୋନିଆନମାନେ ହାତୀର ମାହୁନ୍ତ ଆଉ ହାତୀର ଆଖିକୁ ଲକ୍ଷ୍ୟ କରି ବର୍ଚ୍ଛାମାନ ଫିଙ୍ଗୁଥିଲେ । ହାତୀ ବିଚଳିତ ହୋଇଯାଉଥିଲା । ଭଲନେରେବଲ ବା ଦୁର୍ବଳ ସ୍ଥାନ । ଜାରଙ୍ଗାମାନେ ମଧ୍ୟ ହାତୀର ଶରୀରର ନରମ ଭଲନରେବଲ ଅଂଶକୁ ଖୋଜି ନେଇଥିଲେ । ମଣିଷର ବୁଦ୍ଧି ସବୁଠି ଅଛି । ସେମାନେ ସେଇ ନରମ ସ୍ଥାନକୁ ଲକ୍ଷ୍ୟ କରି ତୀର ମାରୁଥିଲେ ।– ଅବିନାଶ ମନକୁ ମନ ଦୃଶ୍ୟ ଆକଳନ କରୁଥିଲା ।

ଜାଣିଛ ଆଉ ଟିକେ ଆଗକୁ ମୋର କ'ଣ ଆବିଷ୍କାର ଥିଲା ? ସେମାନଙ୍କ ମନ ଆଉ ସେମାନଙ୍କ ମନେପକାଇବା କ୍ଷମତା ।- ଛାଇ ବୁଢା ସର୍ଦ୍ଦାର କହିଲେ ।

୧୯୬୯ ମସିହା, ଫେବୃୟାରୀ ମାସ । ଆମ ବୁଶ ପୁଲିସ ଦଳର କିଛି ଲୋକ ଦୁଇଜଣ ଜାରଙ୍ଗାଙ୍କୁ ସମୁଦ୍ର କୂଳରେ ଦେଖିଲେ । ଆମେ ଭାବିଲୁ ଏ ଜାରଙ୍ଗାମାନେ ସେହି ଧରାଯାଇଥିବା ଆଉ ସାଙ୍ଗରେ ରହିଥିବା ତିନି ଜାରଙ୍ଗାମାନଙ୍କ ମଧ୍ୟରୁ କେହି । ଦୁଇଜଣ ଜାରଙ୍ଗା ଆମ ଡାକର ଜବାବ ଦେଲେ । ସେମାନଙ୍କୁ କଦଳୀ, ନଡିଆ, ଲାଲ କପଡା ଆଦି ଉପହାରରେ ଦେବାକୁ କଣ୍ଟାକ୍ଟ ପାର୍ଟି ଭାବିଲେ । କିନ୍ତୁ ଏମାନଙ୍କ ବୋଟ ପାଖକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିବାରୁଏହି ଜାରୱାମାନେ ଦୌଡି ପଳାଇଲେ । ଯାହାହେଉ ଉପହାର ଦ୍ରବ୍ୟକୁ ସମୁଦ୍ର କୂଳରେ ରଖି ଏମାନେ ଫେରିଆସିଲେ । କିନ୍ତୁ ସେମାନେ ଆମର ବ୍ୟବହାର ମନେ ରଖିଥିଲେ ।

ସବୁଠାରୁ ବଡ଼ ଆବିଷ୍କାର ଥିଲା ମଣିଷର ନାଁ । ଦେଖୁନ ମଣିଷ ନାଁଟା ସବୁଆଡେ ଅଛି । ଆଉ ଯାହା ନାଁ ସେ ସବୁବେଳେ ଶବ୍ଦରେ କିଛି ନା କିଛି ଭାବରେ ନିଜକୁ ଖୋଜିନିଏ ।–ସେ କହିଲେ ଓ କିଛି ସମୟ ଚୁପଚାପ ଠିଆହେଲେ ।

ଅବିନାଶ ଜାରୱାମାନଙ୍କ କଥା ଶୁଣୁଶୁଣୁ ନିଜ ପାଖରେ ଥିବା ମାନଗ୍ରୁଭ ଗଛର ଆଡକୁ ଅନାଇଲା । ଜାରୱାମାନେ ତ ଅଜଣା, ଆଉ ସମୁଦ୍ରକୂଳରେ କିଛି ଅଜଣା ଜିନିଷ ତ ଥିବ । ସେ ନୀରବରେ ନହଲି ଚଢେଇଟିକୁ ଦେଖିବାକୁ ଲାଗିଲା । ଚଢେଇଟି ନିଜ ପୁଚ୍ଛକୁ ଫକଫକ କରୁଥିଲା । ପକ୍ଷୀଟି ଏମାନଙ୍କ ଆଡକୁ ବୁଲିପଡିଲା ଆଉ ପାଖର ଏକ କୋରାଲ ପଥର ଖଣ୍ଡ ଉପରେ ବସିଲା । ସେମିତି ତା'ର ପୁଚ୍ଛ ଡେଉଁଥାଏ । ତା' ଆଖି ନାଚୁଥିଲା ଓ ମୁଣ୍ଡ ବୁଲିଯାଉଥିଲା । ତା'ପରେ ପକ୍ଷୀଟିଏ ପଥର ଖଣ୍ଡରୁ ଆଉ ଏକ ପଥର ଖଣ୍ଡ ପର୍ଯ୍ୟନ୍ତ ଡେଇଁ ପଡୁଥିଲା । ପକ୍ଷୀମାନଙ୍କୁ ସବୁବେଳେ ଉଡିବାର ଆବଶ୍ୟକ ନାହିଁ, ସାମାନ୍ୟ ଡେଇଁ ପାରନ୍ତି ।

୧୯୬୯ ମସିହାରୁ ୧୯୭୪ ମସିହା ଭିତରେ ସେ ଅଞ୍ଚଳକୁ (ମୁଖ୍ୟତଃ ଲୁକେରାଲୁଙ୍ଗଟା ଆଉ ଫାଉଲ ବେ) କଣ୍ଟାକ୍ଟ ଟିମ ଯାଇଛି । ଜାରୱାମାନେ ବାହାର ଲୋକଙ୍କ ସହ ମିଶିବାକୁ ପସନ୍ଦ କରିନାହାନ୍ତି ଆଉ ଏମାନେ ଉପହାର ସାମଗ୍ରୀକୁ ସମୁଦ୍ର କୂଳରେ ଛାଡି ଚାଲିଆସିଛନ୍ତି ବା ଉପହାର ସାମଗ୍ରୀକୁ ଗଛ ଡାଳରେ ବାନ୍ଧି ଝୁଲାଇ ଦିଆଯାଇଛି ଯେମିତିକି ବନ୍ୟଜନ୍ତୁ ଏହାକୁ ନଷ୍ଟ କରିଦେବେନି । ଏହାପରେ ଦେଖାଗଲା ଯେ ଜାରୱାମାନେ ଅନେକ ଲଟାକୁ ଗଛରେ ଟାଙ୍ଗି ଦେଇଛନ୍ତି । ଏଇଥିରେ ପରେ କଣ୍ଟାକ୍ଟ ପାର୍ଟି ଜାରୱାମାନଙ୍କ ପାଇଁ ଉପହାରକୁ ବାନ୍ଧିଦେବେ ।- ଛାଇ ଲୋକଟି ସେ ପକ୍ଷୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଡକୁ ଅନାଇ କହିବାକୁ ଲାଗିଲେ ।

ବୁଦ୍ଧିଆ ନିଶ୍ଚେ ।

ଏହାଥିଲା ପରସ୍ପରକୁ ବିଶ୍ୱାସ କରିବାର ପ୍ରଥମ ସୋପାନ । ନହେଲେ ଜାରଙ୍ଗା କେବେହେଲେ ଲଟାଗୁଡିକୁ ବାନ୍ଧି ନଥାନ୍ତା । ଆଉ ଉପହାର ଗ୍ରହଣ କରିବା ଉଦ୍ଦେଶ୍ୟ ଉପହାର ଦେଉଥିବା ଲୋକ ଉପରେ କିଛି ବିଶ୍ୱାସ । ତା'ପରେ ଏଇ ବିଶ୍ୱାସର ସେତୁ ତିଆରି କାମ ଲାଗି ରହିଲା । ତୁମକୁ ଆଶ୍ଚର୍ଯ୍ୟ ଲାଗିପାରେ ଆମକୁ ବିଶ୍ୱାସ ଜନ୍ମାଇବା କାମ ଇଟା ପରେ ଇଟା ଯୋଡିଲା ପରି କରିବାକୁ ପଡୁଥିଲା । ଆଉ ଆମର ପ୍ରତ୍ୟୟ ହେଲା ଯେତେବେଳେ ଆମେ ଆମ ଦିଆ ଉପହାରକୁ ସେମାନଙ୍କ କୁଡିଆରେ ଦେଖିବାକୁ ପାଇଲୁ ।

ବିଶ୍ୱାସ ପାଇଁ ତାହାହେଲେ ଏକ ଚିହ୍ନ ପାଇଥିଲେ ।

ହଁ ଅବିନାଶ, ଆଉ ଥରେ ଏକ ଯାତ୍ରା । ଅପ୍ରେଲ ୧୯୭୪ ମସିହାରେ କେତେଜଣ ଜାରଙ୍ଗା ଲୁକେରାଲୁଙ୍ଗଟାରେ ନିଜ କୁଡିଆ ତିଆରି କରୁଥିଲେ । ଏମାନଙ୍କୁ ଦେଖି ଆଗଭଳିଆ ଦୌଡି ପଳାଇଲେ । କଣ୍ଟାକ୍ଟ ପାର୍ଟି ଲୋକେ କୁଡିଆ ଭିତରକୁ ଗଲେ । ସେ ଭିତରେ ଆଗରୁ ସମୁଦ୍ରକୂଳରେ ଝୁଲାଇ ଦିଆଇଥିବା ଉପହାର ସାମଗ୍ରୀମାନ ଦେଖିଲେ । ଜାରଙ୍ଗାମାନେ ତାହାହେଲେ ସେମାନଙ୍କର ଉପହାର ସାମଗ୍ରୀ ଗ୍ରହଣ କରିଛନ୍ତି । ଏମାନେ ସେ ହଟରେ ପ୍ରାୟ ଦୁଇଘଣ୍ଟା ରହିଲେ, ଆଉ ପରେ ନିଜ ବୋଟକୁ ଫେରିଆସିଲେ । ଏକଥା ଦେଖି ମୋତେ ଲାଗିଲା ମୋ ଯାତ୍ରାରେ ମୁଁ ତାହା ଖୋଜୁଥିଲି ତାହା ପାଇଗଲି । ମଣିଷର ଏକ ସ୍ୱପ୍ନ ଥାଏ । ସ୍ନେହ ଆଉ ପ୍ରେମର ବନ୍ୟା ସେହିଠାରେ । ଖୁସି ମୁକ୍ତାପରି । ସେତେବେଳେ ସେହି ସ୍ୱପ୍ନ ମୋର ଥିଲା ଆଉ ସେଇଟା ସାକାର ହୋଇଗଲା ।

ଅବିନାଶ ଏମିତି ବିଶ୍ୱାସର କଥା ଶୁଣି ପକ୍ଷୀଟିକୁ ଅନାଇଲା । ବିଶ୍ୱାସ ସମସ୍ତଙ୍କ ପାଖରେ ଥାଏ, ଚିହ୍ନା ମଣିଷର ବିଶ୍ୱାସ । ଏଠି ସେ ଅଜଣା, ପକ୍ଷୀଟି କ'ଣ ସତେ ବିଶ୍ୱାସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବ ? ଆଶ୍ଚର୍ଯ୍ୟ ଭାବେ ପକ୍ଷୀଟି ଏମାନଙ୍କ ପାଖ ମ୍ୟାନଗ୍ରୁଭ ଗଛକୁ ଉଡି ଆସିଲା । ସେଇଠି ବସି ଏମାନଙ୍କୁ ଭଲଭାବେ ଲକ୍ଷ୍ୟ କରିବାକୁ ଲାଗିଲା । ପକ୍ଷୀମାନେ ଏତେ ନିରୀକ୍ଷଣ କରନ୍ତି ତାହା ନିଜ ଆଖିରେ ନଦେଖିଥିଲେ ଅବିନାଶ ହୁଏତ ବିଶ୍ୱାସ କରନ୍ତାନି । ଜଙ୍ଗଲୀ ପକ୍ଷୀର ମଧ୍ୟ ଅନ୍ୟ ଉପରେ ଭରସା ଅଛି । କଥା ନକହି କ'ଣ ଦେଖି ପକ୍ଷୀଟି ବିଶ୍ୱାସ କଲା ? ଏଇଟା କ'ଣ ଶରୀରର ଆବଭାବ, ବା କ'ଣ ନିଜ ମନ ଭିତରୁ ଏକ ଇଲୋକ୍ଟ୍ରୋମ୍ୟାଗେନଟିକ ତରଙ୍ଗ ପକ୍ଷୀ ପାଖକୁ ଚାଲିଯାଉଛି ? ଏଣେ ଛାଇ ବୁଢା ସର୍ଦ୍ଦାର ନିଜ କଥା ଜାରି ରଖିଲେ ।

ପରଦିନ ସେମାନେ ଆଉଥରେ ସେହି ଅଂଚଳକୁ ଗଲେ । କିନ୍ତୁ ଜାରୱାମାନେ ଏମାନଙ୍କୁ ଦେଖି ଏତେ ଡରିଲେନି । ସେମାନେ କଣ୍ଟାକ୍ଟ ଟିମର ବୋଟ ଆଡକୁ ପହଁରି ଆସିଲେ । ବୋଟ ପାଣିରେ ଥାଏ । ଜାରୱାମାନେ ବୋଟରେ ଚଢ଼ି ଉପହାର ସାମଗ୍ରୀକୁ ଦରାଣ୍ଡି ପକାଇଲେ । ଏହି ଖୋଜିବା ପ୍ରାୟ ଅଧଘଣ୍ଟା ଚାଲିଲା । ପରେ ଆଉ କିଛି ନୂଆ ଜାରୱା କୂଳକୁ ଆସିଲେ । ଏକ ଛୋଟ ବୋଟ ସେମାନଙ୍କୁ ଆଣିବା ପାଇଁ କୂଳକୁ ପଠାଗଲା । ସେମାନେ ଖୁସିରେ ବୋଟରେ ଚଢ଼ିଲେ ଆଉ ସେମାନଙ୍କୁ ମୁଖ୍ୟ ବୋଟକୁ ଅଣାଗଲା । ଆଗକୁ କଦମତାଲାର ଜାରୱାମାନେ ବନ୍ଧୁଭାବ ଦେଖାଇବାକୁ ଲାଗିଲେ । ଏହା ସେମାନଙ୍କ ହାବଭାବ ଆଉ ମୁହଁର ଭାଷାରୁ ସ୍ପଷ୍ଟ ଜଣାପଡିଯାଉଥିଲା ।

ସବୁଠାରୁ ହିଂସ୍ର ଜାରୱାମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାରର ଖବର ଚାରିଆଡେ ବ୍ୟାପିଗଲା । ଭିନ୍ନ ଭିନ୍ନ ବିଷୟର ବିଷାରଦମାନେ କଣ୍ଟାକ୍ଟ ପାର୍ଟି ସହ ଯୋଗଦେଲେ । ଅପ୍ରେଲ ୧୯୭୪ ମସିହାରେ ଭାରତ ସରକାରଙ୍କ ଫିଲ୍ମ ବିଭାଗର ଡାଇରେକ୍ଟର ଆଣ୍ଡ୍ରାମାନକୁ (ମ୍ୟାନ ଇନ ସର୍ଚ୍ଚ ଅଫ ମ୍ୟାନ) ଫିଲ୍ମ ତିଆରି ଉଦ୍ଦେଶ୍ୟରେ ଆସିଲେ । ଫିଲ୍ମ ସୁଟିଙ୍ଗ ୧୧ ଅପ୍ରେଲ ୧୯୭୪ ମସିହାଠାରୁ ଆରମ୍ଭ ହେଲା ।

ପ୍ରଥମେ ପ୍ରଶାସନ ତରଫରୁ ବହୁ ଚେଷ୍ଟା ହେଲା ଆଉ ଧିରେ ଜାରୱାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନୋଭାବ ବଦଳିଲା । ଏବେ ଆଉ କଣ୍ଟାକ୍ଟ ପାର୍ଟିକୁ ବେଶି ଯିବାକୁ ପଡିଲାନି । ୟାଦିତା, ଫାଉଲ ବେ, ଛୋଟାଲିଙ୍ଗବାଙ୍ଗ ବେ, ଲୁକେରାଲୁଙ୍ଗଟା ଅଂଚଳର ଜାରଙ୍ଗାମାନେ କିଛି ମାତ୍ରାରେ ନିଜର ହିଂସ୍ର ଆଚରଣ କମାଇ ଦେଲେ ଆଉ ନିଜ ଧନୁତୀର ଛାଡି ଦଳଦଳ ହୋଇ ବାହାରେ ଦେଖାଦେଲେ । କଣ୍ଟାକ୍ଟ ପାର୍ଟି ନିଜ ସହ ଲାଲ କପଡା. ଛୋପାଛଡା ନଡିଆ, କଦଳୀ ଆଉ ଲୁହା ସାମଗ୍ରୀ ସେମାନଙ୍କ ସହ ନେଇ ଯାଉଥିଲେ । ତଥାପି ଅନ୍ୟସ୍ଥାନର ଜାରଙ୍ଗାମାନେ ବାହାର ଲୋକଙ୍କ ପ୍ରତି ନିଜ ହିଂସ୍ର ଆଚରଣ କମାଇ ନଥିଲେ । ବହୁ ସେଟଲରଙ୍କୁ ମାରିଦେଉଥିଲେ ।

ଅବିନାଶ ଏମିତି କଥା ଶୁଣି ଚକିତ ହୋଇଯାଉଥିଲା । ଏଇଠି ଏକ ଆଦିମ ଅଧିବାସୀ, ଯାହାକୁ ଇଂରେଜମାନେ ମନେଇ ପାରିନଥିଲେ ଆଉ ଧିରେ ସେମାନେ ବୁଢା ସର୍ଦ୍ଦାର ଆଉ ତାଙ୍କର କଣ୍ଟାକ୍ଟ ଟିମକୁ ବିଶ୍ୱାସ କରିବାକୁ ବାହାରିଲେଣି । ଏଇଟା କିଛି ସାଧାରଣ ସଫଳତା ନୁହେଁ । ତା'ର ଆଖି ସେହି ଛୋଟ ରବିନ ଉପରକୁ ଚାଲିଗଲା । ରବିନ ବହୁତ ସମୟ ଏମାନଙ୍କୁ ଅନେଇବା ପରେ ତଳକୁ ଖଣ୍ଡିଉଡା ଦେଇ ଏକ ପଥର ଉପରେ ବସିଲା । ତା' ପୁଚ୍ଛ ସେମିତି ଡେଉଁଥାଏ, ମଝିରେ ମଝିରେ ପକ୍ଷୀଟି ବୁଲି ଏମାନଙ୍କୁ ଅନାଉଥାଏ । କିଛି ସମୟପରେ ମାଟିକୁ ଓହ୍ଲାଇଯାଇ ତଳେ ଖାଇବା ଖୋଜିବାକୁ ଲାଗିଲା । ଟିକେ ଖୋଜି ପୁଣି ଛୋଟ ଉଡା ଦେଇ ପଥରଟିଏ ଉପରେ ବସିପଡୁଥାଏ । ପୁଣି ବାଲି ପାଣିମିଶା ମାଟିରୁ ଖାଇବା ଖୋଜୁଥାଏ । ଏମାନେ ଠିଆହୋଇ ପକ୍ଷୀଟିକୁ କିଛି ସମୟ ଅନାଇ ରହିଲେ ।

ମଣିଷ ବ୍ୟବହାର ସବୁଠି ସମାନ । ତୁମେ ନିୟୁୟର୍କ କହିପାର ବା ଆଣ୍ଡାମାନର ଘନ ଜଙ୍ଗଲ କହିପାର । ସବୁଠି ମଣିଷ ମନରେ ଭୟ, ଆଶଙ୍କା ଆଉ ହିଂସ୍ର ଆଚରଣ ଅଛି । ଆଉ ଯଦି ଏକ ନାରୀକୁ କେନ୍ଦ୍ରକରି କିଛି ଘଟଣା ଘଟିଯାଏ, ତେବେ ପ୍ରତିକ୍ରିୟା ଭିନ୍ନ ହୋଇଯାଏ । ସେମିତି ଘଟଣା ଏଠି ମଧ୍ୟ ଘଟିଛି ।- ଛାଇ ବୁଢା ସର୍ଦ୍ଦାର କହିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁହନ୍ତୁ ।-ଅବିନାଶ କହିଲା । ଇତିହାସ ବହିର ଅସଂଖ୍ୟ ଉଦାହରଣ ଭିତରକୁ ତା'କୁ ଯିବାକୁ ଇଚ୍ଛା ନଥିଲା । ପ୍ରତି ଫର୍ଦ୍ଦରେ ଉଦାହରଣ ଅଛି ।

ଥରେ କଣ୍ଟାକ୍ଟ ଟିମର ସଦସ୍ୟମାନେ ଏକ ଜାରଙ୍ଗା ମହିଳାକୁ ୟାଦିତା ପଏଣ୍ଟଠାରେ ଦେଖାହେଲେ । ଜାଗାଟା ମଧ୍ୟ ଆଣ୍ଡାମାନର ପଶ୍ଚିମ ଉପକୂଳରେ । ସେ ସମୟରେ ଜାରଙ୍ଗା ମହିଳାର ସ୍ୱାମୀ ଶିକାର କରିବାକୁ କୁଆଡେ ବାହାରକୁ ଯାଇଥିଲା । ସେ ହଠାତ୍ ଦେଖାଦେଇ ଏମାନଙ୍କ ବୋଟ ଆଡକୁ ପହଁରି ଆସିଲା । ଲୋକଟା ବେଶ ରାଗି ଯାଇଥାଏ । ଅତି ରାଗରେ ଏମାନଙ୍କ ଲାଇଫ ବୋଟକୁ ଭଙ୍ଗାରୁଜା କରିପକାଇଲା । ବୋଧେ ଭାବିଲା କଣ୍ଟକ୍ଟ ଟିମର ଲୋକେ ତା' ସ୍ତ୍ରୀକୁ ଅପହରଣ କରି ନେଇଯାଉଛନ୍ତି ।

ସାଧାରଣ କଥା । ଏକ ଜଙ୍ଗଲୀ ଲୋକ ହିଂସ୍ର ତ ହେବ । ସେ କେବଳ ଆପଣଙ୍କ ଲାଇଫ ବୋଟକୁ ଭାଙ୍ଗିଛି, ଆଉ ତୀର ତ ମାରିନି, ଭାଗ୍ୟର କଥା । କିନ୍ତୁ ଆପଣ ଏକ ଶ୍ୱେତାଙ୍ଗୀ ସହ ଏକ କୃଷ୍ଣାଙ୍ଗୀର ତୁଳନା କ'ଣ ପାଇଁ କଲେ ?

ଅବିନାଶ, ସେଇ ସମୟରେ ଆଉ କେଇଜଣ ଜାରଙ୍ଗା ଏମାନଙ୍କ ବୋଟକୁ ପହଁରି ଆସିଲେ ଆଉ ରାଗିଯାଇଥିବା ଜାରଙ୍ଗାକୁ ବୁଝାଇଲେ । ଲୋକଟା ଶାନ୍ତ ହେଲା ଆଉ ନିଜ ସ୍ତ୍ରୀ ସହ କିଛି ଉପହାର ନେଇ ଫେରିଗଲା । ଏଇଟା ହେଉଛି ମଣିଷ ମଣିଷ ଭତରେ ସାମ୍ୟ । ଜଣଙ୍କର ଉଦ୍ଦେଶ୍ୟକୁ ଅନ୍ୟଜଣେ ବୁଝିବାର ଆବଶ୍ୟକତା ଅଛି । ସବୁଠି ମଣିଷର ଅନ୍ତରର ପ୍ରକୃତ ବ୍ୟବହାର ସମାନ । ସେଠି କୃଷ୍ଣାଙ୍ଗ, ଶ୍ୱେତାଙ୍ଗ ବା ମିଶ୍ରିତ ରଙ୍ଗର ମଣିଷ ମଣିଷର ପ୍ରଭେଦ ନାହିଁ । ଯେତେବେଳେ ହୃଦୟର ଗତି ତୀବ୍ର ହୁଏ, ଆଉ ସ୍ୱପ୍ନ ଚୁନା ଚୁର ହେଲାପରି ଲାଗେ, ସେତେବେଳେ ମଣିଷ ନିଜର ପ୍ରକୃତ ରୂପକୁ ଖୋଜିପାଏ । ସେଇଟା ସେ ଜାଗାରେ ଘଟିଥିଲା ।- ସେ କହିଲେ । ତାଙ୍କ ମୁହଁରେ ସାମାନ୍ୟ ହସ ଥିଲା । ସମୁଦ୍ର କୂଳରୁ ପବନ ଧିରେ ବୋହୁଥିଲା । ଢେଉମାନ ନଅଟକି ସେମିତି ନାଚି ଚାଲିଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା'ପରେ କୁହୁଡି ହେଉ ବା ମେଘର ପତଳା ଆସ୍ତରଣ ହେଉ, ଏକ ଉପତ୍ୟକାକୁ ଛାଇ ରହିଥାଏ, ଜହ୍ନ ଉଠି ବୁଡିଯାଏ, ପବନ ନଅଟକି ଡାକିଚାଲିଥାଏ । ବାଲି ପାଣିରେ କୂଳରେ ଧୋଇଗଲା ପରି ସ୍ୱପ୍ନ ବାରବାର ଧୋଇଯାଉଥାଏ, ପୁଣି ନୂଆ ସ୍ୱପ୍ନପାଇଁ ଜାଗା ସୃଷ୍ଟିହୋଇଯାଏ । ଆଉ ଜାଣିଛ ଅବିନାଶ, ଏକ ସ୍ୱପ୍ନ ପାଇଁ ମଣିଷର ଏକ ପରିବାରର ଆବଶ୍ୟକତା ଅଛି । ଆଉ ଜାରଜ୍ଞାର ମଧ୍ୟ ପରିବାର ଅଛି । ଏଠି ପୁରୁଷ ଲୋକଟି ସେ ସ୍ତ୍ରୀର ସ୍ୱାମୀ । ଆଉ ଦୁଇଙ୍କର ମିଶ୍ରଣରେ ପରିବାର ହୋଇଛି । ସେମାନଙ୍କର ମଧ୍ୟ ସ୍ୱପ୍ନ ଅଛି ।– ସେ ଜାରଜ୍ଞାମାନଙ୍କ ସଂସାରର ଭାଷା କିଛି ଭିନ୍ନ ନଥିଲା ବୋଲି ଅବିନାଶକୁ ବୁଝାଉଥିଲେ । ସେ ଜାରଜ୍ଞାମାନଙ୍କୁ ବହୁତ ପାଖରୁ ଦେଖିଛନ୍ତି ।

ତା' ତ ସବୁଠି ।- ଅବିନାଶ କହିଲା ।

କହିବା ସହଜ । ଏଇଠି ମନେ ରଖିବା କଥା ହେଉଛି ଯେ ଆମେ ଏକ ଆଦିମ ଯୁଗର ମଣିଷ ସହ ସଂପର୍କ ରଖୁଛେ । ଆମର ସମାଜ ଆଉ ଏକ ଜାରଜ୍ଞାର ସମାଜ ଭିତରେ ବହୁ ଦୂରତା । ଆଉ ଅବିନାଶ ପ୍ରସ୍ତର ଯୁଗରେ ମଣିଷ ମଣିଷ ଭିତରେ କେମିତି ସମ୍ବନ୍ଧ ପ୍ରକୃତରେ ଥିଲା ତାହା ଆମେ ଭଲକରି ବୋଧେ ଜାଣିନେ, ସେମାନେ କେଉଁ ସମ୍ବନ୍ଧରେ ବାନ୍ଧି ହେଉଥିଲେ, ନା ସମ୍ବନ୍ଧ ବାହାରେ ବନ୍ୟ ଜୀବ ଭଳି ଜୀବନ ବିତାଉଥିଲେ ଆମେ ତାହା ଭଲ ଭାବରେ ଜାଣିନାହୁଁ । ସେମାନଙ୍କ ଭାଷା ଆମେ ପ୍ରାୟ କିଛି ବୁଝୁନେ ଆଉ ସେମାନେ ଆମକୁ ବୁଝିପାରିଥିବେ ଏହାର କିଛି ଭରସା ନଥିଲା । ତେଣୁ ଏହା ଥିଲା ଏକ ଆହ୍ୱାନ ।

ଆଉ ଜଣା ନଥିଲା ସେମାନେ ପରିବାର ସହ ରୁହନ୍ତି କି ନାହିଁ ? ଦଳେ ଲୋକ, ସେମାନଙ୍କ ବିଷୟରେ ବହୁ କିଛି ଜଣା ନାହିଁ ଆଉ ସେମାନେ ଜଙ୍ଗଲ ଭିତରେ ଅନ୍ୟ ସଭ୍ୟ ଲୋକଙ୍କ ଠାରୁ ଦୂରରେ ରହୁଛନ୍ତି । ସେମାନେ ଦଳଗତ ଭାବେ ମଧ୍ୟ କୁଡିଆରେ ରହୁଛନ୍ତି । ତା'ହେଲେ ସେମାନଙ୍କର ପରିବାର ଅଛି ନା କ'ଣ ? ଏମିତି ସନ୍ଦେହ ହେବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଭାବିକ ଥିଲା ।

ହୋଇପାରେ ଏକ ମେଣ୍ଢା ଦଳ, ସେମାନଙ୍କ ସାମାଜିକ ସମ୍ବନ୍ଧ ବିଷୟରେ କିଛି ଜଣା ନାହିଁ । ମେଣ୍ଢାମାନଙ୍କ ପରିବାର ଅଛି କି ନାହିଁ ? ଏଇଟା ତ ପ୍ରଶ୍ନର ଉତ୍ତର ।- ଅବିନାଶ ମନକୁ ମନ ଭାବିଲା । ମେଲ ଡୋମିନେଟେଡ ସୋସାଇଟି, ଆଉ ମୁଖ୍ୟ ମେଣ୍ଢାର ସବୁ ମାଇ ମେଣ୍ଢା ସ୍ତ୍ରୀ । ସେଇମିତି କାହିଁକି ହେବନି ? ତାହେଲେ ସାମାଜିକ ସମ୍ବନ୍ଧ କ'ଣ ସାମୂହିକ ନା ବ୍ୟକ୍ତିଗତ ସମ୍ବନ୍ଧ ମଧ୍ୟ ଅଛି ?

ଅନେକ ପ୍ରଶ୍ନ ଅଛି, ଯେତେବେଳେ ମଣିଷଠୁ କିଛି ଦଳ ଏତେ ଦୂରରେ ରହୁଛନ୍ତି । ଆଉ ପ୍ରମାଣ । କିଛି ଦେଖା କଥା । ଏଇଟା କଣ୍ଟାକ୍ଟ ପାର୍ଟି ଲକ୍ଷ୍ୟ କଲେ । ଥରେ ସେମାନେ ଅନେକ ନଡିଆ, ଡେକଚି, କଦଳୀ ଇତ୍ୟାଦି ଅନେକ ଜିନିଷ ଜାରଜ୍ଞା ଦଳକୁ ଦେଇଦେଲେ । ପୁରୁଷ, ମହିଳାମାନେ ସବୁ ଖୁସିରେ ସେଇ ଜିନିଷ ନେଇଗଲେ । କଣ୍ଟାକ୍ଟ ପାର୍ଟି ଲକ୍ଷ୍ୟ କରିଥାନ୍ତି । ଆଗକୁ କ'ଣ ହେବ ? ଆଉ ଦେଖାଗଲା ଯେ ଏକ ନିର୍ଦ୍ଦିଷ୍ଟ ଜାରଜ୍ଞା ପୁରୁଷ ଏକ ନିର୍ଦ୍ଦିଷ୍ଟ ଜାରଜ୍ଞା ମହିଳା ପାଖରେ ବସୁଛି ଆଉ ପାଇଥିବା ଜିନିଷ ଦୁହେଁ ମିଳି ସାଇତି ରଖୁଛନ୍ତି ।- ବୁଢାଙ୍କର ଛାଇ କହୁଥିଲା ।

ପରିବାରର ଏମିତି ତାହାହେଲେ ସୃଷ୍ଟି ।- ଅବିନାଶ ଟିକିଏ ଚକିତ ହୋଇଗଲା ।

ପାଖରେ କେତେ ବଡ଼ ଉଦାହରଣ । ଆମେ ଏକ ଆଦିମ ଜନଜାତିକୁ ପାଖରେ ଦେଖିଲେ ମଣିଷର ପ୍ରକୃତ ବ୍ୟବହାରକୁ ଅଧ୍ୟୟନ କରିପାରିବା । ମଣିଷର ଇଭଲ୍ୟୁସନର ନିଦର୍ଶନମାନ । ମଣିଷ ବ୍ୟବହାରର କ୍ରମ ପରିବର୍ତ୍ତନ । ସତରେ ଜଣେ କିଛି ସହସ୍ର ବର୍ଷର ଜୀବନକୁ ଆଜିର ସମୟରେ ପରଖିପାରିଲା । ଅବିନାଶ ଯେମିତି ଖୁସର ଏକ ଛୋଟ ଝଲକ ତାଙ୍କ ମୁହଁରେ ଦେଖିପାରୁଥିଲା । ସେ ତା'ପରେ ସମୁଦ୍ର ଆଡକୁ ଅନାଇ କୂଳର ଘଞ୍ଚି ଜଙ୍ଗଲ ଆଡକୁ ମୁହଁ ଫେରାଇ ନେଲେ ।

ଜଣେ ପୁରୁଷ ଆଉ ଜଣେ ନିର୍ଦ୍ଦିଷ୍ଟ ମହିଳା ପାଖରେ ବସୁଛି । ହଁ, ଏହାକୁ ପରିବାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିହେବ । ଅନ୍ୟଥା ଦଳରେ ପ୍ରଥମେ ବଳ ଆଉ ଆକାର ହେତୁ ପୁରୁଷର ଅଧିକାର, ପରେ ଅନ୍ୟର । ଜଣେ ଜଣଙ୍କ ପାଖରେ ବସିବା, ଜିନିଷକୁ ସାଇତି ନିଜ ମୁଣାରେ ରଖିବା ତ କେବଳ ପରିବାରର ନିଦର୍ଶନ ।- ସେ କହିଲେ ।

କହିପାରିବାନି କି ମଣିଷ ବ୍ୟବହାରରେ ଆସିଥିବା ଅସ୍ୱଚ୍ଛ ଭାବନାମାନ ମଣିଷକୁ କେମିତି କେତେ ପରିମାଣରେ ପରିବର୍ତ୍ତିତ କରିଦେଇଛି । ଅବଶ୍ୟ ତାହା ସଭ୍ୟ ସମାଜ ପାଖରେ ।- ଅବିନାଶ କହିଲା ।

ଏକ ନିଚ୍ଛକ ବିଶୁଦ୍ଧ ବ୍ୟବହାର ସହ ତୁଳନା ହେବ ଆଉ ଅନ୍ୟ ଅନ୍ୟ ସଭ୍ୟତାର ସଂସ୍ପର୍ଶରେ ଆସିଥିବା ପରିବର୍ତ୍ତିତବ୍ୟବହାରର । ଯେତେବେଳେ ଶୁଦ୍ଧ ଅମିଶ୍ରିତ ଜଳକୁ ଏକ ମିଶ୍ରିତ ଜଳ ସହ ତୁଳନା କରାଯାଏ, ତେବେ ସ୍ୱଚ୍ଛ, ଶୁଦ୍ଧଜଳ କ'ଣ ତାହା ଜଣାଯିବ ଆଉ କ'ଣ ମିଶିଲା ତାହା ଜାଣିହେବ । ଗଙ୍ଗା ନଦୀର ଆରମ୍ଭରେ ଜଳର ଯେଉଁ ସ୍ୱାଦ, ଯେଉଁ ବର୍ଣ୍ଣହୀନ ରଙ୍ଗ, ତାହା ବନାରସରେ ମିଳିବନି କି ବଙ୍ଗୋପସାଗର ସମୀପ ମୁହାଣରେ ମିଳିବନି । ଗଙ୍ଗା ଜଳର ମୂଳସ୍ୱାଦ ପାଇଁ କେବଳ ଗଙ୍ଗୋତ୍ରୀ ଯିବାକୁ ପଡ଼ିବ । ସେଇଠୁ ଯେ ବାହାରି ଆସିଛି ଭାଗିରଥି ଗଙ୍ଗା, ଏକ ହିମ ପ୍ରବାହ ଭିତରୁ ବାହରି ଆସୁଛି ସ୍ୱଚ୍ଛ ନିର୍ମଳ ଜଳ ।

ସେଇମିତି କ'ଣ ଜାରଜାଙ୍କ ବ୍ୟବହାର ମଣିଷ ସମାଜ ପାଇଁ ବିଶୁଦ୍ଧ ବ୍ୟବହାର କୁହାଯାଇ ପାରିବ ? ହୁଏତ, ଅନେକ ଥ୍ରୀଲ୍ । ବହୁ ପ୍ରାସଙ୍ଗିକ ବ୍ୟବହାର ଲକ୍ଷ୍ୟ କରାଯାଇଛି ଆଉ ଦେଖାଯାଇଛି ଯେ ଏକ ମହିଳା ଆଉ ପୁରୁଷ ସାଙ୍ଗ ହୋଇ ଖାଉଛନ୍ତି । ସେମାନେ ହାତ ଧରି ଚାଲୁଛନ୍ତି, ଜଣେ ଜଣଙ୍କ ଗଳାରେ ନିଜ ବାହୁକୁ ଛନ୍ଦି ଦେଉଛି । ଏକ ନୈସର୍ଗିକ ପ୍ରେମ । ଆଉ ତାହା ଏକ ପରିବାରର ସଙ୍କେତ । ସେମାନଙ୍କ ପାଖରେ କିଛି ନିର୍ଦ୍ଦିଷ୍ଟ ଛୁଆ ଜମା ହୋଇଯାଉଛନ୍ତି, ସେମାନଙ୍କ ସନ୍ତାନ । ନିଜ ନିଜ ଭିତରେ ସମ୍ବନ୍ଧ । ସମ୍ବନ୍ଧରୁ ସନ୍ତାନର ଉତ୍ପନ୍ନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାରଜ୍ଞାର ପରବାରରେ ସ୍ୱାମୀ, ସ୍ତ୍ରୀ ଆଉ ସେମାନଙ୍କର ଅବିବାହିତ ସନ୍ତାନମାନ । ଏହା ହେଉଛି ସବୁଠାରୁ ଛୋଟ ସାମାଜିକ ବ୍ୟବସ୍ଥା । ଆଉ ବୟସ୍କ ସନ୍ତାନ ପିତାମାତାଙ୍କ ସହ ରୁହେନାହିଁ । କମ୍ୟୁନିଟି ହଟରେ ପ୍ରତି ପରିବାର ପାଇ ଜାଗା ନିର୍ଦ୍ଦିଷ୍ଟ ହୋଇଯାଇଛି । ଆଉ ସେ ଜାଗାର ଆକାର ଛୋଟ, ସେଥିରେ ଏକ ଦମ୍ପତି ଆଉ ଅତି ବେଶିରେ ଦୁଇ ବା ତିନିଟି ଛୋଟ ଛୁଆ ରହିପାରିବେ । ଅର୍ଥାତ ଛୁଆ ବଡ଼ ହେଲେ ସେମାନେ ବାପ ମା ଠାରୁ ଦୂରରେ ରହିବେ । କିଛିଟା ଛୋଟ ହଟ ବଡ଼ ମୁଖ୍ୟ ହଟ ପାଖରେ ଅଛି । ଏହା ଅର୍ଥ ହେଉଛି ସେ ହଟମାନଙ୍କରେ ବଢିଥିବା ଛୁଆମାନେ ରୁହନ୍ତି ।-ବୁଢା ସର୍ଦ୍ଦାରଙ୍କ ସ୍ୱରରେ କିଛି ଭଙ୍ଗା ଶବ୍ଦମାନ ନାଚୁନଥିଲା, ଆଉ ସେ ସକାଳର ଶାନ୍ତ ସମୁଦ୍ରକୁ ଦେଖିଲା ଭଳି ନିଜର ଭାବନାକୁ ନିଷ୍କମ୍ପ କରିଦେଇଥିଲେ । ସେଥିରୁ ସମୁଦ୍ରର ବ୍ୟାପକତା ଅତି ସ୍ପଷ୍ଟ ଜଣାଯାଉଥିଲା ।

ଅବିନାଶ ନିଜେ ପଢିଥିବା କିଛି ବହି କଥା ମନେ ପକାଇଲା, ବୋଧେ ଜୟନ୍ତ ସରକାର ମଧ୍ୟ ଆଣ୍ଡାମାନର ଏକ ମହିଳା ଜାରଜ୍ଞାକୁ ତା' ପୁର୍ବ ପରିବାର କଥା ପଚାରିଥିଲେ । ସେ ମହିଳା ହାତ ଦେଖାଇଦେଲା ତିରୁର, ସାଉଥ ଆଣ୍ଡାମାନର ଉପକୂଳକୁ । ସେଠି ତା'ର ମା ରୁହେ । ଜାରଜ୍ଞାମାନେ ଅନ୍ୟ ସ୍ଥାନରେ ମଧ୍ୟ ବିବାହ କରନ୍ତି । ସବୁବେଳେ ସମାଜ ପାଇଁ ଏକ ସାଧାରଣ ପ୍ରଶ୍ନ । ସାଧାରଣରେ ନାରୀ ପୁରୁଷର ଘରକୁ ଆସେ । ଆଉ ଏଠି ମଧ୍ୟ ଜାରଜ୍ଞା ମହିଳା କ'ଣପାଇଁ ନିଜ ପୁରୁଣା ପରିବାର ଚାଡି ଦୂରକୁ ଚାଲିଯାଏ ଆଉ ପୁରୁଷ କ'ଣ ପାଇଁ ନିଜ ଜାଗାରେ ରୁହେ ? ଏହା କ'ଣ ଏମିତି ଏକ ସାମାଜିକ ବ୍ୟବସ୍ଥା ଯାହାର ସବୁଠା।ରୁ ବେଶି ବ୍ୟାପକତା ମଣିଷ ସମାଜରେ ଅଛି ଆଉ କ'ଣ ପାଇଁ ଏଇଥିରେ ପରିବର୍ତ୍ତନ ଘଟିନି ? କିଛି ସାମାନ୍ୟ ବ୍ୟତିକ୍ରମ ଅଛି,ସେହି ବ୍ୟତିକ୍ରମମାନ କିଛି ଅତି ଛୋଟ ଉଦାହରଣ ମାତ୍ର । ପରିବର୍ତ୍ତନ ବା ବିବର୍ତ୍ତନ କୁହ ସମାଜର ସ୍ୱାଭାବିକ ଗତିରେ କ'ଣ ପୁରୁଷ ପାଖକୁ ନାରୀ ଆସିବ ? ସେ ପ୍ରଶ୍ନର ଉତ୍ତର

Listen to Odia Podcast Original at https://youtube.com/@drjyotiprasad

ପଯ୍ୟନ୍ତ ଅବିନାଶ ଏବେ ପହଞ୍ଚି ପାରିବନି ।

ଜାଣିଛ ଅବିନାଶ ଜାରଜ୍ଞାକୁ ବୁଝିବା ପାଇଁ ନାଚିବାର ଆବଶ୍ୟକତା ଅଛି ।- ବୁଢା ସର୍ଦ୍ଦାର କହିଲେ ।

ସଂମ୍ପର୍କ ଯୋଡିବା ପାଇଁ । ଆପଣ ତ ଜାରଜ୍ଞା ଦେଖିଲେ ନାଚନ୍ତି । ସେଇଟା ମୁଁ ଜାଣେ ।-ଅବିନାଶ ଉତ୍ତର ଦେଲା ।

କହିପାର, କିନ୍ତୁ ଜୀବନ ରକ୍ଷାପାଇଁ, ସେମାନଙ୍କୁ ବିଶ୍ୱାସ ଦେବାପାଇଁ । ସେମାନେ ଆମକୁ ନିଜର ଭାବନ୍ତୁ । ନାଚିବାରେ ସତରେ ସେମାନଙ୍କର ଆକ୍ରମଣ କରିବାର ଇଚ୍ଛା ବୋଧେ କମିଯାଇଥିଲା । ଜାରଜ୍ଞାମାନଙ୍କ ସହ ଘଟିଥିବା ଅନେକ ଅନେକ ଉଦାହରଣ ଅଛି । ସେ ସମୟରେ ଆଣ୍ଡାମାନରେ ଜାରଜ୍ଞା ପ୍ରସଙ୍ଗ ଆଲୋଚନାର ଏକ ମୁଖ୍ୟ ବିଷୟ ଥିଲା । ଶୁଣିଲେ ତୁମକୁ ଅସ୍ୱସ୍ତି ଲାଗିପାରେ । ସେମିତି ଲାଗିଲେ, ତୁମେ ମୋ ପରି ନାଚିବାକୁ ଲାଗିଯିବ । ମନ ଭଲ ଲାଗିବ ।- ବୁଢା ସର୍ଦ୍ଦାର କିଛି ଅତି ଗହନ କଥା କହିଲେ ।

ଅବିନାଶ ସମୁଦ୍ରକୁ ଅନାଇଲା । ଅତି ସୁନ୍ଦର ଖରା ପଡିଛି । ନୀଳ ପାଣିରେ ଛୋଟ ଛୋଟ ଢେଉ, କୂଳରେ ଭାଙ୍ଗି ପଡୁଛି । ସେପଟେ ବାଲି ଝଲସୁଛି । ସେଠାରେ କିଛି ଲୋକ ପାଣିରେ ଗାଧୋଉଛନ୍ତି । ଅବିନାଶ ଠିଆହୋଇଥିବା କଡକୁ ପଥୁରିଆ ଭୂମି । ଏଠି ଢେଉ ବଡ଼ ଆଉ ଠିଆହେବା ପାଇଁ ଉପଯୁକ୍ତ ସ୍ଥାନ ମଧ୍ୟ ନାହିଁ । ଅବିନାଶକୁ ଲାଗିଲା ସମୁଦ୍ର କୂଳରେ ଏଇଠି ବିଶ୍ୱାସର ଅର୍ଥ ହେଉଛି ଧଳା ବାଲି ଆଉ ଛୋଟ ଢେଉ । ତେଣୁ ମଣିଷ ମନରେ ବିଶ୍ୱାସ ଆସୁଛି । କେବଳ ସୁନ୍ଦର ଗଛ, ଫୁଲ ଆଉ ପାଣି ମନୁଷ୍ୟକୁ ପୂର୍ଣ୍ଣ ବିଶ୍ୱାସ ଦେଇନପାରେ । ତା'ପରେ ମନୁଷ୍ୟ ଗାଧୋଇବାପାଇଁ ପାଣିକୁ ପଶୁଛି ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକା ଭ୍ରମଣ କାହାଣୀ

ଶିବନାରାୟଣ ଦାସ



(ଦ୍ୱିତୀୟ ଭାଗ) : ପୂର୍ବ ପ୍ରକାଶନର ପରବର୍ତ୍ତୀ ଅଂଶ

ଝିଅର ୨/୩ ଦିନ ଅଫିସ ଛୁଟି ଥିବାରୁ, ଶନିବାର, ରବିବାରକୁ ମିଶାଇ ୱାଶିଂଟନ ବାହାରେ ୩/୪ ଦିନ ବୁଲି ଆସିବାର ପ୍ରୋଗ୍ରାମ କରି ଫେବୃଆରୀ ୧୪ ତାରିଖ ସକାଳୁ ବାହାରି ପଡ଼ିଲୁ । ୱାସିଂଟନର ଠିକ ଦକ୍ଷିଣ-ପୂର୍ବରେ ଥିବା ଛୋଟ ସହର ବ୍ଲାକସବର୍ଗ ଥିଲା ଆମ ଗନ୍ତବ୍ୟ ସ୍ଥାନ । ଝିଅର ଘର ଆର୍ଲିଂଟନରୁ ପ୍ରାୟ ୪/୪:୩୦ ଘଂଟାର ଡ୍ରାଇଭ । ଆଗରୁ ଝିଅ, ପାଖରେ ଥିବା ଏଣ୍ଟରପ୍ରାଇଶରୁ କାରଟିଏ ବୁକ କରିଥିଲା । ଆମେରିକାରେ ଏହା ଏକ ଚମତ୍କାର ବ୍ୟବସ୍ଥା । କୌଣସି ଦୂର ସ୍ଥାନକୁ ବୁଲି ଯିବାକୁ ହେଲେ, ଲୋକମାନେ ନିଜର ଆବଶ୍ୟକତା ଅନୁସାରେ ଭଲ କାରଟିଏ ରେଂଟରେ ନେଇଥାନ୍ତି । ଏଣ୍ଟରପ୍ରାଇଶ ଏକ କାର ରେଣ୍ଟିଙ୍ଗ ସଂସ୍ଥା ଯାହାଙ୍କ ପାଖରେ ସମସ୍ତ ପ୍ରକାର ଅତ୍ୟାଧୁନିକ କାର ମିଳିଥାଏ । ଏଠାରୁ କାରଟିଏ ରେଂଟ କରି ନିଜେହିଁ ଡ୍ରାଇଭ କରିବାକୁ ପଡିଥାଏ - ଭାରତ ପରି ଡ୍ରାଇଭର ସହ ଗାଡ଼ିଟିଏ ନେବାର ବ୍ୟବସ୍ଥା ଏ ଦେଶରେ ନାହିଁ, କାରଣ ଆମେରିକାରେ ମ୍ୟାନ-ପାୱାର ଦାମ୍ ଖୁବ ବେଶୀ । ଆଉ ଏକ ସୁବିଧା ହେଉଛି ଯେ ଯେତେବେଳେ କେହି ଦୂର ସ୍ଥାନରୁ ଏୟାରପୋର୍ଟ ଯାଉଥାଏ, ସେତେବେଳେ ସେମାନେ ଏପ୍ରକାର ଏଣ୍ଟରପ୍ରାଇଶ କାର ନେବାକୁ ହିଁ ପସନ୍ଦ କରିଥାନ୍ତି, କାରଣ ଏଣ୍ଟରପ୍ରାଇଶ ଏକ କାର ରେଣ୍ଟିଙ୍ଗ ଚେନ ହୋଇଥିବାରୁ, ନିଜ ଗନ୍ତବ୍ୟ ସ୍ଥାନରରେ ପହଂଚିଗଲା ପରେ କାରଟିକୁ ପାଖରେ ଥିବା ଏଣ୍ଟରପ୍ରାଇଶର ଯେ କୌଣସି ବ୍ରାଞ୍ଚରେ ଡ୍ରପ କରିଦେବାର ସୁବିଧା ଥାଏ । ଦ୍ୱିତୀୟତଃ, ଯାତ୍ରା ସମୟରେ ଗାଡ଼ିରେ କୌଣସି ପ୍ରକାର

Listen to Odia Podcast Original at https://youtube.com/@drjyotiprasad

ଯାନ୍ତ୍ରିକ ତ୍ରୁଟି ଦେଖାଦେଲେ, ଏଣ୍ଟରପ୍ରାଇଶର nearest branchରୁ ସମାଧାନର ସମସ୍ତ ସାହାଯ୍ୟ ମିଳିଥାଏ ।

୧୪ ତାରିଖ ସକାଳ ଆଠଟା ବେଳେ ଗାଡ଼ିରେ ଯାତ୍ରା ହେତୁ ସମସ୍ତ baggage, ପାଣି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ରଖିଲା ପରେ କପେ କପେ କଫି ପିଇ ବାହାରି ପଡ଼ିଲୁ । ଝିଅ ଡ୍ରାଇଭ କରୁଥାଏ; ମୁଁ ଡ୍ରାଇଭିଙ୍ଗ ଜାଣିଥିଲେ ମଧ୍ୟ ଗାଡି ଚଳାଇବାର ପ୍ରଶ୍ନ ଉଠୁ ନଥିଲା, ଯେହେତୁ ପ୍ରଥମତଃ ମୋର International Driving License ନଥିଲା ଏବଂ ଆମେରିକାର Road-Traffic-Discipline ଭାରତ ଠାରୁ ସମ୍ପୂର୍ଣ ଓଲଟା କାରଣ ଭାରତ ଠାରୁ ବିପରୀତ ଏଠାରେ ଲେଫ୍ଟ ହାଣ୍ଡ ଡ୍ରାଇଭିଙ୍ଗର ବିଧି । ଅର୍ଥାତ ଗାଡିର steer-ing ବାମ ପଟେ ଥାଏ ଏବଂ ଡ୍ରାଇଭର ମଧ୍ୟ ବାମ ପଟେ ବସି ଡ୍ରାଇଭ କରନ୍ତି ପରିଣାମ ସ୍ୱରୂପ ରାସ୍ତାରେ ଟ୍ରାଫିକ ନିୟମ ଗୁଡିକ ମଧ୍ୟ ବଦଳି ଯାଇଥାଏ ।

ଆର୍ଲିଂଟନରୁ ବ୍ଲାକସବର୍ଗ ପ୍ରାୟ ୪:୩୦ ଘଣ୍ଟାର ଡ୍ରାଇଭ । କିନ୍ତୁ ଏଠାରେ ରାସ୍ତା-ଘାଟ ଏତେ ପରିସ୍କାର ପରିଚ୍ଛନ ଓ ଟ୍ରାଫିକ ନିୟମ ଏତେ ପରିମାଣରେ ସୁଶୃଙ୍ଖଳିତ ଯେ, ଯାତ୍ରା ଖୁବ ଆରାମପ୍ରଦ ଲାଗୁଥାଏ । ଏଇଠି କହିରଖେ ଯେ ଆମେରିକାର ସମ୍ପୂର୍ଣ ଟ୍ରାଫିକ ବ୍ୟବସ୍ଥା unmanned ବା ମାନବ-ବିହୀନ । କୌଣସି ପ୍ରକାର ଟ୍ରାଫିକ ପୋଲିସ ନଥାନ୍ତି ଏବଂ ସମସ୍ତ କିଛି Automated Signalling System ଦ୍ୱାରା ପରିଚାଳିତ ହେଉଥାଏ । କୌଣସି ପ୍ରକାର ବିଶୃଙ୍ଖଳା ଦେଖାଯାଏ ନାହିଁ । କେହି ଏଠାରେ ଟ୍ରାଫିକ ନିୟମର ଉଲଂଘନ ନ କରୁଥିଲେ ମଧ୍ୟ, ସମଗ୍ର ରାସ୍ତାରେ କିଛି କିଛି ଦୂରତ୍ୱରେ Closed Circuit Television (CCTV) surveillance କ୍ୟାମେରା ମାନ ଲାଗିଥାଏ ।

ରାସ୍ତାରେ ଆଖ-ପାଖର ଏବଂ ଆଗକୁ ଆସୁଥିବା ସ୍ଥାନ ମାନଙ୍କର ନିର୍ଦ୍ଦେଶିକା ଅତି ସୁନ୍ଦର ଭାବେ ପ୍ରିଣ୍ଟେଡ଼ ଓ ଡିଜିଟାଲ ଉଭୟ ପ୍ରକାର ସାଇନ ବୋର୍ଡ ଦ୍ୱାରା ଦର୍ଶା ଯାଇଥାଏ । ତେଣୁ ଗାଡି-ଚାଳକ ମାନଙ୍କ ପାଇଁ ଭୁଲ ଭ୍ରାନ୍ତିର କୌଣସି ପ୍ରକାର ସମ୍ଭାବନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନ ଥାଏ । ଏହା ବ୍ୟତିରକେ ପ୍ରତିଟି ଗାଡ଼ିରେ ସ୍ଥାପିତ Artificial Intelligence ମଧ୍ୟ କାର ଡ୍ରାଇଭରକୁ ପଥ ନିର୍ଦ୍ଦେଶନାର ସଠିକ ବିବରଣୀ ଦେବା ସଂଗେ ସଂଗେ, ପାଣି-ପାଗର ସୂଚନା ଏବଂ ଆଖ-ପାଖରେ ଥିବା Restroom, Restaurant, Coffee-shop ପରି ଯାତ୍ରୀ ସୁବ୍ୟବସ୍ଥାର ମାର୍ଗ ଦର୍ଶନ କରିଥାନ୍ତି । ଆମେରିକାରେ ରାସ୍ତାର ଦୂରତ୍ୱ Milesରେ ଦର୍ଶାଯାଇଥାଏ, ଆମ ଦେଶ ପରି Kilometreରେ ନୁହେଁ । ଠିକ ସେହିପରି ସପିଙ୍ଗ ଆଉଟଲେଟ ମାନଙ୍କରେ ଖାଦ୍ୟ-ସାମଗ୍ରୀର ଓଜନ ପାଉଣ୍ଡରେ ଦର୍ଶାଯାଇଥାଏ, କିଲୋଗ୍ରାମରେ ନୁହେଁ । ଏମାନେ ବ୍ରିଟିଶ ସିଷ୍ଟମ ଅଫ ମେସରମେଣ୍ଟ ଅନୁସରଣ କରିଥାନ୍ତି ।

ଆମ ଗାଡ଼ି ଆଗେଇ ଚାଲିଥାଏ ବ୍ଲାକସବର୍ଗ ଅଭିମୁଖେ । ଆର୍ଲିଂଟନରୁ ଘରୁ ଖୁବ ଶୀଘ୍ର ବାହାରି ଥିବାରୁ ଜଳଖିଆ ଖାଇ ନ ଥାଉ, ତେଣୁ ଭୋକ ମଧ୍ୟ ଲାଗିବାକୁ ଆରମ୍ଭ କରିଥାଏ । ଅଗତ୍ୟା ଝିଅ ଏକ Running-Food-Station ଆଡକୁ ଗାଡ଼ି ଆଗେଇନେଲା । ଆମେରିକାରେ ଦୀର୍ଘ ପଥ ଯାତ୍ରା କଲାବେଳେ ସମୟ ବଞ୍ଚାଇବା ପାଇଁ ଗାଡ଼ିରୁ ନ ଓଲ୍ହାଇ Snacks ଏବଂ coffee ଇତ୍ୟାଦି ଖାଇବା ପାଇଁ ଏହି Running-Food-Station ଗୁଡିକ ଏକ ଚମତ୍କାର ବ୍ୟବସ୍ଥା । ଆମ ଆଗରେ ଆହୁରି ଅନେକ ଗୁଡିଏ କାର ଧାଡି କରି ଆଗେଇ ଯାଉଥାଏ ଏବଂ Drive-Wayର ଠିକ ସାଇଡରେ ଥାଏ ଏକ ବିରାଟ ବୋର୍ଡ଼ ଯେଉଁଥିରେ ବିଭିନ୍ନ କିସମର snacks ଏବଂ ପାନୀୟର ବିବରଣୀ ଦିଆଯାଇଥାଏ । ପ୍ରତିଟି କାର ଆସି ଏହି ମେନୁ-ବୋର୍ଡ଼ ସମ୍ମୁଖରେ ପହଂଚିବା ମାତ୍ରେ, ଫୁଡ଼ ଷ୍ଟେସନ ଭିତରେ ଥିବା କର୍ମଚାରୀ ମାନେ ଭେବ-କ୍ୟାମେରା ଦ୍ୱାରା ଦେଖିପାରି ଅଭିନନ୍ଦନ ଜଣାଇଥାନ୍ତି ଏବଂ ଖାଦ୍ୟ ଓ ପାନୀୟର order କାର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଳକ ଠାରୁ ଗ୍ରହଣ କରିଥାନ୍ତି । ଏ ସମସ୍ତ କଥୋପ-କଥନ ୱେବ-କ୍ୟାମେରା ସଂଯୋଜିତ voice-system ଦ୍ୱାରା ହୋଇଥାଏ । ଶାରୀରିକ ଭାବେ restaurantର କୌଣସି କର୍ମଚାରୀ ଉପସ୍ଥିତ ନଥାନ୍ତି । ଟିକିଏ ଆଗରେ ଥାଏ ଦୁଇଟି Delivery-Window । ପ୍ରଥମ Delivery-windowରେ କ୍ରେଡିଟ-କାର୍ଡ ଦ୍ୱାରା ପେମେଂଟ କରିସାରିଲା ପରେ ଦ୍ୱିତୀୟ Delivery-window ଆଡକୁ ଆଗେଇ ଯିବାକୁ ହୋଇଥାଏ । ସେଠାରେ ନିଜର order-no. କହିଲା ପରେ, packed ଖାଦ୍ୟ ଓ ପାନୀୟ କାର ଚାଳକକୁ ଡେଲିଭେରୀ ହୋଇଥାଏ । ଗାଡ଼ିରୁ ମୋଟେ ବାହାରକୁ ନ ଓହ୍ଲାଇ ଏ ପ୍ରକାର ବ୍ୟବସ୍ଥା ଅତି ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ ହୋଇଥାଏ । ଆମେ ମଧ୍ୟ ଆମର ସ୍ନାକ୍ସ ଓ କଫି ଇତ୍ୟାଦି ନେଇ ଆଗେଇ ଗଲୁ । ଗାଡ଼ି ଚାଲୁଥିବା ଅବସ୍ଥାରେ ଜଳଖିଆ ଓ କଫି ସେବନ କରି ବାହାରର ସୁନ୍ଦର ଦୃଶ୍ୟ ଉପଭୋଗ କରୁଥାଉ । ବାହାରେ ଚତୁର୍ଦିଗ ବରଫାବୃତ; ଏପରିକି ଗଛ-ଲତା ଓ ଘରଗୁଡ଼ିକ ଉପରେ ମଧ୍ୟ ବରଫର ଚାଦର ବିଛାଇ ହୋଇ ପଡିଥାଏ । ଆଗରେ ଆସୁଥାଏ ରୋଆନୋକ ସହର ଯାହାର ସୁନୀଳ ପାର୍ବତ୍ୟମାଳାର ଦୃଶ୍ୟ ଅତୀବ ରମଣୀୟ ।

ରୋଆନୋକ, ଦକ୍ଷିଣ-ପଶ୍ଚିମ ଭର୍ଜିନିଆର ଏକ ଚଳ-ଚଂଚଳ ସହର । ରୋଆନୋକ ନଦୀ କୂଳରେ ଅବସ୍ଥିତ ଏହି ସହର ସୁନୀଳ ଆପାଲାସିଆନ ପାର୍ବତ୍ୟମାଳାର ମଧ୍ୟ ଭାଗରେ ଏକ ଉପତ୍ୟକା ଭିତରେ ଅବସ୍ଥିତ । ଆପଣ କହିପାରନ୍ତି ସୁନୀଳ ଉପତ୍ୟକା । ଭର୍ଜିନିଆର ସବୁଠାରୁ ଲୋକାରଣ୍ୟ ଏହି ସହର, ବାଣିଜ୍ୟ ଏବଂ ସଂସ୍କୃତିର ଏକ ମୁଖ୍ୟ କେନ୍ଦ୍ରସ୍ଥଳି । ଏହି ପାର୍ବତ୍ୟ ଉପତ୍ୟକା cycling ଏବଂ ପାଦରେ ଚାଲି ଚାଲି ପାହାଡ଼ ଉଠିବା (Tracking) ପାଇଁ ଲୋକ ମାନଙ୍କର ପ୍ରଧାନ ଆକର୍ଷଣୀୟ ସ୍ଥାନ । ସେଥିପାଇଁ ଏଠାରେ ଉପତ୍ୟକାର ପାହାଡି ଇଲାକାରେ ଅନେକ ପାଦଚଲା ରାସ୍ତା ବା Hiking Trails ମାନ ଦେଖିବାକୁ ମିଳିଥାଏ । ବ୍ଲାକସବର୍ଗ ଠାରୁ ୩୩ ମାଇଲ ଦୂରରେ ଅବସ୍ଥିତ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



ସହରରେ ଏକ ଆଂଚଳିକ ବିମାନ ବନ୍ଦର ମଧ୍ୟ ରହିଛି ।

ପ୍ରାୟ ସାଢେ ତିନି ଘଂଟାର ଡ୍ରାଇଭ ପରେ ଝିଅ ଟିକିଏ କ୍ଲାନ୍ତ ହୋଇ ପଡିଥାଏ ଏବଂ ଆମେମାନେ ମଧ୍ୟ ଗାଡ଼ିରୁ ବାହାରି ଟିକିଏ ଗୋଡ-ହାତ ସଳଖି ନେବାକୁ ଚାହିଁଲୁ । ତେଣୁ ରୋଆନୋକରେ ବ୍ଲୁ-ରିଜ ପାର୍ବତ୍ୟ ମାଳା ପାଖରେ ଗାଡି ରଖି ବାହାରକୁ ବାହାରି ପଡ଼ିଲୁ ଓ ଉପତ୍ୟକାରେ ଚଲାବୁଲା କରିବାରେ ଲାଗିଲୁ । ନୀଳ ଆକାଶ ତଳେ, ସୁନୀଳ ପାର୍ବତ୍ୟ ମାଳା ଭିତରେ ଘାସ ଉପରେ ବୁଲିବାକୁ ବେଶ ଭଲ ଲାଗୁଥାଏ ଯଦିଓ ଶୀତ-କାଳ ଯୋଗୁଁ ଉପତ୍ୟକା ଓ ପାହାଡର ଅଧିକାଂଶ ଅଂଶ ବରଫାବୃତ୍ତ ଥାଏ । କାଁ ଭାଁ ଜଣେ ଦୁଇଜଣଙ୍କୁ ଛାଡିଦେଲେ cycling ଓ tracking ପାଇଁ କେହି ନ ଥାନ୍ତି । ମାର୍ଚ୍ଚ ମାସ ଶେଷ ବେଳକୁ ବସନ୍ତ ଆସିଲା ପରେ ହିଁ ଏଠାରେ ଜନସମାଗମ ବଢିଥାଏ । ଯାହା ହେଉ କିଛିଟା ଥଣ୍ଡା ହାଙ୍ଗାର ସତେଜତା ପାଇଲା ପରେ କପେ କପେ କଫି ପିଇ ଗାଡ଼ିରେ ବସିଲୁ ଓ ବାହାରି ପଡ଼ିଲୁ ବ୍ଲାକସବର୍ଗ ଅଭିମୁଖେ । ଏଠାରୁ ପ୍ରାୟ ଘଂଟାକର ବାଟ ।

ଅପରାହ୍ନ ଠିକ ୧ଟା ପାଖାପଖିରେ ଆମେ ଆସି ପହଁଚିଲୁ ବ୍ଲାକସବର୍ଗ ସହରରେ । ଭର୍ଜିନିଆର ମଂଟେଗୋମେରୀ କଂଟ୍ରିରେ ଅବସ୍ଥିତ ଏହି ସହର ବିଶ୍ୱବିଦ୍ୟାଳୟ ସହର ଭାବେ ପ୍ରସିଦ୍ଧ । ସହରର ଜନସଂଖ୍ୟା ଆନୁମାନିକ ଭାବେ ୬୦,୦୦୦ । Virginia Tech

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

University ହିଁ ଏଠାକାର ପ୍ରଧାନ ଆକର୍ଷଣ ବିନ୍ଦୁ । ଆମେରିକାର ଏହା ଏକ ବିଖ୍ୟାତ ବିଶ୍ୱବିଦ୍ୟାଳୟ, ଯେଉଁଠି କଳା, Engineering ଏବଂ Polytechnic ଆଦିରେ ଉଚ୍ଚଶିକ୍ଷାର ବ୍ୟବସ୍ଥା ରହିଛି । ବିଶ୍ୱର ବିଭିନ୍ନ ସ୍ଥାନରୁ ଛାତ୍ର-ଛାତ୍ରୀ ମାନେ ଆସି ଏଠାରେ ଉଚ୍ଚଶିକ୍ଷା ଗ୍ରହଣ କରିଥାନ୍ତି । ବିଶେଷ କରି ଭାରତ ଓ ଚୀନ ଦେଶର ଶିକ୍ଷାର୍ଥୀଙ୍କ ସଂଖ୍ୟା ଅନେକ ବେଶୀ । ଝିଅ ମଧ୍ୟ ଏକ ସମୟରେ ଏହି ଠାରେ ଅଧ୍ୟୟନ କରୁଥିବା ସମୟରେ Engineeringରେ ତା'ର Master ଡିଗ୍ରୀ ସହ ଡ଼କ୍ଟରେଟ ଉପାଧି ହାସଲ କରିଥିଲା । ନିଜର ପୁରୁଣା ସହର ଏବଂ ଶିକ୍ଷାୟତନକୁ ଆସି ତା ଭିତରେ ଥାଏ ପ୍ରବଳ ଉତ୍ସାହ ଓ ରୋମାଞ୍ଚ ।

ଅପରାହ୍ନ ୨ଟା ବାଜିବା ବାଜିବା ହେଉଥାଏ । ବାହାରେ ବର୍ଷା ସାଙ୍ଗକୁ ତୁଷାରପାତ ପୁଣି ଆରମ୍ଭ ହୋଇଯାଇଥାଏ । ଆମମାନଙ୍କୁ ଖୁବ ଭୋକ ମଧ୍ୟ ଲାଗିଲାଣି । ତେଣୁ ସ୍ଥିର କଲୁ, ପ୍ରଥମେ ମଧ୍ୟାହ୍ନ ଭୋଜନ କରିସାରିଲା ପରେ ୟୁନିଭେର୍ସିଟି କ୍ୟାମ୍ପସ ବୁଲି ଦେଖିବୁ । ଶିକ୍ଷାକେନ୍ଦ୍ର ଭାବେ ଏଠାରେ ଛାତ୍ର-ଛାତ୍ରୀମାନଙ୍କର ଚଳ-ପ୍ରଚଳ ଥିବାରୁ, ବିଭିନ୍ନ ଦେଶର ଖାଦ୍ୟ ସମନ୍ୱିତ ଅନେକ ସୌଖିନ ହୋଟେଲ ଏବଂ ରେସ୍ତୋରାଁ ଏଠାରେ ଦେଖିବାକୁ ମିଳିଥାଏ । ତେବେ ଆମକୁ ଖୁବ ବେଶୀ ଖୋଜିବାକୁ ପଡିଲା ନାହିଁ । ୟୁନିଭେର୍ସିଟି କ୍ୟାଣ୍ଟିନରେ ହିଁ ଆମର ମଧ୍ୟାହ୍ନ ଭୋଜନ ଶେଷ କରି ଆମେ ବୁଲି ବାହାରିଲୁ । ୨୬୦୦ ଏକର ବ୍ୟାପି ଥିବା ୟୁନିଭେର୍ସିଟି କ୍ୟାମ୍ପସ ଆମୁଳ-ଚୁଳ ବୁଲି ଦେଖିବା ସମ୍ଭବପର ନ ଥିଲା । ତେଣୁ ଝିଅ ଆମକୁ ମୁଖ୍ୟ ମୁଖ୍ୟ ସ୍ଥାନ ମାନ ବୁଲାଇବାରେ ଲାଗିଥାଏ । Drillfield, Burruss Hall, Duck pond, Hahn Horticultural Garden ଇତ୍ୟାଦି ଥିଲା ଏହି iconic ସ୍ଥାନମାନଙ୍କ ଭିତରୁ କେତୋଟି ମୁଖ୍ୟ ସ୍ଥାନ । ୟୁନିଭେର୍ସିଟି କ୍ୟାମ୍ପସ ଭିତରେ ଆମେ ମଧ୍ୟ ଦେଖିଲୁ ଅନେକ ଭାରତୀୟ ଛାତ୍ର-ଛାତ୍ରୀ ଓ ସେମାନଙ୍କର ବାସସ୍ଥାନ । ଏଇମିତି ବୁଲାବୁଲି କରୁ କରୁ ସଞ୍ଜ ୫ଟା ବାଜିଲାଣି । ବର୍ଷା ଓ ବରଫପାତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଗୁଁ ବାହାରେ ଏକପ୍ରକାର ସୂର୍ଯ୍ୟାଲୋକ ମୋଟେ ନ ଥାଏ କହିଲେ ଚଳେ । ପୁଣି ସଞ୍ଜ ହୋଇ ଆସୁଥିବା ଯୋଗୁଁ ଧୀରେ ଧୀରେ ଅନ୍ଧକାର ଘୋଟି ଆସୁଥାଏ । ତେଣୁ ଠିକ କଲୁ ଏଥର ଘରକୁ ଫେରିବୁ ।

ବ୍ଲାକସବର୍ଗ ଠାରୁ ୮ ମାଇଲ ଦୂରରେ ଅବସ୍ଥିତ ଆଉ ଏକ ଛୋଟ ସହର ଖ୍ରୀଷ୍ଟୀଆନ୍‌ସବର୍ଗ, ଯେଉଁଠାରେ ବଡ଼ ବଡ଼ ଦୋକାନ-ବଜାର ଓ ଶୋପପିଙ୍ଗ-ମଲ୍ ଆଦି ଦେଖିବାକୁ ମିଳିଥାଏ । ବ୍ଲାକସବର୍ଗରେ ପଢୁଥିବା Virginia Techର ଛାତ୍ର-ଛାତ୍ରୀମାନେ weekend ମାନଙ୍କରେ କିଣାକିଣି କରିବାକୁ ଖ୍ରୀଷ୍ଟୀଆନ୍‌ସବର୍ଗ ହିଁ ଆସିଥାନ୍ତି । ବ୍ଲାକସବର୍ଗ ସହର ସମ୍ପୂର୍ଣ୍ଣ ଭାବେ ଶିକ୍ଷା-କୈନ୍ଦ୍ରିକ ହୋଇଥିବାରୁ, ଏଠାରେ ଭଲ ଦୋକାନ-ବଜାର ଦେଖିବାକୁ ମିଳେନାହିଁ; କହିବାକୁ ଗଲେ, ବ୍ଲାକସବର୍ଗ ଏବଂ ଖ୍ରୀଷ୍ଟୀଆନ୍‌ସବର୍ଗ ସହର ଦୁଇଟିର ଅର୍ଥବ୍ୟବସ୍ଥା Virginia Techର ଉପସ୍ଥିତି ଦ୍ୱାରାହିଁ ମୁଖ୍ୟତଃ ନିୟନ୍ତ୍ରିତ ହୋଇଥାଏ ।

ଝିଅ ଆଗରୁ ଖ୍ରୀଷ୍ଟୀଆନ୍‌ସବର୍ଗରେ Airbnbଟିଏ ବୁକ କରି ରଖିଥାଏ । ଆମେରିକାରେ ଏହା ଏକ ପ୍ରଚଳିତ ବ୍ୟବସ୍ଥା - ପରିବାରସହ କୌଣସି ସ୍ଥାନକୁ ବୁଲିଗଲେ, ସୁଲଭରେ ୩/୪ ଦିନ ପାଇଁ budget-friendly ଘରୋଇ ବାସସ୍ଥାନଟିଏ ପାଇଁ ଆମେରିକୀୟ ଲୋକମାନେ ଏହି Airbnb ଉପରେହିଁ ନିର୍ଭର କରିଥାନ୍ତି । ଏହା ହୋଟେଲ ଭଳି ମହଙ୍ଗା ନୁହେଁ, ପୁଣି ହୋଟେଲର ଆଭିଜାତ୍ୟ ପୂର୍ଣ୍ଣ ଚାକଚକ୍ୟ ଠାରୁ ଦୂରରେ ରେସିଡେନ୍‌ସିଆଲ୍ ଲୋକାଲିଟିରେ ଘର-ମାଲିକମାନେ ନିଜ ଘରର କିଛି-ଅଂଶକୁ Guest-Houseରେ convert କରି ସେଠାରେ ଘରୋଇ ବାସୋପଯୋଗୀ ସମସ୍ତ ସୁବ୍ୟବସ୍ଥା ଯୋଗାଇଦେଇଥାନ୍ତି । ଠିକ ନିଜ ଘରେ ରହିଲା ଭଳି ଏଠାରେ ବିଛଣା, ସୋଫା, ଟିଭି, ୱାସିଂମେସିନ, ଫ୍ରିଜ, କଫି-ମେସିନ, ବିଭିନ୍ନ ପ୍ରକାର Indoor-games, Air-Conditioning/Heating system, କୁକିଙ୍ଗ-ରେଞ୍ଜ ତଥା ରୋଷେଇ ଓ ଖାଇବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆବଶ୍ୟକୀୟ ବାସନ-କୁସନର ବନ୍ଦୋବସ୍ତ ସହ ଇଣ୍ଟରନେଟର ଉପଲବ୍ଧି ମଧ୍ୟ ଥାଏ । ଇଣ୍ଟରନେଟ ସାଇଟରୁ ବାଛି ନିଜ ଆବଶ୍ୟକ ମୁତାବକ ଏଗୁଡିକ ବୁକ କରାଯାଇଥାଏ ।

Airbnb ବୁକିଂ ଏବଂ ଏଥିପାଇଁ ନିର୍ଦ୍ଧାରିତ room-charges ଅଗ୍ରିମ ଇଣ୍ଟେର୍ନେଟ ସାଇଟରୁ ହିଁ online payment କରିବାକୁ ହୋଇଥାଏ ଓ ଏହି ସୂଚନା ଘର ମାଲିକଙ୍କ ପାଖକୁ e-mail ଯୋଗେ ଜଣାଇ ଦିଆଯାଇଥାଏ । ଏହାପରେ ଘର ମାଲିକ e-mail ଦ୍ୱାରା ଉତ୍ତର ଦେଇ ଏକ door-opening, code-number ଦେଇଥାନ୍ତି । କହିରଖେ ଯେ ଆମେରିକାରେ ସମସ୍ତ, ହୋଟେଲ, Guest-House ଏବଂ ଅଧିକାଂଶ residential ଘରେ ମଧ୍ୟ ମୁଖ୍ୟ ଦ୍ୱାରରେ Number-Locking ବ୍ୟବହାର କରାଯାଇଥାଏ । ସଠିକ କୋଡ଼ ଦେଲାପରେ ଯାଇ ଦୁଆର ଖୋଲେ । ସୁରକ୍ଷା ଦୃଷ୍ଟିରୁ ଏହା ଏକ ଉତ୍ତମ ବ୍ୟବସ୍ଥା ।

ଖ୍ରୀଷ୍ଟିଆନବର୍ଗରେ Airbnbରେ ପହଂଚିଲାବେଳକୁ ସଞ୍ଜ ହୋଇଯାଇଥିଲା । Ground Floorରେ ଥାଏ ଆମର Guest Houseଟି । ଘରର ଉପର ମହଲରେ ଘର ମାଲିକ ରହୁଥାନ୍ତି ବୋଲି ଅନୁମାନ କଲୁ । କୋଡ଼ ନମ୍ବର ଦେଇ ଝିଅ ଘରର ମୁଖ୍ୟ ଦ୍ୱାର ଖୋଲିଲା ଓ ଘରର ଆଲୁଅ ଜଳାଇଦେଲା । ସୋଫା ଓ ସେଣ୍ଟର ଟେବୁଲ ଦ୍ୱାରା ସଜା ହୋଇଥିବା ସୁନ୍ଦର ଲମ୍ବା ହଲ୍‌ଟିଏ; ତା'ସହିତ ସଂଯୁକ୍ତ ଥାଏ ଦୁଇଟି ବେଡ଼ରୁମ ଓ ବାଥରୁମ । ଆର୍ଲିଂଟନରୁ ଲମ୍ବା ଯାତ୍ରା ଓ ବୁଲାବୁଲି ପରେ ଖୁବ କ୍ଲାନ୍ତ ହୋଇପଡ଼ିଥିଲୁ । ଅତଏବ ଲୁଗାପଟା ବଦଳି କରି ଗାଧୋଇ ପଡ଼ିଲୁ । ଗରମ ପାଣିରେ ଗାଧେଇସାରିଲା ପରେ ବେଶ ଆରମ୍ଭ ଲାଗୁଥାଏ । ବାହାରେ ତୁଷାର ଝଡ଼ ଧୀରେ ଧୀରେ ବଢି ଚାଲିଥାଏ । ତେଣୁ ପୁଣି ଗାଡି ନେଇ ହୋଟେଲ୍ଲୁ ଖାଇବାକୁ ଯିବାପାଇଁ ମନ ବଳିଲା ନାହିଁ । ଝିଅ ଅନଲାଇନ କିଛି ଖାଇବା ପଦାର୍ଥ ମଗାଇଦେଲା । ଆମେରିକାରେ ରେସ୍ତୋରାଁରୁ ଖାଦ୍ୟ ପଦାର୍ଥ ମଗାଇବାପାଇଁ ଏହା ବେଶ ସୁବିଧାଜନକ ଓ ବିଶ୍ୱସ୍ତ ମାଧ୍ୟମ । କିଛି ସମୟ ପରେ ଡେଲିଭେରୀ ବୟ ଆସି ଖାଇବାର ଦେଇଗଲା । ଝିଅ ଡ଼ିନର ପାଇଁ Mexican ଫୁଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଗାଇଥାଏ: Tacos ଏବଂ Tortias ଆଉ ତା' ସହିତ କିଛି ଚକୋଲେଟ ମିଲକ ଏବଂ fruit juice । ଟାକୋସ୍ ଆମ ଦେଶର ରୁଟି ଓ ତରକାରୀ ପରି ଏବଂ Tortas ଏକ ପ୍ରକାର Mexican-sandwitch । ଆମେରିକାରେ ଅନେକ Mexican ଲୋକ ରହୁଥିବାରୁ ସେଠାକାର ଖାଦ୍ୟର ଚାହିଦା ଖୁବ ବେଶୀ । ବେଶ ଭୋକ ଲାଗୁଥିବାରୁ ଚଂଚଳ ଖାଇ ବସିଲୁ ଓ ପରିତୃପ୍ତିର ସହ ସବୁ କିଛି ଖାଇ, ଦୁଧ ଓ ଜୁସ ପିଇ ସାରିଲା ପରେ ପିଣ୍ଡରେ ପ୍ରାଣ ପଶିଲା ପରି ଲାଗିଲା । ଖାଇସାରିଲା ପରେ Airbnbରେ ଥିବା କିଛି Card-Game ଖେଳି ବସିଲୁ ଓ କିଛି ସମୟ ଖେଳି ସାରିଲା ପରେ ନିଦ ଆସିବାର ଉପକ୍ରମ ହେଲା ।

ବାହାରେ ଘନ ଅନ୍ଧକାର ଭିତରେ ତୁଷାର ଝଡ଼ ସହ ପାଇନ ବୃକ୍ଷରେ ପଡିଥିବା ଚୁନା ଚୁନା ବରଫ ଚାଦର ଉପରେ ଜହ୍ନ ଆଲୁଅ ପ୍ରତିଫଳିତ ହୋଇ ବେଶ ଏକ ରୋମାଞ୍ଚିକର ପରିବେଶ ସୃଷ୍ଟି କରୁଥାଏ । ବିଛଣାରେ କମ୍ବଳ ଘୋଡ଼ିହୋଇ, କାଚ ଝରକା ଦେଇ ସେ ଦୃଶ୍ୟକୁ ଉପଭୋଗ କରୁ କରୁ କେତେବେଳେ ଆଖି ପତା ଲାଗିଯାଇଛି ଜାଣିପାରିଲୁ ନାହିଁ ।

ପରଦିନ ସକାଳ ହୋଇ ସିନ୍ଦୁରା ଫାଟିଲା ବେଳକୁ, ସୁନେଲି ସୂର୍ଯ୍ୟ-କିରଣ ଚତୁର୍ଦ୍ଦିଗରେ ଖେଳାଇ ହୋଇ ପଡ଼ିଲାଣି । ତୁଷାର ଝଡ଼ ପ୍ରାୟ କଟିଯାଇଥାଏ । ଆକାଶ ଫର୍ଚ୍ଚା ହୋଇଯାଇଥାଏ । ଆମେ ଆଉ ବିଳମ୍ବ ନ କରି ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ଶେଷ କରିବାରେ ଲାଗିଲୁ । ଗାଧୁଆ ପାଧୁଆ ସାରି ପ୍ରସ୍ତୁତ ହେଲାବେଳକୁ ପ୍ରାୟ ସକାଳ ୮ଟା ବାଜି ଗଲାଣି । Airbnbରେ ଥିବା toasterରେ କିଛି ପାଉଁରୁଟି ସେକି, ବ୍ରେଡ-ବଟର ସହିତ କଫି ଓ ଦୁଧ ପିଇ ବ୍ରେକଫାଷ୍ଟ ଶେଷ କଲୁ । ସଂଗେ ସଂଗେ ବ୍ୟାଗ-ବ୍ୟାଗେଜ କାରରେ ପ୍ୟାକ କରି ଚଂଚଳ ଯାତ୍ରା ପାଇଁ ବାହାରି ପଡ଼ିଲୁ ।

ଆମର ପରବର୍ତ୍ତି ଗନ୍ତବ୍ୟ ସ୍ଥଳ ଥାଏ "ଲ୍ୟୁରେ-କ୍ୟାଭେର୍ଣ୍ଣସ", ଖ୍ରୀଷ୍ଟିଆନବର୍ଗର ୧୬୦ ମାଇଲ ଉତ୍ତରରେ ଅବସ୍ଥିତ ପ୍ରାୟ ୨.୩୦ ଘଂଟାର ବାଟ । ଲ୍ୟୁରେ-କ୍ୟାଭେର୍ଣ୍ଣସ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



ପ୍ରାକୃତିକ ଭାବେ ସୃଷ୍ଟ ଚୂନପଥରର ଗୁମ୍ଫା (Formation of Stalactite) । ପଥରର ଅବରୋହି ନିକ୍ଷେପ ଭାବେ ଗୁମ୍ଫା ଛାତରୁ ଝୁଲୁଥିବା ଏହି ଚୂନପଥରର ସ୍ତମ୍ଭ ଗୁଡିକ ସମୟର ଅନନ୍ତ ପ୍ରବାହ ଭିତରେ ପ୍ରାକୃତ୍ରିକ ଭାବେ ସୃଷ୍ଟି ହୋଇଥାଏ । ସ୍ତମ୍ଭର ଗୋଟିଏ ଇଞ୍ଚ ସୃଷ୍ଟି ହେବାପାଇଁ ପ୍ରାୟ ୧୨୦ ବର୍ଷ ଲାଗିଯାଇଥାଏ । ଦେଢ଼ ମାଇଲ ବ୍ୟାପି ଏହି ଗୁମ୍ଫା ଭିତରର ସଂକୀର୍ଣ୍ଣ ପଥ ଭିତରେ ଏହିପରି ହଜାର-ହଜାର stalactite formation ବା ଚୂନପଥରର ସ୍ତମ୍ଭ ରହିଛି, ଯେଉଁଥିରୁ ଅନୁମାନ କରାଯାଇପାରେ ଯେ ଏହା କେତେ ପ୍ରାଚୀନ । ପ୍ରତ୍ନତତ୍ତ୍ୱବିତ ମାନଙ୍କ ମତ ଅନୁସାରେ,ଏହି natural formation ବା ସ୍ତମ୍ଭ ଗୁଡିକର ଆୟୁ ନ୍ୟୁନତମ ୭୦,୦୦୦ ବର୍ଷ ଠାରୁ ଆରମ୍ଭ କରି ସର୍ବାଧିକ ୭,୦୦,୦୦୦ ବର୍ଷ ବୋଲି ଗଣନା କରାଯାଏ । ପ୍ରକୃତିର ଏକ ଅଦ୍ଭୁତ ସୃଷ୍ଟି ।

ଟିକେଟ କାଉଂଟରରୁ ଟିକେଟ କିଣି ଲ୍ୟୁରେ କ୍ୟାଭେର୍ଣ୍ଣଷର ଗୁମ୍ଫା ଭିତରେ ପ୍ରବେଶ କଲୁ । ଦେଢ଼ ମାଇଲ ବ୍ୟାପି ଏହି ଗୁମ୍ଫାର ଦୀର୍ଘ ସୁଡ଼ଙ୍ଗ ପଥ ଅତିକ୍ରମ କରିବାପାଇଁ ପ୍ରାୟ ୯୦ ମିନିଟ ସମୟ ଲାଗିଥାଏ । ସମୟେ ସମୟେ ଫୋଟୋ ଉଠାଇବା ପାଇଁ ରହି ରହି ଆଗେଇଲେ, ସମଗ୍ର ପଥ ବୁଲି ଦେଖିବା ପାଇଁ ଖୁବ ବେଶୀରେ ୩ ଘଣ୍ଟା ସମୟ ଲାଗିଥାଏ । ସୁଡ଼ଙ୍ଗ ଭିତରେ ଦୀର୍ଘ ପଥ ସାରା ବିଜୁଳି ଆଲୋକର ବ୍ୟବସ୍ଥା ଥାଏ, ଅତଏବ ବୁଲି ଦେଖିବାପାଇଁ କୌଣସି ପ୍ରକାର ଅସୁବିଧା ନ ଥାଏ । ଆମେ ମଧ୍ୟ ପ୍ରାୟ ଦୁଇ ଘଣ୍ଟା ଭିତରେ ଲ୍ୟୁରେ କାଭେର୍ଣ୍ଣଷ ବୁଲି ଗୁମ୍ଫାରୁ ବାହାରି ଆସିଲୁ । ପାଖରେ ଥାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

Shenandoah Heritage Village । ଉନବିଂଶ ଶତାବ୍ଦୀରେ ଏଠାକାର ଲୋକମାନଙ୍କର ଜୀବନ ଶୈଳୀକୁ ଚିତ୍ରଣ କରି ଏକ ନମୁନା ବା ପ୍ରତିରୂପ ଏହି Heritage Villageରେ ପ୍ରସ୍ତୁତ କରାଯାଇଛି । ଆମେ ମଧ୍ୟ ଅନ୍ୟ ପର୍ଯ୍ୟଟକ ମାନଙ୍କ ସହ ଏହି ପାରମ୍ପରିକ ଐତିହାସିକ ଗ୍ରାମଟିକୁ ବୁଲି ଦେଖିଲୁ ଓ ସମସ୍ତ କିଛି ବୁଲି ଦେଖି ସରିଲା ବେଳକୁ ସମୟ ପ୍ରାୟ ଅପରାହ୍ନ ୨:୩୦ ବାଜିଲାଣି । ବେଶ ଭୋକବି ଲାଗିଲାଣି ।

ପାଖରେ ମୁଖ୍ୟ ରାସ୍ତା ଉପରକୁ ଗାଡ଼ି ଗଡ଼ାଇଲାବେଳକୁ ଦେଖିବାକୁ ପାଇଲୁ କେତେ ଗୁଡିଏ ଛୋଟ-ବଡ଼ ରେସ୍ତୋରାଁ । ତହିଁରୁ ଗୋଟିକରେ ହିନ୍ଦୀ ଭାଷାରେ କିଛି ଲେଖାଥିବା ଦେଖି ସେଥିରେ ପଶିଗଲୁ । ଆମର ଅନୁମାନ ସତ ଥିଲା; ସେଲସ କାଉଣ୍ଟରରେ ଥିବା ଯୁବକଟି ଉତ୍ତର-ଭାରତୀୟ । ପଚାରି ଜାଣିଲୁ ଯେ ଦିଲ୍ଲୀ ପାଖରେ ନୋଇଡ଼ାରେ ସେମାନଙ୍କର ବାସସ୍ଥାନ । ବ୍ୟବସାୟ କରିବା ଲକ୍ଷ୍ୟ ନେଇ ବଡ଼ ଭାଇଟି ପ୍ରଥମେ ଆସି ପହଞ୍ଚିଥିଲା ଭର୍ଜିନିଆର ଏହି ଅଂଚଳରେ । ରେଷ୍ଟୁରାନ୍‌ଟକୁ ଲାଗି ରହିଥିବା ପେଟ୍ରୋଲ ପମ୍ପ ଗୋଟିକ ଥିଲା ବିଦେଶରେ ସେ ଯୁବକଙ୍କର ବ୍ୟବସାୟ ପ୍ରକଳ୍ପର ପ୍ରଥମ ଉଦ୍ୟମ । ପ୍ରାୟ ବର୍ଷକ ପରେ ବ୍ୟବସାୟରେ ବେଶ ଭଲ ଲାଭ ହେବାପରେ, ସେହି ପେଟ୍ରୋଲ ପମ୍ପ ପାଖରେ ଥିବା ଖାଲି ସ୍ଥାନଟିକୁ କିଣି ସେଠାରେ ସେ ଖୋଲିଲେ ଏକ ଗ୍ରୋସରୀ ଷ୍ଟୋର । ବ୍ୟବସାୟର ବିସ୍ତାରକୁ ଆଖି ଆଗରେ ରଖି ଏ ଭିତରେ ନୋଇଡାରୁ ଛୋଟ ଭାଇଟି ମଧ୍ୟ ଆସି ବଡ଼ ଭାଇ ସହ ବିଦେଶରେ ଯୋଗ ଦେଇଥାଏ । ପ୍ରାୟ ଅଧା ମାଇଲ ଦୂରରେ ଥାଏ ଦୁଇ ଭାଇଙ୍କର ସୁନ୍ଦର ବାସସ୍ଥାନଟିଏ ।

ଯେପରି ଆଗରୁ କହିଛି ଯେ ଆମେରିକାରେ ପେଟ୍ରୋଲ ପମ୍ପ ଗୁଡିକ ମାନବ-ବିହୀନ ଭାବେ ସ୍ୱୟଂ ପରିଚାଳିତ ହୋଇଥିବାରୁ ଓ ଗ୍ରୋସେରୀ ଷ୍ଟୋରରେ ସବୁବେଳେ କିଣାବିକା ନ ଥିବାରୁ, ଭାଇ ଦୁହିଁଙ୍କ ମନରେ ଜନ୍ମନେଲା ଏକ ଅଭିନବ ବ୍ୟବସାୟୀ ବୁଦ୍ଧି: ଯେହେତୁ "ଲ୍ୟୁରେ କ୍ୟାଭେର୍ଣ୍ଣ୍ଷ"ରେ ପ୍ରାୟ ବର୍ଷସାରା ପର୍ଯ୍ୟଟକଙ୍କର ଭିଡ ଲାଗିରହିଥାଏ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁମାନଙ୍କ ଭିତରେ ଥାଆନ୍ତି ଅଧିକାଂଶ ଭାରତୀୟ, ବାଂଲାଦେଶୀ ଓ ନେପାଳୀ ପର୍ଯ୍ୟଟକ ଯାହାଙ୍କର ଖାଦ୍ୟାଭ୍ୟାସ ପ୍ରାୟ ଏକାପରି, ସେମାନଙ୍କୁ ଖାଦ୍ୟ ପରିବେଷଣ ପାଇଁ ରେଷ୍ଟୁରାନ୍‌ଟଟିଏ ଖୋଲିଲେ କେମିତି ହୁଅନ୍ତା ? ବେଶ ! ସେଇଥିରୁ ଜନ୍ମନେଲା ଗ୍ରୋସେରୀ ଷ୍ଟୋର ଭିତରେ ଗୋଟିଏ କୋଣରେ ବସି ଖାଇବା ପାଇଁ ପ୍ରୟୋଜନୀୟ କିଛି ଚେୟାର ଟେବୁଲ ସମ୍ବଳିତ ଛୋଟ ଏକ ରେଷ୍ଟୁରାନ୍‌ଟ. ।

ଅଦ୍ଭୁତ ପରିକଳ୍ପନା ଓ ଅଦ୍ଭୁତ ବ୍ୟବସାୟୀ ବୁଦ୍ଧି । ଆମେ ଭାରତୀୟ ଜାଣି ଓ ପୁଣି ମୁଁ ଏକଦା ଦିଲ୍ଲୀରେ ଚାକିରୀ କରୁଥିବା ସମୟରେ ନୋଇଡ଼ାରେ ଦୀର୍ଘ ପନ୍ଦର ବର୍ଷ ରହିଥିବା ଜାଣି, ଦୁଇ ଭାଇ ଆମମାନଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ସହ ବେଶ ଅନ୍ତରଙ୍ଗ ବାର୍ତାଳାପ କରିବାରେ ଲାଗିଲେ । ଏ ଭିତରେ ଆମେ ଖାଇବା ଅର୍ଡର ଦେଇ ସରିଥାଉ । ରାଜମା, ଛୋଲେ ଓ ଚିକେନ କରି ସହ କିଛି ସମୟ ଉତ୍ତାରୁ ଆସି ପହଁଚିଲା ଛୋଟ ଭାଇଟି ଓ ଆମ ଟେବୁଲରେ ପରଷିଦେଲା । ଆମେରିକାରେ ଥିବା ଭାରତୀୟ ଅଥବା ନେପାଳୀ ରେସ୍ତୋରାଁମାନନଙ୍କରେ ଖାଦ୍ୟ ପରସିବାର ପ୍ରଣାଳୀ ଟିକିଏ ଭିନ୍ନ ପ୍ରକାର । ଏଠାରେ କେବଳ ତରକାରୀ ଅର୍ଡର କରିବାକୁ ପଡିଥାଏ । ପ୍ରତିଟି ତରକାରୀ ସହ ଗୋଟିଏ ବଡ଼ ବାଉଲ ବାସୁମତି ଚାଉଳର ଭାତ ଆପେ ଆପେ ମିଳିଥାଏ । ବହୁଦିନ ପରେ ଭାରତ ବାହାରେ ଭାରତୀୟ ଖାଦ୍ୟ ଖାଇବାକୁ ବେଶ ସୁସ୍ୱାଦୁ ଲାଗୁଥାଏ । ପରିତୃପ୍ତିର ସହ ଖାଇଲୁ ଓ ଭାଇ ଦୁହିଁଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇ ଆଗେଇଲୁ ଆମର ପରବର୍ତ୍ତୀ ଲକ୍ଷ ସେନାନଡୋଆ ଅଭିମୁଖେ ।

ଲୁ୍ୟରେ କ୍ୟାଭେର୍ଣ୍ଣଷ ଠାରୁ ପ୍ରାୟ ୨୬ ମାଇଲ ଦୂରରେ ଥାଏ ଆମର ପରବର୍ତ୍ତି ଲକ୍ଷ୍ୟ ସ୍ଥଳ : “ସେନାନଡୋହା ନେସନାଲ ପାର୍କ”; ଅନୁ୍ୟନ ଅଧାଘଣ୍ଟାର ଡ୍ରାଇଭିଂ ଦୂରତ୍ୱରେ ଅବସ୍ଥିତ ।

ଶେନାନ୍‌ଡୋଆ ଜାତୀୟ ଉଦ୍ୟାନ (Shenandoah National Park) ହେଉଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉତ୍ତର ଭର୍ଜିନିଆର ଆପାଲାଚିଆନ୍ ପର୍ବତମାଳାର ବ୍ଲୁ ରିଜ୍ ଭାଗରେ ଅବସ୍ଥିତ ଏକ ପ୍ରମୁଖ ସଂରକ୍ଷିତ ଅଞ୍ଚଳ । ଶେନାନ୍‌ଡୋଆ ଜାତୀୟ ଉଦ୍ୟାନର ମୋଟ କ୍ଷେତ୍ରଫଳ ପ୍ରାୟ ୩୧୧ ବର୍ଗ ମାଇଲ୍, ଯାହା ପ୍ରାୟ ୮୦୫ ବର୍ଗ କିଲୋମିଟର (ବା ପାଖାପାଖି ୧,୯୯,୦୦୦ ଏକର) ସହିତ ସମାନ ।

୧୯୨୬ ମସିହାରେ କଂଗ୍ରେସ ଦ୍ୱାରା ଅନୁମୋଦିତ ଏବଂ ୧୯୩୫ ମସିହାରେ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠିତ ଏହି ଜାତୀୟ ଉଦ୍ୟାନଟି ଏହାର ଚିତ୍ତାକର୍ଷକ ପ୍ରାକୃତିକ ଦୃଶ୍ୟ, ଡାର୍କ ହଲୋ ଫଲ୍ସ (Dark Hollow Falls) ଭଳି ଜଳପ୍ରପାତ ଏବଂ ପର୍ବତ ଶିଖର ଦେଇ ଗତି କରିଥିବା ଐତିହାସିକ ୧୦୫ ମାଇଲ୍ ଲମ୍ବର ସ୍କାଇଲାଇନ୍ ଡ୍ରାଇଭ୍ (Skyline Drive) ପାଇଁ ବେଶ୍ ପ୍ରସିଦ୍ଧ ।

ମୁଖ୍ୟ ଆକର୍ଷଣ ଓ ଭୂଗୋଳ

ସ୍କାଇଲାଇନ୍ ଡ୍ରାଇଭ୍: ଏହି ପ୍ରସିଦ୍ଧ ମନୋରମ ରାଜପଥ ଉଦ୍ୟାନର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲମ୍ବି ରହିଛି, ଯାହା ପର୍ବତ ଶିଖର ଏବଂ ଦର୍ଶନୀୟ ସ୍ଥାନଗୁଡ଼ିକୁ ସହଜରେ ଯୋଡ଼ିଥାଏ । କୋଟି କୋଟି ବର୍ଷର କ୍ଷୟୀଭବନ (erosion) ଯୋଗୁଁ ଏହି ଗ୍ରାନାଇଟ୍ ଏବଂ ବାସାଲ୍ଟ ପାହାଡ଼ଗୁଡ଼ିକ ଗୋଲାକାର ଏବଂ କ୍ଷୟ ହୋଇଯାଇଥିବାରୁ ଏହି ଶିଖରଗୁଡ଼ିକରେ ପହଞ୍ଚିବା ସହଜ ହୋଇଛି ।

ପାଦଯାତ୍ରା ଓ ଟ୍ରେଲ୍: ଏହି ଉଦ୍ୟାନରେ ୫୦୦ ମାଇଲ୍‌ରୁ ଅଧିକ ଲମ୍ବର ଚଲାପଥ ରହିଛି, ଯେଉଁଥିରେ ଆପାଲାଚିଆନ୍ ନ୍ୟାସନାଲ୍ ସିନିକ୍ ଟ୍ରେଲ୍‌ର ଏକ ୧୦୧ ମାଇଲ୍‌ର ଭାଗ ସାମିଲ୍ ଅଛି, ଯାହା ସ୍କାଇଲାଇନ୍ ଡ୍ରାଇଭ୍ ସହିତ ସମାନ୍ତରାଳ ଭାବେ ଗତି କରିଛି ।

ପରିବେଶ ଓ ବନ୍ୟପ୍ରାଣୀ

ଉଦ୍ଭିଦ: କିଛି ଘାସପଡ଼ିଆକୁ (ଯେପରିକି ବିଗ୍ ମ୍ୟାଡୋଜ୍) ଛାଡ଼ିଦେଲେ, ଏହି ଉଦ୍ୟାନଟି ଶକ୍ତ କାଠ (ହିକୋରୀ ଓ ଓକ୍) ଏବଂ ଶଙ୍କୁଜାତୀୟ (ପାଇନ୍) ଜଙ୍ଗଲରେ

Listen to Odia Podcast Original at https://youtube.com/@drjyotiprasad

ଭରପୂର । ବସନ୍ତ ଋତୁରୁ ଶରତ ଋତୁ ପର୍ଯ୍ୟନ୍ତ ଏଠାରେ କ୍ରମାଗତ ଭାବେ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ବଣୁଆ ଫୁଲ ଫୁଟିଥାଏ ।

ବନ୍ୟପ୍ରାଣୀ: ଏହା କଳା ଭାଲୁ, ଧଳା-ଲାଞ୍ଜ ବିଶିଷ୍ଟ ହରିଣ, କୋକିଶିଆଳି, ଗୁଣ୍ଡୁଚିମୂଷା ଏବଂ ଅନେକ ପ୍ରକାରର ପକ୍ଷୀଙ୍କ ସମେତ ବିଭିନ୍ନ ବନ୍ୟଜନ୍ତୁଙ୍କ ପାଇଁ ଏକ ସୁରକ୍ଷିତ ବାସସ୍ଥଳୀ ପ୍ରଦାନ କରିଥାଏ ।

ଇତିହାସ ଓ ପୁନରୁଦ୍ଧାର

ପ୍ରକୃତିର ପୁନରାବର୍ତ୍ତନ: ଏହି ଉଦ୍ୟାନଟି ପ୍ରାକୃତିକ ପୁନରୁଦ୍ଧାରର ଏକ ଅନନ୍ୟ ଉଦାହରଣ । ପୂର୍ବରୁ ଏହି ଜମିକୁ ପାର୍ବତ୍ୟ ଅଞ୍ଚଳର ଚାଷୀମାନଙ୍କ ଦ୍ୱାରା ଅତ୍ୟଧିକ ବ୍ୟବହାର ଏବଂ ନଷ୍ଟ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହାକୁ ମୁକ୍ତ କରି ପ୍ରାକୃତିକ ଅବସ୍ଥାକୁ ଫେରିବା ପାଇଁ ଛାଡ଼ିଦିଆଯାଇଥିଲା, ଯାହାଫଳରେ ଏହା ଆଜି ଏକ ସମୃଦ୍ଧ ସବୁଜ ଜଙ୍ଗଲରେ ପରିଣତ ହୋଇପାରିଛି ।

ଆମେ ଶେନାନ୍‌ଡୋଆ ଜାତୀୟ ଉଦ୍ୟାନରେ ପହଁଚିଲା ବେଳକୁ, ସେଠାରେ ଅଳ୍ପ କିଛି ପର୍ଯ୍ୟଟକ ବୁଲୁଥିବାର ଦେଖିଲୁ । ଶୀତ ଋତୁ ହୋଇଥିବାରୁ ଓ ତୁଷାର ପାତ ହେବାଯୋଗୁଁ ବେଶୀ ଲୋକଙ୍କର ଭିଡ ନ ଥାଏ । ଯେପରି ଆଗରୁ କହିଛି, ବସନ୍ତ ଋତୁରୁ ଆରମ୍ଭ କରି ଶରତ ଋତୁ ପର୍ଯ୍ୟନ୍ତ ମୁଖ୍ୟତଃ ଏଠାରେ ଜନସମାଗମ ହୋଇଥାଏ, କାରଣ ସେହି ସମୟରେହିଁ ରଙ୍ଗ ବେରଂଗ ବଣୁଆ ଫୁଲର ସମ୍ଭାର ନେଇ ଜଙ୍ଗଲଟି ଅପୂର୍ବ ଶୋଭା ଧାରଣ କରିଥାଏ । ଏତେ ବିଶାଳ ଉଦ୍ୟାନକୁ ଚାଲି ଚାଲି ବୁଲିବା ଅସମ୍ଭବ; ତେଣୁ ଗାଡ଼ିରେ ଡ୍ରାଇଭ କରି National Parkର ବିଭିନ୍ନ ଦିଗ ବୁଲା ବୁଲି କରି ସାରିଲାବେଳକୁ ସୂର୍ଯ୍ୟ ଢଳିବାକୁ ଲାଗିଲେଣି । ପୁଣି ଜଙ୍ଗଲ ଭିତରେ ଥିବାରୁ ଶୀଘ୍ର ସଞ୍ଜ ମାଡି ଆସୁଥାଏ; ତେଣୁ ଆଉ ବିଳମ୍ବ ନ କରି ଫେରିବାର ପ୍ରସ୍ତୁତି କଲୁ ।

ଉଦ୍ୟାନର ପାର୍ବତ୍ୟ ମୁଲକରୁ ତଳକୁ ଓଲ୍‌ହାଇବା ପରେ, ତଳେ ଏକ Airbnbରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମର ରହିବାର ବନ୍ଦୋବସ୍ତ ହୋଇଥିଲା । ଚତୁର୍ଦିଗରେ ତୁଷାରପାତ ହୋଇ ସଫେଦ ଚାଦରର ଆସ୍ତରଣ ବିଛାଇ ହୋଇ ପଡିଥାଏ । ଫେରିବା ପଥରେ ରେସ୍ତୁରାଣ୍ଟରୁ ରାତ୍ରି ଭୋଜନ ପାଇଁ ପ୍ୟାକ କରି ନେଇଆସିଥିଲୁ କିଛି Pizza ଓ Sandwitch । Airbnbରେ ପହଁଚିଲା ପରେ ହାତ ମୁହଁ ଧୋଇ ପାଖରେ ଥିବା Fire-shedରେ କିଛି ସମୟ ନିଆଁ ପୁଇଁଲା ପରେ ଖାଇ ବସିଲୁ ଏବଂ ଖାଇ ସରିଲା ପରେ ଆଲୁଅ ଲିଭାଇ ଦେଇ ଶୋଇବାର ପ୍ରସ୍ତୁତି କଲୁ ।

ଘରର ଝରକା ଦେଇ ବାହାରେ ନିରନ୍ତର ତୁଷାର-ପାତର ଦୃଶ୍ୟ ଝାପ୍ସା ଜହ୍ନ ଆଲୋକରେ ରୋମାଞ୍ଚିକର କୁହେଳି ସୃଷ୍ଟି କରୁଥାଏ । ତା ସାଙ୍ଗକୁ ପୁଣି ରହି ରହି ପାଖରେ ଥିବା ଘୋଡାଶାଳରେ ବନ୍ଧା ହୋଇଥିବା ଘୋଡା ମାନଙ୍କର ହ୍ରେଷା ରବ ସେହି ନିକାଂଚନ ପରିବେଶକୁ ଅଧିକ ଭୌତିକ ଓ ରହସ୍ୟମୟ କରି ତୋଳୁଥାଏ । ଆଉ ବିଳମ୍ବ ନ କରି ଦୁଇ ପ୍ରସ୍ତ କମ୍ବଳ ଭିତରେ ମୁହଁ ଢାଙ୍କି ଶୀଘ୍ର ଶୋଇପଡ଼ିବାକୁ ଉଚିତ ମନେ କଲି । ପରଦିନ ସକାଳୁ ଫେରିଯିବାକୁ ଥାଏ ଆର୍ଲିଂଟନ – ଗୃହାଭିମୁଖେ ।

.....କ୍ରମଶଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବଢ଼ା

ଅନିଲ୍ କୁମାର ବୋଇତି



ଭୁବନେଶ୍ୱରର କୋଳାହଳପୂର୍ଣ୍ଣ ହଷ୍ଟେଲ ଜୀବନରୁ କିଛି ଦିନ ପାଇଁ ଛୁଟି ମିଳିଥିଲା ଋତୁକୁ । ପରୀକ୍ଷା ସରିଥିବାରୁ ମନ ଖୁସିରେ ଉଲ୍ଲସିତ । ଘର କହିଲେ ସୀତାପୁର—ଯେଉଁଠି ବାପା, ମାଆ, ବଡ଼ଭାଇ ଆଉ ସ୍ନେହମୟୀ ଭାଉଜଙ୍କୁ ନେଇ ତା'ର ସଂସାର। ଗାଁକୁ ଫେରିବା ପୂର୍ବରୁ ସାଙ୍ଗମାନଙ୍କ ମନ ରଖିବା ପାଇଁ ପୁରୀ ଶ୍ରୀକ୍ଷେତ୍ର ବୁଲିଯିବାର କାର୍ଯ୍ୟକ୍ରମ ସ୍ଥିର ହେଲା । ପୁରୀ ବାହାରିବା ଆଗରୁ ଋତୁ ଫୋନ୍ ଲଗାଇଲା ଭାଉଜଙ୍କ ପାଖକୁ । ଭାଉଜ ଏବେ ଗର୍ଭବତୀ, ପରିବାରର ଆଗାମୀ କଅଁଳ ଖୁସିର କେନ୍ଦ୍ରବିନ୍ଦୁ।

"ଭାଉଜ ! ହଷ୍ଟେଲ ଛୁଟି ହୋଇଗଲା । ଆମେ ସବୁ ସାଙ୍ଗ ମିଶି ପୁରୀ ଜଗନ୍ନାଥ ଦର୍ଶନରେ ଯାଉଛୁ । ସନ୍ଧ୍ୟା ବସ୍ ଧରି ଗାଁକୁ ଫେରିବି, ଫେରୁ ଫେରୁ ସେଇ ରାତି ପ୍ରାୟ ଦୁଇଟା ହୋଇଯିବ । ଟିକେ ମନେପକାଇ ଭାଇଙ୍କୁ କହିଦେବ, ବସ୍‌ଷ୍ଟାଣ୍ଡରୁ ମୋତେ ନେଇଆସିବେ," ଋତୁ କହିଲା ।

ଭାଉଜ ଟିକେ ସ୍ନେହଭରା ଅଭିମାନରେ ଉତ୍ତର ଦେଲେ, "ଏତେ ରାତିରେ କାହିଁକି ଆସିବ ? କାଲି ସକାଳେ ଆସିଲେ ହେବନି ?"

"ନାହିଁ ଗୋ ଭାଉଜ, ସାଙ୍ଗମାନଙ୍କ ସହ ପୁରୀ ଯାଉଛି । ଜଗନ୍ନାଥଙ୍କ ଦର୍ଶନ ସାରି ସନ୍ଧ୍ୟା ବସ୍‌ରେ ଫେରିବି । ତମେ ଜମା ବ୍ୟସ୍ତ ହୁଅନି," ଏତିକି ଶୁଣି ଭାଉଜଙ୍କ ମନ ଆନନ୍ଦରେ ଭରିଗଲା । ସେ ଭାରି ଶ୍ରଦ୍ଧାରେ କହିଲେ, "ଶୁଣ୍ ଋତୁ, ତମେ ଶ୍ରୀମନ୍ଦିର ଯାଉଛ ଯେତେବେଳେ ମୋ ପାଇଁ ମନେକରି ଆନନ୍ଦବଜାରରୁ ଟିକେ ଅବଢ଼ା ଆଣିବ । ଏଇ

Listen to Odia Podcast Original at https://youtube.com/@drjyotiprasad

ଅବସ୍ଥାରେ ମହାପ୍ରଭୁଙ୍କ ନିର୍ମାଲ୍ୟ-ଅବଢ଼ା ଟିକେ ପାଇବାକୁ ମନ ଭାରି ଛଟପଟ ହେଉଛି । "ନିଶ୍ଚୟ ଭାଉଜ ! ମୋ ଭାଉଜ ରାଣୀ କହିଛନ୍ତି ଆଉ ମୁଁ ମହାପ୍ରଭୁଙ୍କ ଅବଢ଼ା ନଆଣି ଫେରିବି ? ଭାଉଜ ମୁଁ ରଖୁଛି, ଆମେ ବାହାରିଲୁ," କହି ଋତୁ ଫୋନ୍ ରଖିଲା ।

ପୁରୀ ବଡ଼ଦାଣ୍ଡରେ ଜୟ ଜଗନ୍ନାଥ ଧ୍ୱନି, ସମୁଦ୍ରର ଗର୍ଜନ, ଆଉ ସାଙ୍ଗମାନଙ୍କ ସହ ଅସରନ୍ତି ଖୁସି । ସମସ୍ତେ ମୋବାଇଲ୍‌ରେ ଗେମ୍ ଓ ଫଟୋ ଉଠାଇବାରେ ମାତିରହିଲେ । ଫେରିବା ବେଳେ ଋତୁ ଅତି ଯତ୍ନର ସହ ମାଟି କୁଡୁଆରେ ଅବଢ଼ା ବାନ୍ଧି ନିଜ ବ୍ୟାଗ୍‌ରେ ସାଇତି ରଖିଲା । ସନ୍ଧ୍ୟା ବସ୍‌ରେ ବସି ଗାଁ ଅଭିମୁଖେ ଯାତ୍ରା ଆରମ୍ଭ ହେଲା ।

ବସ୍ ଯେତେବେଳେ ସୀତାପୁର ଛକରେ ପହଞ୍ଚି ଋତୁକୁ ଓହ୍ଲାଇଦେଲା, ସେତେବେଳକୁ ନିଶୂନ ରାତି ଦୁଇଟା ବାଜିସାରିଥିଲା । ଚାରିଆଡ଼େ ଘନ ଅନ୍ଧକାର । ଆଶ୍ଚର୍ଯ୍ୟର କଥା, ବସ୍‌ଷ୍ଟାଣ୍ଡରେ ଭାଇ ନାହାନ୍ତି ! ଋତୁ ତରବର ହୋଇ ବ୍ୟାଗ୍‌ରୁ ଫୋନ୍ ବାହାର କଲା, କିନ୍ତୁ ସାରା ଦିନ ଗେମ୍ ଖେଳିବାରୁ ବ୍ୟାଟେରୀ ସରି ଫୋନ୍ ସୁଇଚ୍ ଅଫ୍ ହୋଇପଡ଼ିଥିଲା ।

ନିସ୍ତବ୍ଧ ରାତିରେ ଝିଙ୍କାରୀର ତୀକ୍ଷ୍ଣ ଶବ୍ଦ ମନରେ ଛନକା ପକାଉଥିଲା । "ମୋ ନିଜ ଗାଁ ତ, ଆଉ କାହାକୁ ବା ଡରିବି ?" ମନକୁ ସାହସ ଦେଇ ଋତୁ ବ୍ୟାଗ୍ ଆଉ ଅବଢ଼ା କୁଡୁଆଟିକୁ ଛାତିରେ ଜାବୁଡ଼ି ଧରି ଗାଁ ରାସ୍ତାରେ ଆଗକୁ ବଢ଼ିଲା ।

ଗାଁ ମୁଣ୍ଡର ଶ୍ମଶାନ ପାଖ ପୁରୁଣା ବରଗଛ ପାଖାପାଖି ହେଉ ହେଉ ହଠାତ୍ ଅଟକିଗଲା ତା' ପାଦ ରାସ୍ତା କଡ଼ରେ ଚାରିଜଣ ଯୁବକ ବସି ମଦ୍ୟପାନ କରୁଥିଲେ । ପାଦ ଶବ୍ଦ ଶୁଣି ଜଣେ ନିଶାଗ୍ରସ୍ତ ଗଳାରେ ଗର୍ଜି ଉଠିଲା, "ଏ କିଏ ବେ ଏଇ ନିଶୂନ ରାତିରେ ?"

ଋତୁ ଥରହର ହୋଇ କହିଲା, "ମୁଁ... ମୁଁ ଋତୁ । ଏଇ ଗାଁର ଝିଅ ।"

ଚାରିଜଣ ଯାକ ମଦ ବୋତଲ ଥୋଇ ଉଠିପଡ଼ିଲେ ଏବଂ ତା'ର ବାଟ ଓଗାଳି ଠିଆ ହେଲେ । ମଦ ନିଶାରେ ଲାଲ୍ ଆଖି, ମୁହଁରୁ ଦୁର୍ଗନ୍ଧ । ଚିହ୍ନିବା ତ ଦୂରର କଥା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ଆଖିରେ ଫୁଟିଉଠିଲା ହିଂସ୍ର ପଶୁର ଲାଳସା । ଜଣେ ଆଗକୁ ବଢ଼ି ଋତୁର ଓଢ଼ଣୀକୁ ଟାଣି ଧରି କୁତ୍ସିତ ଭାବେ ହସିଲା, "ଆରେ ! ଆଜି ରାତିରେ କୋଉ ପୁଣ୍ୟବଳରୁ ଏମିତି ଏକା ଶିକାରଟିଏ ମିଳିଗଲା ରେ ! ଯା' କାମ ସାରିଦେଲେ କେମିତି ହୁଅନ୍ତା ?"

ଅନ୍ୟମାନେ ଅଟ୍ଟହାସ୍ୟ କରି ଋତୁ ଆଡ଼କୁ ଝପଟି ଆସିଲେ । ଋତୁ ଚିତ୍କାର କରିବାକୁ ଚେଷ୍ଟା କଲା, କିନ୍ତୁ ଭୟରେ ତା' କଣ୍ଠରୁ ସ୍ୱର ଫୁଟୁନଥିଲା । ଦୁଇ ଆଖିରୁ ଧାର ଧାର ଲୁହ ଗଡ଼ିପଡ଼ିଲା । କୌଣସି ଉପାୟ ନପାଇ ସେ ମନେ ମନେ କେବଳ ଡାକୁଥିଲା, "ହେ କାଳିଆ ସାଆନ୍ତେ ! ତୁମ ଅବଢ଼ା ଧରି ମୁଁ ଆସୁଛି ପ୍ରଭୁ, ଏ ପାପୀଙ୍କ ହାତରୁ ମୋ ଇଜ୍ଜତ ରକ୍ଷା କର... ରକ୍ଷା କର ପ୍ରଭୁ !"

ଠିକ୍ ସେତିକିବେଳେ—

ହଠାତ୍ ପବନର ଗତି ପ୍ରଚଣ୍ଡ ହୋଇଉଠିଲା । ବରଗଛର ଡାଳପତ୍ରଗୁଡ଼ିକ କ୍ରୋଧରେ ହଲିବାକୁ ଲାଗିଲେ । ଏକ ଅସ୍ୱାଭାବିକ ଶୀତଳ ପବନ ଋତୁର ଦେହକୁ ଛୁଇଁଗଲା । ସେ ଅନୁଭବ କଲା, କେହି ଜଣେ ତା' କାନ୍ଧ ଉପରେ ଶକ୍ତ ହାତଟିଏ ରଖିଛି ।

ପଛକୁ ବୁଲି ଚାହିଁଲା ବେଳକୁ ସେ ଦେଖିଲା ଗୋଟିଏ ଅପରିଚିତା ଯୁବତୀ । ତା' ଆଖିରେ ଅସୀମ କରୁଣା, କିନ୍ତୁ ଚେହେରାରେ ଏକ ଭୟଙ୍କର ତେଜ । ସେହି ଯୁବତୀ ଧୀର କିନ୍ତୁ ଗମ୍ଭୀର ସ୍ୱରରେ କହିଲା, "ତୁ କିଛି ଭୟ କରନି ଋତୁ, ଚୁପ୍‌ଚାପ୍ ଠିଆ ହୁଅ । ଏ ନରରାକ୍ଷସଙ୍କ କବଳରୁ ମୁଁ ତତେ ଉଦ୍ଧାର କରିବି । କିନ୍ତୁ ମୋର ଗୋଟିଏ କଥା ରଖିବୁ ? ତୋ ବ୍ୟାଗ୍‌ରେ ଥିବା ସେ ଅବଢ଼ା ମୋତେ ଦେଇପାରିବୁ ? ବହୁତ ଦିନ ହେଲା ମୁଁ ତା'ର ଗୋଟିଏ କଣିକା ପାଇଁ ଛଟପଟ ହେଉଛି ।" ଋତୁ ବିସ୍ମୟ ଓ କୋହଭରା ଆଖିରେ ମୁଣ୍ଡ ଟୁଙ୍ଗାରିଲା, "ହଁ ଦିଦି... ମୁଁ ଦେବି ।"

ତା'ପରେ ଯାହା ଘଟିଲା, ତାହା ରୋମଟାଙ୍କୁରା ଥିଲା । ସେହି ଅପରିଚିତା ଝିଅଟି ଅଦୃଶ୍ୟ ଶକ୍ତି ପାଲଟି ଆଗକୁ ବଢ଼ିଲା । ମୁହୂର୍ତ୍ତକ ମଧ୍ୟରେ ସେହି ଚାରିଜଣ ଦୁର୍ବୃତ୍ତଙ୍କ

Listen to Odia Podcast Original at https://youtube.com/@drjyotiprasad

ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ ହେଲା । ଯେଉଁ ଯୁବକଟି ଋତୁର ଓଢ଼ଣୀ ଟାଣିଥିଲା, ତା' ଗାଲରେ ଏମିତି ଏକ ଚାପୁଡ଼ା ବାଜିଲା ଯେ ସେ ମୁହଁମାଡ଼ି ପଥର ଉପରେ କଚାଡ଼ି ହୋଇପଡ଼ିଲା । "କିଏ... କିଏ ମାରୁଛି ବେ ?" ବୋଲି ସେମାନେ ନିଶା ଭିତରେ ଚିତ୍କାର କଲେ । କିନ୍ତୁ ମାରୁଥିବା ହାତ ସେମାନଙ୍କୁ ଦିଶୁନଥିଲା । ସେହି ଅଦୃଶ୍ୟ ଶକ୍ତି ସେମାନଙ୍କୁ ତଳେ ଘୋଷାଡ଼ି ନେଉଥିଲା, ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ମୋଡ଼ି ହୋଇଯାଉଥିଲା ।

ଏହି ଭୟଙ୍କର ପ୍ରତିଶୋଧ ଭିତରେ ଋତୁର କାନରେ ଏକ କୋମଳ ସ୍ୱର ଭାସିଆସିଲା: "ଋତୁ... ଅବଢ଼ା କୁଡୁଆଟି ସେହି ବରଗଛ ମୂଳରେ ସମର୍ପଣ କରିଦେଇ ଶୀଘ୍ର ଘରକୁ ପଳା ! ପଛକୁ ଆଉ ଚାହିଁବୁନି । ତୋର କିଛି ଅସୁବିଧା ହେବନି ।" ଋତୁ କୁଡୁଆଟିକୁ ବରଗଛ ମୂଳରେ ରଖିଦେଇ ପ୍ରାଣପଣେ ଘର ଆଡ଼କୁ ଦୌଡ଼ିଲା । ଘର ଆଗରେ ପହଞ୍ଚି ଋତୁ ଯେତେବେଳେ କବାଟ ବାଡ଼େଇଲା, ଭାଉଜ ଆସି କବାଟ ଖୋଲିଲେ । ଏତେ ଅଧରାତିରେ ଋତୁକୁ ଏକୁଟିଆ ଠିଆ ହୋଇଥିବା ଦେଖି ଭାଉଜ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ମନେପଡ଼ିଗଲା ଯେ ଋତୁ ଫୋନ୍‌ରେ କହିଥିଲା ତାକୁ ବସ୍‌ଷ୍ଟାଣ୍ଡରୁ ଆଣିବା ପାଇଁ, କିନ୍ତୁ ଘରକାମ ଜଞ୍ଜାଳ ଭିତରେ ସେ ସମ୍ପୂର୍ଣ୍ଣ ଭୁଲିଯାଇଥିଲେ ଭାଇଙ୍କୁ କହିବା ପାଇଁ ।

ଭାଉଜ ଅତ୍ୟନ୍ତ ବ୍ୟସ୍ତ ହୋଇପଡ଼ିଲେ । "ଆରେ ଋତୁ ! ମୋତେ କ୍ଷମା କରିଦେବ, କାମ ଭିତରେ ମୁଁ ତମ ଭାଇଙ୍କୁ କହିବା ଭୁଲିଯାଇଥିଲି । ତୁମେ ଏକୁଟିଆ ଆସିଲ କେମିତି ?" କହୁ କହୁ ଭାଉଜ ଲକ୍ଷ୍ୟ କଲେ ଋତୁର ଗୋଡ଼ହାତ ଥରୁଛି, ମୁହଁ ଝାଳନାଳ ଓ ଶେତା ପଡ଼ିଯାଇଛି । ପରିସ୍ଥିତି ବୁଝିପାରି ଭାଉଜ ତରବର ହୋଇ ଭିତରୁ ଗ୍ଲାସେ ପାଣି ନେଇ ଆସିଲେ । "ଋତୁ, ଆଗ ପାଣିଟିକେ ପିଇଦେ... କିଛି ଖାଇବୁ କିରେ ମାଆ ? ତୋ ପାଇଁ ଖାଇବା ବାଢ଼ିଦେବି ?" ଋତୁ ପାଣି ଢୋକେ ପିଇ ଥରହର କଣ୍ଠରେ ମନା କଲା, "ନାହିଁ ଭାଉଜ, ମୋତେ ଭୋକ ନାହିଁ । ମୁଁ ଯାଉଛି ଶୋଇପଡ଼ିବି ।" ଏତିକି କହି ସେ

Listen to Odia Podcast Original at https://youtube.com/@drjyotiprasad

ଚୁପ୍‌ଚାପ୍ ନିଜ ରୁମ୍‌କୁ ଯାଇ ବିଛଣାରେ ପଡ଼ି ଆଖି ବୁଜିଦେଲା । ଆରଦିନ ସକାଳ । ଗାଁ ଦାଣ୍ଡରେ ଲୋକଙ୍କ ଭିଡ଼ ଆଉ ଚାପା ଉତ୍ତେଜନା । ଋତୁ ଶେଯରୁ ଉଠି ବାହାରକୁ ଆସି ଖବରକାଗଜଟି ଉଠାଇ ନେଲା । ପ୍ରଥମ ପୃଷ୍ଠାର ମୁଖ୍ୟ ଖବର ଦେଖି ତା' ରକ୍ତ ଶୀତଳ ହୋଇଗଲା ।

ବଡ଼ ବଡ଼ ଅକ୍ଷରରେ ଛପା ହୋଇଥିଲା:

"ସୀତାପୁର ବରଗଛରେ ଝୁଲୁଛି ଚାରି ଯୁବକଙ୍କ ମୃତଦେହ: ବର୍ଷକ ତଳେ ଗାଁ ଝିଅ ମିନୁକୁ ଅତ୍ୟାଚାର କରି ମାରିଥିବା ଅପରାଧୀଙ୍କ ପରିସମାପ୍ତି !"

ଖବରକାଗଜ ପଢ଼ି ଋତୁ କମ୍ପିତ ସ୍ୱରରେ ପଚାରିଲା, "ଭାଉଜ... ଏ ମିନୁ କିଏ ?"

ଭାଉଜ ଆଖିରୁ ଲୁହ ପୋଛି ଦୀର୍ଘଶ୍ୱାସ ପକାଇ କହିଲେ, "ଆରେ ସେ ଆମ ବେହେରା ସାହିର ସେଇ ଅଭାଗିନୀ ଝିଅ ମିନୁ ପରା ! ସହରରେ ଚାକିରି କରୁଥିଲା । ତା' ବାହାଘର ଠିକ୍ ହୋଇଥିବାରୁ ଅଫିସରୁ ଛୁଟି ନେଇ, ଗାଁ କୁ ବାହାଘର ପାଇଁ ସେଦିନ ରାତି ଦୁଇଟାରେ ଗାଁ ବସ୍‌ରୁ ଓହ୍ଲାଇ ଏକୁଟିଆ ଆସୁଥିଲା । ଏଇ ଚାରିଟା ନରରାକ୍ଷସ ତା' ଇଜ୍ଜତ ଲୁଟିନେଇ, ନିର୍ମମ ଭାବେ ହତ୍ୟା କରି ସେଇ ବରଗଛରେ ଟାଙ୍ଗି ଦେଇଥିଲେ । ଗତକାଲି ରାତି ହିଁ ଥିଲା ତା' ମୃତ୍ୟୁର ବର୍ଷିକିଆ ରାତି !"

ଏତିକି ଶୁଣି ଋତୁର ଆଖିରୁ ଧାର ଧାର ଲୁହ ବୋହିଗଲା । ସେ ବୁଝିପାରିଲା, ଗତକାଲି ରାତିରେ ତା'ର ସମ୍ମାନ ବଞ୍ଚାଇବାକୁ ଆସିଥିବା ସେହି ଅପରିଚିତା କନ୍ୟା ଆଉ କେହି ନୁହେଁ, ମୁକ୍ତି ଖୋଜୁଥିବା ପ୍ରତିଶୋଧୀ ଆତ୍ମା ମିନୁ ଥିଲା । ଆଉ ଶ୍ରୀମନ୍ଦିରର ଅବଢ଼ା ପାଇବା ପରେ, ସେ ଅସୁରମାନଙ୍କୁ ବିନାଶ କରି ଶେଷରେ ସେହି ଅତୃପ୍ତ ଆତ୍ମା ଚିରଶାନ୍ତି ଓ ମୋକ୍ଷ ଲାଭ କରିନେଇଛି ।

ଠିକ୍ ସେତିକିବେଳେ ଭାଉଜ ମନେପକାଇ ପଚାରିଲେ, "ଆରେ ହଁ ଋତୁ, ତମେ ମୋ ପାଇଁ ପୁରୀରୁ ଅବଢ଼ା ଆଣିଛ ବୋଲି କହୁଥିଲ, ସେ ଅବଢ଼ା କାହିଁ ?"

Listen to Odia Podcast Original at https://youtube.com/@drjyotiprasad

ଋତୁର ଆଖିରୁ ଆନନ୍ଦ ଓ କୃତଜ୍ଞତାର ଲୁହ ଝରିପଡ଼ିଲା । ସେ ମୁହଁରେ ଏକ ଦିବ୍ୟ ହସ ଫୁଟାଇ ଶାନ୍ତ ଭାବେ କହିଲା: "ନାହିଁ ଭାଉଜ... ସେ ଅବଢ଼ାଟା ଯାହା ପାଇଁ ମହାପ୍ରଭୁ ପଠାଇଥିଲେ, ସେ ତାହା ପାଇଯାଇଛି ।"

ଏତିକି କହି, ମନ ଭିତରେ ମହାପ୍ରଭୁ ଜଗନ୍ନାଥ ଓ ମୁକ୍ତି ପାଇଥିବା ସେହି ଦିଦି ତା'ର ସମ୍ମାନ ରକ୍ଷା କରିଥିବା ସେହି ଅଦୃଶ୍ୟ ଭଉଣୀକୁ । 'ମିନୁ'ଙ୍କୁ ହୃଦୟରୁ ପ୍ରଣାମ ଜଣାଇ ଋତୁ ଶାନ୍ତ ପାଦରେ ତା' ବେଡ୍‌ରୁମ୍ ଭିତରକୁ ଚାଲିଗଲା ।

ଲେଖକ - ଅନିଲ କୁମାର ବୋଇତି

ମୋବାଇଲ୍ - ୭୦୦୮୩୪୯୫୫୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁନର୍ଜନ୍ମ

ପୁଷ୍ପିତା ଜେନା

ଶନିବାର ଦିନ ସନ୍ଧ୍ୟାରେ ଶ୍ରେୟ୍ୟାକୁ ଦେଖିବାକୁ ତା'ର ସାଙ୍ଗ ଓ ତା'ର ସ୍ୱାମୀ ତା' ଘରକୁ ଆସିଥିଲେ । ଶ୍ରେୟ୍ୟାର ଦୁର୍ବଳ ଶରୀର ଦେଖି ସେ ଦୁହେଁ ଖୁବ୍ ମନଦୁଃଖ କରିଥିଲେ । ସବୁପ୍ରକାର ବାର୍ତ୍ତାଳାପ ସହିତ ଦେହ ଖରାପର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶ୍ରେୟ୍ୟାର ସ୍ୱାମୀ ତାଙ୍କ ନିକଟରେ ବର୍ଣ୍ଣନା କରୁଥିବା ସମୟରେ ଶ୍ରେୟ୍ୟାକୁ ଅନେକ କିଛି ଯେପରି ତା'ର ଦେହ ଓ ଅନ୍ୟାନ୍ୟ ବିଷୟରେ ଅବଗତ ହୋଇଥିଲା । ସେ ମନ ଧ୍ୟାନ ଦେଇ ସମସ୍ତ ଶୁଣି ବହୁତ ଉଦାସ ମନେକରୁଥିଲା । କିଛି ସମୟ ପରେ କିଛି ବିସ୍କୁଟ, ମିକଶ୍ଚର ଖାଇ ଓ କୋଲ୍ଡ ଡ୍ରିଂକ୍ସ ପିଇ ସେମାନେ ବିଦାୟ ନେଇଥିଲେ ।

ତା'ପରେ ରାତ୍ରିଭୋଜନର ସମାପ୍ତି ପରେ ଶ୍ରେୟ୍ୟା ବିଛଣାକୁ ଶୋଇବାକୁ ଯାଇଥିଲା । ମାତ୍ର ଶତ ଚେଷ୍ଟା ସତ୍ତ୍ୱେ ତା' ଆଖିକୁ ଟିକିଏ ବି ନିଦ ଆସି ନ ଥିଲା । ତା' ଚକ୍ଷୁରେ ସ୍ୱପ୍ନ ପରି ତା'ର ସ୍ୱାମୀ ତାଙ୍କ ସାଙ୍ଗଙ୍କ ଆଗରେ କହୁଥିବା କଥା ସହିତ ତା' ସହିତ ଘଟିଥିବା ଘଟଣାବଳୀ ଯେପରି ସ୍ୱପ୍ନ ଦେଖିଲା ପରି ମନେହେଉଥିଲା ।

ସେଦିନ ଥିଲା ନୂଆବର୍ଷ ପୂର୍ବ ରାତିର ଘଟଣା । ଚାରିଆଡେ ରଙ୍ଗିନ୍ ଆଲୋକ ସହିତ ନାଚଗୀତର ତାଳେ ତାଳେ ନୂଆବର୍ଷର ଆଗମନର ସ୍ୱାଗତ ଚାଲିଥିଲା । ତା'ର ଦୁଇ ଦିନ ପୂର୍ବରୁ ସୁସ୍ଥ ଜୀବନ ଅତିବାହିତ କରୁଥିବା ଶ୍ରେୟ୍ୟାର ହଠାତ୍ ଭୀଷଣ ଦେହ ଖରାପ ହୋଇଯାଇଥିଲା । ମାତ୍ର ସେ କିଛି ହେଲେ ଜାଣିପାରୁ ନ ଥିଲା । ଜ୍ୱର, ଝାଡ଼ା, ଦେହରୁ ପାଣି ଶୁଖିବା (Dehydration)..... ହୋଇ ଖୁବ୍ ଦୁର୍ବଳ ହୋଇଯାଇଥିଲା।

ଏମିତିରେ ବହୁତ ଲୋକ (ପଡ଼ୋଶୀ) ତାକୁ ଦେଖିବାକୁ ଆସୁଥିଲେ ଓ ଖାଇବା ... ଇତ୍ୟାଦି ଦେଉଥିଲେ । ଏମିତିରେ ଦୁଇଦିନ ଅତିବାହିତ ହେବା ପରେ ତା'ର ଦେହର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିସ୍ଥିତି ଅତ୍ୟନ୍ତ ଖରାପ ହେବାରୁ ତା'ର ସ୍ୱାମୀ ଏକାକୀ ଶ୍ରେୟ୍ୟାକୁ ନେଇ ଗାଡ଼ିରେ ବସାଇ ଡିସେମ୍ବର ମାସର ଘନ କୁହୁଡ଼ି ଓ ଥଣ୍ଡା ସହିତ ଏକ ହସପିଟାଲରେ ଆପାତକାଳୀନ (Emergency)ରେ ପହଞ୍ଚାଇଥିଲେ । ସେଠାରେ ପହଞ୍ଚିବା ପରେ ତା'ର ସମସ୍ତ ସୁନାଚେନ୍, କାନ ଜିନିଷ, ମୁଦି ..... ଇତ୍ୟାଦି ଖୋଲି ତା'ର ସ୍ୱାମୀଙ୍କୁ ଦେବାପରେ ଅନେକ କିଛି ପରୀକ୍ଷା, ନୀରିକ୍ଷା ଆରମ୍ଭ କରିଦେଇଥିଲେ । ମାତ୍ର ଶ୍ରେୟ୍ୟା ତା'ପରେ ଅଚେତ ଅବସ୍ଥାରେ ଥିବା ବୋଲି ପ୍ରତୀୟମାନ ହେବା ସହିତ କିଛି ବି ଜାଣିପାରୁ ନଥିଲା । ଶ୍ରେୟ୍ୟାର ଏପରି ପରିସ୍ଥିତି ଦେଖି ଓ ଦେହ ଖରାପରୁ ଆହୁରି ଖରାପ ହେବାକୁ ଲାଗିବାରୁ ତା'ର ସ୍ୱାମୀ ଭୀଷଣ ଧୈର୍ଯ୍ୟଚ୍ୟୁତ ହୋଇ ଶ୍ରେୟ୍ୟାର ଭାଇ ଓ ତା'ର ସ୍ୱାମୀଙ୍କର ପରିବାରର ସମସ୍ତଙ୍କୁ ଫୋନ୍ ମାଧ୍ୟମରେ ଶ୍ରେୟ୍ୟାର ସଙ୍କଟାପନ୍ନ ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ । ସେମାନେ ମଧ୍ୟ ଏ ଖବର ଶୁଣି ଦୁଃଖରେ ଭାଙ୍ଗିପଡ଼ିବା ସହିତ ଶ୍ରେୟ୍ୟାର ସ୍ୱାମୀଙ୍କୁ ଆଶ୍ୱାସନାବାଣୀ ଶୁଣାଇବା ସହିତ ଅନେକ ପ୍ରକାର ପୂଜାପାଠ କରିବାରେ ଲାଗିପଡିଲେ । ସେହି ହସ୍ପିଟାଲରେ ଦେଢ ଦିନ ରହିବା ପରେ କୌଣସି ଉନ୍ନତି ପରିଲିକ୍ଷିତ ନ ହେବାରୁ ଶ୍ରେୟ୍ୟାର ସ୍ୱାମୀ ଆଉ ଏକ ଡାକ୍ତରଖାନାକୁ ଶ୍ରେୟ୍ୟାକୁ ସ୍ଥାନାନ୍ତରିତ କଲେ କେତୋଟି ସାଙ୍ଗମାନଙ୍କ ସହାୟତାରେ ।

ସେହି ଡାକ୍ତରଖାନାରେ ଆପାତକାଳୀନ (Emergency) ରେ ଭର୍ତ୍ତି ହେବା ପରେ ସେଠାରେ ମଧ୍ୟ ଅନେକ ପ୍ରକାର ପରୀକ୍ଷା, CT- Scan,..... ଇତ୍ୟାଦି କରିବା ପରେ ଶ୍ରେୟ୍ୟାକୁ ସେଠାରେ ରାତ୍ରିରେ ICU (Intensive Care Unit) ରେ ରଖାଯାଇଥିଲା । ତା' ପରଦିନ ସକାଳୁ ଡାକ୍ତରମାନେ ଦୁଇଟା ମୂତ୍ରାଶୟରେ ପଥର (stone) ହୋଇ ପରିଶ୍ରାନଳୀରେ ଅଟକି ରହିଯାଇଥିବାରୁ ପରିଶ୍ରା ନ ହୋଇପାରି ଏସବୁ ପରିସ୍ଥିତି ସୃଷ୍ଟିହୋଇଛି ବୋଲି ଜଣାଇଥିଲେ । ତେଣୁ ସେମାନେ କିପରି ଅସ୍ତ୍ରୋପ୍ରଚାର (Operation) କରିବେ ତାହା ବିଚାର କରୁଥିଲେ । ସେମାନେ ଶ୍ରେୟ୍ୟାର ଏପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାରୀରିକ ଅସୁସ୍ଥତା ଦେଖି Operation Theater (OT) କୁ ନେବାକୁ ଭୟଭୀତ ହେଉଥିଲେ । ମାତ୍ର ଶ୍ରେୟାର ସ୍ୱାମୀ କିଛି କାଗଜ ବା formରେ ଲେଖି, ଦସ୍ତଖତ କରିଦେଇଥିଲେ କି ଯଦି କିଛି ଅପ୍ରୀତିକର ପରିସ୍ଥିତ ହେବ ସେ ଏଠି ନିମିତ୍ତ ଦାୟୀ ହେବେ ବୋଲି।

ତା'ପରେ ତାଙ୍କର ଡାକ୍ତର ଟିମ୍ Operation Theaterକୁ ନେଇ ଦୁଇଟା ମୂତ୍ରାଶୟର ନଳୀରେ ଦୁଇଟି ଷ୍ଟେଣ୍ଟ ପୁରାଇ ଦେଇଥିଲେ । ଏହା ଦ୍ୱାରା କ୍ରମଶଃ ପରିଶ୍ରାର ଦ୍ୱାର ଖୋଲିବା ସହିତ ପରିଶ୍ରା ମଧ୍ୟ କ୍ୟାଥେଟର୍ ଲଗାଯାଇ କରାଯାଇଥିଲା । ଏହା ପରେ କିଛି ସମୟ ପର୍ଯ୍ୟବେକ୍ଷଣରେ ରଖି ପୁନଶ୍ଚ ICUକୁ ନେଇଯାଇଥିଲେ ଓ ଏ କଷ୍ଟକର ପରିସ୍ଥିତିରୁ ଡାକ୍ତରମାନେ କୃତକାର୍ଯ୍ୟ ହୋଇଥିବାରୁ ଖୁବ୍ ଖୁସିଥିଲେ ଓ ଶ୍ରେୟାର ସ୍ୱାମୀଙ୍କୁ ଜଣାଇବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ । ଏମିତି କିଛିଦିନ ICU ରହିବା ପରେ ହସ୍ପିଟାଲର ରୁମକୁ ଶ୍ରେୟାକୁ ନେଇଆସିଥିଲେ । ICUରେ ଥିବା ସମୟରେ ବିଦେଶରେ ରହୁଥିବା ଶ୍ରେୟାର ପୁଅ ମଧ୍ୟ ଏ ଖବର ପାଇ ପାଗଳ ପରି ଆସି ପହଞ୍ଚିଥିଲା ।

ତା'ପରଠାରୁ ଆରମ୍ଭ ହୋଇଥିଲା ସକାଳ ୪.୩୦, ୫ ଟାରୁ ଡାକ୍ତରଖାନାର କାର୍ଯ୍ୟକ୍ରମ । ଏତେ ସକାଳୁ ଆସି ଦାନ୍ତ ଘସାଇ, ପୋଛାପୋଛି କରି ବିଛଣାଚାଦର .... ଇତ୍ୟାଦି ବଦଳାଇ ନର୍ସମାନେ ଚାଲିଯାଉଥିଲେ । ତା'ପରେ ଗୋଟିଏ ପରେ ଗୋଟିଏ ପରୀକ୍ଷା ପାଇଁ ରକ୍ତନେବା, antibiotic injection .... ଇତ୍ୟାଦି ଦେବା, ବ୍ଲଡ୍‌ପ୍ରେସର, Sugar Check କରିବା ... ନର୍ସମାନଙ୍କର କାମଥିଲା । ଅଧିକାଂଶ ଦିନ ସକାଳେ wheel chairରେ ବସାଇ X- Ray Room କୁ ନେଇ ଛାତିର X- Ray କରାଯାଉଥିଲା ।

ଏହା ପରେ ଡାକ୍ତରମାନଙ୍କର ଟିମ୍ ସବୁ Visit କରିବା ପାଇଁ ଆସୁଥିଲେ । ସେମାନଙ୍କର ବ୍ୟବହାର ଓ ଉତ୍ସାହିତ କରିବାର ମନୋବୃତ୍ତି ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ଆସ୍ତେ ଆସ୍ତେ ଶ୍ରେୟ୍ୟାର ସମସ୍ତ ପ୍ରକାର Parameter କୁ ଠିକ କରିବାରେ ଲାଗିପଡିଥିଲେ । ଏମିତିରେ ଶ୍ରେୟ୍ୟାର ପୁଅ ଓ ସ୍ୱାମୀଙ୍କର ସେବା ମଧ୍ୟ ଅବର୍ଣ୍ଣନୀୟ । ଏମିତି ଆସ୍ତେ ଆସ୍ତେ ଶ୍ରେୟ୍ୟାର ଶରୀର ଟିକିଏ ଉନ୍ନତି ଆଡକୁ ଅଗ୍ରସର ହେବାରୁ ପ୍ରାୟ ଦଶଦିନ ପରେ ତାକୁ ହସ୍ପିଟାଲରୁ ତା'ର ଘରକୁ ଆସିବା ନିମିତ୍ତ ଛୁଟିମିଳିଥିଲା । ମାତ୍ର ଶ୍ରେୟ୍ୟା ଏତେ ଦୁର୍ବଳ ହୋଇଯାଇଥିଲା ଉଠିଚାଲିବାର ଶକ୍ତି ତା'ଠାରେ ନ ଥିଲା । ଏହି ଥିଲା ତା'ର ଡାକ୍ତରଖାନାର ପ୍ରଥମ ସୋପାନ ।

ତା' ପରେ କିଛିଦିନ ପରେ ଟିକିଏ ସୁସ୍ଥ ହେବାପରେ ପୁନଶ୍ଚ ପଥର କାଢିବା ନିମିତ୍ତ ହସ୍ପିଟାଲରୁ ଡକରା ଆସିଲା । ପୂର୍ବପରି ସମସ୍ତ ପ୍ରକାର ପରୀକ୍ଷା ସାରିବା ପରେ Fitness Certificateର Issue ପରେ ପୁନଶ୍ଚ Operation ତାରିଖ ନିର୍ଦ୍ଧାରିତ କରାଗଲା ।

ପୁନଶ୍ଚ ସେହି ସବୁପ୍ରଣାଳୀ ଉପଯୋଗ କରି Operation Theater କୁ ନିଆଯାଇ Local Anathesia ଦିଆଯାଇ ବାମ ପଟରେ ଥିବା ପଥରଟିକୁ କଢାଯାଇଥିଲା ଓ ଆଉ ଏକ ନୂଆ ଷ୍ଟେଣ୍ଟ ଭର୍ତ୍ତି କରାଗଲା । ତା'ପରେ କିଛି ସମୟ ପରେ Observation Roomରେ ରଖାଯାଇଥିଲା । ଶ୍ରେୟ୍ୟାର ଚେତା ଆସିବା ପରେ ତାକୁ ଲାଗୁଥିଲା ଯେପରି ତା'ର ଦୁଇଟି ଗୋଡ଼ ବଧିରା ବା ହଲୁ ନ ଥିଲା । କାରଣ ମେରୁଦଣ୍ଡରେ ନିଶା ଇଞ୍ଜେକ୍ସନ୍ ଦିଆଯାଇଥିଲା । ତା'ପରେ ଏହାର ପ୍ରକୋପ କମିବାରୁ ଗୋଡ଼ ଦୁଇଟି ଆସ୍ତେ ଆସ୍ତେ ହଲାଇହେଲା । ତା'ପରେ ତାକୁ ପୁନଶ୍ଚ ହସପିଟାଲର ରୁମ (କକ୍ଷକୁ) ନିଆଯାଇଥିଲା । ଗୋଟିଏ ପଟରେ ପରିଶ୍ରା ନଳୀରେ କ୍ୟାଥେଟର୍ ଓ ଅନ୍ୟପଟେ ରକ୍ତ ନିଷ୍କାସନ ବ୍ୟାଗ୍ (Impure Blood) ଟି ଟଙ୍ଗାଯାଇଥିବାରୁ ତଥା ହାତରେ ଇଞ୍ଜେକ୍ସନ୍ କ୍ୟାନୁଲାରେ Injection ଓ Saline .... bag ଯେ କି ପ୍ରକାର କଷ୍ଟ ଦେଉଥିଲା ଶ୍ରେୟ୍ୟାଙ୍କୁ ଯାହାକୁ କି ବର୍ଣ୍ଣନା କରିବା ଅସମ୍ଭବ ଥିଲା । ଯିଏ ଏ ଦୃଶ୍ୟକୁ ନ ଦେଖିଛି ବା ଅଙ୍ଗେ ନ ଲିଭାଇଛି ସେ କେବେ ବି ଅନୁଭବ କରିପାରିବନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡାକ୍ତର, ନର୍ସ ..... ସମସ୍ତଙ୍କର ବ୍ୟବହାର ଓ ପ୍ରେରଣା, ଉତ୍ସାହ ଶ୍ରେୟ୍ୟାକୁ ମନବଳ ଯୋଗାଇ ଠିକ୍ କରିବାକୁ ଅଦମ୍ୟ ସାହାସ ପ୍ରଦାନ କରୁଥିଲେ । ତିନିଦିନ ପରେ ସମସ୍ତ ପରୀକ୍ଷା ପରେ ହସ୍ପିଟାଲରୁ ଘରକୁ ଫେରି ଆସିଥିଲା ଶ୍ରେୟ୍ୟା ତା'ର ସ୍ୱାମୀ ଓ ପୁଅ ସହିତ । ଘରେ ମଧ୍ୟ ଖୁବ୍ ଯତ୍ନରେ ତାକୁ ତା'ର ସ୍ୱାମୀ ଜଗି ରହୁଥିଲେ । ଖୁଆଇ ଦେବାଠାରୁ ଆରମ୍ଭ କରି ଉଠାଇବା ପର୍ଯ୍ୟନ୍ତ । ମାତ୍ର କ୍ୟାଥେଟର୍.... ଇତ୍ୟାଦି ହସ୍ପିଟାଲରୁ କାଢି ଦିଆଯାଇଥିବାରୁ ସେ ଟିକିଏ ଆଶ୍ୱସ୍ତିଲାଭ କରୁଥିଲା । ଠିକ୍ ଭାବରେ ଖିଅପିଆ କରି ସୁସ୍ଥ ହେବାପରେ ପୁନଶ୍ଚ ଆଉ ଏକ Operation କରାଯିବ ବୋଲି ଡାକ୍ତରମାନେ ଜଣାଇ ଦେଇଥିଲେ । ଏହା ଖୁବ୍ ବଡ଼ ଅସ୍ତ୍ରପ୍ରଚର ଓ ବହୁତ ସମୟ ଲାଗିବ ତେଣୁ ସେମାନେ ଜେନେରାଲ୍ ଆନାସ୍ଥେସିଆ ନିଶାର ଉପଯୋଗ କରିବେ ବୋଲି ଜଣାଇଥିଲେ ।

ପୁନଶ୍ଚ ୩- ସପ୍ତାହ ପରେ ସବୁ ପ୍ରକାର ପରୀକ୍ଷା କରାଯାଇ Fitness Certificate Issue ହେବାପରେ ତାରିଖ ନିର୍ଦ୍ଧାରିତ ହେଲା । ତଥାପି ଶ୍ରେୟ୍ୟା ଖୁବ୍ ଦମ୍ଭର ସହିତ ସବୁକିଛିର ସମ୍ମୁଖୀନ ହେଉଥିଲା । ସବୁବେଳେ ମନ ଭିତରେ ଠିକ୍ ହୋଇ ପୂର୍ବପରି ନିଜ ଗୋଡ଼ରେ ନିଜେ ଠିଆହେବାର ଆଶାପୋଷଣ କରିବା ସହିତ ଭଗବାନ୍ ଙ୍କ ଉପରେ ଦୃଢ ବିଶ୍ୱାସ ରଖିଥାଏ ।

ଏମିତିରେ ସେହିଦିନଟି ତା'ଚକ୍ଷୁ ସମ୍ମୁଖରେ ଦଣ୍ଡାୟମାନ ହେଲା । ତା'ପରେ ତାକୁ Operation Dress ପିନ୍ଧାଯାଇ Operation Theaterକୁ ନିଆଯାଇଥିଲା । ତା'ର ସ୍ୱାମୀ ତା' ପାଖେ ପାଖେ ଚାଲି ଶେଷରେ ତାକୁ ବିଦାୟ ଦେଇଥିଲେ । O. T ଭିତରେ ପହଞ୍ଚିବା ପରେ ଏକ Operation Table ରେ ଶୁଆଇ ପ୍ରଥମେ ଦୁଇଟି 'ଆନଥେସିଷ୍ଟ' ତାର ଦୁଇହାତ ସିଧା କରି Injection ଦେବା ପରେ ଶ୍ରେୟ୍ୟା ସଂପୂର୍ଣ୍ଣ ନିସ୍ତେଜ ହୋଇ ପଡିରହିଲା । ତା'ପରେ ସେଠାରେ କ'ଣ ହେଲା ସେ କିଛି ଜାଣିପାରି ନ ଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅରାମରେ ଶୋଇରହିଥିଲା ।

ତା'ପରେ ଶ୍ରେୟ୍ୟାକୁ Observation Room କୁ ଅଣାଯିବା ପରେ ଆସ୍ତେ ଆସ୍ତେ ତା'ର ଚେତା ଫେରିଲା । ସେତେବେଳେ ସେମାନେ ତା'ର ସ୍ୱାମୀଙ୍କୁ ଡ଼ାକିଥିଲେ ଓ ସେ ତା' ପାଖରେ ଥିଲେ । କିଛି ସମୟ ପରେ ରୁମ୍ କୁ ନେଇଯାଇଥିଲେ । ଏଥର ସେମାନେ ଦୁଇପଟ ମୂତ୍ରାଶୟର "ଷ୍ଟେଣ୍ଟ" ଓ ବାମପଟରେ Stoneଟି କାଢିଥିଲେ ଯାହାଦ୍ୱାରା ସେମାନଙ୍କୁ ତାର ତଳପେଟର କିଛି ଅଂଶ ଚିରିବାକୁ (କାଟିବାକୁ) ପଡ଼ିଥିଲା । ତା'ପରେ ପେଟରେ ଖୁବ୍ ଯନ୍ତ୍ରଣା ସହ, Saline ରେ Painkiller, Antibiotics ... ଇତ୍ୟାଦି କ୍ୟାନୁଲା ସାହାଯ୍ୟରେ ଦେବା ସମୟରେ ଯେପରି ଜୀବନ ବାହାରିବା ପରି ଲାଗୁଥିଲା । ଅନେକ କଷ୍ଟ ସହ୍ୟ କରି କରି ସେ ପଥର ପାଲଟି ଯାଇଥିଲା । ପ୍ରତ୍ୟକ ସମୟରେ ଡାକ୍ତର, ନର୍ସ ..... କେହି ନା କେହି ପ୍ରବେଶ କରୁଥିଲେ । ନା' ସେ ଦିନରେ ନା ରାତ୍ରିରେ ଶୋଇପାରୁଥିଲା । କି କଷ୍ଟ ! କି ଯନ୍ତ୍ରଣା !ମୃତ୍ୟୁ ଜନିତ ପୀଡା ଭୋଗକରି ଚାଲିଥିଲା । ତା'ଠାରେ ରକ୍ତଶୂନ୍ୟତା ମଧ୍ୟ ଦେଖାଦେଇଥିଲା ।

ତା'ପରେ କିଛିଦିନ ପରେ ସେ ହସ୍ପିଟାଲରୁ ତା' ଘରକୁ ଫେରିଆସିଥିଲା । ମାତ୍ର ତଳିପେଟରେ କଟାଯାଇ ପଡିଥିବା ସିଲାଇ ଓ Haemoglobinର ମାତ୍ର କମ୍ ଥିବାରୁ ଉଠିବା, Bathroom... ଇତ୍ୟାଦି ଯିବା ଖୁବ୍ କଷ୍ଟକର ହେଉଥିଲା । ମୁଣ୍ଡ ମଧ୍ୟ ବୁଲାଉଥିଲା । ଏପରି ଏବେ ଶ୍ରେୟ୍ୟାକୁ ଦେଖିଲେ କେହି ବିଶ୍ୱାସ କରିପାରିବନି । ଦୁର୍ବଳ ଶରୀର, ହାଡ ଚାରିଖଣ୍ଡରେ ଜିଇଥିଲା ।

ତାକୁ ଖାଇବା ପାଇଁ ମଧ୍ୟ ଇଚ୍ଛା ହେଉ ନଥିଲା । ଔଷଧ ଖାଇ ଖାଇ ତା'ର ମୁହଁର ସ୍ୱାଦ ମଧ୍ୟ କୁଆଡେ ଉଭେଇ ଯାଇଥିଲା । ଏହା ସତ୍ତ୍ୱେ ମଧ୍ୟ ଡାକ୍ତରମାନେ ଦେଇଥିବା ତାରିଖରେ କିଛିଟା ପରୀକ୍ଷା କରାଇ ଦେଖାଇବାକୁ ଯିବାକୁ ପଡୁଥିଲା । ତା'ର ସ୍ୱାମୀ ଏକାକୀ କି ପ୍ରକାର କଷ୍ଟ କରୁଥିଲା ତାକୁ ଠିକ୍ କରିବାକୁ ଯିଏ ନ ଦେଖିବ ସ୍ୱଚକ୍ଷୁରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେହି ବିଶ୍ୱାସ କରିପାରିବନି ।

ଏମିତିରେ ଆସ୍ତେ ଆସ୍ତେ ଅନେକ କଷ୍ଟ ସହ୍ୟ କରି କରି ଉଠିଚାଲିବାର ଶକ୍ତି ଏକଜୁଟ କଲା । ଭଗବାନ୍‌ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିଚାଲିଥିଲା । ଚାରି, ପାଞ୍ଚ ମାସର କଷ୍ଟ ପରେ ଆସ୍ତେ ଆସ୍ତେ ଠିକ୍ ହେବାକୁ ଲାଗିଲା । ହସ୍ପିଟାଲ ଗଲେ ତାକୁ ଡାକ୍ତରମାନେ ଦେଖି ବିଶ୍ୱାସ କରିପାରୁ ନ ଥିଲେ ଯେ ସେ ସେହି ୨ ତାରିଖ ଜାନୁଆରୀରେ ତାଙ୍କ ପାଖକୁ ମୃତ ଶରୀର ପରି ହୋଇ ଆସିଥିବା ଶ୍ରେୟା ବୋଲି । ସେମାନେ ମଧ୍ୟ ଭଗବାନଙ୍କୁ ଓ ଶ୍ରେୟାର ସ୍ୱାମୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରୁଥିଲେ ।

ଏବେ ମଧ୍ୟ ଶ୍ରେୟାକୁ ଏସବୁ ସ୍ୱପ୍ନ ପରି ମନେହେଉଥିଲା । ଏ ନୂଆବର୍ଷ ୨୦୨୬ ଯେ କି ପ୍ରକାର କଷ୍ଟ ଦେବା ସହ ବଞ୍ଚାଇ ତାକୁ "ପୁନର୍ଜନ୍ମ" (Re- Birth) ଦେଇଥିଲା । ସମସ୍ତେ ତା'ର ବଞ୍ଚିବାର ଆଶା, ତ୍ୟାଗ କରିଥିଲେ ମଧ୍ୟ ଭଗବାନ ତାକୁ "ପୁନର୍ଜନ୍ମ" ଦେଇଥିଲେ । ତେଣୁ କଥାରେ କୁହାଯାଏ – "ଯାହାକୁ ରଖିବେ ଅନନ୍ତ, କେ କରିପାରେ ବଳବନ୍ତ"।

୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ
ପ୍ଲଟ ନମ୍ବର -୮ , ସେକ୍ଟର – ୪,
ଦ୍ୱାରକା, ନୂଆ ଦିଲ୍ଲୀ – ୧୧୦୦୭୮
ଇମେଲ୍ :- puspitajena24@gmail1.com
ମୋବାଇଲ୍—୯୮୧୦୦୫୫୪୭୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁ ମୋ ଲାଲ୍ ଟୁକ୍ ଟୁକ୍

ଦେବାଶିଷ ମାଇତି



ସତେ ଝରା କାଶତଣ୍ଡୀ

ଝରି ଝରି ଆସେ..

ପାର୍ବଣ ଚମକ ନେଇ..,

ଶରତର ବାସ୍ନା ଦିଗ ଦିଗ ବୁଲି

ଧରାକୁ ସଜାଇ ଥାଇ..।

ପ୍ରକୃତି ମହକ ଓଃ କି ଯାଦୁଗର..

ଆଜି କେତେ ପ୍ରଶ୍ନର ଉତ୍ତର ଏକା ସାଥେ ମିଳିଗଲା କି.., ଅସହାୟ ମନ, ଅପ୍ରୀତିକର ପରିସ୍ଥିତି ବୋଧେ ସରିଗଲା । ହେଇ ଦେଖୁନା କୁହୁଡ଼ି ଭିଜା ଚାଦର୍ ଘୋଡ଼େଇ ଧାନ କିଆରୀରେ ଗଛ ସବୁ ସୁନ୍ଦର୍ ନାଚି ଝୁମି ଯାଉଛନ୍ତି, ତା ସାଥେ କାଶତଣ୍ଡୀ ସୂ ସୂ ହେଇ ଚତୁର୍ଦ୍ଦିଗ କମ୍ପମାନ କରୁଛି, କି ହସ ଦେଖତ । କେଳି କୁଞ୍ଜବନ କେତେ ପ୍ରଫୁଲ୍ଲିତ ସେପଟେ କେତେ ସଜ ବାଜ ହୋଇ ଚତର୍ଦ୍ଧାମୂର୍ତ୍ତିଙ୍କର କାମ ଚାଲିଛି ମାଁ ଜଗତ୍ ଜନନୀ ଦୁର୍ଗତି ନାଶିନୀ ଦେବୀ ଦୁର୍ଗା ଧରାକୁ ଆସିବେ ପୂଜା ପାଇବେ..। ଏ ପ୍ରକୃତିର ଏମିତି ମନୋରମ ଦୃଶ୍ୟ ଆହୁରି ଶାନ୍ତି କରାଏ ଯେତେବେଳେ ମନରେ ଅପେକ୍ଷା ସରିଆସେ । ମୁଁ ଆସୁଛି ଟୁକ୍ ଟୁକ୍ ଏହି ରାସ୍ତାରେ, ପ୍ରେମିକ ଲାଲାର ସେହି ବୁଲେଟ୍ ଗାଡ଼ି ଆସି ପହଞ୍ଚିଗଲା । ଦୀର୍ଘ ତିନି ବର୍ଷରୁ ନଦେଖି ଭଲ ପାଇବା । ଆଜି ଦୁହେଁ ପରସ୍ପର ସହ ଭେଟ । ସକାଳର ପହିଲି କିରଣରେ ଟୁକ୍ ଟୁକ୍ ଘରର କିଛି ଦୂରରେ ସୁନ୍ ସାନ୍ ରାସ୍ତା ଅଧୈର୍ଯ୍ୟ ଯୌବନ ଆଖି ଛଳ ଛଳ । ଟୁକ୍ ଟୁକ୍,.. ତୁ.. ତୁ....ମେ..ତୁମେ.. । ଲାଲା ସବୁ ବୁଝି ସାରିଥିଲା.. ଖନେଇ ମାରିଗଲା ପାଟି ଯିଏ ଫୋନରେ କେତେ ଗପିଯାଏ, ଆଜି

Listen to Odia Podcast Original at https://youtube.com/@drjyotiprasad

ଏମିତି । ତାକୁ ଦେଖି ମଧ୍ୟ ଲାଲା ଥରିବାକୁ ଲାଗିଲା । ତାର ଦେହର ରୋମ ଟାଙ୍କୁରି ଉଠୁଛି କାହିଁକି ? କିଛି ବୁଝି ପାରୁ ନଥାଏ । କଣ ହେଉଛି ଏ ହୃଦୟ ସ୍ପନ୍ଦନ ଏମିତି କାହିଁକି ହେଉଛି ? କିଛି ବୁଝିବା ଆଗରୁ ଟୁକ୍ ଟୁକ୍ ପାଖକୁ ଭିଡ଼ି ଆସିଥିଲା । ନିସ୍ତବ ପ୍ରକୃତି, ସାକ୍ଷୀ କାଶତଣ୍ଡୀ ଆଉ ଏ କିଆରୀରେ ଲାଜେଇ ଯାଏ ଧାନ ଗଛ, ଦୁହିଁ ପ୍ରେମିକଙ୍କ ମିଳନ ବିନ୍ଦୁରୁ ସିନ୍ଧୁ ଯାଏ । ହଠାତ୍ ଦୁହେଁ ପରସ୍ପରକୁ ଆଲିଙ୍ଗନ କଲେ । ଟୁକ୍ ଟୁକ୍ ଜୋର୍ ସେ ଜାବୁଡି ଧରିଲା । ଆଉ ଚିତ୍କାର କରି କାନ୍ଦି ଉଠିଲା । ମୋ ଧନ କୋଉଠି ଥିଲ ? କଣ ମୋ କଥା ଏତେ ଦିନ ପରେ ମନେ ପଡ଼ିଲା ? ଲାଲା ଆଖିରେ ବି ଲୁହର ବର୍ଷା ବରଷି ଯାଇଥିଲା । ଦୀର୍ଘ ସମୟ ଧରି ଆଲିଙ୍ଗନ ପରେ ଲାଲା ସେହି କିଆରୀ ହିଡ଼ ରାସ୍ତାରେ ବସି ପଡ଼ିଲା । ଏମିତି ବି ଆସିବାର ଏକ ଘଣ୍ଟା ହେଇଗଲାଣି, ସମୟ ସକାଳ ଘ ୮.୦୦, ଓଃ କି ଶାନ୍ତି ଟୁକ୍ ଟୁକ୍ ତା କୋଳରେ ମୁଣ୍ଡ ଥାପି ଶୋଇପଡ଼ିଲା । ଜାଣିଛ ! ମୁଁ ଯେତେବେଳେ ସକାଳୁ ବାହାରିଲି ମା କହୁଥିଲା ତୁ ଜଲ୍‌ଦୀ ଆସିବୁ ବଜାରରୁ ସଉଦା ନେଇ । ମୁଁ ରୋଷେଇ କରିବି ତାପରେ ଅଙ୍ଗନଜ୍ୱାଡ଼ି ଯିବି । ତୋର ଏକା ଯାହା ଅଲଗା ତରକାରୀ କରିବୁ କର୍ । ଟୁକ୍ ଟୁକ୍ ର ପିଲାବେଳୁ ବାପା ନଥାଏ, ମା ଝିଅ ଦୁଇଜଣ । ଦିନେ ଲାଲା ଟୁକ୍ ଟୁକ୍ ର ମା'ଙ୍କର ମନିପର୍ସ ବସରେ ପାଇଥିଲା, ଆଉ ତାପରେ ସମାନ ଏଡ୍ରେଶ୍ ରେ ଟୁକ୍ ଟୁକ୍ ପାଖକୁ ପହଞ୍ଚାଇଥିଲା, ସେଥିଲାଗି ଆଜି ଲାଲାର ମୋବାଇଲ୍ ନମ୍ବର ଦୁଇ ବର୍ଷ ତଳୁ ପାଇ ଗୋଟେ ସାଙ୍ଗ ଭଳି, ହେଲେ ସାଙ୍ଗ କେବେ ଭଲ ପାଇବା ପୁଣି ବିବାହ ପ୍ରତିଶ୍ରୁତି ପୁଣି ଦୁହେଁ ପରସ୍ପରକୁ ନ ଦେଖି କିଏ ଜାଣିଥିଲା । ଲାଲା, ଆଚ୍ଛା ଟୁକଟୁକ ମା କଣ କେବେ ପଚାରନ୍ତି ନାହିଁ, ସେ ପିଲା ଘର କୋଉଠି ନମ୍ବର କିଛି ଦେଇନି କି ? ଟୁକ୍ ଟୁକ୍,.. ଆରେ ଧନ ହଁ, ମୁଁ କହିଛି ମା'ଙ୍କୁ । ସେ ବହୁତ୍ ଦୂରରେ, ତାଙ୍କୁ ଫୋନ୍ କଲେ କଣ ହେବ ? ଆଉ ମା ବି ବୁଝି ଯାଇଛନ୍ତି । ଟୁକ୍ ଟୁକ୍, ଆଚ୍ଛା ଧନ ତୁମେ ଘରୁ ବାବା ମାଁଙ୍କୁ କଣ କହି ଆସିଛ ? ଲାଲା,.. ହୁଁ.. ! କଣ କହିବି କହିଲି ମୁଁ ଟିକେ ଶୁଭ କାମରେ ଯାଉଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସେ ସେ ଦୁହେଁ ତ ନିରୀହ ଲୋକ କିଛି କୁହନ୍ତି ନାହିଁ । ଆଉ ବାବା ମା ମୋତେ ବହୁତ୍ ଭଲ ପାଆନ୍ତି, ମୁଁ ଯାହା ଚିନ୍ତା କରିବି ସେ କିଛି କହିବେ ନାହିଁ । ଆଚ୍ଛା ଟୁକ୍ ଟୁକ୍ ଆମେ ଏଇ ତିନି ଜଣଙ୍କୁ ସବୁ ଖୁସି ଦେବା ନା ? କାହିଁକି ନା ଲାଲା ପରିବାରରେ ବାପା ମା ଛାଡ଼ି କେହି ନାହାଁନ୍ତି । ଟୁକ୍ ଟୁକ୍, ଧନ ମୁଁ ତୁମକୁ ଭଲ ଲାଗେ ତ ? ଲାଲା, ଏଇ ପାଗିଳି କଣ ସବୁ କହୁଛ ? ଚୁପ୍ କର । ଆଖିର ଲୁହ ପୁଣି ଥରେ ଲାଲାର, ଏ ଧନ ତମେ କାନ୍ଦୁଛ ? ଟୁକ୍ ଟୁକ୍, ଲୁହ ପୋଛି ଦେଇ ମୋତେ କ୍ଷମା କରିଦିଅ । ଜାଣିଛ ଟୁକ୍ ଟୁକ୍ ଆମେ ଦୁହେଁ କେବେ ବି ଅଲଗା ହେବାନି, ଆଉ ଆମ ବାବା ମାଙ୍କୁ ବି ଏକା ସାଥିରେ ରଖିବା । ଏମିତି ସ୍ୱପ୍ନସାଗରରେ ଦୁହେଁ ହଜିଗଲେ ଯେ, କେତେବେଳେ ନ ଖାଇ ନପିଇ ଦିବା ଘ ୧୦.୦ । ଶେଷରେ ଶିହରଣ ବୋଳା ଯୌବନରେ ଆଲିଙ୍ଗନ କରି ଲାଲା ଟୁକ୍ ଟୁକ୍ ର ମଥାରେ ଚୁମ୍ବନ ଦେଇ କହିଲା ଆଜି ଗଲେ ଘରକୁ, କଥା ହେବି କେଉଁ ଦିନ ବିବାହ କରିବା । ମୁଁ ଆସିଲି । ହଉ ଧନ ଇଚ୍ଛା ନ ଥାଇ ବି ହାତ ଛାଡ଼ିବାକୁ କଷ୍ଟ ଅନୁଭବ କରେ ଟୁକ୍ ଟୁକ୍ । ଏପଟେ ଟୁକ୍ ଟୁକ୍ ଘରେ ପହଞ୍ଚି ସଉଦା ଆଣି ମା'କୁ ଧରାଇ ଦେଇ ସବୁକଥା ସାହସ ଜୁଟାଇ କହିଦିଏ, ସେପଟେ ଲାଲା ଘରେ ପହଞ୍ଚି ବାପାଙ୍କୁ ବି ସବୁ କଥା ଜଣାଇ ଦିଏ । ଟୁକ୍ ଟୁକ୍ ର ମା ଅଙ୍ଗନଜ୍ୱାଡି ଯାଇ ଭାବିବାକୁ ଲାଗେ । କିଏ ସେ ପୁଅ, ଝିଅ କହିଲା ତୁ ଜାଣିଲେ ଖୁସି ହେବୁ । ପରେ ଝିଅ ପାଖରୁ ଶୁଣିଲା ସେହି ପିଲା ମନି ପର୍ସ ଗାଡ଼ିରେ ପଠାଇ ଥିଲା, ମା ପୁଣି ବ୍ୟସ୍ତ ହୋଇ ଉଠିଥିଲା ଗୋଟେ ଝିଅ । ପୁଅକୁ ତ ଦେଖିନି, ହେଲେ ସେ ପର୍ସ ଫେରେଇବା ଦିନ ଠାରୁ ଭାରି କାଇଁ ନିଜର ଲାଗୁଚି ହଉ ଦେଖିବା । ଦୁଇ ଦିନ ଭିତରେ ଲାଲା ବାପା ମା ଙ୍କୁ ଧରି ଟୁକ୍ ଟୁକ୍ ଘରେ ପହଞ୍ଚିଗଲା, କଥା ଦୁଇ ପରିବାର ହେଲେ ଲାଲାକୁ ଦେଖି ଟୁକ୍ ଟୁକ୍ ର ମା କାନ୍ଦି ପକାଇଲେ, ପୁଅ ବହୁତ୍ ଜନ୍ମର ତପସ୍ୟା କରି ବୋଧେ ପୁଣ୍ୟ କରିଛି ତୁମକୁ ଜ୍ୱାଇଁ କରିବି । ଲାଲାର ମା ହସିଲେ ଆଉ ଟୁକ୍ ଟୁକ୍ କୁ କୋଳେଇ ନେଇ କହିଲେ, ଜାଣିଛ ଭଉଣୀ ଲକ୍ଷେ ପୂର୍ଣ୍ଣ ମୁଁ କରିଛି ଗୋଟେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋହୁ ପାଇଲି । ଏମିତି ଦୁଇ ପରିବାର ଖୁସିରେ ଆତ୍ମହରା ହୋଇଯାଇଥିଲେ । ପାଖ ପଡୋଶୀ ମଧ୍ୟ ରାଜି । କଥା ଫାଇନାଲ ହେଲା ବିବାହ ମନ୍ଦିରରେ ହେବ । ଆଉ ପନ୍ଦର ଦିନ ରହିଲା ପବିତ୍ର ଦୁର୍ଗା ପୂଜା ନବମୀ ତିଥିରେ ଅନୁଷ୍ଠିତ ହେବ । ଲାଲା ବାପା ମାଙ୍କୁ ଧରି ଘରକୁ ଫେରିବା ସମୟରେ ସତେ ଘନ ଅନ୍ଧକାର କାଳ ଛକିଥିଲା କେଜାଣି କଉଠୁ ହଠାତ୍ ଗାଡ଼ି ଆଗକୁ କୁକୁର ଆସିଲା ଆଉ ଲାଲା ସିଧା ଯାଇ ଚାଲୁଥିବା ଟ୍ରକ୍ ଚକ ତଳେ ପଡ଼ି ଯାଇଥିଲା । ସବୁ କିଛି ଶେଷ.., ବାପା ମା କ୍ଷତାକ୍ତ ଅବସ୍ଥାରେ ଏଠି ସେଠୀ ପଡ଼ିଥିଲେ, ଲାଲା ରକ୍ତ ଜୁଡୁବୁଡୁ ଅଚେତ୍ ଅବସ୍ଥାରେ, ଶତାଧିକ ଲୋକ ଜମା । ଲୋକ ଦୌଡ଼ିଯାଇ ଡାକ୍ତଖାନାରେ ସେମାନଙ୍କୁ ନେଇ ପହଞ୍ଚି ଗଲେ । ହେଲେ କେଉଁ ପାପଗ୍ରସ୍ତ ଜୀବନ ଥିଲା, ନଜର ଲାଗିଗଲା, ଘନ ଅନ୍ଧକାର ଯେମିତି କାଳ ଛକି ବସିଚି, ଲାଲା କୋମା ଅବସ୍ଥା ଚାଲିଗଲା । ବାପା ମା ଟିକେ ସୁସ୍ଥ ହୋଇ ସେଇଠି ରହିଲେ । ଟୁକ ଟୁକ ମୋବାଇଲକୁ କେହି ଜଣେ ଫୋନ୍ ରେ ଜଣାଇ ଥାଏ । ସେ ତା ମା କାନ୍ଦି କାନ୍ଦି ହୋଇ ପହଞ୍ଚି ଗଲେ । କାହା ନଜର ଲାଗିଗଲା ? ଟୁକ ଟୁକ ପାଗଳ ଭଳି କାନ୍ଦି କାନ୍ଦି ଗଡି ଯାଉଥାଏ । ନର୍ସମାନେ ସେ ଦୁହିଁଙ୍କୁ ସମ୍ଭାଳିବା ପରେ ଟୁକ୍ ଟୁକ୍ ସମସ୍ତଙ୍କୁ ସେଇଠି ସମ୍ଭାଳି, ଡାକ୍ତରଙ୍କ ସହ ପରାମର୍ଶ ସବୁ ବୁଝିସାରି, ଏକାନ୍ତରେ ବସି କାନ୍ଦିବାକୁ ଲାଗିଲା । ପୁଣି ଟ୍ରମା କେୟାରକୁ ଯାଇ କହେ ମୋ ଧନ ତମର କିଛି ହେବନି । ମୁଁ ଅଛି ନା, ଆମେ ସାଥିରେ ଯିବା ଘରକୁ ଏଇ ପୂଜାରେ ପରା ଆମେ ବାହା ହେବା । ନିସ୍ତବ୍ଧ ସେଇ ନର୍ସ ଏବଂ ଡାକ୍ତର ପୁଣି ଚିତ୍କାରରେ ଥରେ ଡାକ୍ତର ଖାନା । ଟୁକ ଟୁକ ଲାଲାର ମଥା ଛୁଇଁ ପ୍ରତିଜ୍ଞା କରି, ହେ ମାଁ ଜଗତ ଜନନୀ ଦୁର୍ଗତି ନାଶିନୀ ତୁ ଯଦି ଏଇ ନବମୀରେ ମୋ ମଥାରେ ସିନ୍ଦୂର ନ ଦେବୁ ତାହେଲେ ଆଜି ଠାରୁ ଗୋଟେ ନାରୀର ଅଭିଶପ୍ତ ଜୀବନ ଆସନ୍ତା ବର୍ଷଠାରୁ ଭୋଗିବୁ । ମୋ ଧନ ତତେ ଲାଗିଲା । ଏତିକି କହି ମନ୍ଦିରକୁ ଯାଇ ଗୋଟେ ଦୀପ ଜାଳି ଆସିଲା । ଏମିତି ଦୁଃଖରେ ଭାଙ୍ଗି ଯାଇ ଦୁଇ ପରିବାର ଅପେକ୍ଷା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଲା । ୧୦ ଦିନ ବିତିଯିବା ପରେ ହଠାତ୍ ଡାକ୍ତଖାନାରେ ଲାଲାର ଚେତନା ଜାଗ୍ରତ ହେବା ଖବର ଆଚମ୍ବିତ ହୋଇ ଉଠିଥିଲା । ୮-୧୦ ଦିନ ଦୁଇ ପରିବାର କେତେ ପ୍ରାର୍ଥନା ଆଉ ଟୁକ ଟୁକର ନିର୍ଜଳା ଉପବାସ ଶେଷରେ ମା ଶୁଣିଥିଲେ । ଏଇ ଉପବାସ ପାଇଁ ଟୁକ ଟୁକର ଦେହ ଅସୁସ୍ଥ ହେବାରୁ ଡାକ୍ତର ସଲାଇନ୍ ସହ ରକ୍ତ ଦିଆ ଚାଲିଥାଏ । ଦୁହେଁ ଗୋଟିଏ ରୁମରେ ଥିବା ଅବସ୍ଥାରେ ଦୁହେଁ ପରସ୍ପରକୁ ଦେଖୁଥାନ୍ତି । ଲାଲା ସ୍ଥିର ଥିଲେ ମଧ୍ୟ ଟୁକ୍ ଟୁକ୍ କୁ ଦେଖି ହସି ଲୁହ ଝରାଇ ଦିଏ । ଦୁଇ ପରିବାର ଖୁସିରେ ଲୁହର ସ୍ରୋତ ବୁହାଇଥିଲେ ଆଉ ଲାଲାର ମା କହେ, ଟୁକ ଟୁକ ହାତକୁ ଧରି ଏଇ ଝିଅ ଆଉ କେତେ କାନ୍ଦିବୁ । “ତୁ ପା ମୋର ଲାଲାର ଟୁକ୍ ଟୁକ୍” ତତେ ମୋ ପୁଅ କଣ ଛାଡ଼ି ଯାଇ ପାରିବ ? ସେହି ସମୟରେ ଅଷ୍ଟମୀ ପୂଜା ଚାଲିଥାଏ । ଲାଲାର ସାଙ୍ଗ ଜଣେ ଆସି କାଶତଣ୍ଡୀ ଫୁଲ ହାତରେ ଧରି ଲାଲାକୁ ଦିଏ, ଆଉ କହେ...

ଆଜି ହସେ କାଶତଣ୍ଡୀ
ଶରତକୁ ଦେଖି,
ସିନ୍ଥିରେ ସିନ୍ଦୂର ଦେବା ପାଇଁ..।
ଏ ପାର୍ବଣ ପ୍ରେମ ମାଁ ଙ୍କ ଆଗମନ,
ମଳୟର ସାଥେ
ବାଣ୍ଟିବା ପାଇଁ**...।

ଶହୀଦ୍ ଇରମ ବାସୁଦେବପୁର ଭଦ୍ରଖ
୭୫୬୧୨୫
ମୋ:୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିରହିଣୀ କାଶତଣ୍ଡୀ

ଅନନ୍ତ କୁମାର



ସେହି କାଶତଣ୍ଡୀ ଧୂ ଫର୍ ଫର୍ ଯିଏ ନଈ ପଠାରେ ଶରତର ଉତ୍ତରା ପବନରେ ସାରା ନଈ ପଠାକୁ ସୁନ୍ଦରମୟ ଶୋଭାମୟ ଧବଳ ମୟ କରିଦିଏ । ତାକୁ ସମସ୍ତେ ଭଲ ପାଆନ୍ତି ତା ରୂପ ଦେଖି ସମସ୍ତେ ତା ସହ ଖେଳନ୍ତି । କିନ୍ତୁ ସେ କେଉଁ ସାମାନ୍ୟ ଫୁଲ ନୁହଁ ସେ ହେଉଛି ସେହି ବିରହୀଣି କାଶତଣ୍ଡୀ ସେହି ପୁରୁଣା ଯୁଗରୁ ଆଜି ବି ନିଜ ଅଧୁରା ପ୍ରେମକୁ ପାଇବା ପାଇଁ ନଈ ପଠାରେ ପ୍ରତୀକ୍ଷା କରିଛି ଭଗ୍ନ ହୃଦୟକୁ ନେଇ । ସେଦିନର ସେହି ରାଜ କୁମାର ଗରିବ ଝିଅ କାଶତଣ୍ଡୀର ଲାବନ୍ୟ ରୂପ ଦେଖି ତାଙ୍କୁ ହୃଦୟ ଦେଇ ବସିଲେ କିନ୍ତୁ କାଶତଣ୍ଡୀ ରାଜକୁମାରଙ୍କୁ ବାରମ୍ବାର ମନା କରିଥିଲେ କହିଥିଲେ ତୁମେ ହେଉଛ ରାଜ କୁମାର ମୁଁ ଗରିବ ଦଳିତ କାଶତଣ୍ଡୀ ଆମ ପ୍ରେମ କଣ କେବେ ସମ୍ଭବ ହେଇ ପାରିବ । ନା ରାଜ କୁମାର ତୁମେ ମୋତେ ପାଇବାର ଆଶା ରଖନି । କିନ୍ତୁ ରାଜକୁମାରଙ୍କ ଏକାନ୍ତ ଜିଦ୍ ଆଗରେ କାଶତଣ୍ଡୀ ପ୍ରେମରେ ପଡ଼ିଗଲା ଏତେ ନିବିଡ଼ ପ୍ରେମ ଯେ ଦୁହେଁ ଦୁହିଁଙ୍କ ଗୋଟିଏ ମୁହୂର୍ତ୍ତ ନ ଦେଖିଲେ ସତେ ସ୍ପନ୍ଦନ ଅଟକି ଯାଏ । ପ୍ରତିଦିନ ଶରତ କାକର ଭିଜା ପ୍ରଭାତ ରେ ରାଜ କୁମାର କାଶତଣ୍ଡୀଙ୍କୁ ଭେଟିବା ପାଇଁ ନଈ ପଠାକୁ ଯାଆନ୍ତି ଆଉ ଅନେକ ପ୍ରେମର ଆଳାପ ହୁଅନ୍ତି । ଏତେ ପ୍ରେମ ଯେ ଯେମିତି ସାଗର ବିନା ଶାମୁକାର ଅବସ୍ଥା ଯାହା । ବାଦଲ ବିନା ବର୍ଷାର ଅବସ୍ଥା ଠିକ୍ ସେମିତି । ରାଜ କୁମାର କାଶତଣ୍ଡୀର ରୂପ ଯୌବନରେ ଏତେ ପାଗଳ ହେଇ ଯାଉଥିଲେ ଯେ ନିଜକୁ ଗୋଟେ ଗୋଟେ ଦିନ ସକାଳରୁ ସଞ୍ଜ ସେଇ ନଈ ପଠାରେ କାଟି ଦେଉଥିଲେ । ସେହି ପ୍ରେମ ସାରା ନଈ ପଠାରେ ଥିବା ଗଗନ, ପବନ, ଗଛ, ଲତା, ପକ୍ଷୀ

Listen to Odia Podcast Original at https://youtube.com/@drjyotiprasad

ମାନଙ୍କୁ ବେଶ ଆନନ୍ଦିତ କରୁଥିଲା । ଏତେ ସୁନ୍ଦର ରୂପ କାହିଁ କାହାର ? ଶରତର ପୂର୍ଣ୍ଣିମୀ ଜହ୍ନ ଶରତର ସନ୍ଧ୍ୟାରେ କାଶତଣ୍ଡୀଙ୍କୁ ଆହୁରି ସୁନ୍ଦର୍ କରୁଥିଲା ଏହି ସୁନ୍ଦର୍ ରୂପ ଦେଖି ସ୍ୱର୍ଗର ଅପସରା ବି ଈର୍ଷା ପରାୟଣ ହେଉଥିଲେ । କିନ୍ତୁ ସେହି ରୂପ ଯୌବନ ଆଉ ପ୍ରେମ ଉପରେ ନଜର ଲାଗିଗଲା ରାଜ କୁମାରଙ୍କ ବାପା ରାଜାଙ୍କର । ରାଜା କୁମାରଙ୍କ ପ୍ରେମ କାହାଣୀ ଶୁଣି ତୁରନ୍ତ ରାଜକୁମାରଙ୍କୁ ବନ୍ଦୀ କଲେ ଆଉ ବିଚାରୀ ଗରିବ ଦଳିତ ଝିଅ କାଶତଣ୍ଡୀକୁ ସେହି ନଈ ପଠାରେ ଜିଅନ୍ତା କବର ଦେଇ ଦେଲେ । କାଶତଣ୍ଡୀ ମାଆଙ୍କୁ ପଚାରିଲା ମାଆ ଗରିବ କଣ ପ୍ରେମ କରିପାରିବନି ? ମୁଁ କଣ ସତରେ ସବୁ ଦିନ ପାଇଁ କବର ନେଇ ଯିବି ? କେବେ କଣ ଆଉ ଫେରିବେନି ? ମାଆଙ୍କ କୃପାରୁ ଆଜିବି ବିରହୀଣି କାଶତଣ୍ଡୀ ସେହି ଆଜି ବି ଶରତ ଆସିଲେ ମାଆଙ୍କ ପୂଜା ଆସିଲେ ନଈ ପଠାରେ ନିଜ ଅଧୁରା ପ୍ରେମକୁ ପାଇବା ପାଇଁ ଭଗ୍ନ ହୃଦୟକୁ ନେଇ ପ୍ରତୀକ୍ଷା କରି ବସୁଛି ।

ସେ ଜାଣିଛି ଶରୀର ସିନା ନାହିଁ କିନ୍ତୁ ଆତ୍ମାରେ ଯେଉଁ ପ୍ରେମ ସୃଷ୍ଟି ହେଇଥିଲା ଆଜି ବି ଅମର ହେଇ ରହିଛି ଆଉ ଯୁଗ ଯୁଗକୁ ରହିବ । ଯେମିତି ପ୍ରଭୁ କୃଷ୍ଣ ରାଧାଙ୍କ ଅମର ପ୍ରେମ ଯୁଗ ଯୁଗକୁ ଅଛି । କାଶତଣ୍ଡୀ ଜାଣିଛି ପ୍ରେମ ମାନେ ଯାତନା ଆଉ ଯନ୍ତ୍ରଣା ଆଉ ବିରହ ବେଦନା ପ୍ରତୀକ୍ଷା । ସେହି ପ୍ରତୀକ୍ଷା ସେ ବି କରିବ ଯନ୍ତ୍ରଣାର ଆହତ ମନ ନେଇ ବର୍ଷର ସେଇ ଶରତକୁ ନିଜ ଅଧୁରା ପ୍ରେମକୁ ପାଇବା ପାଇଁ । ହଜାରେ ଥର ଜନ୍ମ ନେବ ଶରତ ଆସିଲେ ଆଉ ମାଆ ଦୁର୍ଗାଙ୍କ ମେଲାଣି ହେଲେ ନଈ ପଠାରେ ଫର୍ ଫର୍ ରୂପ ମଉଳି ଚାଲି ଯିବ ଭଗ୍ନ ହୃଦୟକୁ ନେଇ । କିନ୍ତୁ ପୁଣି ସେହି ପ୍ରତୀକ୍ଷା ସେହି ସେହି ଅଖଣ୍ଡ ଆଶା ବିଶ୍ୱାସ ଭରସାରେ ପ୍ରେମକୁ ସଫଳ କରିବା ପାଇଁ ।।

ପାଳିଆବିନ୍ଧା, ଭଦ୍ରକ, ସଂଗଠନ ସମ୍ପାଦକ


ଜାତୀୟ କବି ଲେଖକ ସଂଗଠନ ମୋ: ୮୩୩୯୯୩୯୯୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ଦୀର ପ୍ରତିଶୋଧ

ପ୍ରବୀଣ କୁମାର ସାହୁ



କଟକର ଚୌଦ୍ୱାର ଜେଲ୍ ର ଏକ ଅନ୍ଧକାରମୟ କୋଠରୀ । ଅର୍ଦ୍ଧରାତ୍ର ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ଅମୀୟ ଆଖିରେ ନିଦ ନାହିଁ । ଆଜିକୁ ସତର ବର୍ଷ ହେଲା ତା' ଆଖିରୁ ନିଦ ହଜିଯାଇଛି । ପୁରା ନାମ ଅମୀୟ ପଟ୍ଟନାୟକ, ବୟସ ପ୍ରାୟ ଚାଳିଶି । ଦୁଇ ଆଖିରୁ ତାର ବହିଯାଉଛି ଗଙ୍ଗା ଆଉ ଯମୁନା । ଏଇ ସତର ବର୍ଷରେ ଲୁହ ଗଡ଼େଇବା ତାର ଦେହସୁହା ହୋଇଗଲାଣି । କାରଣ ସେ ଯେଉଁ ଦୁଃଖଦ ଘଟଣା ପାଇଁ ଜେଲର କାଳ କୋଠରୀରେ ବନ୍ଦୀ ଅବସ୍ଥାରେ ଜୀବନ ବିତାଉଛି ସେଥିପାଇଁ ପ୍ରତିଦିନ ତା ଆଖିରୁ ଲୁହ ନୁହେଁ ଲହୁ ଝରୁଛି । ତା' ସହ ତାର ହୃଦୟର ପ୍ରତିଶୋଧର ନିଆଁ ପ୍ରତିଦିନ ତୀବ୍ରରୁ ତୀବ୍ରତର ହୋଇ ଜଳିବାରେ ଲାଗିଛି । ସେହି ଦୁଃଖଦ ଘଟଣା ଆଜିବି ତା'ର ମାନସପଟରେ ସତେଜ ହୋଇ ରହିଛି ଏକ ପୁରୁଣା ଗଭୀର କ୍ଷତ-ଚିହ୍ନ ପରି । ସେଦିନ ଥିଲା ସୋମବାର । ଅମୀୟ ତା ପ୍ରେମିକା ପ୍ରଭାସିନୀ ସହିତ କଟକର ଧବଳେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇଥିଲା । ସେ ପ୍ରଭାସିନୀକୁ କହିଲା, "ତୁମେ ଏହି ବରଗଛ ତଳେ ଛିଡ଼ା ହୋଇଥାଅ ମୁଁ ପାଖ ଦୋକାନରୁ ଫୁଲ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ନେଇ ଆସୁଛି ।" ପ୍ରଭାସିନୀ ଗଛ ଛାଇରେ ଛିଡ଼ା ହୋଇଥିଲା ଏବଂ ଅମୀୟ ଗଲା ମନ୍ଦିର ପାଖ ଦୋକାନକୁ ପୂଜା ସାମଗ୍ରୀ ଆଣିବା ପାଇଁ । ଏହି ସମୟରେ ଏକ କଳା ସ୍କୋର୍ପିଓ ଆସି ପ୍ରଭାସିନୀ ଛିଡ଼ା ହୋଇଥିବା ସ୍ଥାନରେ ଛିଡ଼ା ହେଲା । ତା ଭିତରୁ ଓହ୍ଲାଇଲେ ସହରର କୁଖ୍ୟାତ ଅପରାଧୀ ଜ୍ୟାକ୍ ଡିସୌଜା । ସେ ପିନ୍ଧିଥିଲା ଗୋଟାଏ କଳା ଚଷମା, କଳା ସାର୍ଟ ସହ କୋଟ ଓ ଡାହାଣ ହାତରେ ଗୋଟାଏ

Listen to Odia Podcast Original at https://youtube.com/@drjyotiprasad

ବଡ କଡ଼ା । ଭାରି ବିକଟାଳ ଚେହେରା । ତା ସହିତ ଗାଡ଼ିରୁ ଓହ୍ଲାଇଲେ ଆଉ କେତେଟା ଗୁଣ୍ଡା । ଦେଖିବାକୁ ଠିକ୍ ତା'ପରି ଭୟଙ୍କର । ସେ ଓ ତା'ର ସାଥୀମାନେ ସୁହାସିନୀ ପାଖକୁ ଗଲେ । ପ୍ରଭାସିନୀକୁ ସେ ଏକତରଫା ପ୍ରେମ କରୁଥିଲା । ସେ ତାକୁ କହିଲା, "ଶେଷଥର ପାଇଁ କହୁଛି, ମୋତେ ବାହା ହେବାପାଇଁ ହଁ କରିଦେ, ରାଣୀ କରି ରଖିବି ।" ପ୍ରଭାସିନୀ କହିଲା, "ମୁଁ କେବଳ ଅମୀୟକୁ ଭଲ ପାଏ, ତା'ଛଡା ତୋ' ଭଳି ଗୋଟାଏ ବଦମାସ୍‌କୁ କିଏ କାହିଁକି ଭଲ ପାଇବ ?" ଜ୍ୟାକ୍ ତାକୁ ଟଣାଓଟରା କରିବାରୁ ସେ ତା ଗାଲରେ ଗୋଟାଏ ଶକ୍ତ ଚାପୁଡ଼ା ମାରିଲା । ଜ୍ୟାକ୍ ଅନେକ ବାର ପ୍ରେମ ନିବେଦନ କରିଥିଲେ ସୁଦ୍ଧା ସେ ସବୁବେଳେ ପ୍ରତ୍ୟାଖ୍ୟାନ କରିଥିଲା । ଏବେ ଚାପୁଡ଼ା ଖାଇ ତା ମୁଣ୍ଡରେ ପିତ ଚଢିଲା । ସେ ପ୍ରଭାସିନୀକୁ କହିଲା, "ତୁ ମୋର ନୁହଁ, ତ କାହାର ନୁହଁ ।" ଏହା କହି ସେ ପକେଟରୁ ଧାରୁଆ ଛୁରୀ ବାହାର କରି ତା ପେଟରେ ଭୁସି ଦେଲା । ପ୍ରଭାସିନୀ ଛଟପଟ ହୋଇ ଚିତ୍କାର କରୁଥାଏ । ପ୍ରଭାସିନୀ ଯନ୍ତ୍ରଣାରେ ଛଟପଟ ହେଉଥାଏ । ଅମୀୟ ଶେଷ ! କିଛି ବୁଝିବା ଆଗରୁ ଏତେବଡ଼ କାଣ୍ଡ ଘଟିଗଲା । ସେ ଦୌଡ଼ି ଆସି ପ୍ରଭାସିନୀକୁ କୋଳେଇ ଧରିଲା । କାନ୍ଦି କାନ୍ଦି କହିଲା, "ପ୍ରଭା, ତମେ ବ୍ୟସ୍ତ ହୁଅ ନାହିଁ, ମୁଁ ତୁମକୁ ପାଖ ଡାକ୍ତରଖାନା ନେଇଯିବି ।" ପ୍ରଭାସିନୀ ଯନ୍ତ୍ରଣାରେ ଡହଳ ବିକଳ ହେଉଥିଲା, ସେତେବେଳେ ସେ ମୃତପ୍ରାୟ । କେବଳ ସେ ଏତିକି କହିଲା "ଆଉ ସମୟ ନାହିଁ । ତ---ମେ ମୋତେ କଥା ଯେ -- ତ -- ମେ ମୋ ମୃତ୍ୟୁର ପ୍ରତିଶୋଧ ନିଶ୍ଚ ---- ୟ ନେ --- ବ । "ଏତିକି କହି ସେ ଆଖି ବୁଜିଦେଲା । ଅମୀୟ ବହୁତ କାନ୍ଦିଲା । ତାଙ୍କ ଚାରିପାଖରେ ଜନଗହଳି ବଢ଼ିବାରେ ଲାଗିଥିଲା । ସେପଟେ ଜାକ ପୋଲିସ୍ କୁ ଫୋନ କରି କହିଲା "ଗୋଟାଏ ଟୋକା ଧବଳେଶ୍ୱର ମନ୍ଦିର ନିକଟରେ ଗୋଟେ ଝିଅର ମର୍ଡର କରି ଦେଇଛି । ଆପଣ ଯାଇ ଶୀଘ୍ର ସେଠାରେ ପହଞ୍ଚନ୍ତୁ ।" ପୋଲିସ ତା'ଠାରୁ ଖବର ପାଇ ଧବଳେଶ୍ୱର ଯାଇ ଅମୀୟକୁ ଆରେଷ୍ଟ କଲା । ଅମୀୟ କିଛି ବୁଝିପାରୁନଥାଏ ।

Listen to Odia Podcast Original at https://youtube.com/@drjyotiprasad

ସେ ପୋଲିସ୍ ଇନ୍‌ସପେକ୍ଟରଙ୍କୁ ପଚାରିଲା, "ମୋତେ ଆପଣ କୁଆଡେ ନେଉଛନ୍ତି ?" ଇନ୍‌ସପେକ୍ଟର କହିଲେ "ହାଜତକୁ । ଜ୍ୟାକ୍ ଖବର ଦେଲା ତମେ କୁଆଡେ ଏ ଝିଅଟିର ମର୍ଡର କରିଛ ?..." ସେ କହିଲା, "ସେ ତ ଏ ସହରର କୁଖ୍ୟାତ ଅପରାଧୀ । ଆପଣ ତା କଥା ବିଶ୍ୱାସ କରୁଛନ୍ତି । ସେ ନିଜେ ମୋ ପ୍ରେମିକାର ଖୁନ୍ କରି ମୋ ନାମ ଦେଇ ଦେଇଛି ...?" ଇନ୍‌ସପେକ୍ଟର ଚଢ଼ା ଗଳାରେ କହିଲେ "ଅଧିକ କଥା କୁହନା । ଶୀଘ୍ର ହାଜତକୁ ଚାଲ । ମୋ ପାଖରେ ସମୟ ନାହିଁ ।" ଏଥିରେ ଅମୀୟ ବହୁତ ମର୍ମାହତ ହେଲା । ତାପରେ କିଛି ନକହି ପୋଲିସ୍ ଜିପ୍ ରେ ବସି ଚୌଦ୍ୱାର ହାଜତକୁ ଗଲା । ତା ବାପା ହାଜତକୁ ଯାଇ ତାକୁ ଦେଖା କଲେ । ସେ ତାଙ୍କ ସାମ୍ନାରେ ବହୁତ କାନ୍ଦିଲା ଏବଂ କହିଲା ସେ ଏ ହତ୍ୟା କରି- ନାହିଁ । ତାକୁ ଫସାଇ ଦିଆଯାଇଛି ।

ତା ବାପାଙ୍କ ଆର୍ଥିକ ଅବସ୍ଥା ଭଲ ନଥିଲା । ତଳସ୍ତରର ଜଣେ ସରକାରୀ ଚାକିରିଆ ଥିଲେ । ତେଣୁ ସେ ହାଜତରୁ ଅମୀୟକୁ ବେଲ୍ ରେ ବାହାର କରିପାରିଲେ ନାହିଁ । କୋର୍ଟରେ ମଧ୍ୟ ସମଦଶା । ଅର୍ଥ ଅଭାବରୁ ତା ବାପା କୌଣସି ଓକିଲ ଯୋଗାଡ କରିପାରିଲେ ନାହିଁ । ଜ୍ୟାକ୍ ପଇସା ଲାଗେଇ କେସ୍ ନିଜ ଆଡକୁ କରିନେଲା । ଯାହାଫଳରେ ସମସ୍ତ ସାକ୍ଷ୍ୟ ପ୍ରମାଣ ଅମୀୟ ବିପକ୍ଷରେ ଗଲା । ଶେଷରେ ଜଜ୍ ତାକୁ ହତ୍ୟା ଅପରାଧରେ ଆଜୀବନ କାରାଦଣ୍ଡ ଦେଲେ । ସେ କଥା ଆଜିବି ମନେ ପଡିଲେ ତା ରକ୍ତ ଗରମ ହେଇଯାଏ । ସେ ନିଜ ଅପାରଗତାକୁ ଧିକ୍କାର କରି "ନାଇଁ, ମୁଁ ତାକୁ ମାରିବି ।" ବୋଲି ବଡପାଟିରେ ଚିତ୍କାର କଲା । ତା ଚିତ୍କାର ଶୁଣି ତା ସେଲ୍ ର ଅରୁଣର ନିଦ ଭାଙ୍ଗିଗଲା । ସେ ଅମୀୟକୁ ଭାଇ ବୋଲି ଡାକେ । ସେ କହିଲା, "ଭାଇ ଚିନ୍ତା କରନି, ଆଉ ତିନିଦିନ ପରେ ତମେ ଜେଲ୍ ରୁ ବାହାରି ଯିବ । ତାପରେ ଯାହା କରିବ, କି ଜ୍ୟାକ୍କୁ ମାରିବ । ରାତି ଅନେକ ହେଲାଣି । ଏବେ ଶୋଇପଡ଼ ।" ଅମୀୟ କହିଲା, "ମୋର ନିଦ ନାହିଁ । ତୁ ଶୋଇପଡ । ତୁଚ୍ଛାଟାରେ ତୋ ନିଦ ଭାଙ୍ଗିଦେଲି ।" ହଉ କହି ଅରୁଣ

Listen to Odia Podcast Original at https://youtube.com/@drjyotiprasad

ଶୋଇପଡ଼ିଲା । ତିନିଦିନ ପରେ ଆସିଲା ତାର ଚିର ପ୍ରତୀକ୍ଷିତ ମୁହୂର୍ତ୍ତ ସେ ଜେଲ୍ ରୁ ଖଲାସ ହେଲା । ତା'ପରେ ପରିବା ବଜାର ଦେଇ ତା ଘରକୁ ଯାଉଥିଲା । ସେଇଠି ଦେଖିଲା ଜ୍ୟାକ୍ ଓ ତାର ସାଥୀମାନେ ପହଞ୍ଚିଲେ ତାଙ୍କ କଳା ସ୍କୋର୍ପିଓ ନେଇ । ସେମାନେ ଆସିଥିଲେ ଦାଦାବଟି ଆଦାୟ କରିବାକୁ । ଜ୍ୟାକକୁ ଦେଖି ତା ରକ୍ତରେ ନିଆଁ ଲାଗିଗଲା । ସେ ଗୋଟାଏ ପଉଡ କଟାଳିଠାରୁ ତା କଟୁରୀ ଛଡେଇ ନେଇ ଜ୍ୟାକ୍ ପାଖକୁ ଦୌଡ଼ିଲା । ଜ୍ୟାକ୍ ଗୋଟେ ପରିବା ଦୋକାନୀକୁ ଦାଦାବଟି ପାଇଁ ହାଇରାଣ କରୁଥିଲା । ଅମୀୟ ଦଉଡ଼ି ଆସି ତା ପେଟରେ କଟୁରୀଟା ଭୁସିଦେଲା । ତା'ପରେ ତା ବେକରେ ଗୋଟାଏ ଚୋଟ ପକାଇଲା । ଜ୍ୟାକ ଚିତ୍କାର କରି ସଙ୍ଗେ ସଙ୍ଗେ ତଳେ ପଡିଗଲା ଏବଂ ତାର ପ୍ରାଣବାୟୁ ଉଡ଼ିଗଲା । ସେଠାରେ କିଛି ସମୟ ମଧ୍ୟରେ ଜନଗହଳି ରୁଣ୍ଠ ହୋଇଗଲା । ଏହାପରେ ଅମୀୟ ଜ୍ୟାକର ଗୁଣ୍ଡାମାନଙ୍କୁ ମଧ୍ୟ ମାରି ଗୋଡ଼ାଇଲା । ସେ ସମୟରେ ଏସିପି ସେଠାକୁ ପରିବା କିଣିବା ପାଇଁ ଆସିଥିଲେ । ବହୁଚେଷ୍ଟା କରି ଅମୀୟକୁ ଧରିବାରେ ଅସଫଳ ହେବାରୁ ତାକୁ ପଛରୁ ଗୁଳି ଚଳାଇଲେ, ଗୁଳି ଯାଇ ତା ଅଣ୍ଟା ଉପରିଭାଗ (ଯେଉଁଠି କିଡନୀ ଥାଏ) ରେ ବାଜିଲା । ଅମୀୟ ସେଇଠି ପଡିଗଲା । ଏ ଦୌଡ଼ିଆସି ତାକୁ କୋଳେଇ ଧରି କହିଲେ "ସରି ଅମୀୟ, ପରିସ୍ଥିତି ଅଣାୟତ୍ତ ହେବାରୁ ମୋତେ ଗୁଳି ଚଳାଇବାକୁ ପଡିଲା, ମୁଁ ଜଂଘକୁ ଗୁଳି ମାରିଥିଲି, କିନ୍ତୁ ତାହା ତୁମ ଅଣ୍ଟାରେ ବାଜିଲା । ମୁଁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡାକିଦେଉଛି ।" ଅମୀୟ କହିଲା "ନାଇଁ ସା... ର ଥାଉ । ମୋ... ର ଶେ..ଷ ସମ....ୟ ଉପ.... ନୀତ । ମୁଁ ଶାନ୍ତି ...ରେ ଏଥ..ର ମରି ... ବି । କାରଣ ସେ ସଇତା....ନକୁ ମୁଁ ମାରି... ଦେଇଛି । ଆଉ ମୋର କିଛି..... ଲୋ... ଡା ନାହିଁ ।" ଏତିକି କହି ଅମୀୟ ଆଖି ବୁଜିଦେଲା । ହତବାକ୍ ହୋଇ ଚାହିଁଥିଲେ ଏସିପି ।

ଗ୍ରାମ -ତଳିତା, ବ୍ଲକ୍ - ବୋଣାଇଁଗଡ, ଜିଲ୍ଲା - ସୁନ୍ଦରଗଡ଼ ପିନ୍ -୭୭୦୦୩୮

ଯୋଗାଯୋଗ -prabinkumarsahu166@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧା ରହିଯାଇଥିବା ସ୍ୱପ୍ନ

ଆୟୁଷା ଜେନା



ଗାଁର ଶେଷ ମୁଣ୍ଡରେ ଥିଲା ଗୋଟିଏ ଛୋଟ ମାଟିଘର । ଘରଟିର ଚାରିପାଖରେ ଥିଲା କିଛି ଜଙ୍ଗଲି ଗଛ, ଅଗଣାର ଗୋଟିଏ କୋଣରେ ତୁଳସୀ ଚଉରା ଏବଂ ଘର ପଛପଟେ ଥିଲା ଗୋଟିଏ ପୁରୁଣା ଆମ୍ବଗଛ ।

ସେଇ ଘରେ ରହୁଥିଲେ ରଘୁନାଥ, ତାଙ୍କ ସ୍ତ୍ରୀ କମଳା, ଝିଅ ସୁମି ଏବଂ ସାନପୁଅ ରାଜୁ । ଘରଟି ଗରିବ ଥିଲା, କିନ୍ତୁ ସେ ଘରର ସ୍ୱପ୍ନ ଗୁଡ଼ିକ ଗରିବ ନଥିଲା । ବିଶେଷକରି ସୁମିର ସ୍ୱପ୍ନ । ସୁମି ଛୋଟବେଳୁ ପଢ଼ାରେ ଖୁବ ଭଲ ଥିଲା । ସ୍କୁଲରେ ଶିକ୍ଷକମାନେ ତାକୁ ଖୁବ ଭଲ ପାଉଥିଲେ । ତା' ଖାତାରେ ଭୁଲ୍ ଅତି କମ୍ ହେଉଥିଲା ଏବଂ ନୂଆ କିଛି ଶିଖିବା ପାଇଁ ସବୁବେଳେ ତା'ର ଆଗ୍ରହ ଥିଲା । ସେ ପ୍ରତିଦିନ ସ୍କୁଲରୁ ଫେରି ଆସି ଅଗଣାରେ ବସି ପଢୁଥିଲା । ପାଖରେ ବସି ରାଜୁ ଖେଳୁଥିଲା । ଦିନେ ରାଜୁ ତା'ର ଖାତାଟି ଟାଣି ନେଇ ପଚାରିଲା, “ଦିଦି, ତୁ ସବୁବେଳେ ପଢୁଛୁ କାହିଁକି ?”

ସୁମି ହସି କହିଲା, “କାରଣ ମୋତେ ବଡ଼ ହେବାକୁ ପଡ଼ିବ ।”

“କେତେ ବଡ଼ ?”

“ଏତେ ବଡ଼ ଯେ ମୁଁ ଆମ ଗାଁର ସବୁ ପିଲାଙ୍କୁ ପଢ଼େଇପାରିବି ।”

ରାଜୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା, “ତୁ ଶିକ୍ଷୟିତ୍ରୀ ହେବୁ ?”

ସୁମି ହସି ମୁଣ୍ଡ ହଲାଇଲା, “ହଁ । ମୋର ସବୁଠାରୁ ବଡ଼ ସ୍ୱପ୍ନ ହେଉଛି ଶିକ୍ଷୟିତ୍ରୀ ହେବା ।”

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜୁ ତା'ର ହାତ ଧରି କହିଲା, "ତାହେଲେ ମୁଁ ତୋ ସ୍କୁଲର ପ୍ରଥମ ଛାତ୍ର ହେବି ।" ଦୁହେଁ ହସି ଦେଲେ । ସେଇ ହସ ଭିତରେ ଥିଲା ଗୋଟିଏ ନିର୍ମଳ ଭବିଷ୍ୟତର ସ୍ୱପ୍ନ ।

ସୁମି ଯେତେ ବଡ଼ ହେଉଥିଲା, ତା'ର ସ୍ୱପ୍ନ ମଧ୍ୟ ସେତେ ବଡ଼ ହେଉଥିଲା । ଦଶମ ଶ୍ରେଣୀ ପରୀକ୍ଷାରେ ସେ ଭଲ ନମ୍ବର ରଖିଲା । ସ୍କୁଲର ପ୍ରଧାନଶିକ୍ଷକ ତା'ର ବାପାଙ୍କୁ ଡାକି କହିଲେ, "ରଘୁନାଥ, ଝିଅଟିକୁ ପଢ଼ାନ୍ତୁ । ଏହାର ଭବିଷ୍ୟତ ଭଲ ।" ରଘୁନାଥ ହସି କହିଲେ, "ସାର୍, ମୋ ଝିଅକୁ ମୁଁ ଯେତେ ଦୂର ପାରିବି ପଢ଼େଇବି ।"

ଘରକୁ ଫେରିବା ବାଟରେ ସୁମି ଖୁସିରେ କହିଲା, "ବାପା, ମୁଁ ଆଗକୁ ପଢ଼ିବିନା ?"

ରଘୁନାଥ ତା' ମୁଣ୍ଡରେ ହାତ ରଖି କହିଲେ, "ତୁ ଯେତେ ପଢ଼ିବାକୁ ଚାହୁଁଛୁ, ପଢ଼ । ତୋ ବାପା ତୋ ସହିତ ଅଛି ।"

ସେଇ ଦିନ ସୁମି ରାତିରେ ନିଜ ଖାତାର ଶେଷ ପୃଷ୍ଠାରେ ଲେଖିଥିଲା—"ଦିନେ ମୁଁ ନିଶ୍ଚୟ ଜଣେ ଶିକ୍ଷୟିତ୍ରୀ ହେବି ।" କିନ୍ତୁ ସେ ଜାଣିନଥିଲା, ଜୀବନ ତା'ର ଏହି ବାକ୍ୟକୁ ଗୋଟିଏ ପ୍ରଶ୍ନରେ ପରିଣତ କରିଦେବ ।

ଶୀତ ଦିନର ଗୋଟିଏ ସକାଳ । ରଘୁନାଥ ଜମିରୁ ଫେରୁଥିବା ସମୟରେ ହଠାତ୍ ରାସ୍ତାରେ ପଡ଼ିଗଡ଼ିଲେ । ଗାଁର ଲୋକେ ତାଙ୍କୁ ଘରକୁ ଆଣିଲେଣି । କମଳା ଭୟରେ କାନ୍ଦି କାନ୍ଦି କହୁଥିଲେ, "କ'ଣ ହେଲା ତୁମର ?" କିନ୍ତୁ ରଘୁନାଥ କିଛି କହିପାରୁ ନଥିଲେ । ଡାକ୍ତର କହିଲେ, ତାଙ୍କୁ ନିୟମିତ ଚିକିତ୍ସା ଦରକାର । ଔଷଧ ଦରକାର । ଟଙ୍କା ଦରକାର । ଘରର ଛୋଟ ସଞ୍ଚୟ ଧୀରେ ଧୀରେ ଶେଷ ହେବାକୁ ଲାଗିଲା । କମଳା ନିଜର କିଛି ଗହଣା ବିକ୍ରି କରିଦେଲେ । ଘରର ଧାନ ବିକ୍ରି ହେଲା । ଜମିର ଗୋଟିଏ ଛୋଟ ଅଂଶ ବନ୍ଧକ ରଖାଗଲା । ସୁମି ସବୁ ଦେଖୁଥିଲା । କିନ୍ତୁ କାହାକୁ କିଛି କହୁନଥିଲା ।

ଦିନେ ସେ ନିଜର ସ୍କୁଲ ବ୍ୟାଗ୍‌ଟି ଖୋଲି ଦୀର୍ଘସମୟ ଧରି ଚାହିଁ ରହିଲା । ତା' ଆଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗରେ ଥିଲା ଦୁଇଟି ରାସ୍ତା । ଗୋଟିଏ ରାସ୍ତା ତା'ର ସ୍ୱପ୍ନ ଆଡ଼କୁ ଯାଉଥିଲା । ଆଉ ଗୋଟିଏ ରାସ୍ତା ତା' ପରିବାର ଆଡ଼କୁ । ସେ ଜାଣିଥିଲା— କେତେବେଳେ ନିଜ ସ୍ୱପ୍ନକୁ ବଞ୍ଚାଇବା ପାଇଁ ନିଜଲୋକଙ୍କୁ ହରାଇବାକୁ ପଡ଼େ । ଆଉ କେତେବେଳେ ନିଜ ଲୋକଙ୍କୁ ବଞ୍ଚାଇବା ପାଇଁ ସ୍ୱପ୍ନକୁ ଛାଡ଼ିବାକୁ ପଡ଼େ । ସୁମି ଦ୍ୱିତୀୟଟିକୁ ବାଛିଲା ।

ପରଦିନଦି ସକାଳେ ସେ ସ୍କୁଲକୁ ଯାଇନଥିଲା । ପରଦିନ ମଧ୍ୟ ନୁହେଁ । ତୃତୀୟ ଦିନ ସ୍କୁଲର ଶିକ୍ଷକ ତାଙ୍କ ଘରକୁ ଆସିଲେ ।

"ସୁମି କାହିଁକି ସ୍କୁଲ ଆସୁନାହିଁ ?"

କମଳା ମୁଣ୍ଡ ନୁଆଁଇ କହିଲେ, "ଘରର ପରିସ୍ଥିତି ଭଲ ନାହିଁ ସାର୍ ।"

ଶିକ୍ଷକ ସୁମିକୁ ଡାକିଲେ । "ତୁ ତ ପଢ଼ାରେ ଏତେ ଭଲ । ଏମିତି କାହିଁକି ?"

ସୁମି ହସିବାକୁ ଚେଷ୍ଟା କଲା । "ସାର୍, ମୋତେ ଏବେ ଘରେ ରହିବାକୁ ପଡ଼ିବ ।"

"କେତେ ଦିନ ? ?"

ସୁମି ଉତ୍ତର ଦେଲା ନାହିଁ । କାରଣ ସେ ନିଜେ ଜାଣିନଥିଲା । ଶିକ୍ଷକ ତା'ର ହାତରେ ଗୋଟିଏ ବହି ଦେଇ କହିଲେ, "ପଢ଼ା ଛାଡ଼ିବୁ ନାହିଁ । ପରିସ୍ଥିତି ଯେତେ କଷ୍ଟ ହେଉ, ବହିଟାକୁ ଛାଡ଼ିବୁ ନାହିଁ ।" ସୁମି ବହିଟିକୁ ଛାତିରେ ଜାବୁଡ଼ି ଧରିଲା । "ସାର୍, ଚେଷ୍ଟା କରିବି ।" ସେଦିନ ଶିକ୍ଷକ ଚାଲିଯିବା ପରେ ସୁମି ବହିଟିକୁ ନିଜ ବାକ୍ସରେ ରଖିଦେଲା ।

ସେ ଜାଣିଥିଲା—ଏହି ବାକ୍ସଟି ଏବେ ତା'ର ସ୍ୱପ୍ନର ଘର ।

ସମୟ କାହା ପାଇଁ ଅଟକେ ନାହିଁ । ସୁମିର ଦିନ ଗୁଡ଼ିକ ବଦଳିଗଲା । ସକାଳେ ଘରକାମ । ତା'ପରେ ଅନ୍ୟ ଘରେ କାମ ।

ସନ୍ଧ୍ୟାରେ ବାପାଙ୍କ ଔଷଧ । ରାତିରେ ରାଜୁର ପାଠ । ରାଜୁ ପ୍ରଥମେ ବୁଝୁନଥିଲା ଯେ ଦିଦି କାହିଁକି ସ୍କୁଲ ଯାଉନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନେ ସେ କହିଲା, "ଦିଦି, ତୁ ଆଉ ସ୍କୁଲ ଯାଉନୁ କାହିଁକି ?"

ସୁମି କହିଲା, "ତୁ ପଢ଼ । ତୋ ପଢ଼ା ମୋ ପାଇଁ ଖୁବ ଜରୁରୀ ।"

"କିନ୍ତୁ ତୋ ପଢ଼ା ?"

ସୁମି ହସିଲା । "ମୁଁ ତ ତୋତେ ପଢ଼ାଉଛି ।"

ରାଜୁ ମୁଣ୍ଡ ହଲାଇ କହିଲା, "ତୁ ମୋତେ ନୁହେଁ, ତୁ ମୋ ପାଇଁ ନିଜକୁ ଭୁଲିଯାଉଛୁ ।"

ସୁମି କିଛି ସମୟ ଚୁପ୍ ରହିଲା । ତା'ପରେ କହିଲା, "ବଡ଼ ହେଲେ ଏହି କଥାଟା ବୁଝିବୁ ।"

ବର୍ଷ ପରେ ବର୍ଷ କଟିଗଲା । ରାଜୁ ପଢ଼ାରେ ଆଗକୁ ବଢ଼ିଲା । ସୁମି ତା' ପାଇଁ ବହି କିଣୁଥିଲା । ନିଜ ପାଇଁ ନୂଆ ଶାଢ଼ୀ କିଣିବାକୁ ଇଚ୍ଛା ହେଲେ ମଧ୍ୟ କିଣୁନଥିଲା । ନିଜ ପାଇଁ ଚପଲ ଦରକାର ହେଲେ ମଧ୍ୟ ପୁରୁଣାଟିକୁ ମରାମତି କରି ପିନ୍ଧୁଥିଲା । କିନ୍ତୁ ରାଜୁର ବହି କେବେ ପୁରୁଣା ହେଉନଥିଲା । ଦିନେ ରାଜୁ ପରୀକ୍ଷାରେ ଜିଲ୍ଲାରେ ଭଲ ଫଳ କଲା । ସେ ଦିନ ସୁମି ଖୁସିରେ ଆଖିରୁ ଲୁହ ପୋଛି କହିଲା, "ମୋ ଭାଇ ବଡ଼ ହୋଇଗଲା ।"

ରାଜୁ କହିଲା, "ଦିଦି, ମୁଁ ଆହୁରି ପଢ଼ିବି ।"

"ପଢ଼ ।"

"ତା'ପରେ ଚାକିରି କରିବି ।"

"କର ।"

"ତା'ପରେ ତୋତେ ଆଉ କାମ କରିବାକୁ ଦେବିନି ।"

ସୁମି ହସିଦେଲା । "ମୋତେ ଚିନ୍ତା କରନାହିଁ । ତୁ ନିଜ ସ୍ୱପ୍ନ ପୂରା କର ।"

ରାଜୁ ପଚାରିଲା, "ଆଉ ତୋ ସ୍ୱପ୍ନ ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁମି କିଛି ସମୟ ଚୁପ୍ ରହିଲା । ତା'ପରେ ଧୀରେ କହିଲା, "କିଛି ସ୍ୱପ୍ନ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ବଞ୍ଚିଥାଏ ।"

ରାଜୁ ସହରକୁ ଗଲା । ସେଠାରେ ପଢ଼ିଲା । କଷ୍ଟ କଲା । ଶେଷରେ ଦିନେ ତା'ର ଚାକିରି ହେଲା । ସେ ଖବର ନେଇ ଘରକୁ ଫେରିଲା । ସୁମି ଅଗଣାରେ ଠିଆ ହୋଇଥିଲା । ରାଜୁ ଦୂରରୁ ଦୌଡ଼ିଆଡ଼ି ତା'କୁ ଆଲିଙ୍ଗନ କଲା ।

"ଦିଦି, ମୁଁ ଶିକ୍ଷକ ହୋଇଗଲି ।"

ସୁମିର ଆଖିରେ ଲୁହ ଆସିଗଲା । "ମୁଁ ଜାଣିଥିଲି ତୁ ପାରିବୁ ।"

"ଦିଦି, ତୁ ଖୁସି ତ ?"

"ତୋ ଠାରୁ ଅଧିକ ।"

ରାଜୁ ସେଦିନ ରାତିରେ ଘରର ପୁରୁଣା ବାକ୍ସଟି ଖୋଲିଲା । ସେଠାରେ ଥିଲା ସୁମିର ପୁରୁଣା ବହି, କିଛି ଖାତା, ପୁରୁଣା କଲମ ଏବଂ ଗୋଟିଏ ହଳଦିଆ ହୋଇ ଯାଇଥିବା କାଗଜ । ରାଜୁ କାଗଜଟି ଖୋଲି ପଢ଼ିଲା । ସେଥିରେ ଲେଖାଥିଲା —"ମୁଁ ଦିନେ ଶିକ୍ଷୟିତ୍ରୀ ହେବି । ଯଦି ହୋଇପାରିଲି ନାହିଁ, ତଥାପି ମୁଁ ମୋ ଭାଇକୁ ଏତେ ପଢ଼େଇବି ଯେ ସେ ମୋ ଅଧା ସ୍ୱପ୍ନକୁ ପୂରା କରିବ ।" ରାଜୁର ଆଖି ଲୁହରେ ଭରିଗଲା । ସେ ବୁଝିଗଲା—ତା'ର ସଫଳତା ପଛରେ କେବଳ ତା'ର ପରିଶ୍ରମ ନଥିଲା । ସେଠାରେ ତା'ର ଦିଦିର ଅନେକ ଅପୂର୍ଣ୍ଣ ଇଚ୍ଛା ଲୁଚିଥିଲା ।

କିଛି ମାସ ପରେ ରାଜୁ ଗାଁକୁ ଫେରିଲା । ଗାଁରେ ଗୋଟିଏ ପୁରୁଣା ଖାଲି ଘର ଥିଲା । ସେ ଘରଟିକୁ ସଫା କଲା । କିଛି ବେଞ୍ଚ ଆଣିଲା । କଳାପଟା ଲଗାଇଲା । ବହି ଆଣିଲା । ଗାଁର ଗରିବ ପିଲାମାନଙ୍କୁ ଡାକିଲା । ସୁମି କିଛି ବୁଝିପାରୁନଥିଲା ।

ଦିନେ ରାଜୁ ତା'କୁ ସେଇ ଘରକୁ ନେଇଗଲା । ଭିତରେ ଅନେକ ପିଲା ବସିଥିଲେ ।

ରାଜୁ କହିଲା, "ଦିଦି, ଏମାନେ ତୋର ଛାତ୍ର ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁମି ଆଶ୍ଚର୍ଯ୍ୟରେ ତା'କୁ ଚାହିଁଲା । "ମୋର ?"

"ହଁ । ତୁ ଯେଉଁ ସ୍ୱପ୍ନ ଦେଖିଥିଲୁ, ତାକୁ ମୁଁ ଏବେ ତୋ ପାଖକୁ ଫେରାଇ ଆଣିଛି ।"

ସୁମିର ଆଖି ଭିଜିଗଲା ।

"ରାଜୁ..."

"ଆଜିଠାରୁ ତୁ ଏମାନଙ୍କୁ ପଢ଼େଇବୁ ।"

"କିନ୍ତୁ ମୁଁ ତ..."

ରାଜୁ କଥା କାଟି କହିଲା, "ତୁ କେବଳ ମୋର ଭଉଣୀ ନୁହେଁ ଦିଦି । ତୁ ମୋର ପ୍ରଥମ ଶିକ୍ଷୟିତ୍ରୀ ।" ସୁମି କିଛି କହିଲା ନାହିଁ । ସେ କଳାପଟା ଆଡ଼କୁ ଗଲା । ଚକ୍ ଟିଏ ହାତରେ ଧରିଲା । ତା' ହାତ କିଛି ସମୟ ପାଇଁ ଥରିଗଲା । ତା'ପରେ ସେ କଳାପଟାରେ ଲେଖିଲା—"ସ୍ୱପ୍ନ ।"

ପିଲାମାନେ ଏକସାଙ୍ଗରେ ଶବ୍ଦଟି ପଢ଼ିଲେ । ସୁମି ହସିଲା । ତା'ର ଆଖିରୁ ଦୁଇଟି ଲୁହ ଗାଲ ଦେଇ ଖସିପସିଡ଼ିଲା । କିନ୍ତୁ ସେ ଲୁହ ଦୁଃଖର ନଥିଲା । ସେ ଥିଲା ଅନେକ ବର୍ଷର ଅପେକ୍ଷା ପରେ ମିଳିଥିବା ଖୁସିର ଲୁହ ।

କିଛି ବର୍ଷପରେ ସେଇ ଛୋଟ ପାଠଶାଳାଟି ଗାଁର ଏକ ପରିଚିତ ଶିକ୍ଷାକେନ୍ଦ୍ର ହୋଇଗଲା । ଯେଉଁ ପିଲାମାନେ ଦିନେ ପଢ଼ିବାପାଇଁ ବହି କିଣିପାରୁନଥିଲେ, ସେମାନେ ଏବେ ବଡ଼ ବଡ଼ ସ୍ୱପ୍ନ ଦେଖୁଥିଲେ । କେହି ଡାକ୍ତର ହେବାକୁ ଚାହୁଁଥିଲା । କେହି ଇଞ୍ଜିନିୟର । କେହି ଶିକ୍ଷକ । ଆଉ ପ୍ରତିଥର ଯେତେବେଳେ କୌଣସି ପିଲା ନିଜ ସ୍ୱପ୍ନ ବିଷୟରେ କହୁଥିଲା, ସୁମି ହସି କହୁଥିଲା, "ସ୍ୱପ୍ନ ଦେଖିବା କେବେ ଛାଡ଼ିବଡ଼ି ନାହିଁ ।" ଦିନେ ଜଣେ ଛୋଟ ଝିଅ ପଚାରିଲା, "ଦିଦି, ଆପଣଙ୍କର ସ୍ୱପ୍ନ କ'ଣ ଥିଲା ?" ସୁମି କିଛି ସମୟ ଚୁପ୍ ରହିଲା । ତା'ପରେ ହସି କହିଲା, "ମୋ ସ୍ୱପ୍ନଥିଲା ଶିକ୍ଷୟିତ୍ରୀ ହେବା ।" ଝିଅଟିଟି ପଚାରିଲା, "ଆପଣ ତ ଶିକ୍ଷୟିତ୍ରୀ ହୋଇଗଲେ ।" ସୁମି ତା'ର ମୁଣ୍ଡରେ ହାତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖି କହିଲା, "ହଁ । କିନ୍ତୁ ଟିକେ ଡେରିରେ ।" ଝିଅଟି ହସିଦେଲା । ସୁମି ମଧ୍ୟ ହସିଲା । ଦୂରରେ ଠିଆ ହୋଇ ରାଜୁ ସବୁ ଦେଖୁଥିଲା । ତା'ର ମନେ ହେଲା—କିଛି ସ୍ୱପ୍ନ ମରିଯାଏ ନାହିଁ । କେବଳ ସେମାନେ ନିଜ ରୂପ ବଦଳାଇ ନୂଆ ଜୀବନରେ ଫେରିଆସନ୍ତି । ସୁମିର ସ୍ୱପ୍ନ ମଧ୍ୟ ସେମିତି ଫେରିଆସିଥିଲା । ପ୍ରଥମେ ରାଜୁର ସଫଳତା ହୋଇ । ତା'ପରେ ଶତାଧିକ ପିଲାଙ୍କ ଆଖିର ସ୍ୱପ୍ନ ହୋଇ । ସନ୍ଧ୍ୟାବେଳେ ସୁମି ସ୍କୁଲ ଘରର ଦୁଆର ବନ୍ଦ କଲା । ଆକାଶରେ ସୂର୍ଯ୍ୟ ଅସ୍ତଯାଉଥିଲା । ସେ ଆକାଶକୁ ଚାହିଁ ଧୀରେ କହିଲା, "ସ୍ୱପ୍ନଟା ଅଧା ରହିଯାଇଥିଲା ବୋଲି ଭାବିଥିଲି କିନ୍ତୁ ଜୀବନ ତାକୁ ଅନ୍ୟ ରାସ୍ତାରେ ପୂରା କରିଦେଲା ।" ପାଖରେ ଠିଆ ରାଜୁ ହସି କହିଲା, "ଦିଦି, ତୋ ସ୍ୱପ୍ନଅଧା ନଥିଲା ।"

"ତାହେଲେ ?"

"ତୁ ଯେଉଁଠି ଛାଡ଼ିଥିଲୁ, ସେଇଠୁ ଆମେ ସମସ୍ତେ ମିଶି ତାକୁ ଆଗକୁ ନେଇଛୁ ।" ସୁମି ଚୁପ୍ ହୋଇ ରହିଲା । ସେଇ ନୀରବତାରେ ଥିଲା ତା'ର ସମଗ୍ର ଜୀବନର ଉତ୍ତର । କେତେକ ସ୍ୱପ୍ନ ଆମ ହାତରେ ପୂରା ହୁଏ ନାହିଁ । କିନ୍ତୁ ଆମେ ଯଦି ସେଗୁଡ଼ିକୁ ସତ୍ୟ ମନରେ ବଞ୍ଚାଇ ରଖୁ, ତେବେ ଦିନେ ନା ଦିନେ ସେମାନେ ଅନ୍ୟ କାହାର ଆଖିରେ ଆଲୋକ ହୋଇ ଜଳିଉଠନ୍ତି । ସୁମିର ସ୍ୱପ୍ନମଧ୍ୟ ସେଇଭଳି ଜଳୁଥିଲା—ଗୋଟିଏ ଦୀପ ପରି । ଯାହାର ଆଲୋକ କେବଳ ତା'ର ଜୀବନକୁ ନୁହେଁ, ଅନେକ ଜୀବନକୁ ଆଲୋକିତ କରିଥିଲା ।

ଜିଲ୍ଲା -ପୁରୀ ବ୍ଲକ -ନିମାପଡା
ପୋଷ୍ଟ ଅଫିସ -ଅରିଷଣ୍ଡ ଗ୍ରାମ -ଅରିଷଣ୍ଡ
ଯୋଗାଯୋଗ ନମ୍ବର: ୮୬୫୮୧୪୮୧୬୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଙ୍ଗ ହେବ ତ ଏମିତି

ଜସ୍ମିନ୍ ସାହୁ



ଜଗୁ ଆଉ ଟୁନା ଦୁଇଜଣ ଭଲ ସାଙ୍ଗ । ଗୁଡ଼ିଆ ଘରର ପୁଅ ଜଗୁ ଦେଖିବାକୁ ଟିକିଏ ମୋଟା, ତାଙ୍କର ନିଜର ଜଳଖିଆ ଦୋକାନ ଥିବାରୁ ସେ ଖାଲି ଖାଇବାରେ ସଉକ ଆଉ କାମରେ ଅଳସୁଆ । ସେପଟେ ଟୁନା ଶ୍ରମିକର ପୁଅ ହେଇଥିବାରୁ କାମରେ ବହୁତ ପରିଶ୍ରମୀ ଆଉ ଦୟାଳୁ ମଧ୍ୟ । ଜଗୁ ଆଉ ଟୁନାର ଘର ପାଖାପାଖି, ଜଗୁର ଟୁନା ଅପେକ୍ଷା ବୀର୍ ସହ ବେଶ୍ ଭଲ ପଡ଼େ । ବୀର୍ ହେଉଛି ଜମିଦାର ଘରର ପୁଅ, ଆଉ ସେ ମଧ୍ୟ ଜଗୁ ଭଳି ଅଳସୁଆ ଆଉ ଖାଇବାରେ ସଉକ, ସେ କାରଣରୁ ଦୁହିଁଙ୍କ ଭିତରେ ଭଲ ପଡୁଥିଲା । ବୀର୍ ର ଘର ବାରିପଟେ ଗୋଟିଏ ବଡ଼ ଫଳ ବଗିଚା ଥିଲା । ବେଳେ ବେଳେ ବୀର୍ ଜଗୁକୁ ସେଠି ନେଇଯାଏ, ସେଠୁ ସେମାନେ ଫଳ ତୋଳି ଖାଆନ୍ତି ଓ ଖେଳନ୍ତି । ଦିନେ ବୀର୍ ଜଗୁକୁ ଫଳ ବଗିଚାକୁ ନେଇ କହିଲା "ଜାଣିଛୁ ମୁଁ ଗୋଟିଏ ମନ୍ତ୍ର ଜାଣିଛି ଯାହା ଦ୍ୱାରା ଗଛରୁ ଫଳ ଆପେ ଆପେ ଝଡ଼ିଯିବ, ଆଉ ଆମେ ସହଜରେ ତାକୁ ଖାଇପାରିବା ।" ବୀର୍ ମନେ ମନେ ମନ୍ତ୍ର ଉଚ୍ଚାରଣ କଲା ବେଳକୁ ଗଛରୁ ଫଳ ଝଡ଼ିଗଲା । ଜଗୁ ଏହା ଦେଖି ଆଶ୍ଚର୍ଯ୍ୟ ହେଲା । ବୀର୍ ଜଗୁକୁ ଦେଖି ମନେ ମନେ ହସୁଥିଲା କାରଣ ବୀର୍ ଜାଣିଥିଲା ଯେ ସେ ଜଗୁକୁ ବୋକା ବନାଉଛି, ସତ କଥା ଏୟା, ଯେ ବଗିଚାର ମାଳି ଗଛ ପଛପଟେ ରହି ବାଉଁଶ ବଢ଼େଇ ଫଳ ତୋଳୁଥିଲା ଯାହାଦ୍ୱାରା ଫଳଗୁଡ଼ାକ ଗଛ ଚାରିପଟେ ପଡୁଥିଲା । ଜଗୁ ବୀର୍ ର ଏ ଯାଦୁ ଦେଖି ତାକୁ କହିଲା, ଯେ ମୋତେ ବି ଏ ମନ୍ତ୍ର ଦେ, ମୁଁ ବି ବିନା ପରିଶ୍ରମରେ ଫଳ ଖାଇପାରିବି । ବୀର୍ ତାକୁ କୌତୁହଳ ବଶତଃ ଗୋଟିଏ ମନ୍ତ୍ର କହିଦେଲା, ଜଗୁ ତାକୁ ସତ ଭାବି ସ୍ୱୀକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲା । ଦିନେ ଜଗୁ ଆଉ ଟୁନା ମିଶି ବଣରେ ବୁଲୁଥିଲେ । ହଠାତ୍ ଟୁନାକୁ ଭୋକ ଲାଗିଲା, ସେ ଜଗୁକୁ କହିଲା, ଯେ "ଚାଲ୍ ମିଶିକି ଫଳ ଖୋଜିବା ଆଉ ଖାଇବା ।" ବଣରେ ଆଗକୁ ବଢୁ ବଢୁ ଗୋଟିଏ ଆମ୍ବ ଗଛ ପଡ଼ିଲା । ଟୁନା ସଙ୍ଗେ ସଙ୍ଗେ ଗଛ ପାଖକୁ ଯାଇ ଜଗୁକୁ କହିଲା, "ତୁ ବି ଆସେ ମିଶିକି ଫଳ ତୋଳି ଖାଇବା ।" ଜଗୁ ଟୁନାକୁ କହିଲା, ଯେ "ତୁ ଜାଣିଛୁ ମୁଁ ଗୋଟିଏ ମନ୍ତ୍ର ଜାଣିଛି ଯାହା ମନେ ମନେ କହିଲେ ଗଛରୁ ଫଳ ଆପେ ଆପେ ଝଡ଼ିଯିବ ।" ଟୁନା ନିଜର ସାଙ୍ଗର କଥା ରଖିବା ପାଇଁ ଜଗୁର ମନ୍ତ୍ର ବୋଲିବା ଯାଏଁ ଅପେକ୍ଷା କଲା ଦେଖୁ ଦେଖୁ ପ୍ରାୟ ଅଧଘଣ୍ଟା ହୋଇଗଲା । ଟୁନା ଦେଖିଲା, ଯେ ଜଗୁର ମନ୍ତ୍ର କାମ କରୁନି । ଜଗୁକୁ ଛାଡ଼ି ସିଏ ଗଛ ଉପରେ ଚଢ଼ି ମିଠା ମିଠା ଆମ୍ବ ତୋଳି ଖାଇଲା । ଜଗୁ ସେମିତି ଆଖିବୁଜି ଠିଆ ହୋଇ ମନ୍ତ୍ର ପଢୁଥାଏ । ଜଗୁର ଏମିତି ଅବସ୍ଥା ଦେଖି ଟୁନା ଆମ୍ବ ଗଛରୁ ଓହ୍ଲିଲା ବେଳେ ତା ପାଇଁ ବି କିଛି ଆମ୍ବ ତୋଳି ଦେଲା । ସେମାନେ ଆମ୍ବ ଖାଇଲା ପରେ କିଛି ବାଟ ଆଗକୁ ବଢ଼ିଲେ, ସେତେବେଳେ ଟୁନାକୁ କନ୍ଦମୂଳ ଗଛ ଦେଖାଗଲା । ସେ ଧାଇଁ ଧାଇଁ ଜଗୁ ପାଖକୁ ଆସିକି କହିଲା, ଯେ "ଜାଣିଛୁ ସେଠି କନ୍ଦମୂଳ ଅଛି ଚାଲ୍ ଖୋଳିକି ଖାଇବା ।" ଜଗୁ କହିଲା "ତୁ ରହ ଟୁନା, ମୁଁ ଆଉ ଥରେ ମୋ ମନ୍ତ୍ର ପ୍ରୟୋଗ କରୁଛି, କାଳେ ଏ ଫଳ ଖୋଳିହେଇ ବାହାରକୁ ଆସିପାରେ ?" ଟୁନା ଭାବିଲା ଯା ଭରସାରେ ରହିଲେ କିଛି ବି ଲାଭ ହେବନି । ଜଗୁକୁ ତା' ଅବସ୍ଥାରେ ଛାଡ଼ି ଟୁନା ମାଟି ଖୋଳି କନ୍ଦମୂଳ ବାହାର କଲା, ଜଗୁ ଏ ସବୁ ଦେଖି ତାର ମୁହଁ ଶୁଖିଗଲା । ଟୁନା କହିଲା, "ତୁ କି ମନ୍ତ୍ର ପଢୁଥିଲୁ ଯେ ?" ଜଗୁ କହିଲା ମତେ ଏ ମନ୍ତ୍ର ବୀର୍ ଶିଖେଇଥିଲା, କହିଥିଲା, ଯେ ମନ୍ତ୍ର ପଢ଼ିଲେ ବିନା ପରିଶ୍ରମରେ କାମ ହୋଇଯିବ । ଟୁନା କହିଲା "ଓ ! ବୀର୍, ସିଏ ପରା ସମସ୍ତଙ୍କୁ ବୋକା ବନେଇବାରେ ଆଗ, ସିଏ କହିଲା ଆଉ ତୁ ମାନିଗଲୁ । କଥାରେ ଅଛି ପରା,

"ଗଛ ନ ଚଢିଲେ କି ତୋଳି ହେବ ଫଳ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଳିବାକୁ ହାଲିଆ ଖାଇବ କନ୍ଧମୂଳ ।"

ପରିଶ୍ରମ ଯଦି ନ କରିବୁ ଫଳ କେମିତି ଖାଇବୁ ? ଜଗୁ କହିଲା, "ମୁଁ ଏବେ ଯାଉଛି ବୀର୍ କଥା ବୁଝିବି ।" ଟୁନା କହିଲା, "ଛାଡ଼େ ସେ ବୀର୍ କୁ ତାର ପ୍ରକୃତି ପରା ତାହା, ମନେ ରଖ ତା କଥା ତୁ କେବେ ବି ବିଶ୍ୱାସ କରିବୁନି । ଏବେ ମନ ଖରାପ କରେନା ଚାଲ୍ ଘରକୁ ଯାଇ କନ୍ଧମୂଳ ପୋଡ଼ି ମିଶିକି ଖାଇବା ।" ଜଗୁ କହିଲା ହଁ, ଟୁନା ଚାଲ୍ ଭାରି ଭୋକ ହେଲାଣି । ସେଠୁ ଦୁହେଁ ଖୁସି ମନରେ ଘରକୁ ଗଲେ ।

ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ୍ୟର ସାକ୍ଷୀ ଈଶ୍ୱର

ଅର୍ଜୁନୀ ଚରଣ ବେହେରା



(ଟଲଷ୍ଟୟଙ୍କ କାହାଣୀର ଅନୁବାଦ)

ବିଶ୍ୱର ଧର୍ମ ଧାରଣାକୁ ଯେଉଁ କେତେ ଜଣ ମହା ମନୀଷୀ ସର୍ବୋତଭାବେ ପ୍ରଭାବିତ କରି ରଖିଛନ୍ତି ସେମାନଙ୍କ ମଧ୍ୟରେ ଋଷିଆର ଚିନ୍ତାନାୟକ ଲିଓ ଟଲଷ୍ଟୟ ଅନ୍ୟତମ (୧୮୨୮-୧୯୧୦) । ଧନୀକ ପରିବାରରେ ଜନ୍ମିତ ଟଲଷ୍ଟୟ ଶୈଶବରେ ତାଙ୍କ ପିତାମାତାଙ୍କୁ ହରାଇ ବଡ଼ଭାଇଙ୍କ ଦ୍ୱାରା ଲାଳିତ ପାଳିତ ହୋଇଥିଲେ । ସେ ବିଶ୍ୱ ବାଣୀ ଭଣ୍ଡାରକୁ ବହୁ ନାଟକ, କ୍ଷୁଦ୍ର ଗଳ୍ପ, ପ୍ରବନ୍ଧ ତଥା ଅନ୍ୟାନ୍ୟ ରଚନାମାନ ପ୍ରଦାନକରି ବହୁଳ ଭାବରେ ସମୃଦ୍ଧ କରି ଯାଇଛନ୍ତି । ବିଶ୍ୱ ସମୁଦାୟରେ ସେ ଜଣେ ଆଧ୍ୟାତ୍ମିକ ଗୁରୁଭାବେ ସର୍ବଜନ ବିଦିତ । ତାଙ୍କରି ଅମର ଲେଖନୀରୁ ଅମୀୟ କାହାଣୀଟିଏ ଯାହା ପ୍ରଥମେ ୧୮୭୨ରେ ପ୍ରକାଶିତ ହୋଇଥିଲା ।

ଋଷିଆର ଏକ ସମୃଦ୍ଧ ସହର ଭ୍ଲାଦିମିର, ସେଇଠି ରହୁଥିଲେ ଜଣେ ଯୁବ ବ୍ୟବସାୟୀ ଇଭାନ ମିତ୍ରିଚ ଆକ୍ସିଓନୋଭ । ସହରରେ ଥିଲା ତାଙ୍କ ନିଜ ବାସ ଗୃହ ଏବଂ ଦିଓଟି ବ୍ୟବସାୟ ପ୍ରତିଷ୍ଠାନ । ଇଭାନ ସ୍ୱଭାବତଃ ଖୁବ ମଜାଳିଆ ପ୍ରକୃତିର ବ୍ୟକ୍ତି ଥିଲେ ଓ ଗୀତ ଗାଇବାକୁ ଭଲପାଉଥିଲେ । ସେ ବିବାହ ପୂର୍ବରୁ ଖୁବ ମଦ୍ୟପାନ କରୁଥିଲେ ଓ ପରେ ଏହା ଛାଡ଼ି ଦେଇ ଥିଲେ । ତାଙ୍କ ଠାରେ ଦୟା, କ୍ଷମା ଓ ବିଶ୍ୱସନୀୟତା ଆଦି ମାନବୀୟ ଗୁଣମାନ ଥିଲା ।

ଥରେ ଗ୍ରୀଷ୍ମ କାଳରେ ନିକଟ ସହର ନିଝନିରେ ଗୋଟିଏ ମେଳା ଅନୁଷ୍ଠିତ ହେଲା । ଇଭାନ ସେହି ମେଳାକୁ ତାଙ୍କର ବ୍ୟବସାୟ ନେଇ ବାହାରିଲେ । ଏହା ଶୁଣି ତାଙ୍କ ପତ୍ନୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କୁ ପରିବାର ଛାଡ଼ିକରି ସେଠାକୁ ଯିବାପାଇଁ ବାରଣକଲେ । ସେ କହିଲେ, ତୁମେ ସେଠାକୁ ଯାଅନାହିଁ, ଗତକାଲି ରାତିରେ ମୁଁ ଗୋଟିଏ ଅଶୁଭ ସ୍ୱପ୍ନ ଦେଖିଛି । ମୁଁ ଦେଖିଲି, ସେ ମେଳାରୁ ତୁମେ ଫେରିଆସିଲା ପରେ ତୁମର ବାଳ ଗୁଡ଼ିକ ଧଳା ହୋଇ ଯାଇଛି । ପତ୍ନୀଙ୍କ କଥା ଶୁଣି ଈଭାନ ତାଙ୍କ ସ୍ୱଭାବ ସୁଲଭ ଢଙ୍ଗରେ ହସିଦେଇ କହିଲେ ସ୍ୱପ୍ନ ସ୍ୱପ୍ନ ହିଁ ହୋଇଥାଏ । ଏକଥା କହି ସେ ତାଙ୍କର ବ୍ୟବସାୟ ସାମଗ୍ରୀକୁ କେତେ ଗୋଟି ଘୋଡ଼ାରେ ଲଦି ମେଳାକୁ ବାହାରି ଗଲେ ।

ଯାଉ ଯାଉ ଅଧା ବାଟରେ ତାଙ୍କର ସାଥି ହେଲେ ଆଉ ଜଣେ ବ୍ୟବସାୟୀ । ସେମାନେ ସାଥିହୋଇ ବାଟରେ ଗୋଟିଏ ବିଶ୍ରାମ ଗୃହରେ ରାତ୍ରୀ ବିଶ୍ରାମ କଲେ । ଦୁଇଜଣ ରାତିରେ ଖାଇପିଇ ପାଖାପାଖି ଦୁଇଟି କୋଠରୀରେ ଶୋଇଲେ । ଭୋର ହେବାରୁ ପ୍ରଥମେ ଈଭାନ ଉଠି ପଡ଼ି ସକାଳ ଥଣ୍ଡେ ଥଣ୍ଡେ ନିଜର ଘୋଡ଼ା ସଜକରି ମେଳା ଅଭିମୁଖେ ଯାତ୍ରା କଲେ । ପଚିଶ ମାଇଲ ଗଲା ପରେ ସେ ଘୋଡ଼ା ମାନଙ୍କୁ ଦାନା ଖୋଇବା ପାଇଁ ଗୋଟିଏ ଯାଗାରେ ରହିଲେ ।

ଏହି ସମୟରେ ତାଙ୍କୁ ପିଛା କରୁଥିବା ଦୁଇ ଜଣ ସିପାହୀ ଜଣେ ଅଧିକାରୀଙ୍କସହ ଆସି ସେଠାରେ ପହଞ୍ଚି ତାଙ୍କୁ ଜେରା କରିବାରେ ଲାଗିଲେ । ତାଙ୍କୁ ସେମାନେ ପଚାରିଲେ, ତୁମେ କାଲି ଯେଉଁ ବ୍ୟକ୍ତି ସହିତ ଚାହା ପିଇଥିଲ ଓ ରାତ୍ରୀବିଶ୍ରାମ କରିଥିଲ ତାଙ୍କ ସହ ତୁମର ସମ୍ପର୍କ କଅଣ ? ଏହି ପ୍ରଶ୍ନରେ ଈଭାନ ଟିକିଏ ହଡ଼ବଡ଼େଇ ଗଲେ । ସେ ଆଶ୍ଚର୍ଯ୍ୟ ହୋଇ ଭାବୁଥାନ୍ତି ଏହି ଲୋକ ମାନେ ମୋତେ କି ପାଇଁ ଏ ପ୍ରଶ୍ନ କରୁଛନ୍ତି ! କିଛି ସମୟ ପରେ ସେ ଅଧିକାରୀ ଜଣକ କହିଲେ, "ତୁମେ ଜାଣିଛ ? ସେ ଲୋକଟିକୁ କେହି ଛୁରୀ ଭୁସି ହତ୍ୟାକରି ତାଙ୍କର ସମସ୍ତ ସାମଗ୍ରୀ ଲୁଟି ନେଇଛି ।" ସେମାନେ ଏହା ପରେ ଆକ୍ସିଓନୋଭଙ୍କ ବୁକୁଚାପତ୍ର ସବୁ ତନ୍ନତନ୍ନ କରି ତନଖି କରିବାକୁ ଲାଗିଲେ । ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ଗଣ୍ଠିଲି ଭିତରୁ ଗୋଟିଏ ରକ୍ତବୋଳା ଛୁରୀ ବାହାରିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇଭାନ ହତ୍ୟାକାଣ୍ଡ ବିଷୟରେ କିଛି ଜାଣି ନାହାଁନ୍ତି ଏବଂ ଏ ଛୁରୀଟି ତାଙ୍କ ଗଣ୍ଠିଲି ଭିତରକୁ କିପରି ଆସିଲା ତାହା ମଧ୍ୟ ଜାଣିନାହାଁନ୍ତି କହି ଯେତେ ସଫେଇ ଦେଲେ ମଧ୍ୟ ତାଙ୍କ କଥାକୁ ସେମାନେ ଆଉ ଶୁଣିଲେ ନାହିଁ । ଇଭାନହିଁ ସେହି ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ଏହା ଦୃଢ଼ ନିଶ୍ଚୟ କରି ତାଙ୍କୁ ଜେଲକୁ ପଠାଇ ଦିଆଗଲା ।

ଜେଲରେ ଥିଲାବେଳେ ଦିନେ ତାଙ୍କର ସ୍ତ୍ରୀ,ପିଲା ମାନେ ଆସି ତାଙ୍କୁ ଭେଟ କଲେ । ଇଭାନ ଜେଲ ପୋଷାକରେ ଥିବା ଦେଖି ତାଙ୍କ ସ୍ତ୍ରୀ ଚେତାଶୂନ୍ୟ ହୋଇ ପଡ଼ିଗଲେ । ଚେତା ଆସିଲା ପରେ ସେ କହିଲେ ମୁଁ ତୁମର ଏ ଅପ୍ରତ୍ୟାଶିତ ଜେଲ ଦଣ୍ଡ ବିରୁଦ୍ଧରେ ଜାରଙ୍କୁ ଆବେଦନ କରି ଥିଲି, ମାତ୍ର ତାହା ଗ୍ରହଣୀୟ ହେଲା ନାହିଁ । ଇଭାନ ପତ୍ନୀଙ୍କୁ ପଚାରିଲେ, ତୁମେ କଅଣ ଭାବୁଛ, ମୋର ସେହି ହତ୍ୟାକାଣ୍ଡରେ ସମ୍ପୃକ୍ତି ବିଷୟରେ । ସ୍ତ୍ରୀ ନୀରବ ରହିଲେ, ତାଙ୍କର ମୁଖ ଭଙ୍ଗୀରୁ କେମିତି ଗୋଟିଏ ସନ୍ଦେହ ଭାବ ପ୍ରକାଶ ପାଉଥିଲା । ଇଭାନ ବୁଝି ଗଲେ ପତ୍ନୀ ମଧ୍ୟ ତାଙ୍କ ସମ୍ପୃକ୍ତି ବିଷୟ ସନ୍ଦେହ କରୁଛନ୍ତି ।" କେବଳ ଈଶ୍ୱର ହିଁ ଭରସା, ଏହାର ସତ୍ୟତା କେବଳ ସେ ହିଁ ପ୍ରକାଶ କରି ପାରିବେ," ଏହା କହି ଇଭାନ ଏକ ଦୀର୍ଘ ନିଶ୍ୱାସ ମାରି ତୁନି ହୋଇ ରହିଲେ ।

କିଛିଦିନ ପରେ ତାଙ୍କୁ ସାଇବେରିଆର ଏକ ଶ୍ରମ ଶିବିରକୁ ପଠାଇ ଦିଆଗଲା । ସେହିଠାରେ ସେ ଦୀର୍ଘ ୨୬ ବର୍ଷ କଟାଇଦେଲେ । କ୍ରମେ ସେ ବୃଦ୍ଧ ଅବସ୍ଥାକୁ ଆସି ଯାଇଥିଲେ ଏବଂ ଈଶ୍ୱରାନୁରାଗୀ ହୋଇ ପଡ଼ିଥିଲେ । ଦିନେ ତାଙ୍କ ଶିବିରକୁ ଆଉ ଜଣେ ଦଣ୍ଡିତ ଅପରାଧୀ ଆସିଲେ । ତାଙ୍କ ନାମ ଥିଲା ମକାର ସେମିୟୋନିକ । ପ୍ରାୟ ଇଭାନଙ୍କର ସମ ବୟସ୍କ ଓ ତାଙ୍କ ଘର ସେହି ଭ୍ଲାଦିମିରରେ । ସେ ତାଙ୍କ ଦଣ୍ଡର କାହାଣୀ ଶୁଣାଇ କହିଲେ, ମୁଁ ଗୋଟିଏ ଘୋଡ଼ା ଚୋରି ମାମଲାରେ ଅଭିଯୁକ୍ତ । କିନ୍ତୁ ସେହି ଘୋଡ଼ାଟି ମୁଁ ଚୋରି କରି ନଥିଲି, ମୁଁ ତାକୁ କେବଳ ଉଧାର ସୂତ୍ରରେ ମାଗି ଆଣିଥିଲି । କିନ୍ତୁ ବିଡମ୍ବନା ଏହି ଯେ, ମୁଁ ଅତୀତରେ କେତେ ଗର୍ହିତ ଅପରାଧ କରି ଖସିଯାଇଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟ ଏହି ମିଥ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛି । ସେ ଲୋକ ସହିତ କିଛି ଦିନର ମିଳାମିଶା ଓ କଥାବାର୍ତ୍ତା ମାଧ୍ୟମରେ ଈଭାନ ଜାଣିଗଲେ ଏହି ହେଉଛି ସେହି ହତ୍ୟାକାରୀ ଯେଉଁଥି ପାଇଁ ସେ ଅଭିଯୁକ୍ତ ହୋଇଛନ୍ତି ।

ହଠାତ୍ ଦିନେ ଈଭାନ ଦେଖିଲେ ରାତ୍ରିର ଗଭୀର ଅନ୍ଧକାର ମଧ୍ୟରେ ସେମିୟୋନିକ ସେଠାରୁ ଖସି ଯିବା ପାଇଁ ଗୋଟିଏ ସୁଡ଼ଙ୍ଗ ଖୋଳୁଛି । ପରଦିନ ଅଧିକାରୀ ମାନେ ଆସି ସେ ସୁଡ଼ଙ୍ଗଟି ଦେଖିଲେ ।

ଅନ୍ତେବାସୀ ମାନଙ୍କୁ ଧମକଦେଇ ପଚାରିଲେ କିଏ ଏଠୁ ଖସି ପଳାଇବା ପାଇଁ ଏ ସୁଡ଼ଙ୍ଗ ଖୋଳିଛି । ଈଭାନଙ୍କୁ ମଧ୍ୟ ପଚରା ଗଲା । ଯଦିଓ ସେ ଜାଣି ଥିଲେ କିଏ ସେହି ଲୋକ, ତାଙ୍କ ବନ୍ଧୁଙ୍କୁ କଷ୍ଟ ନ ହେଉ,ଏହା ବିଚାରି ସେ ମାକାରଙ୍କ ନାମ ପ୍ରକାଶ କଲେ ନାହିଁ । ସେ ସେହି ଗଭର୍ଣ୍ଣର ଅଧିକାରୀଙ୍କୁ 'ମୁଁ କିଛି ଜାଣିନାହିଁ' ବୋଲି କହିଲେ ।

ପରଦିନ ରାତିରେ ସେମିୟୋନିକ ଆସି ଈଭାନଙ୍କ ପାଦ ପାଖରେ ବସି କହିଲା, "ପ୍ରିୟ ବନ୍ଧୁ ! ତୁମେ ମୋତେ କ୍ଷମା କରିଦେବ ନାହିଁ । ମୁଁ, ସେହି ଲୋକ, ସେହି ବ୍ୟାପାରୀର ହତ୍ୟାକାରୀ । ମୁଁ ତାକୁ ହତ୍ୟା କରି ତା'ର ସମସ୍ତ ସମ୍ପତ୍ତି ଲୁଟି ନେଇଥିଲି ଆଉ ଧରା ନପଡ଼ିବା ପାଇଁ ସେ ରକ୍ତ ଜୁଡୁବୁଡୁ ଛୁରୀକୁ ତୁମ ଗଣ୍ଠିଲି ଭିତରେ ରଖି ଦେଇଥିଲି ଯାହାପାଇଁ ତୁମେ ଏ ଦଣ୍ଡ ଭୋଗୁଛ । ଏହି ଘଟଣାରେ ପ୍ରକୃତ ଦୋଷୀ ମୁଁ, ମୋତେ କ୍ଷମା କରିଦିଅ ବନ୍ଧୁ । ଏବେ ମୁଁ ଅଧିକାରୀ ମାନଙ୍କ ପାଖରେ ମୋର ଅପରାଧ ସ୍ୱୀକାର କରି ନେଉଛି,ଫଳରେ ତୁମେ ମୁକ୍ତି ପାଇ ଯିବ ।" ଏମିତି କହି ସେ ଈଭାନଙ୍କ ଗୋଡ଼ ତଳେ ପଡ଼ିଗଲା ।

ତାଙ୍କର ଏହି ପ୍ରତିବେଦନ ଶୁଣି ଈଭାନ କହିଲେ, "ଦେଖ ବନ୍ଧୁ ! ମୋର ଜୀବନ କାଳ ଶେଷ ପ୍ରାୟ, ମୋର ବାଳ ସବୁ ପାଚି ଯାଇଛି, ଶରୀର ଶିଥିଳ ହୋଇ ଗଲାଣି । ମୋର ଏ ସଂସାରରେ କୁଆଡ଼େ ଯିବା ପାଇଁ ରାହା ନାହିଁ ।" ଏମିତି କହୁ କହୁ ତାଙ୍କ ଚକ୍ଷୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛଳଛଳ ହୋଇଆସିଲା । ତାଙ୍କୁ ଦେଖି ବନ୍ଧୁ ସେମିୟୋନିକ ମଧ୍ୟ କୋହ ସମ୍ଭାଳି ନପାରି କାନ୍ଦି ପକାଇଲେ । ସେ ପୁନଃ ପୁନଃ ତାଙ୍କ ପାଦ ତଳେ ପଡ଼ି କ୍ଷମା ଭିକ୍ଷା କରୁଥାନ୍ତି । ତାଙ୍କ ବିକଳ ଦେଖି ଇଭାନ କହିଲେ,ଧୈର୍ଯ୍ୟ ରଖ ବନ୍ଧୁ,ଇଶ୍ୱର ତୁମକୁ ନିଶ୍ଚୟ କ୍ଷମା କରିବେ । ସ୍ୱୀକାର କରୁଛି, ମୁଁ ତୁମ ଠାରୁ ହଜାରେ ଗୁଣ ଦୋଷୀ ।" ଏତକ କହିସାରି ଇଭାନ କେମିତି ନିଜକୁ ବହୁତ ଉଶ୍ୱାସ ଅନୁଭବ କଲେ, ତାଙ୍କ ମନ ଅପୂର୍ବ ପ୍ରଶାନ୍ତିରେ ଭରି ଯାଇ ଥାଏ । ସେ ଆଉ ସେ କାରା ମଧ୍ୟରୁ ମୁକୁଳିବାକୁ ଚାହୁଁ ନଥିଲେ କି ନିଜ ପୋଡ଼ା ସଂସାରକୁ ଫେରି ଯିବାକୁ ଚାହୁଁ ନ ଥିଲେ । କେବଳ ମୃତ୍ୟୁର ସେହି କୋମଳ ସ୍ପର୍ଶର ଅପେକ୍ଷାରେ ରହିଥିଲେ ।

ସେମିଓନିକ ଇଭାନଙ୍କ ନାହିଁ ନାହିଁ ମଧ୍ୟରେ ଯାଇ ଗଭର୍ଣ୍ଣରକୁ ତାଙ୍କ ଅପରାଧ ବିଷୟରେ ଅବଗତ କରାଇଦେଲେ ଏବଂ ତାଙ୍କୁ କହିଲେ ଇଭାନ ଏହି ମାମଲାରେ ସମ୍ପୂର୍ଣ୍ଣ ନିର୍ଦୋଷ । ଇଭାନ ନିର୍ଦୋଷ ଜାଣି ଗଭର୍ଣ୍ଣର ତାଙ୍କୁ କାରାମୁକ୍ତ କରିବା ନିମନ୍ତେ ଆସି ପହଞ୍ଚିଲେ । କିନ୍ତୁ କାରା କୋଠରୀ ମଧ୍ୟରେ ଆସି ସେମାନେ ଦେଖିଲେ ପଡ଼ି ରହିଛି କେବଳ ଇଭାନଙ୍କ ନିଷ୍ପ୍ରାଣ ଶରୀରଟା ।

ଏହାହିଁ ଥିଲା ଲିଓ ଟଲଷ୍ଟୟଙ୍କ ଅମର କାହାଣୀ "God sees the Truth but waits" ର କଥାବସ୍ତୁ । ଏହି ଅମର କାହାଣୀକୁ ଉପଜୀବ୍ୟ କରି ଅଷ୍ଟ୍ରିଆର କବି Anne କହିଛନ୍ତି :-

God is a sure paymaster. He may not pay at the end of every week, or month,or year,but I charge you remember that, He surely pays in the end.

ମୋ : ୭୬୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁଠୁ ବଡ଼

ସୁକାନ୍ତ ଖଣ୍ଡା



ଘରେ ନନ୍ଦୋତ୍ସବ ପାଳନ ହେଉଥିଲା । ଜେଜେ ଓ ଜେଜୀ କ'ଣ ସବୁ ଗୁଣୁଗୁଣୁ ହେଉଥିଲେ । ଶ୍ରୀକୃଷ୍ଣଙ୍କ ଫଟୋ ଚିତ୍ରରେ ଚନ୍ଦନ, ଫୁଲ, ଧୂପ, ସିନ୍ଦୂର, ଦୀପ ଓ ଫୁଲହାର ଚଢ଼ାଇବା ସମୟରେ ଜେଜୀଙ୍କ ଆଖି ଛଳଛଳ ହେଉଥିଲା । ତାଙ୍କର ବୟସ ପ୍ରାୟତଃ ଅଶୀ ଉପରେ ହୋଇ ଗଲାଣି । ମୃତ୍ୟୁ ତାକୁ ସେ ପାରିକୁ ନେଉ ହିଁ ନାହିଁ । ରୋଗ, ଶୋକ ଆଉ ବ୍ୟାଧି ତାକୁ କବଳିତ କରିଥିବାରୁ ଦେହ ଓ ମନରେ ଅସନ୍ତୋଷର ଚିହ୍ନ । ସେ ଦିନରାତି କେତେ ଆକୁଳ ନିବେଦନ କରୁଛନ୍ତି କି ତାକୁ ଆର ପୁରକୁ ନେଉ ନାହାନ୍ତି କାହିଁକି ?

ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ସରିଲା । ଜେଜେ ଜେଜୀଙ୍କର ରୋଗମୁକ୍ତ ପାଇଁ ଗୁହାରୀ ଜଣାଇବା ସହ ପ୍ରେମ ଓ ଭକ୍ତିରେ ବୁଡ଼ି ରହିଲେ । କେତେ ସମୟ ପରେ ତାଙ୍କର ଆଖି ଖୋଲିଲା ତ ପତ୍ନୀଙ୍କ ଉପରେ ଦୃଷ୍ଟି ନିକ୍ଷେପ କଲେ । ସେ ଦେଖିଲେ ପତ୍ନୀଙ୍କ ଆଖିରେ ଲୁହ । ପାଖକୁ ଯାଇ ଲୁହ ପୋଛି କହିଲେ, "ଶାନ୍ତି ତୁମ ଆଖିରେ ଲୁହ ?" ଶାନ୍ତି କହିଲା, "ସ୍ୱାମୀ ଜୀବନ ଦୁଃଖପୂର୍ଣ୍ଣ ବୋଲି ଜାଣିଛି ହେଲେ ଏତେ ଦୁଃଖ ଭୋଗିବାକୁ ହେବ ଭାବି ନ ଥିଲି ।" ଜେଜେ ଜେଜୀଙ୍କର ଦେହରେ ହାତ ବୁଲାଇ ନିଜର ଲୁହକୁ ପୋଛିଲେ । ନାତି ଟୋକା ନିରଞ୍ଜନ ସବୁ ଶୁଣି କେବଳ ବଲବଲ କରି ଚାହିଁ ରହିଥିଲା । ଜେଜେ ପୂଜା ମଣ୍ଡପରୁ ଜେଜୀଙ୍କୁ ନେଇ ବିଛଣାରେ ଶୁଆଇ ଦେଲେ । ମୁଣ୍ଡ ଆଉଁସି ଶୋଇ ପଡ଼ିବାକୁ କହିଲେ ଓ ନିଦ୍ରା ଦେବୀଙ୍କୁ ପ୍ରାର୍ଥନା କଲେ । ଜେଜୀଙ୍କର ନିଦ ଆସିବାରୁ ନାତିଟୋକା ନିରଞ୍ଜନ ପାଖକୁ ଯାଇ ବସିଲେ । ନାତିଟୋକା ସେତେବେଳେ ଶ୍ରୀକୃଷ୍ଣଙ୍କୁ କହୁଥିଲା ପ୍ରଭୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜେଜେ ଓ ଜେଜୀଙ୍କ ମୁଖରେ ହସ ଫୁଟାଇ ଦିଅନ୍ତୁ । ଦୁଃଖ କଷ୍ଟରୁ ମୁକ୍ତ କରନ୍ତୁ । ତାଙ୍କର ସବୁ ରୋଗ ଓ ଶୋକ ମୋର ଦେହରେ ଆଣି ଉପସ୍ଥାପନ କରନ୍ତୁ । ଜେଜେ ଏ କଥା ଶୁଣି ନିରଞ୍ଜନ ପ୍ରତି କୃତାର୍ଥ ହେଲେ ଆଉ କହିଲେ, " ନିରଞ୍ଜନ ତୋର ପ୍ରତି ପ୍ରସନ୍ନ କୁହ ଆଜି କ'ଣ ଅଭିଳାଷ ଅଛି ?"

ନିରଞ୍ଜନ ପାଦ ଦେଶରେ ବସିଗଲା ଆଉ କହିଲା, "ଜେଜେ ଆପଣ କୁହନ୍ତୁ ତ ଆଜିର ଏ ନନ୍ଦୋତ୍ସବ ଅବସର କାଳରେ ସଂସାରରେ ସବୁଠୁ ବଡ଼ କିଏ ?" ଜେଜେଙ୍କ ହୋସ ଉଡ଼ିଗଲା । ସେ ଟିକିଏ ନୀରବତା ଭଙ୍ଗ କରି କହିଲେ, "ନିରଞ୍ଜନ ଦେବତା ଭିତରେ ମହାଦେବ, ଜୀବ ଭିତରେ ମନୁଷ୍ୟ, ଫୁଲ ଭିତରେ ପାରିଜାତ, କପି ଭିତରେ ହନୁମାନ, ତୃଣ ଭିତରେ ଦୁବ, ଅପସରା ଭିତରେ ଉର୍ବଶୀ, ଶିଳ୍ପୀ ଭିତରେ ବିଶ୍ୱକର୍ମା, ସର୍ପ ଭିତରେ ବାସୁକୀ, ହିତକାରୀ ଭିତରେ ପିତା, ପର୍ବତ ଭିତରେ ହିମାଳୟ ।" ବାସ୍ ! ଏତିକି କହି ଆସନରୁ ଉଠି ଚାଲିଗଲେ । ନିରଞ୍ଜନ ଜେଜେଙ୍କ ଯିବା ବାଟକୁ ଚାହିଁ ରହିଲେ । ସେ ବୁଝିଗଲା କି ଜେଜେ କାହିଁକି ଚାଲିଗଲେ । ଜେଜେଙ୍କ ଚିନ୍ତା ଜେଜୀଙ୍କ ପାଇଁ ଥିଲା । ଆଜିକାଲି ଜେଜୀ ବହୁତ ଦୁଃଖ ଭୋଗୁଛନ୍ତି ।

ନିରଞ୍ଜନ ଉଠି ଚାଲିଗଲା ଶ୍ରୀକୃଷ୍ଣଙ୍କ ଆସ୍ଥାନ ନିକଟକୁ । ଜେଜୀଙ୍କ ପାଇଁ କେତେ ଅନୁନୟ ଓ ବିନୟ କଲା । ତାଙ୍କର ଇଚ୍ଛା ଓ ଆଶା ପୂରଣ ନ ହେବା ଯାଏଁ ଉଠିବା ହେବନି ବୋଲି ଶପଥ ନେଲା । ସକାଳରୁ ସଞ୍ଜ ହେଲାଣି ଅଥଚ ନିରଞ୍ଜନ ଆସ୍ଥାନ ପାଖରୁ ଉଠିବା ହେଉ ହିଁ ନାହିଁ । ସଭିଏଁ ଆଶ୍ଚର୍ଯ୍ୟ କି ନିରଞ୍ଜନ କ'ଣ ସତରେ ଅଧିଆ ପଡ଼ିଛି ? ରାତି ପ୍ରାୟ ଆଠଟା ବେଳେ ଶ୍ରୀକୃଷ୍ଣ ଫଟୋ ଚିତ୍ରରୁ ଏକ ଫୁଲ ଖସି ପଡ଼ିଲା । ଫୁଲଟି ନିରଞ୍ଜନ ପାପୁଲି ଭିତରେ ରହିଲା ତ ନିରଞ୍ଜନ ପ୍ରଭୁ ଶ୍ରୀକୃଷ୍ଣ ସମ୍ମୁଖରେ କୃତାର୍ଥ ପୂର୍ବକ ପ୍ରଣାମ କରି ଫୁଲଟି ନେଇ ଜେଜୀଙ୍କ ମଥାରେ ଲଗାଇ ଦେଲା । ଆଶ୍ଚର୍ଯ୍ୟର କଥା ଜେଜୀ ଠିଆ ହୋଇ ସ୍ୱାମୀ ଓ ନାତିକୁ ଖୋଜିଲେ । ନିରଞ୍ଜନଙ୍କୁ ପାଖରେ ପାଇ କୁଣ୍ଢେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକାଇଲେ। ସତରେ ! ନିରଞ୍ଜନ କ'ଣ ଯାଦୁ କଲା କେଜାଣି ? ଜେଜୀ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କଲେ । ଆଜି ସଭିଏଁ ଖୁସି କି ନିରଞ୍ଜନ ପାଇଁ ସାରା ପରିବାର ଆନନ୍ଦ ମନରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପ୍ରଣାମ ଓ ଧନ୍ୟବାଦ ଦେଲେ ।

ନିରଞ୍ଜନ ଭିଡ଼ ଭିତରୁ ବାହାରି ଆସି ବାପାଙ୍କ ପାଦ ଛୁଇଁ ପ୍ରଣାମ କଲା ଆଉ କହିଲା, "ବାପା ଜେଜେ କହୁଥିଲେ ହିତକାରୀ ଭିତରେ ବାପା ସବୁଠୁ ବଡ଼ । ସତରେ ! ଆପଣଙ୍କ ପାଇଁ ତ ମୁଁ ଗର୍ବିତ କାରଣ ଆପଣ ମୋତେ ଆଲୋକ, ପାଣି ଓ ପବନ ଦେଖାଇ ଦେଇଛନ୍ତି । ଏ ସବୁକୁ ପାଇ ମୁଁ ବଞ୍ଚି ରହିଥିବାରୁ ଆଉ ଥରେ ପ୍ରଣାମ ସ୍ୱୀକାର କରନ୍ତୁ । ବାପା ପୁଅ ନିରଞ୍ଜନକୁ ଦୂରକୁ ଠେଲି ଦେଇ ନିଜର ବାପାଙ୍କୁ ପ୍ରଣାମ କଲା କାରଣ ତାଙ୍କର ଯୋଗୁଁ ସେ ମଧ୍ୟ ଆଜି ପରିପୁଷ୍ଟ ଓ ବର୍ଦ୍ଧିତ ।

ସଭିଏଁ କୋଳାକୋଳି ହେଲେ ଆଉ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପ୍ରଣାମ ସହ ଆଶୀର୍ବାଦ ଭିକ୍ଷା କଲେ ।

ଶିକ୍ଷକ ଟାଙ୍ଗରତଳି ମଣତା ଘଟଗାଁ କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୋକିଲା ଛାଇ

ଅଶୋକ କୁମାର ପାତ୍ର



ରାଉରକେଲା ସହରର କୋଳାହଳରୁ ଅଳ୍ପ ଦୂରେ, ସବୁଜ ଗଛଲତା ଓ ନିରବ ପ୍ରକୃତିର ଆଲିଙ୍ଗନରେ ଘେରା ଏକ ଛୋଟ ଗାଁ—ବିରକେରା । ପାହାଡ଼ର ପାଦଦେଶରେ ବସିଥିବା ଏହି ଗାଁଟି ସକାଳର କୁହୁଡ଼ି, ପକ୍ଷୀମାନଙ୍କ କାକଳି ଓ ସନ୍ଧ୍ୟାର ମୃଦୁ ଘଣ୍ଟଧ୍ୱନିରେ ଯେପରି ନିଜର ଅଲଗା ଏକ ଜଗତ ସୃଷ୍ଟି କରିଥିଲା ।

ଗାଁର ମୁଣ୍ଡରେ ଥିବା ବଙ୍ଗଳାଛକରେ ପାଖାପାଖି ଠିଆ ହୋଇଥିଲେ ଦୁଇଟି ଭିନ୍ନ ଆସ୍ଥାର ଦୁଇଟି ପ୍ରତୀକ । ଗୋଟିଏ ପଟେ ପୁରୁଣା ଆର୍‌ସି ମିସନ୍ ଚର୍ଚ୍ଚ, ଯାହାର ଘଣ୍ଟଧ୍ୱନି ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଚାରିଆଡ଼େ ବ୍ୟାପି ଯାଉଥିଲା; ଅନ୍ୟପଟେ ନୂତନ ଭାବେ ପ୍ରତିଷ୍ଠିତ ଜୟଗୁରୁ ଆଶ୍ରମ, ଯେଉଁଠାରେ ପ୍ରତିଦିନ ପ୍ରାର୍ଥନା, ଭଜନ ଓ ସେବାକାର୍ଯ୍ୟ ଚାଲୁଥିଲା । ଦୁଇଟି ସ୍ଥାନ ଭିନ୍ନ ଧର୍ମର ହେଲେ ମଧ୍ୟ, ଦୁହିଁର ମୂଳରେ ଥିଲା ମଣିଷ ପ୍ରତି ଭଲପାଇବା ଓ କରୁଣା ।

ସେହି ଆଶ୍ରମରେ ନୂଆକରି ଆରମ୍ଭ ହୋଇଥିଲା ଏକ ହୋମିଓପ୍ୟାଥି ଚିକିତ୍ସାଳୟ । ଚିକିତ୍ସକ ଭାବେ ଯୋଗ ଦେଇଥିଲେ ଡାକ୍ତର ଶିବରାମ କ୍ରିଷ୍ଣା ।

କୋଏଲନଗରରେ ତାଙ୍କ ନାମ ଥିଲା ଖୁବ ସମ୍ମାନର ସହିତ ଉଚ୍ଚାରିତ । ଲୋକେ କୁହୁଥିଲେ, “ଡାକ୍ତରବାବୁଙ୍କ ହାତରେ ଔଷଧ ନୁହେଁ, ଆଶୀର୍ବାଦ ଅଛି ।” ତାଙ୍କ ଚିକିତ୍ସାରେ ଅନେକ ଜଟିଳ ରୋଗୀ ସୁସ୍ଥ ହୋଇଥିଲେ । ଦୂରଦୂରାନ୍ତରୁ ରୋଗୀମାନେ ଆସୁଥିଲେ । ସେ ଥିଲେ ବିଜ୍ଞାନମନସ୍କ, ଯୁକ୍ତିବାଦୀ ଓ ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ୍ ।

କିନ୍ତୁ ଜୀବନର କେତେକ ଅଧ୍ୟାୟ ଅଛି, ଯେଉଁଠାରେ ବିଜ୍ଞାନ ନିରବ ହୋଇଯାଏ,

Listen to Odia Podcast Original at https://youtube.com/@drjyotiprasad

ଆଉ ମଣିଷର ହୃଦୟ ଉତ୍ତର ଖୋଜିବାକୁ ବାଧ୍ୟ ହୁଏ ।

ବିରକେରାକୁ ଆସିବା ପରେ ଡା. ଶିବରାମଙ୍କ ଜୀବନରେ ଏମିତି ଏକ ଘଟଣା ଘଟିଥିଲା, ଯାହା ସାରା ଜୀବନ ପାଇଁ ତାଙ୍କ ଚିନ୍ତାଧାରାକୁ ବଦଳାଇ ଦେଇଥିଲା ।

ପ୍ରଥମ ଦିନର କାମସରି ରାତିରେ ସେ ଆଶ୍ରମ ପରିସରରେ ଥିବା ନିଜ ଛୋଟ କୁଟୀରକୁ ଫେରିଲେ । ସାରାଦିନ ରୋଗୀ ଦେଖିବା, ଔଷଧ ବାଣ୍ଟିବା ଓ ନୂଆ ଜାଗା ସହିତ ଖାପ ଖୁଆଇବାରେ ସେ ବହୁତ କ୍ଲାନ୍ତ ହୋଇ ପଡ଼ିଥିଲେ । ଭାବିଥିଲେ, ଶୋଇବା ମାତ୍ରେ ଗଭୀର ନିଦ ଆସିଯିବ । କିନ୍ତୁ ରାତି ବଢ଼ିବା ସହିତ ଅଜଣା ଏକ ଅସ୍ୱସ୍ଥତା ତାଙ୍କୁ ଘେରିବାକୁ ଲାଗିଲା ।

ପଙ୍ଖାଖଟରେ ଶୋଇ ସେ ଏପଟ ସେପଟ ହେଉଥିଲେ । ବାହାରେ ପବନରେ ମହୁଲ ପତ୍ରର ଖସଖସ ଶବ୍ଦ ଶୁଣାଯାଉଥିଲା । ଦୂରରେ କୌଣସି କୁକୁର ଭୁକୁଥିଲା । ଆଶ୍ରମ ନିରବ ଥିଲା । ହଠାତ୍ ତାଙ୍କୁ ଲାଗିଲା, ଯେପରି କିଏ ଜଣେ ତାଙ୍କ ଖଟ ପାଖରେ ଠିଆ ହୋଇଛି ।

ସେ ଚମକି ଉଠିଲେ । ଆଖି ଖୋଲି ଅନ୍ଧାରକୁ ଚାହିଁଲେ । କିଛି ଦିଶୁନଥିଲା । ତଥାପି ଉପସ୍ଥିତିଟି ଏତେ ସ୍ପଷ୍ଟ ଥିଲା ଯେ ତାହାକୁ ଅସ୍ୱୀକାର କରିବା ଅସମ୍ଭବ । ଲାଗୁଥିଲା, କିଏ ଜଣେ ନିରବରେ ତାଙ୍କୁ ଚାହିଁ ରହିଛି । ତାଙ୍କ ଦେହ ଥରି ଉଠିଲା । ତୁରନ୍ତ ଆଲୁଅ ଜଳାଇଦେଲେ । କୋଠରି ଖାଲି । କୌଣସି ଲୋକ ନାହିଁ । ତଥାପି ହୃଦୟର ସ୍ପନ୍ଦନ ଶାନ୍ତ ହେଉନଥିଲା । ସେହି ରାତିରେ ଆଉ ତାଙ୍କୁ ନିଦ ହୋଇନଥିଲା ।

ପରଦିନ ସେ ନିଜକୁ ବୁଝାଇଲେ—ନୂଆ ଜାଗା, କ୍ଲାନ୍ତି, ମାନସିକ ଚାପ; ଏସବୁ ଯୋଗୁ ହୋଇଥିବ । କିନ୍ତୁ ଦ୍ୱିତୀୟ ରାତିରେ ଯାହା ଘଟିଲା, ତାହା ତାଙ୍କ ସମସ୍ତ ଯୁକ୍ତିକୁ ଭାଙ୍ଗିଦେଲା ।

ରାତି ପ୍ରାୟ ବାରଟା । ଆଖି ଧୀରେ ଧୀରେ ଲାଗି ଆସୁଥିଲା । ସେହି ସମୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଠାତ୍ ତାଙ୍କ ନିଦ ଭାଙ୍ଗିଗଲା । ଆଉ ସେ ଯାହା ଦେଖିଲେ, ତାହା ଦେଖି ରକ୍ତ ହିମ ହୋଇଗଲା । ଖଟ ପାଖରେ ଠିଆ ଥିଲେ ଦୁଇଟି ପିଲା । ବୟସ ଦଶ କି ବାର ବର୍ଷ ହେବ । ଦେହରେ ମଇଳା ହାଫ୍ ପ୍ୟାଣ୍ଟ । ପାଦ ଖାଲି । ଦେହ ଶୁଖିଲା, ହାଡ଼ ଗଣିହେବ । କିନ୍ତୁ ସବୁଠୁ ଭୟଙ୍କର ଥିଲା ସେମାନଙ୍କ ଆଖି । ସେହି ଆଖିରେ ଥିଲା ଅସହାୟ ଭୋକର ଅନନ୍ତ ଯନ୍ତ୍ରଣା । ଦୁହେଁ ଦୁଇ ହାତ ପତାଇ ତାଙ୍କ ଆଡ଼କୁ ଚାହିଁଥିଲେ । ଓଠ ହଲୁଥିଲା ।

ଏକ ମୃଦୁ, କରୁଣ ସ୍ୱର କାନରେ ପଡ଼ିଲା—

“ଆମକୁ ଖାଇବାକୁ ଦିଅ...”

“ଆମକୁ ଖାଇବାକୁ ଦିଅ...”

“ବହୁତ ଭୋକ ଲାଗିଛି...”

ସେହି ସ୍ୱରରେ ଭୟ ନଥିଲା । ନଥିଲା କ୍ରୋଧ । ଥିଲା କେବଳ ଅସହ୍ୟ କ୍ଷୁଧା ଓ ଅପୂର୍ଣ୍ଣତାର ବେଦନା ।

ଡା. ଶିବରାମଙ୍କ ତଣ୍ଟି ଶୁଖିଗଲା । ସେ କଥା କହିପାରୁନଥିଲେ । କେବଳ ଆଖି ଫାଡ଼ି ସେମାନଙ୍କୁ ଚାହିଁ ରହିଲେ । କେତେ ସମୟ କଟିଗଲା ସେ ଜାଣିନଥିଲେ । ପୁଣି ଆଲୁଅ ଜଳାଇବା ମାତ୍ରେ ସବୁ ଅଦୃଶ୍ୟ । କୋଠରି ଖାଲି । କିନ୍ତୁ ଏଥର ସେ ନିଶ୍ଚିତ ହୋଇଯାଇଥିଲେ—ଏହା କେବଳ ସ୍ୱପ୍ନ ନୁହେଁ ।

ପରଦିନଠାରୁ ତାଙ୍କ ଜୀବନ ଅସ୍ଥିର ହୋଇଯାଇଥିଲା । ରୋଗୀ ଦେଖୁଥିବାବେଳେ ବି ସେହି ଦୁଇଟି ଆଖି ତାଙ୍କ ମନରେ ଭାସୁଥିଲା । ଔଷଧ ଲେଖୁଥିବାବେଳେ କାନରେ ଗୁଞ୍ଜୁଥିଲା—

“ଆମକୁ ଖାଇବାକୁ ଦିଅ...”

ରାତିରେ ନିଦ ନଥିଲା । ଦିନରେ ମନ ନଥିଲା । କିଛି ଦିନ ମଧ୍ୟରେ ତାଙ୍କ ମୁହଁ ଶୁଖିଗଲା । ଆଖି ତଳେ କଳା ଦାଗ ପଡ଼ିଗଲା । ଏକଦିନ ଦିନବେଳେ ରୋଗୀ ଦେଖି ସାରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ କୋଠରିରେ ଦୁଇଘଣ୍ଟା ପାଇଁ ଶୋଇପଡ଼ିଲେ । ଆଶ୍ରମର ମ୍ୟାନେଜର ଗିରୀଶବାବୁ ଦେଖି ଆଶ୍ଚର୍ଯ୍ୟ ହେଲେ ।

"କ'ଣ ହେଲା ଡାକ୍ତରବାବୁ ? ଦେହ ଭଲ ନାହିଁ କି ?"

"ନା... ନା... ସେମିତି କିଛି ନୁହେଁ ।"

"ନୂଆ ଜାଗା ବୋଲି ରାତିରେ ନିଦ ହେଉନି କି ?"

ଡା. ଶିବରାମ କେବଳ ମୁଣ୍ଡ ହଲାଇ ଦେଲେ । ସତ୍ୟ କଥା କହିବାକୁ ଚାହିଁ ମଧ୍ୟ କହିପାରିଲେନି । କାରଣ ସେ ନିଜେ ବି ଏହାର ବ୍ୟାଖ୍ୟା ପାଉନଥିଲେ । ଶେଷରେ ତୃତୀୟ ଦିନ ସନ୍ଧ୍ୟାରେ ସେ ଆଶ୍ରମର ମହାରାଜଙ୍କ ପାଖକୁ ଗଲେ । ସୂର୍ଯ୍ୟ ଅସ୍ତ ଯାଉଥିଲା । ଆଶ୍ରମର ପ୍ରାର୍ଥନା ଶେଷ ହୋଇଥିଲା । ମହାରାଜ ବରାଣ୍ଡାରେ ବସିଥିଲେ । ଡା. ଶିବରାମ ତାଙ୍କ ପାଦ ପାଖରେ ବସି ସବୁକଥା ଖୋଲି କହିଲେ ।

ପ୍ରଥମ ରାତିର ଅନୁଭୂତି । ଦ୍ୱିତୀୟ ରାତିର ଦୃଶ୍ୟ । ପିଲାମାନଙ୍କ ଭୋକିଲା ଆଖି । ସେମାନଙ୍କ କରୁଣ ଅନୁରୋଧ । ସବୁ । ମହାରାଜ ଗଭୀର ଧ୍ୟାନରେ ଶୁଣିଲେ । ତା'ପରେ କିଛି ସମୟ ନିରବ ରହି ଦୂରର ପୋଖରୀ ଆଡ଼କୁ ଚାହିଁଲେ ।

ଧୀରେ କହିଲେ—

"ଡାକ୍ତରବାବୁ, ଆପଣ ଯାହା ଦେଖିଛନ୍ତି, ତାହାକୁ ମୁଁ ଭ୍ରମ କହିପାରିବି ନାହିଁ ।"

"କାହିଁକି ମହାରାଜ ?"

"ଆପଣ ଯେଉଁ ପିଲା ଦୁଇଟାକୁ ଦେଖୁଛନ୍ତି, ସେମାନଙ୍କ କାହାଣୀ ଏହି ଗାଁର ଲୋକେ ଆଜି ବି ଭୁଲିନାହାନ୍ତି ।"

ଡା. ଶିବରାମ ନିରବରେ ଶୁଣୁଥିଲେ । ମହାରାଜ କହିବାକୁ ଲାଗିଲେ—

"ଆଶ୍ରମ ରାସ୍ତାର ସେପାରିରେ ମିସନ୍‌ର ବଡ଼ ପୋଖରୀଟି ଦେଖୁଛନ୍ତି ତ ? ବହୁ ବର୍ଷ ତଳର କଥା । ମିସନ୍ ସ୍କୁଲର ହଷ୍ଟେଲରେ ଦୁଇଟି ଅନାଥ ପିଲା ରହୁଥିଲେ । ଘର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଥିଲା, ବାପାମାଆ ନଥିଲେ । ଜୀବନରେ ସେମାନଙ୍କର ଏକମାତ୍ର ସମ୍ପଦ ଥିଲା ପରସ୍ପରର ସାଙ୍ଗତ୍ୟ ।”

“ସେଦିନ ଶନିବାର ଥିଲା । ମଧ୍ୟାହ୍ନ ଭୋଜନର ସମୟ ହୋଇ ଆସୁଥିଲା । ପିଲାମାନେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ସେ ଦୁଇଜଣ ବହୁତ ଭୋକିଲା ଥିଲେ । ଭାବିଲେ, ଶୀଘ୍ର ଗାଧୋଇ ହଷ୍ଟେଲକୁ ଫେରିଯିବେ । କିନ୍ତୁ ଭାଗ୍ୟ ଅନ୍ୟ କିଛି ଲେଖି ରଖିଥିଲା ।”

ମହାରାଜଙ୍କ କଣ୍ଠ ଭାରି ହୋଇଆସିଲା । “ଗଭୀର ପାଣିରେ ପାଦ ଖସିଗଲା । ଜଣେ ବୁଡ଼ିବାକୁ ଲାଗିଲା । ଅନ୍ୟଜଣେ ତାକୁ ବଞ୍ଚାଇବାକୁ ଯାଇ ନିଜେ ବି ବୁଡ଼ିଗଲା ।”

“ସନ୍ଧ୍ୟା ପର୍ଯ୍ୟନ୍ତ କେହି ଖୋଜ ପାଇଲେ ନାହିଁ । ପରଦିନ ସକାଳେ ସେମାନଙ୍କ ଶବ ପାଣି ଉପରକୁ ଭାସିଉଠିଲା”

“କୁହାଯାଏ, ମୃତ୍ୟୁର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ସେମାନେ ଭୋକିଲା ଥିଲେ ।”

ବାତାସ ଯେପରି ଥମିଗଲା । ଡା. ଶିବରାମଙ୍କ ଆଖି ଓଦା ହୋଇଆସିଲା । ସେ ଆଉ ଭୂତର କଥା ଭାବୁନଥିଲେ । ତାଙ୍କ ମନରେ କେବଳ ଦୁଇଟି ଅନାଥ ପିଲାର ଛବି ଉଭା ହେଉଥିଲା । ଭୋକରେ କାତର ଦୁଇଟି ନିଷ୍ପାପ ଜୀବନ । ଯେଉଁମାନେ ଶେଷଥର ପାଇଁ ମଧ୍ୟ ପେଟଭରି ଖାଇପାରି ନଥିଲେ । ମହାରାଜ ତାଙ୍କ କାନ୍ଧରେ ହାତ ରଖି କହିଲେ, “ପୃଥିବୀର ସବୁଠୁ ବଡ଼ ଯନ୍ତ୍ରଣା ହେଉଛି ଭୋକ । ଶରୀରର ଭୋକ ମୃତ୍ୟୁ ପରେ ବି ସ୍ମୃତି ହୋଇ ରହିଯାଏ । ଆପଣ ଚାହିଁଲେ ଏକ କାମ କରିପାରିବେ ।”

“କ’ଣ ?”

“ପ୍ରତି ରାତିରେ ସେମାନଙ୍କ ପାଇଁ ଅଳ୍ପ ଖାଦ୍ୟ ରଖିଦିଅନ୍ତୁ । ଏହା ଅନ୍ଧବିଶ୍ୱାସ ନୁହେଁ, ଏହା କରୁଣା । ଅତୃପ୍ତ ଆତ୍ମା ଥାଉ କି ନ ଥାଉ, ମଣିଷର ହୃଦୟରେ ଥିବା ଦୟା କେବେ ବ୍ୟର୍ଥ ଯାଏ ନାହିଁ ।”

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହି କଥାଗୁଡ଼ିକ ଡା. ଶିବରାମଙ୍କ ହୃଦୟକୁ ସ୍ପର୍ଶ କଲା । ସେହି ରାତିରେ ସେ ନିଜ ଭୋଜନରୁ କିଛି ଭାତ, ଡାଲି ଓ ତରକାରୀ ଏକ ଶାଳପତ୍ରରେ ସଜାଇ କୁଟୀର ବାହାରେ ରଖିଦେଲେ । ଆକାଶରେ ଜହ୍ନ ଥିଲା । ପବନରେ ଶୀତଳତା । ସେ କିଛି ସମୟ ପର୍ଯ୍ୟନ୍ତ ପତ୍ରଟିକୁ ଚାହିଁ ରହିଲେ । ତା'ପରେ ଭିତରକୁ ଆସି ଶୋଇପଡ଼ିଲେ । ସେହି ରାତିରେ ତାଙ୍କୁ ଗଭୀର ନିଦ ହେଲା । କୌଣସି ଛାୟା ଆସିଲାନି । କୌଣସି ସ୍ୱର ଶୁଣାଗଲାନି । କୌଣସି ଭୟ ତାଙ୍କୁ ସ୍ପର୍ଶ କଲାନି । ଦୀର୍ଘ ଦିନ ପରେ ସେ ଏକ ଅଜଣା ଶାନ୍ତି ଅନୁଭବ କଲେ ।

ପରଦିନ ସକାଳେ ବାହାରକୁ ଆସି ଦେଖିଲେ—ପତ୍ରଟି ଖାଲି । ସେ ହସିଦେଲେ । କିଏ ଖାଇଥିଲା ? ଜାଣିଲେନି । ଜାଣିବାକୁ ଚେଷ୍ଟା ମଧ୍ୟ କଲେନି । ସେହି ଦିନଠାରୁ ଏକ ନୂଆ ପରମ୍ପରା ଆରମ୍ଭ ହେଲା । ପ୍ରତି ରାତିରେ ସେ ଅଳ୍ପ ଖାଦ୍ୟ ବାହାରେ ରଖି ଦେଉଥିଲେ । କେବେ ଭାତ-ଡାଲି । କେବେ ଖେଚୁଡ଼ି । କେବେ ରୁଟି ଓ ତରକାରୀ । ଆଉ ଆଶ୍ଚର୍ଯ୍ୟର କଥା, ସେହି ଦୁଇଟି ପିଲା ଆଉ କେବେ ତାଙ୍କ ସ୍ୱପ୍ନରେ କିମ୍ବା ଜାଗ୍ରତ ଅବସ୍ଥାରେ ଆସିନଥିଲେ । ତାଙ୍କ ଜୀବନ ପୁଣି ସାଧାରଣ ହୋଇଗଲା । କିନ୍ତୁ ତାଙ୍କ ଭିତରେ କିଛି ଚିରଦିନ ପାଇଁ ବଦଳି ଯାଇଥିଲା । ଏବେ ସେ ଯେତେବେଳେ କୌଣସି ଦରିଦ୍ର ରୋଗୀକୁ ଦେଖୁଥିଲେ, ତାଙ୍କ ଆଖିରେ ସେହି ପିଲାମାନଙ୍କ ମୁହଁ ଭାସିଉଠୁଥିଲା । ଯେତେବେଳେ କୌଣସି ଶିଶୁ ଖାଇବା ଅଭାବରେ କାନ୍ଦୁଥିଲା, ତାଙ୍କ ହୃଦୟ ଭିତରେ ଅଜଣା ଏକ କଷ୍ଟ ଜାଗିଉଠୁଥିଲା ।

ସେ ବୁଝିଯାଇଥିଲେ, ରୋଗଠୁ ବଡ଼ ଯନ୍ତ୍ରଣା ହେଉଛି ଭୋକ । ଔଷଧଠୁ ବଡ଼ ଉପଚାର ହେଉଛି ମାନବିକତା । ଆଶ୍ରମର ଲୋକେ କୁହୁଥିଲେ, ରାତିରେ ରଖାଯାଉଥିବା ଖାଦ୍ୟକୁ ଆଶ୍ରମର ପୋଷା କୁକୁର 'ଟମି' ଖାଇଯାଏ । ହୁଏତ ସତ ହୋଇପାରେ । ଟମି ରାତିରେ ଚୁପଚାପ ଆସି ପତ୍ରର ଖାଦ୍ୟ ଖାଇ ଦେଉଥିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ଡା. ଶିବରାମ କେବେ ତାହାକୁ ଅସ୍ୱୀକାର କରିନଥିଲେ । ବରଂ ସେ ହସି କହୁଥିଲେ, “ଟମି ଯଦି ଖାଉଛି, ତେବେ ବି ଭଲ । ଭୋକ ତା’ର ମଧ୍ୟ ଅଛି ।”

କାରଣ ସେ ଏକ କଥା ଗଭୀର ଭାବେ ଅନୁଭବ କରିଥିଲେ, ଭୋକର କୌଣସି ଧର୍ମ ନାହିଁ । ଭୋକର କୌଣସି ଜାତି ନାହିଁ । ଭୋକର କୌଣସି ରଙ୍ଗ ନାହିଁ । ଜୀବିତ ହେଉ କି ମୃତ, ମଣିଷ ହେଉ କି ପଶୁ—କ୍ଷୁଧା ସବୁଠି ଏକା । ଯେଉଁ ହାତ ଭୋକିଲା ମୁହଁକୁ ଅନ୍ନ ଦିଏ, ସେହି ହାତ ହିଁ ପ୍ରକୃତ ପୂଜା କରେ ।

ଆଜି ମଧ୍ୟ ବିରକେରାର ସେହି ଆଶ୍ରମରେ ରାତି ହେଲେ ଏକ ଶାଳପତ୍ରରେ ଖାଦ୍ୟ ରଖାଯାଏ । ନୂଆପିଢ଼ିର ଅନେକେ ଏହାର କାରଣ ଜାଣନ୍ତି ନାହିଁ । କେହି ଏହାକୁ ପରମ୍ପରା କୁହନ୍ତି । କେହି ଆସ୍ଥା । କେହି କରୁଣା । କିନ୍ତୁ ଯେଉଁମାନେ ଏହି କାହାଣୀ ଜାଣନ୍ତି, ସେମାନେ ବୁଝନ୍ତି ଯେ ଏହା କେବଳ ଏକ ପତ୍ରରେ ରଖାଯାଇଥିବା ଭାତ ନୁହେଁ । ଏହା ଦୁଇଟି ଅନାଥ ଶିଶୁର ଅପୂର୍ଣ୍ଣ କ୍ଷୁଧା ପ୍ରତି ମଣିଷର ନୀରବ ପ୍ରଣାମ । ଏହା ଏକ ଡାକ୍ତରଙ୍କ ହୃଦୟରେ ଜାଗ୍ରତ ହୋଇଥିବା ଅସୀମ ମମତାର ସ୍ମୃତି । ଏହା ସେହି ସତ୍ୟର ପ୍ରତୀକ, ଯାହା ସମୟ କେବେ ମିଛାଇପାରେ ନାହିଁ;

ମଣିଷ ମରିଯାଏ, କିନ୍ତୁ ତା’ର ଭୋକ, ତା’ର ବେଦନା, ତା’ର ଅପେକ୍ଷା ଏବଂ ତା’ପ୍ରତି ଦିଆଯାଇଥିବା ଭଲପାଇବା ଅମର ହୋଇ ରହିଯାଏ । ସେହି ଶାଳପତ୍ରଟି ଆଜିବି ନିରବ ସାକ୍ଷୀ ହୋଇ କହିଚାଲିଛି, ମଣିଷପଣିଆ ଏବେବି ମରିନାହିଁ ।

ସେ ବଞ୍ଚିଛି ଗୋଟିଏ ମୁଠା ଭାତରେ, ଗୋଟିଏ ବୁନ୍ଦା ଲୁହରେ, ଗୋଟିଏ କରୁଣ ହୃଦୟରେ, ଆଉ ଦୁଇଟି ଅଦେଖା, ଅନାଥ, ଭୋକିଲା ଛାଇର ଚିରତୃପ୍ତ ନୀରବତାରେ ।

C3M-63, ଛେଣ୍ଡ, ରାଉରକେଲା-୭୬୯୦୧୫

ମୋ: ୯୪୩୭୩୪୦୯୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ ଖୋଜା

ଆଶୁତୋଷ ମେହେର



କଲେଜ ସାମ୍ନା ପଡିଆରେ ସେ ପୁରୁଣା ବରଗଛ ଓ ତା' ତଳ ସିମେଣ୍ଟର ଚାନ୍ଦିନି । ସେଇଠି କଲେଜ ପଢା ପୁଅ ଝିଅଙ୍କ ମେଳି ଜମେ ।

ସେଦିନ ଖରାବେଳା କ୍ଲାସ୍ ନଥିଲା ତ, ରାହୁଲ ଓ ସୁଚି ଦୁହେଁ ସେଇ ବରଗଛ ତଳେ ଛାଇରେ ବସିଥିଲେ, କଥା ହେଉଥିଲେ । ହଠାତ୍ ସୁଚି ମନରେ ଏକ ବିଚିତ୍ର ଭାବନା ପଶିଲା, ସେ ପଚାରିଲା, “ରାହୁଲ, ପ୍ରେମର ବୟସ କେତେ ଓ କେମିତି ତାକୁ ମାପି ହୁଏ ବୋଲି ତୁମେ ଭାବୁଛ ?”

ରାହୁଲ ସୁଚିକୁ ଅନାଇଲା । ତା ମନର ଭାବନାକୁ ପଢିବାକୁ ଚେଷ୍ଟାକରି କହିଲା, “ପ୍ରେମର କଣ ବୟସ ଥାଏ ? ପ୍ରେମ ତ କେବେ ବୟସ ଗଣନା କରେନି । ସେ ତ କେବଳ ମଣିଷ ମନ ଓ ହୃଦୟ ଭିତରେ ଥାଏ ଅଥବା ନ ଥାଏ ।”

ସୁଚି ମୁଣ୍ଡ ହଲାଇ କହିଲା, “ନାଁ ସେ କଥା ମୁଁ ଜାଣିଛି । ହେଲେ ମୁଁ ଜାଣିବାକୁ ଚାହୁଁଛି, କେତେ ଦିନ ପର୍ଯ୍ୟନ୍ତ ପ୍ରେମ ଜୀବନ୍ତ ରହିପାରେ ? କେତେ ବର୍ଷ କି କେତେ ମାସ ? ନା କେବଳ କିଛି ଦିନ ?”

ରାହୁଲ ଚୁପ୍ ରହିଲା । ସେ ଉପରର ନୀଳ ଆକାଶ ଆଡ଼କୁ ଚାହିଁଲା । ସେଠି କିଛି ଧଳା ବଉଦ ଆସ୍ତେ ଆସ୍ତେ ଭାସୁଥିଲେ ପବନରେ । ସେ ଧୀରେ ଧୀରେ କହିଲା, “ମୋ ବୁଢାଦାଦାଙ୍କ କଥା ମନେ ପଡୁଛି । ସେ ଅନେକ ଥର କହୁଥିବା ମୁଁ ଶୁଣିଥିଲି, “ପ୍ରେମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେବେଳେ ଆସେ ସେତେବେଳେ ସେ ବୟସ ନେଇ ଆସେନି, କଅଁଳ ଥାଏ । କିନ୍ତୁ ଯେତେବେଳେ ସେ ଯାଏ, ସେତେବେଳେ ସେ ବୟସ୍କ ହୋଇଯାଇଥାଏ ଅନୁଭବରେ ।"

ସୁଚି ମୁରୁକି ମୁରୁକି ହସିଲା, କହିଲା, "ଏମିତି ଛୋଟ ଏକ ପ୍ରଶ୍ନରେ ଏତେ ଭାବୁକ ହେଲେ ଚଳିବ ? ତୁମେ ତ କବି ବନିଗଲ ଏଇନା, ଆଜି !"

"ନାଁ ସୁଚି । ମୁଁ କେବଳ ବୁଝାଇବାକୁ ଚେଷ୍ଟା କରୁଛି ଯେ, ପ୍ରେମର ବୟସ ଖୋଜିବା ମାନେ ହେଉଛି ସମୁଦ୍ର କୂଳରେ ଭିଜା ବାଲିରେ ବୁଲାବୁଲି ବେଳେ ନିଜର ପାଦଚିହ୍ନ ଗଣନା କରିବା । ପ୍ରତ୍ୟେକ ଥର ପଛକୁ ଅନାଇଲା ବେଳକୁ ସମୁଦ୍ର ଲହଡିରେ ସେ ତ ଧୋଇ ଯାଉଥାଏ, ହେଲେ ସମୁଦ୍ର ଲହଡି ସେମିତି ଆସୁଥାଏ ଓ ଯାଉଥାଏ । ସମୁଦ୍ର ତା ନିଜ ଜଗାରେ ରହି ହସୁଥାଏ ।"

ସୁଚି କିଛି ସମୟ ଚୁପ୍ ରହିଲା ପରେ କହିଲା, "ତା'ହେଲେ ଆମ ଭିତରର ପ୍ରେମର ବୟସ କେତେ ?"

ରାହୁଲ ଏଥରକ ତା' ଆଡ଼କୁ ଚାହିଁଲା । ଆଖିରେ ଥିଲା ଏକ ଅଜଣା ପ୍ରଶ୍ନ ଓ କିଛି ଛାଇ ଛାଇ ଆଶା । ସେ ଧୀରେ ଧୀରେ କହିଲା, "ଆଜି ପର୍ଯ୍ୟନ୍ତ ଆମେ ଏକାଠି ସାଙ୍ଗ ହେଉଥିବା ପ୍ରତ୍ୟେକ ମୁହୂର୍ତ୍ତ ହିଁ ଏହାର ବୟସ । କାଲି ଯଦି ଆମେ ଆଉ ଏଠି ନ ବସୁ, ତଥାପି ଆଜିର ଏ ମୁହୂର୍ତ୍ତ ଏମିତି ସ୍ଥିର ରହିଯିବ । ପ୍ରେମ ବୟସ ଗଣନା କରେନି ସୁଚି... ସେ କେବଳ ହିସାବ ରଖେ ଯେ କେତେବେଳେ ହୃଦୟ ଧଡ଼କିଲା, କେତେବେଳେ ସେ ହସ ହୋଇ ଆସିଲା, କେତେବେଳେ ଅବା କିଛି ଭୟ ଲାଗିଲା ଆଉ କେତେବେଳେ ଆଉ କେହି ନଥିଲେ ବି, ନିଜ ନିଜର ଅସ୍ତିତ୍ୱ ମନରେ ସାଉଁଟି ଚାଲିବା ।"

ସୁଚି ଆଖି ବନ୍ଦ କରି ରହିଲା । ଏକ ନିଶ୍ୱାସ ସହ ସେ କହିଲା, "ତା'ହେଲେ ଆଜି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେ ଏକାଠି ବସି, ଏହି ବୟସକୁ ଆହୁରି ବଢ଼ାଇବା ।”

ରାହୁଲ ହସିଲା । ସେ ସୁଚିର ହାତ ଧରି କହିଲା, “ହଁ । ଆଉ ଯେତେଦିନ ଆମେ ଏହି ପ୍ରଶ୍ନ ପଚାରିବା ଓ ଉତ୍ତର ଖୋଜିବା... ସେତେଦିନ ପ୍ରେମର ବୟସ ବଢ଼ି ବଢ଼ି ବଢ଼ି ଚାଲିଥିବ ।”

ସେଦିନ ଅପରାହ୍ନରେ ବରଗଛ ଛାଇ ତଳେ ଦୁଇଟି କଅଁଳ ହୃଦୟରେ ପ୍ରେମ ଆଉ ଗୋଟାଏ ଦିନ ଯୋଡ଼ି ଦେଲା । ଆଉ ପ୍ରେମର ବୟସ ଖୋଜା ଚାଲିଥିଲା... ସେଇମିତି ଅନନ୍ତକାଳ ଯାଏଁ ।

୫୪ ଆର୍ଯ୍ୟପଲ୍ଲୀ

କିଟଛକ, ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳାପାଣିର ନାୟିକା, ନୀରା ଆର୍ଯ୍ୟ !

ସୁଧାଂଶୁ ଶେଖର ଦ୍ୱିବେଦୀ



୧୯୦୨ ମାର୍ଚ୍ଚ ୫ ତାରିଖରେ ତତ୍କାଳୀନ ସଂଯୁକ୍ତ ପ୍ରାନ୍ତ ଉତ୍ତର ପ୍ରଦେଶର ଖେକଡ଼ା ନଗରରେ ନୀରା ଆର୍ଯ୍ୟଙ୍କ ଜନ୍ମ । ଜନ୍ମଦାତା ମହାବୀର ସିଂହ ନିଜ ପୁତ୍ରୀକୁ ଜଣେ ବେପାରୀ ଛଜୁମଲଙ୍କ ହାତରେ ସମର୍ପି ଦେଇଥିଲେ । ସେତେବେଳେ ଛଜୁମଲଙ୍କ ବେପାର ସାରା ଦେଶରେ ବିସ୍ତାରିତ । କଲିକତାରେ ତାଙ୍କ ବେପାରର ମୁଖ୍ୟ କେନ୍ଦ୍ର ଥାଏ । ନୀରା ପାଳିତ ପିତାଙ୍କ ଆଜ୍ଞାରେ କଲିକତା ଭଳି ଜନବହୁଳ ରାଜ୍ୟରେ ରହି ପାଠ ପଢିଲେ । ହିନ୍ଦୀ, ଇଂରାଜୀ, ବଙ୍ଗାଳି ବ୍ୟତୀତ ଅନ୍ୟ କେତୋଟି ଭାଷାରେ ପ୍ରବୀଣା ହେଲେ ସେ ।

ଦେଶ ସ୍ୱାଧୀନରେ ଯୋଗ ଦେବାପାଇଁ ସେ ପ୍ରଥମେ ଆଜାଦ୍ ହିନ୍ଦ୍ ଫୌଜର ରାଣୀ ଝାନ୍‌ସି ରେଜିମେଣ୍ଟରେ ନିଜର ସେବା କାର୍ଯ୍ୟ ଆରମ୍ଭ କଲେ । ସେତେବେଳକୁ ତାଙ୍କର ବିବାହ ବ୍ରିଟିଶ ଭାରତର ସିଆଇଡି ଇନ୍‌ସପେକ୍ଟର ଶ୍ରୀକାନ୍ତ ଜୟରଞ୍ଜନଙ୍କ ସହିତ ସରିଥିଲା ।

ପବିତ୍ର ମୋହନ ରାୟ ଆଜାଦ୍ ହିନ୍ଦ୍ ଫୌଜ ଗୁପ୍ତଚର ବିଭାଗର ଅଧ୍ୟକ୍ଷ ଥାଆନ୍ତି । ବିଭାଗ ଅନ୍ତର୍ଗତ ମହିଳା ଏବଂ ପୁରୁଷ ଗୁପ୍ତଚର ରୂପେ ନୀରା ଆର୍ଯ୍ୟଙ୍କୁ ଆଜାଦ୍ ହିନ୍ଦ୍ ଫୌଜର ମହିଳା ଗୁପ୍ତଚର ଭାବେ ଗୋଇନ୍ଦା ହେବାପାଇଁ ଗୌରବ ପ୍ରାପ୍ତ ହୋଇଥିଲା । ନୀରାଙ୍କୁ ଏହି ଦାୟିତ୍ୱ ପାଇଁ ସ୍ୱୟଂ ନେତାଜୀ ନିର୍ବାଚିତ କରିଥିଲେ ।

ଗୋଇନ୍ଦା କରିବାକୁ ଡାନିୟଲ କାଲେ ଜଣେ ଚାଷୀ ଓ ନୀରା ଅର୍ଯ୍ୟ ତାଙ୍କ ପତ୍ନୀ ହୋଇ ଯୋଜନାବଦ୍ଧ ଅନୁସାରେ ଇଂରେଜ ଛାଉଣୀ ନିକଟରେ ଶଗଡ଼ର ଗୋଟେ ଚକ

Listen to Odia Podcast Original at https://youtube.com/@drjyotiprasad

ଭାଙ୍ଗିଦେଲେ । ଚକ ସଜାଡ଼ିବା ପାଇଁ ଇଂରେଜ ସୈନିକଙ୍କ ସାହାଯ୍ୟ ଲୋଡିଲେ । ବ୍ରିଟିଶ ସୈନିକ ଦୁହିଁଙ୍କୁ ସିଧାସାଦା ଚାଷୀ ଘର ଲୋକ ମନେ କରି ଆଇ ଏନ ଏ ର ଗୋଇନ୍ଦା କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଲେ । ଦୁହେଁ ପ୍ରସ୍ତାବ ସ୍ୱୀକାର କରି ଛାଉଣୀରେ ଥିବା ନକ୍ସା ହାସଲ କଲେ । ନେତାଜୀ ଉକ୍ତ ନକ୍ସା ଜରିଆରେ ଯୁଦ୍ଧର ରଣନୀତି ପରିବର୍ତ୍ତନ କରିଥିଲେ ।

୧୯୪୫ ଅପ୍ରେଲ ୨୩ ତାରିଖରେ ଇଂରେଜ ସେନା ବର୍ମାରେ ପହଞ୍ଚିବାର ଥାଏ । ଏହି ସୂଚନା ନୀରା ଆର୍ଯ୍ୟ ନେତାଜୀଙ୍କୁ ଦେଇଥିଲେ । ନେତାଜୀ ତୁରନ୍ତ ଆଜାଦ୍ ହିନ୍ଦ୍ ଫୌଜର ଠିକଣା ବଦଳାଇ ଦେଲେ । ତାଙ୍କ ସୁରକ୍ଷା ନିମନ୍ତେ ନୀରା ଆର୍ଯ୍ୟ, ଡେନିୟଲ କାଲେ, ଲକ୍ଷ୍ମୀ ସହଗଲ,ମାନବତୀ ଆର୍ଯ୍ୟ, ସରସ୍ୱତୀ ରାଜମଣି ଏବଂ ଅନ୍ୟ କେତେଜଣ ଗୋଇନ୍ଦା ନେତାଜୀଙ୍କ ଗାଡିଠାରୁ ଗୋଟେ କି:ମି: ଆଗରେ ଥାଇ ସୁରକ୍ଷା କବଚ ରୂପେ ବର୍ମାରେ ଥିବା ଆଜାଦ୍ ହିନ୍ଦ୍ ଫୌଜର ଠିକଣା ବଦଳାଇଥିଲେ ।

ଶ୍ରୀକାନ୍ତ ଜୟରଞ୍ଜନ ଇଂରେଜଙ୍କର ପରମ ଭକ୍ତ ହେବା ସହିତ ସିଆଇଡି ଅଧିକାରୀ ଥାଏ । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଜୀବନରୁ ମାରିଦେବା ଲାଗି ତାଙ୍କୁ ଇଂରେଜ ସରକାର ଦାୟିତ୍ୱ ଦେଇଥାଏ । ଦିନେ ସୁଯୋଗ ପାଇ ଜୟରଞ୍ଜନ ନେତାଜୀଙ୍କ ଉପରକୁ ଗୁଳି ଚଳାଇବାକୁ ଲକ୍ଷ୍ୟ ସାଧିଲେ । ଠିକ୍ ସେତିକି ବେଳେ ନୀରା ଦେଖିନେଇ ପତିଙ୍କ ପେଟରେ ବନ୍ଧୁକ ବୋନେଟ୍ ଭୂଷି ଦେଲେ । ଯାହାଫଳରେ ଜୟରଞ୍ଜନଙ୍କ ବନ୍ଧୁକର ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇ ନେତାଜୀଙ୍କ ଡ୍ରାଇଭର ନିଜାମୁଦ୍ଦିନଙ୍କ ଦେହରେ ଲାଗିଲା । ଅଳ୍ପକେ ନେତାଜୀ ବଞ୍ଚିଗଲେ ସିନା କିନ୍ତୁ ନୀରାଙ୍କର ଏଭଳି କାର୍ଯ୍ୟ ପରେ ଆଜାଦ୍ ହିନ୍ଦ୍ ଫୌଜର ସମସ୍ତ କାର୍ଯ୍ୟକାର୍ତ୍ତା ଇଂରେଜ ସରକାର ନିକଟରେ ଆତ୍ମ ସମର୍ପଣ କଲେ । ଦିଲ୍ଲୀ ଲାଲକିଲ୍ଲାରେ ବିଚାର ଚାଲିଲା । ସମସ୍ତ ବନ୍ଦୀଙ୍କୁ ମୁକ୍ତ କରି ଦିଆଗଲା ମାତ୍ର ନୀରା ଆର୍ଯ୍ୟଙ୍କୁ ନିଜ ପତିଙ୍କର ହତ୍ୟା ନିମନ୍ତେ କଳାପାଣିର ଦଣ୍ଡ ମିଳିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କୁ ପ୍ରଥମେ କଲିକତା ଜେଲକୁ ପଠାଗଲା । ଲୁହା ଜଂଜିରରେ ବନ୍ଧା ହୋଇଥିବା ଜୀବନ ଆଉ କେତେ ଘଣ୍ଟା ପରେ ଭାରତ ମାତାଠାରୁ ବିଚ୍ଛିଡି ଯିବା ଭାବନାରେ ବାରମ୍ବାର ଦୁଃଖୀତ ହୋଇ ପଡୁଥାଏ । ସୂର୍ଯ୍ୟ ଉଦୟ ହେବା ପରେ ସକାଳର ଜଳଖିଆ ଖେଚୁଡ଼ି ମିଳିଲା । ସେତେବେଳକୁ ହାତ ଗୋଡ଼ରୁ ଶିକୁଳି କାଟିବା ଲାଗି କମାର ଆସି ସାରିଥାଏ । ଗୋଡ଼ର ଶିକୁଳି କାଟିବା ସମୟରେ ପାଖରେ ଠିଆ ହୋଇଥିବା ଇଂରେଜ ଜେଲର ପଚାରିଲା, “ନେତାଜୀଙ୍କ ଠିକଣା କହିଦେଲେ ତୁମକୁ ମୁଁ ମୁକ୍ତ କରିଦେବି ।”

ସେ ତ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଯାହା ସାରା ଦୁନିଆ କହୁଛି । ନୀରା ଜବାବ ଦେଲେ ।

ତୁମେ ମିଛ କହୁଛ । ନେତାଜୀ ଏବେସୁଦ୍ଧା ଜୀବିତ ଜେଲର ଖୁବ ଜୋର ଚିତ୍କାର କଲା ।

ହଁ ହଁ ନେତାଜୀ ଜୀବିତ । ସେ ସମସ୍ତଙ୍କ ଭିତରେ ଜୀବିତ । ପ୍ରତି ଉତ୍ତରରେ ନୀରା ବି ଜୋର୍ ଜୋର୍ ଚିତ୍କାର କରି ଜଣେଇ ଦେଲେ ।

ତାହେଲେ ସେ କୋଉଠି ଅଛନ୍ତି ? ପୁଣି ଥରେ ଗୁରୁ ଗମ୍ଭୀର ପ୍ରଶ୍ନ ।

ମୋ ହୃଦୟରେ.....

ନୀରାଙ୍କଠାରୁ ନିର୍ଭୀକ ଉତ୍ତର ଶୁଣି ଜେଲର ରାଗରେ ତମ୍ଭ ସାପ ଭଳି ଫଁ ଫଁ ହେଇ କହିଲା, “ଠିକ୍ ଅଛି, ଏବେ ତୁମ ହୃଦୟରୁ ନେତାଜୀ ନାମକ ଜୀବକୁ ବାହାର କରି ଦିଆଯିବ । ତାପରେ ଜେଲର ତାଙ୍କ ଶରୀରରୁ ବସ୍ତ୍ର ବାହାର କରି କମାରକୁ ଇଶାରା କଲେ । କମାର ଗୋଟେ ବଡ଼ ଚିମୁଟା ଦ୍ୱାରା ନୀରାଙ୍କ ସ୍ତନ ରିପରକୁ ଉଠେଇବାକୁ ପ୍ରୟାସ କଲା । ନୀରା କେବଳ ଯନ୍ତ୍ରଣାରେ ଚିତ୍କାର କରୁଥାନ୍ତି । ତାଙ୍କୁ କଳାପାଣି ପଠା ଯିବାର ସମୟ ହୋଇଯିବାରୁ ଗାଡ଼ିରେ ବସିବା ଲାଗି ଡାକରା ଆସିଲା । ଜେଲର ନିଜ କ୍ରୋଧକୁ ନିଜ ଭିତରେ ଚାପି ରଖି ନୀରାଙ୍କୁ ଅନ୍ଧାର ଜୀବନ କାଟିବାକୁ କଳାପାଣି ପଠାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଲା ।

ଦେଶ ସ୍ୱାଧୀନ ହେବା ପରେ ସେ ତାଙ୍କ ଅନ୍ତିମ ଦିନ ହୈଦରାବାଦ୍ ସହର ବଜାରରେ ବୁଲି ବୁଲି ଫୁଲ ବିକ୍ରି କରି ଜୀବନ ଅତିବାହିତ କରୁଥିଲେ । ସରକାର ଜମିରେ ତାଙ୍କ ଝୁମ୍ପୁଡି ଘର ଥିବାରୁ ଭାଙ୍ଗି ଦିଆଗଲା । ଶେଷରେ ବୃଦ୍ଧାବସ୍ଥାରେ ଚାରମୀନାର ନିକଟସ୍ଥ ଉସମାନିଆ ଡାକ୍ତରଖାନାରେ ୧୯୯୮ ଜୁଲାଇ ୨୬ ତାରିଖରେ ଜଣେ ଗରିବ, ନିଃସହାୟ, ନିରାଶ୍ରିତ, ରୋଗାଗ୍ରସ୍ଥ ବୃଦ୍ଧା ମୃତ୍ୟୁକୁ ଆଲିଙ୍ଗନ କରି ନେଇଥିଲେ ।

ବିସି-୭୪,ସଲ୍ଟ ଲେକ୍,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଷ ଦେଖା

କୃଷ୍ଣା କାବେରୀ ଖଣ୍ଡାଇ



ପ୍ରାୟ ଦୁଇ ବର୍ଷ ପରେ ହଠାତ୍ ଆକାଶର ଫୋନ୍ ଆସିଲା ।

“ଶ୍ରାବଣୀ, ଥରେ ଦେଖା କରିପାରିବ ?”

ଶ୍ରାବଣୀ କିଛି ସମୟ ଚୁପ୍ ରହିଲା । ଏହି ସ୍ୱରଟା ତା’ ପାଇଁ ଅଜଣା ନଥିଲା । କେବଳ ଏହି ସ୍ୱର ସହିତ ଜଡ଼ିଥିବା ପୁରୁଣା ଅନୁଭବଗୁଡ଼ିକ ଏବେ ଆଉ ତା’ର ନଥିଲା । ସେ ଦେଖା କରିବାକୁ ରାଜି ହେଲା । ଦୁହେଁ ଏକ ସାଧାରଣ ଚା’ ଦୋକାନ ପାଖରେ ବସିଥିଲେ । ଯେଉଁଠାରେ କେବେ ଘଣ୍ଟା ଘଣ୍ଟା କଥା ହେଉଥିଲା, ସେହି ଦିନ ଦୁହିଁଙ୍କ ମଧ୍ୟରେ ଅଜଣା ନିରବତା ଥିଲା । ଆକାଶ ଧୀରେ କହିଲା—

“ମୁଁ ଜାଣିଛି, ମୁଁ ତୁମକୁ ବହୁତ କଷ୍ଟ ଦେଇଛି ।”

ଶ୍ରାବଣୀ କିଛି କହିଲା ନାହିଁ ।

“ସେତେବେଳେ ମୁଁ ଭାବିଥିଲି, ତୁମେ ମୋ ବିନା ରହିପାରିବ ନାହିଁ । ଆଜି ବୁଝୁଛି, ତୁମେ ମୋ ବିନା ରହିବା ଶିଖିଗଲ... କିନ୍ତୁ ମୁଁ ତୁମକୁ ହରାଇବା ପରେ ନିଜକୁ ହିଁ ହରାଇ ଦେଇଥିଲି ।”

ଶ୍ରାବଣୀର ଆଖିରେ ଲୁହ ଜମିଲା । କିନ୍ତୁ ସେ ଲୁହ ପୋଛି କହିଲା, “ଆକାଶ, ମୁଁ ତୁମକୁ ଦୋଷ ଦେବାକୁ ଚାହେଁନି । ଆମ ଦୁହିଁଙ୍କର ଭୁଲ ଥିଲା । ମୁଁ ମଧ୍ୟ ଅନେକ କଥା ବୁଝି ପାରିନଥିଲି । ତୁମେ ମଧ୍ୟ ମୋ ମନକୁ ବୁଝିବାକୁ ସମୟ ଦେଇନଥିଲ ।”

ଆକାଶ ମୁଣ୍ଡ ତଳକୁ କରିଦେଲା ।

“ତା’ହେଲେ ଆମେ ପୁଣି ଆରମ୍ଭ କରିପାରିବା ନାହିଁ ?”

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରାବଣୀ ମୃଦୁ ହସିଲା । “କେତେକ ସମ୍ପର୍କ ଭାଙ୍ଗିବା ପରେ ପୁଣି ଯୋଡ଼ା ଯାଇପାରେ । କିନ୍ତୁ ସବୁ ସମ୍ପର୍କ ନୁହେଁ । ଆମେ ଯେଉଁଠି ଥିଲୁ, ସେଠାକୁ ଫେରିବା ସମ୍ଭବ ନୁହେଁ । କାରଣ ଆମେ ଦୁହେଁ ଆଉ ସେହି ପୁରୁଣା ମଣିଷ ନୁହଁ ।”

ଆକାଶ ଚୁପ୍ ରହିଲା । ଶ୍ରାବଣୀ ପୁଣି କହିଲା, “ତୁମ ପ୍ରତି ମୋ ମନରେ ରାଗ ନାହିଁ । ଅଭିଯୋଗ ମଧ୍ୟ ନାହିଁ । କେବଳ ଗୋଟିଏ ପୁରୁଣା ସ୍ମୃତି ଅଛି । ଆଉ ସେହି ସ୍ମୃତିକୁ ମୁଁ ଏବେ ସମ୍ମାନ କରେ ।”

ଦୁହେଁ କିଛି ସମୟ ଚୁପ୍ ହୋଇ ବସିରହିଲେ । ତା’ପରେ ଶ୍ରାବଣୀ ଉଠିଲା । “ମୋତେ ଯିବାକୁ ହେବ ।”

ଆକାଶ ପଚାରିଲା, “ଏତେ ସହଜରେ ?”

ଶ୍ରାବଣୀ ଧୀରେ କହିଲା, “ସହଜ ନୁହେଁ ଆକାଶ... ଦୁଇ ବର୍ଷ ଲାଗିଛି ଏହାକୁ ସହଜ ଦେଖାଇବା ପାଇଁ ।”

ସେ ଚାଲିଗଲା । ଆକାଶ ସେହିଠାରେ ବସି ରହିଲା । ସେଦିନ ପ୍ରଥମଥର ପାଇଁ ସେ ବୁଝିଲା, କାହାକୁ ହରାଇବାର ବେଦନାଠାରୁ, ନିଜ ହାତରେ କାହାକୁ ହରାଇଦେବାର ଅନୁତାପ ଅଧିକ ଗଭୀର ।

ଶିକ୍ଷଣୀୟ କଥା

ପ୍ରେମ କେବଳ “ମୁଁ ତୁମକୁ ଭଲପାଏ” କହିଦେବାର ନାମ ନୁହେଁ । ପ୍ରେମ ହେଉଛି— ପରସ୍ପରକୁ ବୁଝିବା, ସମ୍ମାନ ଦେବା, ସମୟ ଦେବା, ଭୁଲ ହେଲେ କ୍ଷମା ମାଗିବା ଏବଂ କଷ୍ଟ ଆସିଲେ ସମ୍ପର୍କକୁ ଛାଡ଼ି ନଦେଇ ସମସ୍ୟାର ସମାଧାନ ଖୋଜିବା ।

କେବଳ ଭଲପାଇବା ଯଥେଷ୍ଟ ନୁହେଁ; ସେହି ପ୍ରେମକୁ ବଞ୍ଚାଇ ରଖିବା ପାଇଁ ବୁଝାମଣା, ବିଶ୍ୱାସ ଓ ଦାୟିତ୍ୱ ମଧ୍ୟ ଦରକାର । ଆଉ ଯଦି କେବେ କୌଣସି ସମ୍ପର୍କ ଶେଷ ହୋଇଯାଏ, ତେବେ ନିଜକୁ ଦୋଷ ଦେଇ ଜୀବନ ଅଟକାଇ ରଖିବା ନୁହେଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାରଣ—

"କିଛି ଲୋକ ଆମ ଜୀବନରେ ସାରାଜୀବନ ରହିବା ପାଇଁ ଆସନ୍ତି ନାହିଁ; ସେମାନେ ଆମକୁ ଭଲପାଇବା, ହରାଇବା ଏବଂ ନିଜକୁ ପୁଣି ଖୋଜିପାଇବା ଶିଖାଇବା ପାଇଁ ଆସନ୍ତି ।"

ସତ ପ୍ରେମର ସବୁଠାରୁ ବଡ଼ ପରିଚୟ ହେଉଛି, ସେ ଆମକୁ ଭାଙ୍ଗିଦେଇ ନୁହେଁ, ବରଂ ଜୀବନକୁ ଆହୁରି ବୁଝିବାକୁ ଶିଖାଏ । ପ୍ରେମ ଜୀବନର ଏକ ସୁନ୍ଦର ଅନୁଭୂତି, କିନ୍ତୁ ପ୍ରେମ ହିଁ ସମଗ୍ର ଜୀବନ ନୁହେଁ ।

ଗୋଟିଏ ସମ୍ପର୍କକୁ ସୁନ୍ଦର କରିବା ପାଇଁ କେବଳ ଭଲପାଇବା ଯଥେଷ୍ଟ ନୁହେଁ । ତା' ପାଇଁ ବିଶ୍ୱାସ, ସମ୍ମାନ, ବୁଝାମଣା, ଧୈର୍ଯ୍ୟ ଓ ଖୋଲା ମନରେ କଥାବାର୍ତ୍ତା ଆବଶ୍ୟକ ।

ଅନେକ ସମ୍ପର୍କରେ ସମସ୍ୟା ଆସେ, କିନ୍ତୁ ସମସ୍ୟା ଆସିବା ହିଁ ସମ୍ପର୍କ ଶେଷ ହେବାର କାରଣ ନୁହେଁ । ସମସ୍ୟାକୁ ନେଇ ଦୁଇଜଣ କିପରି କଥା ହେଉଛନ୍ତି ଓ ପରସ୍ପରକୁ କିପରି ବୁଝୁଛନ୍ତି, ସେହି ଠି ସମ୍ପର୍କର ପ୍ରକୃତ ପରୀକ୍ଷା ।

ରାଗରେ କୁହାଯାଇଥିବା ଗୋଟିଏ କଥା କେବେ କେବେ ବର୍ଷ ବର୍ଷର ସମ୍ପର୍କକୁ ଭାଙ୍ଗି ଦେଇପାରେ । ତେଣୁ ଭାବନାର ମୁହୂର୍ତ୍ତରେ ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ଥରେ ଶାନ୍ତ ହୋଇ ଭାବିବା ଦରକାର ।

ଆଉ ଯଦି କୌଣସି ସମ୍ପର୍କ ଶେଷ ହୋଇଯାଏ, ତେବେ ନିଜ ଜୀବନକୁ ସେହିଠାରେ ଅଟକାଇ ରଖିବା ଉଚିତ ନୁହେଁ । କାହାକୁ ହରାଇବା ଦୁଃଖଦ ହୋଇପାରେ, କିନ୍ତୁ ନିଜକୁ ହରାଇଦେବା ତା'ଠାରୁ ଅଧିକ ଦୁଃଖଦ । ତେଣୁ, "ଯିଏ ଆମ ଜୀବନରେ ରହିବାକୁ ଚାହେଁ, ତା'କୁ ଭଲପାଇବା ସହିତ ସମ୍ମାନ ଦିଅନ୍ତୁ; ଆଉ ଯିଏ ଚାଲିଯିବାକୁ ଚାହେଁ, ତା'କୁ ଅଟକାଇବା ପୂର୍ବରୁ ଥରେ ନିଜକୁ ପଚାରନ୍ତୁ, ସେହି ସମ୍ପର୍କରେ ଆପଣ ନିଜେ ଖୁସି ଅଛନ୍ତି କି ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାରଣ ପ୍ରକୃତ ପ୍ରେମର ଅର୍ଥ କାହାକୁ ନିଜର କରି ରଖିବା ନୁହେଁ; ପ୍ରକୃତ ପ୍ରେମର ଅର୍ଥ ହେଉଛି, ପରସ୍ପରକୁ ବୁଝିବା, ସମ୍ମାନ କରିବା ଏବଂ ଯଦି କେବେ ବାଟ ଅଲଗା ହୋଇଯାଏ, ତେବେ ଘୃଣା ନୁହେଁ, ଶୁଭେଚ୍ଛା ସହିତ ବିଦାୟ ଦେବା ।

କାହାଣୀ ଶେଷ ହୋଇପାରେ, ସ୍ମୃତି ରହିଯାଏ;

ପ୍ରେମ ଅଧୁରା ହୋଇପାରେ,

କିନ୍ତୁ ଜୀବନ ଅଧୁରା ନୁହେଁ ।

ଜିଲ୍ଲା - ଭଦ୍ରକ

ବ୍ଲକ - ବନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫ୍ଟୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରିଆସ ଗାନ୍ଧୀ

ଡଃ ନାରାୟଣ ଚନ୍ଦ୍ର ସେନାପତି



ତୁମେ ଭାବିଥିଲ ସତ୍ୟରେ ତୋଳିବ
ଅହିଂସ ଅଖଣ୍ଡ ଭାରତ
ହେଲେ ତୁମ ସ୍ୱପ୍ନ ଦୁଃସ୍ୱପ୍ନ ପାଲଟିଗଲା
ଭାରତମାତାର ବିକଳ ଲୁହରେ
ଖଣ୍ଡ ବିଖଣ୍ଡ ହୋଇଗଲା ଦେଶ
ବିଶ୍ୱ ପଢିଲା ଦୁର୍ବଳତା ଇତିହାସ
ଯାହା ପାଇଁ କାନ୍ଦୁଥିଲା ତୁମ ପ୍ରାଣ ପ୍ରତି ମୁହୂର୍ତ୍ତରେ
ସେମାନେ କେମିତି ମାରୁଛନ୍ତି ସରଳ ନିରୀହ ମାନଙ୍କୁ
କରି କଲ ବଲ
ଆଖି ଆଗରେ ଆଉ ନ୍ୟାୟ ସମ୍ମୁଖରେ ।

ତୁମ ମୌଳିକ ଶିକ୍ଷା ଆଜି ହରାଇ ନିଜତ୍ୱ
ଶୋଇଛି କୁଶିକ୍ଷା କୋଳରେ
ସ୍ୱଦେଶୀ ବିକ୍ରି ହୋଇ ସାଜିଛି କ୍ରୀତଦାସ
ଦେଶଦ୍ରୋହୀଙ୍କ ନଜର ବନ୍ଦୀରେ
କର ବା ମର ନୀତି ଧରି ସୈତାନ୍
ଘଟାଉଛି ରକ୍ତପାତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚୁଟି ଧରି କୁଟି କୁଟି ଲୁଟି ନେଇ
ଖଳ ପ୍ରବୃତ୍ତିରେ
ଫେରିଆସ ଗାନ୍ଧୀ ଦେଖି ଯାଅ ସବୁ କିଛି
ତୁମ ସ୍ୱଚ୍ଛ ଚଷମାରେ ।

ନାରୀକୁ ତୁମ ସମ୍ମାନ
ଆଜି ଶୁଭୁଛି ଅକର୍ମାର ହୁଙ୍କାର ବାଣୀରେ
ଅସ୍ପୃଶ୍ୟତା ଭେଦଭାବ ଦୂରୀକରଣ
କେବଳ ଶୂନ୍ୟ ବାକ୍ୟ ପ୍ରହସନରେ
ତୁମେ ସିନା ଶତ୍ରୁକୁ ପ୍ରେମ କରି
ସାଜୁଥିଲ ମହାମିତ୍ର
ହେଲେ ଆଜି ଆତ୍ମୀୟ ପରା କପଟ ମିତ୍ର ସାଜି ମାରୁଛି ଛୁରୀ
ଆପଣା ଗଳାରେ
ଫେରିଆସ ଗାନ୍ଧୀ
ଦେଖ ଧୈର୍ଯ୍ୟ ସହିଷ୍ଣୁତା କେମିତି କାନ୍ଦୁଛନ୍ତି ଧକେଇ
ଅସହିଷ୍ଣୁଙ୍କ ବ୍ୟଭିଚାରୀ ଆଡ୍‌ଦାରେ ।

ଛାତ୍ର ସମାଜ ପରିବାର ପଛରେ
ତୁମେ ଲଗାଇ ଥିବା ଆଦର୍ଶ ଶବ୍ଦ
ଏବେ ଉପହାସର ରୁକ୍ଷ ମୁଣାରେ
ସମୟକୁ ତ ମଣିଷ ମଣୁଛି ତା ଦାସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଛି କାମ ପୂର୍ଣ୍ଣ ସ୍ୱେଚ୍ଛାଚାରିତାରେ

ଆଦର୍ଶ ଦିନଚର୍ଯ୍ୟା ଏବେ ରପ୍ତାନୀ ହୋଇଛି ବିଦେଶକୁ

ଆଉ ଆମଦାନୀ ହେଉଛି ଅପସଂସ୍କୃତି

ଯିଏ ଲଢୁଛି ନୈତିକତା ଆଉ ଆଧ୍ୟାତ୍ମିକତା ବିରୁଦ୍ଧରେ

ଫେରି ଆସ ଗାନ୍ଧୀ .....

ଦେଖୁନ କେମିତି ମିଛ ବସି ସିଂହାସନେ ଲଚାଉଛି ସତ୍ୟକୁ

ତା ମନ୍ଦ ଇଙ୍ଗୀତରେ ।

ଜମ୍ବରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟିକେ ଭାବିକି କୁହ

ଗୌତମ ମଲ୍ଲିକ

ଟିକେ ଭାବିକି କୁହ

ଯାହା କହୁଛ ଟିକେ ଭାବିକି କୁହ

ଯାହା ବୁଝୁଛ ଟିକେ ଭାବିକି ବୁଝ

ଯାହା ଶୁଣୁଛ ଟିକେ ଭାବିକି ଶୁଣ

ଯାହା କରୁଛ ଟିକେ ଭାବିକି କର

ଛୋଟ ଭୁଲ ଭାବନାଟେ କରିଦିଏ ସମ୍ପର୍କ ଶେଷ

ଆଉ ସେ ଭୁଲ ଭାବନାରେ ମିଶେ ବିଶ୍ୱାସରେ ବିଷ

କାଚ ଆଇନାଟେ ତୁଟିଗଲେ ଯୋଡ଼ି ହୁଏନି

ଠିକ ସେହିପରି ବିଶ୍ୱାସ ଭାଙ୍ଗିଲେ ଆଉ ଗଢ଼ି ହୁଏନି

କିଛି ଲାଭ ନାହିଁ ବିନା ବିଶ୍ୱାସରେ ସେ ମିଠା କଥାର

ବିଶ୍ୱାସ ବିନା ସବୁ ମିଠା କଥା ପାଲଟେ ବିଷଧର

ବିତିଥିବା ସମୟକୁ ତୁମେ ଆଉ ଫେରି ପାଇବନି

କହିଥିବା କଥାକୁ ମଧ୍ୟ କେବେ ଫେରାଇ ପାରିବନି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣୁ କହିବା ପୂର୍ବରୁ

ଟିକେ ଭାବିକି କୁହ

ଯାହା କହୁଛ ଟିକେ ଭାବିକି କୁହ

ଯାହା ବୁଝୁଛ ଟିକେ ଭାବିକି ବୁଝ

ଯାହା ଶୁଣୁଛ ଟିକେ ଭାବିକି ଶୁଣ

ଯାହା କରୁଛ ଟିକେ ଭାବିକି କର

ଠିକଣା : ତଳିହା , ରାମବାଗ ଯାଜପୁର

ଫୋନ: ୭୪୩୯୬୯୩୧୯୫

ଇ ମେଲ୍: mallickgoutam056@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନନୀ ବିଶ୍ୱରୂପା

ଡଃ ବେଣୁଧର ସୂତାର



ଆହା କି ମାଧୁର୍ଯ୍ୟ ବର୍ଣ୍ଣାଢ୍ୟ ବର୍ଣ୍ଣାଳୀ
ଚାରୁ ଜ୍ୟୋସ୍ନାର କୋଳେ
ତୁଷାର ଧବଳ ଫଲ୍ଗୁ ଉତ୍ତାଳ
ପୁଣ୍ୟ ଧରିତ୍ରୀ କୋଳେ ।।

ଶୁଭ୍ର ଶାରଦୀୟ ସୁଷମା ମାଧୁରୀ
ଅମୃତ ଆହ୍ଲାଦ ଘେନି
ପାର୍ବଣର ଏଇ ପବିତ୍ର ଲଗନେ
ତୋଳେ ପୂତ ଆବାହନୀ ।।

ଗଙ୍ଗଶିଉଳିର ବାସ୍ନା ବିଭୋର
ମଧୁମୟ ପରିବେଶ
ପ୍ରାଣ ସଞ୍ଚାରୀ ପ୍ରଭଞ୍ଜନ ତାଳେ
ଚାମର ତୋଳଇ କାଶ ।।

ପ୍ରଶାନ୍ତ ମେଦିନୀ ମଧୁର ଚାନ୍ଦିନୀ
ଭକ୍ତିମୟ ଉପଚାରେ
ବିମୁଗ୍ଧା ରଜନୀ କୁମୁଦ କାମିନୀ
ସ୍ୱାଗତିକା ସୁରେ ସୁରେ ।।

ଶୁଭ ସନ୍ଧିକ୍ଷଣେ ଉଲ୍ଲସିତ ପ୍ରାଣେ
ବିଶ୍ୱାସର ନବ ଧାରା
ଅମୃତ ଲଗନେ ତୁମ ଆଗମନେ
ପୁଲକଇ ବସୁନ୍ଧରା ।।

ସ୍ନିଗ୍ଧ ଧରିତ୍ରୀ ଦିବ୍ୟ ଅଙ୍ଗେ ଭରା
କାନ୍ତ କମନୀୟ ଛବି
ମହା ପାର୍ବଣର ମାହେନ୍ଦ୍ର ଲଗନେ
ଉଇଁଲେଣି ନବ ରବି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁଭ୍ରମୟ ଏଇ ଶୁଭ ଅବସରେ
ଫୁଟାଇ ପ୍ରୀତିର କଳି
ଆସ ମାଆ ଆସ ମମତା ମୟୀଗୋ
ଅଭୟ ଚରଣ ଚାଳି ।।

ପାପୀଷ୍ଠ ମାନଙ୍କ ପ୍ରାଦୁଭାବରେ
ବଢିଲାଣି ପାପାଚାର
ବିଷାକ୍ତ ବଳୟେ ବିଶ୍ୱର ବିଷାଦ
ଆତଙ୍କିର ଅତ୍ୟାଚାର ।।

ଶୁଭ ଓଁକାରେ ନବୀନ ଝଙ୍କାରେ
ଶୁଭ ଆଗମନୀ ସୁରେ
ରାକ୍ଷସ ମାନଙ୍କ ହୃଦୟେ କଂପନ
ତୋଳୁ ମାଆ ନିରନ୍ତରେ ।।

ଅଧର୍ମ ବିନାଶେ ଚିର ଜାଜ୍ୱଲ୍ୟ,
ଯା ଶାଣିତ ଖଡ୍ଗ ଧାର
ଖଣ୍ଡା ଖର୍ପରେ ବନାଶ କର ମାଆ
ଧରା ବକ୍ଷୁ ବ୍ୟଭିଚାର ।।

ପରମ କଲ୍ୟାଣୀ ମାଆ ନାରାୟଣୀ
ତ୍ରିପୁର ମଙ୍ଗଳମୟୀ
ଯୁଗେ ଯୁଗେ ଆସ ଏ ଧରା ବକ୍ଷକୁ
ଧର୍ମ ସଂସ୍ଥାପନ ପାଇଁ ।।

ମାଆ ତୋ ଆଶିଷ ମମତା ପୀୟୂଷ
ଚିର ଇପ୍ସିତ ତୋ କୃପା
ତ୍ରିତାପ ନାଶିନୀ ମାଆ ସନାତନୀ
ନମୋ ନମୋ ବିଶ୍ୱରୂପା ।।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ: ୯୧୭୮୫୬୮୨୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଜ ଇଚ୍ଛା ଅଭିଳାଷ

ଅଲେଖ ମେହେର



ଇଚ୍ଛା ଭ୍ରମାଇ କକୂଭ ଜାଲରେ ପକାଏ
ଜଳ ବିନା ମୀନ ଦଶା ଚିନ୍ତା କୋରି ଖାଏ ।
ହଂସାରୁ ଛଡାଏ ଖୁସି,
ବିହରିତେ ଉର୍ଯ୍ୟୋଲ୍ଲାସ ଆପେ ଯାଏ ରୁଷି ।
ଆନଜନ ଠାରୁ ତେଜ ସର୍ବ ଅଭିଳାଷ,
ମୋଦେ ରହିବା ସରଣୀ ହୋଇବ ଆଭାସ ।
ସ୍ୱାର୍ଥି ଏ ସାରା ଶୟଳ,
କାମନା ପୂରଣ ହେଲେ ଫିଙ୍ଗେ ଦେହେ ମଳ ।
ମୃଦୁହାସ ରଖି ମୁଖେ ବଲଗିଲେ ଗୀର,
ଆନ ପଟରୁ ବହିବ ଶୀତଳ ସମୀର ।
ରାଧାକୃଷ୍ଣ ଗୁଣ ଗୁଣି,
ପର ମନ୍ଦ ବଚ ଗଳୁ ଏକ କର୍ଣ୍ଣେ ଶୁଣି ।
ବୃନ୍ଦାବନ ବିଳାସିନୀ ପଦେ ରଖି ଦୁଃଖ,
ଭକ୍ତି ପ୍ରେମେ ଆସ୍ୱାଦିଲେ ପୀୟୁଷ ମୟୁଖ ।
ଶୋକ ଯିବ ଆପେ ହଟି,
ମୁକତିର ମାର୍ଗ ଏହା ଦୃଢେ ଥାଅ ରଟି ।
ସ୍ନେହ ଶ୍ରଦ୍ଧା ବଦଳରେ ମିଳେ ହଳାହଳ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଗ୍ନିବାଣ ଅରପନ୍ତି ମାଗିଦେଲେ ଜଳ ।

ବଡ ବିଚିତ୍ର ସଂସାର,

ପରମ ଈଶ୍ୱର ସିନା ଏକା ବସ୍ତ୍ରହାର ।

ଦେଖି ଅନୁଭବି ଯାହା ଲେଖିଲି କବିତା,

ପ୍ରାଚୁର୍ଯ୍ୟର ପାହାଡରେ ହୋଇ ପାରେ ପିତା ।

ପରିସ୍ଥିତି ଯେବେ ଆସେ,

ଜଣାପଡେ ଭଲମନ୍ଦ ଯାଯାବର ଭାଷେ ।

ଝର ସୋହେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କି ସୁନ୍ଦର ଦିଶେ ଧରଣୀ

ସୁଭାଗିନୀ ସିଂହ



ପ୍ରକୃତିର ଶୋଭା ଅଟେ ମନଲୋଭା
ଦେହରେ ସବୁଜ ଶାଢ଼ି
ଶିଶିର ବିନ୍ଦୁ ମୁକୁତା ପରି ଢଳଢଳ
ସେ। ଦର୍ପ୍ୟ ଦେଇଛି ବାଢ଼ି ।।

ପୂରୁବ ଆକାଶେ ଉଦୟ ଯେ,ସୂର୍ପ୍ୟ
ବୁଣିଛି ସୁନେଲି ରଙ୍ଗ,
ରବିଙ୍କ କିରଣେ ଆନନ୍ଦ ପ୍ରକୃତି,
ସୁନ୍ଦର ଧରଣୀ ଅଙ୍ଗ ।।

ନୀଳ ଆକାଶର ନୀଳିମା ବକ୍ଷରେ
ଧଳା ମେଘର ସେ, ମାଳା
ପବନ ଦୋଳାଏ ବନ ଲତାତରୁ
ମନେ ଶିହରଣ ଖେଳା ।।

ନଦୀର ଜଳରେ ଝଲମଲ ଦିଶେ
ସୂର୍ପ୍ୟଙ୍କ ସୁନ୍ଦର ହସ,
କୂଳେ କୂଳେ କାଶତଣ୍ଡୀ ନାଚୁଥାଏ
ହୃଦ କରିନିଏ ବସ ।।

ବନ ପାହାଡ଼ରେ କୋଇଲିର ସ୍ୱର
କୁହୁ କୁହୁ ମିଠା ଗୀତ,
ମୟୂର ନାଚେ ମେଘର ତାଳେ ତାଳେ
ବିମୋହିତ କରେ ଚିତ୍ତ ।।

ପାହାଡ଼ ଶିଖରେ ସୁନୀଳ ଛାୟା,
ଝରଣା ଗାଏ ସଙ୍ଗୀତ,
ଫୁଲର ସୁଗନ୍ଧେ ଚତୁର୍ଦିଗ ଭରେ
ଅମୃତମୟ ଜଗତ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଖରୀରେ ପଦ୍ମ ଦେଖ ନିରବେ,
ଭ୍ରମର ଗୁଞ୍ଜର ଗାନ,
ବକୁଳ, ମଲ୍ଲୀ, ଚମ୍ପାଫୁଲର ବାସେ
ମୋହିନିଏ ସବୁ ପ୍ରାଣ ।।

ସନ୍ଧ୍ୟାର ଆକାଶେ ରଙ୍ଗର ଭେଳା,
ପଶ୍ଚିମରେ ଅସ୍ତ ସୂର୍ଯ୍ୟ,
ଗୋଧୂଳି ବେଳରେ ଅପୂର୍ବ ଦିଶଇ
ଧରଣୀ ଅତି ସୌନ୍ଦର୍ଯ୍ୟ ।।

ଜହ୍ନ ତାରା ରାତିରେ ଚନ୍ଦ୍ରମା ହସେ,
ପୁରି ଆକାଶ ବକ୍ଷରେ,
ପ୍ରକୃତି ଘୋଡେଇ ଶୁଭ୍ର ଚାଦରରେ
ବିଭୋର ସିଏ ସ୍ୱପ୍ନରେ ।।

ଋତୁ ବଦଳେ, ରୂପ ବଦଳେ,
ବଦଳେ ଧରଣୀ ରାଣୀ,
ପ୍ରତିଟି ରୂପେ ନବ ନବ ବେଶ
ସୁନ୍ଦର ଦିଶେ ଧରଣୀ !

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିବ କି ମୁହଁ ଖୋଲି

ନିରଞ୍ଜନ ସାହୁ



କବିତା ପୃଷ୍ଠାରେ ତୁମ ଆମ କଥା
କିଏ ଯଦି ପଢ଼ିଦିଏ
କବି ହିସାବରେ ମୋତେ ପଚାରଇ
" ନାୟିକା ଜଣଙ୍କ କିଏ ? "

ମୁଁ ତାହାକୁ ଯେତେ ପ୍ରକାରେ ବୁଝାଏ
ସିଏ ଜମା ବୁଝେନାହିଁ
ପ୍ରକୃତ ସତ୍ୟଟି ଜାଣିବା ପାଇଁକି
ସିଏ ରହିଥାଏ ଚାହିଁ
ବାଆଁରେଇ ଦେଇ ତାକୁ କହିଥାଏ
" ନାୟିକା ତ ଝିଅଟିଏ । "

ସେ କହଇ, " ମୁହିଁ ବୁଝିପାରୁନି କି
ତୁହି ବୁଝାଉଛୁ ମୋତେ
ପ୍ରକୃତରେ ସେହି ଝିଅ କିଏ ଅଟେ
ତାହା ପଚାରୁଛି ତୋତେ
ସତ ନ କହିକି ତୁ ମୋତେ କହୁଛୁ
ସେ ଝିଅଟି ଇଏ ସିଏ । "

କେମିତି କହୁନ କହିପାରିବି ମୁଁ
ସେ ଝିଅଟି ଅଟ ତୁମେ
ଯାହା ପାଇଁ ଏହି ମନଟା ସର୍ବଦା
ନିଝୁମ ରାତିରେ ଝୁମେ
ତୁମକୁ ଭାବିଲେ ଲୁହ ଝରିଆସେ
ଆଖି ଲୁହ ଓଠ ପିଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ଯଦି କବି ପାଲଟି ଯାଆନ୍ତ

ଲେଖିଥାନ୍ତ ଏହି ଲେଖା

ପ୍ରଶ୍ନ ଉଠିଥାନ୍ତା ଏହି ପୁଅ କିଏ

କେଉଁଠି ହୋଇବ ଦେଖା

କି ଉତ୍ତର ଦେଇଥାଆନ୍ତ କହିବ

ମୁହିଁ ଟିକେ ଶୁଣିନିଏ ।

ନିହଲ ପ୍ରସାଦ , ଗଁଦିଆ ପାଟଣା

ଢେଙ୍କାନାଳ -- ୭୫୯୦୧୬

ମୋ :-- ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଘର୍ଷପୂର୍ଣ୍ଣ ଚାକିରୀ ଜୀବନ

ଲିପସା ପତି

ସକାଳ ହେଲେ ମୁଣ୍ଡରେ ଚିନ୍ତାର ବୋଝ
ମୁହଁ ରେ ହସ ଛାତି ରେ ଝଡ଼
ଭୁଲ ହେଲେ ଗାଳି ଠିକ୍ ହେଲେ ମୌନ
ପ୍ରଶଂସା ଟା କେବେ ଆସେନି
ଅପମାନଟା ରୋଜ୍ ଖାଇବାକୁ ପଡ଼େ

Salary ଆସିବାର ଡର
ଘରର ଟେନସନ
ଆଉ ଉପରେ ଲୋକଙ୍କ ରାଗ
ସବୁ ଭିତରେ ବି ପିଲାଙ୍କୁ ପଢ଼ାଇବାଟା ଆଗ

ଉପରୁ ଆଦେଶ ତଳୁ ଅଭାବ
ମଝିରେ ପେସି ଯାଉଛି ଜୀବନ
ଖାତାର ଗୋଟେ ଭୁଲ୍ ପାଇଁ
ସାରାବର୍ଷର ପରିଶ୍ରମ ହୋଇଯାଏ ମ୍ରିୟମାନ

ଗାଳି ଶୁଣି ଶୁଣି କାନ ଅଭ୍ୟସ୍ତ
ଅପମାନ ସହି ସହି ମନ ଶକ୍ତ
ଷ୍ଟାଫ୍ ରୁମ୍ ର କାନ୍ଥ ଜାଣେ
କେତେ ନୀରବ କାନ୍ଦ ସେଇଠି ଝରେ

ତଥାପି ଆମେ ଲଢୁ
କାରଣ ହାର ମାନିଲେ ସ୍ୱପ୍ନ ମରିଯିବ
ଗୋଟିଏ ଦିନ ଆସିବ
ଯେଉଁ ଦିନ ଆମ ସଂଘର୍ଷକୁ ସମ୍ମାନ ମିଳିବ

ଠିକଣା.. ବଣାଇ ଗଡ଼
ଜିଲ୍ଲା.. ସୁନ୍ଦର ଗଡ଼
ମୋବାଇଲ ନମ୍ବର.. ୭୮୪୮୦୨୯୭୪୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ମୃତି

ଚତୁର୍ଭୂଜ ସାହୁ

ଦୂର ବିଦିଗ୍ ଆକାଶ

ଆଉ ମାଟିର କି ଅନନ୍ୟ ମିଳନ

ଆକାଶ ମାଟି ଚୁମ୍ବୁଥିଲା

ଆଉ ପହିଲି ଛୁଆଁର ପୁଲକରେ ପୁଲକିତ ତନୁମନ ଭିଜୁଥିଲା ମାଟିର

ସଦ୍ୟସ୍ନାତ୍ତା ବୈଶାଖୀର

ଅପୁର୍ବ ହେସ୍ନାହେକା ମଲ୍ଲୀର ମହକ

କିନ୍ତୁ ଆନ୍ଦୋଳିତ କରୁଥିଲା

ଚିରାଗ୍ ଅଲ୍ଲୀ ଲେନ୍ ର ଓନେ ୱେ ଟ୍ରାଫିକ ଭିଡ଼ରେ

ହାଇଦ୍ରାବାଦୀ ବିରିୟାନୀର ଆରୋମା

ଶେଖ୍ ନୂସରତ୍ ର ଗୋଲାପ

ମଞ୍ଜିଲ୍ ଖାନ୍ ର ଅତର ଶୀଶିର ସୁଗନ୍ଧ....

ବୋଧେ

ମିଜାଜ୍ ଭଲ ନଥିଲା ସବନମ୍ ର

ଓମେନ୍ସ କାଲେଜ୍ ଛୁଟୀ ଥିଲେ ବେଗମପେଟ୍ ଖାଁ ଖାଁ ଲାଗେ

ବିନା ସବନମ୍ ରେ

ଚାୟ ଢୋକର କିମିଆ ଖଟା ଲାଗେ

ଛୋଟେ ମିଆଁ ହାତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇରାନୀ ଚାୟ୍

ସର୍ଫରାଜ ର କୁକିଜ୍ ଦ୍ୱିଖଣ୍ଡ ବରଂ ମୁଣ୍ଡ ବିନ୍ଧା ବଢ଼େଇ ଦିଏ

ଅନୁଭବ ହୁଏ

ସତରେ ....

ସବନମ୍ ତୁମାରି ଲାଲ୍ ଚାୟ୍ ମେଁ

ଯାଦୁ ହୈ....

ଔର୍ ସବନମ୍ ବିନା ଦୁନିଆଁ ଅଧୁରୀ ହୈ ....

* * *

ଆଜି ବି ମନେପଡେ

ସେଇ ସ୍ମୃତି -

ଭିଜା ମାଟିର ଗନ୍ଧ....

ମାଟି ଆଉ ଆକାଶର ମହାମିଳନ ରେ

ପହିଲି ଯୌବନର ଉଦ୍ଦମତା

ଆଉ

ସବନମ୍ ହାତର ନାଲି ଚାୟ୍ ।

ସରକାରୀ ଉଚ୍ଚ ବିଦ୍ୟାଳୟ ଓଷ୍ଟାପାଲି , କିଶୋରନଗର - ଅନୁଗୋଳ

ମୋବାଇଲ - ୭୯୭୮୬୯୪୫୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିହ୍ନାପଣ ବନ୍ଧୁ ବୋଲି

ତାରା ପ୍ରସାଦ ଜେନା



ମୁଁ କହୁନି ମୋର ପାଖେ ଦିନଯାକ କିଏ ବସ
ଆପଣାର ହୋଇ ବେଶି ମୋର ପାଇଁ ଖାଲି ହସ
ମୁଁ କହୁନି ମୋର ପାଖେ ଦିନଯାକ କିଏ ବସ ....। ୦ ।

ସେ ହସରେ ଆବିଳତା ନଥାଉଟି ନାମ ଗନ୍ଧ
ମାୟା ଭେଳିକିରେ କେବେ କରନାହିଁ ମିଛ ଅନ୍ଧ ,
ବିଶ୍ୱାସରେ ତୁମକୁ ତ ଭାବୁଚି ମୁଁ ନିଜ ଲୋକ
ମୋର ପାଇଁ କେବେହେଲେ ହେବନାହିଁ ଜମା ଠକ ,
ଚିହ୍ନା ପଣ ବନ୍ଧୁ ବୋଲି ଥାଉ ତୁମ ନାମ ଯଶ
ମୁଁ କହୁନି ମୋର ପାଖେ ଦିନଯାକ କିଏ ବସ ....। ୧ ।

ଆଶା ମୋର ଭାଙ୍ଗିଗଲେ ଭାଷା ତୁମେ ହୁଅ ଆହା
ଏତେ ବଡ଼ ଦୁନିଆରେ ବିକଳ୍ପର ତୁମେ ସାହା,
ରାଣ ପରି ଭଲ ଗୁଣ ତୁମକୁ ମୁଁ ଏବେ ଦେଖେ
ବିତିଯାଉ ଜୀବନଟା ଏମିତିକା ଦୁଃଖେ ସୁଖେ ,
ତୁମେ ମୋର ମନ ତଳେ ପୁଣ୍ୟ ଛୁଆଁ ମିଠା ବାସ
ମୁଁ କହୁନି ମୋର ପାଖେ ଦିନଯାକ କିଏ ବସ ....। ୨ ।

ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଣିପାତ ମାତା

ପୁଷ୍ପାଞ୍ଜଳି ପଣ୍ଡା

ସାତ ମେଘ ସହ ମେଲାଣି ମାଗୁଛି
ମୌସୁମୀ ମେଘ ସତେ
ନିର୍ମଳ ଆକାଶ ଶୀତଳ ବତାସ
ଶୁଭ୍ର ରଙ୍ଗ କାହିଁ କେତେ ।।

ପଥ ପ୍ରାନ୍ତରେ ସବୁଜିମା ଧାରେ
ସାଧବ ବୋହୁ ର ଦେହ
ଲୁଚିଯାଏ କାହିଁ ଦେଖାଯାଏ ନାହିଁ
ମଖମଲି ରାଜା ଝିଅ ।।

କେହି ଖୋଜେ ନାହିଁ ଗଲା ଚାଲି କାହିଁ
ମେଘ ସହ ସାଥୀ ହୋଇ
ଧିରେ ଧିରେ ଚାଲି ସମୟ କୁ ଠେଲି
ଉତ୍ତର ମିଳଇ ନାହିଁ ।।

ଝଡି ବରଷାର ବିଦାୟ ବେଳାରେ
ନଦୀ ପାଣି ଖସୁଥାଏ
ଶୁଭ୍ର ଅଭ୍ର କାଶତଣ୍ଡୀ ଫୁଲ ଛୁଇଁ
ଧରାକୁ ଆସୁଛି କିଏ ।।

ଚତୁଃମାସ୍ୟା ଚାଲିଗଲା ପରେ ପରେ
ଚମକଇ ଦୁବ ଘାସ
ରୂପାଫୁଲ ପରି ଶିଶିର ବିନ୍ଦୁରେ
ଝଲସଇ ଚଉପାଶ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଗଣା ସଜାଇ ଫୁଲ ଫଳଦେଇ

କରେ ଦୁର୍ଗା ଆବାହନୀ

ଆଶ୍ୱିନ ଆକାଶେ ଦିବ୍ୟତାର ଛଟା

ଉଭା ମହିଷାମର୍ଦ୍ଦିନୀ ।।

ଦୁର୍ଗତ ଜନଙ୍କ ଦୁର୍ଗତି ହଟାଇ

ହରି ଦଶଦଶା ଯଥା

ଦଶାସ୍ତ୍ର ଶୋଭିତା ମାଆ ଦଶଭୂଜା

ଘେନ ପ୍ରଣିପାତ ମାତା ।।

୯୮୬୧୪୫୭୫୬୩

ଜିଲ୍ଲା ପରିଷଦ

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତୀ ଅନୂସୟା

ସୁନିତା ଦାଶ



ସତୀ ଅନୂସୟା ପବିତ୍ର ପ୍ରତିମା,
ନାରୀ ଜୀବନର ଅମୂଲ୍ୟ ଗରିମା ।

ପତିବ୍ରତା ଧର୍ମେ ଥିଲେ ସେ ମହୀୟସୀ,
ତାଙ୍କ ଯଶଗାଥା ଗାଏ ଧରଣୀ ହସି ।

ଅତ୍ରି ମୁନିଙ୍କ ସେ ପ୍ରିୟ ଧର୍ମପତ୍ନୀ,
ତପସ୍ୟା ବଳେ ହେଲେ ଜଗତ ବନ୍ଦନୀ ।

ସେବା ଓ ତ୍ୟାଗ ଥିଲା ତାଙ୍କର ଭୂଷଣ,
ମମତାରେ ଭରିଥିଲା ତାଙ୍କର ଜୀବନ ।

ଦେବତା ଆସିଲେ ଦିନେ ପରୀକ୍ଷା ନେବାକୁ,
ସତୀତ୍ୱ ଶକ୍ତି ତାଙ୍କର ଜାଣିବାକୁ ।

ଧର୍ମର ପଥରୁ କେବେ ହଟିଲେ ନାହିଁ,
ସତୀତ୍ୱର ଶକ୍ତିରେ ଭୟ କରିଲେ ନାହିଁ ।

ତାଙ୍କ ପବିତ୍ରତାରେ ଦେବତା ହେଲେ ନତ,
ଅନୂସୟା ମାଆଙ୍କ ମହିମା ଅନନ୍ତ ।

ମାତୃସ୍ନେହ ଦେଇ ସେ ଜିଣିଲେ ଜଗତ,
ତାଙ୍କ ନାମ ଗାଇଲେ ହୁଏ ମନ ପବିତ୍ର ।

ତ୍ୟାଗର ମୂରତି ସେ, ଧର୍ମର ଆଲୋକ,
ତାଙ୍କ ଆଦର୍ଶେ ଜଳେ ଜ୍ଞାନର ଦୀପକ ।

ଯୁଗ ଯୁଗ ଧରି ତାଙ୍କ କୀର୍ତ୍ତି ରହିବ,
ସତୀ ଅନୂସୟା ନାମ ଅମର ହୋଇବ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁହୁଡ଼ି

ଆଦ୍ୟାଶା ଚୌଧୁରୀ



ଶ୍ୱେତ ଚାଦରର ଅନ୍ଧକାର ତଳେ
କୁହୁଡ଼ି ଲାଗେ ପ୍ରଦୂଷଣ ସମ ।
ସତରେ କଣ ଏଇ ପ୍ରଦୂଷଣ ?
ପ୍ରଦୂଷଣ କି ହୋଇପାରେ ଏଡ଼େ ମନୋରମ !

ସତରେ ! କେତେ ବିସ୍ତୃତ ତାର ଆକାର,
ଗିରିବନ ଲୀନ କୋଳରେ ତାର ।
ଏ କଣ ! ସେ ବି ଲାଜେଇ ଯାଏ—
ରବିଙ୍କ କଅଁଳ କିରଣ ସ୍ପର୍ଶରେ ! !

ଧୀରେ ଧୀରେ ଅନ୍ତର୍ଦ୍ଧାନ ହୁଏ,
ପ୍ରଭାତ ରଶ୍ମି ଅଙ୍ଗେ ନେଇ ।
ଏ କୁହୁଡ଼ି ନୁହେଁ ଯେ ପ୍ରଦୂଷଣ,
ସେ ପ୍ରକୃତିର ଏକ ମୃଦୁ ଆବରଣ ।

କୁହୁଡ଼ି ମଧ୍ୟରେ ଦୁଇ କାୟା ମିଶେ,
ଭାଙ୍ଗେ ସହସ୍ର କୋଷର ଦୂରତା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶବ୍ଦ ଯେମିତି ନିରର୍ଥକ ଲାଗେ,

ନିରବତା ହିଁ ପ୍ରେମର ପରିଭାଷା ।

ଫଗୁଣର ପ୍ରେମ ରଙ୍ଗହିନ ବାଜେ,

କୁହୁଡ଼ି ତା

ଦେହେ ସପ୍ତ ରଙ୍ଗ ଭରେ ।

ଫଗୁଣ ଚଞ୍ଚଳ—ମଧୁର ଏକ ମୁହୂର୍ତ୍ତ,

କୁହୁଡ଼ି ନିଶ୍ଚଳ—ରୋମାଞ୍ଚିକର ଏକ ଅନୁଭୂତି ।

ହୁଏ ସେ ଅଦୃଶ୍ୟ ଯେତେ,

ଅର୍ଥ ତାହାର ଗଭୀର ହୁଏ ସେତେ ।

କୁହୁଡ଼ି ଲୁଚିଯାଏ ସକାଳ ସାଥେ,

ମନେ ରହିଯାଏ ଅକୁହା କଥା କେତେ ! !

ଖଲ୍ଲିକୋଟ ସ୍ୱଂୟଶାସିତ ବିଶ୍ୱବିଦ୍ୟାଳୟ , ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହରି ନାମ ଧରିଥା...

ରାମ ପ୍ରସାଦ ସିଂହ



କାହିଁକି ହେଉଛୁ ବିକଳ,
ସମ୍ପତ୍ତି ପଛରେ ପାଗଳ ।।

ମିଛର ରଙ୍ଗୀନ ଦୁନିଆ
ନକଲି ରୂପର କିମିଆ ।।

ପାଉଁସେ ହୋଇବୁ ଅଙ୍ଗାର
ଶରୀର ହଜିବ ତୋହର ।।

କାହିକି କରୁଛୁ ଗରବ
ଜାଳିଦେ ଜ୍ଞାନର ପ୍ରଦୀପ ।।

ହରିର ଭଜନେ ଝୁମିଜା
ଜୀବନ ତତ୍ତ୍ୱକୁ ବୁଝିଯା ।।

ହରିର ନାମକୁ ଧରିଥା
ସବୁଠି ମନରେ ଗାଉଥା ।।

ଜୀବନ କଲ୍ୟାଣ ହୋଇବ
ମଣିଷ ଜୀବନ ପାର୍ଥିବ ।।


ଅଙ୍କେଲଶ୍ୱର, ଗୁଜୁରାଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭରସା

ଡଃ ମନ୍ଦାକିନୀ ପାଢ଼ୀ



ଏ ଭରସା ପ୍ରତି ଶେଷ ଆଶ୍ରୟ ସ୍ଥଳ

ସଂପର୍କର ସିଏ ତ ମୁଳଦୁଆ

ନିଶ୍ଚଳ ସମୁଦ୍ରର ଅଶାନ୍ତ ଢେଉ

ନାବିକ ସେ ନାଆର ....।।

ହୃଦୟରୁ ହୃଦୟକୁ ଯୋଡ଼ି ଦିଏ

ସିଏ ତ ନୀରବ ପ୍ରେମ ସଂହିତା

ପବିତ୍ର ବନ୍ଧନ ଭରସା

ଅଦୃଶ୍ୟ ସୂକ୍ଷ୍ମ ସୂତା

କାଚ ପରି ସ୍ୱଚ୍ଛ ଏହାର ଅନୁଭୂତି।।

ଥରେ ଭାଙ୍ଗିଗଲେ କୌଣସି

ଶକ୍ତି ଯୋଡ଼ି ପାରେନି

ଜୀବନର ସୁନ୍ଦର ବୈଭବ

ତିଷ୍ଠି ରହିଛି ତା ଉପରେ

ସନ୍ତର୍ପଣରେ ସାଇତି ରଖିଲେ

ଜୀବନ ଅମୃତମୟ ହୁଏ ।।

ସନ୍ଦେହର କଳାବାଦଲ ମୁହଁ ଫେରାଇ ନେଲେ

ସାରା ଦୁନିଆଁ ମୁହଁ ଫେରାଏ

ଭରସା ତା ହାତର ସ୍ପର୍ଶରେ

ଛାତିରେ ଅସୁମାରୀ ସାହସ ଜଗାଏ....।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜିଗଲେ ବିଶ୍ୱାସ ସ୍ତବ୍ଧ ହୁଏ ନିଃଶ୍ୱାସ

ଅନ୍ଧାର ରାତ୍ରିର ନୀରବତା ଭିତରେ

ମନ ଗହନରେ ଖୋଜେ ଭରସାକୁ

ସିଏ ତ ଥିଲା ଅସ୍ତ ସୂର୍ଯ୍ୟର ଆଲୋକ

ଯିଏ ଦୂରେଇ ଦିଏ

ସବୁ ଦୁଃଖ ଶୋକ....।।

ହୃଦୟ ପ୍ରତୀକ୍ଷା କରେ ସେଇ ସକାଳକୁ

ଯିଏ ପୋଛି ଦିଏ ଆଖିର ସବୁ ଲୁହକୁ

ପୁଣି ଥରେ ଜାଳିବାକୁ

ଭରସାର ଦୀପ

ଦୂରେଇ ଯିବା ସବୁ ଅଭିମାନ କୋହ

ଭରସା ହିଁ ଜୀବନର ଅସଲ ଆଧାର

ତା ବିନା ଶୂନ୍ୟ ଏ ସଂସାର।।

ରାଜନୀତି ବିଜ୍ଞାନ ଅଧ୍ୟାପିକା

ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପୂର୍ବ ବିନ୍ଧାଣୀ

ସତ୍ୟ ନାରାୟଣ ପ୍ରଧାନ

ରାଗ- ବଙ୍ଗଳାଶ୍ରୀ

ଅପୂର୍ବ ବିନ୍ଧାଣି ଥାଏ ସେ ନିର୍ମାଣି

ବାସଗୃହ ଠାଣି ତା'ର,

ଖରା ବର୍ଷା ଶୀତ ହେଉ ଅପ୍ରମିତ

ହେବନି ଅହିତ କା'ର ।

ବାସ୍ତୁ ଶାସ୍ତ୍ର କହି ଦିଏ ସେ ଦେଖାଇ ମାଟି ଶୁଦ୍ଧି ନେଇ ନୀତି

ରହିଲେ ସେ ଘରେ ଧନସମ୍ପଦରେ ଦେହ ନୀରୋଗରେ ବର୍ତ୍ତି ।

ଜାଣି ଥିଲି ସିନା ଦେଖି ଆନମନା

ହେଲା ମୋ ଭାବନା ରାଶି

ତାଳଗଛ ପରେ ବାଇ ଚଢେଇରେ ଆନନ୍ଦେ ବସାରେ ବସି ।

ଧୀର ସମୀରଣ ହେଲେ ଅନୁକ୍ଷଣ

ଶ୍ରାବଣେ ଝୁଲଣ ପରି

ରାଧାକୃଷ୍ଣ ସ୍ମୃତି ନେବାରୁ ଜାଗୃତି

ଆନନ୍ଦରେ ମନ ଭରି ।

କଲି ନିରୀକ୍ଷଣ ଯାଇ ତାଳବଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତି ଡାଳେ ପୂର୍ଣ୍ଣ ବସା
ନିଜେ କାରିଗର ଥଣ୍ଟରେ ତାଙ୍କର
ବାସ ଗଢିବାର ଆଶା ।

କେତେ ବସାମାନ ସରିଛି ନିର୍ମାଣ
ଲାଗେ କେ' ଗଠନ କାମେ,
ଗଢିବା ପ୍ରଣାଳୀ ଦେଖି ନେଲି ଭାଳି ନୁହେଁ ସେହିଭଳି ଆମେ ।

ଖର୍ଚ୍ଚ କରୁ ଧନ ଗୃହର ନିର୍ମାଣ
ସ୍ଥପତି ଅଧୀନ ରହେ,
ବାସ୍ତୁ ଅନୁସାରେ ବିଭିନ୍ନ ଢାଞ୍ଚାରେ ଘରମାନ କରେ ସିଏ ।
ହେଲେ ଏ ଚଢେଇ କେବେ ଅନ୍ୟ ଦେଇ ବସାକୁ ଗଢାଇ ନାହିଁ
ଗୃହ ଉପାଦାନ ସଂଗ୍ରହରେ ମନ
କରେ ପ୍ରତିଦିନ ଯାଇ ।

ଅଣ୍ଡିରା ଓ ମାଇ ଏକତ୍ରିତ ହୋଇ
ଏ କାମରେ ଦେଇ ମନ
କାର୍ଯ୍ୟ କଲାବେଳେ ନିରୀକ୍ଷଣ କଲେ ହେବ ଅବହେଳେ ଜ୍ଞାନ ।
ତାଳପତ୍ର ମାନ ଥଣ୍ଟେ କରି ଛିନ୍ନ
ସୂତ୍ର ପରିମାଣ ଆଣି
ଥଣ୍ଟ ସାହାଯ୍ୟରେ ଭିତରେ ବାହାରେ ଭର୍ତ୍ତି କରିବାର ଠାଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତୀବ ଅପୂର୍ବ ଭାଙ୍ଗିଯିବ ଗର୍ବ
କିପରି କରିବ ତୁମେ
ଦୁଇ ହାତ ଥାଉ ନିରୁପାୟ ହେଉ
ଅନ୍ୟ ହାତେ ଦେଉ ଆମେ ।

ନାହିଁ କାହିଁ ଧ୍ୟାନ ବିଭୁଦତ୍ତ ଜ୍ଞାନ
ଗୃହର ନିର୍ମାଣ କରେ
ନ ପଗଇ ପାଣି ଛିଣ୍ଡିବା ହୁଏନି
ଖସି ପଡୁନି କେହି ।

ଏତେ ସରୁ ବାଟ କାଉ ତା'ର ଥଣ୍ଟ ମାରିବ ନିକଟ ଯାଇ
ସମ୍ଭାବନା ନାହିଁ ତଳମୁହାଁ ଥାଇ
ଗଢା ତାହା ହୋଇଥାଇ ।

ଧନ୍ୟ ହେ ବିନ୍ଧାଣି ପ୍ରତିବର୍ଷ ଆଣି
ଗୃହ ତୁ ନିର୍ମାଣି ରହୁ
ନୋହି କର୍ମକ୍ଲାନ୍ତ କାର୍ଯ୍ୟ ତୋ ଏକାନ୍ତ ଜୀଇଁବା ପର୍ଯ୍ୟନ୍ତ ଥାଉ ।

ଆଠମଲ୍ଲିକ, ଅନଗୁଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରବ୍ ପାଇଁ ଗୀତଟିଏ

ନୀଳମଣି ଚାନ୍ଦ



ଆରବ ସାଗରଟିରେ ଜାହାଜ ତ ଭାସୁଛି
ଧିରେଧିରେ ବନ୍ଦରର ଆଡ଼କୁ ସେ ଆସୁଛି
ଚାହୁଁଥାଏ କିଏ ରେ
କୁନିପିଲା ସୁନାପିଲା ଆରବ୍ ତ ସିଏରେ ।

ପଢ଼ାପଢ଼ି ଏବେ ନାହିଁ ଲାଗିଥାଏ ଖେଳରେ
ଜାଣେନାଇଁ କେବେ ଦିନ କେବେ ରାତିବେଳରେ
ଆହାନ୍ ତା ଭାଇଟି
ଦୁହେଁ ମିଶି ଗୀତ କେତେ ଦେଉଥାନ୍ତି ଗାଇଟି ।

ଆଜି ସିନା ସାନ ସିଏ କାଲି ହେବେ ବଡ଼ରେ
ଶିଖିଯିବେ ସହିବାକୁ ଜୀବନରେ ଝଡ଼ରେ
ମନଦେଇ ପଢିବେ
ସୁନାର ଭାରତଟିଏ ସିଏ ପରା ଗଢ଼ିବେ ।

ଶିଖିବେ ସେ ଆଜି କାମ ସାରିବାକୁ ଆଜିରେ
କେଉଁ କାମେ ହାରିବେନି ପକେଇବେ ବାଜିରେ
ଦେଖିବେ ସେ ସପନ
ଆମେ କହ ବା ସିଏରେ ପ୍ରଭାତର ତପନ ।

ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେ ବେଶ୍ୟା

ନନ୍ଦିତା ବଡ଼ାଇ



କଳା ଅନ୍ଧାର ରାତିର
ସହରର ନିଚ୍ଛାଟିଆ ରାସ୍ତା କଡ଼ରେ
ଷ୍ଟ୍ରୀଟ ଲାଇଟ୍ରର ଆଲୋକ ତଳେ
ସେ ଠିଆ ହୋଇଥାଏ ।
ସାମାନ୍ୟ କିଛି ଟଙ୍କା ପାଇଁ
ନିଜ ସମୟକୁ ବିକ୍ରି କରିଥାଏ ,
ନିଜକୁ ବିକ୍ରି କରିଥାଏ ।
ସେ ବାହାରି ଯାଏ
ଭୟଙ୍କର ରାତିକୁ ବେଖାତିର କରି
ଖରା ବର୍ଷା ବା ଶୀତ ହେଉ
ନିର୍ଭୟରେ ଆଗକୁ ବଢ଼ି ଚାଲେ ।
ତା ମନରେ ଥାଏ ଅସୁମାରୀ ଆଶା ।
ଆଖିରେ ଭରିଥାଏ କେତେ ଯେ ସ୍ୱପ୍ନ ।
ତଥାପି ସେ ନିଜ କୋହକୁ ଚାପି
ସବୁ ଅପମାନକୁ ସହି ,
ରାସ୍ତା କଡ଼ରେ ଯାଇ ପୁଣି ଠିଆ ହୁଏ ।
ତା ହୃଦୟ ଭରି ରହିଥାଏ ଯନ୍ତ୍ରଣାରେ ।
ତଥାପି ତା ମୁହଁରେ ଥାଏ ହସ
ଲୋକଙ୍କ ପାଇଁ ।

ଆମ ସମାଜ ତାକୁ ନା ଦେଇଛି- 'ବେଶ୍ୟା !'
ସତରେ ତା'ର ନା କ'ଣ ?
କେବେ କେହି ତାକୁ ପଚାରି ନାହାଁନ୍ତି ।
ସେ ମଧ୍ୟ ଦିନେ ଦେଖିଥିଲା
କାହାର ପ୍ରେମିକା ହେବାର ସ୍ୱପ୍ନ
ଯାହାକି ଭାସି ଯାଇଛି ନଦୀସ୍ରୋତ ପରି ।
ଆଜି ତା'ର ଦେହର ମୂଲ୍ୟ ଅଛି ,
କିନ୍ତୁ ତାର ଯନ୍ତ୍ରଣାର ନାହିଁ ।
ପ୍ରତି ରାତିର ଶେଷରେ
ସେ ନିଜକୁ ପ୍ରଶ୍ନ କରେ
ତା ପରିସ୍ଥିତି ପାଇଁ ଦାୟୀ କିଏ ?
ସେ ନିଜେ ଦାୟୀ ନା ଏ ସମାଜ !

ପଡିଆବାହାଲ, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋକୁଆ ଛାୟା

ସୂର୍ଯ୍ୟକାନ୍ତ ସେଠୀ



ସେଦିନ ବି ଉଇଁଥିଲା ଜହ୍ନ,

ପକ୍ଷେ ଆକାଶରେ କାଳିମାର ଘନ ।

ସ୍ୱର୍ଗୁ ସିଡି ପରି ଲମ୍ବା ରାଜପଥେ ।

ଘଡ୍ ଘଡ୍ ମଟର ଶବଦର ସାଥେ ।

ଶୁନ୍ ଶାନ୍ ସଡ଼କରେ ବେନି ପଟେ ଘନଗଛ,

ହେଡ୍ ଲାଇଟ୍ ଲିଭିଗଲେ ଚମସାର ରାସ ।

ଘାଟିଆ ଖସାଣି ଦେଖି ଶିଆଳର ଡାକ ,

ଘାଟି ପରେ ଗାଁ ମଶାଣିର ଚିରୁଗୁଣୀ ଶେକ ।

ଶୁଣା କଥା ହେଲେ ମଧ୍ୟ ମନକୁ ସେ ଘାରେ ,

ସ୍ଲୋ ସ୍ପିଡ୍ ଖେଳ ଖେଳି ମଟର ମୋ ଗଡେ ।

ନିତି ଦିନ୍ ରାସ୍ତା ଇଏ ଅଛପା ନୁହେଁ,

ତଥାପି ଏ ବାଟେ କାହିଁ ମନେ ପାପ ଛୁଏଁ ।

ବାଲ୍ୟକାଳେ ବାପା ସହ ଯେବେ ଯାଏ ଏଇ ବେଳେ,

ସାର୍ଟରେ ମୁହଁ ମାଡି ଦେଲେ ଘର ମାଟି ହୁଏ ।

ଅନେକ ଦୁରୁ ଦିଶୁଛି ତାଳ ଗଛ ବଣ ,

ଅନେକଙ୍କ ଶେଷ ଯାତ୍ରାର ଦିଏ ସେ ପ୍ରମାଣ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନ ଦ୍ୱିପହରରେ ଏଠି ବୁଲନ୍ତି କୋକୁଆ,

ବଣ ପଟୁ ଭାସି ଆସେ ଛନ୍ଦ କୁଆଁ କୁଆଁ ।

ଡରି ମରି ତର ବରେ ବେଗକୁ ବଢ଼ାଇ,

ତପ୍ତରରେ ମୋଡୁଥାଏ ଆକ୍ସିଲେଟର୍ କାଇଁ ।

ବଣ ପରେ ମଶାଣିର କାଳୀମା ଅନ୍ଧାର,

ଦୁକ୍ ଦୁକ୍ ଜଳୁଥାଏ ଆଜ କାହା ଚିତା ସେଠାରେ ।

ବ୍ରେକ୍ ଦେଲି ସେଇଠାରେ ମୋର କୁଟୁମ୍ବକୁ ଦେଖି ,

ମୁଣ୍ଡପିଟି କାନ୍ଦୁ ଥାଏ ମୋର ସହୋଦର ଗୋଟି ।

ପାଖକୁ ଯିବାରୁ ମୋତେ ପଛରୁ ତ ଭିଡି ,

ଟାଣି ନେଲା ଶୂନ୍ୟେ ଶୂନ୍ୟେ ଦେଇ ନଭ ସିଡି ।

ବାଙ୍କୀ, କଟକ

ଦୂରଭାଷ : ୭୮୫୩୮୩୮୪୮୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳାକହ୍ନେଇ ମୋ କଳାକହ୍ନେଇ

ନଳିନୀ ଦାଶ



କଳା କହ୍ନେଇରେ ମୋ କଳାକହ୍ନେଇ
ତତେ ଥରେ ଦେଲେ ଅନେଇ
ଲୁହ ଆସିଥାଏ ଘନେଇ
କ୍ଷଣେ ନଦେଖିଲେ କାହ୍ନୁ ରେ ମୋର
ମତେ ଦିଶେ ଅନ୍ଧାର
ଚନ୍ଦ୍ରବଦନକୁ ଝୁରି ଝୁରି ଧନ
ଦିନ ସରେନାହିଁ ମୋର ।
କାହାକୁ ଖୁଆଇ ଦେବି ଆରେ ଧନ
କ୍ଷୀର ଲବଣୀ ସର
ଯୁଆଡ଼େ ଯାଉଛି କାନରେ ଶୁଭୁଛି
ମଧୁର ବଇଁଶୀ ସୂର ।
ମୋ ଆଖି ଆଗରେ ନାଚୁ ଅଛି ଧନ
ତୋର ସେ ରଙ୍ଗ ଅଧର
ବାଙ୍କ ଚାହାଣୀରେ ଢ଼ଳିଢ଼ଳି ଚାଲି
ଲାଗଇ କେଡ଼େ ସୁନ୍ଦର ।

ପଣତ କାନିରେ ଘୋଡେଇ ରଖିବି
ଫେରି ଆରେ ଧନ ମୋର
ମଆର ମନଟା ବୁଝେନାହିଁ ଜମା
ଆଖିରେ ଲୁହର ଧାର ।
କେତେ ଜତନରେ ବଢ଼ାଇ ଥିଲିମୁଁ
କାନ୍ଦୁଛିରେ ଗୋପପୁର
କଂସ ଆଦେଶରେ ଅକ୍ରୁର ରଥରେ
ଗଲୁ ମଥୁରା ନଗର ।

ଭିକାରିପଡ଼ା,ଶରଣକୁଳ, ନୟାଗଡ ।
ମୋ ---୯୭୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଦି ଦେଖାହେବ ସଞ୍ଜ ନଇଁଲେ

ସନ୍ଧ୍ୟାରାଣୀ ବେହେରା



ଶିଶୁ ଉଷାକୁ ଆଲିଙ୍ଗନ କରି,
ପ୍ରଭାତେ ତୁମକୁ ଦେଖିଲା ପରେ,
ତରୁଣ ସୂରୁଯ ଭରିଦେଇ ଗଲା ପ୍ରୀତି ସମ୍ଭାର ମୋ ମନରେ ।

ପାରିନି ତୁମକୁ କେବେ କହି ଯାହା,
କହିବି ସେ କଥା ସନ୍ଦିଗ୍ଧ କାଳେ,
କରିବି ତୁମକୁ ପ୍ରେମ ନିବେଦନ ନିଶା ଆସି କାୟା ମେଲିଲେ ।

ଯଦି ତୁମକୁ ନିଜର ଲେଖିବି ମୋ ସୃଷ୍ଟିରେ,
କିଏ ଦେବ ବାଧା, କେଉଁ ଅଧିକାରେ ?
ତୁମ ସହ ଯଦି ସ୍ୱପ୍ନର ଗୋଟେ ନଅର ତୋଳେ ।

ଛନ୍ଦି ମୋର ବାହୁ ଯୁଗଳ ତୁମରି ଗଳେ,
ଅପଲକେ ଚାହିଁ ତୁମରି ମୁଖକୁ,
ତେଜି ସବୁକିଛି ଚିରନିଦ୍ରା ଯିବି ତୁମରି କୋଳେ ।

ଜୀବନ କେଜାଣେ କେମିତି କଟିବ,
ମୃତ୍ୟୁ ଚାହେଁ କିନ୍ତୁ ତୁମ ସ୍ପର୍ଶରେ,
ମୁକ୍ତି ପଥେ ଯାତ୍ରା ମୁଁ କରିବି ଯଦି ଦେଖାହେବ ସଞ୍ଜ ନଇଁଲେ ।

ଝାଡବନ୍ଧ (୭୬୧୧୧୪), ଗଞ୍ଜାମ, ଫୋନ୍ ନଂ- ୬୩୭୧୮୫୪୬୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାପୁ ତୁମେ ଫେରିଆସ

ଡଃ ସ୍ୱର୍ଣ୍ଣ ଲତା ଲେଙ୍କା



ବାପୁ ତୁମେ ଫେରିଆସ ଆଉଥରେ ଏମାଟିକୁ
ଥରେ ଆସି ଦେଖିଯାଅ ତୁମ ସ୍ୱପ୍ନର ଭାରତକୁ
ଅହିଂସାର ଦୃଢ଼ ବଳେ ବିଦେଶୀଙ୍କୁ ହଟାଇଲ
ଜାତିକୁ ସ୍ୱାଧୀନତାର ଅମୃତ ଦାନ ଦେଇଗଲ ।
ବିଶ୍ୱଯାକେ ଆଜି ବି ତ ଚର୍ଚ୍ଚିତ ତୁମ ଜୀବନୀ
ତୁମ ପରି ମହାପୁରୁଷ କେବେତ ଜନମିବେନି
ସ୍ୱର୍ଣ୍ଣିମ ଅକ୍ଷରେ ଲିପିବଦ୍ଧ ତୁମରି ଅମର ନାମ
ଭାରତ ଇତିହାସେ ଚିର ପୂଜ୍ୟ, ଚିର ପ୍ରଣାମ ।
କାନେ କାନେ ଆଉଥରେ ଶୁଣାଇଦିଅ ସେ ମନ୍ତ୍ର
ଭୁଲିଗଲେଣି ଆଜି ସଭିଏଁ ଅହିଂସାର ମହାତନ୍ତ୍ର
ମନେ ପକାଇ ଦିଅ ପୁଣି ସେହି ତ୍ୟାଗର ବାର୍ତ୍ତା
ଏକତାର ସ୍ୱରେ ଗାଇ ଦିଅ ମୁକ୍ତି ସଙ୍ଗୀତ ଗାଥା ।
ତୁମର ପରିକଳ୍ପନାର ସେହି ପବିତ୍ର ରାମରାଜ୍ୟ
ସ୍ୱପ୍ନରେ ହିଁ ରହିଗଲା କି ଆଜି ହୋଇ ଅପୂଜ୍ୟ
ସାମ୍ୟ, ମୈତ୍ରୀ ଭ୍ରାତୃତ୍ୱରେ ଭାରତକୁ ଥିଲ ଗଢ଼ି
ଦେଖ ଆସି ସେ ସ୍ନେହ ଡୋର ଯାଏ କାହିଁ ଛିଣ୍ଡି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିଂସାର ବିଭୀଷିକାରେ ବିଶ୍ୱ ଆଜି ଅଣନିଃଶ୍ୱାସୀ

ଇର୍ଷା, ଦ୍ୱେଷ, ରକ୍ତପାତେ ମାନବତା କାନ୍ଦେ ବସି

ସ୍ୱାର୍ଥପରତାର ମୋହେ ମଣିଷ ହେଲାଣି ତ ଅନ୍ଧ

ଭୁଲିଗଲା ଭାଇଚାରା, ତୁଟିଗଲା ସ୍ନେହର ବନ୍ଧନ ।

ହେ ଜାତିର ପିତା ବାପୁ ଶାନ୍ତି ବାର୍ତ୍ତା ନେଇ ଫେର

ସତ୍ୟର ଆଲୋକେ ଦୂର ହେଉ ସବୁ ଅନ୍ଧକାର

ତୁମ ଆଦର୍ଶର ପଥେ ପୁଣି ଚାଲୁ ଆମରି ଭାରତ

ପ୍ରେମ ଓ ମୈତ୍ରୀର ସ୍ୱପ୍ନ ତୁମର ହେଉ ସାର୍ଥକ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଶୁଭଶ୍ରୀ ଖୁଣ୍ଟିଆ



କୋଟି ଓଡ଼ିଆର ମଉଡମଣୀ ସେ
ମହାପ୍ରଭୁ ଆମ ପ୍ରାଣ
ନୀଳଚକ୍ରେ ନେତ ପତିତପାବନ
ମହାନ ଶ୍ରୀକ୍ଷେତ୍ର ଧାମ

ବଡ଼ ଦେଉଳର ବଡ଼ ଠାକୁର ସେ
ରତ୍ନ ସିଂହାସନେ ବିଜେ
ଭୁଜ ଦ୍ୱୟ ମେଲି ଡାକନ୍ତି ଶ୍ରଦ୍ଧାରେ
ଭକତ ପ୍ରେମରେ ହଜେ

ଓଡ଼ିଆ ଜାତିର ପରିଚୟ ତୁମେ
ଜନମ ଦୁର୍ଲ୍ଲଭ କରି
ପାପକୁ ବିନାଶି ଧର୍ମକୁ ସ୍ଥାପନ
ଯୁଗେ ଯୁଗେ ଅବତରି

ତୁମରି ନୟନ ଆକର୍ଷଣ ମନ
ଭକ୍ତିଭାବ କେନ୍ଦ୍ରବିନ୍ଦୁ
ଧନ୍ୟ କରିଅଛ ଆମରି ଜୀବନ
ବୋଲଇଛ ଜଗବନ୍ଧୁ

ସାରା ବ୍ରହ୍ମାଣ୍ଡ ର ଠାକୁର ବୋଲାଉ
ରଥଯାତ୍ରା ତୋର ଶ୍ରେଷ୍ଠ
ଷାଠିଏ ପଉଟି ତୋ ଅଭଡ଼ା ଅନ୍ନ
ହୁଏନି କେବେ ଉଚ୍ଛିଷ୍ଟ

ଗର୍ବ କରେ ମୁହିଁ ଜନମ ଲଭିଛି
ତୋହରି ପବିତ୍ର ଧାମେ
ତୋର ଲାଗି ପରା ଓଡିଶା ଚିହ୍ନଟ
ଉତ୍ସର୍ଗୀତ ତୋର ନାମେ

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଲକ୍ଷ୍ମୀ ବିଶ୍ୱାଳ



କୋଟି ଓଡ଼ିଆଙ୍କ ମଉଡ଼ମଣି କାଳିଆଧନ
ଭକତ ଅଧୀନ ସେ କଳା ବଦନ
ସିଏ ପରା ଦଉଡ଼ି ଆମେ ତା ଗାଈ
ଜେଣିକି ନିଏ ଟାଣି ଯାଉଛୁ ଧାଇଁ
କାହିଁକି ଏତେ କପଟ
କରୁଛୁ କାହିଁକି ନାଟ
ତୁ ପରା ଆମର ଜୀବନ ଧନ ।।
କୋଟି ଓଡ଼ିଆଙ୍କ ମଉଡ଼ମଣି କାଳିଆଧନ ।

ଭକତଙ୍କ କଷଣ ନ ପାରେ ସହି
ରତ୍ନ ସିଂହାସନ ରୁ ଆସେ ଓହ୍ଲାଇ
ସାଲବେଗ ଡାକ ଶୁଣି ଅଟକି ଗଲା
ଦାସିଆ ବାଉରୀ ହାତୁ ନଡ଼ିଆ ନେଲା
ଭକତ ର ପ୍ରାଣ ଧନ
ଭକତ ଜୀବ ଜୀବନ
ସପନ ରେ ଆସି ଦିଏ ଦର୍ଶନ ।
କୋଟି ଓଡ଼ିଆଙ୍କ ମଉଡ଼ମଣି କାଳିଆଧନ ।

ସୁଦାମ ହସ୍ତରୁ ଖୁଦ ଭଜା ଖାଇଲ
ଯାଚି କରି ଅମାପ ଧନ ଯେ ଦେଲ
ସତ୍ୟ ଧ୍ରୁବ ପ୍ରହ୍ଲାଦ ଡାକ ଶୁଣିଲ
କୁରୁକ୍ଷେତ୍ରେ ପାଞ୍ଚାଳୀର ମାନ ରଖିଲ
କୁବୁଜା ହେଲା ସୁନ୍ଦରୀ
ଶବରୀ ହୋଇଲା ପାରି
ଭକତ ଅଧୀନ କଳା ବଦନ ।।
କୋଟି ଓଡ଼ିଆଙ୍କ ମଉଡ଼ମଣି କାଳିଆଧନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦରଗଢା ହୋଇ ଶ୍ରୀକ୍ଷେତ୍ରରେ ବସିଲୁ
ବରଷକେ ନନ୍ଦିଘୋଷେ ଦର୍ଶନ ଦେଲୁ
କାନ ଡେରି ଶୁଣୁ ଥାଅ ଭକତ ଡାକ
ଡାକୁଥାନ୍ତି ଭକତେ ତ୍ରାହି ଜଗନ୍ନାଥ
ଯୋଗେ ଯୋଗେ ଅବତାରି
ଭକତଙ୍କ ମନୋହାରୀ
ପୂର୍ଣ୍ଣ କରି ଦିଅ ଭକତ ମନ ।।
କୋଟି ଓଡ଼ିଆଙ୍କ ମଉଡ଼ମଣି କାଳିଆଧନ ।
ଭକତ ଅଧୀନ ସେ କଳା ବଦନ ।

ଦହିସଡ଼ା, ସୋର ବାଲେଶ୍ୱର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଦେବେନ୍ଦ୍ର ନାୟକ



ଜୟ ଜଗନ୍ନାଥ କାଳିଆ ସାଆନ୍ତ
ଜୟ ହେ ଶ୍ରୀକ୍ଷେତ୍ରବାସୀ
ବଡ଼ ଦେଉଳରେ ବସିଛ ହେ ପ୍ରଭୁ
ନାଲି ଅଧରରେ ହସି ।
ଭାଇ ଭଉଣୀଙ୍କୁ ସାଙ୍ଗରେ ରଖିଛ
ଭକ୍ତି ସ୍ନେହ ଭାବ ଦେଇ
ଜଗତ ଜନଙ୍କ ମନ କଥା ବୁଝ
ତୁମେ ସେହି ଭାବଗ୍ରାହୀ ।
ଭାବ ଭକତିରେ ଡାକିଲେ ତୁମକୁ
ମନ କଥା ବୁଝି ନିଅ
ପ୍ରତ୍ୟକ୍ଷରେ ଅବା ପରୋକ୍ଷରେ ହେଉ
ମନ ଘେନି ଫଳ ଦିଅ ।
ଷାଠିଏ ପଉଟି ଭୋଗରେ ତୁମର
ଜଗତ ଜନ ବଞ୍ଚନ୍ତି
ଜାତି ଭେଦ ନାହିଁ ବ୍ରାହ୍ମଣ ଚଣ୍ଡାଳ
ଆନନ୍ଦ ମନେ ଖାଆନ୍ତି ।
ଜଗତର ନାଥ କାଳିଆ ସାଆନ୍ତ
ନୀଳାଚଳେ ବସିଅଛ
ସାରା ଜଗତକୁ ତୁମ ଛତ୍ରଛାୟା
ତଳେ ପ୍ରଭୁ ରଖିଅଛ ।
ଯିଏ ଯେଉଁ ରୂପେ ତୁମକୁ ପରୀକ୍ଷା
କରିବାକୁ ଚାହିଁ ଅଛି
ନିଶ୍ଚୟ ତାହାର ପ୍ରତ୍ୟକ୍ଷ ଫଳ ସେ
ଉପଲବ୍ଧି କରିଅଛି ।
କୋଟି ଓଡିଆଙ୍କ ମଉଡମଣି ହେ
ମହାପ୍ରଭୁ ଜଗନ୍ନାଥ
ପତିତପାବନ ବାନା ଉଡାଉଛ
ଦେଖାଇ ସତ୍ୟର ପଥ ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଡଃ ମାହେଶ୍ୱରୀ ଦାଶ



କୋଟି ଓଡିଆଙ୍କ ପ୍ରାଣର ଆରାଧ୍ୟ
କମ୍ବୁକଟକଧୀଶ୍ୱର
କାନ୍ତ କମନୀୟ ଆନନ ଉଦୟ
'କାଳିଆ' ନାମ ବିଶ୍ୱର ।

କାଳନ୍ଦୀ ତଟର ଦର୍ପ ବିନାଶନ
କଳାମୁହଁ କଳାନିଧି
କଳ୍କୀ ଅବତାର ଉଦ୍ଦେଶ୍ୟ ଆଧାର
କମ୍ର ପାର୍ବଣ ପରିଧି ।

କାରଣ ତାରଣ ମାରଣ ବାରଣ
କିମ୍ବଦନ୍ତୀ ମୁଗ୍ଧ ଖେଳା
କୂଟ କପଟିଆ କାଇଁଚ ମାଳିଆ
କାମନା ରହିତ ଭେଳା ।

କୈବର୍ତ୍ତର ପୂଜା କାମନାର ଧ୍ୱଜା
କଇଁ କୌମୁଦୀ ସଂପର୍କ
କନକାଭୂଷଣ ରତ୍ନ ସମ୍ଭାଷଣ
କୋଟି କନ୍ଦର୍ପ ବିତର୍କ।

କୈବଲ୍ୟ ମାଧୁରୀ ନିର୍ମାଲ୍ୟ ଚାତୁରୀ
କାୟମନୋବାକ୍ୟ ବୀଣା
କାମନାର ତଲ୍ପ ମୋହଶୂନ୍ୟ ଗଲ୍ପ
କର୍ମର ପ୍ରୀତି ପାଉଣା ।

କୋଟି ଭାଜ୍ଞନାର ଭବ୍ୟ ହସ୍ତାକ୍ଷର
କୋଟି ବାସନା ମାଉଣି
କୋଟି ରୀତିନୀତି ହସ୍ତର ପ୍ରସ୍ତୁତି
କୋଟି ଓଡିଆଙ୍କ ମଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ସଚିକାନ୍ତ ରଥ



ଜୟ ଜଗନ୍ନାଥ ନୀଳାଦ୍ରିବିହାରୀ
ମହୋଦଧି ତୀର ବାସି,
ଭାଇଭଗିନୀଙ୍କ ମେଳରେ ବିରାଜି
ଦେଉଛ ସଭିଙ୍କୁ ଖୁସି ।

ପତିତପାବନ ବାନା ଉଡାଉଛ
କୋଟି ଓଡ଼ିଆଙ୍କ ମଉଡମଣୀ,
ବରଷକେ ଥରେ ଦେଉଳୁ ବାହାରି
ସଭିଙ୍କର ମନ ନେଉଛ କିଣି ।

ପାତର ଅନ୍ତର ତୋ ଦୁଆରେ ନାହିଁ
ଯିଏ ଯେଉଁ ଭାବେ ଭଜୁବା ତୋତେ,
ଅଥଳ ସାଗରେ କୂଳ ପାଉନାହିଁ
ହାତ ଧରି କୂଳେ ଲଗାଅ ମୋତେ ।

ଅଧାଗଢା ମୂର୍ତ୍ତି ରୂପେ ପୂଜା ପାଅ
କଳିକାଳେ ଜଗନ୍ନାଥ ରୂପରେ
ତ୍ରେତାରେ ଶ୍ରୀରାମ ଦ୍ୱାପରେ ଶ୍ରୀକୃଷ୍ଣ
ଯିଏ ଯେଉଁଭାବେ ଭକତି କରେ ।

ତୋ ବଡଦାଣ୍ଡରେ ନିମିଓ ମାତର
ତୁଳସୀ ମାଳକୁ ପିନ୍ଧେଇ ଦେବି,
ମନ୍ତ୍ର ତନ୍ତ୍ର ଜପ ଜଣାନାହିଁ ଯେଣୁ
ଦିନ ବିତୁଛି ମୋ ତୋ ନାମ ଭାବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋ ମହିମା ଜାଣିବାକୁ ନୁହେଁ କ୍ଷମ
ପାଗଳ ପରାୟେ ହେଉଛି ବାଇ
କୋଟି ଓଡ଼ିଆଙ୍କ ମଉଡମଣୀ ତୁ
ମୋ କଥା ତୋ ପାଖେ ଅଛପା ନାହିଁ ।

କରୁଛି ଦୟିନୀ ହେ କମଳାପତି
କୋଟି ବିଶ୍ୱବାସୀ ମଉଡମଣୀ,
ବିଶ୍ୱ ଭାତୃଭାବ ଜଗାଅ ମନରେ
ଶାନ୍ତିରେ ବଞ୍ଚିବେ ଧରିତ୍ରୀରାଣୀ ॥

ଶକ୍ତିବିହାର, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ସୁଭଦ୍ରା ମହାପାତ୍ର



କୋଟି ଓଡ଼ିଆଙ୍କ ମଉଡ ମଣି ହେ
କୃପାମୟ ଦୀନବନ୍ଧୁ
ତୋ ପଦକୁ ଆଶ କରନ୍ତି ତ୍ରିଦଶ
ସିନ୍ଧୁ ସୁତା ପ୍ରାଣ ବନ୍ଧୁ....

ତୁମ୍ଭ ପଦେ ଆଶ୍ରା ତୁମ୍ଭଙ୍କୁ ଭରଷା
ତୁମେ ହି ସର୍ବସ୍ୱ ମୋର
ତୁମ୍ଭ ପଦେ ମନ ରଖି ହେ ମୋହନ
ନାମ ଘୋଷୁ ଥାଏ ତୋର ....

ପ୍ରୀତି ର ଡୋରି ରେ ବାନ୍ଧିଲୁ କାଳିଆ .
ଛାଡି ମୁଁ ପାରୁନି ରହି .
ବିଷ ପ୍ରାୟ ଲାଗେ ଏ ସାରା ସଂସାର
ଅମୃତ ଭାଣ୍ଡ ମୋ ତୁହି .....

ତୋ ନାମ ଅମୃତ ପାନ କରୁଥିବି .
ତୋ ବଡ ଦାଣ୍ଡରେ ବସି
ଆନନ୍ଦ ବଜାରେ ଅଭଡ଼ା ଅନ୍ନକୁ .
ଖାଉଥିଲେ ବଡ ଖୁସି .

ତୋ ଚକା ଆଖିକୁ ଚାହିଁ ଦେଲେ ଥରେ.
ନ ଦିଶେରେ କିଛି ମୋତେ .
ଜୀବନର ସବୁ ରଙ୍ଗ ମିଳିଯାଏ .
ତୋ ବିମ୍ବା ଅଧରେ ସତେ ...

ତୋ ବାହୁ ଛାୟାର ଆଶ୍ରୟ ଖୋଜୁଛି .
ଚରଣେ ଶରଣ ମାଗେ ..
ଜୀବ ଥିବା ଯାଏ ଶୁଭ ରହିଥାଉ .
କାଳିଆ ତୋ ଭକ୍ତି ମାର୍ଗେ .....

ବଡମ୍ବା, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ହେମନ୍ତ କୁମାର ସାହୁ



ତୁମେ ତ ନାଥ ଜଗତ ନାଥ ପ୍ରଭୁ
ଜଗତ ମଉଡମଣୀ
କେ ପାରିବ ଭଲା ତୁମ ଅନ୍ତ କଳି
କମଳା ଯାର ଘରଣୀ ।
ବୈକୁଣ୍ଠ ପୁରରେ ନିବାସ ଯାହାର
ଚତୁର୍ଦ୍ଧା ମୂରତି ଧରି
ବିଜେ କରିଛନ୍ତି ସେ ପୁରୁଷୋତ୍ତମେ
ତେଜ୍ୟା କରି ଗୋପ ପୁରି ।
ଭକତଙ୍କୁ ଭାବ ବନ୍ଧନରେ ବାନ୍ଧି
ଲୀଳା ଖେଳା କରେ ନୀତି
ବୁଝିବ ଅନ୍ତ ସେ କମଳାର କାନ୍ତ
ଲଗାଇ ଭାବ ପୀରତି ।

କୋଟି ଓଡ଼ିଆର ମଉଡମଣୀ ସେ
ବାର ମାସେ ତେର ଯାତ
ତ୍ରିଭାଙ୍ଗି ଠାଣୀରେ ଅନାଇ ରହିଛି
ନାହିଁ ଯାର ଆଦି ଅନ୍ତ ।
ସେ କରୁଣାକର ଭବ ସିନ୍ଧୁ ପାର
କରିବ ଥିଲେ ଭକତି
ତା କରୁଣା ବିନ୍ଦୁ ପାରି କରେ ସିନ୍ଧୁ
ଯିଏ ପାରିଥାଏ ବାନ୍ଧି ।
ସେ ମଉଡମଣୀ ତା ଗୁଣ ବଖାଣି
ବାକୁ ଅଛି କାର ସାଧ୍ୟ
ଯେ ଗୀତିଗୋବିନ୍ଦ ଶୁଣି ହୁଏ ତୋଷ
ପାଅ ତାର ମକରନ୍ଦ ।

ମାହାଙ୍ଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଭାସ୍କର ରାଉତ



ଜୟ ଜୟ ଜଗନ୍ନାଥ ହେ ପ୍ରଭୁ କମଳା କାନ୍ତ
କୋଟି ଓଡ଼ିଆଙ୍କ ତୁମେ ମଉଡ଼ ମଣି
ଶଙ୍ଖ ନାଭି ମଣ୍ଡଳରେ ରତ୍ନ ସିଂହାସନ ପରେ
ବିଜେ କରିଅଛ ଘେନି ଭାଇ ଭଉଣୀ ।
ଡାକି ଡାକି ଥକି ଗଲିଣି,
ମୋ ଡାକକି ପ୍ରଭୁ ତୁମ କର୍ଣ୍ଣେ ଶୁଭୁନି ।।

ତବ ଗଢ଼ା ଏ ସଂସାର ଆଜି ସେତ ଛାରଖାର
ବିକଳେ ଚିତ୍କାର କରେ ଧରଣୀ ରାଣୀ
ମାନବ ରୂପରେ ଦେଖ ଦାନବ ଗୁଡ଼ା ପ୍ରତ୍ୟକ୍ଷ
ଦିନ ରାତି ନିର୍ବିକାରେ ଚାଲନ୍ତି ଝୁଣି ।
ଦୁଃଖ ତାର ବଳି ଗଲାଣି,
ଆସ ଅବତରି ଅବତାରକୁ ଘେନି ।।

ଧରଣୀରୁ ପାପରାଶି ଦେବାକୁ ପ୍ରଭୁ ବିନାଶି
ଧରିଅଛ ଅବତାର ଅନେକ ଥର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଷ ଅବତାର ଧରି ବେଗେ ଆସି ଅବତରି

ଦାନବ ଗଣଙ୍କୁ ବେଗେ ସଂହାର କର ।

ଏ ସୃଷ୍ଟି ଭାରାକୁ ନିବାର,

ଭୟରେ କାତର ଆଜି ଭକ୍ତ ତୁମ୍ଭର ।।

ନ ମାଗଇ ଧନ ଜନ ଅବା ମାନ ସନମାନ

ନ ମାଗଇ ଗତି ମୁକ୍ତି ଆହେ ଶ୍ରୀ ପତି

ଧରଣୀର ଦୁଃଖ ଭାର ବେଗେ ତାହାକୁ ନିବାର

ଏତିକି ଜଣାଏ ତବ ଛାମୁରେ ନୀତି ।

ନାହିଁ ମୋର ଭାବ ଭକତି,

ମୁଁ ଜଣେ ପତିତ ମୁଢ଼ ଅଜ୍ଞାନ ମତି ।।

ଦେବମାୟା ଭବନ

ଶେରଗଡ଼,ଗଞ୍ଜାମ


୯୭୭୬୪୮୬୭୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ବୀଣା ସାହୁ



କୋଟି ଓଡିଆଙ୍କ ମଉଡ ମଣି ଯେ
ମୋ ପ୍ରଭୁ ଜଗତ ନାଥ,
ଆରତ ଜନଙ୍କୁ ଉଦ୍ଧାରିବା ପାଇଁ
ବଢାନ୍ତି ଆଶିଷ ହାତ ।

ରତନ ବେଦିରେ ବିଜେ କରିଛନ୍ତି
କୋଟି ଓଡିଆଙ୍କ ପ୍ରାଣ,
ଶ୍ରୀମୁଖ ଚାହିଁଲେ ନିମିଷକେ ଯାଏ
ଦୂରେଇ ପାପ ଦହନ ।

ଛପନ ଭୋଗରେ ମହାପ୍ରସାଦର
ମହିମା ଅଟେ ଅପାର,
ଜାତି ଅଭିମାନ ଭେଦ ଭାବ ନାହିଁ
ସର୍ବେ ହୁନ୍ତି ଏକାକାର ।

ରଥଯାତ୍ରା ଆସେ ବଡ଼ଦାଣ୍ଡ ହସେ
ଯାଆନ୍ତି ମାଉସୀ ଘର,
ପତିତପାବନ ବାନା ଉଡଇ ଯେ
ସହାୟ ଦୟାସାଗର ।

ଭାବର ଶିକୁଳି ଭାବରେ ବାନ୍ଧନ୍ତି
ଭାବଗ୍ରାହୀ ମୋ ସାଆନ୍ତ,
ଚରଣେ ତୁମର ଶରଣ ମାଗୁଛି
ତୁମେ ପ୍ରଭୁ ଦୟାବନ୍ତ ।

ନାହିଁ ରୂପ ରେଖ ତଥାପି ବିରାଜ
ସୁନ୍ଦର କଳା ଶରୀର,
ଭକତଙ୍କ ଦୁଃଖ ସାଉଁଟି ନିଅନ୍ତି
ପ୍ରିୟ କାଳିଆ ଠାକୁର ।

ତୁମ ଦୟା ଦୃଷ୍ଟି ରଖିଥିବ ସଦା
କେବେ କରିବନି ପର,
ନିତି ଦେଖି ତୁମ କଳା ଶ୍ରୀ ମୁଖ କୁ
ତୃପ୍ତ ହେଉ ଆତ୍ମା ମୋର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଏଲିଜା ଜେନା



କୋଟି ଓଡିଆଙ୍କ ପ୍ରାଣର ଠାକୁର
ହେ' ନୀଳଗିରି ନିବାସୀ
ତୁମ ଶ୍ରୀମୁଖର ସେ ମଧୁର ହସ
ମନେ ଦିଏ ଜ୍ୟୋସ୍ନା ରାଶି ।

ଉତ୍କଳ ଭୂଇଁର ପରିଚୟ ତୁମେ
ତୁମେ ଆମ ଅଭିମାନ
ତୁମ ଚରଣରେ ଅର୍ପଣ କରୁଛୁ
ଏ ଦେଶର କୋଟି ପ୍ରାଣ ।

ରଥଯାତରା ରେ ବଡ଼ଦାଣ୍ଡ ହୁଏ
ଭକତର କେତେ ମେଳା
ଜାତି ଅଜାତିର ଭେଦ ଭାବ ଭୁଲି
ଦେଖାଦିଅ ଚକାଡୋଳା

ସଭିଙ୍କୁ ଆଦରି ନେଇ ଥାଅ ତୁମେ
ବାହୁକୁ ଦେଇ ପ୍ରସାରି
ତୁମର ସେ ପ୍ରେମ ସାଗରରେ ପ୍ରଭୁ
ଯାଏ ଦୁଃଖ ସବୁ ହରି

ଭାବର ଠାକୁର ତୁମେ ଜଗନ୍ନାଥ
ଭକତିର ତୁମେ ଦାସ
ତୁମ କୃପା ବଳେ ଧନ୍ୟ ହୁଏ ସତେ
ଓଡିଆଙ୍କ ଇତିହାସ ।

କୋଟି ଓଡିଆଙ୍କ ଆଖିର ସପନ
ଶ୍ରୀମନ୍ଦିର ନେତ ବାନା
ତୁମ ପ୍ରେମ ଆଗେ ହାର ମାନି ଯାଏ
ଦୁନିଆର ସବୁ ସେନା ।

ସଭିଙ୍କ ମୁଖରେ ଧ୍ୱନୀତ ହେଉ ଯେ,
ପ୍ରଭୁ ତୁମ ଜୟଗାନ
ଜୟ ଜଗନ୍ନାଥ ଜୟ ହେ ଓଡିଶା
ଏହି ଆମ ନିବେଦନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଅନୁପୂର୍ଣ୍ଣା ପାଲ



ନୀଳାଚଳ ଧାମର ନୀଳମଣି
କୋଟି ଓଡ଼ିଆଙ୍କ ମଉଡ଼ ମଣି
ତୁମ ନାମ ନେଲେ ଅନ୍ତରେ ମୋର
ଜାଗିଉଠେ ଭକ୍ତିର ରାଗିଣୀ

ମହୋଦଧିର ନୀଳ ଲହରୀ
ତୁମ ମହିମା ଗାଏ ଅନନ୍ତ
ବଡ଼ଦାଣ୍ଡର ଧୂଳି କଣିକା
ମୋ ପାଇଁ ଚନ୍ଦନଠାରୁ ପବିତ୍ର

ବାଇଶି ପାହାଚ ଚଢ଼ି ଚଢ଼ି
ଭକ୍ତ ଖୋଜେ ତୁମ କରୁଣା ଦୃଷ୍ଟି
କଳା ଦେହରେ ଧଳା ହସ ନେଇ
ତୁମେ ବାଣ୍ଟ ଅସୀମ ପ୍ରୀତି

ନୀଳଚକ୍ର ଉପରେ ପତିତପାବନ ବାନା
ପବନେ ଉଡ଼ି କହେ ତୁମ କଥା
ଦୂର ଦିଗନ୍ତରୁ ଯିଏ ଚାହିଁଦିଏ
ତା' ମନେ ଭରିଦିଅ ଆଶାର ବ୍ୟଥା

ରଥର ଚକ ଗଡ଼ିଲେ ବଡ଼ଦାଣ୍ଡେ
ଉଠେ ଭକ୍ତିର ମହାଜୁଆର
"ଜୟ ଜଗନ୍ନାଥ" ଧ୍ୱନିରେ କମ୍ପେ
ନୀଳାଚଳଠାରୁ ମହୋଦଧିର ପାର

ତୁମେ ଓଡ଼ିଆ ମାଟିର ମମତା
ତୁମେ ଓଡ଼ିଆ ହୃଦୟର ସ୍ପନ୍ଦନ
ଓଡ଼ିଆ ଜାତିର ପରିଚୟର ଦର୍ପଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧନୀର ଦ୍ୱାରେ ତୁମେ ଯେ ଠାକୁର
ଦୀନର କୁଡ଼ିଆରେ ସେଇ ଆପଣ
ଭକ୍ତିରେ ଯିଏ ଡାକେ ତୁମକୁ
ତା' ପାଇଁ ଖୋଲିଯାଏ କରୁଣାର ଭୁବନ

ହେ ଦାରୁବ୍ରହ୍ମ, ହେ ଚକାଡୋଳା
ହେ ପତିତପାବନ ନାଥ
ଜନ୍ମ ଜନ୍ମାନ୍ତରେ ରହୁ ମୋ ମନେ
ତୁମ ନାମର ପବିତ୍ର ପ୍ରଭାତ

କୋଟି ଓଡ଼ିଆଙ୍କ ମଉଡ଼ ମଣି
ତୁମେ ଆମ ଅସ୍ମିତା, ତୁମେ ଆମ ଗର୍ବ
ତୁମ ଚରଣେ ଶିର ନୁଆଁଇ
ଧନ୍ୟ ହେଉ ଏ ଜୀବନ, ଧନ୍ୟ ହେଉ ଏ ଜନ୍ମ

ପାଟକୁରା, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ଅନିତା ମିଶ୍ର



ହେ ନୀଳ ସୁନ୍ଦର ଆହେ ଜଗନ୍ନାଥ
କୋଟି ଓଡିଆଙ୍କ ମଉଡ଼ମଣି
ଅଖିଳ ବ୍ରହ୍ମାଣ୍ଡ ନିଖିଳ ପତି ସେ
ଶ୍ରୀକ୍ଷେତ୍ର ଧାମର ଶ୍ରୀ ନୀଳମଣି

ସର୍ବବ୍ୟାପି ପ୍ରଭୁ ସର୍ବ ହୃଦବାସୀ
ସାରା ଜଗତର ଦକ୍ଷ ବିନ୍ଧାଣି
ରତ୍ନ ସିଂହାସନେ ବିରାଜମାନ ସେ
ଭାଇ ଭଉଣୀଙ୍କୁ ସଙ୍ଗତେ ଘେନି ।

ନୀଳାଚଳ ବାସୀ ଦାରୁବ୍ରହ୍ମ ରୂପ
ଭକତର ବନ୍ଧୁ ଭକ୍ତ ରତନ
ଭକ୍ତ ପାଇଁ କରେ ଅସାଧ୍ୟ ସାଧନ
ତା ପ୍ରେମେ ବନ୍ଧା ସେ ପ୍ରତିଟି କ୍ଷଣ ।

ମହୋଦଧି ତଟେ କଳିରେ କାଳିଆ
କରେ ମାନବୀୟ ତା ଲୀଳାଖେଳା
କୋଟି ଜନମନ ମୋହିନିଏ ସିଏ
ଦେଖାଇ ଅପୂର୍ବ ମାନବ ଲୀଳା ।

ଏମିତି ଠାକୁର ନାହିଁ ତ କେଉଁଠି
ନର ପରି କରେ ସେ ଆଚରଣ
ବାର ମାସେ ତେର ପରବ ତାହାର
ଭକ୍ତ ଲାଗି ତାର ଏତେ ବିଧାନ ।

ପରବ ମଧ୍ୟରେ ଶ୍ରେଷ୍ଠ ରଥ ଯାତ୍ରା
ସର୍ବତ୍ର ପୂଜିତ ସର୍ବ ଚର୍ଚ୍ଚିତ
ପ୍ରଭୁଙ୍କର ଅଟେ ବଡ଼ ଲୀଳା ଖେଳା
ବିଶ୍ୱ ଦରବାରେ ସର୍ବ ବିଦିତ ।

ନବ କଳେବର ଅନ୍ୟ ଏକ ଲୀଳା
ଘଟ ହୋଇଥାଏ ପରିବର୍ତ୍ତନ
ସ୍ରଷ୍ଟା ସେ ସୃଷ୍ଟିକୁ କେମିତି ଭୁଲିବ
ସମସ୍ତଙ୍କୁ ଦିଏ ଯଥା ପ୍ରାଧାନ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ରୀତାରାଣୀ ଦାଶ



କୋଟି ଓଡ଼ିଆଙ୍କ ମଉଡମଣି ସେ
ପତିତପାବନ ସେ ଜଗନ୍ନାଥ
ସବୁ ମଣିଠାରୁ ଚମକ ଅଧିକ
ଇଷ୍ଟଦେବ ରୂପେ ସେ ଅଧିଷ୍ଠିତ ।

ଓଡ଼ିଆଙ୍କ ଭାବ ପ୍ରଭୁ ଜଗନ୍ନାଥ
ଓଡ଼ିଆ ପାଇଁକି ମହାନାୟକ ୦
ଭକତ ସହିତ ନାଚି ନାଚି ଆସେ
ରଥେ ବିଜେ ହୋଇ ଆଣି ପୁଲକ ।

ହସ୍ତ ପାଦ ଶୂନ୍ୟ ତଥାପି ସମ୍ପୂର୍ଣ୍ଣ
ମନୋବାଞ୍ଛା ପୂର୍ଣ୍ଣ କରେ ସବୁରୀ
ଭକତ ଅଇଁଠା ମାଗିଖାଏ ବୋଲି
ଭକତ ବାନ୍ଧବ ସେ ଦଇତାରୀ ।

କୋଟି ଓଡ଼ିଆଙ୍କ ମଉଡମଣି ସେ
ନୁହଁଇ ପଥର ଅନୁଭବରେ
ପ୍ରବାସେ କହିଲେ "ଜୟ ଜଗନ୍ନାଥ "
ଲୋତକ ଆସଇ ତ ନୟନରେ ।

ନୀଳାଦ୍ରି ବିହାରୀ ପ୍ରଭୁ ନାରାୟଣ
ଅଲୌକିକ ତାଙ୍କ ପ୍ରତିଟି ଗୁଣ
ସର୍ବାଙ୍ଗ ଶରୀର ଦାରୁରେ ନିର୍ମିତ
ନବ କଳେବର ହୁଅନ୍ତି ପୁଣ ।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ
ସମାନ ବିଚାର ଭକତ ପାଇଁ
ମହାପ୍ରସାଦର ଶେଷ ନାହିଁ ତାଙ୍କ
ଭୁଞ୍ଜନ୍ତି ଭକତ ପେଟ ପୂରାଇ ।


କେବଳ ମୂରତି ନୁହଁଇ କାଳିଆ
ସେ ଅଟନ୍ତି ପରା ଉଜ୍ଜ୍ୱଳ ସ୍ମୃତି
ଚକା ଆଖିରେ ସେ ନିରେଖି ବସିଛି
ଦେଖିବ ବୋଲିକି ଓଡ଼ିଆ ସ୍ଥିତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ନିବେଦିତା ପଣ୍ଡା



ନୀଳକନ୍ଦରରେ ବିରାଜମାନ ହେ
ମଣିମା ନିଳାଦ୍ରି ମଣି,
ରତ୍ନ ବେଦୀ ରତ୍ନ ସିଂହାସନ ପରେ
ଖଚିତ ଯେ ରତ୍ନ ଖଣି ।

ହୀରା,ଲୀଳା,ମୋତି, ମାଣିକ ବୈଦୁଯ୍ୟ
ଅଛି ଇନ୍ଦ୍ର ନୀଳମଣି,
ଲକ୍ଷେ ଶିଳା ଗ୍ରାମେ ରତ୍ନସିଂହାସନ
ପୁଣି ଚନ୍ଦ୍ରକାନ୍ତି ମଣି ।

ସବୁ ମଣିଙ୍କର ସମାହାର ତୁମେ
ଶ୍ରୀକ୍ଷେତ୍ର ମଉଡମଣି,
ନୀଳକନ୍ଦର ରେ ତୁମେ ହିଁ ତ ମଣି
ଦାରୁବ୍ରହ୍ମ ନୀଳମଣି ।

ରତ୍ନ ସିଂହାସନେ ଚତୁର୍ଦ୍ଧା ମୂରତୀ
ଦର୍ଶନ କରିଲେ ଯାଇ
କୋଟି ଜନ୍ମ ପାପ ଖଣ୍ଡନ ହୁଅଇ
ପୁଣ୍ୟ ଫଳ ମିଳିଥାଇ ।

ରହି ନୀଳାଚଳେ ନୀଳ ସିନ୍ଧୁ କୂଳେ
ନୀଳ କନ୍ଦରେ ବିଦିତ,
ନୀଳଚକ୍ର ତୁମ ପତିତ ପାବନ
ଶ୍ରୀମନ୍ଦିର ଶୀରି ନେତ ।

ନିଜେ ହିଁ ନିଜର ସ୍ରଷ୍ଟା ମହାପ୍ରଭୁ
ନାହିଁ ତୁମର ତୁଳନା,
ଅବର୍ଣ୍ଣନୀୟ ହେ ! ଅମାପ ଅସୀମ
କେ' କରି ପାରେ କଳନା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀଳ ମାଧବରୁ ପରମବ୍ରହ୍ମ ଯାଏ
ସର୍ଜନାର ମୂଳାଧାର,
ଚଉଦ ବ୍ରହ୍ମାଣ୍ଡ ବିଶ୍ୱ ଭୁବନର
ସବୁ ସର୍ଜନା ତୁମର ।

ଜଗନ୍ନାଥ ! ତୁମେ ଜଗତର ନାଥ
ସମଗ୍ର ପାଳନକର୍ତ୍ତା,
ଆକାଶ, ସାଗର, ମାଟି, ତରୁ, ଲତା
ସଭିଙ୍କ ପରମପିତା ।


ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ନରେନ୍ଦ୍ର କୁମାର ଦାସ



କୋଟି ଓଡିଆଙ୍କ ମଉଡ଼ମଣି ହେ
ନୀଳାଦ୍ରୀଶ ନୀଳମଣି ,
ନୀଳ କନ୍ଦରରେ ନୀଳାଦ୍ରି ବିହାରୀ
ରତ୍ନ ବେଦୀ ରତ୍ନମଣି ।
ରତ୍ନ ସିଂହାସନେ ହୀରା ନୀଳା ମୋତି
ମାଣିକ ବୈଦୁର୍ଯ୍ୟ ମଣି,
ଲକ୍ଷେ ଶାଳଗ୍ରାମ ଚତୁଃପାର୍ଶ୍ୱେ ତୁମ
ଇନ୍ଦ୍ରନୀଳ ଚନ୍ଦ୍ରମଣି ।
ସକଳ ମଣିଙ୍କ ସମାହାରେ ତୁମେ
ଶ୍ରୀକ୍ଷେତ୍ର ମଉଡ଼ମଣି ,
ଅଖଣ୍ଡ ମଣ୍ଡଳେ ତୁମେ ହିଁ ତ ମଣି
ଦାରୁବ୍ରହ୍ମ ରତ୍ନମଣି ।
ନୀଳ କନ୍ଦରରେ ରତ୍ନ ସିଂହାସନେ
ବିଜେ ଓଡ଼ିଆର ମଣି,
ଚତୁର୍ଦ୍ଧା ମୂରତୀ ଶୋଭା ପାଉଛନ୍ତି
ଭାବଗ୍ରାହୀ ଶିରୋମଣି ।
ନୀଳ ସିନ୍ଧୁ କୂଳେ ପ୍ରଭୁ ନୀଳାଚଳେ
ବିରାଜିତ ଚକ୍ରପାଣି ,
ଭକ୍ତଙ୍କ ଆରତ ଦୁଃଖ ଅପ୍ରମିତ
ଉଦ୍ଧରୁଛ ନୀଳମଣି ।
ଜଗତର ନାଥ ପ୍ରଭୁ ଜଗନ୍ନାଥ
ତୁମେ ଶଙ୍ଖକ୍ଷେତ୍ର ମଣି ,
ଭକତ ନିମନ୍ତେ ସିଂହାସନ ଛାଡ଼ି
ଦେଖା ଦିଅ ରତ୍ନମଣି ।
ଚଉଦ ବ୍ରହ୍ମାଣ୍ଡ ସର୍ଜନା ତୁମର
ତୁମେ ଅଖିଳର ମଣି ,
ସୂର୍ଯ୍ୟ ଚନ୍ଦ୍ର ଆତଯାତ ହୋଇ ବିଶ୍ୱ ପାଳ
ଯୋଗାଇ ପବନ ପାଣି ।
ଅଗତିର ଗତି ଆହେ ବିଶ୍ୱପତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ହେ ମଉଡ଼ମଣି ,
ବିପଦେ ଆପଦେ ସଦା ସାହା ହୋଇ
ଉଦ୍ଧର ସକଳ ପ୍ରାଣୀ ।
ଅଗତିର ଗତି ତ୍ରିଭୁବନ ପତି
ଇନ୍ଦ୍ରମଣି ନୀଳମଣି ,
ତୁମେ ସ୍ରଷ୍ଟା ରକ୍ଷାକର୍ତ୍ତା ସଂହାରକ
ତ୍ରିପୁରାରି ଚକ୍ରପାଣି ।
ଜଗତ ଜୀବନ ହେ ବିଶ୍ୱ ମୋହନ
ପାଦ ପଦ୍ମରେ ମାଗୁଣି ,
ଘଣ୍ଟ ଘଉଡ଼ାଇ ସାହା ହେଉ ଥାଅ
ଓଡ଼ିଆ ମଉଡ଼ମଣି ।

ଅବସର ପ୍ରାପ୍ତ ଶିକ୍ଷକ
ଦଶରଥପୁର, ଯାଜପୁର
ମୋ-୭୭୩୫୬୦୭୨୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ସୁଶାନ୍ତ କୁମାର ସାହୁ



ରାଗ: ଧାନୀ, ତାଳ: କହରବା

(ସ୍ଥାୟୀ)

ଜୟ ଜଗନ୍ନାଥ ହେ ଚକାନୟନ,
ତୁମେ ସିନା କୋଟି ଓଡ଼ିଆଙ୍କ ପ୍ରାଣ ।
ରତନ ସିଂହାସନେ ବିଜେ ପ୍ରଭୁ ସାଇଁ,
ତୁମ ବିନା ଏ ଜଗତେ କେହି ନାହିଁ । ।

(ଅନ୍ତରା - ୧)

ଶଙ୍ଖ ନାଭି ମଣ୍ଡଳରେ ତୁମରି ଆସ୍ଥାନ,
ଦର୍ଶନେ ହରିଯାଏ ପାପ ତାପ ମାନ ।
ବାଉନ ବଜାର ତୁମ ଛପନ ଭୋଗରେ,
ଭକତ ସନ୍ତୁଷ୍ଟ ହୁଏ ପତିତପାବନରେ । ।

(ଅନ୍ତରା - ୨)

ନୀଳଚକ୍ରେ ଫରଫର ଉଡେ ନେତ୍ର ବାନା,
ତୁମ ଚରଣରେ ଆଶ୍ରେ ଦିଅ କୃପାସିନ୍ଧୁ କାହ୍ନା
କାଳିଆ ସାଆନ୍ତେ ମୋର ଦୁଃଖ ହରିନିଅ,
ଏତିକି ମାଗୁଣି ପ୍ରଭୁ ଚରଣେ ତୁମ ଦିଅ । ।

(ଅନ୍ତରା - ୩)

ରଥଯାତ୍ରା ଆସେ ଯେବେ ବଡ଼ଦାଣ୍ଡ ପଥେ,
ଭକତ ରକତ ଖେଳେ ପ୍ରଭୁ ତୁମ ସାଥେ ।
ନନ୍ଦିଘୋଷେ ବିଜେ କରି କାଳିଆ ଠାକୁର,
ଦୁଃଖ କଷ୍ଟ ନାଶ କର ସଭିଙ୍କର ଘର । ।

(ଅନ୍ତରା - ୪)

କରପତ୍ର ଯୋଡ଼ି ପ୍ରଭୁ ଡାକେ ଏହି ଦାସ,
ତୁମରି ସେବାରେ କଟୁ ମୋର ଆୟୁ ଶେଷ ।
ଜୟ ଜଗନ୍ନାଥ ଧ୍ୱନି ଗଗନେ କମ୍ପଇ,
ତୁମ ନାମ ତେଜି ମୋର ଅନ୍ୟ ଗତି ନାହିଁ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ସୁପ୍ରିୟା ଦାଶ



ରାଗ-ଚୋଖି

ଜୟ ଜୟ ଜଗନ୍ନାଥ
ଯୋଡ଼ି ମୋର ବେନି ହସ୍ତ
ଗୁହାରି କରୁଛି ପ୍ରଭୁ
ତବ ଚରଣେ
ତୁମ ଦି ହସ୍ତ ପ୍ରସାରି
ଆହେ ପ୍ରଭୁ ଦଇତାରି
ଆଶିଷ ପ୍ରଦାନ କର
ଏ ଦୀନଜନେ
ଘେନ ବାରେ ମୋ ନିବେଦନ
ତବ ପଦପ୍ରାନ୍ତେ ମୋତେ
ଦିଅ ହେ ସ୍ଥାନ ।୧।

ଶୁଣିଅଛି ଏହି କର୍ଣ୍ଣ
ହେ ପ୍ରଭୁ କୃପାନିଧାନ
କେତେ ପାପୀ ତାରିଅଛ
ତବ ହସ୍ତରେ
କେତେ ଗୁହାରି ଶୁଣିଛ
ମୋ ବେଳେ ନୀରବ ଅଛ
କାହିଁକି କରୁଣା ଊଣା
କର ଦାସୀରେ
ଆହେ ପ୍ରଭୁ ଚକାନୟନ
ଦୁଃଖୀ ଜଣାଉଛି ଦୁଃଖ
ଶୁଣ ବହନ ।୨।

ନୀଳାଚଳେ ବାସକରି
ଆହେ ଶଂଖଚକ୍ରଧାରୀ
ଦରଶନ ଦେଉଅଛ
ସାରା ସଂସାରେ
କେହୁ ଡାକଇ କାଳିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନରୁ ଫିଙ୍ଗି ଅଳିଆ
ଉନ୍ମତ୍ତ ହୋଇ ସେ ନାଚେ
ମୁକ୍ତି ଆଶାରେ
ତୁମ ବେନି ଭୁଜ ପ୍ରସାରି
ଆଶିଷ ପ୍ରଦାନ କର
ଆହେ ମୁରାରି ।୩।

ଆହେ ପ୍ରଭୁ ଲକ୍ଷ୍ମୀକାନ୍ତ
ଜଗବନ୍ଧୁ ହେ ସାମନ୍ତ
ତୁମ ନାମ ତୁଣ୍ଡେ ଧରି
ଯାଉ ଜୀବନ
ମାଗୁନି ମୁଁ ଧନ ଜନ
ଅବା ମାନ ସନମାନ
ମାଗୁଛି କେବଳ ଆଶ୍ରା
ତବ ଚରଣେ
ଆହେ ପ୍ରଭୁ ଆରତତ୍ରାଣ
ଶେଷ ମନୋବାଞ୍ଛା
ମୋର କର ପୂରଣ ।୪।

ସୁପ୍ରିୟା ଦାସ (ପୁତୁଲ)
ବୁଢାରାଜା ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ସନ୍ତୋଷିନୀ ଦାଶ



କୋଟି ଓଡ଼ିଆଙ୍କ ମଉଡମଣି ହେ
ଦରିଦ୍ର ଜନର ବନ୍ଧୁ
ଦୁଃଖ ଦୁର୍ଦ୍ଦଶାର ବାଦଲ ଭିତରେ
ଦେଖାଦିଅ ହୋଇ ଇନ୍ଦୁ

ତୁମ ଉପସ୍ଥିତି ଲୋକଙ୍କ ମନରେ
ଜଗାଏ ଅନେକ ଶକ୍ତି
ଦୁସ୍ଥ ଜନତାର ମୁଖେ ଖେଳେ ହସ
ପାଇ ତୁମ ସ୍ନେହ ପ୍ରୀତି

ଲୋକଙ୍କ ଭିତରେ ବଟଦ୍ରୁମ ତୁମେ
ଢାଳ ସ୍ନେହସିକ୍ତ ଛାୟା
ସେହି ଛାୟା କ୍ଲାନ୍ତି ହରଣ କରଇ
ଅଦ୍ଭୁତ ତୁମର ମାୟା

ବକୁଳ ବନର ମଳୟ ପରଶେ
ସତ୍ୟବାଦୀ ବିଦ୍ୟାଳୟ
ସ୍ନେହ, ପ୍ରେମ, ତ୍ୟାଗ ହୃଦେ ଭରିବାକୁ
ସତରେ କି ଦେବାଳୟ !

ନିସ୍ୱାର୍ଥ ଭାବରେ ଜନ ସେବା କରି
ହୃଦୟକୁ ନେଲ କିଣି
ସବୁରି ହୃଦୟେ ବାସ କରି ତୁମେ
ଉତ୍କଳ ମଉଡ ମଣି ।

ବରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ନୂତନ କୁମାର ବେହେରା



କୋଟି ଓଡ଼ିଆଙ୍କ ମଉଡ଼ମଣି ତୁମେ ଉତ୍କଳମଣି
ଝୁରନ୍ତି ସକଳେ ତୁମ ମହତ ଗୁଣକୁ ଜାଣି
ଗୋପବନ୍ଧୁ ନାମରେ ହୋଇଛ ତୁମେ ସୁବିଖ୍ୟାତ
ତୁମ ସେବା ତ୍ୟାଗ ଉଦାର ମାନବିକତା ଲାଗି
ତୁମେ ଚିର ନମସ୍ୟ ଚିର ପୂଜ୍ୟ ହେ ବରପୁତ୍ର
ପଦିଏ କବିତାର ପଂକ୍ତିରେ ଝଲସେ ତୁମ ପ୍ରତିଚ୍ଛବି
ଥରାଇ ଦିଏ ଶରୀରର ତନ୍ତ୍ରୀ ଖେଳାଏ ରୋମାଞ୍ଚ
ମଚ୍ଛି ହୋଇଯାଏ ହୃଦୟ ସାଗରର ଭାବ ଭାବନା
ଆଲୋଡ଼ିତ କରେ ମନର ଚିନ୍ତା ଚେତନାକୁ
କଥା ଆଉ କାମରେ ସମନ୍ୱୟତା ଥିଲା ତୁମର
ଦାୟିତ୍ୱ କର୍ତ୍ତବ୍ୟ ତୁଲାଉଥିଲ ଶତ ପ୍ରତିଶତ
ନିଛକ ସତ୍ୟ ଓ ଅହିଂସା ପାଳିବାର ଯୁଗପୁରୁଷ
ଓଡ଼ିଆ ଜାତିର କର୍ଣ୍ଣଧାର ଜାତିର ପ୍ରାଣ ସ୍ପନ୍ଦନ
ଉତ୍ସର୍ଗୀକୃତ ଥିଲା ତୁମର ସମଗ୍ର ଜୀବନ କାଳ
ବାସ୍ତବବାଦୀ ଜାତୀୟତାବୋଧର ସିଦ୍ଧ ସନ୍ନ୍ୟାସୀ
ଥିଲ ଚିରକାଳ ଅମ୍ଲାନ ନିଷ୍କଳଙ୍କ ପବିତ୍ର
ଅଙ୍ଗେଲିଭା ଅନୁଭୂତି ଅଭିଜ୍ଞତାକୁ ପ୍ରକାଶ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମର୍ମସ୍ପର୍ଶୀ ବାଣୀଟିଏ ରଚି ଦେଇ ଗଲ
" ବନ୍ଦୀର ଆତ୍ମକଥା " କବିତାର ପଦ ମଧ୍ୟରେ
" ମିଶୁ ମୋର ଦେହ ଏ ଦେଶ ମାଟିରେ,
.....ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ "
ସ୍ମରଣ ମାତ୍ରେ ଜାଗି ଉଠେ ଓଡ଼ିଆ ଜାତିର ପ୍ରାଣ
ସବୁରି ପାଇଁ ଚିରପୂଜ୍ୟ ନମସ୍ୟ ସଦା ପ୍ରଣମ୍ୟ
କୋଟି ଓଡ଼ିଆଙ୍କ ମଉଡ଼ମଣି ତୁମେ ହେ ଗୋପବନ୍ଧୁ
ଆଦ୍ୟ ଶୈଶବ ଜୀବନେ ହରାଇଥିଲ ମାତାଙ୍କୁ
କୈଶୋରରେ ସାହା ଭରସାର ପିତୃଦେବଙ୍କୁ
ସହି ଅସୀମ ଜୀବନ ଯନ୍ତ୍ରଣାର ମର୍ମାହତ ମାଡ଼
ଶାନ୍ତ ନମ୍ର ଉଦାର ଚିତ୍ତେ ରହିଥିଲ ସ୍ଥିତପ୍ରଜ୍ଞ
କରୁଥିଲ ବହୁ ଅସାଧ୍ୟ ସାଧନର ସେବା ଯତ୍ନ
ହୋଇ ଜନନାୟକ ଦେଶ ଜାତିର ରଖିଥିଲ ମାନ
ଭୁଲି ଯାଇଥିଲ ବ୍ୟକ୍ତିଗତ ପାରିବାରିକ ଜୀବନ
ଭାଷା ଆନ୍ଦୋଳନରୁ ଭାରତର ସ୍ୱାଧୀନତା ସଂଗ୍ରାମ
ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଯାଏଁ ଥିଲ ଅକ୍ଲାନ୍ତ
ସବୁ ସଂଗଠନର ଥିଲ ଅଗ୍ରଦୂତ ପଥପ୍ରଦର୍ଶକ
ମାତୃଭୂମି ମାତୃଭାଷାର ସେବାରେ ଥିଲା ତୁମର
ଅନନ୍ୟ ସ୍ୱେଚ୍ଛାକୃତ ବଳିଦାନ ଅଜସ୍ର ଅବଦାନ
ସମାଜ ଓ ସତ୍ୟବାଦୀ ଓଡ଼ିଆ ପତ୍ରିକାର ପ୍ରତିଷ୍ଠାତା
ମର୍ମେ ମର୍ମେ ଭୋଗୀ ଦାରିଦ୍ର୍ୟତାର କଷାଘାତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନକୁ ତୁମର କରିଥିଲ ତ୍ୟାଗେ ତ୍ୟାଗପୂତ
ହେ ବରେଣ୍ୟ ମହାନ୍ ଅମର ଅମ୍ଲାନ ଆତ୍ମା
ତୁମ ପାଦେ କୋଟି କୋଟି ଶ୍ରଦ୍ଧା ଅର୍ଘ୍ୟର ପୁଷ୍ପାଞ୍ଜଳି
ସଦାସର୍ବଦା ସ୍ୱାଭିମାନୀ ଓଡ଼ିଆ ଜାତି ଦିଅନ୍ତି ଢାଳି
ସୂକ୍ଷ୍ମଲୋକରେ ଥାଇ ଦିଅ ହେ ଅଶେଷ ଆଶିଷ
ଏ ଓଡ଼ିଆ ଜାତିର ପ୍ରାଣରେ ଆସୁ ସୁବୁଦ୍ଧି ସତ୍ୟଜ୍ଞାନ
ବଞ୍ଚିରହୁ ମା' ମାଟିର ସ୍ୱାଧୀନତା ଅସ୍ମିତା ସ୍ୱାଭିମାନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଓଡ଼ିଆଙ୍କ ମଉଡ଼ମଣି

ରଞ୍ଜିତା ତ୍ରିପାଠୀ



କୋଟି ଓଡିଆର ମଉଡ଼ମଣି ଗୋ
ହେ ପ୍ରଭୁ କଳାସାଆନ୍ତ
ତୁମେ ଥାଉ ଥାଉ ଅଳିକ ସଂସାରେ
ହେବି କି ଆଉ ଅନାଥ ।

ତୁମେ ତାତମାତ ତୁମେ ମୋର ବନ୍ଧୁ
ତୁମେ ମୋ ଅତି ନିଜର
ବିପଦେଆପଦେ ହାତ ଛାଡିବନି
କରିବନି ମୋତେ ପର ।

ମୋର ମଥା ପରେ ତୁମ ହାତ ଥିଲେ
ଦୁନିଆକୁ ନାହିଁ ଡର
ସତ୍ୟ ପଥେ ମୋତେ ଚଳାଇ ନେବ ହେ
ମିଥ୍ୟାକୁ କରିଣ ଦୂର ।

କୋଟି ଓଡିଆଙ୍କ ବିଶ୍ୱାସ ଭରସା
ତୁମେ ପ୍ରଭୁ ଜଗନ୍ନାଥ
ତୁମ ଆଶୀର୍ବାଦ କରିଣ ପାଥେୟ
ଚାଲୁଥିବୁ ଆମେ ପଥ ।

ଜୀବନେ ଆସିଲେ ବିପଦଆପଦ
ଘଣ୍ଟ ଘୋଡ଼ାଇ ରଖିବ
କୋଟି ଓଡିଆଙ୍କ ମଉଡ଼ମଣି ହେ
ଜନତାଙ୍କ ଦୁଃଖ ବୁଝିବ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକାଳ ଧୂପରେ ତୁମେ

ଡଃ ଜ୍ୟୋସ୍ନାମୟୀ ସାହୁ



ହେ ପ୍ରଭୁ !

ତୁମେ ସକାଳର ପ୍ରଥମ ଦୁବଘାସ ରଓଠରେ,

ମୁକ୍ତାବିନ୍ଦୁର ଶିଶିରହୋଇ ଆସ,

ସେହି ଶିଶିର କଣିକାରେ ମୁଁ ଦେଖେ,

ତୁମର ଅନୁପମ ଆଲେଖ୍ୟ ।

ପ୍ରଥମ ପ୍ରସ୍ଫୁଟିତ ପୁଷ୍ପର ବୃନ୍ତରେ

ଓ ପ୍ରଜାପତିର ଡେଣାରେ ଶୁଭେ ତୁମରି ସୁର ।

ମଲ୍ଲୀ ଫୁଲର ଝୁଲଣାରେ ତୁମେ,

କଦମ୍ବଫୁଲ ର ନବ କୋରକରେ ତୁମେ,

ହଳଦୀବସନ୍ତର ଆଖିର କଜଳରେ ତୁମେ,

କୁକୁଟ ର ଲାଲି ମୁକୁଟରେ ବି ତୁମରି ସତ୍ତା ।

ଦୂର ମନ୍ଦିର ଗବାକ୍ଷରୁ ଭାସିଆସେ

ତୁମରି ଶଙ୍ଖଧ୍ୱନିର ଦିବ୍ୟ ପ୍ରତିଧ୍ୱନି,

ସେଥିରେ ଝଲସେ ତୁମର ଅନନ୍ତ ବିଭୂତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହସାଇ ଦିଅ ପ୍ରଭୁ ଏ ମହିମଣ୍ଡଳକୁ,

ବାନ୍ଧିନିଅ ସମସ୍ତଙ୍କୁ ତୁମର ସ୍ନେହ, ପ୍ରେମ ଓ ପ୍ରୀତିର ଡୋରୀରେ।

ଆଜିର ଏ ନୂତନ ଦିବସଟିକୁ

ସମସ୍ତଙ୍କ ପାଇଁ ମଙ୍ଗଳମୟ କରିଦିଅ ।

ହେ ସୁର୍ଯ୍ୟ ନାରାୟଣ, ତୁମେ ହିଁ ସମସ୍ତ ଶକ୍ତିର ଆଧାର,

ତୁମେ ହିଁ ଚରାଚରର ଏକମାତ୍ର ସାକାର ରୂପ ।

ଏ ସଂସାର ନାଟକର ତୁମେ ହିଁ ନାୟକ ।

ଆଜିର ଦିନଟି ସମସ୍ତଙ୍କ ଜୀବନରେ

ପ୍ରେମ, ଆନନ୍ଦ ଓ ସକାରାତ୍ମକତାର ଫଳ ଭରିଦେଉ,

ଏତିକି ମୋର ତୁମ ଚରଣେ ବିନମ୍ର ନିବେଦନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟ ବୋଲି ତୁ !

ସୁଜିତ କୁମାର ମିଶ୍ର



ହୃଦୟ ବୋଲି ତୁ ଦରଦୀ ଦୀପର ଅନାବିଳ ଲୁହ ଶିଖା,
ଆଶାର କିରଣ ଆଞ୍ଜୁଳା ଆଞ୍ଜୁଳା ଭେଟି ଦେଉ ଯେବେ ଦେଖା ।
ହୃଦୟ ବୋଲି ତୁ ପ୍ରେମ ବାଣ୍ଟୁଥାଉ ଓଦାଚିଠି ଦେହ ହୋଇ,
ନିଦରେ ନିଦରେ ସପନ ଦେଖାଉ ନିବିଡ ଚୁମ୍ବନ ଦେଇ ।

ହୃଦୟ ବୋଲି ତୁ ଅଯାଚିତ ତୋର ଆପଣାପଣର ଭାବ,
ମୌନାବତୀ ଓଠେ ଭରିଦେଉ ଖୁସି ଆନନ୍ଦର ମହୋତ୍ସବ ।
ହୃଦୟ ବୋଲି ତୁ ଅୟୀ ଶ୍ରାବଣରେ ଫଗୁଣର ଅଭିସାର,
ପ୍ରଣୟ କୁଞ୍ଜରେ ଅନ୍ତରଗଂତାର ପୁଲକିତ ଗୀତି ସୁର ।

ହୃଦୟ ବୋଲି ତୁ ନିଃସ୍ୱ ଅଗଣାରେ ବିଶ୍ୱ ପ୍ରେମ ପରିପାଟୀ,
ଯାତନା ଯେଉଁଠି ଚିତ୍ରିତ ସେଇଠି ଜହ୍ନ ଆଲୁଅର ଝୋଟି।
ହୃଦୟ ବୋଲି ତୁ ଲାଞ୍ଛନା ବୋଳି ବି ଉଦାର ପୁନେଇଁ ରାତି,
ସକଳ ତାତିର ରୁକ୍ଷ ମଧ୍ୟାହ୍ନରେ ଶରତ ସକାଳ ପ୍ରୀତି ।

ହୃଦୟ ବୋଲି ତୁ ଜୀବନ ସର୍ବସ୍ୱ ଜୀଇଁବାର ସଞ୍ଜିବନୀ,
ସୁଖଦୁଃଖରେ ତୋ କୋହରୁ ଝରଇ ଶ୍ରଦ୍ଧାରାଗ ଶଂଙ୍ଖଧ୍ୱନି ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ୭୬୮୩୮୬୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଗ୍ରାମ

ଅବିନାଶ ରଥ



ସଂଗ୍ରାମ ବିନାତ ମିଳେନି
କିଛି ମହୀମଣ୍ଡଳେ,
ସଂଗ୍ରାମ ନକରି ମିଳିବ
କିବା ଭାଗ୍ୟର ବଳେ ।୧।

ବାଉନ କୋଟିର ଭଣ୍ଡାର
ଲୋକ ତେପନ କୋଟି,
ବିନା ସଂଗ୍ରାମରେ ନମିଳେ
ଯେତେ ହୁଅବି ପିଟି ।୨।

ସଂଗ୍ରାମ ନୁହଁଇ ସର୍ବଦା
ଖାଲି ଖଟ ମୁଣ୍ଡଅ,
ମୁଣ୍ଡ ଖଟେଇକି ଚାଲିଲେ
ତାର ମୂଲ୍ୟତ ପାଅ ।୩।

ବୃଥା ସଂଗ୍ରାମରେ ନଥାଏ
କିଛି ଜୀବର ଲାଭ,
ଯୋଜନାରେ କାମ କରିଲେ
ତାର ଭଲ ହୋଇବ ।୪।

ଆଶା ରଖି କାର୍ଯ୍ୟ କରିଲେ
ଦିନେ ସଫଳ ହେବ,
ନିରାଶାରେ ଯଦି ରହିବ
ତେବେ କଷ୍ଟ ପାଇବ ।୫।

ଛୋଟ ବଡ କିଛି ନାହିଁତ
କାର୍ଯ୍ୟ କରିବା ପାଇଁ,
ଏହି ବିଚାରରେ ରହିଲେ
କିଛି ମିଳଇ ନାହିଁ ।୬।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଧିର ବିଧାନ ଏହିତ
ତାର ବିକଳ୍ପ ନାହିଁ,
ଭୋଗର ଶରୀର ପାଇଛୁ
ଭୋଗ କରିବା ପାଇଁ ।୭।

ଯେଉଁପରି କାର୍ଯ୍ୟ କରିବୁ
ସେହି ଫଳ ପାଇବୁ,
ସଂଗ୍ରାମ ନକରି ଭାବୁଛୁ
ଏଠି ସୁଖେ ରହିବୁ। ୮।

ଅବିନାଶ ରଥ
ଶିବାଜୀ ନଗର, କଟକ
୯୪୩୭୦୩୭୨୮୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁ କଣ ସାକ୍ଷାତ ଈଶ୍ୱର ?

ସୌଦାମିନୀ ତ୍ରିପାଠୀ



ଆମ ଜନ୍ମ ଭୂମି ମାତାପିତା ଗୁଣୀ
ଶିକ୍ଷା ଦୀକ୍ଷା ଗୁରୁ ଜନ
ଲାଳନ ପାଳନ ଦିବ୍ୟ ଜ୍ୟୋତି ଜ୍ଞାନ
ମାଟି ମାଆଙ୍କୁ ସମ୍ମାନ ।
ଭାରତେ ଭାରତୀ ସଂସ୍କାର ସଂସ୍କୃତି
ପାଣି ପବନର ଦାନ
ବିଦ୍ୟା ବିନୟ ବ୍ୟବହାର ଅନୁନୟ
ମାଆ ଭାଷା ପ୍ରତିଦାନ ।
ରାମ ଜନ୍ମ ଭୂମି କୃଷ୍ଣ କ୍ରୀଡ଼ା ଭୂମି
ବୁଦ୍ଧ ଦେବ ତପୋଭୂମି
ଗଙ୍ଗା ଯମୁନା ସ୍ରୋତେ ପୂଣ୍ୟ ଧନ୍ୟା
ସେଙ୍କାରେ ଶ୍ରେଷ୍ଠତା ଧର୍ମୀ ।
ଭାରତ ଦେଶରେ ମୋ ଉତ୍କଳ ଦେଶ
ଓଡ଼ିଶା ଓଡିଆ ରାଜ୍ୟ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଶ୍ରୀ କ୍ଷେତ୍ର ରାଜାର ଶୌର୍ଯ୍ୟ ।
ଲକ୍ଷ୍ମୀ ଠାକୁରାଣୀ ମାଆ ଓଡ଼ିଆଣୀ
ଓଡ଼ିଆଙ୍କ ସାଆନ୍ତାଣୀ

ମୁରୁକି ହସରେ ଆମ ମା ଭାଷାରେ
ଭାଷା ଟାଣ ମନ ଜିଣି ।
ଆମେରେ ଓଡ଼ିଆ ଭାରି ସରଳିଆ
ଓଡିଆ ଭାଷାଟି ଭାରି ବଢିଆ
ଓଡିଆ ଭାଷାର ସୁରକ୍ଷା ପ୍ରଚାର
ଆମ ମା ଭାଷା ଭାରି ସୁଆଦିଆ।
ସାରଳା ଦାଶ ଓ ଜଗନ୍ନାଥ ଦାସ
ମଧୁସୂଦନ ଦାସଙ୍କ ଶତଶତ ଚେଷ୍ଟା
ଓଡିଆ ଭାଷାର ସାହିତ୍ୟ ମାନ୍ୟତା
ଭାଷା ସାହିତ୍ୟର ମାନ ପ୍ରତିଷ୍ଠା ।
ଉଣିଷ ଚଉଦ ଓଡ଼ିଆ ଭାଷା ମାନ୍ୟତା
ଭାଷାର ମାନକୁ ଆମେ ରଖିବା
ଯହିଁ ଯେତେ ଦୂରେ ମଙ୍ଗଳ ଚାନ୍ଦେ ଗଲେ
ଆପଣା ବାସରେ ନିଶ୍ଚେ ଫେରିବା ।

Listen to Odia Podcast Original at https://youtube.com/@drjyotiprasad

ଓଡ଼ିଆ ପଖାଳ ଓଡିଆ ସଂସାର
ସଂସ୍କୃତି ସଂସ୍କାର ସହ
ଆମ ଜଗନ୍ନାଥ ଓଡ଼ିଆଙ୍କ ନାଥ
ଓଡ଼ିଆ ମାଟିରେ ଶ୍ରୀକ୍ଷେତ୍ର ରାୟ୍ୟ ।
ପର୍ବ ପର୍ବାଣୀ ସଂସ୍କାର ମାନି
ଋତୁ ଦିନ ମାସ ବର୍ଷ
ଓଡ଼ିଆ ଭାଷାରେ ମାଟି ଭାଷା କଥା
ଚଳଣୀରେ ମିଠା ରସ ।
ଓଡ଼ିଆ ଭାଷାଟି ମୋ ମାଟି ଭାଷା
ସଭିଁଏ କରି ଆପଣା
ଛାଡିବାନି ହାତ ହୋଇ ଏକତ୍ରୀତ
ନିଜର କର ଅଜଣା
ମାଟି ଭାଷା ବୋଲି ନ ଯିବାରେ ଭୂଲି
ସମୟ୍ୟର ତାଳେ ଆଗେଇ ଯିବା
ମନ ପ୍ରାଣ ଦେଇ ଏକାକାର ହୋଇ
ମାଟିର ଭାଷା ଆମେ ବଞ୍ଚାଇବା ।
ଆଧ୍ୟାତ୍ମିକ ଚିନ୍ତା ଚେତନାରେ ପୂର୍ଣ୍ଣ
ମୋ ଦେଶ କଳା ସଂସ୍କୃତି,
ଦିବ୍ୟଜ୍ଞାନେ ପୂର୍ଣ୍ଣ ମହା ମୁନି ଜନ
ଆମେ ସନ୍ତାନ ସନ୍ତତି ।

ଜୀବନର କଳା ସତ୍ୟରେ ଶୃଙ୍ଖଳା
ବ୍ୟକ୍ତିତ୍ୱରେ ସ୍ୱାଭିମାନ,
ଦୁଃଖୀ ରଙ୍କି ପ୍ରତି ଦୟା ଭାବ ପ୍ରୀତି
ସତକର୍ମେ ସଚେତନ ।
ଆୟ୍ୟ ଦେଖି ବ୍ୟୟ୍ୟ ଜଗିବା ସମୟ୍ୟ
ବଞ୍ଚାଇବା ସ୍ୱାଭିମାନ
ଶତ୍ରୁକୁ ମିତ୍ରରେ ଅତିଥି ଅଭ୍ୟାଗତରେ
ଓଡିଆଙ୍କ ଅଭିମାନ ।
ଅପରାହ୍ନର ଶ୍ରେଷ୍ଠ ଉଦ୍ୟମ
ପ୍ରଗତି ପଥରେ ଚାଲି ନିର୍ଭୟ୍ୟ ରେ
ଶ୍ରମରେ ଅଳସ ଛାଡି ,
ଭୁଲ ନ ଧରି କ୍ଷମା ଗୁଣେ ସୁଧାରି
ମାନବୀୟ୍ୟ ଗୁଣେ ବଢି ।
ସଂସାର ଅସାର ଛାଡ ଅହଂକାର
ମଙ୍ଗଳମୟ୍ୟ ଚିନ୍ତନେ ,
ନିତି ପ୍ରତିଦିନ ଭଲ କର୍ମ ଗୁଣ
ଯଶ ରଖିବୁ ଜୀବନେ ।
ନଜର ରଖି ଅପରାହ୍ନେ
ସମସ୍ତଙ୍କୁ ସଜାଡି ରଖେ ସମ୍ମାନେ।

ଭୁବନେଶ୍ୱର -୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହି ଜାଣିଥିଲେ କଥା ସୁନ୍ଦର

ଡଃ ତାନଶ୍ରୀ ପାଣିଗ୍ରାହୀ



କହି ଜାଣିଥିଲେ କଥାଟି ସୁନ୍ଦର
ବାନ୍ଧି ଜାଣିଥିଲେ ମଥା
କହି ନ ପାରିଲେ ସତ ହେବ ମିଛ
ମନରେ ପାଇବ ବ୍ୟଥା...

ସରାଗ ସେନେହ ମଧୁବୋଳା କଥା
ସମ୍ପର୍କ ଯୋଡ଼ି ଦିଏ
ଅହଂକାର ମିଥ୍ୟା ଛଳନା ରହିଲେ
ସମ୍ପର୍କ ଦୂରେଇ ଦିଏ...

ହୃଦୟୀ କଥାରେ କେତେ ଆକର୍ଷଣ
କରିଦିଏ ଆତ୍ମହରା
କଥା ନୁହଁ ସେତ ଜହ୍ନର ଜୋଛନା
ହୃଦୟରେ ମଧୁଝରା...

ଦିଗବଳୟ ଧାରେ ମିଠା ଶବ୍ଦ ସବୁ
କେତେ ଚିତ୍ର ଦିଏ ଆଙ୍କି
ଆଖିରେ ଭରଇ ରାତିର ସପନ
ନୀରବତା ଦିଏ ଢାଙ୍କି...

ପ୍ରୀତି ପୁଲକରେ ଛନ୍ଦି ହୋଇଯାଏ
ମିଠା କଥା ମନ କିଣେ
ଅନ୍ତର ଭରା ମଧୁର କଥାଟି
ପ୍ରତି ହୃଦୟକୁ ଜିଣେ ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସ ହେ କିଣିବା ସୁଖ

ବିନତା ଜେନା



ସପନ ହାଟରେ ସୁଖ କିଣୁ କିଣୁ
କିଣି ହେଇଯାଏ ଦୁଃଖ
ନିଜ ଲୋକ କେବେ ପର ହେଇଯାଏ
ସାତପର ହୁଏ ସୁଖ ।

ବୟସ ତ କେବେ ଅଟକି ଯାଏନି
ସମୟ ଚାହେଁନି ଫେରି
ନିଜଠୁ ନିଜର ଯିଏ ଥିଲେ କାଲି
ଆଜି ସେ ଅଚିହ୍ନା ପରି ।

ସମୟ ବଦଳେ ମଣିଷ ବଦଳେ
ବଦଳେ ବି ଚିନ୍ତାଧାରା
ସତ ମଣିଷ ଟା ମିଛେ ଫସିଯାଏ
ବଢ଼େ ମିଛ ପତିଆରା ।

ମଣିଷ ବି ଯିବ ସମୟ ସରିବ
ମୃତ୍ୟୁ ଚିରନ୍ତନ ସତ୍ୟ
ମିଛ ଅହମିକା ପର ଚର୍ଚ୍ଚା କରି
ରୁହ ନାହିଁ କେବେ ବ୍ୟସ୍ତ ।

ଭଲ ଯଦି କାର ଚିନ୍ତା ନ କରିବା
ମନ୍ଦ କଥା କିଆଁ ଭାବିବା
ନିଜ କଥା ନିଜ କାମେ ଦେଇ ମନ
ପର ଉପକାର କରିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ମୃତି ତୁମେ ଯେବେ ଆସ ଆଖି ଆଗେ

ଦଶରଥ ବିଶ୍ୱାଳ



ସ୍ମୃତି ତୁମେ ଯେବେ ଆସ ଆଖି ଆଗେ,
ବିତିଲା ଅତୀତ ମନଭାରୀ ଲାଗେ "
ସ୍ମୃତି ଚାରଣରେ ବିତାଏ ରଜନୀ,
ପୀଡା ଦିଏ ମନେ ତିମିର ଯାମିନୀ "
ଭିଜା ମନ ନେଇ ଭିଜି ଯାଏ ସ୍ୱପ୍ନେ,
ବ୍ୟଥିତ କରେ ମୋ ଝଙ୍କୃତ ସ୍ପନ୍ଦନେ "
କେତେ ଆଶା ସ୍ୱପ୍ନ ଜାଗିଲା ସେଦିନ,
ତୁମ କୋଳେ ଶୋଇ ଦେଖିଲି ସପନ"
ସାଜି ଦେଉଥିଲି ଆଲୁଳା କେଶକୁ,
ଚୁମ୍ବୁଥିଲା ଯେବେ ମେରୁନ ଓଷ୍ଠକୁ"
ଲାଜରେ ଲାଜରେ ଯାଉଥିଲ ସଡ଼ି,
କ୍ଷଣେ କ୍ଷଣେ ମୁହଁ ନେଉଥିଲ ମୋଡି "
ବୋହୁଥିଲା ପ୍ରାଣେ ଚଇତାଳି ବାଆ,
ବନ୍ଧ ଭାଙ୍ଗୁଥିଲା ସଂଯମ ଦରିଆ "
ଲେଖୁଥିଲେ ଆମେ ଛନ୍ଦବଦ୍ଧ ଗୀତି,
ଜୀବନଯମୁନା ସରାଗ ସଂପ୍ରୀତି "
ସହସା ସଘନ ଆସିଥିଲା ଝଡ଼,
ବଦଳିଲା ଆମ ଜୀବନର ମୋଡ଼ "

ଛାଡି ଦେଲେ ହାତ ଦୁହେଁ ଦୁହିଁଙ୍କର,
ଭୁଲିଲେ ଠିକଣା ଆପେ ଆପଣାର "
ଜୀବନ ଯୁଦ୍ଧରେ ହଜି ମଜ୍ଜିଗଲେ,
ସ୍ୱପ୍ନ ବାଲିଘର ଭାଙ୍ଗି ଦେଇଥିଲେ "
ସମୟ ସରିଲା ଖୋଜିଲେ ଠିକଣା,
ଆକ୍ତା ମାକ୍ତା କଲା ଜୀବନ ଯନ୍ତ୍ରଣା "
ପୁଣି ଭେଟ ହେଲା ନୂଆ ଚଟି ଘରେ,
ବୃଦ୍ଧାଶ୍ରମରସେ ଅଳିନ୍ଦ କୋଣରେ"
ମୋଟା ଚଷମାରେ ଦେଖିଲ ନିରେଖି,
ଚୁମୁଟିଲ ଦେହ ସ୍ପର୍ଶକୁ ପରଖି "
ଅବିଶ୍ୱାସ ନେତ୍ରେ ଚାହିଁ ଥିଲ ମୋତେ,
ଦରଚିହ୍ନା ପରି ଲାଗୁ ଥିଲା ସତେ "
ତୁମେ ଚାହିଁ ଥିଲ ମୁଁଉଁ ଚାହିଁଥିଲି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିଚୟ ହେଲା ପୁଣି ଖୋଲା ଖୋଲି "
ଭୁଲି ଗଲେ ସବୁ ଅତୀତ ଯାତନା,
ଆମେ ଦୁହେଁ ହେଲେ ପୁଣି ଆନମନା "
ଚିନ୍ତା ଦକ ମନେ କିଛି ବି ନ'ଥିଲା,
ନୂଆପରି ଚୟେ ଜୀବନ ବିତିଲା "
କଙ୍କି ପ୍ରଜାପତି ଧରିଲେନି ସିନା,
ରହି ପାରିଲେନି ଅତ୍ମୀୟତା ବିନା "
ସ୍ମୃତି ତୁମେ ଯେବେ ଆସ ଆଖି ଆଗେ,
ଅପୂର୍ଣ୍ଣ ଜୀବନ ମିଠା ମିଠା ଲାଗେ "

ଉଦୟପୁର, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମିକକୁ କରି ବର

ପଲ୍ଲବୀ ନାୟକ



ମନ ସହରରେ ଘର ତୋଳୁଥିଲି
ପ୍ରେମିକକୁ ନେଇ ମୋର
ସମୟ କହିଲା ଘର ହୁଏ ନାହିଁ
ପ୍ରେମିକକୁ କରି ବର
ପ୍ରେମିକକୁ କରି ବର ।

ମନ ସହରରେ ସ୍ୱପ୍ନ ଦେଖିଥିଲି
ସତରେ ହେବ କି ମୋର
ବାସ୍ତବ କହିଲା ସ୍ୱପ୍ନ ଦେଖ ନାହିଁ
ପ୍ରେମିକକୁ କରି ବର
ପ୍ରେମିକକୁ କରି ବର ।

ମନ ସହରରେ ପ୍ରେମ ରଖିଥିଲି
ଯତନେ ହୃଦୟେ ମୋର
ପ୍ରତିଶ୍ରୁତି କହିଲା ପ୍ରେମ କର ନାହିଁ
ପ୍ରେମିକକୁ କରି ବର
ପ୍ରେମିକକୁ କରି ବର ।

ମନ ସହରରେ ଗୋଲାପ ବୁଣିଲି
ସଜେଇବି ଶେଯ ମୋର
ଜହ୍ନ କହିଲା ଗୋଲାପ ସଜାନି
ପ୍ରେମିକକୁ କରି ବର
ପ୍ରେମିକକୁ କରି ବର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ ସହରରେ ଛବି ଆଙ୍କୁଥିଲି

ରୂପ ଦେଇ ପ୍ରେମିକର

ତୂଳୀଟି କହିଲା ଛବି କର ନାହିଁ

ପ୍ରେମିକକୁ କରି ବର

ପ୍ରେକକକୁ କରି ବର ।

ମନ ସହରରେ ଗଢ଼ି ଉଠୁଥିଲା

ବିବାହ ବନ୍ଧନ ଯୁଗଯୁଗର

ପ୍ରେମିକ କହିଲା ବନ୍ଧନ ଗଢ଼ନି

କରି ମୋତେ ତୁମ ବର

କରି ମୋତେ ତୁମ ବର ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାର୍ଦ୍ଧକ୍ୟ ମଧୁର ସୁଷମା ସମ୍ଭାର

ଅନୀତା ମିଶ୍ର



ବାର୍ଦ୍ଧକ୍ୟ ମଧୁର ସୁଷମା ସମ୍ଭାର
ଅନୁଭବେ ଗରୀୟାନ
ଅମୂଲ୍ୟ ଅତୁଲ୍ୟ ଅପୂର୍ବ ସାଫଲ୍ୟ
ଅସୀମଙ୍କ ବରଦାନ
ଚିରଦୀପ୍ତ ସମ୍ମୋହନ
ସୁଦୀପ୍ତ ଆସନ ଅନନ୍ୟ ଆହ୍ୱାନ
ତେଜୀୟାନେ ବଳବାନ ।

ଜୀବନ ଘଟଣା କରେ ଆନମନା
ଅସୁମାରୀ ଅନୁଭୂତି
ଅଭିଜ୍ଞତା ସାଥେ ସତ୍ୟତାର ପଥେ
ସୀମାହୀନ ଅନୁରକ୍ତି
ମୌନତାର ମହା ପ୍ରୀତି
ସୁଖ ଶିହରିତ ମନ ପ୍ରଫୁଲ୍ଲିତ
ଚିନ୍ତାଶୀଳ ମଧୁ ଗୀତି ।

ଅବ୍ୟକ୍ତ ଉଲ୍ଲେଖ ପ୍ରକୃତି ଆଲେଖ୍ୟ
ଶେଷ ସ୍ନିଗ୍ଧ ସମୀରଣ
ଏକାନ୍ତ ଜୀବନ କରେ ହୀନିମାନ
ବିସ୍ତାରିତ ବେଗବାନ
ବିଚ୍ଛୁରିତ ପ୍ରତିକ୍ଷଣ
ସିକ୍ତ ପରିବେଶ ସୁଧାମୟ ସ୍ୱର୍ଗ
ମଧୁସ୍ମୃତି ଆମନ୍ତ୍ରଣ ।

ହୃଦ ଅନୁଭବେ ଦିବ୍ୟତାର ସ୍ପନ୍ଦେ
ଗାଢ଼ ଗଭୀର ଆଶ୍ଳେଷ
ଚିନ୍ତା ଚେତନାରେ ଭାସି ଭାସି ଆସେ
ଭାବ ଭକ୍ତିର ନିର୍ଯ୍ୟାସ
ନିର୍ଭର ଆସକ୍ତି ଆଶ
ନୀରବତା ଯୁଦ୍ଧ ଅନ୍ତର୍ମନ ଶୁଦ୍ଧ
ଅନ୍ତରଙ୍ଗ ଭାବାବେଶ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିତ୍ର

ଗଗନ ବିହାରୀ ଷଡ଼ଙ୍ଗୀ



ସାଥୀ ବିନା ନର, ଜୀବନ ବେକାର
କଥା ଅଛି କାଳେ କାଳେ,
ବିପଦେ ଆପଦେ, ସାହା ହୋଇ ଯିଏ
ବନ୍ଧୁ ମର୍ଯ୍ୟାଦା ସମ୍ଭାଳେ ।୧

ସଙ୍କଟ ମୋଚନେ, ଅବା ଟି ଶ୍ମଶାନେ
ସଦା ସର୍ବଦା ଯେ ଠିଆ,
ମିତ୍ର ପଣେ ଥାଇ, କର୍ତ୍ତବ୍ୟ ନିଭାଇ
ଦେଖାଏ ବନ୍ଧୁ ପଣିଆ ।୨

ସଚ୍ଚା ମିତ୍ର ଟିଏ, ସଙ୍ଗେ ସଦା ଥିଲେ
ଅସାଧ୍ୟ ସାଧନ ହୁଏ,
ମିତ୍ର ପାଇଁ ମିତ୍ର, ଉଭା ଯେ ସର୍ବତ୍ର
ଦୁଃଖ ଦୈନ୍ୟ ହରି ନିଏ ।୩

ମିତ୍ର ପାଇଁ ଲଢେ, ଶତ୍ରୁଙ୍କ ସଙ୍ଗରେ
ବୃଥା ହୁଏ ରକ୍ତପାତ,
ସତ୍ୟ ନ୍ୟାୟେ ଗମି, ହୋଇ ଅନୁଗାମୀ
ଖଣ୍ଡେ ଅଶେଷ ଦୂରିତ ।୪

ଆଜି ସମାଜରେ, ମିତ୍ର ଟିଏ ଲୋଡା
ହେବାକୁ ଦୁଃଖରେ ସାହା,
ସ୍ଥାନ କାଳ ପାତ୍ର, ନେଇ ନିରନ୍ତର
ବିପଦେ କରଇ ଆହା ।୫

ସେହି ମିତ୍ର ପାଇଁ, ଦେବତା ଯେ ନର
ରହିଛି ପୁରାଣ ସାକ୍ଷୀ,
ଶ୍ରୀକୃଷ୍ଣ ସୁଦାମା, ଶ୍ରୀରାମ ସୁଗ୍ରୀବ
ମିତ୍ର ଫଳ ଥିଲେ ଚାଖି ।୬

ସମାନ ଭାବନା, ସମାନ ହୃଦୟ
ମିତ୍ରାନୁରାଗୀର ଗୁଣ,
ଏକ ମନ ଆଉ, ଏକ ପ୍ରାଣ ନେଇ
ବାଜି ରେ ଲାଗେ ଜୀବନ ।୭

ମିତ୍ରାନୁରାଗୀରେ, ସବୁ ଟି ସମ୍ଭବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଳି ପଡ଼ଇ ଜୀବନ,
ମହାଭାରତରେ, ଜ୍ୱଳନ୍ତ ଚରିତ୍ର
କର୍ଣ୍ଣ ମାନୀ ଦୁର୍ଯ୍ୟୋଧନ ।୮
ମୋହ ମାୟା ତ୍ୟାଗ, କରିଲେ ନିଜର
ମିତ୍ର ସେତୁ ମଜବୁତ,
ହାତେ ହାତ ଛନ୍ଦି, ଧରିଲେ ଆସଇ
ମିତ୍ର ପଣରେ ଶ୍ରେଷ୍ଠତ୍ୱ ।୯

ତୁଳସୀପୁର, ବାଙ୍କୀ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରି ଆସ ଗାନ୍ଧୀ

ଡଃ ସଂଯୁକ୍ତା ପରିଡ଼ା



ଫେରି ଆସ ଗାନ୍ଧୀ
ଆମ ପ୍ରେମର ଡାକରେ
ଆଜି ବି ତୁମ ପାଦଚିହ୍ନ
ଖୋଜେ ଭାରତ ତା'ର ବକ୍ଷରେ ।

ହାତରେ ଥିଲା ତୁମର
ସତ୍ୟର ଉଜ୍ଜ୍ୱଳ ଦୀପ
ଅହିଂସା ଥିଲା ତୁମ ଅସ୍ତ୍ର
ମାନବିକତା ଥିଲା ସ୍ୱପ୍ନ ।

ତୁମେ କହିଥିଲ.....
ଦୁର୍ବଳର ଆଖିର ଲୁହ
ପୋଛିପାରିଲେ ହିଁ
ସ୍ୱାଧୀନତାର ଅର୍ଥ ହୁଏ ପୂର୍ଣ୍ଣ ।

ଆଜି ମଣିଷ ଭିଡ଼ ଭିତରେ
ତୁମକୁ ଅନ୍ତର ଖୋଜୁଛି
ସ୍ୱାର୍ଥର ଉଚ୍ଚ ପାଚେରିରେ
ସମ୍ପର୍କ ଧୀରେ ଧୀରେ ହଜୁଛି ।

ସତ୍ୟ କହିବାକୁ ଡରୁଛି ମଣିଷ
ମିଛର ମୁହଁରେ ହସ
ନ୍ୟାୟର ପଥ କଣ୍ଟକିତ
ଅନ୍ୟାୟର ପଥେ ଉତ୍ସବର ରାସ ।

ଫେରି ଆସ ଗାନ୍ଧୀ
କିପରି ଅଶାନ୍ତି ଘଟୁଛି ଥରେ ଦେଖ
କେତେ ଅନ୍ଧାର ଜମିଛି
ମଣିଷର ମନରେ ହିଂସା ବଢ଼ିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚରଖାର ସେ ଘୂର୍ଣ୍ଣନରେ
ଥିଲା ସ୍ୱାବଲମ୍ବନର ଚିହ୍ନ
ଆଜି ବି ସଭିଙ୍କ ମନରେ
ଜଳୁଛି ସେଇ ଅପୂର୍ଣ୍ଣତାର ବର୍ଣ୍ଣ ।

ଫେରି ଆସ ଗାନ୍ଧୀ....
ଦେଶକୁ ନୁହେଁ
ପ୍ରଥମେ ମଣିଷକୁ ବଦଳାଇବାକୁ
ଯେଉଁଠି ସତ୍ୟ ହେବ ସାହସ
ଅହିଂସା ହେବ ଶକ୍ତି
ଆଉ ମାନବିକତା...
ଭାରତର ନୂଆ ପରିଚୟ ।

ତୁମ ଲାଠି ଆଜି ଆମ ହାତରେ ନାହିଁ
ତୁମ ଚରଖା ମଧ୍ୟ ଘୂରେନି
କିନ୍ତୁ ତୁମ ସ୍ୱପ୍ନକୁ ଦେଖି
ଭାରତ କେବେ ହାରେନି
ଭାରତ କେବେ ହାରେନି ।

ପିପିଲି, ଡେଲାଙ୍ଗ, ପୁରୀ
୮୦୯୩୬୭୫୩୩୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛତା

ସ୍ୱର୍ଣ୍ଣ ରଥ ମହାପାତ୍ର



କେତେ ଶ୍ରାବଣ କେତେ କେତେ ନିଦାଘ ସେ ଦେଖିଛି
କେତେ ଋତୁର ଜଳନ ବର୍ଷଣ ପିଠିରେ ବୋହିଛି
ରଂଗ ତାର ଫାଣ୍ଟେରା ହେଲାଣି ଦେହ ଚିରି ଆସିଲେଣି
ବେଣ୍ଟ ହୁଗୁଳା ତାର କଣ୍ଟା ସବୁ ଛିଣ୍ଡିଲେଣି
ଏବେ ସେ ଗୋଟେ କୋଣରେ ଟଙ୍ଗା ହେଇଛି ,
ଛତାକୁ ତନ୍ନ ତନ୍ନ ଅନୁକ୍ଷଣ କରୁଛନ୍ତି ବାପା
ନିଜକୁ ସେ ଘରର ଗୋଟେ କୋଣରେ ଟାଙ୍ଗି ଦେଇଛନ୍ତି
ଛତା ସାଙ୍ଗେ କଥା ହୁଅନ୍ତି ସ୍ମୃତି ସାଉଣ୍ଟନ୍ତି ।
ଛତାଟା ପ୍ରଥମ ଦରମାରେ କିଣିଥିଲେ
ଜୀବନ ସାରା ସାଥ ଦେଲା ବଫାଦାରି କଲା
ତେବେ ବି ଟାଣ ହେଇ ବସିଛି ବେଣ୍ଟ ହୁଗୁଳାଟା
କେବେ ବି କାମରେ ଆସିବ ତାଙ୍କର ବୋଲି ,
କେତେ କାହାଣୀ ବଖାଣେ ଉଖାରେ
ଝଡି ବତାସ ଧାରା ଶ୍ରାବଣ କଥା କହେ
ପିଲାଙ୍କ ହରକତ ପବନରେ ଉଡେଇ ଛତାକୁ
କାଦୁଅ ଲାତୁପାତୁ କରି କଣ୍ଟା ଭାଙ୍ଗିବା
କେତେ ସୁଖଦ ଅନୁଭୂତି ସ୍ମୃତିର ପେଡ଼ି ସେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା କଳେବରର ସିଲେଇ ମରାମତି କେତେଥର
ତଥାପି ଦମ୍ଭରେ ଝୁଲୁଛି ବୁଢ଼ା ବୋଲି ମଣେନି
ଠିକ ତାଙ୍କ ପରି ଦମ୍ଭିଲା ହାଡୁଆ ଭିତରେ ଟୋକାଟେ
ଆଖି କାନକୁ ଅଧାଅଧି ଦିଶୁନି ଶୁଣା ଯାଉନି
ତଥାପି ଅନ୍ଧାରରେ ପଢ଼ି ପାରନ୍ତି ଅନୁଭୂତିର ଚଷମାରେ
କୋଳାହଳରୁ ଶବ୍ଦ ମାନଙ୍କୁ ଟାଣି ଆଣି ଶୁଣିପାରନ୍ତି ,
ପୁରୁଣା ଛତାଟିଏ ହେଲେ ବି ସେ
ଝଡି ବତାସରେ ମେଲେଇ ଦେଇ ନିଜକୁ
ଗିରି ଗୋବର୍ଦ୍ଧନ ପରି ସୁରକ୍ଷା ଦେବାର ସାହସ ଅଛି
ସେଥିପାଇଁ ସେ ବାପା ଯିଏ ଭିତରେ ଯୁବା ପାହାଡଟିଏ ।

ବିଜୟା ଗାର୍ଡେନ,
ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ୍ୟର ପଥେ ଚାଲୁଥା ସାଥି

ନୀତେଶ କୁମାର ସେଠୀ



ସତ୍ୟର ପଥ ଭାରି କଠିନ.

ଯିଏ ଚାଲେ ଏହି ପଥେ,ମିଳେ ତାକୁ ସ୍ୱାଧୀନ.

ସତ୍ୟର ପଥେ ଚାଲିଲେ ମିଳେ ମାନ-ସମ୍ମାନ.

ଯିଏ ସତ୍ୟ ପଥେ ଚାଲେ,ସେ ନହୁଏ କାହା ଅଧୀନ.

ସତ୍ୟ ହିଁ ଜୀବନ,ସତ୍ୟ ହିଁ ଆତ୍ମଜ୍ଞାନ.

ସତ୍ୟ ହିଁ ଚିରନ୍ତନ ଆଉ ସତ୍ୟ ହିଁ ଈଶ୍ୱରଙ୍କ ବରଦାନ.

ସତ୍ୟ ପଥରେ ଚାଲେ ମୋ ସାଥି.

ସତ୍ୟ ବିନା ଆଉ ନାହିଁ ଅନ୍ୟ ଗତି.

ସତ୍ୟ ପଥେ ଚାଲିବା ଏତେ ସହଜ ନୁହଁ.

ହାର ନମାନି ସତ୍ୟ ପଥକୁ ଚାହଁ.

ଯେତେ ଆସୁ ଦୁଃଖ-କଷ୍ଟ ସତ୍ୟ ପଥେ.

ଡରି ନଯାଇ ଆଗକୁ ବଢି ଚାଲ ଏଇ ପଥେ.

ଯେତେ ଆସୁ ଝଡ-ଝଞ୍ଝା ଆଉ ବିପଦ.

ଯେତେ ବା ଆସୁ ଅସୁବିଧା,ପରିସ୍ଥିତି ଦୁଃଖଦ .

ହାର ମାନି ବସିଯିବା ବୀର ର ଜାତକେ ନାହିଁ.

ଡରି ଯାଇ ପଛ ଘୁଞ୍ଚା ଦେବା ବୀରକୁ ଶୋଭା ପାଏ ନାହିଁ .

ହାର ମାନି ବସିଯିବା ତ କାପୁରୁଷର ଲକ୍ଷଣ.

Listen to Odia Podcast Original at https://youtube.com/@drjyotiprasad

ମିଛ କହି ସମାଜର କରନ୍ତି ସେମାନେ ଭକ୍ଷଣ.

ସତ୍ୟପଥେ ଚାଲୁଥିବା ବୀର କେବେ ଡରେ ନାହିଁ.

ସାହସ ଯାହାର ସାଥି ସେ କେବେ ହାରେ ନାହିଁ.

ବୀରତା ଯାହାର ପରିଚୟ ସେ କେବେ ମରେ ନାହିଁ.

ଦେହ ସିନା ସରି ଯାଏ ଦିନେ କିନ୍ତୁ ଆତ୍ମାର ନାଶ କେବେ ହୁଏ ନାହିଁ.

ସତ୍ୟପଥେ ଚାଲୁଥିବା ମଣିଷ ଅମର.

ତା' ଆତ୍ମା ଅଜୟ ଆଉ ବିଜୟ.

ଧ୍ୱଂସ କରେ ସେ ପାପୀର କର୍ଷଣ.

ସମାପ୍ତ କରେ ସେ ଦୁଷ୍ଟର ଶୋଷଣ.

ପାପୀଙ୍କୁ ନାଶ କରି ସତପୁରୁଷଙ୍କୁ ଉଦ୍ଧାର କରେ.

ସତ୍ୟର ରକ୍ଷା ପାଇଁ ବାରମ୍ବାର ସେ ମରେ.

ସତ୍ୟପଥେ ଚାଲିବା ବୀରତ୍ୱର ପ୍ରମାଣ.

ସତ୍ୟର ଅମୂଲ୍ୟ ଜ୍ଞାନ ଦେଇ ସମାଜର କରେ କଲ୍ୟାଣ.

ସମାଜକୁ ଧର୍ମର ପଥ ଦେଖାଇ କରେ ଚରିତ୍ର ନିର୍ମାଣ.

ଶେଷରେ ସତ୍ୟ ପାଖେ ଜୀବନ ଦେଇ କରେ ସମର୍ପଣ.

କିନ୍ତୁ କେବେବି ମିଥ୍ୟା ପାଖେ ସେ ହାର ମାନେ ନାହିଁ.

ଯେତେ ବିପଦ ଆସିଲେ ବି ସେ ଡରେ ନାହିଁ.

ହାର ମାନିବା ଚିନ୍ତା ଥରୁଟେ ସେ କରେ ନାହିଁ.

ମୃତ୍ୟୁକୁ ଦେଖି ମରିବାକୁ ଭୟ ଜମାରୁ ସେ କରେ ନାହିଁ.

ଏ ହେଉଛି ବୀରତ୍ୱର ଗାଥା.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ହେଉଛି ବୀରତ୍ୱର ବାର୍ତ୍ତା.

ଏ ହେଉଛି ବୀରତ୍ୱର ପ୍ରଦର୍ଶନ.

ଏ ହେଉଛି ସତ୍ୟର ଜ୍ୱଳନ୍ତ ନିଦର୍ଶନ.

ସତ୍ୟ ପଥେ ନଥକି,ନଅଟକି ବାସ ଚାଲୁଥା.

ସତ୍ୟ ପଥେ ନିଜ ଜୀବନର ଆହୁତି ଦେଇ ବୀରତ୍ୱର କାହାଣୀ ଲେଖୁଥା.

(ସମାପ୍ତ)

ଠିକଣା - ଫୋରେଷ୍ଟ କଲୋନୀ, ମାଦିକୁନ୍ଦା ଛକ, ପିଅନପଡା.

ଜିଲ୍ଲା -କନ୍ଧମାଳ, ସହର -ଫୁଲବାଣୀ, ରାଜ୍ୟ-ଓଡିଶା,ପିନକୋଡ୍- ୭୭୨୦୦୧

ମୋବାଇଲ ନମ୍ବର - ୮୨୪୯୪୨୩୩୩୫୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁକ୍ତ ଆକାଶର ଡାକ

ଚିନ୍ମୟୀ ମହାନ୍ତି

ଏକା ଛାଡ଼ିଦିଅ ମୋତେ, କାହିଁକି ଖୋଜ ?

ଉଡ଼ି ମୁଁ ପାରିବି, ମୋ ଡେଣାରେ ଭରସା ରଖ ।

ଯିବାକୁ ଦିଅ ମୋତେ ନୀଳ ଆକାଶରେ,

ବଞ୍ଚିବାକୁ ଦିଅ ମୋତେ ମୋ ନିଜ ଦୁନିଆରେ ।

ବନ୍ଦି କରନି ମୋତେ ଶୃଙ୍ଖଳରେ, ବାନ୍ଧନି

ମୋ ସ୍ୱପ୍ନର ପଥରେ, ଆଉ ବନ୍ଧ ବାନ୍ଧନି ।

ଲୁଚି ରହିବିନି ଆଉ ଭୟରେ, ହେବିନି କେବେ ନିରବ,

ମୋ ନିଜ ପରିଚୟ ଖୋଜିବି—ସେହି ହେବ ମୋର ଗୌରବ ।

ଜୋର କରି ନୁଆଅନି ମୋର ମୁଣ୍ଡ,

ମୋ ଆତ୍ମାର ଆଲୋକ ରହୁ ସର୍ବଦା ଅଖଣ୍ଡ ।

ଦାମୀ ଗହଣା ମୋତେ କେବେ ଖୁସି କରେନି,

ନରମ ରେଶମୀ ବସ୍ତ୍ର ବି ମୋ ମନକୁ ବାନ୍ଧେନି ।

ମୋ ସପଥକୁ ଧରି ମନରେ, ନିଜ ପଥରେ ଚାଲିବି,

ପ୍ରକୃତିର କୋଳରେ ନିଜ ଠିକଣା ଖୋଜି ପାଇବି ।

ଛାଡ଼ି ଦିଅ ମୋତେ ପାହାଡ଼ର ସବୁଜ ଛାୟାରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜିଯିବି ମୁଁ ଝରଣାର ମିଠା ଗୀତଧାରାରେ ।

ତୁମ ଦାମୀ ଜିନିଷ ମୋ ପାଇଁ ମୂଲ୍ୟହୀନ,

ମୁକ୍ତ ଆକାଶ ହିଁ ମୋର ଅମୂଲ୍ୟ ରତନ ।

ଅଶାନ୍ତ ରାତି ମୋର ତୁମକୁ ଖୁସି କରିବା ପାଇଁ ନୁହେଁ,

ଅଶାନ୍ତ ଲକ୍ଷ୍ୟ ମୋର—ସୀମା ଲଂଘିବା ପାଇଁ ଚାହେଁ ।

ଥକିଯାଇ ବସିଯିବା ମୋର ସ୍ୱଭାବରେ ନାହିଁ,

ପଥ ଯେତେ ଦୂର ହେଉ, ହାରିଯିବି ନାହିଁ ।

କାହିଁକି ଡରାଅ ମୋତେ କହି ଅନାମନା କଥା ?

ମୋ ସାହସ ଆଗରେ ହାର ମାନିବ ତୁମର ସେଇ ବ୍ୟଥା ।

ଚାହେଁ କରିବାକୁ ସେହି କଲମକୁ ନିଜର,

ନିଜ ହାତେ ଲେଖିବି ମୁଁ ଭାଗ୍ୟଲେଖା ମୋର ।

ଛାଡ଼ି ଦିଅ ମୋ ଡେଣାକୁ ପବନର ଲହରୀରେ,

ଥରେ ଭରସା କର, ଲଂଘି ପାରିବି ମୁଁ ଅଗ୍ନି ନିଜ ସାହସରେ ।

ଦିନେ ଦେଖିବ ମୋତେ,

ମୋ ସ୍ୱର ଯେବେ ଗୁଞ୍ଜିବ ଉଚ୍ଚ ସ୍ୱରରେ,

ମୋ ନାମ ଶୁଣିବ ସେଦିନ ଦୂର ଦିଗନ୍ତରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ଯଦି ନ ବୁଝ, କାଲି ନିଶ୍ଚୟ ହେବ ଦର୍ପ,

କେବେ ନା କେବେ ମୋ ସଫଳତା ତୁମକୁ ଦେବ ଗର୍ବ ।

ମୋତେ ମୋ ଭଳି ରହିବାକୁ ଦିଅ,

ମୋ ନିଜ ଆକାଶରେ ମୁକ୍ତ ହୋଇ ମୋତେ ଉଡ଼ିବାକୁ ଦିଅ ।

ଏକା ଛାଡ଼ିଦିଅ ମୋତେ, କାହିଁକି ଖୋଜ ?

ଉଡ଼ି ମୁଁ ପାରିବି, ମୋ ଡେଣାରେ ଥରେ ଭରସା ତ ରଖ ।

ସହକାରୀ ଶିକ୍ଷୟିତ୍ରୀ

ମୋ : ୮୨୬୦୯୮୪୧୭୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଇମୁଣ୍ଡି

ଆକୁଳାନନ୍ଦ ପୃଷ୍ଟି



ଶୈଶବରେ ପଢିଥିଲି ଗୋଟିଏ କବିତା
ଲେଖାଥିଲା ବାଇମୁଣ୍ଡି କଥା
ରାଜା ଦିନେ ଫେରୁଥିଲେ
ଦିଗବିଜୟୁ ସାରି
ବାଜୁଥିଲା ବୀର ବାଦ୍ୟ
ଘଣ୍ଟ ଘଣ୍ଟା ତୂରୀ ।

ଏ ସମୟେ ବୃଦ୍ଧ ଜଣେ
କାଠଯୋଡ଼ି ତୀରେ
ନରପତି ସମ୍ମୁଖରେ
ଛିଡା ହେଲେ ଗମ୍ଭୀର ମୁଦ୍ରାରେ
ଗୁହାରି ଶୁଣିବା ହେଉ
କହି ଉଚ୍ଚ ସ୍ୱରେ
କରି ମଥା ନତ, ଯୋଡ ହସ୍ତେ
କଲା ପ୍ରଣିପାତ ।

ଗଜାରୋହୀ ନରପତି
ହେଲେ ଉତ୍କଣ୍ଠିତ
ଶୁଣିବାକୁ ବୃଦ୍ଧ ପ୍ରଜା ଦୁଃଖ ।

ହେ ମଣିମା ଶୁଣ ମୋ ଗୁହାରୀ
ଏ କଟକେ ଜନ୍ମ ମୋର, ମୁଁ ଜଣେ ଭିକାରୀ,
କଟକ ମୋ ସଦା ଜଳବନ୍ଦୀ
ଦକ୍ଷିଣରେ କାଠଯୋଡ଼ି
ଉତ୍ତରରେ ବହେ ମହାନଦୀ ।

ପ୍ରତିବର୍ଷ ବନ୍ୟା ଆସେ
ବଢ଼େ ନଦୀ ଧାର
କୂଳ ଲଙ୍ଘି ନଦୀ ଜଳ ବହେ ଖର ତର
ଜଳ ସ୍ଥଳ ସବୁ ଏକାକାର
କେତେ ବା ସହିବୁ ଆମେ ବନ୍ୟାର କଷଣ
ପ୍ରତିବର୍ଷ ହେଲୁ ଗୃହ ଶୂନ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହରାଉଛୁ ସକଳ ସମ୍ପତି
କିପରି ବଂଚିବୁ ଆମେ ସହି ସହି ବନ୍ୟାର
ବିପତ୍ତି ?

ହେ ମଣିମା ! କର ପ୍ରତିକାର
ନ ହେଲେ ନିଶ୍ଚିହ୍ନ ହେବ
ତୁମ ବାରବାଟୀ ସହ ଆମ କଟକର ।
ଅଣ୍ଟିରୁ କାଢ଼ିଲେ ବୃଦ୍ଧ
ଖୁଦ୍ର ଏକ ଥଳି
ରାଜାଙ୍କ ସମ୍ମୁଖେ ରଖି
ଜଣାଇଲେ ଅଳି ।

ଭିକ୍ଷାଲବ୍ଧ କଉଡ଼ି ମୁଁ ଯାହାଥିଲି ସଞ୍ଚି
ନିବେଦିଲି ଘେନନ୍ତୁ ମଣିମା
ମୋ କଟକ ରହିଥାଉ ବଞ୍ଚି ।

ଭିକାରୀର ଶୁଣି ମର୍ମକଥା
ମଣିମାଙ୍କ ଘୁରିଗଲା ମଥା
କିଏ କହେ ତୁମକୁ ଭିକାରୀ ?
କିଏ ଅଛି ଦାନୀ ତୁମ ପରି ?

ତୁମ ଲାଗି କଟକରୁ ଦୂର ହେବ ବନ୍ୟା
ଆଦେଶିଲେ ନରପତୀ
ଗଢ଼ାହେବ ଦୁଇ ପଟେ ପଥର ପ୍ରାଚୀର
ତାହା ହିଁ ତ ହେଲା
କଟକ ବୟସ ଏବେ ହଜାରେ ଟପିଲା ।
ତୁମେ କିନ୍ତୁ ନାହଁ ଆଜି ଜନ ମାନସରେ
ଅବା ଇତିହାସ ସ୍ୱର୍ଣ୍ଣିମ ପୃଷ୍ଠାରେ
କଦବା କେଉଁଠି କେହି
ଭାଷଣରେ ତୁମ ନାମ ସ୍ମରେ ।

ତୁମ ସ୍ମୃତି ରକ୍ଷା ପାଇଁ
ହୋଇନାହିଁ ସେପରି ଉଦ୍ୟମ
ତୁମ ବ୍ୟାଖ୍ୟା କଲେ ନାହିଁ
ଏ ରାଜ୍ୟର ବୁଦ୍ଧିଜୀଙ୍କୀ ଗଣ
ହେ ମହାନ "ବାଇମୁଣ୍ଡି " ଭିକାରୀ ପ୍ରବର
କୋଟିକେ ଗୋଟିଏ ତୁମେ
ସାର ମଧ୍ୟେ ସାର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ - ୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଶତଣ୍ଡୀ

ଅଭୟ କୁଣ୍ଡ



ଆଦ୍ୟ ଭାଦ୍ରବରେ ତୁମ ଆଗମନ
ଶ୍ରାବଣ ଧୋଇଲା ପରେ
ଧଳା ମେଘଖଣ୍ଡ ଆକାଶେ ଭାସଇ
କାଶତଣ୍ଡୀ ନଦୀ ଧାରେ ।

ନିର୍ମଳ ଶରତ ନିର୍ମଳ ଆକାଶ
ନିରିମଳ ନଦୀ ଜଳ
ଧବଳ ସୁନ୍ଦରୀ ତୁମେ କାଶତଣ୍ଡୀ
ଶୋଭାମୟ ନଦୀ କୂଳ ।

ପ୍ରକୃତି ଧରିଛି ରମଣୀୟ ବେଶ
ତୁମେ ପ୍ରକୃତିର କନ୍ୟା
ତୁମ ଶୋଭା ଶିରି ମନଲୋଭା ଭାରି
କୁସୁମ ବତୀ ଅନନ୍ୟା ।

ପ୍ରକୃତି ପିନ୍ଧିଛି ଶୁଭ୍ର ଶ୍ୱେତ ବସ୍ତ୍ର
ତୁମେ ସେ ବସ୍ତ୍ରର ଅଂଶ
ନହୁଲୀ ରୁପସୀ ସୁନ୍ଦରୀ ଅପସରି
ଅପାସୋରା ତୁମ ହସ ।

ଧରାବତରଣ କରିବେ ଜନନୀ
ତୁମେ ଦେଲ ଶୁଭ ବାର୍ତ୍ତା
ମା'ଙ୍କ ପୂଜାରେ ଜଗତ ମଜ୍ଜିବ
ଭାବ ଭକ୍ତିର ଏ କଥା ।

ତୁମ ପରି ସ୍ୱଚ୍ଛ ହୁଅନ୍ତୁ ମନୁଷ୍ୟ
ନ ଲାଗୁ କଳଙ୍କ ଦାଗ
ମଣିଷ ବୁଝନ୍ତୁ ମଣିଷର ଦୁଃଖ
ଅନୁକୂଳ ହେଉ ପାଗ ।

ବଳଭଦ୍ରପୁର ବନ୍ଧଗ୍ରାମ
ନିମାପଡା ପୁରୀ
ମୋ - ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେ ଅଟୁ ଦେବଶିଶୁ

ସନ୍ଧ୍ୟାରାଣୀ ମେଣ୍ଟୀଲି



ଆମେ ଅଟୁ ଦେବ ଶିଶୁ ଏହି ବିଶ୍ୱର
ଆଖିରେ ଭରା ସପନ ପବିତ୍ର ଆମରି ମନ
ଗଢ଼ିଦେବୁ ଗଢ଼ିଦେବୁ ସୁନାସଂସାର ।
ସମସ୍ତେ ଆମେ ବିଶ୍ୱପିତାଙ୍କ ସନ୍ତାନ
ପୂଜିବା ମହା ଆନନ୍ଦେ ତାଙ୍କ ଚରଣ
ରାଗ କ୍ରୋଧ ହିଂସା ଅହଂକାରକୁ ଛାଡ଼ି
ସଦ୍ଭାବନା ରଖି ଯିବା ଆଗକୁ ମାଡ଼ି
ହସି ଆମେ ହସାଇବା ଗାଆଁ ସହର ।
ପାଠ ପଢ଼ି କେତେ କଥା ଆମେ ଶିଖିବୁ
ନାଚି ଗାଇ ମହା ଆନନ୍ଦରେ ରହିବୁ
ବୋଳିହେବୁ ସକାଳ ସୂରୁଯ ଜୋଛନା
ଦେଖି ମୁରୁକି ହସିବ ନଦୀ ଝରଣା
ହୋଇବ ବିଶ୍ୱ ଆମର କେଡ଼େ ସୁନ୍ଦର ।
ମାଆ ବାପା ଭାଇ ଭଉଣୀ ଗୁରୁଜନ
ଆମ ପାଇଁ ସେମାନେ ଯେ କେତେ ମହାନ
ତାଙ୍କ ଉପଦେଶ ଆମ ସୁନା ରତନ
କେତେ ସୁନ୍ଦରରେ କରିଦେବ ଗଢ଼ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଜାଡ଼ି ଦେବା ତାଙ୍କଠି ଆମରି ମନ ।
ମହକ ଭରିବା ଆମେ ଅଣୁ ଅଣୁରେ
ସ୍ନେହ ବୋଳିଦେବା ଆମେ ପ୍ରତି ଧୂଳିରେ
ମାଟି ମାଁ ଦାନକୁ ଆମେ ଭୁଲି ନଯାଇ
ପ୍ରଣିପାତ କରିବା ତା କୋଳରେ ଥାଇ
ମଥାରେ ଆଉଁସି ଦେବ ବଢ଼ାଇ କର ।
ବୁଲିବା ଖେଳିବା ଆମେ ଖୋଲା ପବନେ
ଉଠିବ ପଡ଼ିବ ଦାଣ୍ଡ ମଧୁର ଗାନେ
ପୁନେଇଁ ରାତି କହିବ ଆସ ପାଖକୁ
ତୋଳିନେବି ତୋଳିନେବି ଥରେ କୋଳକୁ
ବୋଳିଦେବି ଆସ ଆସ ରଙ୍ଗ ଅବିର ।

ପ୍ରଧାନ ଶିକ୍ଷୟିତ୍ରୀ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
ଜଉଁରାଭଉଁରା ସୁବର୍ଣ୍ଣପୁର

Listen to Odia Podcast Original at https://youtube.com/@drjyotiprasad

ଅଶି ଦଶକର ଲୋକପ୍ରିୟ ରୀତି

ଅମୃତନାରାୟଣ ଶତପଥୀ



ଅଶି ଦଶକର ଲୋକପ୍ରିୟ ରୀତି ବଢିଛି ସଭିଙ୍କ ପ୍ରୀତି,
ସାମାଜିକ ଗଣ ମାଧ୍ୟମରେ ପୁଣି ଶହଶହ ଫଟୋ ନିତି ।(୧)
କେ କେଉଁ ଢଙ୍ଗରେ କେ କେଉଁ ରଙ୍ଗରେ ପୁରାତନ ଚିତ୍ର ରାଜି,
ସତରେ ଲାଗଇ ବାଇଆ ପରି ଲଗାନ୍ତି ସଭିଏଁ ବାଜି ।(୨)
ମେଣ୍ଟାପଲ୍ ପରି ପାଣିକୁ ଜଣେ ଡେଇଁଲେ ପୁଣି ଆନ,
ବୁଝି ନ ପାରନ୍ତି ଏହାର ପରିଣାମ ହୋଇପାରେ ଯେ ଆହ୍ୱାନ ।(୩)
ଚିତ୍ର ପଛ ସିନା ଅଶି ଦଶକର ସେ ନୈତିକତା ସଂସ୍କାର କାହିଁ,
ସରଳ ନିରାଡମ୍ବର ଜୀବନ ଶୈଳୀ ପରୋପକାର ଆଦି ନାହିଁ ।(୪)
ସବୁବେଳେ ପୁଣି ଲୋକପ୍ରିୟ ରୀତି ପଛରେ ଧାଇଁଲେ ହାନୀ,
ସୃଜନଶୀଳତା ହରାଇ ମନୁଷ୍ୟ ଭାବଇ ଯେ ମହାଜ୍ଞାନୀ ।(୫)
ଯେଉଁ ସମୟରେ ଯୁବଗୋଷ୍ଠୀ ଆମ ଦେଶରେ କରେ ଫେସନ,
ସେହି ସମୟର ସଦୁପଯୋଗ କରି ବିଦେଶରେ ଲୋକ ପାଆନ୍ତି ସମ୍ମାନ ।(୬)
କେଉଁ ଦେଶ ପୁଣି ସ୍ୱାସ୍ଥ୍ୟ, ଶିକ୍ଷା କ୍ରୀଡା ସୃଜନଶୀଳତାରେ ଧନୀ,
ହେଲେ ଲଜ୍ଜା ଲାଗେ ଆମ ଦେଶରେ ଯୁବ ପିଢି ଭଲ ଖରାପ ବାଛି ପାରେନି ।(୭)
ଲକ୍ଷ୍ୟ ହୀନ ହୋଇ ସାମାଜିକ ଗଣମାଧ୍ୟମରେ ଧାଇଁ ହରାଇ ନିଜ କ୍ଷମତା,
ମନେ ମନେ ପୁଣି ଲଡୁ ଖାଇ ଆମେ ଭାବୁଛେ ଜଗତ ଜିତା ।(୮)
ସତରେ ଏବେବି କାହିଁକି ଆମର ବୁଦ୍ଧି ବିବେକ ହେଉନି ସାଥି,
କେତେ ଘଣ୍ଟା କେତେ ଦିନ ପୁଣି ପେଚା ସମ ମନୁଷ୍ୟ ଚେଉଁଛି ରାତି ।(୯)
ଯେତେଦିନ ସଭ୍ୟତା ସମାଜ ନିଜର ବିବେକାନ୍ୱୀତ କର୍ମ ନ କରିବ,
ସେତେ ଦିନ ଯାଏଁ ଏପରି ତୁଚ୍ଛ ବନ୍ଧନରେ ରହି ବିକଶିତ କେବେ ନ ହେବ ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଲା ଶରତର ସୁନ୍ଦର ମେଳା

କିରନ୍ ସ୍ୱାଇଁ



ବିତିଗଲା ଏବେ ଶ୍ରାବଣର ଗୀତ,
ଚାରିଆଡ଼େ ଏବେ ମହକିତ ଚିତ୍ତ ।
ନୀଳ ସୁନିର୍ମଳ ଆକାଶର କାୟା,
ଢାଳୁଛି ସେ ସ୍ନିଗ୍ଧ କିରଣର ଛାୟା ।

ନଦୀର ଜଳ ସେ ଅତି ନିର୍ମଳ,
ପବନରେ ଖେଳେ ଶୀତଳ ହିଲ୍ଲୋଳ ।
ସକାଳର ଖରା କେଡ଼େ ଝଲମଲ,
ରାତିର ଶୀତଳେ ମନ ହୁଏ ସରସ ।

ସବୁଜ ଘାସରେ ଶିଶିରର ବିନ୍ଦୁ,
ସତେ ଯେମିତି ମୋତିର ସିନ୍ଧୁ ।
ଅଗଣାରେ ଗେଣ୍ଡୁ ଫୁଲର ବାସ୍ନା,
ପରବର ଉପହାରେ ଭରେ କାମନା ।

ଧାନ କ୍ଷେତେ ଧାନ କେଣ୍ଡା ଦୋହଲଇ,
ସୂର୍ଯ୍ୟ କିରଣ ଧରଣୀକୁ ଚୁମଇ ।
ଆସିଲା ଏବେ ସେ ମିଠା ମିଠା ଶୀତ,
ଶରତ ରଚିଲା ତାର ଯାଦୁର ସଙ୍ଗୀତ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାସତୀ ଉର୍ମିଳା

ଦିଲ୍ଲୀପ କୁମାର ପ୍ରଧାନ



ନୁହେଁ ମନ୍ଦୋଦରୀ ନୁହେଁ ବାଳୀ ନାରୀ
ନୁହେଁ ପଣ୍ଡୁ ପତ୍ନୀ କୁନ୍ତୀ
ନୁହେଁ ମୁଁ ବୈଦେହୀ ନୁହେଁ ଯାଜ୍ଞସେନୀ
ନୁହଁଇ ମୁଁ ପଞ୍ଚ ସତୀ ।
ଜନକ ଦୁହିତା ଲକ୍ଷ୍ମଣ ଙ୍କ ପତ୍ନୀ
ହୋଇଥିଲେ ପତିବ୍ରତା
ପ୍ରଚ୍ଛଦ ନାୟିକା ଅଟେ ମୁଁ ଉର୍ମିଳା
ସଦା ରହେ ନିରବତା ।
ଉତ୍ତଙ୍ଗ ଚରିତ୍ର ଶ୍ରେଷ୍ଠ ସେ ବ୍ୟକ୍ତିତ୍ୱ
ବର୍ଣ୍ଣିବା ଯେ ଅସମ୍ଭବ
ପ୍ରେମ ତ୍ୟାଗ ଥିଲା ଶ୍ରେଷ୍ଠ ବଳିଦାନ
ଲୟ ଏକ ସ୍ୱାମୀ ଭାବ ।
ଭୋଗ ଠାରୁ ଶ୍ରେଷ୍ଠ ତ୍ୟାଗ ଶ୍ରେୟସ୍କର
ଉର୍ମିଳା କରେ ପ୍ରମାଣ
ବଳି ଦେଇ ସ୍ୱାର୍ଥ ଅନ୍ୟ ର ହିତରେ
ଜୀବନ ଯେ ସମର୍ପଣ ।

ଆଙ୍କନ୍ତି ଉର୍ମିଳା ଏକାନ୍ତରେ ବସି
ରାମ ରାଜା ଫୋଟ ଚିତ୍ର
ଲକ୍ଷ୍ମଣ ବାଣୀରେ ଚମକି ଉର୍ମିଳା
ଫୋଟ ଚିତ୍ରେ ରେଖାପାତ ।
ରେଖା ଫୋଟ ଚିତ୍ର ସତ୍ୟ ଯେ ହୋଇଲା
ରାମ ଯିବେ ବନବାସ
ହୋଇ ସେବାକାରୀ ଅବା ଅଙ୍ଗରକ୍ଷୀ
ବନେ ଗବିବେ ଅବଶ୍ୟ ।
କରୁନାହିଁ ମନା ଯିବ ବନବାସ
ଘେନ ମୋର ନିବେଦନ
ବୋଲେ ଚାନ୍ଦ ମୁହିଁ ଲୋତକ ଗଡ଼ାଇ
ନ ଦେଖିବ ବାଳା ବଦନ ।
ଥାଇ ବନବାସେ ଆସୁ ଯେତେ କ୍ଳେଶ
ସଜାଗ ଯେ ଅନୁକ୍ଷଣ
ତପସ୍ୱୀ ର ବ୍ରତ କରି ଆଚରଣ
ନ କରିବ କେବେ ମୈଥୁନ ।

Listen to Odia Podcast Original at https://youtube.com/@drjyotiprasad

ସ୍ୱାମୀ ଅନୁରକ୍ତା ସେହି ପତିବ୍ରତା
ଇଚ୍ଛନ୍ତି ବନ ଗମନ
ପିତୃମାତୃ ସେବା ତୁମ ଶ୍ରେଷ୍ଠ କର୍ମ
କହେ ସୌମିତ୍ରୀ ନନ୍ଦନ ।
ବୋଲେ ମହାସତୀ ହେ ବୀର ଲକ୍ଷ୍ମଣ
ବନ୍ଦାଣ ମୁହିଁ କରିବି
ଅକ୍ଷତ ସୁମନେ ବିଜୟୀ ତିଳକ
ଲଲାଟ ରେ ତୁମ ଦେବି ।
ବୋଲି ଏହି ବାଣୀ ଜନକ ତନୟା
ମନ୍ଦିରେ ନିଜ ଚଳିଲା
ସୁବର୍ଣ୍ଣ ଥାଳରେ ପ୍ରଦୀପ ଜଳାଇ
ଖରେ ସେହୁ ବାହୁଡ଼ିଲା ।
ଦେଖିଲା ସମ୍ମୁଖେ ରାମ ସହ ସୀତା
ଲକ୍ଷ୍ମଣ ଯେ ଅନୁଗାମୀ
ମନେ ଚିନ୍ତେ ବାଳା ବନ୍ଦଣ ଥାଳକୁ
କେବେ ରଖିବନି ଭୂମି ।
ଛିଡ଼ା ଏକ ପାଦେ ଚଉଦ ବରଷ
ଅପେକ୍ଷା ସୌମିତ୍ରୀ ନନ୍ଦନ
ପୁଜି ଭୋଳାନାଥ ପତି ର ମଙ୍ଗଳ
ହୋଇ ହର୍ଷ ଚିତ୍ତ ମନ ।

ଲଙ୍କା ସୁନାଶିର ଏକଘନୀ ଶର
ହୃଦେ ପଡିଲା ଲକ୍ଷ୍ମଣ
ମନ ରେ ଚିନ୍ତିଲା ଜନକ ତନୟା
ଦୀପ ଲିଭେ କି କାରଣ ।
ମୃତ୍ୟୁ ସଙ୍ଗେ ରଣ କରନ୍ତି ଲକ୍ଷ୍ମଣ
ଜମ୍ଭୁ ନଦ କଟକରେ
ହୋଇଲେ ପ୍ରଭାତ ନିଶ୍ଚେ ହେବେ ହତ
ରଖି ନପାରିବେ ଶୂରେ ।
ଯଦି ସ୍ୱାମୀ ଭକ୍ତା ଅଟେ ପତିବ୍ରତା
ଉଦେ ହେବନି ତପନ
ପୁଜେ ଶୁଳପାଣି ତହୁଁ ସେ ରମଣୀ
ମନରେ କରିଣ ଧ୍ୟାନ ।
କଳାନେମୀ ନାଶି ଗାନ୍ଧର୍ବେ ବିନାଶି
ଆଣିଲା ଗାନ୍ଧମାର୍ଦନ
ସେ ବୈଦ ସୁଶେଣ ଔଷଧ ଲେପନ
ଜାଗେ ସୌମିତ୍ରୀ ନନ୍ଦନ ।
ନିର୍ବାପିତ ଦୀପ ପ୍ରଜ୍ୱଳିତ ହେଲା
ଉର୍ମିଳା ଯେ ପ୍ରଫୁଲ୍ଲିତ
ସତୀତ୍ୱ ବଳରେ ଜନକ ତନୟା
ଲକ୍ଷ୍ମଣ ପୁନଃର୍ଜୀବିତ ।

ସହକାରୀ ଶିକ୍ଷକ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରବାଙ୍କ
ରେଢ଼ାଖୋଲ,ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫରାସୀ ହୁଲା

ସୁନୀଲ କୁମାର ଅଗସ୍ତି



ତମେ ଯେନ୍'ଟା ଯାନିଛ
ମୁଁଇଁ ଗଲେ ସେଟା ଜାନିଛେଁ
ଆର୍ କେନ୍ ନି'ନ ଭେକ୍'ଲା ଗେବା
ସଭେଁ ସବୁଟା ଜାନିଛନ୍ ଜାନୁଛନ୍,
କେନ୍'ଟା କାହାକେ ସବୁଟା ସବୁନେ
ନାଁଇନ କାହାକେ ଆର୍ ଅଜନା
ସଭେଁ ସମକୁଁ ଚିହ୍ନି ଆନୁଛନ୍ ନେ
ସମକୁଁ ସଭେଁ ଗମି ଆନୁଛନ୍ ନେ
ତମର୍ ଠାବେନ୍ ଚାଁଟି ମାକର୍ କୁକୁର୍
ଅଗା ବଗା ଖଗା ଭକୁଆ ବେଡା ଗେବଲା
ନାଇଁନ କେନ ଆର୍ ଇ' ଦେଶେ ରାଏଜେ
ଖେଟି ସାଏ'ଲେ ନ ସଭେଁ ଦରବାରର୍ ନିଦାନେ
ଆନୁଛନ୍ ଉଲ୍'ଟେଇ ଦିନାର୍ ଦିନ୍ ଘଡିକେ ଘଡି
ଫରଦ୍ ଜୁନହାଁ ସେ 'ଲୁଇ'ର୍ ଖେଟେନ୍ ନିଦାନେ,
ଲାଗି ଆଉଛେ ଡର୍ ସେ ଫରାସୀ ହୁଲାର୍ ଲହ
ତମେ ଜାନିଛ ମୁଇଁ ଜାନିଛେ ସଭେଁ ଜାନୁଛନ୍
ଆର୍ ଯହକରି ଙ୍କାନ୍, ଠାବ୍ କରି ବେଡା ନି' ଢିଲ'ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଶ୍ କେ ଲୁଟୁଛେ କେନ୍ କହ, କେନ୍ କହ,,

ଆର୍ ନାଇଁ ନ' ଯହ ଦିନ୍ ଥ' ନେ ହୁସିଆର୍

ଖଦିଆ ଘିଚି କରି ମେରହା ଗେଡା ସଙ୍ଗେ ନରଦାବାର୍,,

ହାତୀ ଘିଚୁଛେ ମାକରର୍ ଗାଡି ବଲ୍'ଲଟି ମନ୍ ନି'ଥାଇ

ଛେଲ୍ ଘିଚୁଛେ ଘୁଡାର୍ ଦରବାରୀ ବିଟାଲ୍ ବଫୁ ପାଇ

ହାତୀ ଘୁଡା ଅର୍'କଲେ ଭୋକର୍ ପେଟ୍ ଲାଗତି

ମାକର୍ ଛେଲ୍ ଧର୍'ସକଲେ ଫିରଭି ତାଡୁଛନ୍ ମଲେଇ,,

ସଭେଁ ସବୁଟା ଜାନୁଛନ୍ ପାଏଲେ ନ ମୁନୁଷ୍ ସୋର୍

ଆର୍ ଯହକରି ଙ୍କାନ୍ ନି' ଢିଲ ନ'

ଦେଶ୍ କେ ଲୁଟୁଛେ କେନ୍ ଘାଏ କହ ତ'

ଟିଟିଲାଗଡ଼, ବଲାଙ୍ଗୀର

ମୋ /୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫ୍ଟୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତ : ରାଷ୍ଟ୍ର ନା ରାଷ୍ଟ୍ରପୁରୁଷ ?

ରତି ରଞ୍ଜନ ମହାପାତ୍ର



ଭାରତ ଏହା କେବଳ ଏକ ଭୂଖଣ୍ଡର ନାମ ନୁହେଁ, କେବଳ ଏକ ମାନଚିତ୍ରରେ ଅଙ୍କିତ ସୀମାର ନାମ ନୁହେଁ । ଭାରତ ହେଉଛି ଏକ ଅନୁଭୂତି, ଏକ ଚେତନା, ଏକ ସଂସ୍କାର, ଏକ ଅନାଦି ସଭ୍ୟତା ଏବଂ ଏକ ଜୀବନ୍ତ ରାଷ୍ଟ୍ରପୁରୁଷ । ଯେଉଁ ରାଷ୍ଟ୍ରର ଅସ୍ତିତ୍ୱ କେବଳ ତାହାର ସୀମାରେ ନୁହେଁ, ବରଂ ତାହାର ମାଟି, ନଦୀ, ପର୍ବତ, ଭାଷା, ସଂସ୍କୃତି, ଦର୍ଶନ, ପରମ୍ପରା ଓ କୋଟି କୋଟି ଲୋକଙ୍କ ହୃଦୟରେ ବଞ୍ଚି ରହିଛି ସେହି ହେଉଛି ଭାରତ ।

“ଭରୟତି ଇତି ଭାରତଃ” ଯିଏ ଭରଣ-ପୋଷଣ କରେ, ଯିଏ ଜୀବନକୁ ଧାରଣ କରେ, ଯିଏ ନିଜ ସନ୍ତାନଙ୍କୁ ଆଶ୍ରୟ ଦିଏ, ସେହି ଭାରତ । ଏହି ଭାରତୀୟ ଭୂମି ଯୁଗେ ଯୁଗେ ବିଭିନ୍ନ ନାମରେ ପରିଚିତ ହୋଇଛି ଜମ୍ବୁଦ୍ୱୀପ, ଆର୍ଯ୍ୟାବର୍ତ୍ତ, ନାଭିବର୍ଷ, ସପ୍ତସିନ୍ଧୁ, ମେଲୁହା ଇତ୍ୟାଦି । କାଳକ୍ରମେ ଏହି ଭୂମି “ଭାରତବର୍ଷ” ଭାବରେ ପରିଚିତ ହେଲା । ବିଷ୍ଣୁ ପୁରାଣର ପ୍ରସିଦ୍ଧ ଶ୍ଲୋକରେ ଭାରତର ଭୌଗୋଳିକ ଓ ସାଂସ୍କୃତିକ ପରିଚୟ ଏପରି ଭାବରେ ଦିଆଯାଇଛି

“ଉତ୍ତରଂ ଯତ୍ ସମୁଦ୍ରସ୍ୟ
ହିମାଦ୍ରେଶ୍ଚୈବ ଦକ୍ଷିଣମ୍ ।
ବର୍ଷଂ ତଦ୍ ଭାରତଂ ନାମ
ଭାରତୀ ଯତ୍ର ସନ୍ତତିଃ ॥”

ଅର୍ଥାତ୍ ସମୁଦ୍ରର ଉତ୍ତର ଓ ହିମାଳୟର ଦକ୍ଷିଣରେ ଯେଉଁ ଭୂମି, ଯେଉଁଠି ଭାରତୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ତତି ବାସ କରନ୍ତି, ସେହି ଭୂମି ହେଉଛି ଭାରତ ।

ଭାରତର ମସ୍ତକରେ ହିମାଳୟ ମୁକୁଟ ପରି ଶୋଭାପାଏ । ତାହାର ପାଦ ଧୋଇଥାଏ ଅସୀମ ସମୁଦ୍ର । ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, ଗୋଦାବରୀ, କୃଷ୍ଣା, କାବେରୀ, ମହାନଦୀ ଓ ବ୍ରହ୍ମପୁତ୍ର ଭଳି ଅସଂଖ୍ୟ ନଦୀ ଏହି ଭୂମିକୁ ଜୀବନ ଦେଇଛନ୍ତି । ତେଣୁ ଭାରତର ନଦ-ନଦୀ ଆମ ପାଇଁ କେବଳ ଜଳଧାରା ନୁହେଁ ସେ ମା' । ଆମେ ପ୍ରାର୍ଥନା କରୁ

“ଗଙ୍ଗେ ଚ ଯମୁନେ ଚୈବ
ଗୋଦାବରୀ ସରସ୍ୱତୀ ।
ନର୍ମଦେ ସିନ୍ଧୁ କାବେରୀ
ଜଳେସ୍ମିନ୍ ସନ୍ନିଧିଂ କୁରୁ ॥”

ଭାରତର ପର୍ବତଗୁଡ଼ିକ କେବଳ ପଥରର ସମୂହ ନୁହେଁ; ସେଗୁଡ଼ିକ ହେଉଛି ତପସ୍ୟାର ପ୍ରତୀକ । ଭାରତର ଅରଣ୍ୟ କେବଳ ବୃକ୍ଷର ସମାହାର ନୁହେଁ; ସେଠାରେ ଋଷିମାନଙ୍କ ଧ୍ୟାନର ସ୍ମୃତି ରହିଛି । ଏହି ମାଟିର ପ୍ରତ୍ୟେକ କଣିକାରେ ହଜାର ହଜାର ବର୍ଷର ସଭ୍ୟତାର ପଦଚିହ୍ନ ରହିଛି । ତେଣୁ ଆମେ କହିପାରୁ ଭାରତର କଣ-କଣ ଆମ ପାଇଁ ଶଙ୍କର ।

ଭାରତ ସେହି ଭୂମି, ଯେଉଁଠାରେ ମଣିଷ କେବଳ ବାହ୍ୟ ଜଗତକୁ ଜାଣିବାକୁ ଚେଷ୍ଟା କରିନାହିଁ, ନିଜ ଅନ୍ତରାତ୍ମାକୁ ମଧ୍ୟ ଜାଣିବାକୁ ଚେଷ୍ଟା କରିଛି । ଋଷିମାନେ ପଚାରିଥିଲେ, “ମୁଁ କିଏ ?”, “ସତ୍ୟ କ'ଣ ?”, “ବ୍ରହ୍ମ କ'ଣ ?” ଏହି ଅନ୍ୱେଷଣରୁ ଜନ୍ମ ନେଇଛି ବେଦ, ଉପନିଷଦ, ଯୋଗ ଓ ବେଦାନ୍ତର ମହାନ ପରମ୍ପରା । ଉପନିଷଦର ପ୍ରାର୍ଥନା ଆଜି ମଧ୍ୟ ମାନବଜାତିକୁ ଆଲୋକିତ କରେ

“ଅସତୋ ମା ସଦ୍ଗମୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତମସୋ ମା ଜ୍ୟୋତିର୍ଗମୟ ।

ମୃତ୍ୟୋର୍ମା ଅମୃତଂ ଗମୟ ॥”

ଅସତ୍ୟରୁ ସତ୍ୟକୁ, ଅନ୍ଧକାରରୁ ଆଲୋକକୁ ଏବଂ ମୃତ୍ୟୁରୁ ଅମରତ୍ୱର ପଥକୁ ନେଇଯିବାର ଏହି ଆହ୍ୱାନ ହେଉଛି ଭାରତୀୟ ଚିନ୍ତନର ମୂଳ ସ୍ୱର ।

ଭାରତ କେବଳ ଆଧ୍ୟାତ୍ମିକତାର ଭୂମି ନୁହେଁ; ଏହା ଜ୍ଞାନ ଓ ବିଜ୍ଞାନର ମଧ୍ୟ ଏକ ମହାନ କେନ୍ଦ୍ର । ପାଣିନି ଭାଷାକୁ ବୈଜ୍ଞାନିକ ଗଠନ ଦେଲେ । ଚାଣକ୍ୟ ରାଜନୀତି ଓ ଅର୍ଥଶାସ୍ତ୍ରର ଗଭୀର ଚିନ୍ତନ ଦେଲେ । ସୁଶ୍ରୁତ ଚିକିତ୍ସା ଓ ଶଲ୍ୟଚିକିତ୍ସାର ପରମ୍ପରାକୁ ସମୃଦ୍ଧ କଲେ । ଚରକ ଆୟୁର୍ବେଦକୁ ଉଚ୍ଚତା ଦେଲେ । ଆର୍ଯ୍ୟଭଟ୍ଟ ଗଣିତ ଓ ଖଗୋଳ ବିଜ୍ଞାନରେ ଅମୂଲ୍ୟ ଅବଦାନ ରଖିଲେ । ବରାହମିହିର ଓ ଭାସ୍କରାଚାର୍ଯ୍ୟ ଜ୍ଞାନର ଏହି ପରମ୍ପରାକୁ ଆହୁରି ସମୃଦ୍ଧ କଲେ । ଏବଂ ଅନେକ ଶତାବ୍ଦୀ ପରେ ଶ୍ରୀନିବାସ ରାମାନୁଜନ ସଂଖ୍ୟାର ଜଗତରେ ଅସାଧାରଣ ପ୍ରତିଭାର ପରିଚୟ ଦେଲେ ।

ଏହି ଭାରତରେ ତକ୍ଷଶିଳା, ନାଳନ୍ଦା ଓ ବିକ୍ରମଶିଳା ପରି ଜ୍ଞାନକେନ୍ଦ୍ର ଗଢ଼ିଉଠିଥିଲା । ଦୂରଦୂରାନ୍ତରୁ ଜ୍ଞାନାର୍ଥୀମାନେ ଏଠାକୁ ଆସୁଥିଲେ । କାରଣ ଭାରତୀୟ ଚିନ୍ତାଧାରାରେ ଜ୍ଞାନ କେବଳ ଚାକିରିର ମାଧ୍ୟମ ନୁହେଁ ଜ୍ଞାନ ଥିଲା ସାଧନା ।

ଏହି ଜ୍ଞାନପରମ୍ପରାର ଏକ ଉଜ୍ଜ୍ୱଳ ଶିଖର ଥିଲେ ଆଦି ଶଙ୍କରାଚାର୍ଯ୍ୟ । ସେ ଭାରତର ବିଭିନ୍ନ ପ୍ରାନ୍ତରେ ଯାତ୍ରା କରି ଜ୍ଞାନ ଓ ଦର୍ଶନର ଏକତାର ସନ୍ଦେଶ ପ୍ରଚାର କରିଥିଲେ । ତାଙ୍କ ଅଦ୍ୱୈତ ଚିନ୍ତନ ଭାରତୀୟ ଦର୍ଶନକୁ ଏକ ନୂଆ ଗଭୀରତା ଦେଇଥିଲା । ତାଙ୍କ ଜୀବନ ମନେ ପକାଇଦିଏ ଯେ ଭାରତର ଭୂଗୋଳ ବିଭିନ୍ନ ହୋଇପାରେ, କିନ୍ତୁ ତାହାର ଆଧ୍ୟାତ୍ମିକ ଚେତନା ଏକ ।

ଏହି ଭୂମିରେ ଶ୍ରୀ ରାମକୃଷ୍ଣ ପରମହଂସ ମଧ୍ୟ ଜୀବନରେ ଆଧ୍ୟାତ୍ମିକ ଅନୁଭୂତିର ଗଭୀରତାକୁ ପ୍ରକାଶ କରିଥିଲେ । ତାଙ୍କ ଜୀବନ ଧର୍ମର ବିଭିନ୍ନ ପଥ ମଧ୍ୟରେ ଏକତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ଭାବନାକୁ ପ୍ରକାଶ କରିଥିଲା । ତାଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦ ଏହି ଭାରତୀୟ ଆତ୍ମାର ସ୍ୱରକୁ ବିଶ୍ୱମଞ୍ଚରେ ପହଞ୍ଚାଇଥିଲେ । ୧୮୯୩ ମସିହାରେ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କ ସମ୍ବୋଧନ ଭାରତର ଆଧ୍ୟାତ୍ମିକ ପରମ୍ପରାକୁ ବିଶ୍ୱ ସମ୍ମୁଖରେ ନୂଆ ଭାବରେ ଉପସ୍ଥାପନ କରିଥିଲା ।

ଏହି ଭାରତର ସବୁଠାରୁ ବଡ଼ ଶକ୍ତି ହେଉଛି ବିଭିନ୍ନତା ମଧ୍ୟରେ ଏକତା । ଏଠାରେ ଭାଷା ଅନେକ, ପୋଷାକ ଅନେକ, ଖାଦ୍ୟ ଅନେକ, ପରମ୍ପରା ଅନେକ, ଉପାସନାର ପଥ ଅନେକ; କିନ୍ତୁ ଭାରତୀୟ ଚେତନା ଆମକୁ କହେ

"ବସୁଧୈବ କୁଟୁମ୍ବକମ୍ ।"

ସମଗ୍ର ପୃଥିବୀ ଏକ ପରିବାର । ଏହି ଚିନ୍ତାରେ ଭାରତର ବିଶାଳତା ଲୁଚି ରହିଛି ।

ଭାରତର ସଂସ୍କୃତି କେବଳ ଗ୍ରନ୍ଥରେ ନୁହେଁ, ଜୀବନର ପ୍ରତ୍ୟେକ ରୂପରେ ପ୍ରକାଶିତ । ଓଡ଼ିଶୀର ତ୍ରିଭଙ୍ଗୀରେ ଭାରତ ଅଛି, ଭରତନାଟ୍ୟମର ମୁଦ୍ରାରେ ଭାରତ ଅଛି, କଥକର ଘୁଙ୍ଗୁରରେ ଭାରତ ଅଛି, ସିତାରର ତାରରେ ଭାରତ ଅଛି, ବାଂଶୀର ସ୍ୱରରେ ଭାରତ ଅଛି । ଏଠାରେ କଳା କେବଳ ମନୋରଞ୍ଜନ ନୁହେଁ କଳା ଥିଲା ସାଧନା । ଏବଂ ଯେତେବେଳେ ଭାରତକୁ ମାତୃରୂପରେ କଳ୍ପନା କରାଯାଏ, ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ସୃଷ୍ଟି "ବନ୍ଦେ ମାତରମ୍" ଆମ ହୃଦୟରେ ଗୁଞ୍ଜି ଉଠେ

"ତ୍ୱଂ ହି ଦୁର୍ଗା ଦଶପ୍ରହରଣଧାରିଣୀ,

କମଳା କମଳଦଳବିହାରିଣୀ,

ବାଣୀ ବିଦ୍ୟାଦାୟିନୀ..."

ଏଠାରେ ମାତୃଭୂମି ଦୁର୍ଗା ଶକ୍ତିର ପ୍ରତୀକ; କମଳା—ସମୃଦ୍ଧିର ପ୍ରତୀକ; ବାଣୀ ଜ୍ଞାନର ପ୍ରତୀକ । ଅର୍ଥାତ୍ ଭାରତର ଚିନ୍ତାଧାରାରେ ଶକ୍ତି, ସମୃଦ୍ଧି ଓ ଜ୍ଞାନ ଏକାସାଥିରେ ଅବସ୍ଥିତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ଆମର ଗୌରବ କେବଳ ଅତୀତର ସ୍ମୃତିରେ ସୀମିତ ହୋଇ ରହିବା ଉଚିତ ନୁହେଁ । ଆର୍ଯ୍ୟଭଟ୍ଟଙ୍କୁ ସ୍ମରଣ କରି ଯଦି ଆମେ ନୂଆ ଆକାଶକୁ ଅନ୍ୱେଷଣ କରିବୁ ନାହିଁ, ସୁଶ୍ରୁତଙ୍କୁ ସ୍ମରଣ କରି ଯଦି ନୂଆ ଚିକିତ୍ସାର ପଥ ଖୋଜିବୁ ନାହିଁ, ରାମାନୁଜନଙ୍କୁ ସ୍ମରଣ କରି ଯଦି ନୂଆ ଗଣିତ ଓ ବିଜ୍ଞାନର ସୀମା ଭାଙ୍ଗିବୁ ନାହିଁ, ବିବେକାନନ୍ଦଙ୍କୁ ସ୍ମରଣ କରି ଯଦି ଆମ ଯୁବଶକ୍ତି ଜାଗ୍ରତ ହେବ ନାହିଁ ତେବେ ଆମର ଗୌରବ କେବଳ ଅତୀତର କାହାଣୀ ହୋଇ ରହିଯିବ ।

ଅତୀତ ଉପରେ ଗର୍ବ କରିବା ସହଜ; କିନ୍ତୁ ସେହି ଅତୀତକୁ ଯୋଗ୍ୟ ଭବିଷ୍ୟତ ଗଢ଼ିବା ହିଁ ପ୍ରକୃତ ଦେଶଭକ୍ତି ।

ରାମ ଚାଲିଗଲେ, କିନ୍ତୁ ରାମଙ୍କ ଆଦର୍ଶ ରହିଗଲା । କୃଷ୍ଣ ଚାଲିଗଲେ, କିନ୍ତୁ ଗୀତାର ଜ୍ଞାନ ରହିଗଲା । ଶଙ୍କରାଚାର୍ଯ୍ୟ ଚାଲିଗଲେ, କିନ୍ତୁ ଜ୍ଞାନର ଜ୍ୟୋତି ରହିଗଲା । ରାମକୃଷ୍ଣ ଚାଲିଗଲେ, କିନ୍ତୁ ଆଧ୍ୟାତ୍ମିକ ଏକତାର ସନ୍ଦେଶ ରହିଗଲା । ବିବେକାନନ୍ଦ ଚାଲିଗଲେ, କିନ୍ତୁ ଯୁବଶକ୍ତିର ଆହ୍ୱାନ ରହିଗଲା । ଆର୍ଯ୍ୟଭଟ୍ଟ ଚାଲିଗଲେ, କିନ୍ତୁ ଆକାଶକୁ ବୁଝିବାର ଜିଜ୍ଞାସା ରହିଗଲା । ସୁଶ୍ରୁତ ଚାଲିଗଲେ, କିନ୍ତୁ ମାନବଜୀବନକୁ ବଞ୍ଚାଇବାର ସାଧନା ରହିଗଲା । ରାମାନୁଜନ ଚାଲିଗଲେ, କିନ୍ତୁ ସଂଖ୍ୟାର ଅନନ୍ତ ଜଗତ ରହିଗଲା ।

ବ୍ୟକ୍ତି ଚାଲିଯାଏ, କିନ୍ତୁ ବିଚାର ଅମର ରହିଥାଏ ।

ସେଥିପାଇଁ ଭାରତର କାହାଣୀ ଶେଷ ହୋଇନାହିଁ । ଏହା ଏକ ଚାଲୁଥିବା ମହାକାବ୍ୟ । ଏହାର ପୂର୍ବ ଅଧ୍ୟାୟ ଋଷି, ବୈଜ୍ଞାନିକ, କବି, ସନ୍ଥ ଓ ବୀରମାନେ ଲେଖିଛନ୍ତି; କିନ୍ତୁ ଆଗାମୀ ଅଧ୍ୟାୟ ଲେଖିବାର ଦାୟିତ୍ୱ ଆମର ।

ତେଣୁ ଯେତେବେଳେ ଆମେ ଭାରତର ମାଟିକୁ ଛୁଇଁବା, ମନେ ରଖିବା ଏହା କେବଳ ମାଟି ନୁହେଁ । ଏଠାରେ ଋଷିଙ୍କ ତପସ୍ୟା ଅଛି, ବୀରଙ୍କ ବଳିଦାନ ଅଛି, ମା'ର ଲୁହ ଅଛି, କୃଷକର ଝାଳ ଅଛି, ସୈନିକର ତ୍ୟାଗ ଅଛି, କବିର ସ୍ୱପ୍ନ ଅଛି, ବୈଜ୍ଞାନିକର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜିଜ୍ଞାସା ଅଛି ଏବଂ କୋଟି କୋଟି ଭାରତୀୟଙ୍କ ଆଶା ଅଛି ।

ଭାରତର ମସ୍ତକ ହିମାଳୟ, ହୃଦୟ ଗଙ୍ଗା; ତାହାର ଶିରାରେ ନଦୀମାନଙ୍କ ଜୀବନଧାରା, ବାହୁରେ ପର୍ବତମାଳାର ଶକ୍ତି, ମସ୍ତିଷ୍କରେ ବେଦାନ୍ତ ଓ ବିଜ୍ଞାନ, ହୃଦୟରେ କରୁଣା ଏବଂ ଆଖିରେ ଏକ ଅଜେୟ ଭବିଷ୍ୟତର ସ୍ୱପ୍ନ ।

ତେଣୁ ଭାରତ କ'ଣ ?

ଭାରତ କେବଳ ଏକ ରାଷ୍ଟ୍ର ନୁହେଁ ଭାରତ ଏକ ଜୀବନ୍ତ ରାଷ୍ଟ୍ରପୁରୁଷ ।

ଯେଉଁଠି ଗଙ୍ଗା କେବଳ ନଦୀ ନୁହେଁ ମା' ।

ଯେଉଁଠି ମାଟି କେବଳ ମାଟି ନୁହେଁ ମାତୃଭୂମି ।

ଯେଉଁଠି କଣ-କଣ କେବଳ କଣିକା ନୁହେଁ ଶଙ୍କର ।

ଯେଉଁଠି ଜ୍ଞାନ କେବଳ ଶିକ୍ଷା ନୁହେଁ ସାଧନା ।

ଯେଉଁଠି ବିଭିନ୍ନତା କେବଳ ଭିନ୍ନତା ନୁହେଁ ଏକତାର ସୌନ୍ଦର୍ଯ୍ୟ ।

ଏବଂ ଯେତେବେଳେ କୋଟି କୋଟି କଣ୍ଠ ଏକାସାଥିରେ ଉଚ୍ଚାରଣ କରେ:

“ବନ୍ଦେ ମାତରମ୍ !”

ସେତେବେଳେ ଏହା କେବଳ ଏକ ଶବ୍ଦ ନୁହେଁ; ଏହା ହଜାର ହଜାର ବର୍ଷର ସଭ୍ୟତାର ସ୍ୱର, ଋଷିମାନଙ୍କ ତପସ୍ୟାର ସ୍ୱର, ବୀରମାନଙ୍କ ବଳିଦାନର ସ୍ୱର, ମା'ମାନଙ୍କ ପ୍ରାର୍ଥନାର ସ୍ୱର ଏବଂ ଭବିଷ୍ୟତର ଭାରତ ଗଢ଼ିବାକୁ ଯାଉଥିବା ଯୁବପିଢ଼ିର ସଂକଳ୍ପର ସ୍ୱର ।

ଏହା ହେଉଛି ଭାରତ ।

ଏହା ହେଉଛି ଆମର ମାତୃଭୂମି ।

ଏହା ହେଉଛି ଏକ ଅମର ରାଷ୍ଟ୍ରପୁରୁଷ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଗବତ ବାଣୀ ଓ ଜୀବନ ଦର୍ଶନ

ଡଃ ହେମନ୍ତ କୁମାର ଗନ୍ତାୟତ



ଭାରତୀୟ ସନାତନ ଧର୍ମ ହେଉଛି ଦେବତ୍ୱର ଧର୍ମ । ଯେ ସର୍ବଦା ବିଶ୍ୱର କଲ୍ୟାଣ ପାଇଁ କେବଳ ଦେଇଚାଲିଛି । ଏହାର ପବିତ୍ର ଗ୍ରନ୍ଥ ସମୂହ ଅମୃତ ସମାନ ଏବଂ ମାନବ ସମାଜର ଦିଗ୍ଦର୍ଶକ ଅଟନ୍ତି । ଏହି ପାବନ ଗ୍ରନ୍ଥ ମଧ୍ୟରୁ ସର୍ବଶ୍ରେଷ୍ଠ ହେଉଛନ୍ତି "ଶ୍ରୀମଦ୍ଭାଗବତ ମହାପୁରାଣ" । ଯାହା ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱର ମାର୍ଗ ପ୍ରଦର୍ଶନ କରିବା ସହ ଜୀବନ ଦର୍ଶନର ଏକ ଉତ୍ତମ ନିଦର୍ଶନ । ଯାହାକୁ ଜଗତ ଜନଙ୍କ ମଙ୍ଗଳ ପାଇଁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ, ସମସ୍ତ ଶାସ୍ତ୍ରର ନିର୍ଯ୍ୟାସକୁ ନେଇ ଏ ଗ୍ରନ୍ଥକୁ ସଂସ୍କୃତ ଭାଷାରେ ରଚନା କରିଥିଲେ । ଏହି ମହାପୁରାଣକୁ ଭଗବାନଙ୍କ ସାକ୍ଷାତ ସ୍ୱରୂପ ବୋଲି ମଧ୍ୟ କୁହାଯାଏ । ଯାହାକୁ ନିତ୍ୟ ପାଠ କରୁଥିଲେ ଭକ୍ତ ଏବଂ ବିଜ୍ଞ ଦାର୍ଶନିକ ତଥା ଓଡ଼ିଆର ସନ୍ଥ ଅତିବଡ଼ି ଜଗନ୍ନାଥ ଦାସ । ସେ ଓଡ଼ିଆ ଜାତିକୁ ଭକ୍ତି ଓ ଜୀବନ ଦର୍ଶନରେ ପ୍ରେରିତ କରିବା ନିମନ୍ତେ ଏହି ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ଭାବାନୁବାଦ କରିଥିଲେ । ସେବାଠାରୁ ଆଜିପର୍ଯ୍ୟନ୍ତ ଏହାର ବାଣୀ ଆଲୋକ ବର୍ତ୍ତିକା ହୋଇ ପଥ ପ୍ରଦର୍ଶନ କରି ଚାଲିଛି ।

ଓଡ଼ିଆ ଭାଗବତକୁ କିଛି ଲୋକ କେବଳ ଏକ ଧାର୍ମିକ ଗ୍ରନ୍ଥ ବୋଲି କହନ୍ତି, ପରନ୍ତୁ ଏହା ଓଡ଼ିଆ ଜାତିର ପ୍ରାଣସ୍ପନ୍ଦନ ଏବଂ ଏକ ମହାନ ଜୀବନ ଦର୍ଶନ । ଯାହା ଅତିସରଳ ଓ ସାର୍ବଜନୀନ ଭାଷାରେ ଜୀବନର ସତ୍ୟତାକୁ ନବାକ୍ଷରୀ ବୃତ୍ତ ବା ଗୁଜ୍ଜରୀ ରାଗରେ ରଚନା କରାଯାଉଛି । ଏହି ସରଳ ଛନ୍ଦ ଯୋଗୁଁ ଜଣେ ସାଧାରଣ ନିରକ୍ଷର ବ୍ୟକ୍ତି ମଧ୍ୟ ଏହାକୁ ସହଜରେ ମନେ ରଖିପାରିବ । ଯାହାଫଳରେ ସେ ଜୀବନର ଗଭୀର ତତ୍ତ୍ୱ ଓ

Listen to Odia Podcast Original at https://youtube.com/@drjyotiprasad

ଜନ୍ମ-ମୃତ୍ୟୁର ରହସ୍ୟ ଏବଂ ସଂସାରର ନଶ୍ୱରତାକୁ ବୁଝିପାରିବ । ଏହି ଭାଗବତର ଅମୂଲ୍ୟ ବାଣୀ, ସମସ୍ତ ଶ୍ରେଣୀର ଲୋକଙ୍କ ହୃଦୟକୁ ଏଥିପାଇଁ ଛୁଇଁଥାଏ । ଏଥି ମଧ୍ୟରୁ ଗୋଟିଏ ହେଉଛି :-

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେହେଁ ମରଇ ।"

ଏହି ପଦଟି ମନେ ପକାଇଦିଏ ଯେ, ମରଜଗତରେ ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ମଣିଷକୁ ଅହଂକାର, କ୍ରୋଧ, ଲୋଭ ଏବଂ ଈର୍ଷା ଭଳି ଖରାପ ଗୁଣରୁ ଦୂରେଇ ରହିବାକୁ ହେବ । ତାହା ସହ ସମସ୍ତଙ୍କୁ ଉତ୍ତମ ବ୍ୟବହାର କରିବା କଥାକୁ ସୂଚାଇ ଥାଏ । କେବଳ ଦୁର୍ଗୁଣ ଓ ସୁଗୁଣ ବିଷୟରେ ସୀମିତ ରହିନାହିଁ ଏହାର ବାଣୀ, କିପରି କର୍ମ କରିବାକୁ ହେବ, କେଉଁ କର୍ମ କରିବା ଦ୍ୱାରା ମଣିଷ ତାର କେଉଁ ପ୍ରକାର ଫଳ ପାଇଥାଏ ତାହାକୁ ମଧ୍ୟ କୁହାଯାଇଛି:-

"ଯେସନେ କର୍ମ କରେ ପ୍ରାଣୀ, ତେସନେ ଫଳ ଦେବେ ଆଣି"।

ଅର୍ଥାତ୍ - ଭଲ କାମ କଲେ ସୁଫଳ ଏବଂ ଖରାପ କାମ କଲେ କୁଫଳ ମିଳିବା ନିଶ୍ଚିତ । ଏହି ଦର୍ଶନ ମଣିଷକୁ ସମାଜରେ ପାପ କାମରୁ ନିବୃତ୍ତ ରହି ସତକର୍ମ କରିବା ପାଇଁ ପ୍ରେରଣା ଦେଇଥାଏ । ସେଭଳି

"ପୂର୍ବେ ଯେ ପ୍ରାଣୀ ଯାହା କରେ, ସେ କର୍ମ ଭୋଗେ ନିରନ୍ତରେ" ଏବଂ

"ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି ।"

ଏହାର ଅର୍ଥ ମନୁଷ୍ୟ ପୂର୍ବରୁ ଯେଉଁ କର୍ମ କରିଥାଏ, ତାର ପରିଣାମ ବା ଭୋଗ ତାକୁ ସଦାସର୍ବଦା ନିଶ୍ଚିତ ଭାବେ ଭୋଗିବାକୁ ପଡିଥାଏ ଏବଂ ବ୍ୟକ୍ତିର ମୃତ୍ୟୁ ହେବାପରେ ଇହ ଲୋକରେ ଲୋକମାନେ ତାର ବ୍ୟକ୍ତିତ୍ୱକୁ ନେଇ କଥା ହୋଇଥାନ୍ତି । ତେଣୁ ସଦା ସର୍ବଦା ସତ୍ କର୍ମ କରିବା ସହିତ ନିଜର ସମସ୍ତ କର୍ମକୁ ଆଶା ବା ଅହଂକାର ନ ରଖି ଭଗବାନଙ୍କ ଚରଣରେ ସମର୍ପଣ କରିବା ଆବଶ୍ୟକ, ତେବେ ଯାଇ ଏ ଜୀବ ସଂସାରର ସମସ୍ତ ପାପ-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଣ୍ୟ ବନ୍ଧନରୁ ମୁକ୍ତ ହୋଇପାରିବ । ସେହିପରି ଭାଗବତର ମୁଖ୍ୟ ଆଧାର ହେଉଛି ଭକ୍ତି । ଶ୍ରୀକୃଷ୍ଣଙ୍କ ଚରିତ୍ର ଏବଂ ଲୀଳା ମାଧ୍ୟମରେ ଭଗବାନଙ୍କ ପ୍ରତି ନିଷ୍କାମ ଭକ୍ତି ଓ ସମର୍ପଣ ଭାବ ଜାଗ୍ରତ କରାଇଛି । କେବଳ ବାହ୍ୟ ଆଡ଼ମ୍ବର ବା ପୂଜାପାଠ ନୁହେଁ, ବରଂ ଶୁଦ୍ଧ ମନରେ ଅହଂକାର ଶୂନ୍ୟ ହୋଇ ଭଗବାନଙ୍କୁ ସ୍ମରଣ କଲେ ମୁକ୍ତି ମିଳିଥାଏ ବୋଲି ଏହିପରି କୁହାଯାଇଛି:-

"ଉଦ୍ଧବ ମନେ ରଖିଥିବୁ, ମୁଁ ମଲେ ମୋତେ ତୁ ପାଇବୁ ।"

ଏହି ମହାପୁରାଣରେ କେବଳ ଜ୍ଞାନ, କର୍ମ ଓ ଭକ୍ତି କଥା କୁହାଯାଇନାହିଁ, ଅପିତୁ ଗୁରୁ ଏବଂ ସାଧୁଜନ ସଙ୍ଗର କଥାକୁ ଅତି ନିଖୁଣ ଭାବରେ ବର୍ଣ୍ଣନା କରାଯାଇଛି । ଆମେ ଜାଣିଛେ ଜନ୍ମ ଅଛି ମାନେ ନିଶ୍ଚିତ ମୃତ୍ୟୁ ରହିଛି । ତେଣୁ ଉତ୍ତମ ଲୋକଙ୍କ ସାନ୍ନିଧ୍ୟରେ ରହି ନିଜର ଚରିତ୍ରକୁ ଉନ୍ନତ କରିବା ଆବଶ୍ୟକ । ଏଥି ପାଇଁ ଲୋଡାପଡେ ଜଣେ ସଦଗୁରୁଙ୍କ ଆଶ୍ରୟ, ଯେ କି ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନର ଆଲୋକ ବର୍ତ୍ତିକା ହୋଇ ମାର୍ଗ ପ୍ରଦର୍ଶନ କରିଥାନ୍ତି । ଏଣୁ କୁହାଯାଇଛି:-

"ଜନ୍ମିଲେ ମରିବେ ନିଶ୍ଚୟ, ଗୁରୁ ଚରଣେ କର ଆଶ୍ରୟ ।"

ଏହି ଭାଗବତର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି 'ଅବଧୂତ ସମ୍ବାଦ' । ଏଥିରେ ଯଦୁ ମହାରାଜା ଓ ଅବଧୂତଙ୍କ କଥୋପକଥନ ମାଧ୍ୟମରେ ଦର୍ଶାଯାଇଛି ଯେ, କେବଳ ମଣିଷ ନୁହେଁ, ପ୍ରକୃତିର ପ୍ରତ୍ୟେକ ଉପାଦାନ ଆମର ଗୁରୁ ହୋଇପାରିବେ । ଅବଧୂତ ପୃଥିବୀ, ପବନ, ଆକାଶ, ଜଳ, ନିଆଁ, ଏପରିକି ବାଘ, ମାଛି ଓ ବେଶ୍ୟା ଆଦି ୨୪ ଜଣଙ୍କୁ ଗୁରୁ କରି ସେମାନଙ୍କଠାରୁ ଜୀବନ ଜୀଇଁବାର ସତ୍ୟ ଶିଖିଥିଲେ । ଏହା ଆମକୁ ଶିଖାଏ ଯେ ଜ୍ଞାନ ଆହରଣ ପାଇଁ କୌଣସି ସୀମା ବନ୍ଧନ ନାହିଁ ।

ଭାଗବତ କେବଳ ଆଧ୍ୟାତ୍ମିକତା ଶିଖାଏ ନାହିଁ, ବରଂ ଏକ ସୁସ୍ଥ ସମାଜ ଗଠନରେ ସାହାଯ୍ୟ କରେ । ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ, ଭାଇ-ଭଉଣୀଙ୍କ ନିମନ୍ତେ ସ୍ନେହ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତିଥି ସେବା ଆଦି ପାରିବାରିକ ମୂଲ୍ୟବୋଧକୁ ଏହା ସମ୍ମାନ ଦିଏ । ସମାଜରେ ସମସ୍ତେ ସମାନ ଏବଂ ସମସ୍ତଙ୍କ ମଧ୍ୟରେ ଭଗବାନ ବିଦ୍ୟମାନ, ଏହି ଭାବନା ଦ୍ୱାରା ଜାତିଗତ ଭେଦଭାବ ଦୂର କରିବାକୁ ଯାଇ ଶିକ୍ଷା ଦିଆଯାଇଛି ଯେ:-

"ସକଳ ଘଟେ ନାରାୟଣ , ଅନାଦି ପରମ କାରଣ ।"

ତେଣୁ ଏହି ଶାସ୍ତ୍ରକୁ ଇହଲୋକ ଓ ପରଲୋକର କଲ୍ୟାଣକାରୀ ଶାସ୍ତ୍ର ଏବଂ ପରମହଂସ ସଂହିତା ବୋଲି ମଧ୍ୟ କୁହାଯାଇଛି । ଏହାର ପ୍ରତ୍ୟେକଟି ଅକ୍ଷରର ମହତ୍ତ୍ୱ ମଧ୍ୟ ରହିଛି ଯଥା:-

'ଭା' ରେ ଭାବ, 'ଗ' ରୁ ଜ୍ଞାନ, 'ବ' ରୁ ବ୍ରହ୍ମ ଏବଂ 'ତ' ରୁ ତତ୍ତ୍ୱ ବୁଝାଏ ।

ଅତଃ କୁହାଯାଇଛି:

"ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ ।"

ସଂକ୍ଷେପରେ କହିବାକୁ ଗଲେ, ଓଡ଼ିଆ ଭାଗବତ ହେଉଛି ଜୀବନ ଜୀଇଁବାର ଏକ ସହଜ କଳା । ଏହା ମଣିଷକୁ ସୁଖରେ ଅହଂକାରୀ ନ ହୋଇ ଏବଂ ଦୁଃଖରେ ଭାଙ୍ଗି ନ ପଡ଼ିବାକୁ ଶକ୍ତି ଦେଇଥାଏ । ଆଜିର ବ୍ୟସ୍ତବହୁଳ ଓ ମାନସିକ ଚାପଗ୍ରସ୍ତ ଜୀବନରେ ଭାଗବତ ବାଣୀର ଅତ୍ୟନ୍ତ ପ୍ରାସଙ୍ଗିକତା ରହିଛି । ଏହା କେବଳ ଓଡ଼ିଶାର ଏକ ସାହିତ୍ୟିକ ସମ୍ପଦ ନୁହେଁ, ବରଂ ମାନବ ଜାତି ପାଇଁ ଏକ ଅମୂଲ୍ୟ ଜୀବନ ଦର୍ଶନ ।

ବରିଷ୍ଠ ଦର୍ଶନ ଅଧ୍ୟାପକ
ସଂସ୍କୃତ ମହାବିଦ୍ୟାଳୟ
କବିସୂର୍ଯ୍ୟ ନଗର, ଗଞ୍ଜାମ
୯୮୬୧୩୩୪୮୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିକ୍ଷା, ମହିଳା ସଶକ୍ତିକରଣ ଓ ଆରକ୍ଷଣ

ପଙ୍କଜ କୁମାର ପାଣିଗ୍ରାହୀ



ଏହା ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ବିକାଶର ଧାରା ନା, ଅଧୋଗତିର ପସରା ? !

ଗୋଟିଏ ଜାତିକୁ ପଙ୍ଗୁ କରି ଏକଚ୍ଛତ୍ର ଶାସନ କରିବାକୁ ହେଲେ ପ୍ରଥମେ ତା'ର ଜନ୍ମଦାତ୍ରି ମାତୃଶକ୍ତିକୁ ନଷ୍ଟ କରିଦିଅ । ତାପରେ ପୁରୁଷଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରି ବିଭାଜନ କର । ସେହି ଜାତିର ମାତୃଭାଷା ଏବଂ ଶିକ୍ଷା ବ୍ୟବସ୍ଥାକୁ ବିକୃତ / ନଷ୍ଟ କରିଦିଅ । ଏହି ତିନୋଟି କାର୍ଯ୍ୟ ସଂପୃକ୍ତ ରାଷ୍ଟ୍ରକୁ ଦମନ କରି କରାୟତ କରିବାକୁ ଯଥେଷ୍ଟ ହେବ । ଏହା ଇଂରେଜ ଯୋଜନା ।

ସଶକ୍ତ ପାଶ୍ଚାତ୍ୟ ମହିଳା :

ଅଧିକାଂଶ ପାଶ୍ଚାତ୍ୟ ଦେଶ ଗୁଡିକରେ ପ୍ରାୟ ୧୪-୧୬ ବର୍ଷ ମଧ୍ୟରେ ଝିଅମାନେ ବାପା, ମା' ଠାରୁ ଅଲଗା ହୋଇ ନିଜର ରୋଜଗାର ଏବଂ ଜୀବନ ଶୈଳୀରେ ରହନ୍ତି । ନିଜ ଇଚ୍ଛାରେ ଯେତେଥର ଇଚ୍ଛା ବିବାହ କରନ୍ତି, ଛାଡପତ୍ର ଦିଅନ୍ତି ! ବିବାହିତ ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷଙ୍କ ସହିତ କ୍ଲବ, ଡାନ୍ସ ବାର, ସିନେମା, ହୋଟେଲ ଯିବା ତଥା ଭ୍ରମଣ ମଧ୍ୟ କରନ୍ତି । ଘରେ ରୋଷେଇ ନକରି ପ୍ରାୟତଃ ହୋଟେଲରେ ଖାଆନ୍ତି । ସାଙ୍ଗସାଥି ହୋଇ ମଦ, ସିଗାରେଟ, ଚରସ ଭଳି ମାଦକ ଦ୍ରବ୍ୟର ଖୁବ ମଜା ନିଅନ୍ତି । ଘରେ ରହିବା ସମୟରେ ୨୫-୩୦ ପ୍ରତିଶତ ଶରୀର ଆବରଣ କରନ୍ତି । ବାହାରକୁ ଗଲେ ୩୦-୫୦ ପ୍ରତିଶତ ବସ୍ତ୍ର ପରିଧାନ କରନ୍ତି । ସମୁଦ୍ର କୂଳରେ ୫-୧୦ ପ୍ରତିଶତ ଶରୀର ଆବରଣ ହୁଏ । ଅନେକ ସ୍ଥାନରେ ଆଦୌ ବସ୍ତ୍ର ପରିଧାନ ନକରିବା ସୁଯୋଗ ମଧ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିଥାଏ ଯାହା କୌଣସି ପ୍ରତିବନ୍ଧକ କି ସଙ୍କୋଚ ବିନା ଉପଭୋଗ କରିଥାନ୍ତି !

ସେମାନେ କାହା ଉପରେ ନିର୍ଭରଶୀଳ ହୋଇନଥାନ୍ତି । ସମସ୍ତେ ପ୍ରାୟ ସ୍ୱେଚ୍ଛାଧୀନ ଜୀବନ ବିତାଇବା ପସନ୍ଦ କରନ୍ତି । ପ୍ରାୟତଃ ସମସ୍ତେ ଶିକ୍ଷାର ଏକ ଆବଶ୍ୟକ ସୋପାନ ଉତ୍ତୀର୍ଣ୍ଣ କରିଥାନ୍ତି । ସେମାନେ ନିଜେ, ନିଜର କ୍ଷମତା ଅନୁଯାୟୀ ରୋଜଗାର ପନ୍ଥା ଗ୍ରହଣ କରିଥାନ୍ତି । କାହାକୁ ଭୟ କରନ୍ତି ନାହିଁ । କୌଣସି କଥାରେ ସଙ୍କୋଚ କିମ୍ବା ଲଜ୍ଜା ଅନୁଭବ କରନ୍ତି ନାହିଁ । ସେମାନଙ୍କର ସଂକୀର୍ଣ୍ଣ ମନୋବୃତ୍ତି ନଥାଏ । ସେମାନଙ୍କ ଇଚ୍ଛା ଉପରେ କୌଣସି ପାରିବାରିକ, ସାମାଜିକ ପ୍ରତିବନ୍ଧକ ନଥାଏ । ସେମାନଙ୍କ ଜୀବନ ଶୈଳୀ ଅନୁରୂପ ସେମାନଙ୍କ ଜନ୍ମିତ ସନ୍ତାନଙ୍କର ହୋଇଥାଏ । କହିବାକୁ ଗଲେ ଆତ୍ମୀୟତା ଓ ପ୍ରେମର ସଜ୍ଞା କଣ ସେମାନେ ଜାଣନ୍ତି ନାହିଁ । ପ୍ରେମର ଅର୍ଥ କେବଳ ଶାରୀରିକ ସଂପର୍କ ମଧ୍ୟରେ ସୀମିତ ହୋଇ ରହିଯାଇ ଥାଏ ସେମାନଙ୍କ ବିଚାରଧାରାରେ । ସେମାନଙ୍କ ଧର୍ମକୁ ବିରୋଧ ନକଲେ ମଧ୍ୟ- ଧାର୍ମିକ ବିଚାରରେ ନିମଜ୍ଜିତ ହେବା ନଥାଏ ମନରେ ।

ନୈସର୍ଗିକ ପ୍ରେମର ମହତ୍ୱ ନବୁଝିଲେ ମଧ୍ୟ ସ୍ୱାଧୀନଚେତା ମୁକ୍ତ ଚିନ୍ତନ କାରଣରୁ ପ୍ରାୟତଃ ହିଂସା, ପରଶ୍ରୀକାତରତା, ଦ୍ୱେଷ ଭଳି କେତେକ ଅମାନୁଷିକ ଚରିତ୍ର ସେମାନଙ୍କ ପାଖରେ କମ ଦେଖାଯାଇଥାଏ । କେବଳ ନିଜ ଶକ୍ତି ମଧ୍ୟରେ ସ୍ୱେଚ୍ଛାଧୀନ ଜୀବନ ବଂଚିବା ସେମାନଙ୍କ ଏକମାତ୍ର ଲକ୍ଷ୍ୟ ରହିଥାଏ । ଜଣେ ପୁରୁଷକୁ ଜୀବନ ସାଥୀ କରି ସଂପୂର୍ଣ୍ଣ ଜୀବନ ଗୋଟିଏ ପରିବାର ମଧ୍ୟରେ ବାନ୍ଧି ହୋଇ ରହିବା ମହିଳାଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ମିଳିବେ ଆଜି ସମୟରେ । ବ୍ୟାପକ ଚତୁରତା କାରଣରୁ, ମିଥ୍ୟା କହି ପ୍ରଲୋଭିତ କରିବା କିମ୍ବା ସେମାନଙ୍କ ନିକଟତର ହେବା ସମ୍ଭାବନା ଖୁବ କମ ହୋଇଥାଏ ।

ଏସୀୟ ମହିଳା :

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମର କେତେକ ପଡୋଶୀ ରାଷ୍ଟ୍ରରେ ଆଜି କାଲି ପାଶ୍ଚାତ୍ୟ ପରଂପରାକୁ ଆଦୃତ କରାଯାଉଥିବା ଦେଖିବାକୁ ମିଳୁଛି । ଏହିସବୁ ରାଷ୍ଟ୍ର ଗୁଡିକରେ ଆଜି ସମୟରେ ଅଧିକାଂଶ ମହିଳା ବ୍ୟବସାୟ କିମ୍ବା ଅନ୍ୟ ରୋଜଗାର କରିଥାନ୍ତି । ପ୍ରାୟତଃ ପୁରୁଷମାନେ ଗୃହ କର୍ମ କରିବା ସହିତ ରୋଷେଇ କରନ୍ତି । ମହିଳା ମାନେ ନିଜର ସ୍ୱାଧୀନ ଚେତନାରେ ରହିବା ପସନ୍ଦ କରନ୍ତି । ଅନେକ ସମୟରେ ନିଜ ପସନ୍ଦରେ ବିବାହ କରୁଥିବା ବେଳେ କେତେଜଣ ପାରିବାରିକ ସଂଯୋଜିତ ପରଂପରାରେ ବିବାହ କରି ପରିବାର ଗଠନ କରିଥାନ୍ତି । ପାଶ୍ଚାତ୍ୟ ଭଳି ସାମାଜିକ ଶୃଙ୍ଖଳାରେ ଏତେ ବ୍ୟତିକ୍ରମ ଦେଖାଯାଏ ନାହିଁ ଏସିଆ ମହାଦେଶର ସବୁ ମହିଳାଙ୍କ କ୍ଷେତ୍ରରେ । କିଂଚିତ ମାତ୍ରାରେ ପାଶ୍ଚାତ୍ୟ ପୋଷାକ ପରିଧାନ ବ୍ୟତୀତ ପ୍ରାୟତଃ ଅଧିକାଂଶ ସାଂସ୍କୃତିକ ପୋଷାକ ପରିଧାନ କରିଥାନ୍ତି । କମ୍ ସଂଖ୍ୟକ ନିଶାସକ୍ତ ମହିଳା ରହିଥାନ୍ତି ।

ମୁସଲିମ ମହିଳା :

ମୁସଲିମ ଦେଶ ଗୁଡିକରେ କିନ୍ତୁ ଏସବୁ ଦେଖିବାକୁ ବିରଳ ମିଳିଥାଏ । ମୁସଲିମ ସଂପ୍ରଦାୟ ଏପର୍ଯ୍ୟନ୍ତ ଏସବୁ ପାଶ୍ଚାତ୍ୟ ସଭ୍ୟତାକୁ ଅଧିକ ମାତ୍ରାରେ ଗ୍ରହଣ କରିପାରି ନାହାନ୍ତି । ହିନ୍ଦୁ ଭଳି ମୁସଲମାନ ମାନଙ୍କ ସାମାଜିକ ସଂସ୍କାର ପ୍ରାୟତଃ ପରୁଷ ପ୍ରାଧାନ୍ୟତା ମଧ୍ୟରେ ପରିଚାଳିତ ହେଉଥିବା ଦେଖିବାକୁ ମିଳୁଛି । ସେମାନଙ୍କ ଧାର୍ମିକ ବିଚାର ଓ ମାନ୍ୟତା ଯଥେଷ୍ଟ ସୁଦୃଢ଼ ହୋଇଥାଏ । ସେମାନଙ୍କ କ୍ଷେତ୍ରରେ ନିଶା ସେବନ ଓ ପଶ୍ଚିମ ପୋଷାକର ବ୍ୟବହାର ଆଦୃତତା ମଧ୍ୟ ସୀମିତ ଦେଖିବାକୁ ମିଳେ ।

ଭାରତୀୟ ମହିଳା :

ଏ ସମସ୍ତଙ୍କ ଠାରୁ ବ୍ୟାପକ ଭିନ୍ନତା ଦେଖିବାକୁ ମିଳେ ଭାରତୀୟ ହିନ୍ଦୁ ମହିଳାଙ୍କ ସଂସ୍କୃତି, ସଂସ୍କାରରେ । ଏମାନେ କଠୋର ନିୟନ୍ତ୍ରଣ ମଧ୍ୟରେ ରହି ପରିବାରର ସମସ୍ତ ଦାୟିତ୍ୱ ନେଇଥାନ୍ତି । ପୁରୁଷଙ୍କ ଅନୁମତି ବିନା କୌଣସି କାର୍ଯ୍ୟ କରିବା ଅସମ୍ଭବ ଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନେହୁଏ । ଅଧିକାଂଶ ଭାରତୀୟ ମହିଳାଙ୍କ କ୍ଷେତ୍ରରେ ବାହ୍ୟ କାର୍ଯ୍ୟ କିମ୍ବା ଭ୍ରମଣ କରିବା କେବଳ ଉପଯୁକ୍ତ ଅନୁମତି ଅନୁମୋଦନ ମଧ୍ୟରେ ସୀମିତ ରହିଥାଏ । ଖୁବ କମ୍ ସଂଖ୍ୟକ ଶିକ୍ଷିତ ମହିଳା କର୍ମକ୍ଷେତ୍ରରେ ନିଯୁକ୍ତି ହୋଇ ରୋଜଗାର କରନ୍ତି । ଆଉ କେତେକ ଶିକ୍ଷିତ ହୋଇ ମଧ୍ୟ କମର୍ଜୀବି ହେବା ଅନୁମତି ମିଳିନଥାଏ ପରିବାରରୁ । ସେମାନଙ୍କ ଶିକ୍ଷା କେବଳ ସନ୍ତାନ ମାନଙ୍କୁ ପ୍ରେରଣା ଦେବା ବ୍ୟତୀତ ଆର୍ଥିକ ରୋଜଗାର ପାଇଁ ନିୟୋଜିତ ହୋଇନଥାଏ । ଅଧିକାଂଶ ଗରିବ ମହିଳାଙ୍କ ପାରିବାରିକ ସ୍ଥିତି କାରଣରୁ ରୋଜଗାର ନକଲେ ନଚଳେ ଅବସ୍ଥା ହେତୁ ସେମାନେ ମଜୁରୀ କରିଥାନ୍ତି ।

ଆକସ୍ମିକ କେବେ ହୋଟେଲରେ ଖାଇବା ସୁଯୋଗ ମିଳିଥାଏ । ଅନ୍ୟଥା ପ୍ରାୟତଃ ସବୁବେଳେ ଘରେ ରୋଷେଇ କରିଥାନ୍ତି । ଅଧିକାଂଶ ମହିଳା ଘରେ ହେଉ କିମ୍ବା ବାହାରେ ଭାରତୀୟ ସଂସ୍କାର ସୀମା ମଧ୍ୟରେ ରହି ପୋଷାକ ପରିଧାନ କରିଥାନ୍ତି । ଘରର ପୁରୁଷଙ୍କ ବିନା ସ୍ୱଇଚ୍ଛାରେ ଭ୍ରମଣ କରିବାକୁ ଯିବା ଅସମ୍ଭବ ହୋଇଥାଏ । ପର ପୁରୁଷଙ୍କ ସହିତ ଅକାରଣରେ କୌଣସି କଥାବାର୍ତ୍ତା ମଧ୍ୟ କରିନଥାନ୍ତି । ନିଶା ସେବନ ସେମାନଙ୍କ ପାଇଁ ଏକ ଘୃଣାର ବିଷୟ ହୋଇଥାଏ । ଯେତେ ଯାହା କଷ୍ଟ ହେଲେ ମଧ୍ୟ ବିବାହିତ ସ୍ୱାମୀକୁ ଛାଡି ଅନ୍ୟତ୍ର ମନ ବଳାଇବା ସେମାନଙ୍କ କ୍ଷେତ୍ରରେ ଅତି ବିରଳ ଦେଖାଯାଏ । ପ୍ରତି କଥାରେ ସ୍ୱାମୀ ହେଉ କିମ୍ବା ଅନ୍ୟାନ୍ୟ ଗୁରୁଜନଙ୍କ ସହମତିରେ କୌଣସି କାର୍ଯ୍ୟ କରିଥାନ୍ତି । ନିଜର ସନ୍ତାନ, ସ୍ୱାମୀ ସମେତ ପରିବାର ବନ୍ଧୁଜନ ମାନଙ୍କ ସହିତ ଅତ୍ୟନ୍ତ ପ୍ରେମର ସହିତ ଆଚରଣ କରିଥାନ୍ତି ।

ଭାରତୀୟ ମହିଳାଙ୍କ ଶିକ୍ଷାର ବିକାଶ ଆଜି ମଧ୍ୟ ଖୁବ କମ୍ ପରିମାଣର ଦେଖିବାକୁ ମିଳୁଛି । ସେମାନଙ୍କ ହୃଦୟରେ ପ୍ରେମ ଯେତିକି ମାତ୍ରାରେ ଦେଖିବାକୁ ମିଳେ ସେହି ତୁଳନାରେ ଇର୍ଷା, ଦ୍ୱେଷ, ପରଶ୍ରୀକାତରତା ଭଳି ଅନ୍ୟାନ୍ୟ ଅମାନୁଷିକ ବିଚାର ମଧ୍ୟ ପ୍ରାୟ ଦେଖିବାକୁ ମିଳେ ଅନେକଙ୍କ କ୍ଷେତ୍ରରେ । ପ୍ରାୟତଃ ବହୁତ ସମୟ ଘରେ ରହି

Listen to Odia Podcast Original at https://youtube.com/@drjyotiprasad

ସଂକୁଚିତ ମନୋଭାବ କାରଣରୁ ସେମିତି ହେଉଥିବା ଅନୁମାନ ହେଉଛି । ସେମାନେ ସ୍ନେହୀ, ଦୟାଳୁ, ଲୌଲିକ ତଥା ଅଭିମାନୀ ମଧ୍ୟ ହୋଇଥାନ୍ତି । ନିର୍ବୋଧତା କାରଣରୁ ଅତ୍ୟନ୍ତ ଧାର୍ମିକ ବିଚାର ମଧ୍ୟ ଦେଖିବାକୁ ମିଳେ ସେମାନଙ୍କ କ୍ଷେତ୍ରରେ । ତାର ସୁଯୋଗରେ ଧମର୍ଗୁରୁ, ପ୍ରବଚକ, ଜ୍ୟୋତିଷ ଶାସ୍ତ୍ରୀ, ପୂଜାରୀ ଭଳି ଅନେକ ବ୍ୟବସାୟୀ ସେମାନଙ୍କୁ ବଶବର୍ତ୍ତୀ କରି ଆର୍ଥିକ ଉର୍ପାଜନ କରିବାରେ ଯଥେଷ୍ଟ ସମର୍ଥ ହୋଇଥାନ୍ତି ।

ସେମାନେ ପାରିବାରିକ ବନ୍ଧନ ମଧ୍ୟରେ ରହିଥାନ୍ତି । ପୁରୁଷ ମାନେ ଚାକିରୀ କିମ୍ବା ବ୍ୟବସାୟ କରି ପରିବାର ଚଳାନ୍ତି । ଅଧିକାଂଶ ମହିଳାଙ୍କ ଆର୍ଥିକ ରୋଜଗାର ଏବଂ ସ୍ୱେଚ୍ଛାରେ ଖର୍ଚ୍ଚ କରିବା ସ୍ୱାଧୀନତା ନଥିବା କାରଣରୁ- ଧନ, ସଂପତ୍ତି, ଟଙ୍କା, ସୁନା ପ୍ରତି ଗଭୀର ଲୋଭାସକ୍ତ ମନୋଭାବ ସୃଷ୍ଟି ହୋଇଥାଏ । ସେମାନଙ୍କୁ ସାମାନ୍ୟ ଆର୍ଥିକ ଅନୁଦାନ ଦେବା ଲୋକଙ୍କ ପ୍ରତି ଯଥେଷ୍ଟ ସମବେଦନା ସୃଷ୍ଟି ହୋଇଥାଏ ମନରେ । ଅଧିକାଂଶ ମହିଳାଙ୍କ ଲୋଭାସକ୍ତ ବିଚାର କାରଣରୁ ଆର୍ଥିକ ଅନୁଦାନ ଦେଇ ସହଜରେ ସେମାନଙ୍କ ନିକଟତର ହେବା ସମ୍ଭବ ହୋଇଥାଏ । ନିର୍ମାୟା ମାନସିକ ଦୁର୍ବଳତା କାରଣରୁ ସାଧାରଣ ମିଥ୍ୟା କହି ପ୍ରଲୋଭିତ କରିବା / ମନକୁ କିଣିନେବା ମଧ୍ୟ ଅତ୍ୟନ୍ତ ସହଜ ହୋଇଥାଏ ଭାରତୀୟ ମହିଳାଙ୍କ କ୍ଷେତ୍ରରେ ! ସତକୁ ମିଛ ଓ ମିଛକୁ ସତ ବୋଲି କହିଲେ, ସେମାନେ ଏତେ ସହଜରେ ତାକୁ ଧରି ପାରନ୍ତି ନାହିଁ । ତେଣୁ ଅନେକ ସମୟରେ ଫସିଯାଇ ଥାନ୍ତି !

ପାଶ୍ଚାତ୍ୟ ପୁରୁଷ :

ସେମାନଙ୍କ ପାରିବାରିକ ବନ୍ଧନ ଖୁବ୍ କମ୍ । ସ୍ୱେଚ୍ଛାଚାରୀ ଜୀବନ । ସାଙ୍ଗାତିକ ଅହଂକାର । ନିୟନ୍ତ୍ରିତ ନିଶା ସେବନ । ନିରାଡ଼ମ୍ବର ପୋଷାକ ପରିଧାନ । ରଙ୍ଗ ଓ ଗୋଷ୍ଠିଗତ ବିଚାର କାରଣରୁ ବୈବାହିକ ସଂପର୍କ ଖୁବ କ୍ଷୀଣ ହୋଇଥାଏ । ଏସୀୟ ଲୋକଙ୍କ ପ୍ରତି ମନରେ ଘୃଣାଭାବ । ଆର୍ଥିକ ଅନାଟନ ଖୁବ୍ କମ୍ । ସଂଚୟ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭବିଷ୍ୟଦୃଷ୍ଟି ନାହିଁ କହିଲେ ଚଳେ । ଅଧିକାଂଶଙ୍କ କ୍ଷେତ୍ରରେ ପ୍ରାୟତଃ ଆର୍ଥିକ ସ୍ୱଚ୍ଛଳତା ରହିଥାଏ । ବିଭିନ୍ନ ଦେଶ, ବିଦେଶ ଭ୍ରମଣ କରିବାରେ ପ୍ରବଳ ଆକୃଷ୍ଟ । ଜୀବନକୁ ଆନନ୍ଦରେ ବଂଚିବା ଲକ୍ଷ୍ୟ । ସାମାଜିକ କିମ୍ବା ପାରିବାରିକ ଚାପଗ୍ରସ୍ଥ ଅବସ୍ଥା ଖୁବ୍ କମ୍ ।

ଭାରତୀୟ ପୁରୁଷ :

ଭାରତୀୟ ପୁରୁଷ ନିଜ ପରିବାର ପ୍ରତି ବ୍ୟାପକ ସମର୍ପିତ । ସ୍ତ୍ରୀ, ସନ୍ତାନ ପ୍ରତି ପ୍ରବଳ ଆକୃଷ୍ଟ ଭାବ । ପାରିବାରିକ ନିୟନ୍ତ୍ରଣ ସୀମାରେଖା ମଧ୍ୟରେ ବ୍ୟବହାରିକ ଆଚରଣ । ପାଶ୍ଚାତ୍ୟ ଭଳି ଏଠାରେ ଜାତି ନାମରେ ପରିଚିତ ଗୋଷ୍ଠିଗତ ଭେଦଭାବ ରହିଛି । ଗୋଷ୍ଠିଗତ ସ୍ୱାଭିମାନ କାରଣରୁ ପ୍ରେମ ବିବାହ ବ୍ୟତୀତ ପାରିବାରିକ ସଂପର୍କ ଅତ୍ୟନ୍ତ ବିରଳ ଦେଖିବାକୁ ମିଳେ । କିନ୍ତୁ ସମସ୍ତଙ୍କ ପ୍ରତି ମନରେ ସଦ୍ଭାବ ଓ ଦୟାଭାବ ରହିଥାଏ । ଅଧିକାଂଶ ଲୋକ ବ୍ୟାପକ ଆର୍ଥିକ ଅନାଟନରେ ରହୁଥିବା ବେଳେ ଖୁବ୍ କମ୍ ସଂଖ୍ୟକ ପ୍ରଚୁର ଆର୍ଥିକ ସମ୍ଭାର ମଧ୍ୟରେ ରହିଛନ୍ତି । ସାମାନ୍ୟ ଉଚ୍ଚ ସ୍ଥାନିତଙ୍କ ପ୍ରଚଣ୍ଡ ଅହଂକାର ରହିଥିବା ବେଳେ ସାଧାରଣ ଲୋକଙ୍କ ଲୌଲିକ, ସରଳତା ଆଚରଣ ଦେଖିବାକୁ ମିଳେ । ନିଜ ରୋଜଗାରର ତିନି ଚତୁର୍ଥାଂଶ ସଂଚୟ, ଟିକସ, ଧାର୍ମିକ କାର୍ଯ୍ୟ, ସାମାଜିକ ସଦ୍ଭାବନାରେ ଖର୍ଚ୍ଚ କରିଥାନ୍ତି । ଏକ ଚତୁର୍ଥାଂଶ କେବଳ ନିଜେ ବ୍ୟବହାର କରିଥାନ୍ତି । ତେଣୁ ସାଧାରଣ ଲୋକଙ୍କ କ୍ଷେତ୍ରରେ ଭ୍ରମଣ, ମଉଜ ମଜଲିସ କରିବା ଭଳି ମନରେ କୌଣସି ଅଭିଳାଷା ଉତ୍ପନ୍ନ ହେଉଥିବା ଖୁବ୍ କମ୍ ଦେଖିବାକୁ ମିଳେ । ସବୁବେଳେ ପାରିବାରିକ, ମାନସିକ ଚାପରେ ରହି ପ୍ରବଳ ମାତ୍ରାରେ ନିଶା ସେବନ କରିଥାନ୍ତି ଅନେକ । ରାଷ୍ଟ୍ରୀୟ ଭ୍ରଷ୍ଟାଚାର ଓ ଷଡ଼ଯାନ୍ତ୍ରୀକ ନୀତି ଗୁଡିଏ କାରଣରୁ ଅନେକ ଆର୍ଥିକ ଅନଗ୍ରସର ପରିବାର ଦେଖିବାକୁ ମିଳନ୍ତି ।

ଇଂରେଜ ଯୋଜନା :

ମହିଳାଙ୍କୁ ପାଶ୍ଚାତ୍ୟ ଶିକ୍ଷା ଓ ରୋଜଗାର ଦେଇ ସ୍ୱାବଲମ୍ବୀ କଲେ ସେମାନଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରିବାରିକ ସଂଲଗ୍ନତା କମିଯିବ । ଆର୍ଥିକ ସହାୟତା ଦେଇ ମାନସିକ ଲୋଭାସକ୍ତ କଲେ ପାରିବାରିକ ବନ୍ଧନରୁ ଦୁରେଇ ଯିବେ । ଏହାଦ୍ୱାରା ପରିବାର ବିକ୍ଷିପ୍ତ ହେବା ସମ୍ଭବ ହେବ ।

ଅନୁରୂପ ପୁରୁଷଙ୍କ ମଧ୍ୟରେ ଗୋଷ୍ଠିଗତ ବିଭେଦ ସୃଷ୍ଟି କରି ସାମାଜିକ ଦୂରତ୍ୱ ବଢାଯାଇ ପାରିବ । ଏହାଦ୍ୱାରା ସଂଗଠିତ ସମାଜକୁ ବିଭାଜିତ କରିହେବ ।

ସଂପୃକ୍ତ ରାଷ୍ଟ୍ରର ମାତୃଭାଷା ଏବଂ ସଂସ୍କାର ଶିକ୍ଷାକୁ ନୀଚ ଦେଖାଇ ତାକୁ ପାଶ୍ଚାତ୍ୟ ଶିକ୍ଷା ଓ ଭାଷାରେ ପରିଣତ କରିବା ଦ୍ୱାରା ସେମାନଙ୍କ ସ୍ୱାଭିମାନ ନଷ୍ଟ ହେବ । ପଶ୍ଚିମକୁ ଉନ୍ନତ ବୋଲି ଭାବି ସେମାନଙ୍କ ଗୋଲାମୀ କରିବେ ।

ଏହା କରିବାକୁ ହେଲେ ପ୍ରଥମେ ଭାରତୀୟ ସଂସ୍କୃତ ମୂଳ ଧର୍ମଶାସ୍ତ୍ର ଗୁଡିକୁ ନଷ୍ଟ କରାଯିବା ଆବଶ୍ୟକ । ତାର ପ୍ରତିଲିପି ସ୍ୱରୂପ ବ୍ୟାପକ ବିପରୀତମୁଖୀ କାଗଜ ପୁସ୍ତକ ପ୍ରସ୍ତୁତ କରାଯିବା ଆବଶ୍ୟକ । ସେଥିରେ ମହିଳାଙ୍କୁ ଅତ୍ୟନ୍ତ ନୀଚ ଦେଖାଇବା ଏବଂ ଗୋଷ୍ଠିଗତ ବୈଷମ୍ୟତାକୁ ଆଧାର କରି ପ୍ରଚଣ୍ଡ ବିଦ୍ୱେଷ / ଘୃଣାଭାବ ସ୍ଥାପନ କରିବା ଲକ୍ଷ ରଖାଗଲା ! ସନାତନ ଧର୍ମ ବୋଲି ଏକ ଶବ୍ଦର ଉଚ୍ଚାରଣ କେବଳ ଶୁଣିବାକୁ ମିଳୁଛି ଭାରତୀୟ ନାଗରିକଙ୍କ ମୁହଁରେ । ସନାତନ ଧର୍ମ ଏକ ନିରୀଶ୍ୱରବାଦୀ ମାନବୀୟ ଆଚରଣରେ ଭରପୁର ସର୍ବୋତ୍କୃଷ୍ଟ ଧର୍ମ ଗ୍ରଂଥ ଯାହାର କୌଣସି ବିକଳ୍ପ ନଥିଲା-- ନାହିଁ ଆଜି ମଧ୍ୟ ଅନ୍ୟାନ୍ୟ କୌଣସି ଧର୍ମରେ ! ତେଣୁ ତାକୁ ସଂପୂର୍ଣ୍ଣ ନଷ୍ଟ କରି ସମାଜରୁ ଉତ୍ଥାନ କରିଦେଲେ ଇଂରେଜ ।

ଭାରତୀୟ ସଂସ୍କାର ଶିକ୍ଷାକୁ ଅତ୍ୟନ୍ତ ନୀଚ ଓ ପଛୁଆ ଦେଖାଇ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ କଲେ । ସେହି ଶିକ୍ଷା ଧିରେ ଧିରେ ଭାରତୀୟଙ୍କୁ କଳୁଷିତ କରିବାକୁ ଲାଗିଲା । ବର୍ତମାନ କେହି ତା'ର ସ୍ଥିତି ବିଷୟରେ ବୁଝିବା ପରିସ୍ଥିତିରେ ନାହାନ୍ତି । ମାନବିକ ଚେତନା ତଥା ସଂସ୍କାର ରହିତ କେବଳ ଅନ୍ୟର ଚାକର କରିବା ଯୋଗ୍ୟ ଶିକ୍ଷାନୀତି

Listen to Odia Podcast Original at https://youtube.com/@drjyotiprasad

ମଣିଷକୁ ସୁଖ ଦେବ କି ଦୁଃଖ, ଆସନ୍ତା ସମୟରେ ବୁଝିବେ ବର୍ତମାନର ଅବୁଝା !

ସଂସ୍କାର ଶିକ୍ଷା ରହିଲେ ହୁଏତ ଭାରତୀୟ ଖୁବ୍ କମ୍ ଦିନ ମଧ୍ୟରେ ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଚୟ ପ୍ରଦାନ କରିବାରେ ସମର୍ଥ ହୋଇପାରିବେ ! ତାହା ଚାହୁଁ ନଥିଲେ ଇଂରେଜ । ଅଧିକନ୍ତୁ ଆଜି ସନାତନ ଧର୍ମର ମୂଳ ଲେଖା ପୁସ୍ତକ ଆମ ଦେଶରେ ନାହିଁ । ତେଣୁ ତାର ସତ୍ୟ ତଥ୍ୟ ଗୁଡିକ କେହି ଜାଣନ୍ତି ନାହିଁ । ତାହା, ହୁଏତ ଇଂରେଜ ପାଖରେ ରହିଥାଇ ପାରେ ବୋଲି ଆମର ଅନୁମାନ ହେଉଛି । ଏହିଭଳି ଆମର ମୂଳ ଧର୍ମକୁ ଓ ସଂସ୍କାର ଶିକ୍ଷାକୁ ନଷ୍ଟ କରିବା ପରେ ଭାରତୀୟ ଏକତାକୁ ଖଣ୍ଡ ବିଖଣ୍ଡିତ କରି ଗୋଷ୍ଠିଗତ ବିଭାଜନରେ ଆରମ୍ଭ ହେଲା କ୍ରୁର ଇଂରେଜ ଶାସନ !

ବର୍ତ୍ତମାନ ସ୍ଥିତି :

ଇଂରେଜ ଭାରତ ଛାଡି ଯିବା ସମୟରେ ଯାହା ସୀମିତ ପାଶ୍ଚାତ୍ୟ ସଭ୍ୟତା ପ୍ରବେଶ କରିଥିଲା । ପ୍ରାୟ ତିନି ଦଶନ୍ଧି ପୂର୍ବେ ବ୍ୟବସାୟର ଜଗତୀକରଣ ପରେ ଆଜିର ଭାରତ ଆଉ ପୂର୍ବ ଭଳି ନାହିଁ । ଭାରତୀୟ ମହିଳାଙ୍କ ପାଶ୍ଚାତ୍ୟ ସଭ୍ୟତା ପ୍ରତି ଆକୃଷ୍ଟ ଭାବ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି । ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହିତ ଅନୁଦାନର ସୁଅ ଛୁଟୁଛି ।

ଅଧିକାଂଶ ଯୁବତୀ କେବଳ ମଡର୍ଣ୍ଣ ପୋଷାକ ପିନ୍ଧୁଥିବା ଦେଖିବାକୁ ମିଳୁଛି । ଏମାନେ ମଧ୍ୟ ପାଶ୍ଚାତ୍ୟ ଭଳି ଅର୍ଧ ନଗ୍ନ ଅବସ୍ଥାରେ ବାହାରେ / ରିଲରେ ଦେଖିବାକୁ ମିଳିଲେଣି ! ଲିଭ-ଇନ ସହିତ ଛାଡପତ୍ର ଦେବା ସଂଖ୍ୟା ଆକାଶଛୁଆଁ ଅବସ୍ଥାକୁ ଆସିଲାଣି ! ଭାରତୀୟ ସଂସ୍କାରର ଅତୁଟ ପ୍ରେମର ସଙ୍କା ଏବେ ପାଶ୍ଚାତ୍ୟ ଭଳି ଶାରୀରିକ ସଂପର୍କ ମଧ୍ୟରେ ସୀମିତ ହେବାକୁ ଲାଗିଲାଣି ! ପାରିବାରିକ ବନ୍ଧନ ତୁଟି ଏକକ ଜୀବନ ଶୈଳୀ ପ୍ରତି ସମସ୍ତଙ୍କ ମନ ବଳିଲାଣି । ପାଶ୍ଚାତ୍ୟ ପ୍ରଭାବର ପ୍ରକୋପରେ ଭାରତୀୟ ମହିଳାଙ୍କ ଆଚରଣ ଏକ ସାଙ୍ଘାତିକ ପରିସ୍ଥିତି ମୁହାଁ ହେଉଥିବା ଅନୁଭବ କରୁଥିବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତେ ।

ପୂର୍ବଭଳି ସ୍ୱାମୀ କିମ୍ବା ପାରିବାରିକ ସଂର୍ପକୀୟଙ୍କ କର୍ତ୍ତୃତ୍ୱ ଆଉ ସେମାନଙ୍କ ଉପରେ କାମ କରୁନାହିଁ ! ମହିଳାଙ୍କ ଔଦ୍ଧତ୍ୟ ବୃଦ୍ଧି ସାଙ୍ଗକୁ ସାମାଜିକ ବ୍ୟଭିଚାର ଏକ ଦୈନନ୍ଦିନ ଖବରରେ ପରିଣତ ହେବାକୁ ଲାଗିଲାଣି ! ସେମାନେ ପାଶ୍ଚାତ୍ୟ ଭଳି ନିଜକୁ ସ୍ୱାବଲମ୍ବୀ କରି ନିଜସ୍ୱ ଇଚ୍ଛାଧୀନ କାର୍ଯ୍ୟ କରିବା ଲକ୍ଷ୍ୟରେ ଯଥେଷ୍ଟ ଅଗ୍ରଗତି କଲେଣି । କହିବାକୁ ଗଲେ ଏକ ରକମ ପାଶ୍ଚାତ୍ୟ ଢଙ୍ଗରେ ସେମାନଙ୍କ ବିକାଶ ଯଥେଷ୍ଟ କ୍ରିୟାଶୀଳ ହେବାକୁ ଲାଗିଲାଣି । ନିକଟ ଭବିଷ୍ୟତରେ ଆମ ଦେଶରେ ମଧ୍ୟ ପାଶ୍ଚାତ୍ୟ ଭଳି ଅର୍ଧ ନଗ୍ନ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିବ ସବର୍ତ୍ତ ! ସେମାନଙ୍କ ଏହି ବିକାଶ ଦିଗରେ ସ୍ୱଦେଶୀ, ବିଦେଶୀ ସୂତ୍ରର ତତ୍ପରତା ଯଥେଷ୍ଟ କାର୍ଯ୍ୟକାରୀ ହେଉଥିବା କାରଣରୁ-- ଆମେ ଖୁବ୍ କମ୍ ଦିନ ମଧ୍ୟରେ ପାଶ୍ଚାତ୍ୟ ଭଳି ମିହିଳାଙ୍କ ସମାବେଶ ଦେଖିବାକୁ ଯାଉଛେ ଆମ ଦେଶରେ ! ଗୋଆ ଭଳି ରାଜ୍ୟରେ ପାଶ୍ଚାତ୍ୟ ଠାରୁ ଅଧିକ ଦେଖିବାକୁ ମିଳିଲାଣି ! ଏହା ଭାରତୀୟ ମନୋଭାବର ବିକାଶ କରୁଛି କି ସର୍ବନାଶ, ବିଚାର କରିବେ ସର୍ବସାଧାରଣ ।

ଠିକ୍ ସେହିଭଳି ପୁରୁଷଙ୍କୁ ମଧ୍ୟ ଜାତିଗତ ବିଭେଦ ସୃଷ୍ଟି କରି ତୁମୁଳ କାଣ୍ଡ ଚାଲିଥିବା ଦେଖିବାକୁ ମିଳୁଛି ଆଜି ସମୟରେ । ଆରକ୍ଷଣ ନାମରେ ଏହି ବିଭେଦ କାରଣରୁ ବୈଷମ୍ୟତା ବଢିବା ସହିତ ରାଷ୍ଟ୍ରୀୟ ଏକତାକୁ ଭଙ୍ଗ କରିବାରେ ଯଥେଷ୍ଟ ସମର୍ଥ ହେଉଛି । ଏଥିରେ ମଧ୍ୟ ଗୁପ୍ତ ବିଦେଶୀ ସୂତ୍ର ସହିତ ସ୍ୱଦେଶୀ ମନ୍ତ୍ର ଯଥେଷ୍ଟ କାର୍ଯ୍ୟକ୍ଷମ ରହିଥିବା ଜଣାପଡୁଛି ! ଏହା ଆମକୁ ରାଷ୍ଟ୍ରୀୟ ବିକାଶ ଦିଗରେ ପରିଚାଳିତ କରୁଛି କି ଅଧୋଗତି, ବିଚାର କରିବେ ଦେଶର ନାଗରିକ ।

ସାମାଜିକ ବିଚାର :

ଇଂରେଜ ମାନଙ୍କ ଷଡ଼ଯନ୍ତ୍ରରେ ମୁଦ୍ରିତ ବିପରୀତମୁଖୀ ଭାରତୀୟ ଧର୍ମଗ୍ରଂଥ ଗୁଡିକୁ ଧରି ଲୋକେ ସେଗୁଡିକୁ ଘୃଣା କରୁଥିବା ଦେଖିବାକୁ ମିଳୁଛି ! ମନୁସ୍ମୃତିରେ ଭାରତୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହିଳା ଓ ପଛୁଆ ବର୍ଗଙ୍କୁ ତଳିତଳାନ୍ତ କରି ରଖିବା ପାଇଁ ପ୍ରେରଣା ରହିଥିବା କହୁଛନ୍ତି ଅନେକ ଶିକ୍ଷିତ, ଅଶିକ୍ଷିତ, ରାଜନୈତିକ ଗୋଷ୍ଠୀର ମଣିଷ ସମୂହ । ମନୁଙ୍କ ବାପା ମା' କିଏ, ସେ କେବର ମଣିଷ, ତାଙ୍କ ଲିଖିତ ମୂଳ ତାଳପତ୍ର ପୁସ୍ତକ, ତାଙ୍କ ମତବାଦର ମୂଳ ଅର୍ଥ ଭଳି ବ୍ୟାପକ ବିଷୟରେ ସାମାନ୍ୟ ଜ୍ଞାନ ନଥାଇ କେବଳ ଏକ ସାମାଜିକ ପ୍ରହେଳିକା ମାଧ୍ୟମରେ ଅସଂଖ୍ୟ ବିପରୀତମୁଖୀ ଭାଷଣ ଦେଇ ନିଜକୁ ଏବଂ ସମଗ୍ର ରାଷ୍ଟ୍ରକୁ ବିଭାଜିତ କରିବାରେ ଲିପ୍ତ ରହିଛନ୍ତି କେତେକ ଗୋଷ୍ଠୀ !

ଏହା ହିଁ ଇଂରେଜ ଶାସନର ମୂଳ ଆଧାର ଥିଲା ଯେ ଆମ ମଧ୍ୟରେ ବିଭାଜନ ସୃଷ୍ଟି କରିବା ଷଡ଼ଯନ୍ତ୍ର । ସେମାନେ ତ ଛାଡି ଚାଲିଗଲେ । ବର୍ତମାନ ଆମେ ସେମାନଙ୍କ ଷଡ଼ଯନ୍ତ୍ରକୁ ବୁଝି ସତ୍ୟର ଉନ୍ମୋଚନ କରିବା ବଦଳେ ନିଜ ଗୋଡ଼ରେ ନିଜେ କୁରାଢ଼ୀ ମାରି କେମିତି ନିଜକୁ ପ୍ରତାରିତ / ତଳିତଳାନ୍ତ କରୁଛେ ଦେଖୁଛନ୍ତି ସେମାନେ ! ଅଧିକନ୍ତୁ ତାହାର ସୁଯୋଗ ନେଇ ଆମକୁ ଲୁଟୁଛନ୍ତି ମଧ୍ୟ ବିଦେଶୀ ! ଏକଥା ର୍ବତମାନ କାହାକୁ ବୁଝା ପଡୁନାହିଁ । ବୁଝିଲା ବେଳକୁ ହୁଏତ ଆମେ ଆଉ ନଥିବା– କିନ୍ତୁ ଆମ ଭବିଷ୍ୟ ପିଢ଼ି କେବଳ କ୍ରୀତଦାସ ହୋଇ ରହିବା ଛଡା ମଣିଷ ଜୀବନର ମହତ୍ୱ କଣ ଜାଣିପାରିବେ ନାହିଁ ।

ଏସବୁ ଆମ ଦେଶର ବିକାଶ ଦିଗରେ କାର୍ଯ୍ୟକ୍ଷମ ଅଛି ନା ବିନାଶ, ବିଚାର କରି ଦେଖିବେ ଦେଶର ନାଗରିକ ! ମହିଳାଙ୍କ ପ୍ରକୃତ ବିକାଶ କ'ଣ / କେଉଁ ର୍ମାଗରେ ହେଲେ ବାସ୍ତବ ବିକାଶ ହେବ ଏବଂ- ଆରକ୍ଷଣ କେଉଁ ଆଧାରରେ ହେଲେ ସମାଜରେ ସମାନତା ପ୍ରତିଷ୍ଠା ହେବ- ସେହି ଦିଗରେ ସଚେତନ ବ୍ୟାଖ୍ୟା କରାଯିବା ବିଧେୟ । ଅନ୍ୟଥା ଏସବୁ ଗୁଡିକୁ ରାଜନୀତିକରଣ କରି ଚାଲିଥିବା ବିପ୍ଳବ ଯେ ଆଉ ବେଶୀ ଦୂର ନୁହେଁ ଆମକୁ ବିଭାଜିତ କରି ବିଦେଶୀ ହାତରେ ସଂପୂର୍ଣ୍ଣ ଶାସନ ନିୟନ୍ତ୍ରଣ ରହିବ !

ୟୁ-ଟ୍ୟୁବ- ସାମାଜିକ ଜନମଂଚ (ଭାରତ) ଛତ୍ରପୁର, ଗଞ୍ଜାମ. ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଷୋଳସୁଆଙ୍ଗ ଦଣ୍ଡନାଟରେ ଦିଅର ଭାଉଜ ସମ୍ପର୍କ

ଜିତେନ୍ଦ୍ର ପର୍ଡିଆ



ଦଣ୍ଡନାଟରେ ଆସେ ସୁଆଙ୍ଗ ପରେ ସୁଆଙ୍ଗ ଷୋଳସୁଆଙ୍ଗ । ସବୁ ସୁଆଙ୍ଗଙ୍କ କର୍ମ ହେଲା ଦର୍ଶକମାନଙ୍କୁ ମନୋରଞ୍ଜନ କରିବା । ପର୍ବପର୍ବାଣୀରେ ଗଢ଼ା ସଂସାର । ତାକୁ ବେଶୀ ଭାବରେ ଉପଭୋଗ କରନ୍ତି ମଫସଲି ଅଂଚଳର ଲୋକ । ଗୋଟିଏ ଗୋଟିଏ ଗ୍ରାମରେ ପରଂପରା କ୍ରମେ ଚଳି ଆସୁଅଛି ଅନେକ ପ୍ରକାରର ପର୍ବପର୍ବାଣୀ । ତହିଁ ମଧ୍ୟରୁ ଦଣ୍ଡନାଟ ଅନ୍ୟତମ । ତାହା ଶୈବ ଧର୍ମ ଉପରେ ଆଧାରିତ । ଶିବଙ୍କୁ ଆରାଧନା କରିବା ହେଉଛି ମୁଖ୍ୟ ମାଧ୍ୟମ । ସେହି ଦେବଙ୍କ ଲୀଳାଖେଳା ବଡ଼ ବିଚିତ୍ର । କେତେବେଳେ ହଡ଼ା ବଳଦ ସଂଗେ ବାହାରୁଛନ୍ତି, ପୁଣି କେତେବେଳେ ମଶାଣିରେ ଖାର ମାଖିବାରେ ବ୍ୟସ୍ତ । ଯେତେକ ହାସ୍ୟଧର୍ମୀ ପ୍ରସଙ୍ଗ ଏହି ଦେବଙ୍କଠାରୁ ସୃଷ୍ଟି । ତାକୁ ଆବୋରୀ ବସିଛି ଷୋଳସୁଆଙ୍ଗର ଚରିତ୍ରଗୁଡ଼ିକ । ତନ୍ମଧ୍ୟରୁ 'ଦିଅର-ଭାଉଜ' ସୁଆଙ୍ଗ କମ ହାସ୍ୟ ଉଦ୍ଦୀପକ ଚରିତ୍ର ନୁହନ୍ତି । ଉକ୍ତ ସୁଆଙ୍ଗ ମାଧ୍ୟମରେ ବ୍ୟର୍ଥ, ହତାସାବୋଧ, କରୁଣ ଆଦିକୁ ବେଖାତିର କରି ଶୃଙ୍ଗାର, ହାସ୍ୟର ସାହାଯ୍ୟରେ ଆଗକୁ ବଢ଼ିଲେ ମଣିଷ, ତାରି ଚଚିତ୍ର ପ୍ରତିଫଳିତ ହୋଇଛି । ଏହା ସ୍ୱତଃସିଦ୍ଧ କଥା ଯେ ଦୁନିଆଁର ସୃଷ୍ଟି ପ୍ରେମରୁ । ଦୁଇଟି ନାରୀ ପୁରୁଷ ପ୍ରେମରୁ ସୃଷ୍ଟି ଗୃହ ସଂସାର ଓ ବଂଶ ପରଂପରା । ବଂଶ ପରଂପରା ଓ ସମାଜରୁ ସୃଷ୍ଟି ହୁଏ ନୀତିନିୟମ ଓ ଆଇନକାନୁନ । ତାହା ଦ୍ୱାରା ଭଲ-ମନ୍ଦ ଉଭୟ ଦିଗକୁ ପ୍ରଭାବିତ କରିଥାଏ । ସମାଜ ପ୍ରଣୋଦିତ ଆଇନକାନୁନ ଓ ବିଭିନ୍ନ କାର୍ଯ୍ୟରେ କେତେକ କର୍ମ ସମାଜ ସ୍ୱୀକୃତି ପ୍ରାପ୍ତ, ଆଉ କେତେକ ବିରୋଧ ଧର୍ମୀ । ଦିଅର-ଭାଉଜ ସଂପର୍କରେ କେତେବେଳେ ସମାଜ ସ୍ୱୀକୃତି ଦିଏ, ମା-ପୁଅ ସଂପର୍କ ଓ ବେଳେବେଳେ ଦିଏ

Listen to Odia Podcast Original at https://youtube.com/@drjyotiprasad

ବଡ଼ଭଉଣୀ-ଭାଇର ସଂପର୍କ । ପୁଣି ଦୈବାତ ବଡ଼ ଭାଇଙ୍କ ମୃତ୍ୟୁ ପରେ ପରସ୍ପର ମଧ୍ୟରେ ହୋଇଯାଏ ସ୍ୱାମୀ-ସ୍ତ୍ରୀଙ୍କ ସଂପର୍କ । ଏହିପରି ଆହୁରି ଅନେକ । ଏହି ଦୁଇଟି ଚରିତ୍ର ମାଧ୍ୟମରେ ସମାଜରେ ଅନେକ ପ୍ରକାରର ତଥ୍ୟ ଉଦ୍ଘାଟନ ହୁଏ । ଦଣ୍ଡରେ ଏହି ସୁଆଙ୍ଗ ଅର୍ବାଚିନ ହେଲେହେଁ, ଏହି କଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଏହି ଚରିତ୍ର ମାଧ୍ୟମରେ ସହ ସହ ବର୍ଷ ଧରି ପୁରାତନ ତଥ୍ୟ ସବୁ ଲୁକ୍କାୟିତ ହୋଇରହିଛି । ତାକୁ ପରିବେଶଣ କରିବା ପାଇଁ ଦୁଇଟି କଳାକାର ନାରୀ ପୁରୁଷ ବେଶଭୂଷା ନେଇ ଅବତୀର୍ଣ୍ଣ ହୁଅନ୍ତି । ବେଶପୋଷାକ ଅତୀବ ସାଧାରଣ । ଦୈନନ୍ଦିନ ଜୀବନରେ ଯେଉଁସବୁ ପିନ୍ଧନ-ଉଢ଼ଣ ତାକୁ ଉପଯୋଗ କରିଦେଲେ ହେଲା । ଏତଦ୍ୱ୍ୟତୀତ ଘୁଙ୍ଗୁର, ପ୍ରକୃତି ପରିବେଶର ବିଭିନ୍ନ ପ୍ରକାରର ଡ଼ାଳ, ଫୁଲରେ କଳାକାରଗଣ ସଜ୍ଜିତ ହୋଇଥାନ୍ତି । ମଞ୍ଚକୁ ଆଗମନ ସମୟରେ ପ୍ରଥମେ ଶିବଙ୍କୁ ବନ୍ଦନା କରିବାର ବିଧି ରହିଛି । ଯେପରି ଭାଉଜ ଚରିତ୍ର କହୁଛି-

“କର କରୁଣା ନାଗେଶ୍ୱର କଣ୍ଠେ ବସି ପଦ କହ ମୋହର
ଅଜ୍ଞାନ ନାରୀ କିଛି ନ ଜାଣଇଁ, ଜନମ ଦିନରୁ ମୁରୁଖ ମୁହିଁ ଯେ
ପାଠ ପଢ଼ାଇଲେ ନାହିଁ ମୃଖ ଘର ଝିଅ
ପଦ କହିଦିଅ ନାଗେଶ୍ୱର ହେ ନାଗେଶ୍ୱର
ଗାୟନ କରିବି ମୁହିଁ ଭୋଳାନାଥ ହେ ।”

ସ୍ୱାମୀ ସ୍ତ୍ରୀଙ୍କ ବନ୍ଧନ ଥାଏ ପ୍ରେମରେ । ପ୍ରେମ ଯୋଗୁଁ ଉଭୟେ ଉଭୟଙ୍କୁ ସ୍ନେହ ପ୍ରୀତି ଭକ୍ତିରେ ବାନ୍ଧି ରଖିଥାନ୍ତି । ଦୈବାତ୍ ପତିର ଆକସ୍ମିକ ମୃତ୍ୟୁ ଘଟିଲେ ଅସଜଡ଼ା ଘରକୁ ଠିକ୍ କରିବା ପାଇଁ ଉଭୟ ସମୁଦୀ ମିଶି ଦିଅରକୁ ବିବାହ କରିଦେବା ଶାସ୍ତ୍ର ସମ୍ମତ । ଦିଅର-ଭାଉଜକୁ ବିବାହ କରିବା, ସ୍ତ୍ରୀର ଆକସ୍ମିକ ମୃତ୍ୟୁ ଘଟିଲେ ଭିଣେଇଙ୍କୁ ବିବାହ କରିବା ସମାଜର ଅନେକ ବର୍ଷରୁ ପ୍ରଚଳିତ ଅଛି । ଯାହାକି ‘ଦିଅର-ଭାଉଜ’ ସୁଆଙ୍ଗରୁ

Listen to Odia Podcast Original at https://youtube.com/@drjyotiprasad

ଜଣାପଡ଼େ । ଏହିପରି ଆହୁରି କଥା ଅଛି ଯେ ସ୍ୱାମୀ ନପୁସଂକ ହେଲେ ଦିଅରଠାରୁ ମଧ୍ୟ ବଂଶରକ୍ଷା ନିମନ୍ତେ ଭାଉଜକୁ ସଂଗମ କରିବାକୁ ପଡ଼େ । ଏହି ସୁଆଙ୍ଗ ଯୋଡ଼ିରୁ ଅନେକ ତଥ୍ୟକୁ ଉଦ୍ଘାଟନ କରାଯାଇଅଛି । ବିରହ ଜ୍ୱାଳାରେ ଜର୍ଜରିତା ତରୁଣୀ ପାଖରେ ଢୁଲିଆ ମାମୁଁକୁ ପାଇ ନିଜର ମନର କଥାକୁ ସଂଳାପ ମାଧ୍ୟମରେ ପ୍ରକାଶ କରେ । ଯଥା-

"ତରୁଣୀ- ହଗୋ ଢୁଲିଆ ମାମୁଁ, ସୁନତ ଟିକେ

ଢୁଲିଆ- କାଏଁ ହେଲା ଭାନ୍‌ଜି

ତରୁଣୀ- ଇନ ଆର ନାଇଁ ରହେନ, ଯାଉଛେ ଇହାଦେ ମୋର ମାଁ ଘରକେ ଭାଗ୍ଗି ।

ଢୁଲିଆ- ଏମାଁ କାଏଁ ହେଲା ଯେ

ତରୁଣୀ- ଏ ମାମୁଁ ମୁଇଁ ଏଠାନ୍‌କେ ଭାତ୍‌ଖାଇ ଲୁଗାପିନ୍ଧି ନାଇଁ ଆସିଗୋ ।

ମୋର ମାଁ ଘରେ କାଣା ଭାତ୍ ଲୁଗା ନାଇଁ ମିଲୁଥିଲା ।

ଢୁଲିଆ- ଏ ମାଁ ସତ୍ କହୁଛୁ ।"

ଢୁଲିଆ ସହିତ ସ୍ତ୍ରୀ ହେଉ ଅବା ପୁରୁଷ ଚରିତ୍ର ହେଉ ସଂଳାପ ମାଧ୍ୟମରେ କଥୋପକଥନ ଓ ବିଷୟ ବସ୍ତୁକୁ ଆଗେଇ ନେବା ପାଇଁ ସାହାଯ୍ୟ କରେ । ସମାଜରେ ଘଟୁଥିବା ଅନେକ ଚରିତ୍ରକୁ ଦଣ୍ଡନାଟ ମାଧ୍ୟମରେ ଲୋକଲୋଚନକୁ ଅଣାଯାଏ । ମଣିଷର ଅନ୍ତରାତ୍ମାର କଥାକୁ ନିଚ୍ଛକ ଭାବରେ ଦର୍ଶକଙ୍କ ଆଗରେ ଥୁଆଯାଏ । ତାହା ନାରୀ ଚରିତ୍ର ମାଧ୍ୟମରେ ଦେଖାଇ ଦିଆଯାଇଅଛି-,

"ଶୁଣ ଗୋ ମାମୁଁ ମଉଲା ଶୁଣ ଗୋ ମାମୁଁ ମଉଲା

ବାହା ହେଲା ଦିନୁ ମୁଇଁ ଶୁଉଛି ଏକଲା ଯେ

ଶୁଣ ଗୋ ମାମୁଁ ମଉଲା । ଘୋଷା ।

ଖାଇ ଦେଲେ ପଡ଼େ ଶୋଇ ଗିରସ୍ତ ପାଶକୁ ନାଇଁ

ମାମୁଁ ଗୋ ମନ ମୋର ବାଇଁ ବାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇ ଯୁବା ଯଉବନ ମୋର ବିଅର୍ଥ ହୋଇଲା ଯେ

ଶୁଣ ଗୋ ମାମୁଁ ମଉଲା । ୧ ।

ମାଇ ଗଡ଼ିଆ ବୋଲିନ ଜାଣି ନପାରିଲୁ ଧର୍ମ

ମାମୁଁ ଗୋ ଅସାର ମୋର କରମ

ଠକି ନାରୀ କରି ମତେ ବିହା ହୋଇଗଲା ଯେ

ଶୁଣ ଗୋ ମାମୁଁ ମଉଲା ।”

ଆବରଣ ବିହୀନ ମନ । ଛନ୍ଦ କପଟର ଲେସ ନାହିଁ । ସରଳ ହୃଦୟ । ହୃଦୟରେ ଯେଉଁ ଦୁଃଖଯାତ ହୋଇପଡୁଛି ତାକୁ ନିଚ୍ଛକ ଢ଼ଙ୍ଗରେ ପରିପ୍ରକାଶ ହେଉଛି । ତେଣୁ ହାସ୍ୟରସ ସହିତ କରୁଣ ରସର ମଧ୍ୟ ମିଳନ ଘଟିଛି । ଲଜ୍ଜା ଭୟକୁ ଦୂରୀଭୂତ କରିବାକୁ ପଡୁଛି । ତାହା ନହେଲେ ଉପାୟ ଅବା କିପରି ଚିନ୍ତା କରିବାକୁ ପଡ଼ିବ ? ପରପାଖରେ ନିଜର ଦୁଃଖକୁ ନଜଣାଇଲେ ପ୍ରତିକାର ବ୍ୟବସ୍ଥା ସମ୍ଭବ ନୁହେଁ । ନାରୀ ଜୀବନର ଅସାରତାକୁ ଭାଉଜ ଢୁଲିଆ ପାଖରେ ବ୍ୟକ୍ତ କରୁଅଛି-,

“ଭାଉଜ- ମାମୁଁ ଗୋ ମୋର କଥାକେ ବୁଝିକରି

ସୁବିଧାଟେ କରତ କାଏଁ ?

ଢୁଲିଆ- ଏ ମାଁ କିଛି ଦିନ ଟାକି ରହଗୋ ।

ତାର ଭାଇ ଗୁଟେତ ଅଛେ । ଯେନ୍ତା ହେଲେ

ନାଇଁ କର୍ମା କାଏଁଗୋ ।”

ସମ୍ବଲପୁରୀରେ ଅନେକ ଛଟ୍‌କା, ଢଗ, ଢ଼ମାଳି କାବ୍ୟଗୁଡ଼ିକ ଦଣ୍ଡ ନୃତ୍ୟରେ ବ୍ୟବହାର କରାଯାଏ । ସେହି ପାରଂପରିକ ବକ୍ତବ୍ୟଗୁଡ଼ିକ ଆମର ସଂପତ୍ତି । ତାହାରି ବଳରେ ସମ୍ବଲପୁରୀ କୋଶଳି ଭାଷା ଦେଶ ବିଦେଶରେ ସୁନାମ ଅର୍ଜନ କରେ । ସେହି ଶବ୍ଦ, ବାକ୍ୟଗୁଡ଼ିକ ଆମର ଗୀତ ବାଦ୍ୟ ଗଳ୍ପଗୁଡ଼ିକରେ ପ୍ରୟୋଗ ହୋଇଥାଏ । ଏହିପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥାସବୁ ମଫସଲି ଯାଗାରେ ବୁଢ଼ା-ବୁଢ଼ୀ, ମାଁ ଭଉଣୀଙ୍କ ପାଖରେ ଥାଏ ସମୟକ୍ରମେ ବିଶିଷ୍ଟ କବିମାନଙ୍କ ଦ୍ୱାରା ସଂଗୃହୀତ ହୋଇ ତାଂକ କୃତିଗୁଡ଼ିକରେ ଲାଗିଯାଏ । ସେହି ଶବ୍ଦ, ବାକ୍ୟଗଠନ ବଳରେ କବିଙ୍କ କବିତା, କୃତି ସବୁ ହୋଇଯାଏ କାଳଜୟୀ । ଯାହାକି ରଂଗୀ ସୁଆଙ୍ଗମାନଙ୍କରେ ତା'ର ଉଦାହରଣ ଅଧିକ । ଉକ୍ତ ସୁଆଙ୍ଗର ବିଷୟବସ୍ତୁର ପରିକଳ୍ପନା ସିଧା ମାନବ ଜୀବନକୁ ନେଇ । ଦୈନନ୍ଦିନ ଜୀବନର ହସକାନ୍ଦ ଭରା ଚଳଣୀକୁ ନେଇ ଅନେକ କଥାବସ୍ତୁ ଆଧାରିତ । ସଂସାରରେ ଘର କରିଥିଲେ ପଥର ପଡ଼ିଲେ ସହି । ଦୁଃଖୀ ଜୀବନକୁ ସୁଖୀରେ ପରିଣତ କଲେ ଯାଇ ଆନନ୍ଦ ମିଳେ । ପରିବାର କରିଥିଲେ ଦୁଃଖ, ଯାତନା, ହିଂସା, ଅହଂକାର ଆଦି ଆସିବ ହିଁ ଆସିବ । ତାକୁ ମଣିଷ ଖାପଖୁଆଇ ଚଳିଲେ ତାର ଜୀବନ ସାର୍ଥକ ହୁଏ । ସୁଆଙ୍ଗର ଦିଅର ଚରିତ୍ର ମାଧ୍ୟମରେ ତାକୁ ସମାଜ ଆଗରେ ଉତ୍ଥାପନ କରାଯାଇଅଛି । ଏକ ପରିବାରକୁ ସବୁ ସମୟରେ ସମ୍ଭାଳି ରଖିଥାଏ ବଡ଼ଭାଉଜ । ତା ତଳକୁ ରହନ୍ତି ଦିଅରମାନେ । ସେମାନେ ବଡ଼ ଭାଇ ଠାରୁ ଛୋଟ ହୋଇଥିବାରୁ ଭାଉଜଙ୍କଠାରୁ ମାତୃବତ୍ ସ୍ନେହ ପାଆନ୍ତି । କୌଣସି କାରଣ ବସତଃ ଭାଉଜ ଅନୁପସ୍ଥିତ ହେଲେ ତାଂକଠାରୁ ପାଇଥିବା ସ୍ନେହ ପ୍ରେମ ମମତାକୁ ମନେପକାନ୍ତି ଯାହା ଘଟିଛି ଦିଅର ଚରିତ୍ରରେ । ତାର ପ୍ରମାଣ ହେଲା-,

"ଆହା ସୁନାବହୁ ମୋର କରିଗଲୁ ଅନ୍ତର
ଆହା ସୁନାବହୁ ମୋର । ଘୋଷା ।
ଯାଇଥିଲି ଯାତରା ଦେଖି ମତେ ଛାଡ଼ିଗଲୁ ତୁ ଭାଗି
ପିଲାଦିନୁ କରିଥିଲୁ ତ ଆଦର
ଆହା ସୁନାବହୁ ମୋର ।
କିଏ ମତେ କୁଲେ ଧରିବ ମୁଖେ ମୋର ଚୁମ୍ବନ ଦେବ
ତତେ ନ ଦେଖିନ ନ ବୁଝଇ ମନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଏ ସୁଆଇବ ପଲଙ୍କ ପର ।

ଆହା ସୁନାବହୁ ମୋର ।”

ତ୍ରିଗୁଣମୟୀ ମାୟା ସବୁଗୁଣର ଅଧିକାରିଣୀ । ଜନନୀ, ଭଗ୍ନି, ଜାୟା ତିନିଗୁଣକୁ ଧରି ସଂସାର ଚଲାଏ । ପୁଣି ସେ ହେଉଛି ଜନ୍ମଦାତ୍ରୀ, ପାଳନକାରି ଓ ସଂହାରକାରିଣୀ ମଧ୍ୟ । ମାୟାର ବର୍ଣ୍ଣନା ଯେବେ ହାସ୍ୟ ଧର୍ମୀ ହୋଇଯାଏ ତାହା ଦର୍ଶକଙ୍କୁ ମନୋରଞ୍ଜନ କରିପକାଏ । ଗୀତ ଯେତେବେଳେ ଶୃଙ୍ଗାରଧର୍ମୀ ହୁଏ କଳାକାରର ଅଂଗଭଙ୍ଗୀ ଗୋଡ଼ ହସ୍ତ ମଧ୍ୟ ତତ୍ ଅନୁଯାୟୀ ଅଭିନୟ କରିବାକୁ ପଡ଼େ । ସେହି ସମୟରେ ଦର୍ଶକ ଆଉ ଜାଣିପାରେ ନାହିଁଯେ ଜଣେ ପୁରୁଷ କଳାକାର ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଏଣେ ପୁରୁଷ କଳାକାର ନାରୀ କଳାକାର ଉପରେ ଦିଅର ଭୂମିକା ନେଇ ଯେଉଁପରି ଭାବରେ ସଂଗୀତ ପରିବେଶଣ କରେ ତାହାର ଦୃଷ୍ଟାନ୍ତ ଦେଖନ୍ତୁ-,

“ମୋତେ ସାରିଦେଲା ବଡ଼ ବହୁଗୋ ମୋର

ଡ଼ହକ ବିକଲ ଲାଗେ ମୋହର

ମତେ ସାରିଦେଲା ବଡ଼ ବହୁଗୋ ମୋର । ଘୋଷା ।

ମନ ଜାନୁଅଛେ ମନର କଥା ଆର୍ ନାଇ ଜାନେ କେହି

ଜାନିଲେ ହେଲେ କାଣା କର୍ବୁ ମନ୍‌ଟା ଘାରି ହୁଅଇ

ଜନକ ରାତି ଭାବ ପିରତି ଅନ୍ଧାର ଘରକେ ବିଜୁଳିବତୀ

ନଜରବନ୍ଦିକେ ମତେ ଲାଗୁଛେ ଡ଼ର

ମତେ ସାରିଦେଲା ବଡ଼ ବହୁଗୋ ମୋର । ୧ ।”

ପ୍ରେମିକ ପ୍ରେମିକା ପରସ୍ପରକୁ କ୍ଷଣେ ନ ଦେଖିଲେ ସେମାନଙ୍କ ଦୁଃଖ ବାରି ହୋଇପଡ଼େ । ପରକୀୟା ପ୍ରୀତି କରୁଥିବା ପ୍ରେମିକ-ପ୍ରେମିକା ଆବଶ୍ୟକଠାରୁ ଅଧିକ ଦୁଃଖି ହୋଇପଡ଼ନ୍ତି । ଏଣେ ସମାଜକୁ ଡ଼ର । ତେଣେ ସମ୍ଭୋଗ କରିବା ପାଇଁ ଅତୁଟ ଇଚ୍ଛା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁ ପୁରୁଷ ଆବଶ୍ୟକ ଅନୁସାରେ ନାରୀକୁ ଦେହସୁଖ ଦେଇପାରେ ନାହିଁ, ସେପରି କ୍ଷେତ୍ରରେ ନିଜ ଦିଅର ଉପରେ ଦେହ ସୁଖ ଇଚ୍ଛା ପ୍ରକଟ କରେ । ପରସ୍ପର କେହି କାହାକୁ କହି ନପାରିଲେ ମଧ୍ୟ ତାଂକ ଶରୀରର ପ୍ରତ୍ୟେକ ଅବୟବରୁ ଜଣାପଡ଼ିଯାଏ ।

ଦିଅର-ଭାଉଜ ଯୋଡ଼ିରେ ପ୍ରତ୍ୟେକଙ୍କୁ ଆରୋପ, ପ୍ରତ୍ୟାରୋପ, ଆକ୍ଷେପ, ପ୍ରଶ୍ନ-ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ତାଙ୍କ ଦେହସୁଖଠୁ ଆରମ୍ଭ କରି, ସମାଜର ଚଳଣୀ, ଲାଭକ୍ଷତି, ଦୈନନ୍ଦିନ ଜୀବନର କର୍ମ, ସତ୍ୟ-ଅସତ୍ୟ ଆଦି ପ୍ରସଂଗ ଉପରେ ଆଲୋଚନା ହୁଏ । ଏହି ଯୋଡ଼ି ମାଧ୍ୟମରେ ସମାଜରେ ଘଟୁଥିବା ବିଭିନ୍ନ କାର୍ଯ୍ୟକଳାପ ଦର୍ଶକ ପାଖରେ । ସେମାନେ ନିର୍ଦ୍ଧାରଣ କରନ୍ତି କେଉଁଟା ଠିକ୍ କେଉଁଟି ଭୁଲ୍ । ପ୍ରଥମେ ମନୋରଞ୍ଜନରେ ଦର୍ଶକ ଆକୃଷ୍ଟ ହୋଇ ଦେଖି ଆସେ ସୁଆଙ୍ଗକୁ । ସୁଆଙ୍ଗ ମାଧ୍ୟମରେ ଶୃଙ୍ଗାରୀ ତତ୍ତ୍ୱ, ପ୍ରେମ, ଦୈହିକ ବାସନା ଆଦି ଅନୁଭବ କରିବା ସହିତ ସମାଜ ଜୀବନରେ ଘଟୁଥିବା ନୈତିକ-ଅନୈତିକ କାର୍ଯ୍ୟ, ଭୁଲ୍-ଠିକ୍, ଲାଭ-କ୍ଷତି, ସତ୍ୟ-ମିଥ୍ୟାକୁ ଅନୁଭବ କରେ । ଯେଉଁଠି ପଢ଼ାଘରେ ବସି ମଣିଷକୁ ଶିକ୍ଷା ଦେଲେ ମଧ୍ୟ ସେ ଶିକ୍ଷା କରିପାରେ ନାହିଁ ସେପରି କ୍ଷେତ୍ରରେ ଏପରି ସୁଆଙ୍ଗ ମାଧ୍ୟମରେ ନିଜର ଜୀବନକୁ ସୁଧାର କରିପାରେ ।

ଉକ୍ତ ସୁଆଙ୍ଗ ଯୋଡ଼ିରେ ଦିଅର ଭାଉଜଙ୍କ ମାନସିକ ଦ୍ୱନ୍ଦ ବାରି ହୋଇପଡ଼େ । ଏଣେ ଭାଉଜ ବିବାହିତ । କିନ୍ତୁ ସ୍ୱାମୀ ନପୁସଂକ । କଣ କରିବା ଉଚିତ କଣ ନକରିବା କାର୍ଯ୍ୟ ଏସବୁ କଥାରେ ତାର ମୁଣ୍ଡ ଘୁରିଯାଏ । ତେଣେ ସମାଜରେ ଖାପଖୁଆଇ ତାକୁ ବଂଚିବାକୁ ହେବ । ପୁଣି ଘରସଂସାରକୁ ଆଗକୁ ଚଳାଇବାକୁ ହେବ । ତାକୁ ମଧ୍ୟ ଘର ସଂସାର କରି ପିଲା ସନ୍ତାନ କରିବାର ଇଚ୍ଛା ଅଛି । ହାସ୍ୟରସ ମାଧ୍ୟମରେ ସମାଜ ଜୀବନର ଜୀବନ୍ତ ଚିତ୍ର କବି ପ୍ରଦର୍ଶିତ କରିଛନ୍ତି । ଭାଉଜ ପ୍ରସଂଗରେ ତାହା ଜଣାପଡ଼େ-,

“ତୁମ ଦଦା କଥାଟି ଶୁଣ କହିଲି ଯେ ଲାଜେ ମରିଣ

Listen to Odia Podcast Original at https://youtube.com/@drjyotiprasad

ପିଟିମାରି ମତେ ଘଉଡ଼ାଇନ ଦେଲେ
ପଲାଇ ଆସିଲି ଆମ୍ଭରି ଘର
ତୁମ୍ଭକୁ ଥିଲି ଅନାଇ ପିତାମାତା ସବୁଙ୍କୁ କହି
ଏକ ଘରୁ ମୁହିଁ ବେନି ହେବି ନାହିଁ
ରହିଛନ୍ତି ମୋର ସାନ ଦିଅର ।”

ଏତତ୍ଵ୍ୟତିତ ସାଂପ୍ରତିକ ପରିସ୍ଥିତି, ସମାଜ ଜୀବନର ଚଳଣୀ ସଂପର୍କରେ ଉକ୍ତ ସୁଆଙ୍ଗ ମାଧ୍ୟମରେ ଜଣାପଡ଼େ । ବିବାହକର୍ମ, ବର୍ତ୍ତମାନ ପରିସ୍ଥିତିରେ ହେଉଥିବା ନାରୀ ଅତ୍ୟାଚାର, ଅପକର୍ମ, ଚାରିତ୍ରିକ ସ୍ଖଳନ କିପରି ସମାଜ ଜୀବନକୁ ପ୍ରଭାବିତ କରୁଛି । ନାରୀ ଜୀବନରେ ପ୍ରତ୍ୟେକ କାର୍ଯ୍ୟରେ ଭୟ ଥାଏ । ଏପରିକି ମା ଘରକୁ ଆସିବା ମାତ୍ରେ ଶାଶୁଘରକୁ ଯିବା ସମୟରେ ଅନେକ ଦ୍ରବ୍ୟ ମା’ ଘର ଲୋକଙ୍କୁ ଯୋଗାଡ଼ କରିବାକୁ ପଡ଼େ । ସେଭଳି କ୍ଷେତ୍ରରେ ଗରୀବଘରର ଲୋକଙ୍କୁ ଆର୍ଥିକବୋଝ ସହିତ ନିର୍ଯ୍ୟାତନା ପରିବାରରେ ଦେଖିବାକୁ ମିଳେ, ବାଉଜ ଗୀତରେ ତାହା ହେଲା-,

“ଗୁଡ଼କୁ ପାଞ୍ଜଲ ନାହିଁ ହାତେ ନାଇଁ ଚୁଡ଼ି
ଶାଢ଼ୀ ଖଣ୍ଡେ କିଣି ନାହିଁ କେଉଁ ପରି
କାଲ୍କେ ହେବ ହାଟ ହୋ
କାଲ୍କେ ହେବ ହାଟ
କିଣି ଦେବେ ପାଟ କେତେ ଦିନ
ଆସିକରି ରହିଲିଣି ମୁହିଁ ହେ
ଶୁଣ ଦିଅର ତୁହି ।
ପୁଆଣି ଭାର ନହେଲେ ଯିବ ନାହିଁ ମୁହିଁ
ଶାଶୁ ଶଶୁର ଘର ମୋହର ଅଟଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାଶୁ ଦେବ ଗାଲି ଯେ ନଣନ୍ଦ କରେ ଅଲି

ହିନସ୍ତା ହୋଇବି ପାଞ୍ଚ ମାଇଟିରେ ମୁହିଁ

ଶୁଣ ଦିଅର ତୁହି ।”

ସୁଆଙ୍ଗ ଏପରି ଏକ ମାଧ୍ୟମ ଯାହା ମାଧ୍ୟମରେ ସମାଜକୁ ‘ସୁ’ ଓ ‘କୁ’ର ବାର୍ତ୍ତା ପ୍ରେରଣ କରେ । ଭଲ ଖରାପ, ହାନି ଲାଭ, ସତ୍ୟ ମିଥ୍ୟା ସମାଜରେ ଘଟିବ ହିଁ ଘଟିବ । ତାହା ମାଧ୍ୟମରେ କେଉଁ କଥା ଭଲ ଓ କେଉଁଟି ଖରାପ ନିଜକୁ ତାହା ହୃଦ୍ବୋଧ କରି ତତ୍ ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ । ଏକ ସୁସ୍ଥ ସମାଜ ଗଠନରେ ଭଲ ଖରାପ ଦିଗକୁ ନିରିକ୍ଷଣ ନକଲେ ସମାଜ ଅଧୋଃପତ୍ତନ ହେବା ସ୍ୱାଭାବିକ । ଯାହାକି ଦିଅର-ଭାଉଜ ସୁଆଙ୍ଗରେ ଅଛି । ନୀତି ଶିକ୍ଷା ଦେବାରେ ଏହି ଯୋଡ଼ି ଲୋକ ଜୀବନରେ ମଂଗଳ କାର୍ଯ୍ୟ କରେ ତାକୁ ସ୍ୱୀକାର କରିବାକୁ ପଡ଼ିବ ।

ତଥ୍ୟ ଯୋଗାଇଛନ୍ତି- ଅନାଦି ପ୍ରଧାନ (ବାବୁପାଲି), ଆଶାରାମ ସାହୁ (ଚଡ଼ାଇପଙ୍କ) ଏମାନଙ୍କ ପାଖରେ ଲେଖକ ଋଣୀ ।

ପ୍ରଧାନ ଶିକ୍ଷକ

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଅଏଁଲାଛାଟ, ସୁବର୍ଣ୍ଣପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାନ୍ଧିଜୀଙ୍କ ଜୀବନରୁ ଶିକ୍ଷା

ଆଶୁତୋଷ ନାୟକ



ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣ ସର୍ବେସର୍ବା ହୋଇଥାନ୍ତି । ପ୍ରକୃତ କ୍ଷମତା ଜନସାଧାରଣଙ୍କ ହାତରେ ରହିଥାଏ । ସବୁଠାରୁ ଶକ୍ତିଶାଳୀ ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଆମ ଭାରତ ଯେଉଁଠି ୧୪୦କୋଟିରୁ ଅଧିକ ଜନସାଧାରଣ ବସବାସ କରନ୍ତି କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏବେବି ଅନେକ ଗରିବ ମଧ୍ୟବିତ୍ତ ନିଜର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଉନ୍ନତ ସ୍ୱାସ୍ଥ୍ୟସେବା, ପକ୍କାଘର ତ ଦୂରର କଥା ପ୍ରତିଦିନ ଦୁଇଓଳି ଦୁଇ ମୁଠା ଖାଦ୍ୟ ସେମାନଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସଦୃଶ । ଆମ ଦେଶର କ୍ଷମତାଲୋଭୀ ରାଜନେତା ମାନେ ଜାଣିଶୁଣି ସରକାରୀ ବିଦ୍ୟାଳୟ, ସରକାରୀ ଚିକିତ୍ସାଳୟକୁ ଅବେହେଳା କରୁଛନ୍ତି କାରଣ ସେମାନଙ୍କ ନିଜର ବିଦ୍ୟାଳୟ ଏବଂ ଚିକିତ୍ସାଳୟ ଦେଶର କୋଣ ଅନୁକୋଣରେ ଚାଲିଛି ଆଉ ସେମାନେ କୋଟି କୋଟି ଟଙ୍କାର ମୁନଫା କମାଉଛନ୍ତି ।

ଇତିହାସର ପୃଷ୍ଠାକୁ ଆମେ ଯଦି ଅବଲୋକନ କରିବା ଦେଖିବା ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତ ବ୍ୟକ୍ତ କରିଛନ୍ତି କି "ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅହିଂସା ନୀତିକୁ ପାଥେୟ କରି ଆମେ ସ୍ୱାଧୀନତା ହାସଲ କରିଥିଲୁ ଏବଂ ପରାଧୀନ ଶିକୁଳିରୁ ଆମେ ମୁକ୍ତ ହୋଇଥିଲୁ ।" ଏକବିଂଶ ଶତାବ୍ଦୀର ମନୁଷ୍ୟ ଯେପରି ବିଶୃଙ୍ଖଳିତ, ଅମାନବୀୟ, ଅନୈତିକ ଆଚରଣ ପ୍ରଦର୍ଶନ କରୁଛି ଧୀରେ ଧୀରେ ମନୁଷ୍ୟ ହିଂସ୍ର ପଶୁଙ୍କ ପରି ହତ୍ୟା, ଗଣଧର୍ଷଣ, ଧର୍ଷଣ, ବ୍ୟଭିଚାର, ପରି ଜଘନ୍ୟ ଅପରାଧ କରୁଛି ଏବଂ ତା ମଧ୍ୟରେ ନୈତିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୂଲ୍ୟବୋଧର ଅବକ୍ଷୟ ଘଟୁଛି ଏହା ଅତ୍ୟନ୍ତ ଚିନ୍ତାଜନକ ଏବଂ ଦୁଃଖଦାୟକ । ଆମ ସମାଜକୁ ଶୃଙ୍ଖଳିତ ଏବଂ ମନୁଷ୍ୟ ଆଚରଣ ଓ ସ୍ୱଭାବର ପରିବର୍ତ୍ତନ ଆଣିବାକୁ ହେଲେ ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ସତ୍ୟର ମାର୍ଗରେ ଆମକୁ ଚାଲିବାକୁ ପଡିବ ଅନ୍ୟଥା ଆମର ଜୀବନ ଘୋର ଅନ୍ଧକାର ମଧ୍ୟକୁ ଢେଲି ହୋଇଯିବ । ଗାନ୍ଧିଜୀ ସତ୍ୟ, ଧର୍ମ, ନ୍ୟାୟ ଅହିଂସାର ପୂଜାରୀ ଥିଲେ । ତାଙ୍କ ନୀତି ଆଦର୍ଶ ଆଜିର ବିଶୃଙ୍ଖଳିତ ଯୁବ ସମାଜ ପାଇଁ ଅତ୍ୟନ୍ତ ପ୍ରେରଣା ଦାୟୀ । ଗାନ୍ଧିଜୀ ମନୁଷ୍ୟ ମନ ମଧ୍ୟରେ ଛୁଆଁ ଅଛୁଆଁ, ଉଚ୍ଚ ନୀଚର ଭେଦଭାବକୁ ନାପସନ୍ଦ କରୁଥିଲେ । ସମାଜରେ ଧନୀ ଓ ଗରିବ ମଧ୍ୟରେ ଥିବା ତାରତମ୍ୟକୁ ଦୂର କରିବା ପାଇଁ ଅନେକ ସଂଘର୍ଷ କରିଥିଲେ ଏବଂ ଅନେକ ଦୁଃଖ, ଯନ୍ତ୍ରଣା, ପୀଡା ସହିଥିଲେ । ସମାଜରେ ଅବହେଳିତ ଅସହାୟ ଗରିବ ବ୍ୟକ୍ତି କିପରି ଶିକ୍ଷା ମାଧ୍ୟମରେ ଆଗକୁ ବଢ଼ିପାରିବ ସେଥିପାଇଁ ସେ ପ୍ରଚେଷ୍ଟା କରିଥିଲେ । ଗାନ୍ଧିଜୀ ସଦାସର୍ବଦା ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ ସେଥିପାଇଁ ସେ କହୁଥିଲେ "କୁଟି ଖାଅ କାଟି ପିନ୍ଧ" । ତାଙ୍କର କହିବାର ତାତ୍ପର୍ଯ୍ୟ ଏହାଥିଲା କି ଶିକ୍ଷା ମାଧ୍ୟମରେ କିପରି ଜଣେ ଆତ୍ମନିର୍ଭରଶୀଳ ହେଇପାରିବ ତାର ପରିବାରକୁ ପ୍ରତିପୋଷଣ କରିପାରିବ । ଗାନ୍ଧିଜୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ସରକାର ଏବେ ଧନ୍ଦାମୂଳକଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ଏବେ ନିକଟରେ ଆମ ରାଜ୍ୟର ମୋହନ ସରକାର ବିଦ୍ୟାଳୟରେ ନୈତିକ ଶିକ୍ଷା ଅତ୍ୟନ୍ତ ଉପାଦୟ ଗୀତାର ପଠନର ବ୍ୟବସ୍ଥା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚିଠୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ବୋଝ ଉପରେ ଲଳିତା ବିଡା ସଦୃଶ" । ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର ଡାଇବେଟିସ୍, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ୍ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ । ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ୍ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ । ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ ।

ଆମ ଦେଶର ରାଜନେତା ଗୋଟିଏ ଉଦ୍ଦେଶ୍ୟ ସାଧାରଣ ଗରିବ ମଧ୍ୟବିତ୍ତ ଅଶିକ୍ଷିତ ରହିଲେ ସେମାନଙ୍କୁ କିଛି ଲୋଭନୀୟ ମାଗଣା ଯୋଜନା, ଆଉ କିଛି ଅର୍ଥ ପ୍ରଲୋଭନ ଦେଇ ଏବଂ ଭୋଟିଙ୍ଗର ଗୋଟିଏ ଦିନ ପୂର୍ବରୁ ମଦ, ମାଂସ, ବିଭିନ୍ନ ପ୍ରସାଦନ ସାମଗ୍ରୀ, ଅଳଙ୍କାର ଇତ୍ୟାଦି ଦେଇ ସହଜରେ ଭୋଟ ହାତେଇ ପାରିବେ । ସାଧାରଣ ଗରିବ ମଧ୍ୟବିତ୍ତ ଶିକ୍ଷିତ ହେଲେ ରାଜନେତାଙ୍କ ପାଇଁ ସମସ୍ୟା ହେଇଯିବ ଏବଂ ସେମାନଙ୍କ ଇଲେକ୍ସନରେ ଜିତିବା କଷ୍ଟସାଧ୍ୟ ହେଇଯିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନୈତିକତା, ମୂଲ୍ୟବୋଧ ଏସବୁ ନିରର୍ଥକ । ଯେକୌଣସି ଉପାୟରେ କଳେବଳେକୌଶଳରେ କ୍ଷମତାହାସଲ କରିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ । ରାଜନୀତି ମୈଦାନକୁ ଆସିବା ପୂର୍ବରୁ ରାଜନେତାଙ୍କ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜନୀତିରେ ପ୍ରବେଶ କରି ବିଧାୟକ, ବିଧାୟିକା, ସାଂସଦ, ଏବଂ ବିଭିନ୍ନ ରାଜନୈତିକ ପଦପଦବୀରେ ରହିବା ପରେ ସେମାନଙ୍କ ସମ୍ପତ୍ତି ଅହେତୁକ ବୃଦ୍ଧି ଘଟେ, ଅନେକଙ୍କ ସମ୍ପତ୍ତି ୫୦, ୧୦୦ ଗୁଣା ଏପରିକି ୩୦୦ଗୁଣାରୁ ଅଧିକ ବୃଦ୍ଧି ଘଟେ ଯାହାକି ଆମ ପରି ସାଧାରଣ ଗରିବ ମଧ୍ୟବିତ୍ତଙ୍କ କଳ୍ପନାର ବାହାରେ ।

ସବୁଠାରୁ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଆମ ସମାଜରେ ବଡ଼ପଣ୍ଡା ବୋଲାଉଥିବା ଭିଭିଆପି ନେତା, ମନ୍ତ୍ରୀ ଅଫିସର ମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜ ବାସଭବନରେ ଏକାଧିକ ଏୟାର୍ ପ୍ୟୁରିଫାଇର ଲଗାଉଛନ୍ତି । ଏବେ ନିକଟରେ ରାଜଧାନୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ୧୫ଟି ଏୟାର୍ ପ୍ୟୁରିଫାଇର ଅର୍ଡର କରିଛନ୍ତି ଯାହାର ମୂଲ୍ୟ ୫.୫ ଲକ୍ଷରୁ ଅଧିକ । ବିଭିନ୍ନ ସ୍ୱାଧୀନ ସର୍ବେକ୍ଷଣ ସଂସ୍ଥା କରିଥିବା ରିପୋର୍ଟ ଅନୁସାରେ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରତିବର୍ଷ ଆମ ଦେଶରେ ୧୮ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଅକାଳ ବିୟୋଗ ଘଟୁଛି । ୨୦୨୨ ମସିହାରେ ଭାରତରେ କେବଳ ବାୟୁ ପ୍ରଦୂଷଣ ପାଇଁ ୧୭ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଛି । ତଥାପି ଆମ ସରକାର, ପ୍ରଶାସନ ପ୍ରଦୂଷଣ ଜନିତ ସମସ୍ୟାକୁ ଗୁରୁତର ଭାବେ ନେଉନାହାନ୍ତି । କ୍ଷମତାଲୋଭୀ ରାଜନେତା ପରସ୍ପର ଦୋଷାରୋପ କରି କାଦୁଅପିଙ୍ଗା ରାଜନୀତିରେ ନିମଗ୍ନ । ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ବିଭିନ୍ନ ଅପମିଶ୍ରିତ ରଙ୍ଗ ଓ କେମିକାଲ୍ ବୋଳା ଖାଦ୍ୟ ଏପରିକି ଜୀବନ ରକ୍ଷାକାରୀ ମେଡ଼ିସିନକୁ ଅଧିକ ମୁନଫା କମାଇବା ପାଇଁ ନକଲି ମେଡ଼ିସିନ ବଜାରରେ ବହୁଳ ମାତ୍ରାରେ ବିକ୍ରୟ କରାଯାଇଛି । ସ୍ୱାସ୍ଥ୍ୟକର ପରିବେଶ ଏବଂ ସୁନ୍ଦର ଜଳବାୟୁ ସତେ ଯେପରି ଅନେକ ବ୍ୟକ୍ତିଙ୍କ ପାଇଁ ଏହା ସ୍ୱପ୍ନ ହେଇଗଲାଣି । ନିଜର ତେଲଲୁଣର ସଂସାର ଗୁଜୁରାଣ ମେଣ୍ଟାଇବା ପାଇଁ ଗରିବ ଓ ମଧ୍ୟବିତ୍ତ ପ୍ରତିଦିନ ସଂଘର୍ଷ କରୁଛନ୍ତି ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱ କ୍ଷୁଧା ତାଲିକା ୨୦୨୫ ଅନୁସାରେ ଆମ ଦେଶ ଭାରତର ସ୍ଥାନ ୧୦୨ ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ଆମ ଦେଶ ତଥା ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟରୂପ ଧାରଣକରିଛି । ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ପିଅନ, କନେଷ୍ଟବଳ, ହୋମଗାର୍ଡ, ସିକୁରିଟି ଗାର୍ଡ ପରି ପଦବୀ ଯେଉଁଥିରେ ଶିକ୍ଷାଗତ ଯୋଗ୍ୟତା ଦଶମ ଶ୍ରେଣୀ ରହିଥାଏ ସେହି ପଦବୀ ପାଇଁ ଲକ୍ଷ ଲକ୍ଷ ଆବେଦନ ଆସୁଛି ଏବଂ ଇଚ୍ଛା ନଥିଲେ ମଧ୍ୟ ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ସେହି କାର୍ଯ୍ୟ କରିବା ପାଇଁ ବାଧ୍ୟ ହେଉଛନ୍ତି ନିଜର ତଥା ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ତାଙ୍କ ପାଖରେ କୌଣସି ବିକଳ୍ପ ପଡୁ ନାହିଁ । ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ।

ଆମ ରାଜ୍ୟ ଓଡିଶା ଏବେବି ଅନେକ ବ୍ୟକ୍ତି ଦାରିଦ୍ର କଷାଘାତରେ କବଳିତ । ରାଜ୍ୟରେ ବେକାରୀ ହାର ଉତ୍କଟ ଥିବାବେଳେ ରାଜ୍ୟର ଆର୍ଥକ ସ୍ଥିତି ମଧ୍ୟ ନୈରାଶ୍ୟଜନକ ରହିଛି । ରାଜ୍ୟର ପ୍ରତ୍ୟେକ ବିଭାଗ ସଚିବାଳୟଠାରୁ ଆରମ୍ଭ କରି ଶୌଚାଳୟ ଏପରିକି ବିଭିନ୍ନ ସରକାରୀ ହସ୍ପିଟାଲରେ ମଧ୍ୟ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ ଅନେକ ବ୍ୟକ୍ତି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି । ତାଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି । ଏପରି ସ୍ଥିତିରେ ଓଡିଶାର ବିଧାୟକ, ନେତା, ମନ୍ତ୍ରୀ ମାନଙ୍କର ମାତ୍ରାଧିକ ଦରମା ୩ଗୁଣା ବୃଦ୍ଧି ଗରିବ ମଧ୍ୟବିତ୍ତଙ୍କ ପ୍ରତି ଉପହାସ କରିବା ସହିତ ସମାନ । ଏହି ଦରମା ବୃଦ୍ଧି କଦାପି ଗ୍ରହଣୀୟ ନୁହଁ ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଡମ୍ବନାର ବିଷୟ ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଚ୍ଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖାଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଚ୍ଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ ମସିହା ଜୁନ ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା । ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା ।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ ।

ଆମ ଦେଶର ଜାତୀୟ ପିତା ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ । ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତିର ସୁଯୋଗ ସରକାରୀ ଏବଂ ବେସରକାରୀ ପ୍ରକ୍ରିୟାରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତଙ୍କ ମିଳିତ ସହଯୋଗରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଗୋପାଳପୁର, ବାଲେଶ୍ୱର

ମୋବାଇଲ-୭୦୨୦୬୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିପ୍ଳବୀ ଭଗତ ସିଂ

ଅକ୍ଷୟ କୁମାର ରାଉତ



ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ୍ୟ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୂଣ୍ୟଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି । ଦେଶପ୍ରେମ ଏକ ଦିବ୍ୟ ଚେତନା । ଯେଉଁ ଦେଶ ପ୍ରେମରେ ଉଦ୍ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ । ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳମଣ୍ଡନ କଲେ ଦେଶପ୍ରେମୀ ସାହାସୀ ଭଗତ୍ ସିଂ ।

ଭଗତ୍ ସିଂ ଜେଜେବାପା ଅର୍ଜୁନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା । ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ । ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମଗ୍ରହଣ କରିଥିଲେ । ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ । ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ । ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା ।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ । ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ । ସେ କହୁଥିଲେ ' ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହି କଲେଜର ଉଦ୍ଦେଶ୍ୟ ଥିଲା । ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ ।

ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ । ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା । ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା । ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା ।

ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି 'କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ । ଏହି ନିଟକରେ ଇଂରେଜମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା । ଏହି ନାଟକଟି ସରକାରଙ୍କ ବିରୋଧି ହେଲା । ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ । ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣୀରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ । ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି ।

ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା । ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ଥ କରିଥିଲେ । କିନ୍ତୁ ତାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇପାରିଲା ନାହିଁ । ଭଗତ ସିଂ ଦେଶମାତୃକାର ସେବାପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି । ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ । କିଛିଦିନ ପରେ କିଷନ୍ ସିଂ ପୁତ୍ର ନିକଟକୁ ଚିଠି ଲେଖିଲେ । ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ୍ୟ କରାଯିବ ନାହିଁ । ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ । ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା । ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂର୍ହୁତଥିଲା । ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା । ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ । ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା । ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ । ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲ୍‌ର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ୍ ଦେଲେ । ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶୟ୍ ଦେଲେ ନାହିଁ । ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ ।

୧୯୨୮ ମସିହାରେ "ସାଇମନ କମିଶନ" ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ୍ ନଥିଲେ । ଭାରତୀୟ୍‌ମାନେ ଏହାକୁ ବିରୋଧ କଲେ ।

Listen to Odia Podcast Original at https://youtube.com/@drjyotiprasad

ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍ଟେଣ୍ଡଣ୍ଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ । ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ । ଦେଶରେ ଶୋକର ଛାୟା ଖେଳିଗଲା । ଭଗତ୍ ସିଂ କାନ୍ଦି ଉଠିଲେ । ପ୍ରତିଶୋଧ ନେବା ପାଇଁ "ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲକାନ୍ ଆର୍ମି" ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଲବୀ ଯୋଗଦେଲେ । ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା । ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ । ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତ ହେଲା । ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଲବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ । ଗୋରା ସାହେବମାନେ ଜୀବନ ବିକଳରେ ପଳାଇଗଲେ । ବିପ୍ଲବୀମାନଙ୍କ "ଇନ୍‌କିଲାବ ଜିନ୍ଦାବାଦ୍" ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା । ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଲବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ । ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର ।

ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ । ୧୯୩୦ ମସିହାରେ ତିନି ବିପ୍ଲବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା । ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହା ମାର୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ । ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ "ଫାଶୀ ପରେ ମୋର ଶବକୁ ନେବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ଆସିବ ନାହିଁ । ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ ।" ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ । ଭଗତ୍ ସିଂ କହିଲେ-"ମାଜିଷ୍ଟ୍ରେଟ ସାହେବ । ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି । ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି ।" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ । ଫାଶୀ ଦଉଡିକୁ ଚୁମ୍ବନଦେଇ "ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ ।" ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ "ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ ।" ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ । ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ ।

ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ । ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି, ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍ସିଂହପୁର
ମୋ-୯୯୩୭୬୯୧୪୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନାତନ ସଂସ୍କୃତି ଆଉ ସ୍ୱଚ୍ଛତା

ସିଦ୍ଧେଶ୍ୱର ତ୍ରିପାଠୀ



ସନାତନ ସଂସ୍କୃତି ଏ ଦୁନିଆର ବହୁ ପ୍ରାଚୀନ ସଂସ୍କୃତି ଯେଉଁଠି ଶୈଶବରୁ ଜରା ମୁଣ୍ଡରୁ ପାଦ ଆଉ ବୈଶାଖରୁ ଚୈତ୍ର ସବୁଠି ସ୍ୱଚ୍ଛତା ଭରି ରହିଥାଏ । ଯାହାକୁ ଏବେ ହଜାର ହଜାର ବର୍ଷ ପରେ ବିଜ୍ଞାନ ସ୍ୱୀକାର କରୁଛି ଏବଂ ଏହାର ପ୍ରତିଟି କାର୍ଯ୍ୟ କଳାପ ମଣିଷର ହିତ ପାଇଁ ଉଦ୍ଦିଷ୍ଟ ବୋଲି ମତ ଦେଇଛି ।

ସୂର୍ଯ୍ୟ ଉଦୟ ପୂର୍ବରୁ ବ୍ୟକ୍ତିଟି ଉଠେ ତାର ନିତ୍ୟକର୍ମ ସାରି କର୍ମକୁ ଚାଲିଯାଏ । ଠିକ୍ ସେଇ ଭଳି ମାଆ ମାନେ ଈଶ୍ୱରଙ୍କୁ ପହିଲି ପ୍ରଣାମ ଜଣାଇ ଶଯ୍ୟା ତ୍ୟାଗ କରନ୍ତି । ମୁହଁ ଧୂଅନ୍ତି । ଘରେ ଗୋବର ପାଣି ପକାନ୍ତି । ଚୁଲିରୁ ପାଉଁଶ କାଢି ବାସନ ମାଜି ଚୁଲି ଲିପି ଘର ବସ୍ତ୍ର ଜାମା ପଟା ପରିଷ୍କାର କରନ୍ତି । ସ୍ନାନ ଶୌଚ ସାରି ଦେବତା ପୂଜା ପ୍ରାର୍ଥନା ଆଉ ରୋଷେଇ କରି ସମସ୍ତଙ୍କୁ ପରସି ଦିଅନ୍ତି । ଆଉ ନିଜେ ଶେଷରେ ଖାଆନ୍ତି । ଦିନ ଯାକର କାମ ଆଉ କିଛି ବିଶ୍ରାମ ପରେ । ପୁଣି ସୂର୍ଯ୍ୟାସ୍ତ ପୂର୍ବରୁ ଘର ସଫା କରିବା ସ୍ନାନ ଶୌଚ ସାରି ଦେବତା ପୂଜା ସଂଧ୍ୟା ଆଳତି କରିବା ସେମାନଙ୍କର ନିତି ଦିନିଆ କାର୍ଯ୍ୟ । ରାତିର ରୋଷେଇ ରାତ୍ରି ଭୋଜନ ଆଉ ଠିକ୍ ସମୟରେ ଖାଇ ପର ଦିନ ଠିକ୍ ସମୟରେ ଉଠିବାକୁ ସମସ୍ତେ ପ୍ରାଧାନ୍ୟ ଦିଅନ୍ତି ।

ଠିକ୍ ସେମିତି ବାର ଅବାର ଲକ୍ଷ କରି ପୁରୁଷମାନେ କେଶ ନଖ କାଟନ୍ତି । ମହିଳା ମାନେ ନଖ କାଟନ୍ତି । ଏମିତିକି ପ୍ରତି ଗୁରୁବାର ହେଉ କି ବିଭିନ୍ନ ପର୍ବ ହେଉ ଘର ଧୁଆ ଲିପାର ପରମ୍ପରା ରହିଛି । ଏମିତିକି ସଂକ୍ରାନ୍ତି ଦଶହରା ଦୀପାବଳିରେ ଘରର ଯାନ ବାହାନକୁ ଧୋଇ ପରିଷ୍କାସର କରି ପୂଜା ଅର୍ଚ୍ଚନା କରିବାର ବିଦ୍ଧି ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଠିକ ଭୋଜନ ଭଜନ ଅଧ୍ୟୟନ କର୍ମ ବି ଖଞ୍ଜା ହେଇଛି ଜୀବନ ସାଥିରେ । ଶୈଶବରୁ ଜରା ଭିତରେ ୧୬ଟି ସଂସ୍କାର ମଧ୍ୟ ସନାତନ ସଂସ୍କୃତିର ସ୍ୱଚ୍ଛତାର ପରିଚୟ ଦିଏ ।

ପିଲାଟି ଜନ୍ମ ହେଲା ପରେ ମାଆ ଶିଶୁଙ୍କୁ ବିଶ୍ରାମ ଦେବା ତାଙ୍କ ସ୍ୱଚ୍ଛତା ପାଇଁ ଦୃଷ୍ଟି ଦେବା । ସମସ୍ତ ଘର ସମସ୍ତ ବ୍ୟକ୍ତି ମଧ୍ୟ ସ୍ୱଚ୍ଛ ରହିବା ବାର ଯାତ୍ରା ଏକୋଉଶିଆ ମାସିକିଆ ପୂଜା ପାଠରୁ ବାରି ହୋଇପଡେ ।

କୈଶୋରରେ ଉପନୟନ ହେଉ କି ଗୁରୁ ନାମ ଗ୍ରହଣ । ପାପ ପୁଣ୍ୟ ସୁକର୍ମ କୁକର୍ମର ବିଚାର କରି ଭଲ ବାଟରେ ଚାଲିବା ଈଶ୍ୱରଙ୍କୁ ପ୍ରାର୍ଥନା କରି ମନର ସ୍ଥିରତା ଆଣିବା ଏହି ସଂସ୍କୃତି ସହିତ ଜଡିତ ।

ଝିଅଟି ଯୌବନ ପ୍ରାପ୍ତ ହେଲେ ତାକୁ ସେହି ମାସିକ ଧର୍ମ ଦିନ ଗୁଡିକରେ ବିଶ୍ରାମ ଦେବା ତାର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା ମଧ୍ୟ ନଜିର ରହିଛି ।

ବିବାହ ଆଉ ସନ୍ତାନ ଜନ୍ମ ଆଉ ଗର୍ଭବତୀ ମହିଳାଙ୍କ ଖାଦ୍ୟ ପେୟର ବିଶେଷ ଯତ୍ନ ସାଦ ଖିଆ ପରମ୍ପରା ମଧ୍ୟ ଏକ ଗର୍ଭବତୀ ମହିଳା ଆଉ ତାର ସନ୍ତାନର ପୋଷକ ତତ୍ୱର ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ ।

ବାର ମାସରେ ତେର ପର୍ବ ପୂଜା ପାଠ ପିଠା ପଣା କାଞ୍ଜି ତରକାରୀ ଅମୁକ ପର୍ବରେ ଅମୁକ ଭୋଗ ଏଦିନ ଏହା ଖାଇବ ସେଦିନ ସେୟା ଖାଇବନି ଇତ୍ୟାଦି ସମସ୍ତ ବ୍ୟବସ୍ଥା ମଣିଷର ଶରୀର ପାଇଁ ହିତକାରୀ ।

ଠିକ୍ ସେମିତି ଜରା ଅବସ୍ଥାରେ ପିତାମାତାଙ୍କ ଯତ୍ନ ନେବା । ସେମାନେ ଦେହ ତ୍ୟାଗ କଲେ ତାଙ୍କର ସଂସ୍କାର କରାଇବା । ଶବ ସଂସ୍କାରରୁ ଆସି ହଳଦୀ ପାଣି କୁଦିବା ଲିମ୍ବ ପତ୍ର ଖାଇବା ଦେହର ସ୍ୱଚ୍ଛତାକୁ ହିଁ ଦର୍ଶାଏ । ତତ୍ ସହିତ ଶୁଦ୍ଧି କ୍ରିୟାରେ ଘର ବସ୍ତ୍ର ପରିଷ୍କାର କରିବା ମୁଣ୍ଡନ ସ୍ନାନ ଇତ୍ୟାଦି ସ୍ୱଚ୍ଛତାର ଏକ ନିଦର୍ଶନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତଙ୍କ ଭିତରେ ସଦ୍ଭାବନା ଆଣିବା ସମସ୍ତେ ଏକାଠି ହେବା ବନ୍ଧୁ ମିଳନ କରିବା ଉଚିତ ଅନୁଚିତ କର୍ମକୁ ଅନୁଭବ କରିବା ସମସ୍ତ କାର୍ଯ୍ୟକ୍ରମରେ ଦେଖାଯାଏ । ସେ ଗୃହ ପ୍ରତିଷ୍ଠା ହେଉ କି ବିବାହ ବ୍ରତ କିମ୍ବା କ୍ରିୟାକର୍ମ ଇତ୍ୟାଦି । ଲୋକମାନଙ୍କୁ ଅନ୍ନ ବସ୍ତ୍ର ଦେବା ପଶୁ ପକ୍ଷୀମାନଙ୍କ ଠୁ ଆରମ୍ଭ କରି ଜଳ ଜୀବ ପର୍ଯ୍ୟନ୍ତ ସମସ୍ତଙ୍କୁ ଭୋଜନ ଦେବା ବ୍ୟବସ୍ଥା ଭରି ରହିଛି ଆମ ସନାତନ ସଂସ୍କୃତିରେ ।

ବୈଶାଖରୁ ଚୈତ୍ର ପର୍ଯ୍ୟନ୍ତ ଯେତେବେଳେ ଯାହା ଲୋଡିବ ଆଉ ଯାହା ତ୍ୟାଗ କରିବ ତୁମର ହିତ ପାଇଁ ସବୁ ପ୍ରଥା ପରମ୍ପରା ପୁରାଣରେ ଲିଖିତ ହୋଇ ଜନ ମୁଖରେ ଆଉ ଜନ ଜୀବନରେ ପ୍ରତି ଫଳିତ ହୋଇଛି ।

ତେଣୁ ଏ ସନାତନ ସଂସ୍କୃତି ସର୍ବ ପ୍ରାଚୀନ ସୁନ୍ଦର ବିଜ୍ଞାନ ସମ୍ମତ ହେବା ସହିତ ମାନବକୁ ମାନବ ପ୍ରେମୀ ସଂସ୍କାରି ଯିବେ ଦୟା ଭାବ ରେ ବାନ୍ଧି ରଖିଛି ଏଥିରେ ସନ୍ଦେହ ନାହିଁ ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ୍ୟ ଓ ସେବାର ଦୁଇ ଆଲୋକ ସ୍ତମ୍ଭ

ଡଃ ନିହାର ରଞ୍ଜନ ସାବତ



କେତେକ ତାରିଖ କ୍ୟାଲେଣ୍ଡରର ପୃଷ୍ଠାରେ କେବଳ ଏକ ସଂଖ୍ୟା ହୋଇ ରହିଯାଏ, ଆଉ କେତେକ ତାରିଖ ଇତିହାସର ଆଇନା ହୋଇ ଆମ ସମ୍ମୁଖରେ ଦଣ୍ଡାୟମାନ ହୁଏ । ଅକ୍ଟୋବର ଦୁଇ ତାରିଖ ସେହିପରି ଏକ ଐତିହାସିକ ଦିନ, ଯେଉଁ ଦିନ ଭାରତୀୟ ଇତିହାସର ଆକାଶରେ ଦୁଇଟି ଦୀପଶିଖା ଜଳି ଉଠିଥିଲା । ଅଠରଶହ ଅଣସ୍ତୁରୀ ମସିହାର ଏହି ଦିନ ଗୁଜରାଟର ପୋରବନ୍ଦରରେ ମୋହନଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମା ଗାନ୍ଧୀ) ଜନ୍ମ ଗ୍ରହଣ କରିଥିଲେ ଏବଂ ଉଣେଇଶି ଶହ ଚାରି ମସିହାରେ ଉତ୍ତର ପ୍ରଦେଶର ମୋଗଲସରାଇରେ ଭୂମିଷ୍ଠ ହୋଇଥିଲେ ଲାଲ ବାହାଦୁର ଶାସ୍ତ୍ରୀ । ଦୁହିଁଙ୍କ ଜନ୍ମମଧ୍ୟରେ ପ୍ରାୟ ପଇଁତିରିଶି ବର୍ଷର ବ୍ୟବଧାନ ଥିଲେ ମଧ୍ୟ ତାଙ୍କ ଜୀବନଦର୍ଶନର ଅନ୍ତଃସ୍ରୋତରେ ଥିଲା ସତ୍ୟ, ସରଳତା, ତ୍ୟାଗ, ଶୃଙ୍ଖଳା, ଦେଶପ୍ରେମ ଓ ମାନବସେବାର ଏକ ଅଦୃଶ୍ୟ ସେତୁ । ଜଣେ ବିଦେଶୀ ଶାସନ ବିରୋଧରେ ଅହିଂସାର ନୈତିକ ଅସ୍ତ୍ର ଉତ୍ତୋଳନ କରିଥିଲେ, ଅନ୍ୟ ଜଣେ ସ୍ୱାଧୀନ ଭାରତର ସଙ୍କଟକାଳରେ ସାହସ, ଶୃଙ୍ଖଳା ଓ ଉତ୍ତରଦାୟିତ୍ୱର ଆଦର୍ଶ ସ୍ଥାପନ କରିଥିଲେ । ତେଣୁ ଅକ୍ଟୋବର ଦୁଇ ତାରିଖ କେବଳ ଦୁଇ ମହାନ୍ ବ୍ୟକ୍ତିତ୍ୱଙ୍କ ଜନ୍ମଦିନ ନୁହେଁ; ଏହା ନୈତିକ ସାହସ ଓ ଦାୟିତ୍ୱପୂର୍ଣ୍ଣ ରାଷ୍ଟ୍ରସେବା ଭଳି ଭାରତୀୟ ଚରିତ୍ରର ଦୁଇଟି ମହତ୍ତ୍ୱପୂର୍ଣ୍ଣ ମୂଲ୍ୟବୋଧର ଏକ ଅଦ୍ଭୁତ ସ୍ମାରକ ।

ଆଇନ ପଢ଼ିବା ପରେ ଅଠରଶହ ତେୟାନବେ ମସିହାରେ ଗାନ୍ଧୀଜୀ ଦକ୍ଷିଣ ଆଫ୍ରିକା ଯାଇଥିଲେ । ସେହିବର୍ଷ ଜୁନ୍ ମାସ ସାତ ତାରିଖରେ ପିଟରମାରିଟ୍‌ସବର୍ଗ ରେଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଷ୍ଟେସନରେ ବୈଧ ଟିକେଟ ଥିଲେ ମଧ୍ୟ ଅଣଶ୍ୱେତାଙ୍ଗ ହୋଇଥିବାରୁ ତାଙ୍କୁ ରେଳଗାଡ଼ିର ପ୍ରଥମ ଶ୍ରେଣୀ କୋଠରୀରୁ ବାହାର କରିଦିଆଯାଇଥିବା ଘଟଣା ତାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା । ଅନ୍ୟାୟକୁ ହିଂସାରେ ନୁହେଁ, ସତ୍ୟ ଓ ଅହିଂସାର ଶକ୍ତିରେ ପ୍ରତିରୋଧ କରିବାର ଯେଉଁ ପଥ ସେ ଗଢ଼ିଥିଲେ, ତାହା ପରେ "ସତ୍ୟାଗ୍ରହ" ଭାବେ ପରିଚିତ ହେଲା । ଦକ୍ଷିଣ ଆଫ୍ରିକାରେ ପ୍ରବାସ ତାଙ୍କ ପାଇଁ କେବଳ ଏକ ବିଦେଶୀରାଷ୍ଟ୍ରର ଅନୁଭବ ସୃଷ୍ଟି କରିନଥିଲା; ବରଂ ସେଠାରେ ଜଣେ ଯୁବ ଭାରତୀୟ ଆଇନଜୀବୀ ଧୀରେ ଧୀରେ ଜଣେ ଆଦର୍ଶସ୍ଥାନୀୟ ନେତାରେ ପରିଣତ ହୋଇଥିଲେ ।

ଉଣେଇଶିଶହ ଚଉଦ ମସିହାରେ ଦକ୍ଷିଣ ଆଫ୍ରିକା ଛାଡ଼ି ଉଣେଇଶିଶହ ପନ୍ଦର ମସିହାରେ ଭାରତକୁ ଫେରିବା ପରେ ଗାନ୍ଧୀଜୀ ଦେଶର ସାଧାରଣ ଲୋକଙ୍କ ଦୁଃଖକୁ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପ୍ରଶ୍ନ କରିଥିଲେ । ଚମ୍ପାରଣର କୃଷକ, ଖେଡ଼ାର ଚାଷୀ ଓ ଅହମଦାବାଦର ଶ୍ରମିକଙ୍କ ପାଖରେ ଠିଆ ହୋଇ ସେ ବୁଝାଇଦେଇଥିଲେ ଯେ ସ୍ୱାଧୀନତା କେବଳ ଶାସନବ୍ୟବସ୍ଥାରେ ପରିବର୍ତ୍ତନର ନାମ ନୁହେଁ, ଏହା ସାଧାରଣ ମଣିଷର ସମ୍ମାନ ଓ ଅଧିକାର ସହ ଜଡ଼ିତ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଦାଣ୍ଡି ଯାତ୍ରା, ଭାରତ ଛାଡ଼ ଆନ୍ଦୋଳନ ଇତ୍ୟାଦିରେ ତାଙ୍କ ନେତୃତ୍ୱ ଜନସାଧାରଣଙ୍କୁ ଆନ୍ଦୋଳନ ସହ ଯୋଡ଼ିଥିଲା । ଉଣେଇଶିଶହ ବୟାଳିଶି ମସିହାର ଭାରତ ଛାଡ଼ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ଆହୁରି ତୀବ୍ର କରିଥିଲା ।

କିନ୍ତୁ ଗାନ୍ଧୀଜୀଙ୍କ ସ୍ୱପ୍ନ କେବଳ ବିଦେଶୀ ଶାସନରୁ ମୁକ୍ତିରେ ସୀମିତ ନଥିଲା । ଗରିବଙ୍କ ସମ୍ମାନ, ଚାଷୀଙ୍କ ମର୍ଯ୍ୟାଦା, ଶ୍ରମର ମୂଲ୍ୟ, ନାରୀଙ୍କ ସମାନ ଅଧିକାର, ସାମାଜିକ ସମତା ଓ ସାମ୍ପ୍ରଦାୟିକ ସମନ୍ୱୟ ଇତ୍ୟାଦି ତାଙ୍କ ଚିନ୍ତାର ଅଂଶ ଥିଲା । ଚରଖା, ସ୍ୱଦେଶୀ, ଗ୍ରାମ ସ୍ୱରାଜ, ସ୍ୱଚ୍ଛତା ଓ ସଂଯମ ମାଧ୍ୟମରେ ସେ ଏକ ନୂତନ ସୁନ୍ଦର ଦେଶ ଭାରତର ସ୍ୱପ୍ନ ଦେଖିଥିଲେ । ତାଙ୍କ ସତ୍ୟ ଓ ଅହିଂସାର ଚିନ୍ତା ପରେ ମାର୍ଟିନ୍ ଲୁଥର୍ କିଙ୍ଗ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୁନିୟର ଏବଂ ନେଲସନ ମାଣ୍ଡେଲାଙ୍କ ପରି ବିଂଶ ଶତାବ୍ଦୀର ଅନେକ ବିଶ୍ୱସ୍ତରୀୟ ନେତାମାନଙ୍କୁ ପ୍ରଭାବିତ କରିଥିଲା । ଦୁଇ ହଜାର ସାତ ମସିହାରେ ମିଳିତ ଜାତିସଂଘ ଅକ୍ଟୋବର ମାସ ଦୁଇତାରିଖକୁ "ଅନ୍ତର୍ଜାତୀୟ ଅହିଂସା ଦିବସ" ଭାବରେ ମାନ୍ୟତା ଦେଇଥିଲା ।

ଏହି ଐତିହାସିକ ପରିଦୃଶ୍ୟର ଅନ୍ୟ ପାର୍ଶ୍ୱରେ ଦଣ୍ଡାୟମାନ ହୁଅନ୍ତି ଲାଲ୍ ବାହାଦୁର ଶାସ୍ତ୍ରୀ । ଉଣେଇଶିଶହ ଚାରି ମସିହାରେ ମୋଗଲସରାଇରେ ଜନ୍ମ ହୋଇଥିବା ଶାସ୍ତ୍ରୀଜୀ ଗାନ୍ଧୀଜୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ ଓ ବାରମ୍ବାର କାରାବରଣ କରିଥିଲେ । କାଶୀ ବିଦ୍ୟାପୀଠରୁ ଶିକ୍ଷା ଲାଭ କରି "ଶାସ୍ତ୍ରୀ" ଉପାଧି ପାଇଥିଲେ, ଯାହା ପରେ ତାଙ୍କ ନାମର ଅଂଶ ହୋଇଯାଇଥିଲା । ସ୍ୱାଧୀନତା ପରେ ସେ ବିଭିନ୍ନ ଦାୟିତ୍ୱରେ ରହି ନିଜର ସରଳ ଓ ନିର୍ମଳ ରାଜନୈତିକ ଜୀବନର ପରିଚୟ ଦେଇଥିଲେ ।

ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ପରେ ନୈତିକ ଦାୟିତ୍ୱ ବହନ କରି ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ । ଉଣେଇଶିଶହ ଚଉଷଠି ମସିହାରେ ପ୍ରଧାନମନ୍ତ୍ରୀ ହେବା ପରେ ଦେଶ ଖାଦ୍ୟସଙ୍କଟ ଓ ସୀମା ସୁରକ୍ଷା ଭଳି ଦୁଇଟି ବଡ଼ ଆହ୍ୱାନର ସମ୍ମୁଖୀନ ହେଉଥିଲା । ଉଣେଇଶ ଶହ ପଞ୍ଚଷଠି ମସିହାର ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ତାଙ୍କର "ଜୟ ଯବାନ, ଜୟ କିଷାନ" ଆହ୍ୱାନ ପ୍ରତିରକ୍ଷା ଓ ଖାଦ୍ୟ ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱକୁ ସାମ୍ନାକୁ ଆଣିଥିଲା । କୃଷି ଓ ଦୁଗ୍ଧ ଉତ୍ପାଦନରେ ବୃଦ୍ଧି ଘଟାଇବା ନିମନ୍ତେ ସେ ଥିଲେ ପ୍ରୟାସରତ ।

ଆଜିର ଭାରତ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ସମୟର ଭାରତ ନୁହେଁ । ପ୍ରଯୁକ୍ତିର ଗତି ବଢ଼ିଲେ ମଣିଷର ନୈତିକ ଦାୟିତ୍ୱ କମିଯାଏ ନାହିଁ । ବରଂ ପ୍ରଯୁକ୍ତି ଯେତେ ଶକ୍ତିଶାଳୀ ହେଉଛି, ତାହାର ବ୍ୟବହାରରେ ସତ୍ୟ, ନ୍ୟାୟ, ମାନବିକତା ଓ ଦାୟିତ୍ୱବୋଧର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆବଶ୍ୟକତା ସେତେ ବଢୁଛି । ଏହିଠାରେ ହିଁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଚିନ୍ତାଧାରାର ପ୍ରାସଙ୍ଗିକତା ରହିଛି ।

ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନର ପରିସର ଭିନ୍ନ ଥିଲେ ମଧ୍ୟ ତାଙ୍କ ଚରିତ୍ରର ମୂଳରେ ଥିବା ମୂଲ୍ୟବୋଧରେ ଗଭୀର ସାମଞ୍ଜସ୍ୟ ଦେଖାଯାଏ । ଗାନ୍ଧୀଜୀ ଅନ୍ୟାୟ ବିରୋଧରେ ସତସାହସ ଦେଖାଇଥିଲେ, ଶାସ୍ତ୍ରୀଜୀ ନିଜ ଦାୟିତ୍ୱ ପାଇଁ ନିଜକୁ ଉତ୍ତରଦାୟୀ କରିଥିଲେ । ଗାନ୍ଧୀଜୀ ଲୋକଙ୍କ ମନରେ ପରିବର୍ତ୍ତନର ଚେତନା ଜାଗ୍ରତ କରିଥିଲେ; ଶାସ୍ତ୍ରୀଜୀ ନିଜ ଆଚରଣରେ ଦେଖାଇଥିଲେ ଯେ ନେତୃତ୍ୱର ଅର୍ଥ କେବଳ ଆଦେଶ ଦେବା ନୁହେଁ, ଦାୟିତ୍ୱ ନେବା ମଧ୍ୟ । ଜଣେ ଆଦର୍ଶ ପାଇଁ ଲଢ଼ିବା ଶିଖାଇଥିଲେ, ଅନ୍ୟଜଣେ ଆଦର୍ଶକୁ ନିଜ ଜୀବନରେ ପାଳନ କରିବା ଶିଖାଇଥିଲେ ।

ଆଜିର ସମୟରେ ଏହି ଦୁଇ ଜୀବନର ଶିକ୍ଷା ଆହୁରି ଆବଶ୍ୟକ । ସୂଚନାର ବେଗ ବଢ଼ିଛି, କିନ୍ତୁ ସତ୍ୟକୁ ଚିହ୍ନିବାର ଦାୟିତ୍ୱ ମଧ୍ୟ ବଢ଼ିଛି । ଅଧିକାର ବିଷୟରେ ଆମେ ଅଧିକ କଥା କହୁଛୁ, କିନ୍ତୁ କର୍ତ୍ତବ୍ୟକୁ ସେହି ଗୁରୁତ୍ୱ ଦେଉଛୁ କି ? ହିଂସା, ଘୃଣା, ଅସହିଷ୍ଣୁତା ଓ ବିଭାଜନ ମଧ୍ୟରେ ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସା ଆମକୁ ମଣିଷ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଶିକ୍ଷାଦିଏ । ସ୍ୱାର୍ଥ ଓ ଦାୟିତ୍ୱହୀନତାର ସମୟରେ ଶାସ୍ତ୍ରୀଜୀଙ୍କ ଜୀବନ ଆମକୁ ମନେ ପକାଏ ଯେ ପଦ ବଡ଼ ହେବାଠାରୁ ଦାୟିତ୍ୱବୋଧ ବଡ଼ ହେବା ଅଧିକ ଜରୁରୀ ।

ଭବିଷ୍ୟତ ପିଢ଼ି ପାଇଁ ଏହି ଦୁଇ ମହାନ୍ ଜୀବନର ସରଳ, କିନ୍ତୁ ଗଭୀର ସନ୍ଦେଶ ହେଉଛି ସଫଳ ହେବା ପୂର୍ବରୁ ସତ୍ୟନିଷ୍ଠ ହୁଅ, ଅଧିକାର ଦାବି କରିବା ପୂର୍ବରୁ କର୍ତ୍ତବ୍ୟକୁ ବୁଝ ଏବଂ ନେତୃତ୍ୱ ଚାହିଁବା ପୂର୍ବରୁ ନିଜ ଦାୟିତ୍ୱ ନେବା ଶିଖ । ଦେଶର ଭବିଷ୍ୟତ କେବଳ ନୂଆ ପ୍ରଯୁକ୍ତି, ବଡ଼ ଅଟ୍ଟାଳିକା କିମ୍ବା ଆର୍ଥିକ ସମୃଦ୍ଧିରେ ଗଢ଼ିହେବ ନାହିଁ; ଏହା ଗଢ଼ିହେବ ସତ୍ୟନିଷ୍ଠ ମଣିଷ, ଦାୟିତ୍ୱସମ୍ପନ୍ନ ନାଗରିକ ଓ ଜାଗ୍ରତ ବିବେକରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣୁ ଅକ୍ଟୋବର ଦୁଇର ପ୍ରକୃତ ଶ୍ରଦ୍ଧାଞ୍ଜଳି ପୁଷ୍ପମାଲ୍ୟରେ ନୁହେଁ, ଆମ ଆଚରଣରେ । ଗାନ୍ଧୀଜୀଙ୍କ ଜୀବନରୁ ସତ୍ୟନିଷ୍ଠା ଓ ଶାସ୍ତ୍ରୀଜୀଙ୍କ ଜୀବନରୁ ଦାୟିତ୍ୱବୋଧ ବିଷୟରେ ଶିଖିପାରିଲେ ହିଁ ଏହି ଦିବସ ପାଳନ ସାର୍ଥକ ହେବ । ଇତିହାସକୁ ସ୍ମରଣ କରିବା ସହଜ; ଇତିହାସର ଆଦର୍ଶକୁ ନିଜ ଜୀବନରେ ଜୀବନ୍ତ ରଖିବା ହିଁ ଆମର ପ୍ରକୃତ ପରୀକ୍ଷା ।

ଡକ୍ଟର ନିହାର ରଞ୍ଜନ ସାବତ

ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ
ସୂଚନା ପ୍ରୌଦ୍ୟୋଗିକ ଏବଂ ପ୍ରବନ୍ଧନ ଶିକ୍ଷା ମହାବିଦ୍ୟାଳୟ (ସାଇମ୍)
ମଞ୍ଜେଶ୍ୱର ଶିଲ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଭ୍ରାମ୍ୟଭାଷ : +୯୧ ୯୭୭୭୦୧୧୯୩୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାନ୍ତିର ଅବତାର ଲାଲ ବାହାଦୁର ଶାସ୍ତ୍ରୀ

ବାବାଜୀ ଚରଣ ଦାସ



ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ୧୯୦୪ ମସିହା ଅକ୍ଟୋବର ୨ତାରିଖରେ ଉତ୍ତର ପ୍ରଦେଶର ମୁଗଲ ସରାଇ ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶାରଦା ପ୍ରସାଦ ଶ୍ରୀବାସ୍ତବ ଓ ମାତାଙ୍କ ନାମ ରାମଦୁଲାରୀ ଦେବୀ । ଶାରଦା ପ୍ରସାଦ ଶ୍ରୀବାସ୍ତବ ଜଣେ ସ୍କୁଲ ଶିକ୍ଷକ ଥିଲେ ଯିଏ ପରବର୍ତ୍ତୀ ସମୟରେ ଆଲ୍‌ହାବାଦରେ ରାଜସ୍ୱ କାର୍ଯ୍ୟାଳୟରେ କିରାଣୀ ହୋଇଥିଲେ । ଲାଲ ବାହାଦୁରଙ୍କୁ ଯେତେବେଳେ ଦେଢ଼ ବର୍ଷ ହୋଇଥିଲା, ସେତେବେଳେ ତାଙ୍କ ବାପା ଡେପୁଟି ତହସିଲଦାର ପଦବୀକୁ ପଦୋନ୍ନତି ପାଇଥିଲେ କିନ୍ତୁ ବିଧିର ବିଧାନ ଥିଲା ଅନ୍ୟ ପ୍ରକାର । ସେ ବୁବୋନିକ୍ ମହାମାରୀରେ ୧୯୦୬ ଏପ୍ରିଲ ମାସରେ ମୃତ୍ୟୁ ବରଣ କରିବାରୁ ରାମଦୁଲାରୀ ଦେବୀ ତାଙ୍କ ଦୁଇ ସନ୍ତାନଙ୍କୁ ନେଇ ତାଙ୍କ ବାପଘର ମୋଗଲସରାଇକୁ ଚାଲି ଯାଇଥିଲେ ।

ଲାଲ ବାହାଦୁର ଥିଲେ ଦ୍ୱିତୀୟ ସନ୍ତାନ । ତାଙ୍କ ବଡଭଉଣୀ କୈଳାସୀ ଦେବୀ । ତାଙ୍କ ପିତାଙ୍କ ମୃତ୍ୟୁର ୩ ମାସ ମଧ୍ୟରେ ୧୯୦୬ ଜୁଲାଇରେ ତାଙ୍କ ସାନ ଭଉଣୀ ସୁନ୍ଦରୀ ଦେବୀ ଜନ୍ମଗ୍ରହଣ କରିଥିଲେ । ଲାଲ ବାହାଦୁରଙ୍କ ଅଜା ମୁନ୍‌ସି ହଜାରୀଲାଲ ମୁଗଲସରାଇ ରେଳବାଇ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିଲେ ଓ ଇଂରାଜୀ ପଢ଼ାଉଥିଲେ । କିନ୍ତୁ ଦୁର୍ଭାଗ୍ୟକୁ ସେ ମଧ୍ୟ ୧୯୦୮ ମସିହା ମଧ୍ୟଭାଗରେ ହୃଦଘାତରେ ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ରାମଦୁଲାରୀ ଓ ତାଙ୍କ ତିନି ସନ୍ତାନଙ୍କ ଦାୟିତ୍ୱ ଭାର ଲାଲ ବାହାଦୁରଙ୍କ ବଡମାମୁଁ ଦରବାରୀ ଲାଲ୍ ଙ୍କ ଉପରେ ପଡ଼ିଲା । ତାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ ମୁଗଲସରାଇରେ ଶିକ୍ଷକତା କରୁଥିବା ଦରବାରୀ ଲାଲ୍ ଙ୍କ ବଡ଼ପୁଅ ବିନ୍ଦେଶ୍ୱରୀ ପ୍ରସାଦ ସେମାନଙ୍କ ଦାୟିତ୍ୱ ନେଇଥିଲେ । କାୟସ୍ଥ ପରିବାରର ପରମ୍ପରା ଅନୁଯାୟୀ ସେ ଜଣେ ମୌଲବୀଙ୍କ ଠାରୁ ଉର୍ଦ୍ଦୁ ଓ ପାର୍ସୀ ଭାଷାରେ ଷଷ୍ଠ ଷ୍ଟାଣ୍ଡାଡ୍ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ ।

ବିନ୍ଦେଶ୍ୱରୀ ପ୍ରସାଦଙ୍କର ବାରାଣସୀକୁ ବଦଳି ହେବାରୁ ରାମଦୁଲାରୀ ଓ ତାଙ୍କ ତିନି ସନ୍ତାନ ମଧ୍ୟ ବାରଣାସୀରେ ରହିଲେ । ଏହିଠାରେ ଲାଲ ବାହାଦୁର (ନହ୍ନେ), ହରିଶ୍ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ସପ୍ତମ ଷ୍ଟାଣ୍ଡାଡ୍ ରେ ନାମ ଲେଖାଇଥିଲେ । ଜାତିଭିତ୍ତିକ ସଂଜ୍ଞା ଶ୍ରୀବାସ୍ତବ ପରିତ୍ୟାଗ କରି ସେ ପରିଚିତ ହେଲେ ଲାଲ ବାହାଦୁର ଭାବରେ । ଏହି ବିଦ୍ୟାଳୟରେ ଅଧ୍ୟୟନ କରିବା ସମୟରେ ଥରେ ପାଖରେ ଅର୍ଥ ନଥିବାରୁ ସ୍ୱାଭିମାନୀ ଲାଲ ବାହାଦୁର ଗଙ୍ଗା ନଦୀ ପହଁରି ପହଁରି ପାର ହୋଇଥିଲେ ।

ହରିଶ୍ଚନ୍ଦ୍ର ଉଚ୍ଚବିଦ୍ୟାଳୟର ଶିକ୍ଷକମାନେ ଥିଲେ ଜାତୀୟ ଚେତନାରେ ଅନୁପ୍ରାଣୀତ । ଜାତୀୟବାଦୀ ଶିକ୍ଷକ ନିସ୍କାମେଶ୍ୱର ପ୍ରସାଦ ମିଶ୍ର, ଲାଲ ବାହାଦୁରଙ୍କୁ ତାଙ୍କ ପିଲାଙ୍କ ଗୃହ ଶିକ୍ଷକ ଭାବରେ ନିଯୁକ୍ତ କରି ତାଙ୍କୁ ବହୁତ ଆର୍ଥିକ ସହାୟତା କରୁଥିଲେ । ମିଶ୍ରଙ୍କ ଜାତୀୟ ଚେତନାରେ ଅନୁପ୍ରାଣୀତ ହୋଇ ଲାଲ ବାହାଦୁର ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆଗ୍ରହ ପ୍ରକାଶ କରିଥିଲେ । ସେ ଭାରତର ଇତିହାସ ଅଧ୍ୟୟନ କରିବା ସହିତ ସ୍ୱାମୀ ବିବେକାନନ୍ଦ, ମହାତ୍ମାଗାନ୍ଧୀ ଓ ଆନିବେଶାନ୍ତଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଅଧ୍ୟୟନ କଲେ । ଜାନୁଆରୀ, ୧୯୨୧ । ଲାଲ ବାହାଦୁରଙ୍କର ଦଶମ ଷ୍ଟାଣ୍ଡାଡ୍ ଶେଷ ପରୀକ୍ଷା ଆଉ ମାତ୍ର ୩ ମାସ ବାକିଥାଏ । ମହାତ୍ମାଗାନ୍ଧୀ ଓ ମଦନ ମୋହନ ମାଲବ୍ୟଙ୍କ ଡାକରାରେ ହରିଶ୍ଚନ୍ଦ୍ର ଉଚ୍ଚବିଦ୍ୟାଳୟରୁ ପାଠପଢ଼ାରେ ଡୋରି ବାନ୍ଧି ଅସହଯୋଗ ଆନ୍ଦୋଳନ ଓ ସ୍ଥାନୀୟ କଂଗ୍ରେସ ଦଳର ସ୍ୱେଚ୍ଛାସେବୀ ଭାବରେ ପିକେଟିଂ ଓ ସରକାରୀ ଅଫିସ ଆଗରେ ଧାରଣା ଦେଲେ । ତାଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଆଗଲା କିନ୍ତୁ ସେ ନାବାଳକ ଥିବାରୁ ତାଙ୍କୁ ଛାଡି ଦିଆଗଲା । ଗାନ୍ଧୀଙ୍କ ପଞ୍ଚଶିଷ୍ୟ ଓ ଭାରତର ସ୍ୱାଧୀନତା ସଂଗ୍ରାମର ଜଣେ ପ୍ରମୁଖ ନେତା ତଥା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଜେ.ବି.କ୍ରିପାଳୀନି ଥିଲେ ଶାସ୍ତ୍ରୀଙ୍କ ପଥପ୍ରଦର୍ଶକ । ଯୁବ ସ୍ୱେଚ୍ଛାସେବୀ ମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ କ୍ରିପାଳୀନି, ତାଙ୍କ ସାଙ୍ଗ ଭି.ଏନ୍.ଶର୍ମା, କାଶୀ ବିଦ୍ୟାପୀଠ ନାମରେ ଏକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଯାହାକୁ ଜାତୀୟବାଦୀ ଶିବ ପ୍ରସାଦ ଗୁପ୍ତା ଆର୍ଥିକ ସହାୟତା କରିଥିଲେ । ଏହା ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଲାଲ ବାହାଦୁର ପ୍ରଥମେ ଉତ୍ତୀର୍ଣ୍ଣ ଛାତ୍ର ମାନଙ୍କ ମଧ୍ୟରେ ଦର୍ଶନ ଓ ନୀତି ଶିକ୍ଷାରେ ପ୍ରଥମ ଶ୍ରେଣୀରେ ସ୍ନାତକ ଉପାଧି ହାସଲ କରିବା ସହିତ ଶାସ୍ତ୍ରୀ ଉପାଧିରେ ଭୂଷିତ ହୋଇଥିଲେ । ସେହି ଦିନଠାରୁ ସେ ଲାଲ ବାହାଦୁର ଶାସ୍ତ୍ରୀ ଭାବରେ ପରିଚିତ ହେଲେ ।

ଶାସ୍ତ୍ରୀ, ଲାଲା ଲଜପତ୍ ରାୟଙ୍କ ଦ୍ୱାରା ଗଠିତ ଲୋକ ସେବକ ମଣ୍ଡଳର ସଭ୍ୟ ହେବା ସହ ଗାନ୍ଧୀଙ୍କ ନେତୃତ୍ୱରେ ଅନୁସୂଚିତ ଜାତି ଲୋକମାନଙ୍କର ଉନ୍ନତି ପାଇଁ ମୁଜାଫରପୁରରେ କାର୍ଯ୍ୟ କଲେ ଓ ପରେ ସେ ଏହାର ସଭାପତି ହେଲେ । ୧୯୨୭ ମସିହାରେ ନିରାଡମ୍ବର ଓ ପାରମ୍ପରିକ ଭାବେ ସେ ଲଳିତା ଦେବୀଙ୍କ ପାଣି ଗ୍ରହଣ କରିଥିଲେ ।

୧୯୨୮ ମସିହାରେ ଅଢେଇ ବର୍ଷ ପାଇଁ ଓ ୧୯୪୦ ମସିହାରେ ଏକବର୍ଷ ପାଇଁ ଲାଲ ବାହାଦୁର ଶାସ୍ତ୍ରୀ ଜେଲ୍ ଦଣ୍ଡ ଭୋଗିଥିଲେ । ୧୯୪୨ ଅଗଷ୍ଟ ବିପ୍ଲବରେ ସେ ଆଗ ଧାଡିର ନେତୃତ୍ୱ ନେଇଥିଲେ ।

ପ୍ରଥମେ ୧୯୪୬ ମସିହାରେ ସେ ଉତ୍ତର ପ୍ରଦେଶର ସଂସଦୀୟ ସଚିବ ହୋଇଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ପରେ ସ୍ୱାଧୀନ ଭାରତରେ ଉତ୍ତର ପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ତଙ୍କ ମନ୍ତ୍ରୀମଣ୍ଡଳରେ ପୋଲିସ ଓ ପରିବହନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ପ୍ରଥମେ ମହିଳା କଣ୍ଡକ୍ଟର ନିଯୁକ୍ତ କରିଥିଲେ । ସେ ଲାଠିମାଡ ପରିବର୍ତ୍ତେ ପାଣି ମାଡି ପାଇଁ ନିର୍ଦ୍ଦେଶ ଦେଇଥିଲେ । ୧୯୪୭ର ସାମ୍ପ୍ରଦାୟିକ ଦଙ୍ଗାକୁ ସେ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ଓ ଶରଣାର୍ଥୀ ମାନଙ୍କର ପୁନଃ ଥଇଥାନ ରେ ସଫଳ ହୋଇଥିଲେ ।

୧୯୫୨ ମସିହା ମଇ ୧୩ ତାରିଖ ରେ ଭାରତର ପ୍ରଥମ ମନ୍ତ୍ରୀମଣ୍ଡଳରେ ରେଳବାଇ ଓ ପରିବହନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇ ଦାୟିତ୍ୱ ନିର୍ବାହ କରିଥିଲେ ।

ଲାଲ ବାହାଦୁରଙ୍କ କାର୍ଯ୍ୟଦକ୍ଷତା ଓ ବ୍ୟକ୍ତିତ୍ୱ ଅତୁଳନୀୟ । ଦେଶରେ ସେତେ ବେଳେ ଘଟିଥିବା ଏକ ରେଳ ଦୁର୍ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା । ନୈତିକ ଦାୟିତ୍ୱ ଗ୍ରହଣ କରି ଲାଲ ବାହାଦୁର ଶାସ୍ତ୍ରୀ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହି ସମ୍ପର୍କରେ ବିତର୍କରେ ଭାଗନେଇ ସେ କହିଥିଲେ, "ସମ୍ଭବତଃ ଶରୀର ଗଠନରେ ମୁଁ କ୍ଷୁଦ୍ର ଏବଂ ମୋର କଥାବାର୍ତ୍ତା ନରମ ହୋଇ ଥିବାରୁ ମୁଁ କୌଣସି ଦୃଢ ନିଷ୍ପତ୍ତି ନେବାକୁ ସକ୍ଷମ ନୁହେଁ ବୋଲି ଲୋକମାନେ ବିଶ୍ୱାସ କରିବା ସ୍ୱାଭାବିକ । ଯଦିଚ ଶାରୀରିକ ଭାବେ ମୁଁ ଦୃଢ ନୁହେଁ, ମୁଁ ଭାବୁଛି ମାନସିକ ସ୍ତରରେ ମୁଁ ସେତେଟା ଦୁର୍ବଳ ହୋଇ ନପାରେ ।"

ଲାଲ ବାହାଦୁରଙ୍କ ସାଙ୍ଗଠନିକ ଦକ୍ଷତା ଯୋଗୁଁ ୧୯୫୨, ୧୯୫୭ ଓ ୧୯୬୨ ମସିହାରେ କଂଗ୍ରେସ ଦଳ ବିଜୟୀ ହୋଇଥିଲା । ଅମାୟିକ, ସହନଶୀଳ, ଦୃଢମନା, ନିଷ୍ପତ୍ତିରେ ଅଟଳ ଓ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ଥିଲେ ଲାଲ ବାହାଦୁର ଶାସ୍ତ୍ରୀ । ତାଙ୍କ ସମ୍ପୂର୍ଣ୍ଣ ଜୀବନ ଦେଶବାସୀଙ୍କ ସେବାରେ କଟିଥିଲା ।

ଗୋପାଳନ ଓ ପଶୁଧନ ବିକାଶ ପାଇଁ ଶ୍ୱେତ ବିପ୍ଳବର ସେ ଥିଲେ ମୁଖ୍ୟ ପ୍ରବକ୍ତା ଓ ସଫଳ ନାୟକ । କୃଷିର ଉନ୍ନତି ତଥା ପ୍ରଚୁର ଖାଦ୍ୟଶସ୍ୟ ଉତ୍ପାଦନ ମାଧ୍ୟମରେ ଦେଶକୁ ସ୍ୱାବଲମ୍ବୀ କରିବାପାଇଁ ସେ ଥିଲେ ସବୁଜ ବିପ୍ଳବର ମୁଖ୍ୟ କର୍ଣ୍ଣଧାର । ଦେଶରେ

Listen to Odia Podcast Original at https://youtube.com/@drjyotiprasad

ଖାଦ୍ୟାଭାବ ଦୂର ହେବା ପର୍ଯ୍ୟନ୍ତ ସପ୍ତାହର ଯେ କୌଣସି ଦିନ ଗୋଟିଏ ବେଳା ଖାଇବାକୁ ପରାମର୍ଶ ଦେଇ ଅବଶିଷ୍ଟ ଗୋଟିଏ ବେଳାର ଖାଦ୍ୟ ଭୋକିଲା ଲୋକଙ୍କ ମଧ୍ୟରେ ବଣ୍ଟନ ପାଇଁ ଆହ୍ୱାନ ଦେଇଥିଲେ । ସେ ନିଜ ପରିବାର ମଧ୍ୟରେ ଏହାର ପ୍ରୟୋଗ କରିଥିଲେ । କେତେକ ସହରରେ ସୋମବାର ସନ୍ଧ୍ୟା ବେଳକୁ ସ୍ୱେଚ୍ଛାକୃତ ଭାବେ ହୋଟେଲ୍ ମାଲିକ ମାନେ ଖାଦ୍ୟ ପ୍ରତିଷ୍ଠାନ ବନ୍ଦ କରି ଦେଉଥିଲେ ।

୧୯୫୯ ମସିହାରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଓ ୧୯୬୧ ମସିହାରେ ଘରୋଇ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ୧୯୬୪ ମସିହାରେ ବିଭାଗ ବିହୀନ ମନ୍ତ୍ରୀ ଭାବରେ ମାଙ୍ଗାଲୋର ବନ୍ଦରର ଶିଳାନ୍ୟାସ କରିଥିଲେ ।

୧୯୬୪ ମସିହା ମଇ ୨୭ ତାରିଖରେ ଜବାହରଲାଲ ନେହେରୁଙ୍କ ଦେହାନ୍ତ ଘଟିବାରୁ ଲାଲ ବାହାଦୁର ଶାସ୍ତ୍ରୀ ୧୯୬୪ ମସିହା ଜୁନ ୯ ତାରିଖରେ ଆମ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

୧୯୬୫ ମସିହାରେ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ ପ୍ରଧାନମନ୍ତ୍ରୀ ଭାବେ ଆମ ଦେଶର ନେତୃତ୍ୱ ନେଇ ରାଷ୍ଟ୍ରୀୟ ମର୍ଯ୍ୟାଦା ପାଇଁ ଲଢେଇ କରି ଭାରତକୁ ଜୟଯୁକ୍ତ କରିଥିଲେ ।

୧୯୬୫ ମସିହାରେ ଲାଲକିଲ୍ଲା ଠାରେ ଏକ ଜନସମାବେଶରେ ସେ "ଜୟ ଜବାନ, ଜୟ କିଶାନ" ସ୍ଲୋଗାନ ଦେଇ ଭାରତୀୟ ସୈନିକ ଓ କୃଷକଙ୍କ ମନୋବଳ ଦୃଢ଼ କରିଥିଲେ ।

୧୯୬୬ ମସିହା ଜାନୁଆରୀ ୧୦ ତାରିଖରେ ତାସକେଣ୍ଟ ଚୁକ୍ତିନାମା ସହିତ ଆନୁଷ୍ଠାନିକ ଭାବେ ଯୁଦ୍ଧ ସମାପ୍ତ ହେଲା ସିନା, ତାପରଦିନ ସେହି ତାସକେଣ୍ଟ ଠାରେ ଭାରତର ଦୃଢ଼ମନା, ଦୃଢସଙ୍କଳ୍ପ, ଚୀର ଜାଜ୍ୱଲ୍ୟମାନ ରାଷ୍ଟ୍ରନୀତିଜ୍ଞ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଇହଧାମ ତ୍ୟାଗ କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମରଣୋତ୍ତର ଭାବେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା ।

ଭାରତର ସେହି ମହାପୁରୁଷଙ୍କୁ ଶାନ୍ତି ଓ ମୈତ୍ରୀର ଅବତାର ବୋଲି ଅନେକ ଅଭିହିତ କରନ୍ତି । ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ଦେଶବାସୀ ଯୁଗ ଯୁଗ ପାଇଁ ସ୍ମରଣ କରିବେ । ଆଜି ତାଙ୍କ ଜନ୍ମ ଜୟନ୍ତୀରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।


ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାନବ ଜୀବନର ଲକ୍ଷ୍ୟ

ନିବେଦିତା ପଣ୍ଡା



ସୃଷ୍ଟିର ସମସ୍ତ ଜୀବଜନ୍ତୁଙ୍କ ମଧ୍ୟରେ ମଣିଷ ହେଉଛି ଶ୍ରେଷ୍ଠ ଓ ବୁଦ୍ଧିମାନ ପ୍ରାଣୀ । ଭଗବାନ ମଣିଷକୁ ଚିନ୍ତା କରିବା ପାଇଁ ବିବେକ ଓ ବୁଦ୍ଧି ଦେଇଛନ୍ତି । କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନଥାଇ ବଞ୍ଚିବା ଗୋଟିଏ ନାବିକବିହୀନ ଡଙ୍ଗା ସଦୃଶ, ଯାହା ସମୁଦ୍ରର ଢେଉରେ କେଉଁଆଡେ ଭାସିଯାଏ ତାର କିଛି ଠିକଣା ନଥାଏ । ତେଣୁ ପ୍ରତ୍ୟେକ ମାନବ ଜୀବନରେ ଏକ ସୁନ୍ଦର ଓ ମହତ ଲକ୍ଷ୍ୟ ରହିବା ନିହାତି ଆବଶ୍ୟକ ।

ଲକ୍ଷ୍ୟର ଆବଶ୍ୟକତା-

ଲକ୍ଷ୍ୟ ମଣିଷକୁ କର୍ମଠ ଓ ଶୃଙ୍ଖଳିତ କରିଥାଏ । ଏହା ଜୀବନକୁ ଏକ ସଠିକ୍ ଦିଗଦର୍ଶନ ଦିଏ । ବିନା ଲକ୍ଷ୍ୟରେ ମଣିଷ ନିଜର ସମୟ ଓ ଶକ୍ତି ନଷ୍ଟ କରିଥାଏ । ଜୀବନରେ କିଛି ବଡ଼ କରିବାକୁ ହେଲେ କିମ୍ବା ସଫଳତା ପାଇବାକୁ ହେଲେ ପ୍ରଥମେ ନିଜର ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିଥାଏ ।

ବ୍ୟକ୍ତିଗତ ଲକ୍ଷ୍ୟ- ଜଣେ ଛାତ୍ର ହିସାବରେ ଭଲ ପାଠ ପଢି ଜଣେ ଆଦର୍ଶ ଶିକ୍ଷକ, ଡାକ୍ତର, ଇଞ୍ଜିନିୟର, ସୈନିକ କିମ୍ବା ବୈଜ୍ଞାନିକ ହେବା ବ୍ୟକ୍ତିଗତ ଲକ୍ଷ୍ୟ ହୋଇପାରେ । ଏହା ଦ୍ୱାରା ବ୍ୟକ୍ତି ନିଜର ଓ ନିଜ ପରିବାରର ଉନ୍ନତି କରିଥାଏ ।

ସାମାଜିକ ଲକ୍ଷ୍ୟ- କେବଳ ନିଜ ପାଇଁ ବଞ୍ଚିବା ପ୍ରକୃତ ମାନବିକତା ନୁହେଁ । ଅନ୍ୟର ସେବା କରିବା, ଗରିବ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏବଂ ସମାଜର ମଙ୍ଗଳ ସାଧନ କରିବା ହେଉଛି ପ୍ରକୃତ ସାମାଜିକ ଲକ୍ଷ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରକୃତ ଲକ୍ଷ୍ୟ—ମାନବ ସେବା ।

ଆମ ଶାସ୍ତ୍ରରେ କୁହାଯାଇଛି, "ମାନବ ସେବା ହିଁ ମାଧବ ସେବା ।" ଜୀବନର ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ଜଣେ ଭଲ ମଣିଷ ହେବା ଏବଂ ସମାଜର ଉପକାର କରିବା । ଉତ୍କଳମଣି ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧୀ, ଓ ମଦର ଟେରେସାଙ୍କ ଭଳି ମହାପୁରୁଷମାନେ ନିଜ ଜୀବନକୁ ପରୋପକାରରେ ଉତ୍ସର୍ଗ କରିଥିଲେ । ସେମାନଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ ।

ମାନବ ଜୀବନ ସଂସାରରେ ଖୁବ୍ ଦୁର୍ଲଭ । ଏହାକୁ କେବଳ ଖାଇପିଇ ଆମୋଦପ୍ରମୋଦରେ ନଷ୍ଟ କରିବା ଉଚିତ୍ ନୁହେଁ । ଜୀବନରେ ଏକ ଉଚ୍ଚ ଲକ୍ଷ୍ୟ ରଖି, ସେହି ଲକ୍ଷ୍ୟ ହାସଲ କରିବା ପାଇଁ କଠିନ ପରିଶ୍ରମ ଓ ସାଧନା କରିବା ଆବଶ୍ୟକ । ସତ୍ ମାର୍ଗରେ ଚାଲି ଦେଶ ଓ ଜାତିର କଲ୍ୟାଣ କରିବା ହିଁ ମାନବ ଜୀବନର ଚରମ ଓ ପରମ ଲକ୍ଷ୍ୟ ହେବା ଉଚିତ୍ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିଜେପି ଆନ୍ଦୋଳନ

ଅଶୋକ କୁମାର ପାତ୍ର



ଜନଆକ୍ରୋଶ, ନେତୃତ୍ୱ ଓ ପରିବର୍ତ୍ତିତ ଗଣତନ୍ତ୍ରର ଦର୍ଶନ

ଜନ୍ତରମନ୍ତରରେ ସିଜେପିର ପ୍ରତିବାଦକୁ ଯଦି କେବଳ ନିଟ୍-୨୦୨୬ ପେପର ଲିକ୍‌ର ପ୍ରତିକ୍ରିୟା ବୋଲି ବିଚାର କରାଯାଏ, ତେବେ ଘଟଣାଟିର ବାହ୍ୟରୂପକୁ ମାତ୍ର ଦେଖାଯିବ; ତାହାର ଅନ୍ତର୍ନିହିତ ଦାର୍ଶନିକ ସତ୍ୟ ଅଦୃଶ୍ୟ ରହିଯିବ । କାରଣ ପ୍ରତ୍ୟେକ ବଡ଼ ଆନ୍ଦୋଳନର ଦୃଶ୍ୟମାନ ମୁହଁ ପଛରେ ଥାଏ ଏକ ଅଦୃଶ୍ୟ ମନୋଭୂଗୋଳ—ଅପୂର୍ଣ୍ଣ ଆଶା, ଅବଦମିତ କ୍ଷୋଭ, ଭବିଷ୍ୟତର ଅନିଶ୍ଚିତତା ଏବଂ ବ୍ୟବସ୍ଥା ପ୍ରତି କ୍ରମଶଃ କ୍ଷୀଣ ହେଉଥିବା ବିଶ୍ୱାସ ।

ସେହି ଅର୍ଥରେ ସିଜେପି ଆନ୍ଦୋଳନ ଏକ ଘଟଣା ନୁହେଁ; ଏହା ଏକ ଲକ୍ଷଣ । ଏକ ଗଭୀର ସାମାଜିକ ଅସ୍ଥିରତାର ଲକ୍ଷଣ । ଏହା ଯୁବପିଢ଼ିର ମନରେ ଦୀର୍ଘଦିନ ଧରି ସଞ୍ଚିତ ହୋଇଥିବା ପ୍ରଶ୍ନର ଉଚ୍ଚାରଣ—ମୋର ପରିଶ୍ରମର ମୂଲ୍ୟ କେଉଁଠି ? ମୋର ଯୋଗ୍ୟତାର ନ୍ୟାୟ କେଉଁଠି ? ମୋର ଭବିଷ୍ୟତ କାହା ହାତରେ ?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଯେତେବେଳେ ବ୍ୟବସ୍ଥା ଦେଇପାରେ ନାହିଁ, ସେତେବେଳେ ରାସ୍ତା କଥା କହେ ।

ଏକ ପରୀକ୍ଷାର ପ୍ରଶ୍ନପତ୍ରରୁ ଏକ ପିଢ଼ିର ପ୍ରଶ୍ନ ପର୍ଯ୍ୟନ୍ତ

ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ଅନିୟମିତତା କିମ୍ବା ନିଯୁକ୍ତିର ଅଭାବ—ଏଗୁଡ଼ିକୁ ପୃଥକ୍ ପୃଥକ୍ ପ୍ରଶାସନିକ ତ୍ରୁଟି ବୋଲି ଦେଖିବା ସହଜ । କିନ୍ତୁ ଏହି ତ୍ରୁଟିଗୁଡ଼ିକ ଯେତେବେଳେ ପୁନରାବୃତ୍ତି ହୁଏ, ସେତେବେଳେ ସେଗୁଡ଼ିକ ଆଉ ତ୍ରୁଟି ରହେ ନାହିଁ; ସେଗୁଡ଼ିକ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିଢ଼ିର ମନୋବୃତ୍ତିରେ ଅବିଶ୍ୱାସର ବୀଜରୋପଣ କରେ ।

ଯୁବକ ଯେତେବେଳେ ବର୍ଷ ବର୍ଷ ପଢ଼େ, ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୁଏ, ନିଜର ସମୟ, ଶ୍ରମ ଓ ସ୍ୱପ୍ନକୁ ଏକ ପରୀକ୍ଷା ଉପରେ ନିବେଶ କରେ, ସେତେବେଳେ ପ୍ରଶ୍ନପତ୍ର କେବଳ କାଗଜ ନୁହେଁ—ତାହା ତାଙ୍କର ଭବିଷ୍ୟତର ଏକ ପ୍ରତୀକ । ସେହି ପ୍ରତୀକ ଯଦି ବ୍ୟବସ୍ଥାର ଅବ୍ୟବସ୍ଥାରେ ଭାଙ୍ଗିଯାଏ, ତେବେ ଭାଙ୍ଗିଯାଏ କେବଳ ଏକ ପରୀକ୍ଷା ନୁହେଁ; ଭାଙ୍ଗିଯାଏ ନ୍ୟାୟ ପ୍ରତି ବିଶ୍ୱାସ ।

ତେଣୁ ଜନ୍ତରମନ୍ତରର ଭିଡ଼କୁ କେବଳ ଭିଡ଼ ଭାବରେ ଦେଖିବା ଏକ ରାଜନୈତିକ ଭୁଲ । ସେଠାରେ ଥିଲା ଅସଂଖ୍ୟ ବ୍ୟକ୍ତିଗତ ବିଫଳତାର ମିଳିତ ଅନୁଭବ, ଅସଂଖ୍ୟ ପରିବାରର ଆଶା ଓ ଏକ ପିଢ଼ିର ଭବିଷ୍ୟତ ନେଇ ଉଦ୍‌ବେଗ ।

ରାଜ୍ୟ ଓ ନାଗରିକ : ଶକ୍ତିର ନୁହେଁ, ବିଶ୍ୱାସର ସମ୍ପର୍କ

ଗଣତନ୍ତ୍ରର ମୂଳ ଭିତ୍ତି କେବଳ ଆଇନ ନୁହେଁ; ଏହାର ଅଦୃଶ୍ୟ ଭିତ୍ତି ହେଉଛି ବିଶ୍ୱାସ । ଆଇନ ରାଜ୍ୟକୁ ଶକ୍ତି ଦିଏ, କିନ୍ତୁ ବିଶ୍ୱାସ ରାଜ୍ୟକୁ ବୈଧତା ଦିଏ ।

ପ୍ରଶାସନ ଯଦି ଏକ ଆନ୍ଦୋଳନକୁ କେବଳ ଆଇନଶୃଙ୍ଖଳାର ପ୍ରଶ୍ନ ଭାବେ ଦେଖେ, ତେବେ ସେ ତାହାର ମୂଳ କାରଣକୁ ଅନୁଦେଖା କରେ । କାରଣ ରାସ୍ତାରେ ଦେଖାଯାଉଥିବା ଆକ୍ରୋଶ ପ୍ରାୟତଃ ମନରେ ଜନ୍ମ ନେଇଥାଏ । ରାସ୍ତା ତାହାର କେବଳ ଶେଷ ଅଭିବ୍ୟକ୍ତି ।

ଏଠାରେ ନେତୃତ୍ୱର ମହତ୍ତ୍ୱ ଅପରିମିତ । ସଙ୍କଟକାଳରେ ଜଣେ ନେତାଙ୍କର ଶକ୍ତି ତାଙ୍କର ଉଚ୍ଚ ସ୍ୱରରେ ନୁହେଁ, ନିଜ ସ୍ୱରକୁ ସଂଯତ ରଖିବାର କ୍ଷମତାରେ ପ୍ରକାଶ ପାଏ ।

ଆନ୍ଦୋଳନକାରୀଙ୍କୁ ଅପମାନଜନକ ଶବ୍ଦରେ ସମ୍ବୋଧନ କରିବା, କିମ୍ବା ସେମାନଙ୍କର ଦାବିକୁ ଅବମୂଲ୍ୟାୟନ କରିବା, ଯେତେ ଦୃଢ଼ ପ୍ରଶାସନିକ ଭାଷା ମନେ ହେଉନା କାହିଁକି, ତାହା ପ୍ରକୃତରେ ଏକ ମନୋବୈଜ୍ଞାନିକ ଦୂରତାକୁ ଜନ୍ମ ଦିଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାସକଙ୍କ ଗୋଟିଏ ଅସାବଧାନ ଶବ୍ଦ କେବେ କେବେ ହଜାର ଭାଷଣଠାରୁ ଅଧିକ ପ୍ରଭାବଶାଳୀ ହୋଇଯାଏ ।

କାରଣ ଶବ୍ଦ କେବଳ ଧ୍ୱନି ନୁହେଁ; ଶବ୍ଦ ହେଉଛି ମନୋଭାବର ଦର୍ପଣ ।

ନେତୃତ୍ୱର ପ୍ରକୃତ ପରୀକ୍ଷା

ସଙ୍କଟକାଳରେ ନେତୃତ୍ୱର ପରୀକ୍ଷା ହୁଏ ନୀତିରେ ନୁହେଁ, ମନୋଭାବରେ । ଏଠାରେ 'ଆବେଗିକ ବୁଦ୍ଧିମତା' କେବଳ ଏକ ପ୍ରଶାସନିକ ଦକ୍ଷତା ନୁହେଁ; ଏହା ଗଣତାନ୍ତ୍ରିକ ନୈତିକତାର ଅଂଶ ।

ଆତ୍ମସଚେତନତା—ମୁଁ କ'ଣ କହୁଛି ?

ଆବେଗ ନିୟନ୍ତ୍ରଣ—ମୁଁ କେବେ ଓ କିପରି କହୁଛି ?

ସମବେଦନା—ଯାହାକୁ ମୁଁ ଉତ୍ତର ଦେଉଛି, ତାଙ୍କର ମନରେ କ'ଣ ଚାଲିଛି ?

ଏହି ତିନିଟି ପ୍ରଶ୍ନର ଉତ୍ତର ଦେବାର କ୍ଷମତା ହିଁ ଜଣେ ନେତାଙ୍କୁ କେବଳ ପଦାଧିକାରୀଠାରୁ ରାଷ୍ଟ୍ରନାୟକର ମର୍ଯ୍ୟାଦାକୁ ଉନ୍ନୀତ କରେ ।

କାରଣ ପ୍ରଶାସନ ଆଦେଶ ଦେଇପାରେ; କିନ୍ତୁ ନେତୃତ୍ୱକୁ ବିଶ୍ୱାସ ଅର୍ଜନ କରିବାକୁ ପଡ଼େ ।

ପଛକୁ ହଟିବା କେବେ ପରାଜୟ ନୁହେଁ

ସରକାର ସାମ୍ନାରେ ଏକ ଚିରନ୍ତନ ଦ୍ୱନ୍ଦ୍ୱ ରହେ—ଦାବି ମାନିଲେ ଦୁର୍ବଳତାର ସନ୍ଦେଶ ଯିବ, ନା ଦାବି ଅସ୍ୱୀକାର କଲେ ଜନଆକ୍ରୋଶ ଅଧିକ ତୀବ୍ର ହେବ ?

କିନ୍ତୁ ରାଜନୀତିର ଏକ ଗଭୀର ଦର୍ଶନ ହେଉଛି—ପ୍ରତ୍ୟେକ ପଛହଟା ପରାଜୟ ନୁହେଁ ।

କେବେ କେବେ ଛୋଟ ଏକ ପଦକ୍ଷେପ ପଛକୁ ନେବା ହିଁ ବଡ଼ ସଂଘର୍ଷକୁ ଏଡ଼ାଇବାର ଦୂରଦୃଷ୍ଟି । ଯୁବପିଢ଼ିର ହିତରେ ଏକ କଠିନ ନିଷ୍ପତ୍ତି ନେବା ପ୍ରଶାସନିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁର୍ବଳତା ନୁହେଁ; ବରଂ ଏହା ଭବିଷ୍ୟତ ପ୍ରତି ଦାୟିତ୍ୱବୋଧର ପ୍ରମାଣ ହୋଇପାରେ ।

ଅହଂକାର ରାଜନୈତିକ ପ୍ରତିଷ୍ଠାକୁ ସୁରକ୍ଷା କରିପାରେ; କିନ୍ତୁ କେବଳ ବିଶ୍ୱାସ ହିଁ ଗଣତନ୍ତ୍ରକୁ ସୁରକ୍ଷା କରିପାରେ ।

ଟେଲିଭିଜନର ପରଦାରୁ ମୋବାଇଲ୍‌ର ପରଦାକୁ

ସିଜେପି ଆନ୍ଦୋଳନର ଆଉ ଏକ ଗଭୀର ପାଠ ହେଉଛି ଏହାର ଗଣମାଧ୍ୟମ ରଣନୀତି ।

ଏକ ସମୟରେ ଆନ୍ଦୋଳନର ସଫଳତାର ମାପକାଠି ଥିଲା ଟେଲିଭିଜନର ପ୍ରାଇମ୍‌ଟାଇମ୍ । ଆଙ୍କରଙ୍କ ମୁଖରେ ନିଜର ନାମ ଆସିବା, ଷ୍ଟୁଡିଓରେ ନିଜର ପ୍ରତିନିଧି ବସିବା ଏବଂ ତୀବ୍ର ତର୍କରେ ନିଜର ମତ ପ୍ରତିଷ୍ଠା କରିବାକୁ ଆନ୍ଦୋଳନର ଦୃଶ୍ୟମାନ ସଫଳତା ଭାବେ ଦେଖାଯାଉଥିଲା । କିନ୍ତୁ ସୂଚନା-ପ୍ରଯୁକ୍ତିର ଯୁଗ ସେହି ଧାରଣାକୁ ମୂଳରୁ ପରିବର୍ତ୍ତନ କରିଦେଇଛି ।

ସିଜେପିର ମୁଖପାତ୍ର ସୌରଭ ଦାସ ଓ ଆଶୁତୋଷ ରାକାଙ୍କ ଟେଲିଭିଜନ ଡିବେଟ୍‌ର ନିମନ୍ତ୍ରଣ ପ୍ରତ୍ୟାଖ୍ୟାନକୁ ଏହି ପରିବର୍ତ୍ତିତ ଯୁଗର ଏକ ରଣନୀତିକ ସଙ୍କେତ ଭାବେ ପଢ଼ାଯାଇପାରେ ।

ଏହା ନିରବତା ନୁହେଁ; ଏହା ମାଧ୍ୟମ ବାଛିବାର ସଚେତନତା ।

ଆଜିର ଟେଲିଭିଜନ ଡିବେଟ୍‌ର ମୂଳ ଉଦ୍ଦେଶ୍ୟ ଯଦି ତଥ୍ୟର ଗଭୀରତାଠାରୁ ଅଧିକ ଉତ୍ତେଜନାର ଦୃଶ୍ୟ ନିର୍ମାଣ ହୋଇଯାଏ, ତେବେ ସେଠାରେ ଯୋଗଦେବା ଅର୍ଥ ନିଜର ବାର୍ତ୍ତାକୁ ଅନ୍ୟର ଫ୍ରେମ୍‌ରେ ବନ୍ଦୀ କରିବା ।

ସିଜେପି ସେହି ଫ୍ରେମ୍‌ରୁ ବାହାରିବାକୁ ଚେଷ୍ଟା କଲା ।

ମଧ୍ୟସ୍ଥ ବିହୀନ ଯୁଗ

ଇନଷ୍ଟାଗ୍ରାମ ଲାଇଭ୍ ମାଧ୍ୟମରେ ସିଧାସଳଖ ଲୋକଙ୍କ ସହ ଯୋଗାଯୋଗ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆ ଗଣତାନ୍ତ୍ରିକ ପରିସ୍ଥିତିର ସୂଚନା ଦିଏ ।

ଏଠାରେ ଆଙ୍କର ନାହାନ୍ତି, ସମ୍ପାଦକୀୟ ଫିଲ୍ଟର ନାହିଁ, ଷ୍ଟୁଡିଓର ନିର୍ଦ୍ଦିଷ୍ଟ ଆଲୋଚନା ଖାଞ୍ଚା ନାହିଁ । ନେତା ଓ ନାଗରିକଙ୍କ ମଧ୍ୟରେ ରହିଯାଏ କେବଳ ଏକ ମୋବାଇଲ୍ ସ୍କ୍ରିନ୍ ।

ବିଦେଶୀ ଅର୍ଥ ଭଳି ଅଭିଯୋଗ ଉଠିବା ପରେ ତତ୍‌କ୍ଷଣାତ୍ ଲାଇଭ୍ ମାଧ୍ୟମରେ ତାହାର ଉତ୍ତର ଦେବାର ଘଟଣା ଏହି ନୂଆ ଯୋଗାଯୋଗ-ଦର୍ଶନକୁ ସ୍ପଷ୍ଟ କରେ— ଅଭିଯୋଗର ଗତି ଯେତେ ଦ୍ରୁତ, ଉତ୍ତରର ଗତି ମଧ୍ୟ ସେତେ ଦ୍ରୁତ ହେବା ଆବଶ୍ୟକ ।

ଏହାର ପ୍ରଭାବ କେବଳ ବିରୋଧୀ ଆନ୍ଦୋଳନରେ ସୀମିତ ନୁହେଁ । ଶାସକ ଓ ମନ୍ତ୍ରୀମାନେ ମଧ୍ୟ ସାମାଜିକ ମାଧ୍ୟମକୁ ପ୍ରାଥମିକ ସଂପ୍ରେଷଣ ମାଧ୍ୟମ ଭାବେ ଗ୍ରହଣ କରୁଛନ୍ତି । ଏହା ଏକ ବଡ଼ ପରିବର୍ତ୍ତନର ସଙ୍କେତ । ଗଣମାଧ୍ୟମ ଆଉ କେବଳ ଖବର ପହଞ୍ଚାଏ ନାହିଁ; ନାଗରିକ ନିଜେ ମଧ୍ୟ ଖବରର ଉତ୍ସ, ବାହକ ଓ ବ୍ୟାଖ୍ୟାତା ହୋଇଯାଇଛନ୍ତି ।

ଟିଭି ମିଡିଆର ଅନ୍ତ ନୁହେଁ, ଏକ ଯୁଗର ଅବସାନ

‘ଟିଭି ମିଡିଆ ଯୁଗର ଅନ୍ତ’ କହିବା ବୋଧହୁଏ ଅତିଶୟୋକ୍ତି ହୋଇପାରେ; କିନ୍ତୁ ଟିଭିର ଏକଚ୍ଛତ୍ର ମଧ୍ୟସ୍ଥତାର ଯୁଗ ନିଶ୍ଚିତ ଭାବେ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ । ପ୍ରାଇମ୍‌ଟାଇମ୍ ଏବେ କେବଳ ଷ୍ଟୁଡିଓର ନିର୍ଦ୍ଦିଷ୍ଟ ସମୟ ନୁହେଁ । ଏହା ଜଣେ ନାଗରିକଙ୍କ ମୋବାଇଲ୍‌ରେ, ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଜନ୍ମ ନେଇପାରେ ।

ଏହି ପରିବର୍ତ୍ତନର ଦାର୍ଶନିକ ତାତ୍ପର୍ଯ୍ୟ ଅଧିକ ଗଭୀର । ପୂର୍ବରୁ ଜନତା ଖବରର ଦର୍ଶକ ଥିଲେ; ଏବେ ସେମାନେ ଖବରର ସହଭାଗୀ । ପୂର୍ବରୁ ଜନମତ ଗଠନର ଅଧିକାର କେତେକ ପ୍ରତିଷ୍ଠାନର ହାତରେ ଥିଲା; ଏବେ ସେହି କ୍ଷମତା ଅନେକ ହାତରେ ବିଭକ୍ତ ।

ଏହା ଗଣତନ୍ତ୍ରକୁ ଶକ୍ତିଶାଳୀ କରିପାରେ—କିନ୍ତୁ ସେହି ସହିତ ଭ୍ରାନ୍ତ ସୂଚନା,

Listen to Odia Podcast Original at https://youtube.com/@drjyotiprasad

ଅପପ୍ରଚାର ଓ ଅସତ୍ୟର ବିସ୍ତାରର ଆଶଙ୍କା ମଧ୍ୟ ବଢ଼ାଏ । ତେଣୁ ନୂଆ ମିଡିଆ ଯୁଗ କେବଳ ସ୍ୱାଧୀନତାର ଯୁଗ ନୁହେଁ; ଏହା ଦାୟିତ୍ୱର ମଧ୍ୟ ଯୁଗ ।

ଆନ୍ଦୋଳନର ଶେଷ ପାଠ

ସିଜେପି ଆନ୍ଦୋଳନର ସବୁଠୁ ବଡ଼ ଦାର୍ଶନିକ ପାଠ ବୋଧହୁଏ ଏହା—ରାଜ୍ୟ ଯେତେବେଳେ ନାଗରିକଙ୍କୁ କେବଳ ପରିସଂଖ୍ୟାନ ଭାବେ ଦେଖେ, ନାଗରିକ ନିଜକୁ ଏକ ଜୀବନ୍ତ ପ୍ରଶ୍ନ ଭାବେ ରାଜ୍ୟ ସମ୍ମୁଖରେ ଉପସ୍ଥାପନ କରେ ।

ପ୍ରତ୍ୟେକ ପରୀକ୍ଷାର୍ଥୀ ଏକ ରୋଲ୍ ନମ୍ବର ନୁହେଁ । ତାଙ୍କ ପଛରେ ଅଛି ଏକ ପରିବାର, ଏକ ସ୍ୱପ୍ନ, ବର୍ଷ ବର୍ଷର ପରିଶ୍ରମ ଏବଂ ଏକ ଅନିଶ୍ଚିତ ଭବିଷ୍ୟତ ।

ତେଣୁ ପ୍ରଶାସନିକ ବ୍ୟବସ୍ଥାର ସଫଳତା କେବଳ କେତେ ନିୟମ ତିଆରି ହେଲା, କେତେ ପରୀକ୍ଷା ହେଲା କିମ୍ବା କେତେ ଫାଇଲ୍ ନିଷ୍ପତ୍ତି ହେଲା—ତାହାରେ ମାପିହେବ ନାହିଁ । ପ୍ରକୃତ ପ୍ରଶ୍ନ ହେଉଛି—ଜଣେ ସାଧାରଣ ନାଗରିକ ଏହି ବ୍ୟବସ୍ଥା ଉପରେ ଆସନ୍ତାକାଲି ମଧ୍ୟ ବିଶ୍ୱାସ କରିପାରିବ କି ?

ଏହି ବିଶ୍ୱାସ ହିଁ ଗଣତନ୍ତ୍ରର ଅଦୃଶ୍ୟ ମୁଦ୍ରା ।

ଉପସଂହାର : ଶାସନରୁ ସହାନୁଭୂତି ପର୍ଯ୍ୟନ୍ତ

ସିଜେପି ଆନ୍ଦୋଳନକୁ ତେଣୁ କେବଳ ଏକ ପେପର ଲିକ୍ କିମ୍ବା ଏକ ପ୍ରତିବାଦ ଭାବେ ଇତିହାସର ପାଦଟୀକାରେ ରଖିଦେବା ଯଥେଷ୍ଟ ନୁହେଁ । ଏହା ଆମ ସମୟର ରାଜନୈତିକ ମନୋବିଜ୍ଞାନ, ନେତୃତ୍ୱର ନୈତିକତା ଏବଂ ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପକୁ ବୁଝିବାର ଏକ ଆଇନା ।

ଏହା ପ୍ରଶାସକଙ୍କୁ ଶିଖାଏ—ଶକ୍ତି ଥିବା ଯଥେଷ୍ଟ ନୁହେଁ, ଶକ୍ତିର ସଂଯମ ମଧ୍ୟ ଆବଶ୍ୟକ । ଏହା ନେତାଙ୍କୁ ଶିଖାଏ—ଭାଷଣର ଉଚ୍ଚତାଠାରୁ ଶ୍ରବଣର ଗଭୀରତା ଅଧିକ ମୂଲ୍ୟବାନ । ଏହା ଗଣମାଧ୍ୟମକୁ ଶିଖାଏ—ମଧ୍ୟସ୍ଥତାର ଅଧିକାର ଆଉ ଏକଚ୍ଛତ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୁହେଁ । ଏବଂ ଏହା ଯୁବପିଢ଼ିକୁ ଶିଖାଏ—ପ୍ରଶ୍ନ କରିବା ଗଣତନ୍ତ୍ରର ଅବମାନ ନୁହେଁ; ପ୍ରଶ୍ନ କରିବା ହିଁ ଗଣତନ୍ତ୍ରର ଜୀବନ୍ତତା ।

ଶେଷ ପର୍ଯ୍ୟନ୍ତ ରାଷ୍ଟ୍ର କେବଳ ସଂବିଧାନ, ସଂସଦ, ସଚିବାଳୟ କିମ୍ବା ଆଇନର ସମାହାର ନୁହେଁ । ରାଷ୍ଟ୍ର ହେଉଛି ମଣିଷର ଆଶା ଓ ପ୍ରତିଷ୍ଠାନର ଉତ୍ତରଦାୟିତ୍ୱ ମଧ୍ୟରେ ଗଢ଼ିଉଠୁଥିବା ଏକ ଅଦୃଶ୍ୟ ସେତୁ ।

ସେତୁଟି ଭାଙ୍ଗିଲେ ଆନ୍ଦୋଳନ ଜନ୍ମ ନିଏ ।

ସେତୁଟିକୁ ପୁନର୍ନିର୍ମାଣ କରିପାରିଲେ ଗଣତନ୍ତ୍ର ବଞ୍ଚି ରହେ ।

ତେଣୁ ଆସନ୍ତାକାଲିର ପ୍ରଶାସନ ପାଇଁ ସବୁଠୁ ବଡ଼ ମନ୍ତ୍ର ହେଉ—ସ୍ଥିରଚିତ୍ତ ରୁହ, ଶବ୍ଦରେ ସଂଯମ ରଖ, ଜନତାର ଯନ୍ତ୍ରଣାକୁ ଶୁଣ; କାରଣ ଶାସନ ଶକ୍ତିରେ ଚାଲିପାରେ, କିନ୍ତୁ ଗଣତନ୍ତ୍ର କେବଳ ବିଶ୍ୱାସରେ ବଞ୍ଚିଥାଏ ।

ସିଏଏମ୍-୬୩, ଆରଡିଏ କଲୋନୀ, ଛେଣ୍ଡ, ରାଉରକେଲା - ୭୬୯୦୧୫

ଭ୍ରାମ୍ୟଭାଷ : ୯୪୩୭୩୪୦୯୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘର ଶିକ୍ଷାର ମନ୍ଦିର

ଝୁମୁରୀ ସାହୁ



ଏହି ଉକ୍ତିଟି ବାସ୍ତବ ସତ୍ୟ ! ପ୍ରତ୍ୟେକ ଶିଶୁ ଜନ୍ମ ନିଅନ୍ତି ଘରେ । ଘରର ସଦସ୍ୟ ମାତା ପିତା, ଜେଜେ ବାପା, ଜେଜେ ମା', ବଡ଼ ବାପା, ବଡ଼ ମାଆ, ଦାଦା, ଖୁଡି ଆଦି ପ୍ରମୁଖଙ୍କ ଲାଳନପାଳନ, ସ୍ନେହ, ଶ୍ରଦ୍ଧା ଓ ଆଦର ଯତ୍ନରେ ଦିନକୁ ଦିନ ବଢି ବଢି ଚାଲେ । ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ ନିୟମିତ ବିକଶିତ ହୁଏ । ତା'ର ଅଙ୍ଗ ପ୍ରତ୍ୟଙ୍ଗ, ଢ଼ଙ୍ଗ ରଙ୍ଗ, ବାକ୍ ଶକ୍ତିର ମଧୁରତା, ଚାଲି ଚଳନ, ଆଚାର ବିଚାର, ସଂସ୍କାର ସଂସ୍କୃତି, ପ୍ରଥା ପରମ୍ପରା ଆଦି ।

ତେଣୁ ଘର ହେଉଛି, ଶିଶୁର ପ୍ରଥମ ବିଦ୍ୟାଳୟ ରୂପି ମନ୍ଦିର !

ମାଆ ବାପା ହିଁ ଶିଶୁର ପ୍ରଥମ ଗୁରୁ !

ଶିଶୁଟି ନିଜ ଘରୁ କହିବା ଶିଖେ; ଆଚରଣ, ଉଚ୍ଚାରଣ । ନାମ, ଅଙ୍ଗପ୍ରତ୍ୟଙ୍ଗ, ସମ୍ବୋଧନ, ପଶୁ ପକ୍ଷୀ, ସ୍ୱର, ଗଛଲତା, ଦେବୀ, ଜଳ ବାୟୁ, ପବନ, ପର୍ବ ପର୍ବାଣୀ, ପ୍ରକୃତି ପରିବେଶ, ସହିତ ପରିଚିତ ହୁଏ । ସତ ମିଛ, ସହଯୋଗ, ଇତ୍ୟାଦି ଅନୁଭବ କରିଥାଏ । କାରଣ ଶିଶୁମାନେ ଅନୁକରଣ ପ୍ରିୟ ।

ପରିବାରରୁ ଭଲ ପରିବେଶ ମିଳେ । ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ ହୁଏ । ବିଶେଷ କରି ଯୌଥ ପରିବାର ମହତ୍ତ୍ୱ ବେଶି । ତେଣୁ ପରିବାରକୁ ପବିତ୍ର ମନ୍ଦିର ସଦୃଶ ଶିକ୍ଷା ମନ୍ଦିର ଭଳି ଗଢ଼ି ତୋଳିବା ଉଚିତ୍ ।

ପ୍ରକୃତରେ ଘର ବା ପରିବାର ଏକ ସୁନ୍ଦର ପବିତ୍ର ଶିକ୍ଷାର ମନ୍ଦିର !

ଘରୁ ଅନେକ କିଛି ଶିକ୍ଷା ନେଇ ବିଦ୍ୟାଳୟ ଯାଇଥାଏ । ଶିଶୁ କେବେ ଶୂନ୍ୟ ମାଠିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୁହେଁ, ଶିଶୁ ପୂର୍ଣ୍ଣ ମାଠିଆ । ଘର ଶିକ୍ଷା ନେଇ ପୁସ୍ତକ ସହ ଯୋଡ଼ି ଯୋଡ଼ି ଶିକ୍ଷା ପରିସର ବୃଦ୍ଧି କରି ଚାଲେ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସହାୟତାରେ ।

ବିଦ୍ୟାଳୟରୁ ଶିକ୍ଷା କରିଥାଏ ପୋଥି ଗତ ବିଦ୍ୟା ।

ଝୁମୁରୀ ସାହୁ,ଖୋର୍ଦ୍ଧା।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶତ୍ରୁକୁ ଦୁର୍ବଳ ଭାବିବା ଉଚିତ କି ?

ଜୟନ୍ତୀ ବେହେରା



ଶତ୍ରୁକୁ କେବେ ମଧ୍ୟ ଦୁର୍ବଳ ଭାବିବା ଉଚିତ ନୁହେଁ, କାରଣ ଦୁର୍ବଳ ଦେଖାଯାଉଥିବା ମଣିଷ ମଧ୍ୟ ସୁଯୋଗ ପାଇଲେ ଶକ୍ତିଶାଳୀ ହୋଇପାରେ । ଶତ୍ରୁର ଶକ୍ତି ତାହାର ବାହ୍ୟ ରୂପରୁ ମାପିବା ଠିକ୍ ନୁହେଁ । ମଣିଷର ପ୍ରକୃତ ଶକ୍ତି ତାହାର ବୁଦ୍ଧି ଓ ଧୈର୍ଯ୍ୟରେ ରହିଥାଏ, ଅତ୍ୟଧିକ ଆତ୍ମବିଶ୍ୱାସ ଅନେକ ସମୟରେ ପରାଜୟର କାରଣ ହୋଇଥାଏ । ଶତ୍ରୁକୁ ଛୋଟ ଭାବିବା ନିଜ ପାଇଁ ବଡ଼ ବିପଦ ଡାକି ଆଣିପାରେ । ତେଣୁ ପ୍ରତିଦ୍ୱନ୍ଦ୍ୱୀକୁ ସମ୍ମାନର ସହିତ ଦେଖିବା ଦରକାର । ସମ୍ମାନ କରିବାର ଅର୍ଥ ଭୟ କରିବା ନୁହେଁ, ଏହାର ଅର୍ଥ ହେଉଛି ତାହାର କ୍ଷମତାକୁ ବୁଝିବା, ଯିଏ ନିଜ ଶତ୍ରୁକୁ ବୁଝେ, ସେ ଅନେକ ବିପଦରୁ ରକ୍ଷା ପାଇପାରେ । ଶତ୍ରୁର ଚାଲକୁ ଅବହେଳା କଲେ ଅପ୍ରତ୍ୟାଶିତ ସମସ୍ୟା ଆସିପାରେ । ଜୀବନରେ ସତର୍କତା ସବୁବେଳେ ଆବଶ୍ୟକ । ଅସାବଧାନତା ଶକ୍ତିଶାଳୀ ମଣିଷକୁ ମଧ୍ୟ ଦୁର୍ବଳ କରିଦିଏ । ଶତ୍ରୁକୁ ଦୁର୍ବଳ ଭାବିଲେ ଆମର ସତର୍କତା କମିଯାଏ । ସତର୍କତା କମିଲେ ଭୁଲ୍ ନିଷ୍ପତ୍ତି ହେବାର ସମ୍ଭାବନା ବଢ଼େ । ତେଣୁ ଶତ୍ରୁ ଯେତେ ଦୁର୍ବଳ ଦେଖାଯାଉ, ତାକୁ ଅବହେଳା କରିବା ଉଚିତ ନୁହେଁ ।

ଇତିହାସରେ ଅନେକ ବଡ଼ ପରାଜୟ ଅତ୍ୟଧିକ ଆତ୍ମବିଶ୍ୱାସରୁ ହୋଇଛି । ଛୋଟ ଅସାବଧାନତା ମଧ୍ୟ ବଡ଼ କ୍ଷତିର କାରଣ ହୋଇପାରେ । ଶତ୍ରୁର ଶକ୍ତି ତାହାର ସଂଖ୍ୟାରେ ନୁହେଁ, ତାହାର ଯୋଜନାରେ ମଧ୍ୟ ଥାଇପାରେ । କେତେବେଳେ ଏକ ଛୋଟ ଚିନ୍ତା ମଧ୍ୟ ବଡ଼ ପରିବର୍ତ୍ତନ ଆଣିଦିଏ । ତେଣୁ ବୁଦ୍ଧିମାନ ମଣିଷ ସବୁବେଳେ ସଚେତନ ରହେ । ସେ ଶତ୍ରୁକୁ ଭୟ କରେ ନାହିଁ, କି ଅବହେଳା ମଧ୍ୟ କରେ ନାହିଁ । ଏହି ସନ୍ତୁଳନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିଁ ପ୍ରକୃତ ବୁଦ୍ଧିମତା । ଶତ୍ରୁକୁ ହରାଇବା ପୂର୍ବରୁ ତାହାର ମନୋଭାବ ବୁଝିବା ଦରକାର । ତାହାର ଦୁର୍ବଳତା ସହିତ ତାହାର ଶକ୍ତିକୁ ମଧ୍ୟ ଜାଣିବା ଆବଶ୍ୟକ । ନିଜ ଶକ୍ତି ଉପରେ ବିଶ୍ୱାସ ରହିବା ଭଲ । କିନ୍ତୁ ଅହଂକାର କେବେ ଭଲ ନୁହେଁ । ଅହଂକାର ମଣିଷକୁ ବାସ୍ତବତାଠାରୁ ଦୂରେଇ ଦିଏ । ନମ୍ରତା ମଣିଷକୁ ସଚେତନ ରଖେ । ସଚେତନ ମଣିଷ ଅନେକ ବିପଦକୁ ପୂର୍ବରୁ ଚିହ୍ନଟ କରିପାରେ । ଶତ୍ରୁ ଆଜି ଦୁର୍ବଳ ହୋଇପାରେ, କିନ୍ତୁ କାଲି ତାହାର ପରିସ୍ଥିତି ବଦଳିପାରେ । ସମୟ କାହାର ପାଇଁ ସବୁବେଳେ ସମାନ ରହେ ନାହିଁ । ପରିସ୍ଥିତି ବଦଳିଲେ ଶକ୍ତିର ସମୀକରଣ ମଧ୍ୟ ବଦଳିଯାଏ । ତେଣୁ ବର୍ତ୍ତମାନର ଦୁର୍ବଳତାକୁ ଦେଖି ଭବିଷ୍ୟତର ନିଷ୍ପତ୍ତି ନେବା ଠିକ୍ ନୁହେଁ ।

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦୂରଦୃଷ୍ଟି ଆବଶ୍ୟକ । ଶତ୍ରୁକୁ ଅବହେଳା କରିବା ଠାରୁ ତାହାଠାରୁ ଶିଖିବା ଅଧିକ ଭଲ । ପ୍ରତିଦ୍ୱନ୍ଦ୍ୱୀ ଆମର ଦୁର୍ବଳତା ଦେଖାଇପାରେ । ତାହାର ଆଚରଣ ଆମକୁ ନିଜ ଭୁଲ୍ ସୁଧାରିବାର ସୁଯୋଗ ଦେଇପାରେ । ତେଣୁ ପ୍ରତିଦ୍ୱନ୍ଦ୍ୱିତାକୁ ମଧ୍ୟ ଏକ ଶିକ୍ଷା ଭାବରେ ନେବା ଦରକାର । କାହାକୁ ଛୋଟ କରି ଦେଖିବା ମହାନତା ନୁହେଁ । ପ୍ରକୃତ ମହାନତା ହେଉଛି ନିଜ ଶକ୍ତି ସହିତ ଅନ୍ୟର ଶକ୍ତିକୁ ମଧ୍ୟ ବୁଝିବା । ଶତ୍ରୁ ପ୍ରତି ଘୃଣା ଆମର ବିଚାରଶକ୍ତିକୁ ଦୁର୍ବଳ କରିପାରେ । ଶାନ୍ତ ମନରେ ପରିସ୍ଥିତିକୁ ବିଶ୍ଳେଷଣ କରିବା ଦରକାର । ରାଗରେ ନିଆଯାଇଥିବା ନିଷ୍ପତ୍ତି ଅନେକ ସମୟରେ ଭୁଲ୍ ହୋଇଥାଏ । ଧୈର୍ଯ୍ୟ ହେଉଛି ଏକ ବଡ଼ ଶକ୍ତି । ବୁଦ୍ଧି ଓ ଧୈର୍ଯ୍ୟ ମିଶିଲେ ମଣିଷ କଠିନ ପରିସ୍ଥିତିକୁ ସମ୍ଭାଳିପାରେ । ଶତ୍ରୁକୁ ଦୁର୍ବଳ ଭାବିବା ଅପେକ୍ଷା ନିଜକୁ ଅଧିକ ସୁଦୃଢ଼ କରିବା ଭଲ । ନିଜ ଦୁର୍ବଳତାକୁ ଚିହ୍ନଟ କରିବା ମଧ୍ୟ ଜରୁରୀ । ଯିଏ ନିଜ ଦୁର୍ବଳତା ଜାଣେ, ସେ ଅନ୍ୟର ଶକ୍ତିକୁ ଭୟ କରେ ନାହିଁ । ଆତ୍ମବିଶ୍ୱାସ ଓ ସତର୍କତା ଏକାସାଙ୍ଗେ ରହିବା ଦରକାର ।

ଅନ୍ଧ ଆତ୍ମବିଶ୍ୱାସ କେବେ ଶକ୍ତି ନୁହେଁ । ବାସ୍ତବତାକୁ ଗ୍ରହଣ କରିବା ହିଁ ବୁଦ୍ଧିମତା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶତ୍ରୁର ଛୋଟ ଚାଲକୁ ମଧ୍ୟ ଅବହେଳା କରିବା ଉଚିତ ନୁହେଁ । କାରଣ ଛୋଟ ଅଗ୍ନି ମଧ୍ୟ ବଡ଼ ଜଙ୍ଗଲକୁ ଜାଳି ଦେଇପାରେ । ସେହିପରି ଛୋଟ ସମସ୍ୟା ମଧ୍ୟ ସମୟରେ ସମାଧାନ ନକଲେ ବଡ଼ ହୋଇପାରେ । ତେଣୁ ସମସ୍ୟାକୁ ଛୋଟ ଭାବି ଛାଡ଼ି ଦେବା ଉଚିତ ନୁହେଁ । ଜୀବନରେ ପ୍ରତ୍ୟେକ ପରିସ୍ଥିତିରୁ ସତର୍କତାର ଶିକ୍ଷା ନେବା ଦରକାର । ଶତ୍ରୁ ଆମକୁ ପରୀକ୍ଷା କରିପାରେ । ସେହି ପରୀକ୍ଷା ଆମକୁ ଅଧିକ ଶକ୍ତିଶାଳୀ ମଧ୍ୟ କରିପାରେ । ତେଣୁ ପ୍ରତିକୂଳତାକୁ ସୁଯୋଗରେ ପରିଣତ କରିବା ଦରକାର । ଶତ୍ରୁକୁ ଦୁର୍ବଳ ଭାବିବା ଅପେକ୍ଷା ତାହାର ଚାଲକୁ ବୁଝିବା ଅଧିକ ଜରୁରୀ । ପ୍ରତ୍ୟେକ ମଣିଷର ନିଜସ୍ୱ କ୍ଷମତା ରହିଥାଏ । କେହି ଦେଖିବାକୁ ସାଧାରଣ ହୋଇଥିଲେ ମଧ୍ୟ ଚିନ୍ତାରେ ଅସାଧାରଣ ହୋଇପାରନ୍ତି । ତେଣୁ ବାହ୍ୟ ଦୃଶ୍ୟ ଦେଖି ନିଷ୍ପତ୍ତି ନେବା ଠିକ୍ ନୁହେଁ । ମଣିଷର ମନ ଓ ବୁଦ୍ଧିକୁ ବୁଝିବା ଅଧିକ କଷ୍ଟକର । ସେହି କାରଣରୁ ସତର୍କତା ସବୁବେଳେ ଆମର ସାଥୀ ହେବା ଉଚିତ ।

ଶତ୍ରୁକୁ ଭୟ କରିବା ଦରକାର ନାହିଁ । କିନ୍ତୁ ତାହାର କ୍ଷମତାକୁ ଅବମାନ କରିବା ମଧ୍ୟ ଠିକ୍ ନୁହେଁ । ଭୟ ଆମକୁ ଦୁର୍ବଳ କରେ । ଅହଂକାର ମଧ୍ୟ ଆମକୁ ଦୁର୍ବଳ କରେ । କିନ୍ତୁ ସାହସ, ବିବେକ ଓ ସତର୍କତା ଆମକୁ ଶକ୍ତିଶାଳୀ କରେ । ପ୍ରକୃତ ବିଜୟ ଶତ୍ରୁକୁ ଧ୍ୱଂସ କରିବାରେ ନୁହେଁ । ପ୍ରକୃତ ବିଜୟ ହେଉଛି ନିଜକୁ ସଂଯମିତ ଓ ସୁଦୃଢ଼ ରଖିବା । ବିବେକୀ ମଣିଷ ଅନାବଶ୍ୟକ ଶତ୍ରୁତା ସୃଷ୍ଟି କରେ ନାହିଁ । ସେ ଆବଶ୍ୟକ ସ୍ଥଳରେ ଦୃଢ଼ ହୁଏ । ଆବଶ୍ୟକ ସ୍ଥଳରେ କ୍ଷମା ମଧ୍ୟ କରେ । କ୍ଷମା ଦୁର୍ବଳତାର ଚିହ୍ନ ନୁହେଁ । ଠିକ୍ ସମୟରେ କ୍ଷମା କରିବା ମଧ୍ୟ ଏକ ବଡ଼ ଶକ୍ତି । ତଥାପି ନିଜ ସୁରକ୍ଷା ପ୍ରତି ସଚେତନ ରହିବା ଆବଶ୍ୟକ ।

କାହାକୁ ଅନ୍ଧ ଭାବରେ ବିଶ୍ୱାସ କରିବା ଠିକ୍ ନୁହେଁ । ଅନୁଭବ ଆମକୁ ଶିଖାଏ ଯେ ମଣିଷକୁ ତାହାର କାର୍ଯ୍ୟରୁ ବିଚାର କରିବା ଉଚିତ । କଥାଠାରୁ କାର୍ଯ୍ୟ ଅଧିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁତ୍ୱପୂର୍ଣ୍ଣ । ଶତ୍ରୁର କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ତାହାର ଉଦ୍ଦେଶ୍ୟ ବୁଝିହେବ । ତାହା ପରେ ଠିକ୍ ନିଷ୍ପତ୍ତି ନେବା ସହଜ ହୁଏ । ଜୀବନରେ ଶତ୍ରୁ ଠାରୁ ଅଧିକ ନିଜର ଅହଂକାରକୁ ଜିତିବା ଦରକାର । କାରଣ ଅହଂକାର ଆମର ବିଚାରଶକ୍ତିକୁ ଅନ୍ଧ କରିଦିଏ । ନମ୍ରତା ଆମକୁ ବାସ୍ତବତା ଦେଖାଏ । ସତର୍କତା ଆମକୁ ବିପଦରୁ ରକ୍ଷା କରେ । ବୁଦ୍ଧି ଆମକୁ ସଠିକ୍ ପଥ ଦେଖାଏ ।

ଧୈର୍ଯ୍ୟ ଆମକୁ କଠିନ ସମୟରେ ଦୃଢ଼ ରଖେ । ତେଣୁ ଶତ୍ରୁକୁ ଦୁର୍ବଳ ଭାବିବା ଠାରୁ ନିଜକୁ ସଦା ପ୍ରସ୍ତୁତ ରଖିବା ଉଚିତ । ପ୍ରତିଦ୍ୱନ୍ଦ୍ୱୀକୁ ସମ୍ମାନ କରିବା ଆମର ମାନବିକତାକୁ ପ୍ରକାଶ କରେ । ଶତ୍ରୁତା ଥିଲେ ମଧ୍ୟ ବିବେକ ହରାଇବା ଉଚିତ ନୁହେଁ । ଅନ୍ୟକୁ ଦୁର୍ବଳ ଭାବିବା ପୂର୍ବରୁ ନିଜର ଦୁର୍ବଳତାକୁ ଦେଖିବା ଦରକାର । ଯିଏ ନିଜକୁ ଜାଣେ, ସେ ଅନ୍ୟକୁ ଅବମାନ କରେ ନାହିଁ । ଜୀବନରେ ସଫଳତା ପାଇଁ ସାହସ ସହିତ ସଚେତନତା ମଧ୍ୟ ଆବଶ୍ୟକ । ଶତ୍ରୁକୁ ଭୟ ନୁହେଁ, ବୁଦ୍ଧିରେ ସାମ୍ନା କରିବା ଉଚିତ । ଅହଂକାର ନୁହେଁ, ଆତ୍ମବିଶ୍ୱାସ ଆମର ଶକ୍ତି ହେବା ଦରକାର । ତେଣୁ କାହାକୁ ଦୁର୍ବଳ ଭାବି ଅବହେଳା କରିବା ଜୀବନରେ କେବେ ଉଚିତ ନୁହେଁ ।

କାରଣ ଯିଏ ଶତ୍ରୁକୁ ସମ୍ମାନ କରି ସତର୍କ ରହେ, ସେ ନିଜର ଶକ୍ତିକୁ ସଠିକ୍ ଭାବେ ବ୍ୟବହାର କରି ବିଜୟର ପଥରେ ଆଗେଇଯାଏ ।

ଧର୍ମଶାଳା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ବି କଣ ଆମେ ଅନ୍ଧବିଶ୍ୱାସର ଦାସ ?

ଟି ରତ୍ନମାଳା ସୁବୁଦ୍ଧି



ମୋ ମତରେ ହଁ, କାରଣ ଆଜି ବି ସମାଜରେ ଅନ୍ଧ ବିଶ୍ୱାସ ରହିଛି ।

ଦିଗହରା ଅନ୍ଧ ବିଶ୍ୱାସ:-

ଯେଉଁ ବିଶ୍ୱାସରେ ଯୁକ୍ତି, ପ୍ରମାଣ କିମ୍ବା କୌଣସି ବୈଜ୍ଞାନିକ ଆଧାର ଅର୍ଥାତ୍ ସମ୍ମତି ନ ଥାଇ କେବଳ ଭୟରେ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଗ୍ରହଣ କରାଯାଏ ତାହା ଅନ୍ଧ ବିଶ୍ୱାସ ଅଟେ ।

ଏହା ମନୁଷ୍ୟ ମନର ଏକ ଦୁର୍ବଳତା, ନିଜର ବିଚାର ଏବଂ ବିବେକର ପରାମର୍ଶ ନ ନେଇ କର୍ମ କରିବା ଦ୍ୱାରା ସମାଜର ଉନ୍ନତିରେ ବାଧା ସୃଷ୍ଟି କରିଥାଏ ।

ପ୍ରାୟତଃ ଅଶିକ୍ଷିତ ଗ୍ରାମାଞ୍ଚଳରେ ଏହି ଭୟ ରହିଥାଏ, ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ନିଜର ହିତାହିତ ଜ୍ଞାନ ଭୁଲି ଗୁଣୀ ଗାରେଡ଼ି, ଝଡା ଫୁଙ୍କା ଆଦି କର୍ମ କରନ୍ତି କିମ୍ବା ଆବଶ୍ୟକ ସ୍ଥଳେ ଆତ୍ମହତ୍ୟା ମଧ୍ୟ କରିଥାନ୍ତି ।

ଆଉ କେତେକ ଗୁଜବ କଥା ଓ ଅପପ୍ରଚାରରେ ପ୍ରଭାବିତ ହୋଇ ପାରିବାରିକ ଚାପରେ ମଧ୍ୟ ଗ୍ରହଣ କରିଥାନ୍ତି କାରଣ ସେମାନଙ୍କ ମନରେ ଭୟ ଓ ବିପଦ ବସା ବାନ୍ଧି ରହିଥାଏ । ଅତି ଛୋଟ ଛୋଟ କଥା ଶୁଭ କାର୍ଯ୍ୟରେ ଗଲାବେଳେ ବିରାଡ଼ି ଦେଖିବା, ରାତିରେ ପେଚା ବୋବାଇବା ଇତ୍ୟାଦି କଥା ଅଶୁଭ, ଦାଣ୍ଡରେ ଗାଈ ଝାଡ଼ା କଲେ, ନେଉଳ ଦେଖିଲେ ଏସବୁ ଶୁଭ ।

କଥାରେ ଅଛି---

"ବୁଝି ବିଚାରି କର୍ମ କଲେ ବିପଦ ନ ପଡ଼ଇ ଭଲେ"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିପରି ଦୂରେଇବା.....

ଆଧୁନିକ ଶିକ୍ଷିତ ସମାଜ ଆଜିକାଲି ଏଥିରୁ ଦୂରେଇ ନିଜ ଚିନ୍ତା ଶକ୍ତିର ପ୍ରୟୋଗ କଲେଣି । ତେଣୁ ସମାଜରୁ ପ୍ରାୟତଃ ଅନ୍ଧ ବିଶ୍ୱାସ କମି ଆସିଲାଣି ।

ବିଜ୍ଞାନର ଅଗ୍ରଗତି ଫଳରେ

ସତ୍ୟର ସୂର୍ଯ୍ୟାଲୋକ ଆମ ପାଶେ ଥିଲେ ମଧ୍ୟ ଅଜ୍ଞାନ ଅନ୍ଧକାର ବେଳେବେଳେ ଆମକୁ ଆଚ୍ଛାଦିତ କରି ରଖୁଛି, ଭଗବାନ ଆମକୁ ବୁଦ୍ଧି ବିବେକ ଦେଇଛନ୍ତି, ତାହାର ସଠିକ୍ ସଦୁପଯୋଗ ଆମର କାମ୍ୟ । ଅନ୍ଧ ବିଶ୍ୱାସ ଭଳି ବନ୍ଧନରୁ ମୁକ୍ତି ପାଇବାକୁ ହେଲେ ବିଶ୍ୱାସକୁ ପବିତ୍ର କରିବାକୁ ପଡିବ, ଭୟ ଠାରୁ ଦୂରେଇବାକୁ ପଡିବ । ନିଜର ଚିନ୍ତାଧାରା ଉନ୍ନତ କରି ଆବଶ୍ୟକସ୍ଥଳେ ଅନ୍ୟର ପରାମର୍ଶ ନେଇ ଆଗକୁ ବଢିବାକୁ ପଡିବ ।

ଜ୍ଞାନୀ ସବୁବେଳେ ବିଭିନ୍ନ ପ୍ରଶ୍ନ ପଚାରି ସତ୍ୟର ଅନୁସନ୍ଧାନ କରେ, ମନର ଦୁର୍ବଳତାକୁ ପ୍ରଶ୍ରୟ ଦିଏ ନାହିଁ । ଫଳରେ ଆମେ ନୂତନ କାର୍ଯ୍ୟ ପଥକୁ ଆପଣେଇ ପାରିବା । ସମାଜର ପ୍ରଗତି ଓ ସଚେତନତାରେ ହିଁ ବିବେକ ସଫଳତା ପାଇଥାଏ । ବିଜ୍ଞାନ ଓ ଆଧ୍ୟାତ୍ମିକତା ଉପରେ ସମ୍ପୂର୍ଣ୍ଣ ଆସ୍ଥା ରଖିଲେ ତାହା ଆମକୁ ନୂତନ ପଥ ପ୍ରଦର୍ଶନ କରିଥାଏ ।

ତେଣୁ ସବୁବେଳେ ନିଜ ବୁଦ୍ଧି ଏବଂ ବିବେକର ପରାମର୍ଶ ନେବା ସଙ୍ଗେ ସଙ୍ଗେ ଭଗବାନଙ୍କ ଉପରେ ଭରସା ରଖିଲେ ନିଶ୍ଚିତ ଭାବରେ ଅନ୍ଧବିଶ୍ୱାସଠାରୁ ଦୂରେଇ ପାରିବା । କାରଣ ବିଶ୍ୱାସ ସତ୍ୟ ଉପରେ ପ୍ରତିଷ୍ଠିତ ଏବଂ ଅନ୍ଧ ବିଶ୍ୱାସ ଅସତ୍ୟ ଉପରେ ପ୍ରତିଷ୍ଠିତ ।

ବେଙ୍ଗାଲୁରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାଭାରତ କ'ଣ ନୀତିଶିକ୍ଷାର ଭଣ୍ଡାର

ଡଃ ସଂଯୁକ୍ତା ପରିଡ଼ା



ହଁ, ମହାଭାରତକୁ ନୀତିଶିକ୍ଷାର ଏକ ବିଶାଳ ଭଣ୍ଡାର ବୋଲି କୁହାଯାଇ ପାରେ । କିନ୍ତୁ ଏହାର ବିଶେଷତା ହେଉଛି ମହାଭାରତ କେବଳ "ଭଲ କାମ କର" ବୋଲି ଉପଦେଶ ଦିଏ ନାହିଁ; ମଣିଷର ଧର୍ମ-ଅଧର୍ମ, ଲୋଭ, ମୋହ, ଅହଂକାର, କର୍ତ୍ତବ୍ୟ, କ୍ଷମା, ନ୍ୟାୟ ଓ ନୀତିର ଜଟିଳତାକୁ ଘଟଣା ଓ ଚରିତ୍ର ମାଧ୍ୟମରେ ଦେଖାଏ ।

ମହାଭାରତକୁ ଯଦି ଗଭୀର ଭାବରେ ପଢ଼ିବା, ତେବେ ଏହା କେବଳ ପାଣ୍ଡବ-କୌରବଙ୍କ ଯୁଦ୍ଧର କାହାଣୀ ନୁହେଁ; ଏହା ମଣିଷର ଜୀବନ, ଚରିତ୍ର, ନୀତି, ଅନୀତି, ସମ୍ପର୍କ, କର୍ତ୍ତବ୍ୟ ଓ ମନୋବୃତ୍ତିର ଏକ ବିଶାଳ ଅଧ୍ୟୟନ ।

ମହାଭାରତର ସବୁଠାରୁ ବଡ଼ ଶିକ୍ଷା ହେଉଛି - କର୍ମର ଫଳ ଅବଶ୍ୟ ମିଳେ । ମଣିଷ ଯେପରି ବୀଜ ବୁଣେ, ସେହିପରି ଫଳ ପାଏ । ଦୁର୍ଯ୍ୟୋଧନଙ୍କ ଈର୍ଷା, ଅହଂକାର ଓ ପାଣ୍ଡବମାନଙ୍କ ପ୍ରତି ଅନ୍ୟାୟ ଶେଷରେ କୁରୁବଂଶ ପାଇଁ ଭୟଙ୍କର ପରିଣାମ ଆଣିଥିଲା ।

କିନ୍ତୁ ମହାଭାରତ ଆମକୁ ଏହା ମଧ୍ୟ ଶିଖାଏ ଯେ ଧର୍ମର ପଥ ସବୁବେଳେ ସରଳ ନୁହେଁ । ଅନେକ ସମୟରେ ମଣିଷକୁ ଦୁଇଟି କଠିନ ବିକଳ୍ପ ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼େ ।

ଦୁର୍ଯ୍ୟୋଧନଙ୍କ ଚରିତ୍ର ଅହଂକାର ଓ ଈର୍ଷାର ଏକ ବଡ଼ ଉଦାହରଣ । ପାଣ୍ଡବମାନଙ୍କ ପ୍ରତି ତାଙ୍କର ଈର୍ଷା ଧୀରେ ଧୀରେ ଶତ୍ରୁତାରେ ପରିଣତ ହୋଇଥିଲା । ନିଜ ଅଧିକାର ରକ୍ଷା କରିବାର ନାମରେ ସେ ଅନ୍ୟାୟର ପଥ ବାଛିଲେ ।

ଏଠାରୁ ଶିକ୍ଷା—

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅହଂକାର ମଣିଷକୁ ନିଜ ଭୁଲ ଦେଖିବାକୁ ଦିଏ ନାହିଁ; ଆଉ ନିଜ ଭୁଲ ନ ଦେଖିପାରିବା ହେଉଛି ପତନର ପ୍ରଥମ ପାହାଚ । ଲୋଭରୁ ଜନ୍ମ ନିଏ ଅଶାନ୍ତି ।

ଦ୍ୟୂତିକ୍ରୀଡ଼ାର ଘଟଣା ଆମକୁ ଲୋଭ ଓ ଅସଂଯମର ଭୟଙ୍କର ପରିଣାମ ବିଷୟରେ ସତର୍କ କରେ । ଗୋଟିଏ ଭୁଲ ନିଷ୍ପତ୍ତି କିପରି ଗୋଟିଏ ପରିବାର, ଗୋଟିଏ ରାଜବଂଶ ଓ ସମଗ୍ର ସମାଜକୁ ସଙ୍କଟରେ ପକାଇପାରେ, ତାହା ମହାଭାରତ ଦେଖାଇଥାଏ ।

ଯେଉଁଠାରେ ବିବେକ ହାରିଯାଏ, ସେଠାରେ ଲୋଭ ନିଷ୍ପତ୍ତି ନେବା ଆରମ୍ଭ କରେ ।

ଦ୍ରୌପଦୀଙ୍କ ଚରିତ୍ର ମହାଭାରତର ଅତ୍ୟନ୍ତ ଶକ୍ତିଶାଳୀ ଚରିତ୍ରମାନଙ୍କ ମଧ୍ୟରୁ ଗୋଟିଏ । ସଭାରେ ତାଙ୍କ ପ୍ରତି ଅନ୍ୟାୟ ହେବା ସମୟରେ ସେ ନୀରବ ରହିନଥିଲେ; ପ୍ରଶ୍ନ କରିଥିଲେ ।

ଏଠାରୁ ଆମେ ଶିଖୁ—

ଅନ୍ୟାୟ ସାମ୍ନାରେ ନୀରବତା ସବୁବେଳେ ମହତ୍ତ୍ୱ ନୁହେଁ; ଅନ୍ୟାୟ ବିରୋଧରେ ପ୍ରଶ୍ନ କରିବା ମଧ୍ୟ ଏକ ନୀତିଗତ ସାହସ ।

ଭୀଷ୍ମ ଥିଲେ ତ୍ୟାଗ, ପ୍ରତିଜ୍ଞା ଓ ନିଷ୍ଠାର ପ୍ରତୀକ । କିନ୍ତୁ ତାଙ୍କ ଜୀବନ ଆମକୁ ଆଉ ଗୋଟିଏ ଗଭୀର ପ୍ରଶ୍ନ କରେ; କେବଳ ପ୍ରତିଜ୍ଞା ପାଳନ କରିବା ଯଥେଷ୍ଟ କି, ନା ପ୍ରତିଜ୍ଞା ସହିତ ନ୍ୟାୟର ପକ୍ଷରେ ଠିଆ ହେବା ମଧ୍ୟ ଆବଶ୍ୟକ ?

ଏହି କାରଣରୁ ମହାଭାରତ ଏକ ସରଳ ନୀତିଗ୍ରନ୍ଥ ନୁହେଁ । ଏହା ଆମକୁ ନିଜେ ଚିନ୍ତା କରିବାକୁ ଶିଖାଏ ।

କର୍ଣ୍ଣ ଦାନଶୀଳତା, ବୀରତା ଓ ବନ୍ଧୁତ୍ୱ ପାଇଁ ପ୍ରସିଦ୍ଧ । ଦୁର୍ଯ୍ୟୋଧନ ତାଙ୍କୁ ସମ୍ମାନ ଓ ସ୍ଥାନ ଦେଇଥିବାରୁ କର୍ଣ୍ଣ ତାଙ୍କ ପ୍ରତି ଅତ୍ୟନ୍ତ ନିଷ୍ଠାବାନ ରହିଥିଲେ ।

କିନ୍ତୁ ଏଠି ମଧ୍ୟ ଏକ ବଡ଼ ନୀତିଗତ ପ୍ରଶ୍ନ ଉଠେ; ବନ୍ଧୁତ୍ୱ ପାଇଁ କେତେ ଦୂର ଯିବା ଉଚିତ ? ବନ୍ଧୁ ଭୁଲ କଲେ ତାଙ୍କ ସହ ରହିବା ନିଷ୍ଠା ନା ଭୁଲକୁ ସମର୍ଥନ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ପ୍ରଶ୍ନ ଆଜି ମଧ୍ୟ ସମାନ ଭାବରେ ପ୍ରାସଙ୍ଗିକ । ମହାଭାରତର ସବୁଠାରୁ ଗଭୀର ନୀତିଶିକ୍ଷା ମଧ୍ୟରୁ ଗୋଟିଏ ହେଉଛି ଭଗବଦ୍‌ଗୀତା । ଯୁଦ୍ଧକ୍ଷେତ୍ରରେ ଅର୍ଜୁନ ନିଜ କର୍ତ୍ତବ୍ୟ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିବା ବେଳେ ଶ୍ରୀକୃଷ୍ଣ ତାଙ୍କୁ କର୍ତ୍ତବ୍ୟ, ଆତ୍ମା, କର୍ମ ଓ ଧର୍ମ ବିଷୟରେ ବୁଝାଇଥିଲେ ।

ଗୀତାର ଏକ ମୂଳ ଭାବ; କର୍ତ୍ତବ୍ୟ କର, କିନ୍ତୁ କେବଳ ଫଳର ଆଶାରେ କର୍ତ୍ତବ୍ୟ କରନି । ଏହି ଚିନ୍ତା ମଣିଷକୁ ନିଜ କାମ ପ୍ରତି ଏକାଗ୍ର ଓ ଦାୟିତ୍ୱବାନ ହେବାକୁ ପ୍ରେରଣା ଦିଏ ।

ମହାଭାରତରେ ବିଦୁର ହେଉଛନ୍ତି ବିବେକ ଓ ନୀତିବୋଧର ଏକ ଉଜ୍ଜ୍ୱଳ ପ୍ରତୀକ। ସେ ଅନେକ ସମୟରେ ଧୃତରାଷ୍ଟ୍ରଙ୍କୁ ସତର୍କ କରିଥିଲେ । କିନ୍ତୁ ଧୃତରାଷ୍ଟ୍ରଙ୍କ ପୁତ୍ରମୋହ ତାଙ୍କୁ ସତ୍ୟକୁ ଗ୍ରହଣ କରିବାରୁ ଦୂରେଇ ରଖିଲା ।

ଏଠାରୁ ଶିକ୍ଷା—

ସତ୍ୟ କଥା କହୁଥିବା ଲୋକ ଆମ ପାଖରେ ଥିଲେ ମଧ୍ୟ, ଯଦି ଆମେ ମୋହରେ ଆଖି ବନ୍ଦ କରିଦେବା, ତେବେ ସତ୍ୟ ଆମକୁ ରକ୍ଷା କରିପାରିବ ନାହିଁ ।

ଧୃତରାଷ୍ଟ୍ର ଶାରୀରିକ ଭାବେ ଅନ୍ଧ ଥିଲେ । କିନ୍ତୁ ମହାଭାରତ ତାଙ୍କ ଚରିତ୍ର ମାଧ୍ୟମରେ ଏକ ପ୍ରତୀକାତ୍ମକ ଶିକ୍ଷା ମଧ୍ୟ ଦିଏ । ଆଖି ଥିଲେ ମଧ୍ୟ ଯଦି ମଣିଷ ସତ୍ୟକୁ ଦେଖିବାକୁ ଚାହେଁ ନାହିଁ, ସେ ମଧ୍ୟ ଏକ ପ୍ରକାର ଅନ୍ଧତ୍ୱ । ପୁତ୍ରମୋହ ତାଙ୍କର ବିବେକକୁ ଦୁର୍ବଳ କରିଥିଲା ।

ମହାଭାରତର ସବୁଠାରୁ ବଡ଼ ଶିକ୍ଷା; ମଣିଷ ନିଜେ ନିଜ ଶତ୍ରୁ ।

ମଣିଷର ପତନ ସବୁବେଳେ ବାହାର ଶତ୍ରୁ ଯୋଗୁଁ ହୁଏ ନାହିଁ । ଅନେକ ସମୟରେ ଲୋଭ, କ୍ରୋଧ, ମୋହ, ଅହଂକାର, ଈର୍ଷା ଓ ଅସଂଯମ ହିଁ ତା'ର ବଡ଼ ଶତ୍ରୁ ।

ମହାଭାରତ ଏହି ମାନବୀୟ ଦୁର୍ବଳତାଗୁଡ଼ିକୁ ଚରିତ୍ରମାନଙ୍କ ଜୀବନରେ ଦେଖାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମକୁ ନିଜ ଭିତରକୁ ଦେଖିବାର ସୁଯୋଗ ଦିଏ ।

ଶେଷ କଥା

ତେଣୁ, “ମହାଭାରତ କ'ଣ ନୀତିଶିକ୍ଷାର ଭଣ୍ଡାର ?”—ଏହାର ଉତ୍ତର ନିଶ୍ଚିତ ଭାବେ ହଁ । କିନ୍ତୁ ଏହା କେବଳ ନୀତିର ଉପଦେଶର ଭଣ୍ଡାର ନୁହେଁ; ଏହା ନୀତିର ପରୀକ୍ଷାର ଭଣ୍ଡାର ।

ଏହା ଆମକୁ କୁହେ; ଧର୍ମ କରିବା ସହଜ ନୁହେଁ, ସତ୍ୟ କହିବା ସହଜ ନୁହେଁ, ନ୍ୟାୟର ପକ୍ଷରେ ଠିଆ ହେବା ସହଜ ନୁହେଁ; କିନ୍ତୁ ଭୁଲ ଜାଣି ମଧ୍ୟ ତାହାର ସାଥୀ ହେବାର ମୂଲ୍ୟ ବହୁତ ବଡ଼ । ସେଥିପାଇଁ ମହାଭାରତ କେବଳ ପୁରାତନ କାହାଣୀ ନୁହେଁ, ଆଜିର ମଣିଷ ପାଇଁ ମଧ୍ୟ ଏକ ଜୀବନଦର୍ଶନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜେପିଙ୍କ ମନ୍ତ୍ର : ଆଜିର ଆବଶ୍ୟକତା

ସଞ୍ଜୀବ କୁମାର ଦାସ



ସେ ଥିଲେ ସମ୍ପୂର୍ଣ କ୍ରାନ୍ତିର ମନ୍ତ୍ରଦ୍ରଷ୍ଟା । ସ୍ୱାଧୀନତା ପରବର୍ତ୍ତୀ ଭାରତର ବହୁ ଘଟଣା ଭିତରେ ଏମିତି ଏକ ଅଧ୍ୟାୟ ଯୋଡି ହୋଇ ଯାଇଛି ଯାହା ଜାତୀୟ ରାଜନୀତିରେ ଏକ ଭିନ୍ନ ମୋଡ଼ ଆଣିଥିଲା । ଏହି ମୋଡ଼ ପଛରେ ଯେଉଁ ବଳିଷ୍ଠ ନେତୃତ୍ୱ ସମସ୍ତଙ୍କୁ ପ୍ରେରିତ କରୁଥିଲା ତାହା ଥିଲା ସମ୍ପୂର୍ଣ କ୍ରାନ୍ତିର ଜନକ ଲୋକ ନାୟକ ଜୟ ପ୍ରକାଶ ନାରାୟଣ ।

ଜୟପ୍ରକାଶ ନାରାୟଣ ଶ୍ରୀବାସ୍ତବ ଯିଏକି ଜେପି ଏବଂ ଲୋକନାୟକ ଭାବରେ ମଧ୍ୟ ଜଣାଶୁଣା, ତତ୍କାଳୀନ ବେଙ୍ଗଲ ପ୍ରେସିଡେଂସି ଛାପରା ଜିଲ୍ଲାର ସୀତାବଦିଆରା ଗ୍ରାମରେ ୧୧ ଅକ୍ଟୋବର ୧୯୦୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୮ ଅକ୍ଟୋବର ୧୯୭୯ରେ ତିରୋଧାନ ପର୍ଯ୍ୟନ୍ତ ତାଙ୍କର ଜୀବନକାଳ ଅନେକ ସ୍ମୃତି ବହନ କରେ । ଜଣେ ଭାରତୀୟ ରାଜନେତା, ତତ୍ତ୍ୱବାଦୀ ଏବଂ ସ୍ୱାଧୀନତା କର୍ମୀ ଲୋକନାୟକ ତାଙ୍କ ସମ୍ପୂର୍ଣ୍ଣ ଜୀବନକାଳକୁ ଦେଶ ସେବାରେ ନିୟୋଜିତ କରିଥିଲେ । ତାଙ୍କୁ ମୁଖ୍ୟତଃ ୧୯୭୦ ଦଶକର ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ନେତୃତ୍ୱ ନେବା ଏବଂ ସମ୍ପୂର୍ଣ୍ଣ ବିପ୍ଳବରେ ତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଆହ୍ୱାନ ଦେବା ପାଇଁ ମନେ ରଖାଯାଏ । ୧୯୯୯ ମସିହାରେ ନାରାୟଣଙ୍କୁ ତାଙ୍କ ସାମାଜିକ ସେବାର ସ୍ୱୀକୃତି ସ୍ୱରୂପ ମରଣୋତ୍ତର ଭାବରେ ଭାରତର ସର୍ବୋଚ୍ଚ ନାଗରିକ ପୁରସ୍କାର ଭାରତରତ୍ନ ପ୍ରଦାନ କରାଯାଇଥିଲା । ତାଙ୍କର ଅନ୍ୟାନ୍ୟ ପୁରସ୍କାର ମଧ୍ୟରେ ୧୯୬୫ ମସିହାରେ ସାର୍ବଜନୀନ ସେବାପାଇଁ ରାମନ ମାଗାସେସେ ପୁରସ୍କାର ଅନ୍ତର୍ଭୁକ୍ତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମକାଳୀନ ରାଜନୈତିକ ପୃଷ୍ଠା ଭୂମିରେ ସମଗ୍ର ଭାରତ ଭୂଇଁକୁ ଯେଉଁ ଆହ୍ୱାନ ଆନ୍ଦୋଳିତ କରିଥିଲା ତାହା ଥିଲା ଗାନ୍ଧୀବାଦୀ ଆଦର୍ଶ ଉପରେ ଆଧାରିତ ସାମାଜିକ-ରାଜନୈତିକ ପରିବର୍ତ୍ତନ ପାଇଁ ଏକ ସାମଗ୍ରିକ ଅହିଂସାତ୍ମକ ଆନ୍ଦୋଳନ । ସେହି ଆନ୍ଦୋଳନର ସୂତ୍ରପାତ ହୁଏ ଏମିତି ।

ଦିନ ବୁଧବାର, ତାରିଖ ୫ ଜୁନ୍, ବର୍ଷ ୧୯୭୪, ସ୍ଥାନ ପାଟନାର ଗାନ୍ଧୀ ମୈଦାନ । ଆନ୍ଦୋଳନର ଶୁଭାରମ୍ଭ କରନ୍ତି ଜୟପ୍ରକାଶ ନାରାୟଣ, ଜନତାର ପ୍ରିୟ ଜେପି ସଂକ୍ଷପରେ । ଆନ୍ଦୋଳନରେ ନିହିତ ଉଦ୍ଦେଶ୍ୟ: ସମ୍ପୂର୍ଣ୍ଣକ୍ରାନ୍ତି ହାସଲ କରିବା - ଏକ ନ୍ୟାୟପୂର୍ଣ୍ଣ ଏବଂ ସମାନ ସମାଜ ପାଇଁ ଅର୍ଥନୈତିକ, ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ ଗଠନରେ ଏକ ବ୍ୟାପକ ପରିବର୍ତ୍ତନ ପାଇଁ । କଥିତ ସମ୍ପୂର୍ଣ୍ଣ ବିପ୍ଳବର ମୂଳ କାରଣ ଉପରେ ଦୃଷ୍ଟିପାତ କରିବା ।

ରାଜନୈତିକ ପୃଷ୍ଠଭୂମିରେ ଏକ ଗୁରୁତ୍ୱପୂର୍ଣ ଘଟଣାକ୍ରମେ ସୋସାଲିଷ୍ଟ ନେତା ରାଜ ନାରାୟଣ ୧୯୭୧ ମସିହାର ଲୋକସଭା ନିର୍ବାଚନରେ ରାଏବରେଲୀ ଆସନରୁ ଇନ୍ଦିରା ଗାନ୍ଧୀଙ୍କ ବିପକ୍ଷରେ ଲଢ଼ି ପରାଜିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ନିର୍ବାଚନର ବୈଧତାକୁ ନେଇ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥଲେ । ତାଙ୍କର ଅଭିଯୋଗ ଥିଲା ତତ୍କାଳୀନ ପ୍ରଧାନମନ୍ତ୍ରୀ ସରକାରୀ କଳର ଦୁରୁପଯୋଗ କରି ନିର୍ବାଚନ ଜିଣି ଯାଇଛନ୍ତି । ମାନ୍ୟବର ଆଲ୍‌ହାବାଦ ଉଚ୍ଚ ନ୍ୟାୟାଳୟ ଉଲ୍ଲିଖିତ ନିର୍ବାଚନୀ ଭୁଲ କାର୍ଯ୍ୟ ନିମନ୍ତେ ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କୁ ଅଯୋଗ୍ୟ ଘୋଷଣା କରି ତାଙ୍କ କର୍ତ୍ତୃତ୍ୱକୁ ଅବୈଧ କରିଥିଲା, ଯାହା ଫଳରେ ଜନ ବିରୋଧ ଆରମ୍ଭ ହୋଇଥିଲା । ଏହାବାଦ ଗୁଜୁରାଟର ନବନିର୍ମାଣ ଆନ୍ଦୋଳନ ଏବଂ ବିହାରର ଛାତ୍ର ପ୍ରତିବାଦରେ ବ୍ୟାପକ ଆନ୍ଦୋଳନ ବେକାରୀ ଏବଂ ଶାସନ ବିଫଳତା ଉପରେ ବଢୁଥିବା ଯୁବ ହତାଶାକୁ ପ୍ରକାଶ କରିଥିଲା ।

ଅନ୍ୟ ସମସ୍ୟା ମଧ୍ୟରେ ଆର୍ଥିକ ସଙ୍କଟ ପରିପ୍ରେକ୍ଷୀରେ ୧୯୭୦ ଦଶକର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରାରମ୍ଭରେ ଗୁରୁତର ମୁଦ୍ରାସ୍ଫୀତି (୨୦%ରୁ ଅଧିକ), ବେକାରୀ ଏବଂ ଖାଦ୍ୟ ଅଭାବ ଜନସାଧାରଣଙ୍କ ଦୁଃଖକୁ ଆହୁରି ତୀବ୍ର କରିଥିଲା ।

ଗଣତାନ୍ତ୍ରିକ ନୀତିର ଅବକ୍ଷୟ କ୍ରମରେ କ୍ଷମତାର କେନ୍ଦ୍ରୀକରଣ, ମିଶା ଭଳି କଠୋର ଆଇନର ବ୍ୟବହାର ଏବଂ ଭିନ୍ନମତକୁ ଦମନ କରିବା ନାଗରିକ ସମାଜ ଏବଂ ବୁଦ୍ଧିଜୀବୀମାନଙ୍କୁ ଚିନ୍ତିତ କରିଥିଲା । ଠିକ ସେହି ସମୟରେ ପ୍ରେରଣାଦାୟକ ନେତୃତ୍ୱର ଅଭ୍ୟୁଦୟ ଘଟିଲା । ଜେପିଙ୍କ ଦଳହୀନ ଗଣତନ୍ତ୍ରର ବକ୍ତବ୍ୟ ଗାନ୍ଧୀବାଦୀ ନୀତିଶାସ୍ତ୍ର, ସର୍ବୋଦୟ ଆଦର୍ଶ ଏବଂ ମାର୍କ୍ସବାଦୀ ସମାଲୋଚନାକୁ ମିଶ୍ରଣ କରିଥିଲା ଯାହା ଏକ ବ୍ୟାପକ - ଆଧାରିତ ଜନ ଆନ୍ଦୋଳନକୁ ଶକ୍ତିଶାଳୀ ଏବଂ ଶାଣିତ କରିଥିଲା ।

ସମ୍ପୂର୍ଣ୍ଣ ବିପ୍ଳବର ଭିନ୍ନ ଭିନ୍ନ ଉପାଦାନ ଭିତରେ ରାଜନୈତିକ ବିପ୍ଳବ ଅଧିକ ପ୍ରଭାବଶାଳୀ ଥିଲା । ତଳ-ଉପର ଶାସନ, ଅଂଶଗ୍ରହଣକାରୀ ଗଣତନ୍ତ୍ର ଏବଂ ଅମଲାତାନ୍ତ୍ରିକ କେନ୍ଦ୍ରୀକରଣର ମୁକାବିଲା ପାଇଁ ଜନଆନ୍ଦୋଳନ ତୀବ୍ର ରୂପ ଧାରଣ କଲା ।

ଅନୁରୂପ ଭାବେ ସାମାଜିକ-ଆର୍ଥିକ ବୈଷମ୍ୟକୁ ଦୂର କରିବା ପାଇଁ ସମାନ ଭୂମି ପୁନଃବଣ୍ଟନ ଏବଂ ଲୋକ-କୈନ୍ଦ୍ରିକ ବିକାଶ ପାଇଁ ଜନତା ଏକତ୍ରିତ ହୋଇଥିଲେ । ସାମାଜିକ ବିପ୍ଳବର ସ୍ୱର ତୀକ୍ଷ୍ଣ ହେଲା ଯେତେବେଳେ ଏକ ସମାନତାବାଦୀ ସମାଜ ଗଠନ ପାଇଁ ଜାତିବାଦ, ଲିଙ୍ଗଗତ ବୈଷମ୍ୟ ଏବଂ ଯୌତୁକର ନିରାକରଣକୁ ପ୍ରାଥମିକତା ଦିଆଗଲା ।

ଶିକ୍ଷାଗତ ବିପ୍ଳବ ଦିଗରେ ନାଗରିକ କର୍ତ୍ତବ୍ୟ, ଗ୍ରାମୀଣ ବିକାଶ ଏବଂ ବୃତ୍ତିଗତ ସଶକ୍ତିକରଣ ଉପରେ ଧ୍ୟାନ ଦେଇ ପ୍ରସ୍ତାବିତ ନୀତି-ଆଧାରିତ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବାକୁ ପ୍ରସ୍ତାବ ଦିଆଗଲା । ଏତଦ୍ଭିନ୍ନ ସାଂସ୍କୃତିକ- ଆଧ୍ୟାତ୍ମିକ ବିପ୍ଳବ ପାଇଁ ବ୍ୟକ୍ତିଗତ ପରିବର୍ତ୍ତନ ମାଧ୍ୟମରେ ଆତ୍ମ-ଅନୁଶାସନ, ଜାତୀୟ ଏକତା ଏବଂ ନୈତିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁନର୍ଜୀବନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଜନସାଧାରଣଙ୍କୁ ଅନୁପ୍ରାଣିତ କରାଗଲା । ବସ୍ତୁତଃ, ସମ୍ପୂର୍ଣ୍ଣ କ୍ରାନ୍ତି ବା ବିପ୍ଳବ ସର୍ବତୋଭାବେ ଗଣତାନ୍ତ୍ରିକ ବ୍ୟବସ୍ଥାର ପୁନଃର୍ଗଠନ ନିମିତ୍ତ ମାର୍ଗ ପ୍ରସ୍ତୁତ କରିବାରେ ସକ୍ଷମ ହେଲା ।

ସମ୍ପୂର୍ଣ୍ଣ ବିପ୍ଳବର ପ୍ରଭାବ ଜନମାନସରେ ଅଭୂତପୂର୍ବ ପ୍ରଭାବ ବିସ୍ତାର କଲା । ନୂତନ ରାଜନୈତିକ ଯୁବନେତା - ଲାଲୁ ପ୍ରସାଦ, ନୀତିଶ କୁମାର, ସୁଶୀଲ ମୋଦିଙ୍କ ଉତ୍ତେଜିତ ପ୍ରବେଶ ଆନ୍ଦୋଳନକୁ ଦିଶା ପ୍ରଦାନ କଲା । ଏହି ଯୁବ ନେତୃବୃନ୍ଦ ପରବର୍ତ୍ତୀ ସମୟରେ ବିହାର ପ୍ରଦେଶ ଏବଂ ଜାତୀୟ ରାଜନୀତିରେ ସେମାନଙ୍କ ଛାପ ଛାଡିଛନ୍ତି । ନାଗରିକ ଚେତନାର ପୁନଃ ଉନ୍ମେଷ ଘଟିବାରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାଗରିକଙ୍କ ସମ୍ପୃକ୍ତିକୁ ଗଭୀର କରି, ସାର୍ବଜନୀନ ଦାୟିତ୍ୱକୁ ଏକ ମୁଖ୍ୟଧାରାର ଅଂଶ ରୂପେ ବିବେଚନା କରାଗଲା ।

ଅହିଂସାତ୍ମକ ପ୍ରତିରୋଧ ଦୁର୍ନୀତି ବିରୋଧୀ ଧର୍ମଯୁଦ୍ଧ ଭଳି ଆନ୍ଦୋଳନକୁ ପ୍ରଭାବିତ କରି, ସ୍ୱେଚ୍ଛାଚାରିତା ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଶକ୍ତିକୁ ପୁନଃସ୍ଥାପିତ କରିଥିଲା । ଅଣ-କଂଗ୍ରେସ ମେଣ୍ଟର ଉତ୍ଥାନ ସମ୍ଭବ ହୋଇ ପାରିଲା । ଫଳସ୍ୱରୂପ, ଜରୁରୀକାଳୀନ ପରିସ୍ଥିତି ସମୟରେ ଏକୀକୃତ ବିରୋଧୀ ଦଳ ଜନତା ଦଳର ଐତିହାସିକ ୧୯୭୭ ନିର୍ବାଚନ ବିଜୟ ପାଇଁ ଭିତ୍ତିଭୂମି ସ୍ଥାପନ କରିଥିଲା । ସାମ୍ବିଧାନିକ ସୁରକ୍ଷା ପାଇଁ ୪୪ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସଂସ୍କାର ଆରମ୍ଭ କରାଯାଇ ଜରୁରୀକାଳୀନ କ୍ଷମତା ଉପରେ ଯାଞ୍ଚ ସୁନିଶ୍ଚିତ କରିବା ଏବଂ ନ୍ୟାୟିକ ତଦାରଖ ପୁନଃସ୍ଥାପିତ କରିବା ସମ୍ଭବ ହେଲା । କ୍ଷମତାର ବିକେନ୍ଦ୍ରୀକରଣ ଅଭିଯାନ ପଥରେ ପଞ୍ଚାୟତିରାଜ ସଂସ୍କାର (୭୩ ତମ, ୭୪ତମ ସମ୍ବିଧାନ ସଂଶୋଧନ)କୁ ପ୍ରଭାବିତ କରି, ତୃଣମୂଳ ସ୍ତରର ଗଣତାନ୍ତ୍ରିକ ଅଂଶଗ୍ରହଣକୁ ବୃଦ୍ଧି କରିଥିଲା ।

ସମ୍ପୂର୍ଣ୍ଣ ବିପ୍ଳବ ଅନେକ ଗୁରୁତ୍ୱ ବହନ କରେ । ତନ୍ମଧ୍ୟରେ ରହିଛି ବିରୋଧୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମତକୁ ଗଣତାନ୍ତ୍ରିକ ଅଧିକାର ଭାବରେ ପୁନଃନିର୍ଦ୍ଦିଷ୍ଟ କରିବା, ଉପନିବେଶବାଦ ପରବର୍ତ୍ତୀ ଭାରତରେ ପ୍ରତିବାଦକୁ ବୈଧତା ପ୍ରଦାନ କରିବା । ଏହି ବିପ୍ଳବର କର୍ଣ୍ଣଧାର ମାନେ ଗଣ ମୂଳ ସହିତ ନେତାମାନଙ୍କର ଏକ ନୂତନ ପିଢ଼ି ସୃଷ୍ଟି କରିଥିଲେ - ଯେଉଁମାନଙ୍କ ମଧ୍ୟରୁ ଅନେକ ଦଶନ୍ଧି ଧରି ଭାରତୀୟ ରାଜନୀତିରେ ପ୍ରଭାବ ପକାଇଥିଲେ ।

ଏତଦବ୍ୟତୀତ ଗଣତାନ୍ତ୍ରିକ ଗଠନକୁ ସୁରକ୍ଷା ଦେବା ପାଇଁ ସାଂସ୍ଥାଗତ ସଂସ୍କାରକୁ ପାଥେୟ କରି ବ୍ୟବସ୍ଥିତ ଦୁର୍ବଳତା ପରିହାର ନିମନ୍ତେ ନେତୃବୃନ୍ଦ ମାର୍ଗଦର୍ଶନ କରିଥିଲେ । ସର୍ବୋପରି କେନ୍ଦ୍ରୀକରଣ, ଯୁବ ବିଚ୍ଛିନ୍ନତା ଏବଂ ଗଣତାନ୍ତ୍ରିକ କ୍ଷୟ ପରି ତତ୍କାଳୀନ ସମସ୍ୟାଗୁଡ଼ିକର ମୁକାବିଲା କରିବାରେ ସ୍ଥାୟୀ ସମାଧାନ ନିମନ୍ତେ ବିସ୍ତାରିତ ସାର୍ବଜନୀନ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଥିଲା ।

ନିଷ୍କର୍ଷରେ ଏହି ମତ ପୋଷଣ କରାଯାଇ ପାରିବ ଯେ ଜେପିଙ୍କ ସମ୍ପୂର୍ଣ୍ଣ ବିପ୍ଳବ ଏକ ରାଜନୈତିକ ଉତ୍ଥାନ ଅପେକ୍ଷା ଅଧିକ ଥିଲା - ଏହା ନୈତିକ, ସାମାଜିକ ଏବଂ ଗଣତାନ୍ତ୍ରିକ ପୁନର୍ଜନ୍ମ କଳ୍ପନା କରିଥିଲା । ଯଦିଓ କିଛି ଅଂଶରେ ୟୁଟୋପିଆନ୍, ଏହା ଭାରତରେ ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ଶାସନକୁ ପୁନଃପରିଭାଷିତ କରିଥିଲା । ଏହାର ଐତିହ୍ୟ ନ୍ୟାୟ ଏବଂ ଗଣତାନ୍ତ୍ରିକ ସଂସ୍କାର ପାଇଁ ଆନ୍ଦୋଳନଗୁଡ଼ିକୁ ପ୍ରେରଣା ଦେଇ ଚାଲିଛି ।

ଲୋକନାୟକଙ୍କ ଜନ୍ମଦିନ ଏବଂ ତିରୋଧାନ ଦିବସ ପାଳନ ଅବସରରେ ଆମ ଶାସନ ବ୍ୟବସ୍ଥାର ଏହି ମନ୍ତ୍ର ଉଚ୍ଚାରଣ ହେବା ବିଧେୟ ଯେ ସାମାଜିକ, ରାଜନୈତିକ ଏବଂ ଆର୍ଥିକ ନ୍ୟାୟ ବିତରଣ ପାଇଁ ଜନଗଣଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିବା । ଅନ୍ୟଥା ଗଣତନ୍ତ୍ରର ସ୍ୱରୂପ ଏବଂ ଉଦ୍ଦ୍ୟେଶ୍ୟ ମୂଳ ଲକ୍ଷ୍ୟଠାରୁ ଅଚିରେ ଅପସରିଯିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହାକୁ କହିବା ଭଲ

ପ୍ରେମଲତା ଦେବୀ



କାହାକୁ କହିବା ଭଲ, ଏହି କଥାଟି ଖୁବ୍ ସଂଶ୍ଳିଷ୍ଟ । ଏହି କଥାଟିକୁ ଚିନ୍ତା କରିବା ପୂର୍ବରୁ ଆମକୁ ଭଲ ଆଉ ମନ୍ଦର ସଂଜ୍ଞା ବାହାର କରିବାକୁ ପଡ଼ିବ ।

ଭଲ ମାନେ ଆମକୁ ଯାହା ଭଲ ଲାଗୁଚି ସେଇ ନା, କେତେ ଲୋକଙ୍କୁ ମନ ପାଇଲେ ତାହା ନା ? ଏହି ପରି ନାନା ପ୍ରଶ୍ନ ମନରେ ଉଙ୍କି ମାରେ । ଏପରି ଚିନ୍ତା କରିବାକୁ ହେଲେ ସମସ୍ତଙ୍କ ରୁଚି ଏକା ପରି ନଥାଏ । ପୃଥିବୀରେ କୌଣସି ଦୁଇଜଣଙ୍କର ବିଚାରଧାରା ଏକା ପରି ନୁହଁ ।

କୌଣସି ବ୍ୟକ୍ତି ଯଦି ସବୁ ବେଳେ ତୁନିମୁନି ହୋଇ ରହିବାଟା କେତେ ଲୋକଙ୍କୁ ଭଲ ଲାଗିପାରେ ତ ଆଉ କେତେକଙ୍କୁ ମେଳାପୀ ଲୋକ ଭଲ ଲାଗନ୍ତି । କାହାକୁ ଆଧୁନିକ ସାଜସଜ୍ଜାରେ ଥିବା ଲୋକ ଭଲ ଲାଗିଲା ବେଳେ ଅନ୍ୟ କାହାକୁ ସାଦା ସିଧା ଲୋକ ଭଲ ଲାଗନ୍ତି । ଏହି ପରି ବ୍ୟକ୍ତି ବିଶେଷଙ୍କ ଅଭିରୁଚି ଓ ଚିନ୍ତାଧାରାକୁ ନେଇ ଭଲ ମନ୍ଦ ନିର୍ଭର କରିଥାଏ ।

ତେଣୁ କୌଣସି ବ୍ୟକ୍ତିଙ୍କୁ ଭଲ କିମ୍ବା ମନ୍ଦ କହିବା କାଠିକର ପାଠ । ପୁଣି ସ୍ଥାନ କାଳ ପାତ୍ର ବିଶେଷରେ ଭଲ ମନ୍ଦର ପରିଭାଷା ବଦଳି ଯାଇପାରେ । ଚୋରକୁ ଅନ୍ୟ ଏକ ଚୋରର କାମ ଭଲ ଲାଗିଥାଏ । ସୁଶିକ୍ଷିତ ବ୍ୟକ୍ତିଙ୍କୁ ଆଉ ଜଣେ ସଂସ୍କୃତ ଓ ସୁଶିକ୍ଷିତ ବ୍ୟକ୍ତିଙ୍କ ବ୍ୟବହାର ଭଲ ଲାଗିଥାଏ ।

ତେଣୁ କାହାକୁ କହିବା ଭଲ । ସମସ୍ତେ ଭଲ ସମସ୍ତେ ମନ୍ଦ ।

ଆନ୍ଧ୍ରପ୍ରଦେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁ କଣ ସାକ୍ଷାତ ଈଶ୍ୱର !

ସନ୍ତୋଷ କୁମାର ସାହୁ



ଗୁରୁ କ'ଣ ସାକ୍ଷାତ ଈଶ୍ୱର ?

ନିଶ୍ଚୟ । ସେଥିପାଇଁ ତ ଶାସ୍ତ୍ରରେ କୁହାଯାଇଛି:-

"ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରମ ବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।"

ଯିଏ ଆମ ଜୀବନର ଅଜ୍ଞାନ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ଦିଅନ୍ତି, ସେ ହିଁ ଗୁରୁ । ଅର୍ଥାତ୍ ଈଶ୍ୱରଙ୍କୁ ଆମେ ଦେଖି ନାହୁଁ, କିନ୍ତୁ ଗୁରୁଙ୍କୁ ଦେଖୁ । ତେଣୁ କୁହାଯାଏ, ଅଦୃଶ୍ୟ ଈଶ୍ୱରଙ୍କୁ ଦେଖିବାର ଦୃଶ୍ୟ ରୂପ ହେଉଛନ୍ତି ଗୁରୁ ।

ଗୁରୁ ହିଁ ଈଶ୍ୱରଙ୍କୁ ଚିହ୍ନାଇଛନ୍ତି । ଭଗବାନ ଜନ୍ମ ଦିଅନ୍ତି, କିନ୍ତୁ ଗୁରୁ ଜୀବନ ଜିଇଁବା ଶିଖାଇ ଉତ୍ତମ ଶିଷ୍ୟ ସୃଷ୍ଟି କରନ୍ତି ଭଗବାନ ଆମକୁ ସଂସାରରେ ପଠାନ୍ତି, ଗୁରୁ ସଂସାରରୁ ମୁକ୍ତିର ବାଟ ଦେଖାନ୍ତି ।

ଗୁରୁ ବ୍ରହ୍ମା: ବ୍ରହ୍ମା ଯେମିତି ସୃଷ୍ଟି କରନ୍ତି, ଗୁରୁ ଶିଷ୍ୟ ଭିତରେ ଜ୍ଞାନକୁ ସୃଷ୍ଟି କରନ୍ତି । ଏକ ଅଜ୍ଞାନୀ ଶିଷ୍ୟକୁ ଜ୍ଞାନୀ କରନ୍ତି ।

ଗୁରୁ ବିଷ୍ଣୁ: ବିଷ୍ଣୁ ଯେମିତି ପାଳନ କରନ୍ତି, ଗୁରୁ ଶିଷ୍ୟର ଜ୍ଞାନକୁ, ଚରିତ୍ରକୁ ପାଳନ କରନ୍ତି, ଭୁଲ ରାସ୍ତାରୁ ରକ୍ଷା କରନ୍ତି ।

ଗୁରୁ ମହେଶ୍ୱର: ମହେଶ୍ୱର ଯେମିତି ସଂହାର କରନ୍ତି, ଗୁରୁ ଶିଷ୍ୟ ଭିତରେ ଥିବା ଅହଂକାର, ଇର୍ଷା, ଅଜ୍ଞାନତାକୁ ସଂହାର କରନ୍ତି । ତେଣୁ ଗୁରୁ ଏହି ସବୁ ଦୃଷ୍ଟିରୁ ସାକ୍ଷାତ୍ ଈଶ୍ୱର ।

ଶାସ୍ତ୍ର କହେ:- ଯେ ନିଃସ୍ୱାର୍ଥପର ଭାବେ ଜ୍ଞାନ ଦିଏ, ଯା'ର କଥା ଓ କାମରେ ଫରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନ ଥାଏ, ଯିଏ ଶିଷ୍ୟକୁ ନିଜ ପୁଅ ଭଳି ଭଲ ପାଏ, ଯିଏ ନିଜେ ଭଲ ଆଚରଣ କରି ଦେଖାଏ, ଯିଏ ପକ୍ଷପାତ କିମ୍ବା ପାତର ଅନ୍ତର କରନ୍ତି ନାହିଁ ସେ ହିଁ ସାକ୍ଷାତ ଈଶ୍ୱର ।

ଈଶ୍ୱର ସବୁବେଳେ ଆମ ସହ ଆସି ପାରିବେ ନାହିଁ, ତେଣୁ ସେ ଗୁରୁ ରୂପରେ ଆମ ପାଖକୁ ଆସନ୍ତି । ଗୁରୁଙ୍କୁ ଈଶ୍ୱର ବୋଲି କହିବା ମାନେ ତାଙ୍କ କଥାକୁ ମାନି ଚାଲିବା । ଗୁରୁଙ୍କୁ ସମ୍ମାନ ଦେଲେ ସ୍ୱୟଂ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି ।

ଶେଷରେ ଏତିକି କହିବା ଉଚିତ ହେବ, ଈଶ୍ୱର ଜଗତରେ ଅଦୃଶ୍ୟ ଭାବେ ଅଛନ୍ତି କିନ୍ତୁ ଗୁରୁ ଦୃଶ୍ୟମାନ, ଏହା ଈଶ୍ୱରଙ୍କ ପ୍ରମାଣ ।

ଏହି ସବୁ ଦୃଷ୍ଟିରୁ:- ଗୁରୁ ସାକ୍ଷାତ୍ ଈଶ୍ୱର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁ କଣ ସାକ୍ଷାତ ଈଶ୍ୱର !

ପୁଷ୍ପଲତା ମିଶ୍ର



"ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରମ ବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।"

ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ଅତ୍ୟନ୍ତ ଉଚ୍ଚ, "ଗୁରୁ" ଶବ୍ଦର ଅର୍ଥ ହେଉଛି ଯିଏ ଅଜ୍ଞାନ ରୂପୀ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ଦେଖାନ୍ତି । ଆମ ଜୀବନରେ ମାତା ପିତା ଯେପରି ପ୍ରଥମ ଶିକ୍ଷକ ସେହିପରି ଗୁରୁ ଆମକୁ ଜୀବନର ସଠିକ୍ ପଥ ଦେଖେଇ ଥାଆନ୍ତି, ତେଣୁ ଗୁରୁଙ୍କୁ ଈଶ୍ୱରଙ୍କ ସମାନ ମର୍ଯ୍ୟାଦା ଦିଆ ଯାଇଛି ।

ଶାସ୍ତ୍ରରେ କୁହାଯାଇଛି - "ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର ।" ଏହାର ଅର୍ଥ ହେଉଛି ଗୁରୁଙ୍କ ମଧ୍ୟରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଗୁଣ ବିଦ୍ୟମାନ । ଗୁରୁ ଜଣେ ଶିଷ୍ୟର ଜୀବନକୁ ଜ୍ଞାନ ଦେଇ ଗଢନ୍ତି, ଭୁଲ୍ ପଥରୁ ଫେରାଇ ଠିକ୍ ପଥରେ ନେଇ ଯାଆନ୍ତି ଏବଂ ତାର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରନ୍ତି । ଏହି କାରଣରୁ ଗୁରୁଙ୍କୁ ଈଶ୍ୱରଙ୍କ ପ୍ରତିନିଧି ବୋଲି କୁହାଯାଏ ।

ଈଶ୍ୱର ଆମକୁ ଜୀବନ ଦିଅନ୍ତି, କିନ୍ତୁ ଗୁରୁ ସେହି ଜୀବନକୁ ସାର୍ଥକ କରିବାର ମାର୍ଗ ଦେଖାନ୍ତି । ଜଣେ ଭଲ ଗୁରୁ କେବଳ ପାଠ ପୁସ୍ତକର ଜ୍ଞାନ ଦିଅନ୍ତି ନାହିଁ, ସେ ଶିଷ୍ୟକୁ ସତ୍ୟ, ନ୍ୟାୟ, ଶୃଙ୍ଖଳା, ଦୟା, ସାହସ ଓ ମାନବିକତାର ଶିକ୍ଷା ଦିଅନ୍ତି । ଜୀବନର କଷ୍ଟକର ସମୟରେ ଗୁରୁ ଆମକୁ ଉତ୍ସାହ ଦେଇ ଆଗକୁ ବଢ଼ିବାର ଶକ୍ତି ପ୍ରଦାନ କରନ୍ତି ।

ତେବେ ଗୁରୁଙ୍କୁ ସାକ୍ଷାତ ଈଶ୍ୱର କହିବାର ଅର୍ଥ ଏହା ନୁହେଁ ଯେ ପ୍ରତ୍ୟେକ ଗୁରୁ ଈଶ୍ୱରଙ୍କ ଅବତାର । ଏହା ଗୁରୁଙ୍କ ପ୍ରତି ଆମର ଗଭୀର ଶ୍ରଦ୍ଧା ଓ କୃତଜ୍ଞତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିପ୍ରକାଶ । ଯିଏ ନିଷ୍ଠାର ସହିତ ଶିଷ୍ୟର ଜୀବନକୁ ଆଲୋକିତ କରନ୍ତି, ସେ ନିଶ୍ଚିତ ଭାବେ ଈଶ୍ୱରଙ୍କ ଦତ୍ତ ଏକ ମହାନ ଆଲୋକ ବର୍ତ୍ତିକା ସଦୃଶ୍ୟ ।

ଅତଏବ, ଗୁରୁ ଆମ ଜୀବନର ମାର୍ଗ ଦର୍ଶକ, ତାଙ୍କ ଜ୍ଞାନ, ଆଦର୍ଶ ଓ ଆଶୀର୍ବାଦ ଆମକୁ ସଫଳ ଓ ଉତ୍ତମ ମଣିଷ ହେବାରେ ସାହାଯ୍ୟ କରେ । ସେଥିପାଇଁ ଗୁରୁଙ୍କୁ ସାକ୍ଷାତ ଈଶ୍ୱରଙ୍କ ସମାନ ସମ୍ମାନ କରିବା ଆମର କର୍ତ୍ତବ୍ୟ ।

ସନ୍ତାନ ଜନ୍ମ ଦେବା କାର୍ଯ୍ୟ ମା ବାପା କରନ୍ତି କିନ୍ତୁ ଜୀବନର ମାର୍ଗଦର୍ଶନ କରାଉଥିବା ଏବଂ ସଂସାର ବିଷୟରେ ଅବଗତ କରାଉଥିବା ଗୁରୁ ଅଟନ୍ତି । ଗୁରୁଙ୍କ ବିନା ଜୀବନ ନିରର୍ଥକ, ଜୀବନର ଅଜ୍ଞାନତା ରୂପକ ଅନ୍ଧକାରକୁ ନାଶ କରି ପ୍ରକାଶ ଆଡ଼କୁ ଆମକୁ ନେଇଥାନ୍ତି । ଏଥିପାଇଁ ଗୁରୁଙ୍କ ମହତ୍ତ୍ୱକୁ ଦର୍ଶାଇ ମହାନ୍ ସନ୍ଥ କବୀର ଦାସ କହିଛନ୍ତି - ଭଗବାନଙ୍କ ଠାରୁ ଅଧିକ ମହତ୍ୱ ପର୍ବ ଗୁରୁଙ୍କର ହୋଇଥାଏ ।

ଭୁବନେଶ୍ୱର


୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁ କଣ ସାକ୍ଷାତ ଈଶ୍ୱର !

ମନ୍ଦାକିନୀ ପାଢ଼ୀ



ଆମ ସଂସ୍କୃତି ଓ ସାହିତ୍ୟରେ ଗୁରୁ କଣ ସାକ୍ଷାତ ଈଶ୍ୱର ବା "ଗୁରୁ ହିଁ ଈଶ୍ୱର" ଅତ୍ୟନ୍ତ ଭାବପୂର୍ଣ୍ଣ ଓ ଗଭୀର ଚିନ୍ତନ

ଉପକ୍ରମ:-

ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ସର୍ବୋଚ୍ଚ । ଗୁରୁ ହେଉଛନ୍ତି ଜ୍ଞାନର ଆଲୋକ ଏବଂ ମାର୍ଗଦର୍ଶକ । ଆମ ଶାସ୍ତ୍ରରେ ଅଛି "ଗୁରୁବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁଦେବ ମହେଶ୍ୱରଃ, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।"

ଏହି ଶ୍ଲୋକ ପ୍ରମାଣ କରେ ଯେ ଗୁରୁ ସତରେ ଈଶ୍ୱରଙ୍କ ସ୍ୱରୂପ ।

ଗୁରୁ ଶବ୍ଦର ଅର୍ଥ:-

'ଗୁ' ଶବ୍ଦର ଅର୍ଥ ହେଉଛି ଅନ୍ଧକାର 'ରୁ' ଶବ୍ଦର ଅର୍ଥ ହେଉଛି ଆଲୋକ । ଅଜ୍ଞାନତା ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକକୁ ନେଉଥିବା ବ୍ୟକ୍ତି ହିଁ 'ଗୁରୁ' ।

ଗୁରୁ କାହିଁକି ଈଶ୍ୱର:-

ଈଶ୍ୱରଙ୍କ ସହ ପରିଚୟ କରାନ୍ତି ଗୁରୁ । ଭଗବାନଙ୍କୁ ଆମେ ଦେଖି ନାହୁଁ । କିନ୍ତୁ ଗୁରୁଙ୍କ ମାଧ୍ୟମରେ ହିଁ ଆମେ ସତ୍ୟ ଓ ଭଗବତ ପ୍ରାପ୍ତିର ମାର୍ଗ ପାଇଥାଉ । ଗୁରୁ ଅଜ୍ଞାନତା ଦୂର କରନ୍ତି । ଈଶ୍ୱର ସୃଷ୍ଟି କରନ୍ତି । କିନ୍ତୁ ଗୁରୁ ସେହି ସୃଷ୍ଟିକୁ ସୁନ୍ଦର ଭାବରେ ଗଢିବା ପାଇଁ ଜ୍ଞାନ ଦିଅନ୍ତି । ଗୁରୁ ନିଃସ୍ୱାର୍ଥପର ସେବା କରନ୍ତି । ଈଶ୍ୱରଙ୍କ ଭଳି ଗୁରୁ ମଧ୍ୟ ବିନା କୌଣସି ସ୍ୱାର୍ଥରେ ଶିଷ୍ୟର ମଙ୍ଗଳ ଚାହାନ୍ତି । ଜୀବନର ମାର୍ଗଦର୍ଶକ ହେଉଛନ୍ତି ଗୁରୁ । ସଂସାରର କଠିନ ପରିସ୍ଥିତିରେ ଗୁରୁ ହିଁ ଆମକୁ ସଠିକ ବାଟ ଦେଖାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଈଶ୍ୱରଙ୍କ ଭଳି ରକ୍ଷା କରନ୍ତି ।

ମହାନ୍ ସନ୍ଥ କବୀର ଦାସ ଗୁରୁଙ୍କୁ ଭଗବାନଙ୍କ ଠାରୁ ଉଚ୍ଚ ସ୍ଥାନ ଦେଇଛନ୍ତି।

"ଗୁରୁ ଗୋବିନ୍ଦ ଦୋଉ ଠାଡେ,

କାକେ ଲାଗୁ ପାୟ୍ ସେ

ବଲିହାରୀ ଗୁରୁ ଆପନେ,

ଗୋବିନ୍ଦ ଦିଓ ବତାୟ୍ ।"

ଯଦି ଗୁରୁ ଏବଂ ଭଗବାନ ଏକାଠି ଛିଡ଼ା ହୁଅନ୍ତି, ଆଗ ଗୁରୁଙ୍କ ପାଦ ଛୁଇଁଲେ ଭଗବାନ ମଧ୍ୟ ଖୁସି ହେବେ, କାରଣ ଗୁରୁ ନଥିଲେ ଭଗବାନଙ୍କୁ ମଧ୍ୟ ଚିହ୍ନିବା ଅସମ୍ଭବ ହୋଇଥାନ୍ତା ।

ଉପସଂହାର:-

ଗୁରୁ କେବଳ ଜଣେ ମଣିଷ ନୁହଁନ୍ତି । ସେ ଏକ ଦିବ୍ୟ ଶକ୍ତି ଓ ଈଶ୍ୱରଙ୍କ ସାକ୍ଷାତ ରୂପ । ଜୀବନରେ ସଫଳତା ଓ ଶାନ୍ତି ପାଇବାକୁ ହେଲେ ଗୁରୁଙ୍କୁ ଈଶ୍ୱର ଜ୍ଞାନ କରି ତାଙ୍କ ଆଦେଶ ପାଳନ କରିବା ଉଚିତ । ଗୁରୁଙ୍କ ଚରଣରେ ଭକ୍ତି ହିଁ ପ୍ରକୃତ ଈଶ୍ୱର ଭକ୍ତି ।

ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com

Listen to Odia Podcast Original at https://youtube.com/@drjyotiprasad